JAYAGURU

# SARASWATA MADHURI

## 2025




**23rd Annual Convention**

## AMERICA SARASWATA SANGHA

**Efland, North Carolina, USA**

# ସାରସ୍ୱତ ମାଧୁରୀ

# Saraswata Madhuri

## ଆମେରିକା ସାରସ୍ୱତ ସଂଘ

ତ୍ରୟୋବିଂଶ ବାର୍ଷିକ ସମ୍ମିଳନୀ

ତା.୩ ଜୁଲାଇ ରୁ ତା.୫ ଜୁଲାଇ ୨୦୨୫

ନିଗମ ସ୍ମୃତି ମନ୍ଦିର

ଏଫ୍‌ଲାଣ୍ଡ, ନର୍ଥ କାରୋଲିନା

**Jayaguru**

# Saraswata Madhuri - 2025

**23rd Annual Convention**
1040 Jayaguru Lane
Efland
North Carolina 27243
United States of America

**Published on:**
3rd July, 2025

**Published by:**
Editorial Board
America Saraswata Sangha
[Registration No: 548107-2, Date : 26th June 2003]
(A non-profit organization)

| | | |
|---|---|---|
| President | : | Brajendra Nath Panda |
| Phone | : | 001-479-409-7288 |
| E-mail | : | bpanda@uark.edu |

| | | |
|---|---|---|
| Secretary | : | Biswajit Sundar Ray |
| Phone | : | 001-704-516-1804 |
| Email | : | biswajitray2@gmail.com |

**Available at:**

America Saraswata Sangha
Nigam Smruti Mandir
1040 Jayaguru Lane
Efland, NC 27243
United States of America

Satshikhya Mandir
A-4, Unit-9
Bhubaneswar-751 022
Odisha, India
Phone - 923-810-6823
Email: nsspuri35@gmail.com

Pranami : ₹ 20/-

Electronic copy available at www.jayaguru.org

**DTP & Printed at:**
Divya Prakashani
Plot No. 58/60, Divya Vihar
Samantarapur, Bhubaneswar
Email : bibhuprasuna@gmail.com
Mob : 9437006566

# ସୂଚୀପତ୍ର


| କ୍ର.ନଂ | ବିଷୟ | ଲେଖକଙ୍କ ନାମ | ପୃଷ୍ଠା |
|---|---|---|---|
| 1. | MESSAGE | Shri Brajendra Panda | 7 |
| 2. | ସାରସ୍ୱତ ମାଧୁରୀ ବିଷୟରେ ପଦେ | ସମ୍ପାଦନା ମଣ୍ଡଳୀ | 8 |
| 3. | ବନ୍ଦନା, ପ୍ରାର୍ଥନା, ଜ୍ଞାତବ୍ୟ ତଥ୍ୟ | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | 9 |
| 4. | ନିଗମ ବାଣୀ | | 11 |
| 5. | ନିଗମ ବନ୍ଦନା | ଶ୍ରୀ କେଶବାନନ୍ଦ ବାରିକ | 11 |
| 6. | Waves of the Ocean | Shri Santosh Mohanty | 12 |
| 7. | ସୁଖ ପାଅ ଟିକିଏ ମୋତେ... | ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ | 14 |
| 8. | Incarnation - II | America Saraswata Sangha Editorial Board | 18 |
| 9. | ଶ୍ରୀଶ୍ରୀଠାକୁର ମହାରାଜାଙ୍କର ବିବାହ ପ୍ରସଙ୍ଗ : ପ୍ରାକୃତ ଜଗତରେ ଏକ ଅପ୍ରାକୃତ ଲୀଳା | ଶ୍ରୀ ଜଗନ୍ନାଥ ଦାଶ | 26 |
| 10. | ଅନ୍ତଃକରଣର ଶୁଦ୍ଧି ପାଇଁ ସୂତ୍ର | | 37 |
| 11. | ଭକ୍ତିର ପଥ | ଶ୍ରୀ ନରେଶ ଚନ୍ଦ୍ର ପତି | 38 |
| 12. | ସଦ୍‌ଗୁରୁ ଇଲାକା ନାମେ ଟାଣିଅଛ ଘେର | ଶ୍ରୀ ରାମଚନ୍ଦ୍ର ସାହୁ | 41 |
| 13. | ଜୀବନର ରୂପାନ୍ତର | ଶ୍ରୀ କମ୍ବୁଚରଣ ଧର | 45 |
| 14. | ସମ୍ମିଳନୀ ଗୀତିକା | ଶ୍ରୀମତୀ ସ୍ମିତା ରାୟ | 46 |
| 15. | ମହାରାଣୀ ପ୍ରଫୁଲ୍ଲ କୁମାରୀ ଓ ପୁତ୍ର ପ୍ରବୀର ଚନ୍ଦ୍ର | ଶ୍ରୀ ନବ କିଶୋର ନାୟକ | 47 |
| 16. | ଶ୍ରୀମନ୍ଦିର, ପୁରୀ ବିଷୟରେ କିଛି ଜଣାଅଜଣା କଥା | ଶ୍ରୀ ସଂଗ୍ରାମ କେଶରୀ ସିଂହ | 54 |
| 17. | ଅଖଣ୍ଡ ପ୍ରେମ | ଶ୍ରୀମତୀ ପ୍ରିୟମ୍ବଦା ହୋତା | 57 |
| 18. | ଆଦର୍ଶ ଗୃହସ୍ଥ ଗଠନରେ କୁମାରୀମାନଙ୍କ ଭୂମିକା | ଶ୍ରୀମତୀ ନିବେଦିତା ନାୟକ | 59 |
| 19. | ସଂଘରେ ଯୋଗଦାନର ସୁଫଳ | ଶ୍ରୀମତୀ ଯଶସ୍ୱିନୀ ମହାନ୍ତି | 61 |
| 20. | ନୀଡ଼ ବାହୁଡ଼ା | ଡଃ. ସଂଗ୍ରାମ କେଶରୀ ମଲ୍ଲିକ | 63 |
| 21. | ସତ୍ୟ ଓ ନିଷ୍ଠା | ଶ୍ରୀ ଗିରିଜା ଶଙ୍କର ମିଶ୍ର | 65 |
| 22. | ପାଦପଦ୍ମେ ତୁମ କ୍ଷମା ମାଗଇ | ଶ୍ରୀମତୀ କଳ୍ପନା ଦାଶ | 67 |
| 23. | ନାରୀ ଶକ୍ତି | ଶ୍ରୀମତୀ ଅନସୂୟା ଦାସ | 68 |
| 24. | ଆମେରିକା ସାରସ୍ୱତ ସଂଘ ବାର୍ଷିକ ବିବରଣୀ | ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ | 69 |

| | | | |
|---|---|---|---|
| 25. | ଆମେରିକା ସାରସ୍ୱତ ସଂଘର ଦ୍ୱାବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ବିବରଣୀ | ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ | 74 |
| 26. | ମୋ ଜୀବନରେ ଶ୍ରୀଶ୍ରୀଠାକୁର | ୰ ଦେବେନ୍ଦ୍ର ନାଥ ମହାପାତ୍ର | 79 |
| 27. | ଶୁଭ କୁମ୍ଭଯାତ୍ରା | ଶ୍ରୀ ସୁପ୍ରୀତ କୁମାର ପଟ୍ଟନାୟକ | 82 |
| 28. | ଗୁରୁ ନାମ | କାଞ୍ଚନବାଳା ଦାଶ ମା' | 83 |
| 29. | କେଡ଼େ ସୁଧାବୋଳା ଆଶିଷ ତୁମର | ଶ୍ରୀମତୀ ସ୍ମିତା ରାୟ | 84 |
| 30. | ଆମେରିକା ଯାତ୍ରା ମୋ ପାଇଁ ଅବିସ୍ମରଣୀୟ | ଆରତୀ ବେହେରା ମା' | 87 |
| 31. | ଏକ ଯୁଗର ଅବସାନ | ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ | 88 |
| 32. | ଦୋଳ ଗୋବିନ୍ଦ ଦ୍ୱିବେଦୀ ଭାଇଙ୍କ ସ୍ମରଣେ | ଶ୍ରୀ ଜ୍ଞାନ ରଞ୍ଜନ ଦ୍ୱିବେଦୀ | 91 |
| 33. | ଦୋଳ ଗୋବିନ୍ଦ ଦ୍ୱିବେଦୀ ଭାଇଙ୍କ ସ୍ମୃତିଚାରଣ | ଭକ୍ତବୃନ୍ଦ | 96 |
| 34. | ସଂକ୍ଷେପରେ କାଞ୍ଚନବାଳା ଦାଶ ମା' | ଶ୍ରୀମତୀ କଳ୍ପନା ଦାଶ | 103 |
| 35. | ଫୁଲଟିଏ ମତେ କର ହେ ପ୍ରଭୁ | ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ନାୟକ | 104 |
| 36. | Master's Blessings Never Fails | Shri Dillip Kumar Mohapatra | 105 |
| 37. | Touched by Kindness: A Stranger's Light! | Smt. Priyambada Nayak | 107 |
| 38. | The Journey of Completeness | Shri Snigdha Chandan | 108 |
| 39. | My Connection with the Divine | Smt. Sumi Sahoo | 110 |
| 40. | The things YA Session taught me | Anhik Jena (YA) | 111 |
| 41. | Purity of thoughts | Smt. Lipsita Patnaik | 112 |
| 42. | Unforgetful Experience | Sreeja Pattanayak (YA) | 113 |
| 43. | The Power of Faith | Aishee Nanda (YA) | 114 |
| 44. | Reflected by the River | Shreyasee Nanda (YA) | 115 |
| 45. | My Experience in the YA sessions | Shimran Pattanayak (YA) | 117 |
| 46. | 2024 Income & Expense Summary Report | | 118 |
| 47. | 2024 Sammilani and Nigam Smruti Mandir Photos | | 119 |



Paramahansa Shreemat Swami Nigamananda Saraswati Dev

# MESSAGE

Sri Sri Thakur has said, "If I had even done nothing else in this world, only this annual congregation of devotees (*bhakta sammilani*) will keep memories of me alive." Furthermore, he has also instructed his disciples, "You must attend the *sammilani*, leaving aside hundreds of other works you may have. I hope, barring a catastrophe, this directive of mine will not be ignored." These momentous and bold sayings illustrate the importance of *sammilani* and why each of his devotees must attend the event every year.

*Sammilani* is an event that enriches individuals with spiritual knowledge and immerses them in divine love. One can feel the blissful presence of Thakur Maharaj when the mind is free from worldly thoughts. There, the distinction between the rich and the poor disappears, the division between the educated and uneducated vanishes, and the difference between the aristocrat and the commoner melts away. There is no disparity between serving Thakur and serving his devotees in *sammilani*. One feels that it is he, our dear Thakur, in the form of a devotee, who is accepting seva. Therefore, each one tries to serve to his heart's content.

America Saraswata Sangha was established as a branch of Nilachala Saraswata Sangha, Puri, in 2003. Since then, it has followed the core principles of Nilachala Saraswata Sangha and made every effort to guide its members as per those principles. Every disciple and dear devotee of Thakur is aware of his three objectives, namely, to become ideal householders, to establish the power of sangha, and to share divine feelings among one another. However, when he founded Nilachal Saraswata Sangha in 1934 on his auspicious birthday, he decreed his three objectives in a different order. His first mention was establishing the power of the sangha. Perhaps he felt that without a sangha, his disciples and devotees would struggle to make adequate spiritual progress. Indeed, the members of Nilachal Saraswata Sangha in general, and those of America Saraswata Sangha in particular, have experienced this very truth through their association with the sangha. I am confident that every devotee who actively participates in sangha activities will agree with me wholeheartedly.

During the 23rd Annual Convention of America Saraswat Sangha, our members will flock to Nigam Smruti Mandir, Sri Sri Thakur Maharaj's home in North America, to demonstrate their spiritual progress via their various sevas. These outward activities, along with the level of spiritual advancements of these attendees, will provide evidence of the power of sangha, the America Saraswata Sangha. It is my sincere prayer to our dear Thakur that he bless us all to succeed in proving that we are making progress together, we are inching towards achieving his objective of establishing the power of sangha, and through this sangha, we help each other become ideal householders and spread his divine glory throughout the world.

Shri Shri Thakur Maharaj's Krupa Bhikshu
**Shri Brajendra Panda**
President
America Saraswata Sangha

# ସାରସ୍ୱତ ମାଧୁରୀ ବିଷୟରେ ପଦେ

ପରମାରାଧ୍ୟ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅକଳନୀୟ କୃପାଶିଷର ଦିବ୍ୟ ପରଶରେ "ସାରସ୍ୱତ ମାଧୁରୀ- ୨ ୦ ୨ ୫" ପତ୍ରିକାଟି ଆମେରିକା ସାରସ୍ୱତ ସଂଘର ତ୍ରୟବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ଶୁଭ ଅବସରରେ ପ୍ରକାଶିତ ହୋଇ ପ୍ରାଣପ୍ରିୟ ଭକ୍ତବତ୍ସଳ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅମଳ କମଳ ଚରଣରେ ନିବେଦନ ପୂର୍ବକ ଦେଶ-ବିଦେଶର ଭକ୍ତମାନଙ୍କୁ ପ୍ରଦାନ କରାଗଲା।

ଭାରତ ବାହାରେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଭାବଧାରା ସମ୍ବଳିତ ପତ୍ରିକା ମଧ୍ୟରେ ସାରସ୍ୱତ ମାଧୁରୀ ଏକ ଅନବଦ୍ୟ ପତ୍ରିକା। ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉପଦେଶ ବାଣୀ, ଭାବଧାରା ଓ ମହିମାମଣ୍ଡିତ ପ୍ରବନ୍ଧ, ତତ୍ତ୍ୱ ଆଲୋଚନା, ଲୀଳା ପ୍ରସଙ୍ଗ, ଶ୍ରୀଶ୍ରୀଠାକୁରଙ୍କ ରୂପମାଧୁରୀ ବର୍ଣ୍ଣନା ସହିତ ପ୍ରାର୍ଥନା ଗୀତିକା, ବନ୍ଦନା, ପ୍ରାର୍ଥନା, ବରିଷ୍ଠ ଭାଇ ଓ ମା'ମାନଙ୍କ ଦେହାନ୍ତ ପରେ ତାଙ୍କ ସ୍ମୃତିଚାରଣ ଓ ଛୋଟ ଛୋଟ ପିଲାମାନଙ୍କ ପ୍ରବନ୍ଧମାନ ଓ ତାଙ୍କ ପ୍ରତି ଶିକ୍ଷାପ୍ରଦ ଉପାଦେୟ ଲେଖା ଏହି ପତ୍ରିକାର କଳେବରକୁ ସମୃଦ୍ଧ କରିଛି।

ନୀଳାଚଳ ସାରସ୍ୱତ ସଂଘର ବରିଷ୍ଠ ଭକ୍ତ ଯେଉଁମାନେ ଏହି ବର୍ଷ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ସ୍ଥାନ ପାଇଛନ୍ତି ତଥା ଆମେରିକା ସାରସ୍ୱତ ସଂଘର ସଦସ୍ୟମାନଙ୍କୁ ଶ୍ରୀଶ୍ରୀଠାକୁରମୁଖୀ କରିବାର ଚେଷ୍ଟା କରିଛନ୍ତି, ସେମାନଙ୍କ ଜୀବନୀ ଏବଂ ଶ୍ରୀଶ୍ରୀଠାକୁରଙ୍କ ଭାବଧାରାର ପ୍ରଚାର, ପ୍ରସାର ଓ ତାଙ୍କ ଜୀବନରେ ଠାକୁରଙ୍କ କୃପା ବିଷୟମାନ ଏହି ପତ୍ରିକାରେ ସ୍ଥାନ ପାଇଛି। ଆମ ସଂଘର ସଭ୍ୟମାନେ ମଧ୍ୟ ସ୍ମୃତିଚାରଣ କରି ତାଙ୍କ ନିଜ ନିଜ ଭାବ ବ୍ୟକ୍ତ କରିଛନ୍ତି।

ଓଡ଼ିଶା ତଥା ଭାରତର ବିଭିନ୍ନ ରାଜ୍ୟରେ ନୀଳାଚଳ ସାରସ୍ୱତ ସଂଘ ଅର୍ନ୍ତଭୁକ୍ତ ସଂଘସେବୀମାନଙ୍କ ଭାବ ଓ ତଥ୍ୟପୂର୍ଣ୍ଣ ପ୍ରବନ୍ଧମାନ ଏହି ସଂଖ୍ୟାରେ ପ୍ରକାଶ ପାଇଛି। ପୂର୍ବ ବର୍ଷ ଆମେରିକା ସାରସ୍ୱତ ସଂଘର ୨୨ତମ ଭକ୍ତ ସମ୍ମିଳନୀର ଭକ୍ତମାନଙ୍କର Group Photo ଓ ବିଗତ ବର୍ଷରେ ଆସନ ମନ୍ଦିରରେ ଅନୁଷ୍ଠିତ ସଂଘପୂଜା ଓ ବିଭିନ୍ନ ଉତ୍ସବାଦିରେ ଶ୍ରୀଶ୍ରୀଠାକୁରଙ୍କ ଆସନସଜ୍ଜାର ଏକ Collage Photo ମଧ୍ୟ ଏ ପୁସ୍ତକରେ ସନ୍ନିବେଶିତ କରାଯାଇଛି। ବିଗତ ବର୍ଷର ସଂଘର ବିବରଣୀ, ଭକ୍ତ ସମ୍ମିଳନୀର ବିବରଣୀ ଓ ସଂଘର ଆୟବ୍ୟୟର ବିବରଣୀ ମଧ୍ୟ ଏଥିରେ ସ୍ଥାନ ପାଇଛି।

ଏଥିରେ ପ୍ରକାଶିତ ହୋଇଥିବା ଲେଖାଗୁଡ଼ିକ ଭକ୍ତମାନଙ୍କ ନିଜସ୍ୱ ମତାମତ ଏବଂ ସେଥିରେ ଥିବା ଦୋଷାଂଶ ନିମନ୍ତେ ଆମେରିକା ସାରସ୍ୱତ ସଂଘ କିମ୍ବା ନୀଳାଚଳ ସାରସ୍ୱତ ସଂଘ ଦାୟୀ ନୁହନ୍ତି। ସାରସ୍ୱତ ମାଧୁରୀ ପ୍ରକାଶନରେ ଏହାର ସମ୍ପାଦନା ମଣ୍ଡଳୀ ବ୍ୟତୀତ ବହୁ ସେବକ-ସେବିକାମାନଙ୍କ ଅବଦାନ ରହିଅଛି। 'ଦିବ୍ୟ ପ୍ରକାଶନୀ' ପ୍ରେସ୍‌ର ଯେଉଁ କର୍ମୀମାନେ ଏହି ପତ୍ରିକାଟିକୁ ଯଥା ସମୟରେ ପ୍ରକାଶ କରିବାରେ ସହାୟତା ପ୍ରଦାନ କରିଛନ୍ତି, ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ମଙ୍ଗଳବିଧାନ ନିମିତ୍ତ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ। ଆମର ଶତ ପ୍ରଚେଷ୍ଟା ସତ୍ତ୍ୱେ ପତ୍ରିକାଟିର ସମ୍ପାଦନ ଓ ମୁଦ୍ରଣଜନିତ ତ୍ରୁଟି ଯଦି କିଛି ରହିଯାଇଥାଏ, ସେଥିନିମିତ୍ତ ଶ୍ରୀଶ୍ରୀଠାକୁର ମହାରାଜ ଓ ପାଠକପାଠିକାମାନଙ୍କ ନିକଟରେ ଆମେ କ୍ଷମା ପ୍ରାର୍ଥନା କରୁଅଛୁ।

୧୦୪୦, ଜୟଗୁରୁ ଲେନ୍
ଏଫଲାଣ୍ଡ
ନର୍ଥ କାରୋଲିନା - ୨୭୨୪୩
ଯୁକ୍ତରାଷ୍ଟ୍ର ଆମେରିକା

**'ସାରସ୍ୱତ ମାଧୁରୀ' ସମ୍ପାଦନା ମଣ୍ଡଳୀ**
ଆମେରିକା ସାରସ୍ୱତ ସଂଘ
୩ ଜୁଲାଇ ୨୦୨୫

# ବନ୍ଦନା

ଇନ୍ଦ୍ରମୀଶାନ ମୋଜସାଭିସ୍ତୋମା ଅନୂଷତ
ସହସ୍ରଂ ଯସ୍ୟ ରାତୟ ଉତ ବାସନ୍ତି ଭୂୟସୀ।

(ପ୍ରଥମ ଅଧ୍ୟାୟ, ଋଗ୍‌ବେଦ, ୧ମ ମଣ୍ଡଳ, ଏକାଦଶ ସୂତ୍ର, ୮ମ ମନ୍ତ୍ର)

ପଦାର୍ଥ : ଯସ୍ୟ – ଯାହାଙ୍କର ଅର୍ଥାତ୍ ଜଗଦୀଶ୍ୱରଙ୍କର ଏ ସମସ୍ତ , ସ୍ତୋମଃ – ସ୍ତୁତି ସମୂହ, ସହସ୍ରୟ – ହଜାର, ଉତବା – ଅଥବା, କିମ୍ବା, ଭୂୟସୀ– ଅଧିକ, ରାତୟଃ – ଦାନ, ସନ୍ତି – ଅଛି, ତହା ଜେସା – ଅନନ୍ତ ବଳଯୁକ୍ତ ହୋଇ ବିଦ୍ୟମାନ, ଈଶାନମ୍ – କାରଣ ଦ୍ୱାରା ସମସ୍ତ ବିଶ୍ୱକୁ ରଚନା କରି, ତଥା ଇନ୍ଦ୍ରମ୍ – ସକଳ ଐଶ୍ୱର୍ଯ୍ୟଯୁକ୍ତ ଜଗଦୀଶ୍ୱରଙ୍କର, ଅଭ୍ୟାନୁଷତଃ – ସବୁ ପ୍ରକାରେ ଗୁଣ କୀର୍ତ୍ତନ କରନ୍ତି

ଭାବାର୍ଥ : ସର୍ବଶକ୍ତିମାନ ଈଶ୍ୱର ଜଗତରେ ସୃଷ୍ଟ ସମସ୍ତ ପ୍ରାଣୀମାନଙ୍କର ସୁଖ ସୁବିଧା ନିମିତ୍ତ ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ପଦାର୍ଥ ସ୍ୱୀୟ ପରାକ୍ରମ ଦ୍ୱାରା ସୃଷ୍ଟି କରି ପ୍ରାଣୀମାନଙ୍କୁ ପ୍ରଦାନ କରିଛନ୍ତି। ତେଣୁ ସେହି ସର୍ବଶକ୍ତିମାନ ଈଶ୍ୱରଙ୍କ ନିମିତ୍ତ ସ୍ତୁତିଗାନ ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରାଯାଇଛି। ସେଥିପାଇଁ ସମସ୍ତ ମନୁଷ୍ୟ ସେହି ସର୍ବଶକ୍ତି ଈଶ୍ୱରଙ୍କ ପଦାଶ୍ରୟ ଗ୍ରହଣ କରିବା ଉଚିତ। ସେହି ସର୍ବଶକ୍ତିମାନ ଈଶ୍ୱର ହିଁ ଗୁରୁ ଭଗବାନ ବା ସଦ୍‌ଗୁରୁ। ତେଣୁ ତାଙ୍କର ବନ୍ଦନା ଗାନ କରିବା ଶିଷ୍ୟଭକ୍ତମାନଙ୍କର କର୍ତ୍ତବ୍ୟ।

ହେ ପରମାରାଧ ଦେବ ପରମ ଈଶ୍ୱର
ପ୍ରାଣୀଙ୍କ ହିତ ନିମିତ୍ତ ସୁନ୍ଦର ସଂସାର
ଗଢ଼ି ନିଜ ପରାକ୍ରମେ
ଉତ୍ତମ ପଦାର୍ଥ ଦେଇଅଛ ଜୀବଗଣେ
କୃତଜ୍ଞତା ଜଣାଉଛୁ କରି ସ୍ତୁତିଗାନ
ତବ ପଦ ପ୍ରାନ୍ତେ ସର୍ବେ ନେଉଛୁ ଶରଣ
କରି ଶତ୍ରୁ ନିବାରଣ
ରକ୍ଷା କରନ୍ତୁ ବିପଦୁ ସଦା ଜୀବଗଣ

# ପ୍ରାର୍ଥନା

ସଂମାଗ୍ନେ ବର୍ଚସା ସୃଜ ସଂପ୍ରଜୟା ସମାୟୁଷା
ବିଦ୍ୟୁର୍ମେ ଅସ୍ୟ ଦେବା ଇନ୍ଦ୍ରେ ବିଦ୍ୟସହ ଋଷିଭିଃ।

(ଋଗବେଦ, ପ୍ରଥମ ଅଧ୍ୟାୟ, ୧ମ ମଣ୍ଡଳ ତ୍ରୟ, ବିଂଶସୂକ୍ତ, ମନ୍ତ୍ର ୨୪)

ପଦାର୍ଥ : ଋଷିଭିଃ – ବେଦସମୂହର ଅର୍ଥଜ୍ଞାତା ଋଷିମାନେ, ସହ – ସହିତ, ଦେବାଃ–ବିଦ୍ୱାନ ବ୍ୟକ୍ତିମାନେ, ଇନ୍ଦ୍ରଃ – ପରମାତ୍ମା, ଅଗ୍ନେ – ଭୌତିକ ଅଗ୍ନି, ବର୍ଚସା – ଦୀପ୍ତି, ପ୍ରଜୟା – ସନ୍ତାନ ଆଦି ପଦାର୍ଥ, ଆୟୁଷା – ଜୀବନ ଦ୍ୱାରା, ମାଂ – ମୋତେ, ସଂସଜ – ସଂଯୁକ୍ତ କରୁଛନ୍ତି, ସେହି, ମେ – ମୋର, ଅସ୍ୟ – ଏହି ଜନ୍ମର କାରଣକୁ ଜାଣନ୍ତି, ଏବଂ ବିଦ୍ୟୁତ – ଜାଣିଛନ୍ତି, ତେଣୁ ତାଙ୍କର ସହିତ ଏବଂ ତାଙ୍କର ଉପାସନା ପ୍ରତ୍ୟହ କରିବା ଉଚିତ।

ଭାବାର୍ଥ – ହେ ପରଂବ୍ରହ୍ମ ସ୍ୱରୂପ ଶ୍ରୀଗୁରୁଦେବ ! ଯେତେବେଳେ ଜୀବାତ୍ମା ମୃତ୍ୟୁକାଳରେ ପୂର୍ବ ଶରୀର ପରିତ୍ୟାଗ କରି ପରବର୍ତ୍ତୀ ଜନ୍ମ ନିମିତ୍ତ ପରକାଳକୁ ଗମନ କରେ, ତାହା ସହିତ ତା'ର କୃତକାର୍ଯ୍ୟର ଫଳ ହିଁ ପରଜନ୍ମର କାରଣ ହୋଇଥାଏ। ତାହା ଈଶ୍ୱରଙ୍କ ବ୍ୟତୀତ ଋଷିତୁଲ୍ୟ ସିଦ୍ଧ ବିଦ୍ୱାନମାନେ ଜାଣନ୍ତି। କିନ୍ତୁ ପରମେଶ୍ୱର ତାଙ୍କ ପାପପୂଣ୍ୟକୁ ବିଚାର କରି କର୍ମାନୁସାରେ ଶରୀର ପ୍ରଦାନ କରି ଜୀବକୁ ସୁଖ,

ଦୁଃଖ ଭୋଗ କରିବା ପାଇଁ ଯଥାଯୋଗ୍ୟ ନୂତନ ପରିବେଶରେ ଅବସର ସୃଷ୍ଟି କରାନ୍ତି । ତେଣୁ ହେ ଶ୍ରୀ ଗୁରୁଦେବ ! ଆପଣଙ୍କ ଶ୍ରୀପାଦପଦ୍ମରେ ବିନମ୍ର ପ୍ରଣିପାତ କରି ନିବେଦନ କରୁଅଛୁ କି ଆପଣ ଏପରି ଅନୁକୂଳ ପରିବେଶରେ ଜନ୍ମଦାନ କରାନ୍ତୁ, ଯେପରି ଆମ୍ଭେମାନେ ଆପଣଙ୍କ ପଦସେବା କରିବାର ସୁଯୋଗ ଲାଭ କରିପାରିବୁ ।

ହେ ପରମାରାଧ୍ୟ ଗୁରୁଦେବ ଏ ସଂସାରେ
ଜଣା ମୃତ୍ୟୁ ସତ୍ୟ ତା'ର ଜନ୍ମେ ଯେ ମହୀରେ
ପୂର୍ବଜନ୍ମ କର୍ମ ନେଇ
ଜନ୍ମିଥାଏ ସିଏ ଯଥାଯୋଗ୍ୟ ଦେହ ବହି ।
ପରମେଶ୍ୱରଙ୍କ ସହ ସିଦ୍ଧରଷିଗଣ
ଜାଣିଥାନ୍ତି ତା'ର କୃତକର୍ମ ଫଳମାନ
କିନ୍ତୁ ପରମ ଈଶ୍ୱର
ଜନ୍ମ ଦେଇଥାନ୍ତି ଯୋଗ୍ୟ ପରିବେଶେ ତାର ।
ତେଣୁ ଶ୍ରୀଗୁରୁଙ୍କ ପଦେ କରୁ ନିବେଦନ
ଅନୁକୂଳ ପରିବେଶେ କରାନ୍ତୁ ଜନମ
ପଦେ ନେଇଣ ଶରଣ
ତୁମ ପଦସେବା କରୁଥିବୁ ନିତିଦିନ ।

# ଜ୍ଞାତବ୍ୟ ତଥ୍ୟ

### ଦ୍ୱାଦଶ ରାଶି ଓ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ

| ରାଶି | ଜ୍ୟୋତିର୍ଲିଙ୍ଗ | ପ୍ରଦେଶ | ରାଶି | ଜ୍ୟୋତିର୍ଲିଙ୍ଗ | ପ୍ରଦେଶ |
|---|---|---|---|---|---|
| ମେଷ | ରାମେଶ୍ୱର | ତାମିଲନାଡୁ | ତୁଳା | ମହାକାଳେଶ୍ୱର | ମଧ୍ୟପ୍ରଦେଶ |
| ବୃଷ | ସୋମନାଥ | ଗୁଜୁରାଟ | ବିଛା | ବାବା ବୈଦ୍ୟନାଥ | ଝାଡ଼ଖଣ୍ଡ |
| ମିଥୁନ | ନାଗେଶ୍ୱର | ଗୁଜୁରାଟ | ଧନୁ | ବିଶ୍ୱନାଥ | ଉତ୍ତରପ୍ରଦେଶ |
| କର୍କଟ | ଓଁକାରେଶ୍ୱର | ମଧ୍ୟପ୍ରଦେଶ | ମକର | ଭୀମଶଙ୍କର | ମହାରାଷ୍ଟ୍ର |
| ସିଂହ | ମହାକାଳେଶ୍ୱର | ମଧ୍ୟପ୍ରଦେଶ | କୁମ୍ଭ | କେଦାରନାଥ | ଉତ୍ତରାଖଣ୍ଡ |
| କନ୍ୟା | ମଲ୍ଲିକାର୍ଜୁନ | ଆନ୍ଧ୍ରପ୍ରଦେଶ | ମୀନ | ତ୍ରୈମ୍ବକେଶ୍ୱର | ମହାରାଷ୍ଟ୍ର |

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ଉପ-ସଭାପତି, ବେଗୁନିଆ ଶାଖାସଂଘ

# ନିଗମ ବାଣୀ

୧. ତୁମ ସମସ୍ତଙ୍କର ଯେପର୍ଯ୍ୟନ୍ତ ମୁକ୍ତି ନ ହୋଇଛି, ସେପର୍ଯ୍ୟନ୍ତ ମୋର ନିସ୍ତାର ନାହିଁ। ମୋତେ କୌଣସି ଋଷିଦେହକୁ ଆଶ୍ରୟ କରି ରହିବାକୁ ହେବ। ସମସ୍ତେ ମୁକ୍ତ ହେଲେ ଯାଇ ମୋର ନିର୍ବାଣ ମୁକ୍ତି ହେବ। (ନିଗମ ଉପଦେଶ, ମନୁଷ୍ୟ ଦୁର୍ଲ୍ଲଭ)

୨. ତୁମେମାନେ ସବୁକ୍ଷେତ୍ରରେ ସ୍ୱାଧୀନ ହେବ, ଧର୍ମ ପଥରେ ଉନ୍ନତି କରିବ - ଏହା ମୋର ଇଚ୍ଛା। ଯାହା ପ୍ରୟୋଜନ ହେଉଛି, ନିଜେ ନିଜେ କରିଯାଅ; କାହା ପାଖରେ ହାତ ପତାଇବା ଦରକାର ନାହିଁ। ଏଥିପାଇଁ ମୁଁ ତୁମମାନଙ୍କ ଦ୍ୱାରା କର୍ମ କରାଉଛି। ମୋ'ଠାରେ ସବୁ ସମର୍ପଣ କରି ଦେଇନଥିଲେ ଏହି କର୍ମ ଭିତରେ ତୁମର ଅଭିମାନ ଜାଗି ଉଠନ୍ତା।

ଥରେ ଚିନ୍ତା କରି ଦେଖ, ଏ କର୍ମ କରାଇବା ମୋର କୌଣସି ଉଦ୍ଦେଶ୍ୟ ନା ସ୍ୱାର୍ଥସିଦ୍ଧି ପାଇଁ ନା ତୁମମାନଙ୍କର ସୁବିଧା ଓ ଉନ୍ନତି ପାଇଁ। (ନିଗମ ଉପଦେଶ, ଶ୍ରମର ଗୌରବ)

୩. ପାଣ୍ଡବମାନେ ସତ୍ୟ ଓ ଧର୍ମକୁ ଆଶ୍ରୟ କରି ସମସ୍ତ ଅତ୍ୟାଚାର ଅବିଚାରରେ ସହିଥିଲେ। ସବୁ ଜିନିଷର ଗୋଟାଏ ଶେଷ ଅଛି। ମହାଭାରତ ଘଟଣାରୁ ଆମେ ଏହି ଶିକ୍ଷା ପାଉ ଯେ ଯେତେ ସମୟ ପାଇବ, ଧର୍ମରକ୍ଷା କରି ନିରବରେ ଅତ୍ୟାଚାର ସହିଯାଅ। ଶେଷରେ ଧର୍ମ ହିଁ ତୁମକୁ ରକ୍ଷା କରିବ। (ସ୍ଥୂଳଲୀଳା, କାର୍ତ୍ତିକ ୧୯ଦିନ, ୧୩୨୮ ସାଲ, ସଂଘ-ସେବକ)

୪. ଗୁରୁଙ୍କ ସେବା କରିବାକୁ ଆସି ସହଯାତ୍ରୀମାନଙ୍କ ସହିତ ବିରୋଧ କରନାହିଁ। ସେଥିରେ ତୁମ ନିଜର କ୍ଷତି ହେବ। ଜଗତରେ କାହାରି ସହିତ କାହାର ସମ୍ପର୍କ ନାହିଁ। ତେବେ ଅନ୍ୟ ସଂଘରେ କର୍ମର ଭାଷାଭାଷୀ କରି ସଉତୁଣୀ ବାଦ କରିବା କ'ଣ ଦରକାର ? ତୁମ ପରି ଭାଗ୍ୟବାନ ବା ଭାଗ୍ୟବତୀ କିଏ ? ଗୁରୁ ଦୟାକରି ତୁମକୁ ବେଶୀ ସେବାର ଅଧିକାର ଦେଇଛନ୍ତି। ତୁମ ସେବା ଗ୍ରହଣ କରୁଛନ୍ତି। ଏହାଦ୍ୱାରା ତୁମର କର୍ମକ୍ଷୟ ହେଉଅଛି। (ସ୍ଥୂଳଲୀଳା, କାର୍ତ୍ତିକ ୨୧ ଦିନ, ୧୩୨୮ ସାଲ, ସଂଘ-ସେବକ)

୫. ଦେଖ, ତୁମେମାନେ ଅନ୍ୟର ଦୋଷ ଦେଖିବ ନାହିଁ। ଦେଖିବ ଅନ୍ୟର କିଛି ଗୁଣ ଅଛି କି ନାହିଁ। ଜଣକର ଗୋଟିଏ ଦୋଷ ଦେଖିଲା କ୍ଷଣି ତା' ପ୍ରତି ବିଦ୍ୱେଷ ଭାବ ପୋଷଣ କରିବ ନାହିଁ, ଏହା ହିଁ ସାଧୁତ୍ୱ। ଅପରର ଦୋଷ କୀର୍ତ୍ତନ କରିବା ଉଚିତ ନୁହେଁ। ଆତ୍ମ ଉନ୍ନତି ଆଡ଼କୁ ଲକ୍ଷ୍ୟ ରଖିବା ହିଁ ତୁମମାନଙ୍କର ମୂଳ ଉଦ୍ଦେଶ୍ୟ। ନିଜର ଲକ୍ଷ୍ୟ ଆଡ଼କୁ ଦୃଷ୍ଟି ଦେଇ ଠାକୁରଙ୍କ କଥାଗୁଡ଼ିକ ଭାବି ଭାବି କାର୍ଯ୍ୟ କରିଯାଅ।

# ନିଗମ ବନ୍ଦନା

ଶ୍ରୀପଦ କମଳେ କୋଟି ପ୍ରଣତି ଆମର
ମହିମା ମୟ ହେ ଦେବ ! ଜଗତ ଠାକୁର ॥
ତରିବାକୁ ଭବବାରି ତୁମେ ତ କାଣ୍ଡାରି
ସ୍ୱାମୀ ତୁମେ ମାତା-ପିତା ଅଟତ ସବୁରି ॥
ମୀନାକ୍ଷୀ ନୟନ ତବ କନ୍ଦର୍ପ ଜିଣଇ
ନିୟତ ଆତ୍ମାରେ ବିହରୁଛ ହେ ଗୋସାଇଁ ॥
ଗନ୍ଧରାଜ ଗଳେ ତୁମ ଶୋଭାପାଉ ଥାଏ
ମାହେଶ୍ୱରୀ ତବପଦ କିଙ୍କରା ପରାଏ ॥
ନୟନାଭିରାମ ସ୍ୱୟଂ ଜଗତ ଠାକୁର
ନଶ୍ୱର ସଂସାର ତୁମ ନିକଟେ ଅସାର ॥
ଦୟାର ଆଧାର ତୁମ ହୃଦୟ କନ୍ଦର
ପରଦୁଃଖେ ନୟନୁ ଝରିଥାଏ ଲୁହଧାର ॥
ରତଥାଅ ଦିବାନିଶି ଜ୍ଞାନ ଆହରଣେ
ମଙ୍ଗଳମୟ ହେ ! ସର୍ବ ଜୀବ ଉଦ୍ଧାରଣେ ॥
ହଂସ ନୁହେଁ ହେ ଠାକୁର ! ସ୍ୱୟଂ ପରମ ହଂସ
ସମସ୍ତ ବ୍ରହ୍ମାଣ୍ଡ ବ୍ରହ୍ମମୟ ତୁମ ପାଶ ॥
ସତ୍ୟ, ସରଳତା, ଦୟା କ୍ଷମା ଆଦି ଗୁଣେ
ରହିଅଛି ସଦା ସର୍ବ ଜୀବ ଉଦ୍ଧାରଣେ ॥
ସ୍ୱଭାବେ ସଦ୍‌ଗୁରୁ ସ୍ୱାମୀ ହେ ନିଗମାନନ୍ଦ !
ତୀର୍ଥ ତୁମର ଦର୍ଶନେ ମିଳଇ ଆନନ୍ଦ ॥
ଦେବାକୁ ପିପାସୁ ଜନେ ଶ୍ରୀପଦେ ଶରଣ
ବନ୍ଦନା କରୁଛୁ ମିଶି ଆମେ ଭକ୍ତ ଗଣ ॥

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ କେଶବାନନ୍ଦ ବାରିକ**
କାଟଣା ସାରସ୍ୱତ ସଂଘ
ଡାଏଣିଗିରି, ରାଜକନିକା

# Waves of the Ocean

Hindu religion is the oldest religion in the world. It has many divisions and sub-divisions. One may ask why so? Is not one opinion capable of expressing the truth? The answer is yes. One opinion is capable of presenting the truth. But keeping in view of the multi-functioning of human mind, Hindu religion does not want to disappoint any type of person seeking shelter under it.

We are going to present a few opinions which differ from other opinions.

Great saint Shankaracharya says that "Jeeva Brahmeiva na para", which means 'individual being is Brahma and nothing else'. When the seeker realises this the seeker avails salvation.

The incarnation of Sri Krishna, Sriman Gourang Dev does not agree with this opinion. He says, "how can one compare the ignorant being with the Omniscient God, it is ridiculous." He says "Jeeva Krishna's nitya dasa", which means the individual being is the service holder of God.

Monism says there is only one existence of God and no second existence is possible. God, who is formless, attributeless and all pervading has manifested Himself as the universe with various forms, dimensions and colors.

Sri Ramanujachariya says differently. The founder of 'Visista dvaitavad' says how can creation be possible by one who does not have attributes and remains beyond any deviation. He says God certainly exists with attributes and that is the reason such a highly complicated method of creation has become possible by Him.

Sri Nimbakachariya says God's existence is Mono existence, but as He has the power to manifest variously. He is with attributes and dualism is also the truth. He is the founder of Dveitadvaitavad.

There are many opinions. According to our beloved Thakur, all opinions are correct. One who looks at the night sky through the window sees and opines that the moon looks beautiful surrounded by three or four stars is correct. One who looks through door and says, "no moon is surrounded by hundred stars & is also correct." One who observes the night sky standing in an open field says "No, there are numerous stars" is certainly correct.

Now leaving aside different opinions, let us discuss Devotion, which is declared as the religion of today's age or Jugadharma.

Devotion starts from Sneha inclination, Ruchi, afliation, Raga, love, Anuraga, deep love, Mana, sensitivity based on close interaction with God, Viraha, pang of separation and Milan or eternal union with God. This phase of Devotion comes after Vaidhi Bhakti and Sadhan Bhakti. At the level of Bhava Bhakti the devotee establishes a very close and specific relationship with God. When Bhava matures, it becomes Prema. There is no particular spiritual performance to reach that level as Prema is the objective, not the means. Only the grace of Gurudev can push one to that level. When Prema originates it defies any logic and goes beyond Vidhi and Vidhinisedh; Do's and Don'ts.

Like that when one loves Thakur with integrity many strange things happen. You start loving all irrespective of differences between friend and foe. You can talk to animals and plants, and they do respond in their own way.

Let me, before conclusion, present such a case of which I was one of the witness. Before Sammilani at Ekamra as usual, Thakur was to arrive at Asan Mandir one month before Sammilani.

One devotee had planted many Daliha plants with the hope that when Thakur arrives, Daliha flowers will be offered at His lotus feet. But unfortunately the growth of the plants was slow. He tries his best for the growth, but it did not happen. Five days before His arrival only buds came on the plants. It takes minimum of fifteen days for buds to blossom fully to become flowers. He was very much disappointed. There was no way. In the middle of the night, when everybody was asleep the person rose from his bed and in the garden he whispered to the plants, "After four days Thakur will arrive. Can you do something to save us from disappointment?" The plants did not say anything, but they responded in their own way. After that the devotee got busy and knowing that it was impossible, forgot about the flowers. The day Thakur was to arrive, he without any thought went to the garden. To his astonishment he found most of the buds have become full grown flowers. He was astonished and felt as if the plants and the flowers were smiling at him. He could not believe it but took the flowers to Asan Mandir all the way pondering. Can science explain it?

I am sure such types of incidents must have taken place in lives of many devotees.

Human life is full of incidents which come every day. The life is full of ups and downs. But there are waves of ocean. It is impossible to think oceans without waves. But certainly waves though part of the ocean is not the ocean. Waves rise and fall, but the ocean remains where it is. Ups and downs of life are not life. Life is to be evaluated in totality. Life moves on but the objective of life remains the same. Now what is the objective of life? The objective of life is to love Thakur with ever growing intensity. To lead life as he has directed, to fulfill the desires of Thakur and to make His mission successful on earth.

Relation and responsibility are two major binding factors. Well these need to be addressed properly. But while doing this one must not forget and move away from the objective. If that is done, one is sure to become successful in both factors of life and that is to become successful in worldly life and spiritual life.

I am very happy that Saraswat Madhuri is going to be published. It is not an ordinary magazine to entertain its readers. It is going to help its readers to inch forward to reach the objective of human life. I am sure like before Saraswat Madhuri is going to cater to the needs of the time.

I must thank Biswajit Bhai for his unceasing effort in this regards. Let us make Nilachal Sangha of America the nodal agency to spread the message of Thakur in the world.

Praying Sri Thakur Maharaj to shower His blessings on all the members of this prestigious institution. Jayaguru to all

Shri Shri Thakur Charanashrita
**Shri Santosh Mohanty**
President
Nilachal Saraswata Sangha, Puri

# ସୁଖ ପାଅ ଟିକିଏ ମୋତେ...

ସୁଖ ପାଇବା ବହୁ ଭାଗ୍ୟର ଫଳ। ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବ କହିଛନ୍ତି, "ସୁଖ ପାଇବାକୁ ସ୍ୱଭାବରେ ପରିଣତ କର।" ଜୀବାତ୍ମା ପରମାତ୍ମାଙ୍କ ଅଂଶ ଏବଂ ସେହି ଅଂଶ ପୂର୍ଣ୍ଣରୁ ସୃଷ୍ଟ ଏବଂ ପୂର୍ଣ୍ଣରେ ଲୟ ହେବା ହିଁ ତାର ଚରମ ପରିଣତି। ଯେ ଯାହାକୁ ସୁଖ ପାଏ ତା' ପାଇଁ କିଛି କରିବା ପାଇଁ ମନ ସତତ ବ୍ୟାକୁଳ ଥାଏ। ଜଣେ ଜଣକୁ ସୁଖ ପାଏ ଓ ତା' ପାଇଁ କିଛି କରିବାକୁ ମନେ ହୁଏ ନାହିଁ ତାହା ସୁଖ ପାଇବାର ନମୁନା ନୁହେଁ। ସୁଖ ପାଇବାର ଚରମ ପରିଣତି, ଭାବରେ ପ୍ରକାଶିତ ହୋଇଥାଏ। ସୂର୍ଯ୍ୟକିରଣ ସୂର୍ଯ୍ୟଙ୍କଠାରୁ ସୃଷ୍ଟି ହୋଇ ସାରା ଜଗତରେ ଆଲୋକ ବିତରଣ କରିଥାଏ, କିନ୍ତୁ ତାର ମଧ୍ୟ ମନେଥାଏ ଯେ ସୂର୍ଯ୍ୟଙ୍କ ଠାରୁ ସୃଷ୍ଟ ଓ ସୂର୍ଯ୍ୟ ତାର ସ୍ରଷ୍ଟା। ସେହିପରି ପରମବ୍ରହ୍ମଙ୍କ ଠାରୁ ସମଗ୍ର ଜୀବ ଜଗତ ସୃଷ୍ଟି ହୋଇଥିଲେ ମଧ୍ୟ ଜୀବ ଯେ ତାଙ୍କରି ଅଂଶ ଏକଥା କୌଣସି ଜୀବ ଯେପରି ଭୁଲି ନଯାନ୍ତି। ଗବାକ୍ଷ ଦେଇ ସୌରରଶ୍ମୀ ବା କିରଣ ଗୃହ ମଧ୍ୟରେ ପ୍ରବେଶ କରୁଥିଲେ ମଧ୍ୟ ଗବାକ୍ଷ ବନ୍ଦ ହୋଇଗଲେ ସୌରରଶ୍ମୀର ବିଲୋପ ହୁଏ ନାହିଁ ଏବଂ ସେ ତା'ର ସ୍ରଷ୍ଟା ସୂର୍ଯ୍ୟଙ୍କ ନିକଟକୁ ଚାଲିଯାଇଥାଏ। ସେହିପରି ଇହ ଜଗତରେ ସୃଷ୍ଟିଲୀଳାର ପରିସମାପ୍ତିରେ ଜୀବାତ୍ମା ମଧ୍ୟ ତାର ସ୍ୱଧାମକୁ ଗତି କରିଥାଏ ଏବଂ ସ୍ୱରୂପରେ ନିତ୍ୟଲୀଳାରେ ଲୀନ ହୋଇଥାଏ।

ଭଗବାନଙ୍କର ଲୀଳା ୩ ପ୍ରକାରର ଯଥା– ନିତ୍ୟଲୀଳା, ସୃଷ୍ଟିଲୀଳା ଏବଂ ସଂସାରଲୀଳା। ଭଗବାନଙ୍କ ନିତ୍ୟଲୀଳା ପରିକରର ଅଂଶ ବା ଚିତ୍‌କଣ ସୃଷ୍ଟିଲୀଳାର ପଞ୍ଚୀକରଣ ପ୍ରକ୍ରିୟା ଅନୁସରଣ କରି ସଂସାର ଲୀଳା କରିବା ପାଇଁ ଏହି ଜଗତକୁ ଆସିଛି। ପୁନରାୟ ନିତ୍ୟଲୀଳାକୁ ପ୍ରତ୍ୟାବର୍ତ୍ତନ କରି ବା ସ୍ୱରୂପରେ ପ୍ରତିଷ୍ଠିତ ରହି ଚିତ୍‌କଣ, ନିତ୍ୟସେବା କରିବା ହିଁ ତାର ଚରମ ଲକ୍ଷ୍ୟ। ଏହାକୁ ହିଁ "ଅସମୋର୍ଦ୍ଧ" ପ୍ରେମରସ ମାଧୁର୍ଯ୍ୟ ବା "ପ୍ରେମ ସେବୋତ୍ତରା ଗତି" କୁହାଯାଏ। ଜୀବାତ୍ମା ପଞ୍ଚୀକରଣ ପ୍ରକ୍ରିୟା ମଧ୍ୟ ଦେଇ ଏହି ପ୍ରପଞ୍ଚ ଜଗତକୁ ଆଗମନ କରିଥିଲେ ମଧ୍ୟ ପ୍ରାପଞ୍ଚିକ ନୁହେଁ। ସେଥିପାଇଁ ବୈଷ୍ଣବ ଶାସ୍ତ୍ରରେ ଏହାକୁ ଲକ୍ଷ୍ୟ କରି କୁହାଯାଇଛି, "ପ୍ରପଞ୍ଚ ଜଗତେ ଆୟ ପ୍ରାପଞ୍ଚିକ ନୟ"।

ଏହି ଜଗତରେ ଜ୍ଞାନୀ ଏବଂ ଭକ୍ତ ଉଭୟଙ୍କ ଲକ୍ଷ୍ୟରେ ଉପାଦାନଗତ ପାର୍ଥକ୍ୟ ନଥିଲେ ମଧ୍ୟ ଭାବଗତ ପାର୍ଥକ୍ୟ ଥାଏ। ଉଭୟଙ୍କ ଉପାଦାନ ଚିନ୍ମୟ ହୋଇଥିଲେ ମଧ୍ୟ ଜ୍ଞାନୀଙ୍କର ଲକ୍ଷ୍ୟ ଚିନ୍ମୟ ନିର୍ଗୁଣ ବ୍ରହ୍ମ ବା "ବ୍ରହ୍ମ ଲୀନ" ଏବଂ ଭକ୍ତଙ୍କର ଲକ୍ଷ୍ୟ "ନିତ୍ୟଲୋକରେ ନିତ୍ୟସେବା ପ୍ରାପ୍ତି" ବା ଚିନ୍ମୟ ସେବକ ଦେହରେ ପ୍ରତିଷ୍ଠିତ ରହି ଚିରକାଳ ସେବାନନ୍ଦ ଉପଭୋଗ କରିବା। ନିତ୍ୟଲୋକ ବା ଭାବଜଗତ ରୂପକ ନିତ୍ୟଧାମକୁ ଲକ୍ଷ୍ୟ କରି ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ କହିଛନ୍ତି –

"ନତଦ୍ ଭାଷୟତେ ସୂର୍ଯ୍ୟଃ, ନ ଶଶାଙ୍କ ନ ପାବକଃ
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମ ମମ।"

ଏକ ଆଧାରରେ ଜ୍ଞାନ ଓ ଭକ୍ତିର ସମ୍ମିଶ୍ରଣ ହିଁ ଶ୍ରୀଶ୍ରୀଠାକୁରଙ୍କ ମତରେ ଆଚାର୍ଯ୍ୟ ଶଙ୍କରଙ୍କ ମତ ଓ ମହାପ୍ରଭୁ ଗୌରାଙ୍ଗ ଦେବଙ୍କ ପଥ। ଏହାକୁ ଲକ୍ଷ୍ୟ କରି ଶ୍ରୀଶ୍ରୀଠାକୁର କହିଛନ୍ତି, "ଅଦ୍ୱୈତ ଭାବରେ ପ୍ରତିଷ୍ଠିତ ରହି ଦ୍ୱୈତ ଭାବରେ ସେବା କରିବା।" ଏଥିପାଇଁ ଶ୍ରୀଶ୍ରୀଠାକୁର କହିଛନ୍ତି "କରିବ ମୋ ସେବା ଭକ୍ତିରେ ଅବଗାହିଣ ତତ୍ତ୍ୱ, ତେବେ ଯାଇ ଫୁଟି ଉଠିବ ସଦ୍‌ଗୁରୁଙ୍କ ମହତ୍ତ୍ୱ।" ଭକ୍ତିଶାସ୍ତ୍ରରେ ଉଲ୍ଲେଖ ଅଛି "ଅଦ୍ୱୈତ ମରମେ ଦ୍ୱୈତ ଭାବନା, ଚିରଦିନ ମୋର ଦ୍ୱୈତ କାମନା।" ଅର୍ଥାତ୍ ଅଦ୍ୱୈତ ଜ୍ଞାନରେ ପ୍ରତିଷ୍ଠିତ ଥାଇ ଦ୍ୱୈତ ଭାବରେ ସେବା କରିବା ହିଁ ଜ୍ଞାନ ଓ ଭକ୍ତିର ସମ୍ମିଶ୍ରଣ ବା ଆନନ୍ଦମୟ ଅବସ୍ଥା। ଭଗବାନଙ୍କ ସ୍ୱରୂପ ଶକ୍ତି ବା ଅନ୍ତରଙ୍ଗା ଶକ୍ତି ତିନି ଭାଗରେ ବିଭକ୍ତ–ସତ୍–ଚିତ୍–ଆନନ୍ଦ। ଏହାର ସତ୍ ଅଂଶରୁ ସନ୍ଧିନୀ, ଚିତ୍ ଅଂଶରୁ ସମ୍ବିତ୍ ଓ ଆନନ୍ଦରୁ ହ୍ଲାଦିନୀ ଶକ୍ତିର ଉଦ୍ଭବ ହୋଇଅଛି। ଏହି ସ୍ୱରୂପ ଶକ୍ତି ବା ଅନ୍ତରଙ୍ଗା ଶକ୍ତିଙ୍କ ଅନ୍ୟ ନାମ ଶ୍ରୀକୃଷ୍ଣ।

ଚୈତନ୍ୟ ଚରିତାମୃତରେ ଉଲ୍ଲେଖ ଅଛି।
"ସତ୍‌ଚିତ୍– ଆନନ୍ଦମୟ କୃଷ୍ଣ ସ୍ୱରୂପ" ଅତଏବ ସ୍ୱରୂପା ଶକ୍ତି ହୁଏ – ତିନିରୂପ

"ଆନନ୍ଦାଂଶେ ହ୍ଲାଦିନୀ ସଦଂଶେ ସନ୍ଧିନୀ
ଚିଦଂଶେ ସମ୍ବିତ୍ ଯାହା ଜ୍ଞାନ ବୋଲି ମାନି।"

ଏହି ହ୍ଲାଦିନୀ ଶକ୍ତି ଶ୍ରୀକୃଷ୍ଣଙ୍କର ଆନନ୍ଦଦାୟିନୀ ସ୍ୱରୂପ ଶକ୍ତି ଏବଂ ତାଙ୍କରି ନାମ ଭକ୍ତିଶାସ୍ତ୍ରରେ ରାଧା ନାମରେ ଖ୍ୟାତ। ରାଧା, ସେବା ନିମିତ୍ତ ମଞ୍ଜରୀ ଓ ସଖୀ ସୃଷ୍ଟି କରି ସେମାନଙ୍କ ସହିତ ଅଭିନ୍ନ ଭାବରେ ନିତ୍ୟ ବିରାଜିତ ରହିଲେ। ସେହିମାନଙ୍କୁ ହିଁ "ଗୋପୀ" କୁହାଯାଏ। ସେମାନେ ସମସ୍ତେ ଶ୍ରୀକୃଷ୍ଣଙ୍କ ପରିକର। ଜ୍ଞାନୀମାନେ ଭଗବାନଙ୍କ ସତ୍ ଓ ଚିତ୍ ଅଂଶ ଉପଲବ୍ଧି କରିଥା'ନ୍ତି ଏବଂ ଭକ୍ତମାନେ ସତ୍ ଓ ଆନନ୍ଦ ଅଂଶ ଉପଲବ୍ଧି କରିଥାନ୍ତି। କିନ୍ତୁ କେବଳ ଜ୍ଞାନୀ ଭକ୍ତ ବା ପ୍ରେମିକ ଭକ୍ତ ଭଗବାନଙ୍କର ସତ୍, ଚିତ୍ ଓ ଆନନ୍ଦ ତ୍ରିବିଧ ଭାବ ବୁଝି ପୂର୍ଣ୍ଣାନନ୍ଦ ଉପଲବ୍ଧି କରିଥାନ୍ତି। ଏହାହିଁ ଶ୍ରୀଭଗବାନଙ୍କର ରାସଲୀଳା। ସମସ୍ତ ରସ ଯେତେବେଳେ ଆକାର ପ୍ରାପ୍ତ ହୁଏ ବା ଆକାର ଲାଗିଲେ ତାହା ରାସରେ ପରିଣତ ହୋଇଥାଏ। ଏହାହିଁ ଭଗବାନଙ୍କ ନିତ୍ୟଲୀଳା ବା ରାସଲୀଳା।

ଶ୍ରୀଗୁରୁଦେବଙ୍କ ନିକଟରେ ଜ୍ଞାନ ଓ ଭକ୍ତି ସବୁବେଳେ ଅବସ୍ଥାନ କରିଥାନ୍ତି। କେବଳ ଗୁରୁଦେବଙ୍କ ସେବା ଫଳରେ ସେବକମାନେ ଜ୍ଞାନ ଭକ୍ତି ଲାଭ କରିଥାନ୍ତି। ଆମର ପ୍ରାଣପ୍ରିୟ ଠାକୁର କହିଛନ୍ତି ଜ୍ଞାନ, ଭକ୍ତି ଏକ "ସଂକ୍ରାମକ ବ୍ୟାଧି"। ଯେପରି ଜଣକ ଦେହରୁ ଅନ୍ୟ ଜଣଙ୍କ ଦେହକୁ ସଂକ୍ରମିତ ହେଲେ ମଧ୍ୟ ମୂଳ ଲୋକର ବ୍ୟାଧି କମିଯାଏ ନାହିଁ, ସେହିପରି ଗୁରୁକୃପାରୁ ଜ୍ଞାନ ଭକ୍ତି ଶିଷ୍ୟମାନଙ୍କ ମଧ୍ୟରେ ସଞ୍ଚରିତ ହେଲେ ମଧ୍ୟ ଗୁରୁଙ୍କର ଜ୍ଞାନ ଭକ୍ତି ସେହିପରି ରହିଥାଏ। "ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ"। ବା ଗୋଟିଏ ଦୀପରୁ ଅନେକ ଦୀପ ଲଗାଇଲେ ମଧ୍ୟ ମୂଳ ଦୀପର ଆଲୋକ କମ୍ ହୋଇଯାଇ ନ ଥାଏ।

କିନ୍ତୁ ଭଗବାନ ଜ୍ଞାନ ଦେବାଠାରୁ ଭକ୍ତି ଦେବାକୁ କୁଣ୍ଠିତ ହୋଇଥାନ୍ତି। ଭକ୍ତି ଦେବା ମାତ୍ରେ ଭଗବାନ ନିଜେ ଭକ୍ତ ନିକଟରେ ବନ୍ଧା ପଡିଯାନ୍ତି ଏବଂ ଏବଂ ସେଥିପାଇଁ ଭଗବାନଙ୍କୁ ଭକ୍ତର ଭଗବାନ କୁହାଯାଏ। ଭଗବାନଙ୍କୁ ଜ୍ଞାନୀର, ଯୋଗୀର ବା ତାନ୍ତ୍ରିକର ଭଗବାନ କୁହାଯାଏ ନାହିଁ, ସେ କେବଳ ଭକ୍ତର ଭଗବାନ। ଭକ୍ତିରୂପିଣୀ ମା' ବା ସଗୁଣ ବ୍ରହ୍ମଙ୍କ ପ୍ରେମାନୁରୋଧରେ ନିର୍ଗୁଣବ୍ରହ୍ମ ବା ଜଗଦ୍‌ଗୁରୁ ଚିନ୍ମୟ ରୂପ ପରିଗ୍ରହ କରି ମା'ଙ୍କ ରଚିତ ନିତ୍ୟଲୋକରେ ନିତ୍ୟପୁରୁଷ ଭାବରେ ନିତ୍ୟସେବାରେ ଚିରଆବଦ୍ଧ ହୋଇ ରହିଛନ୍ତି। ତେଣୁ ଭକ୍ତ ହିଁ କେବଳ ଭଗବାନଙ୍କୁ ଭକ୍ତିରେ ବାନ୍ଧି ରଖିପାରେ। ପୋଲିସ୍ ତା'ର ଶକ୍ତି ବଳରେ ଚୋରକୁ ବାନ୍ଧି ଆଣିପାରେ, କିନ୍ତୁ ଭକ୍ତି ବ୍ୟତୀତ କୌଣସି ଶକ୍ତି ନାହିଁ ଯେକି ମନ ଚୋର ଭଗବାନଙ୍କୁ ବାନ୍ଧି ରଖିପାରିବ। ସେଥିପାଇଁ କୁହାଯାଏ ସେ ହିଁ କେବଳ "ଭକତ ଭାବରେ ବନ୍ଧା" ବା "ଭକତ ବତ୍ସଳ"। ଚତୁର୍ବିଧ ସାଧନାରେ ସିଦ୍ଧ (ଜ୍ଞାନ, ଯୋଗ, ତନ୍ତ୍ର, ପ୍ରେମ) ଆମର ପ୍ରାଣପ୍ରିୟ ଠାକୁର ସେଥିପାଇଁ କହିଛନ୍ତି, "ବର୍ତ୍ତମାନ ମୁଁ କେବଳ ଭକ୍ତି ବ୍ୟତୀତ ଅନ୍ୟ ସାଧନାର କଥା ଭାବୁ ନାହିଁ।" କେବଳ ଭକ୍ତିରେ ହିଁ ଚରମ ସିଦ୍ଧି ପ୍ରାପ୍ତ ହୋଇଥାଏ। ଏବଂ ଆହୁରି ମଧ୍ୟ କହିଛନ୍ତି, "ସୁଖ ପାଅ ଟିକିଏ ମୋତେ ଅଖିଳ ସାଧନ ସିଦ୍ଧି ଲଭ କିଞ୍ଚିତେ।"

ଜ୍ଞାନ ବାରମ୍ବାର ଆଲୋଚନା ନ କଲେ ରହେ ନାହିଁ, ଅଭ୍ୟାସ ଅବଲମ୍ବନ ନ କଲେ ଯୋଗ ସ୍ଥିର ରହେ ନାହିଁ, କ୍ରିୟା ଅବଲମ୍ବନ ନ କଲେ ତନ୍ତ୍ର ସ୍ଥାୟୀ ହୁଏ ନାହିଁ ଏବଂ ଅନୁଶୀଳନ ନ କଲେ ଭକ୍ତି ସ୍ଥାୟୀ ରହେ ନାହିଁ। ଭକ୍ତିର ସାଧନା ଆରମ୍ଭ ହୁଏ "ଟିକିଏ ସୁଖ ପାଇବାଠାରୁ" ଏବଂ ଅନ୍ତିମରେ ପର୍ଯ୍ୟବେଷିତ ହୁଏ ଅଖିଳ ସାଧନ ସିଦ୍ଧିଲାଭ ବା ପ୍ରେମ ଭକ୍ତି ଲାଭରେ, ଏହି ଭାବ ଲାଭ ହେଲେ ଜୀବକୁ ଅଭାବରେ ବୁଡି ରହିବାକୁ ପଡେ ନାହିଁ। ନିତ୍ୟଲୋକରେ ବା ଭାବ ଜଗତରେ ସେବକ ନିତ୍ୟଭାବ ପ୍ରାପ୍ତ ହୋଇ ନିତ୍ୟସେବାରେ ମଗ୍ନ ହୋଇଥାଏ। ଏହା ହିଁ 'ଅଖିଳ ସାଧନ ସିଦ୍ଧି 'ବୋଲି ବର୍ଣ୍ଣିତ ହୋଇଅଛି।

ଉପରୋକ୍ତ ଭାବ ଚରମ ଲକ୍ଷ୍ୟ ହେଲେ ମଧ୍ୟ ଏହାର ପ୍ରାରମ୍ଭିକ ସ୍ତର ହେଉଛି "ସୁଖ ପାଇବା"। ସୁଖ ନ ପାଇଲେ "ଲୀଳା" ହୋଇପାରେ ନାହିଁ। ବାଧ୍ୟବାଧକତାରେ ଯାହା କରାଯାଏ ତାହା କର୍ମ ଓ ବାଧ୍ୟବାଧକତା ନ ଥାଇ ଯାହା କରାଯାଏ ତାହା "ଲୀଳା"। ଜୀବମାନେ ଜଗତରେ କର୍ମ କରନ୍ତି କିନ୍ତୁ ଭଗବାନଙ୍କ କର୍ମକୁ ଲୀଳା କୁହାଯାଏ। କର୍ମରେ ପ୍ରତିଦାନର ଆଶା ଥାଏ କିନ୍ତୁ ଲୀଳାରେ ପ୍ରତିଦାନ ବା ସ୍ୱସୁଖ ବାଞ୍ଛା ନଥାଏ। ଚୈତନ୍ୟ ଚରିତାମୃତରେ କୁହାଯାଇଛି "ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କହି କାମ, କୃଷ୍ଣେନ୍ଦ୍ରିୟ ପ୍ରୀତି ଇଚ୍ଛା ଧରେ ପ୍ରେମ ନାମ"

"କାମର ତାତ୍ପର୍ଯ୍ୟ ନିଜ ସମ୍ଭୋଗ କେବଳ
କୃଷ୍ଣ ସୁଖ ତାତ୍ପର୍ଯ୍ୟ ମାତ୍ର ପ୍ରେମରେ ପ୍ରବଳ"

ଚରମରେ ଅଖିଳ ସାଧନ ସିଦ୍ଧି ବା ପ୍ରେମ ଭକ୍ତି ଲାଭ ଲକ୍ଷ୍ୟ ହେଲେ ମଧ୍ୟ ଭାବ ପ୍ରେମ ସୂର୍ଯ୍ୟ ଅରୁଣରାଗ ସାଧନାର ଆରମ୍ଭ ହୋଇଥାଏ "ସୁଖ ପାଇବାରୁ"। ସୁଖ ପାଇବା ଠାରୁ ଆରମ୍ଭ କରି ଭାବ ପ୍ରାପ୍ତି ହେବା ପର୍ଯ୍ୟନ୍ତ ଆଠଟି ବୃତ୍ତିକୁ ଶ୍ରୀରାଧାଙ୍କର ଅଷ୍ଟସଖୀ ବା ସହଚାରୀ ବୋଲି କିର୍ତ୍ତୀତ ହୋଇଅଛି। ଏହି ବୃତ୍ତିରୂପକ ସହଚରୀମାନଙ୍କୁ ତ୍ୟାଗ କରି ମହାଭାବ ସ୍ୱରୂପିଣୀ ଶ୍ରୀରାଧା ରହିପାରନ୍ତି ନାହିଁ। କାରଣ ସେମାନେ ତାଙ୍କର କାୟବ୍ୟୁହ ରୂପ ବା ନିତ୍ୟଲୀଳାର ସହଚରୀ। ଏମାନେ ହେଲେ ରତି, ପ୍ରୀତି, ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ।

ରତି – ଭଗବାନଙ୍କୁ ଲାଭ କରିବା ପଥରେ ପ୍ରଥମ ବୃତ୍ତି ହେଉଛି ରତି ବା ସୁଖ ପାଇବା। ଯେ ଯାହାକୁ ସୁଖ ନ ପାଏ ସେ ତାକୁ ପାଇବାକୁ ଇଚ୍ଛା କରେ ନାହିଁ ଏବଂ ତା ପାଇଁ କିଛି କରିବାକୁ ଆଗ୍ରହ ଜାତ ହୁଏ ନାହିଁ। ଏହି ରତିରୁ ଭଗବାନଙ୍କ ପ୍ରତି ଆକର୍ଷଣ ଜାତ ହୁଏ। ଶାସ୍ତ୍ରରେ କୁହାଯାଇଅଛି "ଆଦୌ ଶ୍ରଦ୍ଧା"। ସେଥିପାଇଁ ଆମର ସଂଘର ପରିଚୟ ପତ୍ରରେ ଉଲ୍ଲେଖ ଅଛି ଆମେ ଯେପରି ତ୍ରିସନ୍ଧ୍ୟାରେ ଶ୍ରଦ୍ଧାର ସହିତ ଆପଣଙ୍କୁ ଆବାହନ କରିପାରୁ। ସେହିଭଳି ଶୁଭ ବୁଦ୍ଧି ଏବଂ ପ୍ରେରଣା ପ୍ରଦାନ କରି ଆମମାନଙ୍କ ମଧ୍ୟରେ ଶ୍ରଦ୍ଧାର ଉନ୍ମେଷ କରାଇ ଦିଅନ୍ତୁ। ତେଣୁ ତାଙ୍କ ପ୍ରତି ପ୍ରଥମରୁ ଏହି ଆକର୍ଷଣ ନ ଥିଲେ ବା ସୁଖ ପାଇବା ନ ଥିଲେ କେହି ଅଗ୍ରସର ହୋଇପାରନ୍ତି ନାହିଁ। ଏହି ରତି ବା ସୁଖ ପାଇବା ସାଧାରଣୀ, ସମଞ୍ଜସା ଓ ସମର୍ଥା ଭେଦରେ କ୍ରମୋନ୍ନତି ପଥରେ ଗତି କରି ଭଗବାନଙ୍କର ପ୍ରିୟଭାଜନ କରାଇଥାଏ।

ପ୍ରୀତି– ଦ୍ୱିତୀୟ ପର୍ଯ୍ୟାୟରେ ଏହି ସୁଖ ପାଇବା ବୃତ୍ତି ବା ରତି ବିକଶିତ ହୋଇ ଭଗବାନଙ୍କୁ ଭଲ ପାଇବା ଦିଗରେ ଅଗ୍ରଗତି କରାଇଥାଏ। କୃଷ୍ଣପ୍ରେମାଭିଳାସୀ ଗୋପୀମାନଙ୍କ ଭାଷାରେ "ପ୍ରୀତି ଲାଗୁଥିଲା ଯେତିକି ମିଠା, ଦହି ହେଉଥିଲା ସେତିକି ଖଟା"। ଭଗବାନଙ୍କ ପ୍ରତି ସୁଖ ପାଇବା ବର୍ଦ୍ଧିତ ହେଲେ ସଂସାରରୂପକ ଦହି ସ୍ୱତଃ ଖଟା ହୋଇଥାଏ ବା ସାଂସାରିକ ଆସକ୍ତି କମି କମି ଭଗବତ୍ ପ୍ରୀତି ବର୍ଦ୍ଧିତ ହୋଇଥାଏ ଏବଂ ସଂସାର ବୈରାଗ୍ୟ ଉତ୍ପନ୍ନ କରାଇଥାଏ। ଏହା ହିଁ ଭକ୍ତି ବୀଜର ଅଙ୍କୁରୋଦ୍‌ଗମ ସଦୃଶ।

ସ୍ନେହ – ଭଗବାନଙ୍କ ପ୍ରତି ମମତ୍ୱବୋଧ ଜାଗ୍ରତ ହେବା ସ୍ନେହ ପଦବାଚ୍ୟ। ସେତେବେଳେ ଭଗବାନ ଅତି ନିଜର ବୋଲି ମନେ ହୁଅନ୍ତି। ଏହି ଭାବକୁ ଲକ୍ଷ୍ୟକରି ଶ୍ରୀଶ୍ରୀଠାକୁରଙ୍କ ପ୍ରିୟଶିଷ୍ୟ ସ୍ୱାମୀ ସ୍ୱରୂପାନନ୍ଦ ଲେଖିଛନ୍ତି "ସ୍ନେହ ପ୍ରୀତି ଭକ୍ତି ଭରା–ମୋଦେର ଗୁରୁ ଜଗତ ଜୋଡ଼ା, ତାର ପାଶେ ଆଛେଁ ଏକ୍ ଜନ୍ ସକଲ୍ ଗୁରୁର ସେରା ଜ୍ଞାନ ଦିଏ ତୈରୀ ସେ ଯେ ପ୍ରେମ ଦିଏ ଘେରା, ଏମନ ଗୁରୁ କୋଥାଏ ଖୁଜେ ପାବେନାକୋ ତୁମି, ଆମାର ପ୍ରାନେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ।"

ଯେ ଯାହାକୁ ସ୍ନେହ କରନ୍ତି ସେ ତାଙ୍କର ଅତ୍ୟନ୍ତ ଆଦରଣୀୟ ହୁଅନ୍ତି ଏବଂ ତାଙ୍କ ପାଇଁ କିଛି ନ କରି କେବଳ ବସି ରହନ୍ତି ନାହିଁ। ସେତେବେଳେ ଭଗବାନ ଆଦରର ଧନ ହୋଇଯାନ୍ତି। ଜାଗତିକ ଧନ ତୁଚ୍ଛ ମନେ ହୋଇ ଭକ୍ତି ଧନ ଶ୍ରେଷ୍ଠ ଧନ ବୋଲି ପ୍ରତୀତ ହୋଇଥାଏ ଏବଂ ଭକ୍ତ ଭଗବାନଙ୍କ ଏକାନ୍ତ ବିଶ୍ୱସ୍ତ ରୂପରେ ପରିଗଣିତ ହୋଇଥାନ୍ତି।

ମାନ – ଏକାନ୍ତ ବିଶ୍ୱସ୍ତ ହୋଇଗଲାପରେ ଭଗବାନଙ୍କ ଉପରେ ଭକ୍ତର ଅଧିକାର ଆସିଯାଏ ଏବଂ ଭକ୍ତ ମଧ୍ୟରେ ମାନର ଉଦୟ ହୋଇଥାଏ। ଅତ୍ୟଧିକ ଭଲ ପାଇବା ଜାହିର କରିବା ନିମନ୍ତେ ଭକ୍ତିପଥରେ ମଧ୍ୟ 'ମାନ'ର ପ୍ରୟୋଜନ ହୋଇଥାଏ। ଏଥିରେ ଭଗବାନ ଭକ୍ତଙ୍କର ଦାବି ପୂରଣ କରିଥାନ୍ତି। ମାନ ଭଞ୍ଜନ କରିବାକୁ ଯାଇ ନଟବର ଶ୍ରୀକୃଷ୍ଣ ମଧ୍ୟ ନାପିତୁଣୀ ସାଜି ଶ୍ରୀରାଧାଙ୍କ ପାଦରେ "ଦେହି ପଦ ପଲ୍ଲବମୁଦାରଂ" ଲେଖି ଦେଇ ଯାଇଥିଲେ।

ପ୍ରଣୟ – ଏହି ସ୍ତରରେ ଭକ୍ତମାନଙ୍କର ଭଗବାନଙ୍କ ପ୍ରତି ଅନ୍ତରଙ୍ଗ ଭାବ ବୃଦ୍ଧି ଲାଭ କରିଥାଏ। ଭକ୍ତ ନିଜକୁ ଭଗବାନଙ୍କର ଏକାନ୍ତ ନିଜର ମନେକରେ ଏବଂ ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥାଏ ବା ସମ୍ପର୍କର ଗାଢ଼ତା ପ୍ରାପ୍ତି ହୋଇଥାଏ। ଏଥିରେ ଭଗବାନଙ୍କ ପ୍ରତି ସହଜ ଭାବର ଉଦୟ ହୋଇ ମହିମାଜ୍ଞାନ ମୁହଁ ଲୁଚା ଦେଇଥାଏ।

ରାଗ – ଚିତ୍ତରେ ଏହି ବୃତ୍ତି ଜାଗିଲେ ଭଗବାନଙ୍କ ସହିତ ଭକ୍ତଙ୍କର ଏକାତ୍ମତା ବଢ଼ିଯାଏ ବା ଭଗବାନ ଭକ୍ତଙ୍କର ଅତି ନିଜର ବୋଲି ମନେ ହୋଇଥାନ୍ତି। ଏଥିରେ ଭଗବାନଙ୍କ ପ୍ରତି ଭକ୍ତଙ୍କ ଅନୁରକ୍ତିର ବୃଦ୍ଧି ହୋଇଥାଏ।

ଅନୁରାଗ – ଭଗବାନଙ୍କ ପ୍ରତି ଅତ୍ୟଧିକ ରାଗର ନାମ ଅନୁରାଗ। ଏଥିରେ ଭକ୍ତଙ୍କର ସ୍ୱସୁଖବାଞ୍ଛାର ସମ୍ପୂର୍ଣ୍ଣ ବିଲୟ ହୋଇ ଭଗବତ୍ ପ୍ରେମାନୁରାଗ ବୃଦ୍ଧି ପ୍ରାପ୍ତ ହୋଇଥାଏ। ଏହା ଲାଭ ହେଲେ ଭଗବାନ ଯେଉଁଥିରେ ଖୁସି, ଭକ୍ତ ସେହିଥିରେ ହିଁ ସୁଖୀ ମନେ କରନ୍ତି। ରାଗର ଗାଢ଼ତମ ଅବସ୍ଥା ବା ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଅବସ୍ଥାର ନାମ ଅନୁରାଗ। ଏଥିରେ ହିଁ ଭକ୍ତଙ୍କର ସହଜ ଭାବର ଉଦୟ ହୋଇଥାଏ। ଭଗବାନ ପର ବୋଲି ମନେ ନ ହୋଇ ଏକାନ୍ତ ନିଜର ମନେ ହୁଅନ୍ତି। ମୋ କାର୍ଯ୍ୟରେ ମୁଁ ଖୁସି ହେଉନାହିଁ, ସେ ଯେଉଁଥିରେ ଖୁସି ତାହା ମୋର ଖୁସି ବୋଲି ମନେ ହୋଇଥାଏ। ବାହ୍ୟିକ ଭାବରେ ଜଗତର ଖୁସିରେ ମୋର ଖୁସି ବା ସମଷ୍ଟି ଖୁସିରେ ବ୍ୟଷ୍ଟି ଜୀବର ଖୁସି ଉତ୍ପନ୍ନ ହୋଇଥାଏ। "ପର ଦୁଃଖେ ଦୁଃଖୀ ପର ସୁଖେ ସୁଖୀ ହେବାକୁ ଏ ଜୀବ ହୋଇବ ସଜ" ଏହାର ପ୍ରମାଣ ସମଷ୍ଟି ସହିତ ବ୍ୟଷ୍ଟିର ସମ୍ପର୍କକୁ ବୁଝାଇଥାଏ।

ଭାବ – ପ୍ରେମର ଗଭୀରତମ ନିବିଡ ଆନନ୍ଦମୟ ଅବସ୍ଥା ହିଁ ଭାବ। ଭାବ ସମ୍ପର୍କରେ ଶ୍ରୀଶ୍ରୀଠାକୁର "ପ୍ରେମିକ ଗୁରୁ" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯାହାଦ୍ୱାରା ଚିତ୍ତ ସର୍ବତୋ ଭାବରେ ନିର୍ମଳ ହୁଏ ଏବଂ ଯାହା ଅତି ମମତାସମ୍ପନ୍ନ, ଏପରି ଯେଉଁ ଭାବ, ତାହା ଗାଢ଼ତା ପ୍ରାପ୍ତ ହେଲେ

ପଣ୍ଡିତମାନେ ତାହାକୁ 'ପ୍ରେମ' ବୋଲି କୀର୍ତ୍ତନ କରିଥାନ୍ତି। ଗୋପୀମାନଙ୍କର ଭାବ ହିଁ ସାଧକମାନଙ୍କର ସାଧ୍ୟ। ଭଗବାନଙ୍କର ଅନ୍ୟ ନାମ ଭାବଗ୍ରାହୀ। ସେ ଭାଷାଗ୍ରାହୀ କି ଗୁଣଗ୍ରାହୀ ନୁହନ୍ତି। ଭାବ ନ ହେଲେ ଅଭାବ ଜଗତରେ ଆନନ୍ଦର ସନ୍ଧାନ ମିଳେ ନାହିଁ। ନିତ୍ୟଲୋକ ବା ଭାବ ଜଗତରେ ନିମଜ୍ଜିତ ନ ହେଲେ ଆନନ୍ଦ ପ୍ରାପ୍ତି ଅସମ୍ଭବ। ଭଗବାନ ହିଁ ଆନନ୍ଦ ସ୍ୱରୂପ। ଏହି ଆନନ୍ଦ, ରତି ବା ସୁଖ ପାଇବା ଠାରୁ ଆରମ୍ଭ ହୋଇ, ଭାବ ଲାଭ କରି, ପ୍ରେମ ଭକ୍ତିରେ ଚରମ ପରିଣତି ଲାଭ କରିଥାଏ। ଶ୍ରୀଗୁରୁଙ୍କ କୃପା ବିନା ଏହା ଲାଭ କରିବା ଅସମ୍ଭବ। ଏକମାତ୍ର ସିଦ୍ଧ ପ୍ରେମିକଗୁରୁଙ୍କ କୃପା ଲାଭ ହେଲେ ଭକ୍ତ ଏହି ଅବସ୍ଥା ଲାଭ କରିବାକୁ ସକ୍ଷମ ହୋଇପାରନ୍ତି। ତେଣୁ ଶାସ୍ତ୍ରରେ କୁହାଯାଇଛି "ଗୁରୁ କୃପା ହି କେବଳମ୍।"

ଗୁରୁ ଭଗବାନଙ୍କୁ ସୁଖ ପାଇବା ରୂପକ ରତିଠାରୁ ଆରମ୍ଭ କରି ପ୍ରେମ ଭକ୍ତି ଲାଭ ପର୍ଯ୍ୟନ୍ତ ସାଧନକ୍ରମକୁ ଲକ୍ଷ୍ୟ କରି ଚୈତନ୍ୟ ଚରିତାମୃତକାର କହୁଛନ୍ତି -

"ପରିପାକ ହେଲେ ସାଧନ ଭକତି ରତି ନାମ ତାହା ଧରେ।
ରତି ପୁଣି ଗାଢ଼ ହୋଇଲେ ଧରେ ସେ ପ୍ରେମ ନାମ ଜଗତରେ॥"

ଉଜ୍ଜଳ ନୀଳମଣୀ ଗ୍ରନ୍ଥରେ ଉଲ୍ଲେଖ ଅଛି "ସମ୍ଭୋଗ ବାସନା ଯଦି ଶ୍ରୀକୃଷ୍ଣଙ୍କ ସମ୍ଭୋଗେଚ୍ଛା ସହିତ ଏକତା ପ୍ରାପ୍ତ ହୁଏ ତାହାହେଲେ ତାହା 'ସମର୍ଥାରତି' ନାମରେ ଅଭିହିତ ହୋଇଥାଏ। ଏହି ଗୋପୀକାନିଷ୍ଠ ସମର୍ଥାରତି ଗାଢ଼ ହୋଇ ପ୍ରେମ ଆଖ୍ୟା ପ୍ରାପ୍ତ ହୁଏ। ଶ୍ରୀଶ୍ରୀଠାକୁର ପ୍ରେମିକ ଗୁରୁ ଗ୍ରନ୍ଥରେ ଲେଖିଛନ୍ତି, 'ସମର୍ଥାରତି' ପ୍ରେମବିଳାସରେ କ୍ରମେ ପରିପକ୍ୱ ହୋଇ ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ ଓ ଭାବରେ ପର୍ଯ୍ୟବେଷିତ ହୋଇଥାଏ। ଅନ୍ତରର ଭାବ ଆହୁରି ଉତ୍କୃଷ୍ଟ ଦଶା ପ୍ରାପ୍ତ ହେଲେ 'ମହାଭାବ' ନାମରେ ଅଭିହିତ ହୋଇଥାଏ। ଏହାହିଁ ଗୋପୀଭାବ ନିଷ୍ଠ ସମର୍ଥାରତିର ଚରମ ବିକାଶ। ସୁତରାଂ ଗୋପୀଭାବନିଷ୍ଠ ସମର୍ଥାରତି ପୌଢ଼ ମହାଭାବ ଦଶା ପ୍ରାପ୍ତ ହେଲେ ତାହା ପ୍ରେମ ନାମରେ କୀର୍ତ୍ତିତ ହୋଇଥାଏ।

ଶ୍ରୀଶ୍ରୀଠାକୁରଙ୍କ ଉକ୍ତି "ସୁଖ ପାଅ ଟିକିଏ ମୋତେ ଅଖିଳ ସାଧନ ସିଦ୍ଧି ଲଭ କିଞ୍ଚିତେ"ର ତାତ୍ପର୍ଯ୍ୟ ଏଥିରୁ ସହଜରେ ଅନୁମେୟ। କ୍ଷୁଦ୍ର ମଞ୍ଜିରୁ ବିଶାଳ ବୃକ୍ଷ ଉତ୍ପନ୍ନ ହୋଇ ପତ୍ର, ପୁଷ୍ପ, ଫଳ ମଣ୍ଡିତ ହେବା ପରି ସିଦ୍ଧିର ଚରମ ଅବସ୍ଥା ବା ସିଦ୍ଧିର ଫଳ ଗୁରୁଙ୍କୁ ସୁଖ ପାଇବାଠାରୁ ଆରମ୍ଭ ହୋଇ ପ୍ରେମ ଭକ୍ତି ରୂପ ସ୍ୱରୂପ ପ୍ରାପ୍ତିରେ ବା "ସେବକ ସାଜ" ପ୍ରାପ୍ତିରେ ଚରମ ପରିଣତି ଲାଭ କରିଥାଏ।

କେବଳ ବ୍ରହ୍ମବିଦ୍ ଗୁରୁଙ୍କୁ ସୁଖ ପାଇ ତାଙ୍କୁ ସେବାରେ ସନ୍ତୁଷ୍ଟ କରିପାରିଲେ ଗୁରୁକୃପାରୁ ତାଙ୍କ ଗୁଣରାଶି ସ୍ୱତଃ ସେବକଙ୍କ ମଧ୍ୟରେ ସଞ୍ଚରିତ ହୋଇ ସେବକଙ୍କୁ ସ୍ୱରୂପରେ ପ୍ରତିଷ୍ଠିତ କରାଇଥାଏ। ଏହା ହିଁ ଶ୍ରୀଗୁରୁଙ୍କ ପ୍ରଦର୍ଶିତ ଅଭିନବ ସାଧନ ପଦ୍ଧତି।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ**

ପରିଚାଳକ

ନୀଳାଚଳ ସାରସ୍ୱତ ସଂଘ, ପୁରୀ


ଯେଉଁମାନେ ମୋ ଉପରେ ନିର୍ଭର କରି ବସିଛନ୍ତି ସେମାନଙ୍କ ମୁକ୍ତି ନ ହେବା ପର୍ଯ୍ୟନ୍ତ ମୋର ମଧ୍ୟ ମୁକ୍ତି ନାହିଁ। ମୁଁ ସେମାନଙ୍କୁ ହାତ ଧରି ମୁକ୍ତିଧାମକୁ ନେଇଯିବି। ସେମାନଙ୍କର ମୁକ୍ତି ସୁନିଶ୍ଚିତ। **-ଶ୍ରୀଶ୍ରୀଠାକୁର**

ମୋ ଠାରେ ନିର୍ଭର କର, ସବୁ ଭାର ମୋ ଉପରେ ଛାଡ଼ିଦିଅ। ମୁଁ ଯାହା ଭଲ ବୋଲି ବୁଝିବି ତାହା କରିବି। ମୋ ଚରଣରେ ପାପ-ପୁଣ୍ୟ, ହିତାହିତ, ଭଲମନ୍ଦ ସବୁ ଢାଳିଦିଅ। ମୋତେ ସବୁ ସମର୍ପଣ କରିଦିଅ। **-ଶ୍ରୀଶ୍ରୀଠାକୁର**

# Incarnation - II

Swami Nigamananda attained mastery in all paths of spiritual practice—Tantra, Jnana (knowledge), Yoga, and Prema (divine love)—and emerged as a perfect spiritual master, a *Sadguru*, to dispel the ignorance of humanity.

Descending into society as a Sadguru, Swami Nigamananda observed that the common people were immersed in ignorance, bound by social prejudices, and influenced by distorted notions of religion shaped by Western education. Many were driven by material desires and worldly pleasures. His vision was to awaken true religious understanding and guide people through the comprehensive principles of Sanatan Dharma.

To spread this vision, he authored several profound books, including:

- Yogi Guru
- Jñani Guru
- Tantrik Guru
- Premik Guru
- Vedanta Vivek
- Brahmacharya Sadhan

Many people were drawn to his philosophy—some merely by the divine aura of his physical presence and beautiful feet, others by reading his books, and even some just by seeing his photo (*bigraha*) in a publication. Though Sri Sri Thakur (as his devotees called him) clearly stated that he was not an avatar or incarnation of God, he identified himself as a Sadguru, humbly carrying out the will of the Jagatguru—the Universal Teacher.

He taught that one can truly understand and realize him only through selfless love and dedicated service.

In last year's publication, this article highlighted the experiences shared by devotees from East Bengal (now Bangladesh) and the eastern regions of India. These individuals were deeply attracted to Sri Sri Thakur's divine, transcendental presence, perceiving him as a Guru, God, Incarnation, or loved him as a simple human being, radiating divine qualities.

This year, we feature descriptions of Sri Sri Thakur's divinely beautiful physical form, as remembered by his followers from East Bengal and Odisha. Notably, Puri Jagannath Dham, revered as the holiest site in Sanatan Dharma by both Sri Adi Shankaracharya (incarnation of knowledge) and Sri Chaitanya Mahaprabhu (Gauranga Dev) (incarnation of devotion), was also chosen by Sri Sri Thakur Nigamananda (embodiment both knowledge and devotion)—as the sacred ground (*leela khetra*) for his final divine acts on this earth.

Fanibhushan Mitra from Howrah, Kolkata (West Bengal), came across the book *Premik Guru* through a neighbor in BS 1325. It was in this book that he saw Sri Sri Thakur's bigraha (photograph) for the first time. Deeply moved, he began inquiring about Sri Sri Thakur's

whereabouts and soon learned that He was residing at the home of Ashwini Dasgupta on Rani Shankari Lane, Kalighat, Kolkata.

Without delay, Fani Bhai went to Kalighat to meet Him. His first darshan was described vividly:

"His palms and soles were beautifully red, like the 'Jabakusum' flower. His entire body radiated the hue of raw gold. He had a majestic, large frame, long arms, and matted hair flowing down His back. His sharp gaze pierced the hearts of those who saw Him—His eyes seemed to draw even a departing soul back to life."

As the gathering began to disperse after their discussions, Fani Bhai folded his hands and humbly asked if Sri Sri Thakur's grace would ever be bestowed upon him as well. Noticing his deep yearning, Sri Sri Thakur gently said,

"Bathe in the river Ganga and come." The very next day, Fani Bhai received initiation.

He shared this experience:

"In a secluded room at Ashwini Bhai's house, Sri Sri Thakur had already arranged everything for the initiation. As I entered, I beheld 'Mahayogeshwara Hari'—a most splendid and divine vision. Sri Sri Thakur, seated gracefully, smiled and said, 'From today, I am your Guru. Do pranam to me.'

Hearing these words, I felt as though lightning from the universe entered my body. I trembled and asked within, 'Who are you—the infinite reservoir of divine mercy?' With tearful eyes, I bowed down and hugged His feet, weeping deeply. Sri Sri Thakur stood like a silent, unmoving mountain—calm and undisturbed. Then, with a deep and powerful voice, He said, 'This is my wish. Now stand up.'"

This was the only time Sri Sri Thakur ever asked someone to offer Him pranam—a moment reserved solely for the act of initiation. His expression during this time was grave, powerful, and beyond description.

Surabala Maa, recalling her days at Nilachal Kutir in Puri, noted that on the day of any disciple's initiation, she would feel an inner excitement just to witness Sri Sri Thakur's intense Guru-bhava. She emphasized how rare and sacred it was to see Him accept pranam, as He never asked for it otherwise. On this one occasion, however, He expected the disciple to lie fully prostrate on the ground, a gesture symbolizing total surrender.

Another divine meeting was shared by Swami Pragyananda Maharaj, the second elected *Mahanta* of Asam Bangiya Saraswat Math, personally appointed by Sri Sri Thakur. Formerly a police sub-inspector in Mayurbhanj, Odisha, he left worldly life in search of a true Guru. His journey led him to Puri, where he met Sri Sri Thakur.

He describes:

"The first thing that drew me to Him was His majestic yet compassionate presence. His figure was calm, still, and profoundly grave—completely free of restlessness. He could hold

His back and neck upright effortlessly for long durations. His complexion was that of pure gold, and a divine glow radiated constantly from His being. Though He sat among us, it felt as if He didn't belong to this world. His love and compassion overwhelmed me to a point where I was left speechless."

Another disciple, Gopal Chaitanya Brahmachari, first met Sri Sri Thakur in his village, Balyiyati (BS 1330). Upon His arrival, Gopal and the villagers composed and sang a poem capturing the ecstatic joy and divine beauty of Sri Sri Thakur. Two lines from that poem in Bengali are:

" dina hina bhakta amara sabai, ki puja tomare kariba daan
dhoro sadguru dharo upahaar milita bhakter akula praan
Eso premomoy nigamananda gourabarbi kirtiman ,
Eso gunaban eso gyanaban bipula vidya kripanidhan"

(We are humble, helpless devotees,
What offering can we make with ease?
O Sadguru, please accept this heart,
A gift of love we humbly impart.
Come, O Nigamananda, love's pure flame,
Resplendent in glory, honored name.
Come, O virtuous, wise, and kind,
A treasure of knowledge, with grace divine)

By the time of BS 1330, Sri Sri Thakur's physical form had changed from his youthful, lean figure to a slightly fuller one. Yet, He remained strikingly handsome and radiant in appearance. One particularly touching example of pure, motherly devotion during this period comes from a devoted couple from Faridpur—Shri Sashadhar Chakraborty and his wife. A full year before their initiation, the couple had already established Sri Sri Thakur's asana (sacred seat) in their home and began offering daily prayers and worship. Often, while gazing at Sri Sri Thakur's picture, Sashadhar's wife would say longingly, "I wish I could pull Him into my lap and feed Him like my baby."

Even after meeting Sri Sri Thakur in person, her deep sense of maternal affection for Him remained unchanged. Reflecting on this, Sashadhar Bhai once wrote: "It is extremely rare and unusual for a 26 or 27-year-old woman to see such a large, majestic man as her baby." At that time, the couple already had two children of their own. They eventually received initiation in BS 1333, when they first met Sri Sri Thakur in person. They shared their impressions:

"Our Thakur is like the massive planets and stars of the solar system—His physical form is large, yet every part of His body is perfectly proportioned. It is beyond imagination. Among the many saints, warriors, and even well-built wrestlers we've seen, the physical presence of Sri Sri Thakur is truly unmatched and rare."

Ghadishar, a small, lesser-known village in East Bengal (India), became the site of a remarkable spiritual moment. Though few of Sri Sri Thakur's disciples lived there, their fervent

prayers reached Him. In BS 1340, around the month of September, Sri Sri Thakur graciously decided to visit the village to grace the villagers, despite the arduous journey it required. The path was difficult, but Sri Sri Thakur, aware of the hardships, agreed to go. Upon His arrival with His accompanying disciples, a huge crowd of 700–800 villagers had already gathered to greet Him, eager to have His darshan and offer pranam. Seeing the pure devotion and excitement in the villagers' faces, Sri Sri Thakur remarked:

"The place where people come to see a saint simply because they heard 'a saint is visiting'—without knowing any details—yet show such genuine love and devotion, are truly my honored people."

Disciples such as Fani Bhai, Nrupen Bhai, Jogeswar Bhai, Naresh Ch. Pakadashi Bhai, and Swami Pragyananda Maharaj, who were accompanying Sri Sri Thakur, were deeply moved by the heartfelt welcome. They were astonished that **ordinary villagers**, with no prior connection, recognized in Sri Sri Thakur something so profound that they described Him as: "Guru, Sadguru, and even the formless Brahman manifested in human form."

Sri Rabindra Ch. Ray, the son of Sri Nrupen Ch. Ray—a devoted disciple of Sri Sri Thakur—has written numerous articles capturing the divine *leela* (divine play) of Sri Sri Thakur and profound spiritual concepts. In one such recollection, he shares a deeply moving experience and vision of Sri Sri Thakur's divine physical presence.

He recalls: "Sri Sri Thakur's physical form is beyond imagination and beyond description. While many spiritually inclined and learned people often emphasize the formless aspect of the Sadguru, the perfect blend of form and formless—saguna and nirguna Brahman—needs no philosophical proof when one simply beholds Sri Sri Thakur. The divine truth becomes self-evident."

He continues by describing the aspect of Sri Sri Thakur that drew his attention most profoundly: "Out of His entire divine form, my eyes are always drawn first to His lotus feet. The beauty of Sri Sri Thakur's feet is unlike anything ever seen in human form—uniquely radiant, soft, and filled with a sensation akin to a divine current radiating from the core of a high-voltage power station. Every time I touched His feet, I was filled with an indescribable feeling of peace and bliss."

Not only did he offer pranam (salutation) to Sri Sri Thakur's feet, but he was also blessed with the opportunity to perform seva (personal service). He writes: "While softly pressing His feet, I was always careful, afraid that too much pressure might hurt Him. Observing this, Sri Sri Thakur once smiled and said, 'Why are you so hesitant? Let's see how hard you can press!' Only then did I feel at ease holding His soft, divine feet in my hands."

He also recalls the unforgettable depth of Sri Sri Thakur's gaze: "His eyes are beyond comparison—overflowing with divine love (bhava), as if infinite compassion was condensed into a single, still point. His gaze held two extremes at once: an intimate closeness and a distant omniscience, as though He could see into the farthest reaches of existence."

One vivid incident stands out in his memory: "Once, Sri Sri Thakur was in deep discussion with devotees at our home in Mahadevpur. The room was filled with people. Suddenly, He turned to me and said, 'Open the back door.' Curious, I obeyed. To everyone's amazement, standing outside were two middle-aged women who had come from a distant place. They said the crowd at the front door was too thick, so they had come to the back. I led them inside. All present were left speechless. Though seated indoors, Sri Sri Thakur had already seen them. Such was the divine vision—His sight was not limited by walls or space. He could perceive all that was unfolding, near and far. Even today, Sri Sri Thakur remains ever-awake and responsive to those who sincerely seek His compassion. Countless such miraculous incidents have been documented in the book Nigam Nibandhabali."

The following section presents experiences and descriptions shared by disciples from Odisha, India, who met Sri Sri Thakur during His time in Puri, at Nilachala Kutir—the home personally purchased by Him, where He spent the final ten years of His earthly *leela*. More about this sacred place and related divine experiences can be found in the writings of Narayani Devi and other publications.

Towards the end of His divine physical *leela* in this world, Sri Sri Thakur was drawn by His own deepest spiritual vision to the sacred land of Puri, the eminent Dham of Purushottam—now in Odisha. In this revered place, also known as Sri Kshetra, He chose to establish the Nilachala Saraswata Sangha—a final treasure offered to humanity, the fruit of His lifelong and arduous sadhana.

The last 14 years of Sri Sri Thakur's earthly presence were predominantly spent in this holy land, where He showered His divine grace upon the people of Utkala (Odisha). A few fortunate souls received direct initiation from Him during this time, becoming living testimonies of the spiritual awakening He inspired.

Among the many Odia disciples of Sri Sri Thakur, a few names stand out for their deep devotion and service: Banamali Das Bhai, Durgacharana Mohanty Bhai, Chaitanya Charana Das Bhai, Balaji Raju Bhai, Dinabandhu Deo Bhai, Iswar Sahu Bhai, Ekadashi Bhai, Nrupala Bhai, Gobinda Bhai, Khirodnath Singh Bhai, and many others.

Some among them have shared their first experiences and divine encounters with Sri Sri Thakur—narratives that continue to inspire generations of seekers.

Banamali Das Bhai was appointed by Sri Sri Thakur as the Secretary and later the President of the Nilachala Saraswata Sangha, Puri, Odisha. Before meeting Sri Sri Thakur in person, Banamali Bhai had a profound mystical experience. He once clearly saw a divine-human figure—radiant and alive—on the moon. The vision was remarkably vivid and remained with him for several days.

Then, on March 3rd, 1934, when Banamali Bhai visited Nilachala Kutir for the first time and stood before Sri Sri Thakur, he was overwhelmed. He realized with awe and joy that the divine form he had seen on the moon was none other than Sri Sri Thakur Himself, now standing before him in living form. Immersed in divine bliss, Banamali Bhai surrendered completely at

His lotus feet. Banamali Bhai emphasized that understanding Sri Sri Thakur's swaroopa (inner divine nature) was far more significant than merely describing His roopa (physical form).

He writes: "After attaining siddhi in Tantra, Jnana, and Yoga, our Thakur received the blessings of Maa Annapurna, much like Adi Shankaracharya. It was She who introduced Him to Bhava Sadhana (the path of devotional emotion). After attaining perfection in Bhava Sadhana, He resided for an extended period with Maa Mahamaya in the Garo Hill mountain ranges. This Mahamaya—under whose influence the entire universe lives in the spell of maya—has even the great Hari, the Preserver, under Her sway. She governs even the jnanis (the enlightened). Yet this supreme force, the centrifugal source of creation, preservation, and dissolution, became a servitor to the Bhava-siddha Sri Sri Thakur, not for a day or two, but for several months. The kind of divine relationship displayed between God and devotee here—like a sacred union—is seldom found in the traditions of Arya Sadhana. Joking and playing with Maa Mahamaya Herself! Hail to the son of Bharat, the crown jewel of sages and siddhas—Sri Gurudev! Glory to Your Sadhana! Glory to Your divine power! O Sri Gurudev, it is doubtful whether such a perfected sadhaka will descend upon this land again in the next thousand years."

Another eminent devotee, Durgacharan Mohanty Bhai, the former President of Nilachala Saraswata Sangha, first saw Sri Sri Thakur on March 30th, 1930 (Thursday) at Nilachala Kutir.

Describing the moment, he writes: "It was around 5 p.m.—an auspicious and unforgettable moment—when I first had darshan of Sri Sri Thakur. That day, He was seated gracefully on a well-decorated chair, with His feet resting on a footstool, holding a hookah pipe in one hand, gently smoking *tamakhu*.

What I saw was like a living idol of Lord Shiva, glowing white like camphor, sitting still in serene majesty. A confined yet intense light seemed to radiate from His body in a human form. My mind was irresistibly drawn to His lotus feet. The soles of His feet looked exactly like fully bloomed red lotus flowers—as if those lotus blossoms were resting in crystal-clear water. The sight of His feet, crossed gracefully on a white cloth-covered footstool, was utterly mesmerizing and filled my mind with divine joy. In that silent, awe-filled moment, Sri Sri Thakur suddenly spoke: 'What do you want?' Startled and humbled, I lifted my gaze from His Sri Charana (feet) to behold His full form. I saw broad shoulders, a face filled with serene radiance, a body that glowed with an inner light, and eyes brimming with compassion. His lips curved into a gentle smile, and His voice—soothing and deep—was full of love and grace. At that moment, hearing His words—'What do you want?'—I felt as though Sri Sri Thakur had known me for lifetimes. The sweetness of His tone, the affection in His gaze, and the graciousness of His presencewere unlike anything I had ever encountered in this life. I knew then that He was mine from time immemorial."

At the time Durgacharan Bhai first met Sri Sri Thakur, he was a young student, studying in the ninth grade at a school under the Puri District Board. After his initial darshan, several of his classmates—Nrupal Ji Bhai, Banchanidhi Bhai, Ekadashi Bhai, and Gobinda Bhai—were also blessed with the opportunity to meet Sri Sri Thakur. All of them were teenagers, studying at District board school in Puri.

During those days, a remarkable and noteworthy event took place. While residing in Nilachala Kutir, near Swargadwar, Sri Sri Thakur had consciously withdrawn from public life. He maintained a state of self-concealment, and even his closest disciples from Bengal were not allowed to meet Him without express permission. However, by His infinite grace, these young boys were recognized and accepted by Him—a rare honor. A small excerpt from the book Nilachala Bani sheds light on this divine gesture:

"One day, while speaking to a disciple, Sri Sri Thakur remarked, 'Some devotees, after initiation, feel there is no need to meet me. If you don't feel it important to come and see me, then why should I remain in Puri? It is by meeting, bowing down to, and listening to the Guru's words that the power of SriGuru is transmitted to the disciple."

From this statement, it became clear that Sri Sri Thakur intended to build a new generation of spiritual seekers in Puri. His stay at Puridham was not a quiet retreat during the last phase of His life—it was an integral part of His greater spiritual mission.

In this context, Durgacharan Bhai later writes: "Not only were we overwhelmed with joy by touching and bowing at the feet of Sri Sri Thakur, but He too seemed genuinely pleased to meet us. Though He often tried to conceal His divine identity in Puri, the unearthly glow of His physical form naturally attracted the attention of the public."

In 1933 AD, Sri Sri Thakur visited the vicinity of the Jagannath Temple to observe the Rath Yatra. From among the crowd, a curious gentleman asked, "Who is he?" Due to Sri Sri Thakur's clear instruction to maintain privacy, the disciples simply responded, "Can't you see? He is a noble gentleman." However, the same man later directly approached Sri Sri Thakur and asked, "What is your name?" With a grave tone, Sri Sri Thakur replied, "My name is Gurudas."

Hearing this, the man, visibly moved, said to the disciples, "He looks like Thakur Nigamananda."

This incident confirmed what many knew intuitively—Sri Sri Thakur can only be recognized if He wills it, and His grace is not given lightly. In choosing a few Odia youth, He laid the foundation for His new divine endeavors in Nilachala.

With the exception of Banamali Bhai and Chaitanya Bhai, the other devotees, including Durgacharan Bhai, were still in high school. Yet, it was upon these young shoulders that Sri Sri Thakur founded the Nilachala Saraswata Sangha, entrusting them with the noble mission of societal upliftment through spiritual service. The sole object of worship at the Nilachala Saraswata Sangha was Gurutattwa—the Divine Principle of the Guru.

Even though Sri Sri Thakur's physical body showed signs of aging and appeared slightly fuller over time, devotees and disciples never perceived in Him the usual limitations or characteristics of an ordinary human form. Instead, they witnessed several divine and extraordinary traits, as shared below by those who had the blessing of close proximity to Him:

- Radiant Complexion: His bodily complexion would change with the time of day—glowing like the sun in the morning, and taking on a bluish hue by afternoon. His palms and soles were naturally red, resembling lotus petals.

- Hair and Nails: His hair and nails never grew, an uncommon and mystical trait.
- Fragrant Perspiration: While He rarely perspired, during His time in Puri, Odisha, devotees occasionally noticed Him sweating. Yet, instead of any odor, they experienced a divine fragrance emanating from His body.
- Illness: Even when experiencing cold or cough, no one ever saw Him spit or clear His throat. Nor was He ever seen yawning, sighing, or exhaling heavily.
- Restroom Habits: He visited the restroom twice a day—once in the morning and once in the evening—and the toilet four times daily. Astonishingly, after He exited, the sevakas noted not a trace of any odor but rather a subtle, pleasant fragrance.
- Water Intake: He drank water only after meals, which meant thrice a day.
- Minimal Consumption: His food intake was very modest—less than half of what was offered to Him—though He regularly drank milk.
- Composure During Storms: Even during natural calamities such as cyclones or storms, Sri Sri Thakur remained calm and undisturbed, reflecting His complete mastery over the elements.
- Invocation of Divinity: Before every action—whether standing up or sitting down—He would gently utter "Jayaguru," invoking the presence and remembrance of the Divine Guru.

On a Tuesday in the year BS 1342, when devotees asked Sri Sri Thakur to speak about His physical body, He offered a rare and profound glimpse into His divine nature:

"I have the causal body (chinmaya deha) within this physical form. Though I have acquired a mortal body, I possess complete awareness of both its center and perimeter. I am still Brahman within this form. Many rishis and sages dwell within me. Even if you meditate on this physical body, you will attain the fruits of all arduous spiritual practices. I exist—and will continue to exist—to guide you, even after leaving this physical shell."

This statement unveils the spiritual dimension of His presence—that His physical form itself is a vehicle of salvation and His guidance eternal.

In a moment of deep affection and spiritual generosity, **Sri Sri Thakur** once revealed:

"The Sangha is my Swaroopa. Devotees are drawn to the Sangha because I manifest there. You may give up all other practices—just try to love me a little. Do you know why you don't need to perform intense penance or sadhana individually? It is because I already undertook the severest austerities, knowing you would come to me. I churned the vast ocean of spiritual sadhana and brought forth jars of nectar. If you love me, you shall gain everything. Even if you merely meditate on this physical body, you will receive the fruits of all the sadhana I performed." This divine utterance stands as the seed of His eternal presence in the Nilachala Saraswata Sangha, where the Guru is not just revered but embodied as the ultimate spiritual path.

**America Saraswata Sangha Editorial Board**

# ଶ୍ରୀଶ୍ରୀଠାକୁର ମହାରାଜାଙ୍କର ବିବାହ ପ୍ରସଙ୍ଗ : ପ୍ରାକୃତ ଜଗତରେ ଏକ ଅପ୍ରାକୃତ ଲୀଳା

**ଶ୍ରୀଶ୍ରୀଠାକୁର ମହାରାଜାଙ୍କର ବିବାହ ଚରିତ ଏକ ଅସାଧାରଣ ପ୍ରସଙ୍ଗ । ପୂର୍ବଜନ୍ମର ସାଧନସିଦ୍ଧିବଶତଃ ଶିବତ୍ୱରେ ପ୍ରତିଷ୍ଠିତ ହୋଇ ସେ ସ୍ୱୟଂ ଜଗଜ୍ଜନନୀଙ୍କୁ ମାନବୀ ପାର୍ବତୀ ରୂପରେ ପତ୍ନୀ ବରଣ କରି ମୟନମତୀ ପାହାଡ଼ରେ ଆଦର୍ଶ ଗୃହସ୍ଥ ଜୀବନଯାପନ କରିଥିଲେ । ବିଧି ନିର୍ଦ୍ଦେଶିତ କୌଣସି କାରଣବଶତଃ ଏହି ଅପ୍ରାକୃତିକ ସାଂସାରିକ ଜୀବନ କିଛି ବର୍ଷ ପରେ ଅନ୍ତ ହୋଇଥିଲେ ହେଁ ଶିବତ୍ୱରେ ପ୍ରତିଷ୍ଠିତ ବ୍ରହ୍ମାନନ୍ଦ ଗିରି ଓ ପାର୍ବତୀରୂପୀ ଜଗଜ୍ଜନନୀଙ୍କର ସମ୍ପର୍କ ଯେ ଅଧିକ ଦୃଢ଼ୀଭୂତ ହୋଇଥିଲା, ଜଗଜ୍ଜନନୀଙ୍କର ବିଦାୟକାଳୀନ ମହାବାକ୍ୟରୁ ତାହା ପ୍ରତୀୟମାନ ହୁଏ ।** ଶ୍ରୀ ମଦନ ଗୋପାଳ ମୁଖୋପାଧ୍ୟାୟଙ୍କ ଲିଖିତ 'ବ୍ରହ୍ମାନନ୍ଦ ଗିରି' ଗ୍ରନ୍ଥରେ ଯେପରି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖ ନିଃସୃତ କଥା ବର୍ଣ୍ଣିତ ହୋଇଛି, "ମା' ଏହି ସମୟରେ ଶୂନ୍ୟରୁ କହିଲେ....କିଛିଦିନ ତୀର୍ଥ ଭ୍ରମଣ କରି ଚିତ୍ତଶୁଦ୍ଧି ପାଇଁ ଆଦେଶ ଦେଲେ ।...(୧) ମାନସିକ ଅବସ୍ଥା ଶାନ୍ତ ହେଲେ ଚନ୍ଦ୍ରଶେଖର ପର୍ବତରେ (କାମାକ୍ଷା ପର୍ବତ)ରେ ଯାଇ ତପସ୍ୟାରତ ହେବ ଓ ଯେଉଁ ସଂସ୍କାର ଆମର ଆଶୁ ବିଚ୍ଛେଦର କାରଣ ହେଲା ସେସବୁ ତ୍ୟାଗ କରିବାକୁ ଶିକ୍ଷା କରିବ । (୨) ଅନ୍ୟ ଏକ କଥା - ତୁମ୍ଭର ସାଧନାର ସିଦ୍ଧି ସ୍ୱରୂପ ମୁଁ ବର ଦେବାକୁ ଇଚ୍ଛା କରିଥିବାରୁ ତୁମେ ମୋତେ ଦ୍ୱାଦଶ ଦଣ୍ଡ ଯାଏଁ ପ୍ରସ୍ତର ବହନ କରାଇଥିଲ । ଏଣୁ ପରବର୍ତ୍ତୀ ଜୀବନରେ ୧୨ ବର୍ଷ ପ୍ରସ୍ତରବତ ଜଡ଼ ହୋଇ ଜୀବନଯାପନ କରିବାକୁ ପଡ଼ିବ । (୩) ଦ୍ୱାଦଶ ବର୍ଷରେ ମୁଁ ତୁମକୁ ଦେହମୁକ୍ତ କରିଦେବି, ତତ୍ ପରବର୍ତ୍ତୀ ଜନ୍ମ ତୁମ୍ଭେ ବଙ୍ଗଦେଶରେ କର୍କଟ କ୍ରାନ୍ତି ନିକଟବର୍ତ୍ତୀ ନଦିୟା ଜିଲ୍ଲାର କୌଣସି ସ୍ଥାନରେ ଜନ୍ମଗ୍ରହଣ କରିବ ଏବଂ ମୋର ସାକ୍ଷାତ ପାଇବ । (୪) ସେହି ଜନ୍ମରେ ମୁଁ ତୁମ୍ଭର ସବୁ ଅପୂର୍ଣ୍ଣତା ଦୂର କରିଦେବି । ତୁମ୍ଭେ ଜଗତର ସାର୍ବଭୌମ ଗୁରୁ ହୋଇ ସନାତନ ଧର୍ମ ପ୍ରଚାର ଦ୍ୱାରା ଜଗଦ୍‌ଗୁରୁଙ୍କ ଭୁବନ ମଙ୍ଗଳ କାର୍ଯ୍ୟରେ ଆତ୍ମନିୟୋଗ କରିବ ।" ଏହିପରି ସ୍ୱାମୀ ବ୍ରହ୍ମାନନ୍ଦ ଗିରି ପାର୍ବତୀ-ରୂପିଣୀ ଜଗଜ୍ଜନନୀଙ୍କ ସହିତ ୪-୫ ବର୍ଷର ସଂସାର ଲୀଳା କରିଥିଲେ । ପରବର୍ତ୍ତୀ ଜନ୍ମରେ ମା' ଠାକୁରାଣୀ ସୁଧାଂଶୁବାଳାରୂପିଣୀ ଜଗଜ୍ଜନନୀଙ୍କୁ ପୁନଶ୍ଚ ପତ୍ନୀ ରୂପରେ ପାଇବା ପରେ ତାଙ୍କର ବିଶ୍ୱଗୁରୁ ହେବାର ଲୀଳା ଆରମ୍ଭ ହୋଇଥିଲା । ଉଭୟ ଜନ୍ମରେ ଶ୍ରୀଶ୍ରୀଠାକୁରଙ୍କର ଜଗଜ୍ଜନନୀଙ୍କୁ ପତ୍ନୀ ରୂପରେ ପାଇବାର କଥା ଯେ କିପରି ପ୍ରାକୃତ ଜଗତରେ ଏକ ଅପ୍ରାକୃତ ଲୀଳା, ତାହା ଏହି ପ୍ରବନ୍ଧର ପ୍ରତିପାଦ୍ୟ ବିଷୟ ।

**ବିବାହର ଅର୍ଥ ଓ ଗୁରୁତ୍ୱ :**

ଲୀଳା ପ୍ରସଙ୍ଗ ୧ମ ଭାଗରେ ପ୍ରକାଶିତ 'ଭାରତକନ୍ୟା ସୁଧାଂଶୁବାଳା' ପ୍ରବନ୍ଧରେ ଶ୍ରୀ ନାରାୟଣୀ ଦେବୀ ଶ୍ରୀଶ୍ରୀଠାକୁରଙ୍କ ବିବାହକୁ ଲକ୍ଷ୍ୟ କରି ଏକ ସୁନ୍ଦର ବ୍ୟାଖ୍ୟା ପ୍ରଦାନ କରିଛନ୍ତି (୧୦୩ ପୃଷ୍ଠା) । ସେ ଲେଖିଛନ୍ତି, "ବିବାହ ହିଁ ନାରୀର ବୈଦିକ ସଂସ୍କାର ଅର୍ଥାତ୍ ଦ୍ୱିଜତ୍ୱ ଲାଭ ବା ଉପନୟନ ନାମକ ସାବିତ୍ରୀ ଦୀକ୍ଷା । ଆଉ ସ୍ୱାମୀ ସେବା ହିଁ ଗୁରୁକୁଳ ବାସ ଅର୍ଥାତ୍ ନାରୀ ମାତ୍ରେ ହିଁ ନୈଷ୍ଠିକ ବ୍ରହ୍ମଚାରୀଙ୍କର ସମତୁଲ୍ୟ । କାରଣ ଆଜୀବନ ଗୁରୁକୁଳରେ ବାସ କରିଥାନ୍ତି କେବଳ ନୈଷ୍ଠିକ ବ୍ରହ୍ମଚାରୀ, ସାମାଜିକ ମର୍ଯ୍ୟାଦାରେ ଯେଉଁମାନେ ଯତି ବା ବୈଦିକ ସନ୍ନ୍ୟାସୀ । କିନ୍ତୁ ଗୃହ କର୍ମ ହିଁ ନାରୀର ନିତ୍ୟଯଜ୍ଞ, ଅଗ୍ନିସେବା ବା ଯଜ୍ଞକର୍ମ । ଅର୍ଥାତ୍ ବିବାହିତା ନାରୀ ଏକ ସ୍ୱାମୀ ଓ ଶ୍ୱଶୁର କୂଳର ଏକାନ୍ତ ସେବା ଦ୍ୱାରା ହିଁ ଚତୁରାଶ୍ରମ ପାଳନ କରି ଅନ୍ତକାଳରେ ମହାଫଳ ଲାଭ କରିପାରେ । ପ୍ରେମସ୍ୱରୂପା ନାରୀର ଅନ୍ୟ କୌଣସି ସାଧନା ଶାସନ ଓ ସାଧୁମୁଖରେ ନିର୍ଦ୍ଧାରିତ ହୋଇନାହିଁ । ଆମ ଦେଶରେ ସତୀଧର୍ମ ଓ ପାତିବ୍ରତ୍ୟର ଯେଉଁ ଆଦର୍ଶ ଇତିହାସ ପୁରାଣରେ ବର୍ଣ୍ଣିତ ହୋଇଛି, ସେଥିରୁ ନାରୀର ଧର୍ମ କୌଣସି ଗୁଣରେ ପୁରୁଷର ଧର୍ମାଚରଣ ଅପେକ୍ଷା ସହଜ ସରଳ ବୋଲି ବୋଧ ହୁଏ ନାହିଁ । ସେମାନଙ୍କର ଜୀବନ ତ୍ୟାଗ, ତପସ୍ୟା, କ୍ଷମା, ଦୟା, ସ୍ନେହ ଓ ଧର୍ମନିଷ୍ଠାରେ ପବିତ୍ର । କେତେ କମ ବୟସରୁ ନିଜ ଲୋକମାନଙ୍କୁ ଛାଡ଼ି ପରଘରର ସଂସାରରେ ପରମାନଙ୍କର ମନ ନେଇ ସେବା କରି ନାରୀମାନେ ଜୀବନ ବିତାନ୍ତି । ସେ ସବୁ ଆମେ ଭୁଲିଯାଇଛୁ ବୋଲି ଭାବୁ ନାରୀମାନେ କି ସାଧନ ଭଜନ କରିପାରିବେ ? ସେମାନେ କେବଳ ସଂସାର କରନ୍ତି । କିନ୍ତୁ ଧର୍ମବୁଦ୍ଧିରେ ସଂସାରରେ କର୍ତ୍ତବ୍ୟ ପାଳନ କରିବା ସହଜ କଥା ନୁହେଁ । ସବୁ ନାରୀ ତାହା ପାରନ୍ତି ନାହିଁ । ଏ ଯୁଗରେ ଲକ୍ଷ୍ମୀ ଦେବୀ, ଅର୍ଦ୍ଧକାଳୀ ମା (ବେଦରେ ଦେବମାନଙ୍କୁ 'ଅର୍ଦ୍ଧଦେବଂ' କୁହାଯାଏ । ମନେହୁଏ କୌଣସି ବେଦଜ୍ଞ ପଣ୍ଡିତ ମାଣିକଗଞ୍ଜର ଭଟ୍ଟାଚାର୍ଯ୍ୟ ବନିତାଙ୍କୁ ଅର୍ଦ୍ଧକାଳୀ ଅର୍ଥାତ୍ ମାନବୀ କାଳିକା ନାମ ଦେଇଛନ୍ତି), ମା' ଠାକୁରାଣୀ ସୁଧାଂଶୁବାଳା, ସାରଦେଶ୍ୱରୀ ଏହାର ଉଦାହରଣ । ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀଦେବୀ ଓ ସାରଦା ମା' ଅବତାର ପୁରୁଷଙ୍କର ବନିତା ବୋଲି ଅଲୋକ ସାମାନ୍ୟା ।

କିନ୍ତୁ ଅନ୍ୟ ଦୁଇଜଣ ମାନବୀ ହୋଇ ମଧ୍ୟ ନିପୁଣତା ସହକାରେ ସଂସାର-ଧର୍ମ ଯାପନ ଭିତରେ ହିଁ ଦେବୀତ୍ୱ ଅର୍ଜନ କରିଥିଲେ। ଶ୍ରୀମତ୍ ରାମାନନ୍ଦ ମହାରାଜ (ଶ୍ରୀଶ୍ରୀଠାକୁରଙ୍କ ସାନଭାଇ) ଠାକୁରାଣୀ ସୁଧାଂଶୁବାଳାଙ୍କର ନିଷ୍ପାପୂତ ସେହି ତପଶ୍ଚର୍ଯ୍ୟା ଓ ପତିପ୍ରେମର କଥା ହିଁ ପ୍ରକାଶ କରିଛନ୍ତି। ବୃନ୍ଦାବନ ଦାସଙ୍କ 'ଚୈତନ୍ୟ ଭାଗବତ'ରେ ଗୌରାଙ୍ଗଦେବଙ୍କ ପତ୍ନୀ ଲକ୍ଷ୍ମୀ ଠାକୁରାଣୀଙ୍କର ଅପୂର୍ବ ଜୀବନଚରିତ ଯେପରି ଆଜି ମଧ୍ୟ ସବୁ ନାରୀଙ୍କର ଅନୁକରଣୀୟ, ଠାକୁରାଣୀ ସୁଧାଂଶୁବାଳାଙ୍କର ଚରିତ ମଧ୍ୟ ସେହିଭଳି ସତୀ ଚରିତାବଳୀର ମଧ୍ୟମଣି ହୋଇପାରେ। ଅନଳସ କର୍ମ ଦକ୍ଷତାରେ, ସ୍ନେହରେ, ପ୍ରେମରେ, ସେବାନୈପୁଣ୍ୟରେ ସେ ଅନନ୍ୟା ଥିଲେ। ନିଷ୍କଞ୍ଚନ ଆତ୍ମତ୍ୟାଗରେ, ଦୟା ଦାକ୍ଷିଣ୍ୟରେ ସେହି ଚରିତ୍ର ମାନବୀୟ ନୁହେଁ, ଶିବ-ସୀମନ୍ତିନୀ ଉମାସତୀଙ୍କର ହିଁ ଆଲେଖ୍ୟ।"

**ହିନ୍ଦୁ ସ୍ତ୍ରୀ**

**ଶ୍ରୀଶ୍ରୀଠାକୁର ମହାରାଜାଙ୍କର ବିବାହ ପ୍ରସଙ୍ଗ ଆଲୋଚନା କଲାବେଳେ ତାଙ୍କ ଶ୍ରୀମୁଖ ନିଃସୃତ ଆଉ ଏକ ଅନୁଶୀଳନାତ୍ମକ ବର୍ଣ୍ଣନା ନୟନଗୋଚର ହୁଏ। ଏହା ଲିପିବଦ୍ଧ ହୋଇଛି ପ୍ରଜ୍ଞାନନ୍ଦ ମହାରାଜାକୃତ 'ଶ୍ରୁତିସ୍ମୃତି' ଗ୍ରନ୍ଥରେ। ୨୭ ଆଶ୍ୱିନ, ଶନିବାର, ୧୯୨୮ ମସିହା ଦିବସରେ ବସ୍ତର ରାଜବାଟୀରେ ରାଜା ସାହେବ, ରାଣୀ ସାହେବା ଓ ତାଙ୍କର ଶିଷ୍ୟ ଶିଷ୍ୟାମାନଙ୍କୁ ଶ୍ରୀଶ୍ରୀଠାକୁର କହିଛନ୍ତି,** "ହିନ୍ଦୁ ସ୍ତ୍ରୀ ସ୍ୱାମୀଙ୍କର ସହଧର୍ମିଣୀ। ଅନ୍ୟ ଧର୍ମ ବା ସମାଜରେ ଏହାର ପ୍ରତିଶବ୍ଦ ନାହିଁ। ସିଭିଲ ମ୍ୟାରେଜଟା ବିବାହ ନୁହେଁ। ପ୍ରକୃତି ପୁରୁଷ ସମ୍ବନ୍ଧରେ ସ୍ତ୍ରୀ ଓ ସ୍ୱାମୀଙ୍କର ସମ୍ବନ୍ଧ। ସ୍ତ୍ରୀ ପକ୍ଷରେ ସ୍ୱାମୀ ପୂଜ୍ୟ, ଜଗତ୍ ସ୍ୱାମୀର ପ୍ରତୀକ। ପୁଣି ସ୍ୱାମୀ ପକ୍ଷରେ ସ୍ତ୍ରୀ ଜଗଦମ୍ବାସ୍ୱରୂପିଣୀ। ପୁରୁଷ ସ୍ୱଭାବତଃ ଉଦାସୀ, ସ୍ତ୍ରୀ ଗୃହିଣୀ, ସଂସାରୀ। ସ୍ତ୍ରୀ-ସହାୟ, ଯେପରି ଗୁରୁର ଚେଲା। ସ୍ୱାମୀ ସ୍ତ୍ରୀର ଗୁରୁ। ସାଧକ ଯେପରି ଗୁରୁଙ୍କ ଭିତର ଦେଇ ଭଗବତ କୃପା ଲାଭ କରିବ, ସ୍ତ୍ରୀ ମଧ୍ୟ ସେହିପରି ସ୍ୱାମୀ ଭିତର ଦେଇ ଭଗବତ୍ କରୁଣା ଉପଭୋଗ କରିବ।

ପ୍ରକୃତି ଯୋନି – ଅହଂ ବୀଜପଦ ପିତା। ଭୋଗ ଭିତର ଦେଇ ଜୟ କରିବାକୁ ହେବ। ଘୃଣାରେ ଜୟ ହୁଏ ନାହିଁ, ଶ୍ରଦ୍ଧା ଓ ଭକ୍ତିରେ ଜୟ ହୁଏ। ସ୍ୱାମୀ-ସ୍ତ୍ରୀ ବା ପୁରୁଷ-ପ୍ରକୃତି ଦୁଇଜଣ ହିଁ ଅପୂର୍ଣ୍ଣ, ଉଭୟଙ୍କ ମିଳନରେ ପୂର୍ଣ୍ଣତା, ଏହାକୁ 'ଆତ୍ମସମ୍ପୂର୍ତ୍ତି' କହନ୍ତି।" (୨୦୪ ପୃଷ୍ଠା)

**ସ୍ୱାମୀ-ସ୍ତ୍ରୀ-ସାଧନା**

ବିବାହ ବନ୍ଧନ ଦେଇ ସ୍ୱାମୀ-ସ୍ତ୍ରୀ ଭାବର ସାଧନା ସମ୍ପର୍କରେ ଶ୍ରୀଶ୍ରୀଠାକୁର ଯେପରି କହିଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ଏଠାରେ ବିବାହ-ପ୍ରସଙ୍ଗ ଆଲୋଚନା କଲାବେଳେ, ଏହାର ପରିବେଷଣ ଅତ୍ୟନ୍ତ ଜରୁରୀ ମନେହୁଏ। ଜୀବନୀ ଓ ବାଣୀ ଗ୍ରନ୍ଥର ୨୧୦ ପୃ.ରେ 'ପ୍ରେମର ସାଧନା' ଶୀର୍ଷକ ଆଲୋଚନାରେ ଶ୍ରୀଶ୍ରୀଠାକୁର କହିଛନ୍ତି, **"ମହତ ଲୋକଙ୍କର କୃପାରେ ପ୍ରେମର ସ୍ଫୁରଣ ହୁଏ। ସାଧନା କରି ପ୍ରେମର ସ୍ଫୁରଣ ହୁଏ ନାହିଁ। ପ୍ରେମର ସାଧନାରେ ନାରୀ ଯେପରି ପୁରୁଷକୁ ପରିଚାଳିତ କରିପାରେ, ପୁରୁଷ ମଧ୍ୟ ସେହିପରି ନାରୀଙ୍କୁ ପରିଚାଳିତ କରିପାରେ। ତେବେ ନାରୀମାନଙ୍କ ପ୍ରେମଭାବଟା ସ୍ୱାଭାବିକ। ମୋ ନିକଟକୁ ଏହି ପ୍ରକାର ଗୋଟିଏ ସ୍ତ୍ରୀ ଆଉ ଗୋଟିଏ ପୁରୁଷ ଆସିଥିଲେ। କି ସୁନ୍ଦର ସେମାନଙ୍କର ଭାବ। ସ୍ତ୍ରୀ ଲୋକଟିର ବୟସ ପ୍ରାୟ ଚାଳିଶ। ଆଉ ପୁଅଟିର ବୟସ କୋଡ଼ିଏ କି ବାଇଶି। ସ୍ତ୍ରୀ ଲୋକଟି ପ୍ରେମରେ ସିଦ୍ଧା ଥିଲା। ମୁଁ ସ୍ତ୍ରୀ ଲୋକଟିକୁ ପଚାରିଲି (ପୁଅଟିକୁ ଦେଖେଇ) 'ସେ ତୁମର କିଏ ?' କହିଲେ – 'ସେ ମୋର ଠାକୁର।' ପୁଅଟିକୁ ପଚାରିଲି (ସ୍ତ୍ରୀ ଲୋକଟିକୁ ଦେଖେଇ), 'ସେ ତୁମର କ'ଣ ହୁଏ ?' ପୁଅଟି ଉତ୍ତର ଦେଲା, 'ମୁଁ ଜାଣେନା, ସେ ମୋର କିଏ।' ଏହି କଥା କହିବା ମାତ୍ରେ ଦୁଇ ଆଖିରୁ ଟପ୍‌ଟପ୍ କରି ଲୁହ ଗଡ଼ି ପଡ଼ିଲା।"**

ଏହାପରେ ଶ୍ରୀଶ୍ରୀଠାକୁର କହିବାକୁ ଲାଗିଲେ, **"ଆମର ଶୈଳ ଥିଲା, ସେ ଅଷ୍ଟସଖୀ ମଧ୍ୟରୁ ଗୋଟିଏ ସଖୀରେ ଯାଇ ଲୀନ ହେବ। ଭଗବାନଙ୍କୁ ସ୍ୱାମୀ ଭାବରେ ଭଜନା କରିବା ପାଇଁ ତା'କୁ ମୁଁ ଉପଦେଶ ଦେଇଥିଲି। ପୁରୁଷମାନେ ସବୁ ନଷ୍ଟ କରିଦିଅନ୍ତି। ତା' ନହେଲେ ସ୍ତ୍ରୀ ସହିତ କି ମଧୁମୟ ଜୀବନଯାପନ କରା ନ ଯାଆନ୍ତା। କୌଣସି କୌଣସି କ୍ଷେତ୍ରରେ ସ୍ତ୍ରୀ ଅସଂଯମୀ ପୁଣି କେଉଁଠି ପୁରୁଷ ଅସଂଯମୀ। xxx ଲକ୍ଷ୍ୟ କରି ଦେଖିଛି ଯେଉଁମାନେ ଠାକୁରଙ୍କୁ (ମୋତେ) ଭଲ ପାଆନ୍ତି ସେହି ସମସ୍ତ ନାରୀ ସତୀ-ସାଧ୍ୱୀ। ସେମାନେ ସ୍ୱାମୀଙ୍କୁ ମଧ୍ୟ ଭଲ ପାଆନ୍ତି, ପୁଣି ମଝିରେ ମୋତେ। ସେମାନେ କିପରି ଏହାର ସାମଞ୍ଜସ୍ୟ କରିନିଅନ୍ତି। ଶେଷରେ ସେମାନେ ସ୍ୱାମୀ ଭିତରେ ମୋତେ ଦେଖିବାକୁ ପାଆନ୍ତି।"**

**ବିବାହ ବ୍ୟବସ୍ଥାର ଆବଶ୍ୟକତା ଓ ଫଳାଫଳ :**

ବିବାହ ଓ ବ୍ରହ୍ମଚର୍ଯ୍ୟ ରକ୍ଷା ସମ୍ପର୍କରେ କିଛି ପ୍ରଶ୍ନ ଜନସାଧାରଣଙ୍କ ମନରେ ଆସିଥାଏ। ଏହି ପ୍ରଶ୍ନ ହେଲା – ବ୍ରହ୍ମଚର୍ଯ୍ୟ ପ୍ରତିପାଳନ ଦ୍ୱାରା ଯେବେ ଜୀବନରେ ସୁଖ ଶାନ୍ତି ଲାଭ ହୁଏ, ତେବେ କେଉଁମାନଙ୍କ ପାଇଁ ବିବାହ ଏକାନ୍ତ ଆବଶ୍ୟକ ? ୬ଷ୍ଠ ବର୍ଷ ସଂଘ-ସେବକର ୭୩

ପୃଷ୍ଠାରେ ଉତ୍ତର ଦିଆଯାଇଛି ଯେ "ବିବାହ ବ୍ୟବସ୍ଥା ସମସ୍ତଙ୍କ ନିମିତ୍ତ ନୁହେଁ। ପୂର୍ବକାଳରେ ସମସ୍ତେ ଗୁରୁକୁଳରେ ବାସ କରି ବ୍ରହ୍ମଚର୍ଯ୍ୟ ବ୍ରତ ପ୍ରତିପାଳନ କରୁଥିଲେ। ଗୁରୁଦେବ ଯାହାଙ୍କୁ ସଂସାର କରିବାକୁ ଆଦେଶ ଦେଉଥିଲେ, ସେହିମାନେ କେବଳ ଗୃହସ୍ଥାଶ୍ରମରେ ପ୍ରବେଶ କରି ଗୃହସ୍ଥ ଧର୍ମ ପ୍ରତିପାଳନ ନିମିତ୍ତ ସହଧର୍ମିଣୀ ଗ୍ରହଣ କରୁଥିଲେ। ବର୍ତ୍ତମାନ ଯୁଗରେ ବିବାହ ହିଁ ବନ୍ଧନର କାରଣ। ଦରିଦ୍ର ଅବସ୍ଥାରେ ବିବାହ କରି ଯଦି ଅଧିକ ପୁତ୍ରକନ୍ୟା ଜାତ ହୁଅନ୍ତି, ତେବେ କଷ୍ଟର ସୀମା ରହେ ନାହିଁ। କେତେ ଜଣ ଧର୍ମ ପାଳନ ନିମିତ୍ତ ବିବାହ ନ କଲେ ଯେ ମାନବ ସମାଜ ସେହିମାନଙ୍କୁ ଅନୁସରଣ କରି ବିବାହ କରିବାକୁ ଅନିଚ୍ଛା ପ୍ରକାଶ କରିବ, ଏପରି ଭାବିବା ଠିକ୍ ନୁହେଁ। ପ୍ରଥମେ ନିଜ ନିଜର କଲ୍ୟାଣ ପଥରେ ଗତି କରି ତା'ପରେ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ଗାର୍ହସ୍ଥ୍ୟ ଧର୍ମ ଗ୍ରହଣ କରିବା ବିଧି। xxx ଉପଯୁକ୍ତ ସହଧର୍ମିଣୀ ବ୍ୟତୀତ ଗୃହସ୍ଥ ଜୀବନକୁ ଆଦର୍ଶ ଭାବରେ ପରିଚାଳିତ ସମ୍ଭବପର ନୁହେଁ।...ଯେଉଁମାନେ ବାଲ୍ୟକାଳରୁ ଅପବିତ୍ର ଭାବରେ ଜୀବନଯାପନରେ ଅଭ୍ୟସ୍ତ ହୋଇପଡୁଛନ୍ତି, ଯେଉଁମାନେ ପାଶବ ଜୀବନଯାପନ କରିବାକୁ ଦୃଢ଼ସଂକଳ୍ପ, ସେମାନଙ୍କ ପ୍ରତି ଉପରୋକ୍ତ ବାକ୍ୟ ପ୍ରଯୁଜ୍ୟ ନୁହେଁ। ସେହିମାନେ ହିଁ ବିଷୟଭୋଗ ନିମିତ୍ତ ବିବାହର ଏକମାତ୍ର ଅଧିକାରୀ, କିନ୍ତୁ ଯେଉଁମାନେ ଭଗବାନଙ୍କୁ ଲାଭ କରିବା ନିମିତ୍ତ ଅତ୍ୟନ୍ତ ବ୍ୟାକୁଳ, ସେମାନଙ୍କ ପକ୍ଷରେ ବିବାହ ହେଉଛି ଅନିଷ୍ଟକାରକ।

ହିନ୍ଦୁ ଧର୍ମ ବା ଆଧାତ୍ମିକ ଜଗତରେ ବିବାହର ଏକ ପୁଙ୍ଖାନୁପୁଙ୍ଖ ସଂକ୍ଷିପ୍ତ ଅନୁଶୀଳନ ପରେ ଶ୍ରୀଶ୍ରୀଠାକୁର ମହାରାଜାଙ୍କର ଏହି ଜନ୍ମର ବିବାହ ପ୍ରସଙ୍ଗକୁ ଆସିବା। ପୂର୍ବଜନ୍ମରେ ସ୍ୱାମୀ ବ୍ରହ୍ମାନନ୍ଦ ଗିରିଙ୍କ ସମୟରେ ସ୍ୱୟଂ ଜଗଜ୍ଜନନୀଙ୍କୁ ମାନବୀରୂପିଣୀ ପାର୍ବତୀ ରୂପରେ ବିବାହ ଥିଲା ସମ୍ପୂର୍ଣ୍ଣ ଅଲୌକିକ ଓ ଅପ୍ରାକୃତ ଘଟଣା। ଏହି ଜନ୍ମରେ ମଧ ଜଗଜ୍ଜନନୀ ସେହି ୫ ବର୍ଷର ଅସମ୍ପୂର୍ଣ୍ଣ ସଂସାର ଭୋଗ ଜଗଜ୍ଜନନୀ ସ୍ୱରୂପିଣୀ ମା' ସୁଧାଂଶୁବାଳାଙ୍କ ରୂପରେ ଭୋଗ କରାଇବା ସହିତ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଅନେକ ଅପ୍ରାକୃତିକ ଓ ଅଲୌକିକ ଲୀଳା ରଚନା କରିଥିଲେ। ପୂର୍ବଜନ୍ମରେ ପତି-ପତ୍ନୀ ଏକକ ପରିବାର ଗଠନ କରି ପ୍ରାକୃତିକ ପରିବେଶରେ ରହିଥିଲେ। ଏହି ଜନ୍ମରେ କିନ୍ତୁ ଜଗଜ୍ଜନନୀ ଖାଲି ପତ୍ନୀ ରୂପରେ ନୁହେଁ, ଜାୟା, ବଧୂ, ଭଗିନୀ, ମାତୃବତ କରୁଣାମୟୀ ଓ ଉତ୍ତମ ପଡ଼ୋଶୀ ଭାବରେ କୁତବପୁରର ଠାକୁରବାଡ଼ିର ବିରାଟ ପରିବାରକୁ ଅତିକ୍ରମ କରି ଗ୍ରାମ ଓ ଗ୍ରାମ ଅତିରିକ୍ତ ବାହାର ଅଞ୍ଚଳରେ ସର୍ବୋତ୍ତମ କର୍ମକୁଶଳୀ ବଧୂ ଭାବରେ ଖ୍ୟାତିଲାଭ କରିଥିଲେ। ଏଥର ଏହି ମୂଳ ପ୍ରସଙ୍ଗକୁ ଆସିବା।

ଶ୍ରୀଶ୍ରୀଠାକୁରଙ୍କ ଜୀବନରେ ଏପରି ଅପ୍ରାକୃତ ଲୀଳା କାହିଁକି ? ଏହା ଗଭୀର ଅନୁଧ୍ୟାନର ବିଷୟ। ଜୀବନ-ପ୍ରସଙ୍ଗ ୧ମ ଭାଗ ୪୮-୪୯ ପୃଷ୍ଠାରେ ନାରାୟଣୀ ମା' ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଯାହା ପ୍ରଦାନ କରିଛନ୍ତି, "ଶ୍ରୀଶ୍ରୀଠାକୁର ଗୋଟିଏ ସ୍ଥାନରେ କହିଛନ୍ତି, ଜନ୍ମ ଜନ୍ମାନ୍ତରର ସାଧନା ଫଳରେ ସେ ଏହି ଜନ୍ମରେ ସିଦ୍ଧ ପଦବୀରେ ଆରୂଢ଼ ହୋଇଛନ୍ତି। ଯେଉଁମାନେ ସାଧନସିଦ୍ଧ, ସେମାନେ ଯେ ବହୁ ଜନ୍ମର ସାଧକ-ଜୀବନ ଅତିକ୍ରମ କରିବା ପରେ ସତ୍ୟବସ୍ତୁ ଲାଭ କରି ଧନ୍ୟ ହୁଅନ୍ତି।" (ଗୀତା-୬/୪୫)। ଅମୋଘ ଶ୍ରୁତିବାକ୍ୟ ଅନୁସାରେ, "ଶ୍ରୀଶ୍ରୀଠାକୁର ନିଗମାନନ୍ଦ ଦେବ ହିଁ କ୍ଷୁରଧାର ପରି ଉପରୋକ୍ତ ଦୁର୍ଗମ ସାଧନପଥର ଅଭିଯାତ୍ରୀ ଥିଲେ। ଅଗଣିତ ସାଧକ ଜନ୍ମ ମଧ୍ୟରେ ଏହି ଶେଷଜନ୍ମରେ ପୂର୍ବବର୍ତ୍ତୀ ୬ ଜନ୍ମର ସାଧନ ଜୀବନର ସ୍ମୃତି ଯୋଗସାଧନା କାଳରେ ତାଙ୍କ ଚିତ୍ତରେ ଉଜ୍ଜ୍ୱଳ ଭାବରେ ପ୍ରତିଭାତ ହୋଇଥିଲା। ଏଥିମଧ୍ୟରୁ ପୂବବର୍ତ୍ତୀ ଦୁଇ ଜନ୍ମର ବିଷୟ ସେ ପ୍ରକାଶ କରିଛନ୍ତି ଓ ତନ୍ମଧ୍ୟରୁ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମତ୍ ବ୍ରହ୍ମାନନ୍ଦ ଗିରିଙ୍କ ବିଷୟ ଏହି ପ୍ରବନ୍ଧରେ ଅବତାରଣା କରାଯାଇଛି।" ଏଇଥିପାଇଁ ତ ଶ୍ରୀଶ୍ରୀଠାକୁର ଥିଲେ ସାଧନସିଦ୍ଧ ମହାପୁରୁଷମାନଙ୍କ ମଧ୍ୟରେ ସ୍ୱତନ୍ତ୍ର, ଓ ପ୍ରାକୃତ ଜଗତରେ ତାଙ୍କର ସମସ୍ତ ଲୀଳା - ବାଲ୍ୟାବସ୍ଥା ଓ ବିବାହ ଠାରୁ ସିଦ୍ଧ ଅବସ୍ଥା ପର୍ଯ୍ୟନ୍ତ ସବୁ କିଛି ଅପ୍ରାକୃତ ଭାବରେ ଜଗଜ୍ଜନନୀଙ୍କ ଦ୍ୱାରା ଯେ ସର୍ଜନା ହୋଇଛି, ଏଥିରେ ତିଳେ ମାତ୍ର ସନ୍ଦେହ ବା ସଂଶୟ ନାହିଁ।... "କଥା ପ୍ରସଙ୍ଗରେ କହିବାର ଶୁଣିଛୁ ଯେ, ବଙ୍ଗଦେଶରେ ତାଙ୍କର ଯେତେଗୁଡ଼ିଏ ଆଶ୍ରମ ସ୍ଥାପିତ ହୋଇଅଛି, ସେଥିମଧ୍ୟରୁ ପ୍ରତି ଆଶ୍ରମ ତାଙ୍କର ପୂର୍ବାପୂର୍ବ ସାଧକ ଜୀବନର ସ୍ମୃତିପୂତ ଭୂମି। ବହୁଜନ୍ମର ସାଧନ-ସଂସ୍କାର ତାଙ୍କ ଚିତ୍ତରେ ଦୃଢ଼ମୂଳ ଥିବାରୁ ଶ୍ରୀଶ୍ରୀଠାକୁର ଅତି ଶୈଶବରୁ ନାନା ପ୍ରକାର ଦିବ୍ୟାନୁଭୂତିର ଅଧିକାରୀ ହୋଇଥିଲେ।... ସେ ମନେ କରୁଥିଲେ, ପ୍ରତ୍ୟେକଙ୍କର ଏହିପରି କିଛି ନା କିଛି ଅନୁଭୂତି ଥାଏ, ସୁତରାଂ ଅନ୍ୟ ନିକଟରେ ମୁଁ ଏହିସବୁ ପ୍ରକାଶ କରିବି ବା କାହିଁକି ?" କଥାମୃତ (୧ମ) ୧୦୮ ପୃଷ୍ଠାରେ ସେ କହିଛନ୍ତି, "ପୂର୍ବଜନ୍ମର ସ୍ମୃତିଟା ମୋର ବାଲ୍ୟକାଳରେ ହିଁ ଜାଗ୍ରତ ହୋଇଥିଲା। କିନ୍ତୁ ସେହି ସ୍ମୃତିଗୁଡ଼ିକ ସବୁ ଅସ୍ପଷ୍ଟ ଭାବରେ ଥିଲା। ମୁଁ କିଏ, କେଉଁଠି ଥିଲି ସମସ୍ତ ମୋର ମନେ ପଡୁଥିଲା। କିନ୍ତୁ ସ୍ପଷ୍ଟ ଜ୍ଞାନ ଅଭାବରୁ ତାହା ଧରି ହେଉନଥିଲା! ଯୋଗସିଦ୍ଧି ସମୟରେ ମୋର ଏ ବିଷୟରେ ପୂର୍ଣ୍ଣଜ୍ଞାନ ଲାଭ ହେଲା।" ନାରାୟଣୀ ମା'ଙ୍କ ଗବେଷଣା ପ୍ରସୂତ ଲେଖାରୁ ଶ୍ରୀଶ୍ରୀଠାକୁରଙ୍କ ବିବାହ ପ୍ରସଙ୍ଗରେ ଆଲୋଚନା ଜୀବନ-ପ୍ରସଙ୍ଗ (୧ମ) ୪୯ ପୃଷ୍ଠାରୁ ଆରମ୍ଭ କରିବା। ଏହି ଲେଖାରୁ ବ୍ରହ୍ମାନନ୍ଦ ଗିରିଙ୍କ ବିଷୟ କାହିଁକି ଏହି ଜନ୍ମର ଲୀଳା ସାଙ୍ଗରେ ସମ୍ମିଶ୍ରଣ କରି ଆଲୋଚନା କରାଯାଉଛି, ସେ ସମ୍ପର୍କରେ ସମ୍ୟକ ଧାରଣା ଆମେ କରିପାରିବା। ମା' ଲେଖିଛନ୍ତି, "୧୮୯୮

ମସିହାରେ ବିବାହ ପରେ ସେ ସେ 'ସୁଧାଂଶୁବାଳା' ନାମରେ ଯେଉଁ ଛୋଟ ଉପନ୍ୟାସ ଲେଖିଥିଲେ, ତାଙ୍କ ମୁଖରୁ ଶୁଣିଛୁ ଯେ, ଦୀର୍ଘ ଦିବସ ସନ୍ନ୍ୟାସୀ ରହିବା ପରେ ନିଜର ଇପ୍‌ସିତାଙ୍କୁ ଲାଭ କରି ନାୟକ ସଂସାରୀ ହୁଅନ୍ତି। କିନ୍ତୁ ପରେ ଛୋଟ ଛୋଟ ୩ଟି ସନ୍ତାନଙ୍କୁ ଛାଡ଼ି ଦେଇ (ପୂର୍ବ ଜନ୍ମରେ ୨ଟି ଓ ଏହି ଜନ୍ମରେ ଗୋଟିଏ?) ନାୟକ ଓ ତାଙ୍କର ପ୍ରିୟତମା ଉଭୟେ ଲୋକାନ୍ତର ଗମନ କରନ୍ତି, ଆଉ ଶିଶୁମାନଙ୍କର ଭାର ସ୍ଥାନୀୟ ଲୋକମାନେ ବହନ କରନ୍ତି। ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ, ବ୍ରହ୍ମାନନ୍ଦ ଗିରିଙ୍କ ଜୀବନର ସ୍ମୃତି ତାଙ୍କର ଉପନ୍ୟାସ ଲେଖିଲାବେଳେ ଜାଗ୍ରତ ହୋଇ ଉଠିଥିଲା।" (ଏହି ଗ୍ରନ୍ଥ ସେ ୧୮ ବର୍ଷ ବୟସରେ ପ୍ରଣୟନ କରି ଖୁଡୁତା ଯୁଧିଷ୍ଠିର ଭଟ୍ଟାଚାର୍ଯ୍ୟଙ୍କ ନାମରେ ଏହାକୁ ଉତ୍ସର୍ଗ କରିଥିଲେ। ସେତେବେଳେ ବ୍ରହ୍ମାନନ୍ଦ ଗିରିଙ୍କ କଥା ତାଙ୍କର ଅଜ୍ଞାତ ଥିଲା।)

### ପ୍ରଥମ ଅଲୌକିକ ବିବାହ : (ସ୍ୱାମୀ ବ୍ରହ୍ମାନନ୍ଦ ଓ ଜଗଜ୍ଜନନୀ)

ପ୍ରବନ୍ଧର ପ୍ରାରମ୍ଭରେ ବ୍ରହ୍ମାନନ୍ଦ ଗିରିଙ୍କ ବିବାହ ସମ୍ପର୍କରେ ସାମାନ୍ୟ ସୂଚନା ଦିଆଯାଇଛି। ଶ୍ରୀଶ୍ରୀଠାକୁରଙ୍କର ପୂର୍ବଜନ୍ମ ଏବଂ ଏହି ଜନ୍ମର ସମସ୍ତ ବୈବାହିକ ସୂଚନା ଓ କର୍ମ ଯେ ସ୍ୱୟଂ ଜଗଜ୍ଜନନୀ କର୍ତ୍ତୃକ ପରିଚାଳିତ ହୋଇଥିଲା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ମଦନଗୋପାଳ ଭାଇ ଯାହା ଲେଖିଛନ୍ତି - ବ୍ରହ୍ମାନନ୍ଦ ଦେଖିଲେ - ସ୍ୱୀୟ ଗୁରୁନିର୍ଦ୍ଦିଷ୍ଟ ଇଷ୍ଟମୂର୍ତ୍ତି ସମ୍ମୁଖରେ ଦଣ୍ଡାୟମାନା ହୋଇ ମୃଦୁ ହସ ହସୁଛନ୍ତି। ସେ ନିର୍ବାକ ନିଷ୍ପନ୍ଦ ଭାବରେ ସେହି ମହିମାମୟୀ ଜଗଜ୍ଜନନୀଙ୍କ ଶ୍ରୀମୂର୍ତ୍ତି ଦର୍ଶନ କରିବାକୁ ଲାଗିଲେ। ଆଉ କ'ଣ ଦରକାର? ଆଉ କ'ଣ ବା ଦାବି ରହିଲା? ଜଗଜ୍ଜନନୀ କହିଲେ, ବ୍ରହ୍ମାନନ୍ଦ ମୁଁ ଆସିଅଛି। ବର ପ୍ରାର୍ଥନା କର। "କାଚଖଣ୍ଡ ଅନ୍ୱେଷଣ କରୁ କରୁ ମହାମଣି ଲାଭ ହେଲା।" ଅନ୍ୟ ବରରେ ମୋର ପ୍ରୟୋଜନ ନାହିଁ। ଜଗଜ୍ଜନନୀ ବାରମ୍ବାର ବର ପ୍ରାର୍ଥନା କରିବାକୁ ଆଜ୍ଞା ପ୍ରଦାନ କରିବାରୁ, ବାହ୍ୟଜ୍ଞାନ ପ୍ରାପ୍ତ ହୋଇ ବ୍ରହ୍ମାନନ୍ଦ କହିଲେ, "ମୁଁ ସ୍ୱୀୟ ଗର୍ଭଧାରିଣୀ ମା'ଙ୍କ ପ୍ରତି ଆସକ୍ତ ହୋଇଥିଲି। ଏହି ଆସକ୍ତିର ପ୍ରଣୋଦକ କିଏ? ତୁମେ ନୁହଁ କି? ମୁଁ ଏହି ଆସକ୍ତିର ମୂଳୋତ୍ପାଟନ କରିବାକୁ ଚାହେଁ। ମୁଁ ତୁମକୁ ପତ୍ନୀ ରୂପରେ ପାଇବାକୁ ଚାହେଁ।" ଜନନୀ ଉତ୍ତର ଦେଲେ, "ବତ୍ସ! ତୁମର ପୂର୍ବ ପୂର୍ବଜନ୍ମର କର୍ମଫଳ ଦ୍ୱାରା ହିଁ ଏହିପରି ଘଟିଥିଲା। ତୁମର ଅବିଚଳିତ ଗୁରୁଭକ୍ତିରେ ମୁଁ ଅତୀବ ପ୍ରୀତ ହୋଇଅଛି।... ଜଗତର ନାରୀ ମାତ୍ରେ ହିଁ ମୋର ବିକାଶ। ମୁଁ ବିଭିନ୍ନ ଆଧାରରେ ଦୁହିତା, ବନିତା ଓ ମାତା ରୂପରେ ଆତ୍ମପ୍ରକାଶ କରିଥାଏ।... ମୋର ଏହି ଚିନ୍ମୟ ରୂପ ଅନ୍ୟ କୌଣସି ଇନ୍ଦ୍ରିୟଗ୍ରାହ୍ୟ ହେବ ନାହିଁ। ରାଜା କମଳାକ୍ଷଙ୍କ ରାଜ୍ୟକୁ ଗମନ କର। ସେଠାରେ ତପୋବନ ସଦୃଶ ଏକ ମନୋହର ସ୍ଥାନରେ ମୁଁ ତୁମ୍ଭର ଭୋଗୋପଯୋଗୀ ଦେହ ଧାରଣ କରି ଅବସ୍ଥାନ କରିବି। ତୁମେ ଏଠାକାର କର୍ତ୍ତବ୍ୟ ସମ୍ପାଦନ କରି ଯଥା ସମୟରେ ମୋ ସହିତ ମିଶିବ। ଜନନୀ ପୁନର୍ବାର ବର ପ୍ରାର୍ଥନା କରିବାକୁ କହିବାରୁ ବ୍ରହ୍ମାନନ୍ଦ ରୁକ୍ଷ ସ୍ୱରରେ 'ଏହି ପ୍ରସ୍ତର ଖଣ୍ଡଟି ଧରି ମୋର ଅନୁଗମନ କର' ବୋଲି କହି ଚାଲିବାକୁ ଲାଗିଲେ। ଏହାପରେ କିଛିଦିନ ବ୍ରହ୍ମାନନ୍ଦ ଶ୍ରୀପୁରରେ ଅବସ୍ଥାନ କରିବା ପରେ ଜଗନ୍ମାତାଙ୍କ ପ୍ରତିଶ୍ରୁତି ସ୍ମରଣ କରି ତାଙ୍କ ସହିତ ସଂସାର କରିବା ବାସନାରେ ଶ୍ରୀପୁର ତ୍ୟାଗ କଲେ। ମୟନାମତୀ ପାହାଡ଼କୁ ଆସି ବ୍ରହ୍ମାନନ୍ଦ ବେଶ୍ ଆନନ୍ଦ ଅନୁଭବ କଲେ। ଗୋମତୀ ନଦୀକୂଳରେ ପହଞ୍ଚି କିପରି କେମିତି ଜଗଜ୍ଜନନୀ କେଉଁ ମୂର୍ତ୍ତିରେ ଦର୍ଶନ ଦେବେ ଇତ୍ୟାଦି ଚିନ୍ତାରେ ନିମଗ୍ନ ହୋଇପଡ଼ିଲେ। ନଦୀବକ୍ଷରେ ଜନୈକା ସୁନ୍ଦରୀ ରମଣୀ ଡଙ୍ଗା ବାହି ଆସିବାର ଦେଖିଲେ ଓ ତାଙ୍କ ଇସାରାରେ - ବଡ଼ ପାହାଡ଼ ନିକଟବର୍ତ୍ତୀ ଏକ ଛୋଟ ପାହାଡ଼ରେ ପହଞ୍ଚି ପରସ୍ପର କଥୋପକଥନ ମଧ୍ୟରେ ରମଣୀଙ୍କ ଠାରୁ ନିଜର ଗୋପନ କଥା 'ବ୍ରହ୍ମାନନ୍ଦଗିରି ର୍ଗିରିନ୍ଦ୍ରତନୟାଃ ବକ୍ତ୍ରାମୃତଂ ବାଞ୍ଛତି' ଶୁଣି ରମଣୀ ସର୍ବଜ୍ଞା ବୋଲି ତାଙ୍କର ଧାରଣା ହେଲା। ରମଣୀଙ୍କ ଠାରୁ 'ନିତ୍ୟୈବ ସା ଜଗନ୍ମୂର୍ତ୍ତିଃ' ଶୁଣି ବ୍ରହ୍ମାନନ୍ଦଙ୍କର ସମସ୍ତ ସନ୍ଦେହ ଦୂର ହୋଇଗଲା। ଜଗଜ୍ଜନନୀ ପାର୍ବତୀ ନାମଧାରିଣୀ ଅନୁପମ ସୁନ୍ଦରୀ ଷୋଡ଼ଶୀ ରୂପରେ ବିବାହ କରି ସଂସାର କରିବାକୁ ନିର୍ଦ୍ଦେଶ ପ୍ରାପ୍ତ ହେଲେ। ପାରସ୍ପରିକ ସମସ୍ତ କଥୋପକଥନ ଓ ପରିଚୟ ପ୍ରଦାନ ପରେ ବ୍ରାହ୍ମଣ ବ୍ରହ୍ମାନନ୍ଦ କୈବର୍ତ୍ତ କନ୍ୟା ପାର୍ବତୀଙ୍କୁ ବିବାହ କରିବାରେ ସମସ୍ୟା ଅନୁଭବ କରିବା ଦେଖି ରମଣୀ କହିଲେ, "କିହେ ଠାକୁର, ପୁଣି କ'ଣ ଭାବୁଛ? ତୁମ୍ଭର କୌଣସି ଆଶ୍ରମର ସାଧନା ପୂର୍ଣ୍ଣାଙ୍ଗ ହୋଇନାହିଁ।...ମନରେ କାମନା ବାସନା ଲେଶ ମାତ୍ର ରହିଲେ ସନ୍ନ୍ୟାସରେ ଅଧିକାର ଜନ୍ମେ ନାହିଁ। ବିବାହ ତୁମକୁ କରିବାକୁ ହିଁ ହେବ। ସଂସାର ଆଶ୍ରମର ଆସକ୍ତି ମେଣ୍ଟାଇ, ସମସ୍ତ ସଂସ୍କାରର ଗଣ୍ଡିରୁ ବାହାରିଯାଅ, ତା'ହେଲେ ପ୍ରକୃତ ସନ୍ନ୍ୟାସ ଆପଣା ମନକୁ ଆସିଯିବ।... ବ୍ରାହ୍ମଣ ସବୁ ବର୍ଣ୍ଣରେ ବିବାହ କରିପାରେ, ଏହା ଶାସ୍ତ୍ରସମ୍ମତ ବିଧାନ ଓ ଲୋକାଚାର ସମ୍ମତ ମଧ୍ୟ ଅଟେ।.... ନାରୀରୂପିଣୀ ମହାମାୟାଙ୍କ ମତାନୁବର୍ତ୍ତନ କରିବା ଛଡ଼ା ବ୍ରହ୍ମାନନ୍ଦଙ୍କର ଗତ୍ୟନ୍ତର ନ ଥିଲା।... ରମଣୀ ପୁଣି କହିଲେ, "ଶୁଣ ଠାକୁର, ବିବାହ ପରେ ତୁମକୁ ସଂସାରର କୌଣସି ଚିନ୍ତା କରିବାକୁ ହେବ ନାହିଁ। ପ୍ରାଣଭରି ସଂସାର ଉପଭୋଗ କରିବ। କିନ୍ତୁ ଗୋଟିଏ କଥା ଯେମିତି ତୁମର ସ୍ମରଣ ରହେ, ମୋତେ କେବେହେଲେ ଅନାଦର କରିବ ନାହିଁ...ଅନାଦର କଲେ ଚାଲିଯିବି-

ଏକଥା ଯେପରି ତୁମର ସର୍ବଦା ସ୍ମରଣ ରହେ।” ବ୍ରହ୍ମାନନ୍ଦ ଏଥିରେ ସମ୍ମତି ପ୍ରକାଶ କଲା ପରେ – “ତୁମକୁ କ’ଣ କହି ଡାକିବି” ବୋଲି ଜିଜ୍ଞାସା କରିବାରୁ ରମଣୀ କହିଲେ, “ମୋର ନାମ ପାର୍ବତୀ। ସେ ଯୁଗରେ ଓ ଏ ଯୁଗରେ ମୋର ଏହି ସମାନ ନାମ। ବର୍ତ୍ତମାନ ମଧ୍ୟ ପର୍ବତବାସିନୀ ହିଁ ଅଛି। ଏଠାରେ ସମସ୍ତେ ମୋତେ ‘ପାରୁ’ ବୋଲି ଡାକନ୍ତି। ତୁମେ ମଧ୍ୟ ସେହି ନାମରେ ଡାକିବ।” ଏହିପରି ୪–୫ ବର୍ଷ ଉଭୟେ ଦାମ୍ପତ୍ୟ ଜୀବନଯାପନ କରିଥିଲେ।... ବ୍ରହ୍ମାନନ୍ଦ ଆପଣାର ସ୍ୱରୂପ ଭୁଲି, ସାଧନ-ଭଜନ ଛାଡ଼ି ଆସକ୍ତ ସଂସାରୀ ହୋଇଉଠିଲେ। ହଠାତ୍ ଏହି କୁଟୀରରେ ଦିନେ ଶିଷ୍ୟ ପୂର୍ଣ୍ଣାନନ୍ଦ ପହଞ୍ଚିଲେ। “ମହାମାୟାଙ୍କ ଅଚିନ୍ତ୍ୟ ପ୍ରଭାବ ପ୍ରତ୍ୟକ୍ଷ ଦର୍ଶନ କରି ଓ ସ୍ୱୀୟ ଗୁରୁଦେବଙ୍କ ସିଦ୍ଧାବସ୍ଥା ପରେ ମଧ୍ୟ ପୁନରାୟ ପ୍ରାକୃତ ସଂସାରୀ ଅବସ୍ଥା ଚିନ୍ତା କରି ସେ ବ୍ୟଥିତ ଓ ବିସ୍ମୟାବିଷ୍ଟ ହେଲେ।” ସେ ଏକ ବଟପତ୍ରରେ ସିଦ୍ଧମନ୍ତ୍ର ଲେଖି ବ୍ରହ୍ମାନନ୍ଦଙ୍କୁ ପଢ଼ିବାକୁ ଦେବାରୁ, ଏହା ପାଠ ମାତ୍ରେ ବ୍ରହ୍ମାନନ୍ଦଙ୍କର ଦିବ୍ୟଜ୍ଞାନ ଉଦୟ ହେଲା। ଏହି ସମୟରେ ଗୁରୁଦେବ ଆଉ କେତେ ଦିନ ସଂସାର ଆବଦ୍ଧ ରହିବେ ବୋଲି ପୂର୍ଣ୍ଣାନନ୍ଦ ପ୍ରଶ୍ନ କରିବାରୁ, ଅତି ସତ୍ତ୍ୱର ସେମାନଙ୍କର ସଂସାରାଭିନୟ ଶେଷ ହେବ ବୋଲି ମା’ ଉତ୍ତର ଦେଲେ। ଏହାପରେ ପାର୍ବତୀରୂପିଣୀ ଜଗଜ୍ଜନନୀଙ୍କ ଆଦେଶରେ ପୂର୍ଣ୍ଣାନନ୍ଦ ଶ୍ୟାମା ପୂଜା ସମ୍ବନ୍ଧରେ ‘ଶ୍ୟାମା ରହସ୍ୟ’ ନାମକ ପ୍ରସିଦ୍ଧ ତାନ୍ତ୍ରିକ ଗ୍ରନ୍ଥ ରଚନା କରିଥିଲେ। ଦିନେ ବ୍ରହ୍ମାନନ୍ଦଙ୍କର ଇଲିସି ମାଛ ଖାଇବା ନିମନ୍ତେ ବାସନା ଜାଗିବାରୁ, ଦେବୀ ପାର୍ବତୀ ଗବାକ୍ଷ ପଥରେ ହସ୍ତ ପ୍ରସାରଣ କରି ମୁହୂର୍ତ୍ତକ ମଧ୍ୟରେ ମାଛଭଜା ଆଣି ଭୋଜନ ପାତ୍ରରେ ଦେବାରୁ, ସ୍ତମ୍ଭିତ ବ୍ରହ୍ମାନନ୍ଦ କେଉଁଠୁ ଆଣିଲ ବୋଲି ପଚାରିଲେ। ପଠାଣ ଘର ବୋହୂ ଭାଜୁଥିବା ମାଛରୁ ନେଇ ଆସିଲି ବୋଲି ପାର୍ବତୀ ଉତ୍ତର ଦେବାରୁ କ୍ରୋଧରେ ଅଗ୍ନିଶର୍ମା ବ୍ରହ୍ମାନନ୍ଦ ମୁହୂର୍ତ୍ତକ ମଧ୍ୟରେ ପାର୍ବତୀ ଦେବୀଙ୍କ ଗଣ୍ଡରେ ଏକ ଚାପୁଡ଼ାଘାତ କଲେ। ଏହିଠାରେ ସାଢ଼େ ଚାରିବର୍ଷର ଦାମ୍ପତ୍ୟ ଜୀବନ ଶେଷ ହେଲା, ଯାହା ପ୍ରବନ୍ଧର ପ୍ରାରମ୍ଭରେ କୁହାଯାଇଛି। କମ୍ପିତ ଶରୀରରେ ଦେବୀ କହିବାକୁ ଲାଗିଲେ, “ଶୁଣ ବ୍ରହ୍ମାନନ୍ଦ, ତୁମର ପୂର୍ବ ପ୍ରତିଶ୍ରୁତି ସ୍ମରଣ କର। ମୋର ଏହି ସ୍ଥୂଳଦେହ ସହିତ ତୁମର ଏହି ଜନ୍ମର ସମସ୍ତ ସମ୍ବନ୍ଧ ଛିନ୍ନ ହେଲା। ତୁମର ଐକାନ୍ତିକ ପ୍ରାର୍ଥନା ପୂରଣ ମାନସରେ ମୁଁ ଏହି ଭୋଗୋଚିତ ଦେହ ଧାରଣ କରିଥିଲି। ଏହି ଦେହ ଏହି ମୁହୂର୍ତ୍ତରେ ହିଁ ନଷ୍ଟ ହୋଇଯିବ।”... ବ୍ରହ୍ମାନନ୍ଦ ଆକୁଳ ଭାବରେ କ୍ରନ୍ଦନ କରିଉଠିଲେ। ଦେବୀ ଶୂନ୍ୟରେ କହି ଉଠିଲେ, “... ଏହାପରେ ତୁମେ ପୁନରାୟ ସନ୍ନ୍ୟାସ ଆଶ୍ରମରେ ପ୍ରବେଶ କରିବ। ତୁମର ମଙ୍ଗଳ ନିମିତ୍ତ ମୁଁ ହିଁ ତୁମକୁ ସଂସାର ଆଶ୍ରମକୁ ଆକର୍ଷଣ କରିଥିଲି, ସେହି ପ୍ରୟୋଜନ ସିଦ୍ଧ ହୋଇଅଛି। ଏହାଦ୍ୱାରା ତୁମର ସନ୍ନ୍ୟାସ ଧର୍ମର ଅପଳାପ ହେବ ନାହିଁ।... ଜୀବନର ଅବଶିଷ୍ଟ କାଳ ତପସ୍ୟା ଦ୍ୱାରା ଅତିବାହିତ କରିବ। ଯେଉଁ ସଂସ୍କାର ଆମର ଆଶୁ ବିଚ୍ଛେଦର କାରଣ ହେଲା, ସେହିଭଳି ସର୍ବସଂସ୍କାର ପରିତ୍ୟାଗ କରିବାକୁ ଶିକ୍ଷା କରିବ।... ମୋତେ ଦ୍ୱାଦଶ ଦଣ୍ଡ କାଳ ପ୍ରସ୍ତର ବହନ କରାଇଥିବାରୁ ପରବର୍ତ୍ତୀ ଜନ୍ମରେ ତୁମକୁ ଦ୍ୱାଦଶ ବର୍ଷ ପ୍ରସ୍ତରବତ ଜଡ଼ ହୋଇ ଜୀବନଯାପନ କରିବାକୁ ପଡ଼ିବ।... ଏହା ତୁମ ମହାସୌଭାଗ୍ୟର ପୂର୍ବାଭାସ ମାତ୍ର। ଦ୍ୱାଦଶ ବର୍ଷ ପରେ ମୁଁ ତୁମକୁ ଦେହମୁକ୍ତ କରିଦେବି। ପରବର୍ତ୍ତୀ ଜନ୍ମରେ ବଙ୍ଗଦେଶର କର୍କଟକ୍ରାନ୍ତି ନିକଟବର୍ତ୍ତୀ ନଦୀୟା ଜିଲ୍ଲାର କୌଣସି ସ୍ଥାନରେ ଜନ୍ମ ଗ୍ରହଣ କରିବ ଓ ମୋର ସାକ୍ଷାତ ପାଇବ। ସେହି ଜନ୍ମରେ ମୁଁ ତୁମର ସବୁ ଅପୂର୍ଣ୍ଣତା ଦୂର କରିଦେବି। ତୁମେ ଜଗତର ସାର୍ବଭୌମ ଗୁରୁ ହୋଇ ସନାତନ ଧର୍ମ ପ୍ରଚାର ଦ୍ୱାରା ଜଗଦ୍‌ଗୁରୁଙ୍କ ଭୁବନ ମଙ୍ଗଳକର କାର୍ଯ୍ୟରେ ଆତ୍ମନିୟୋଗ କରିବ।”

**ଦୁଇ ଜନ୍ମର ଅଦ୍ଭୁତ ସମ୍ମିଶ୍ରଣ :**

ଏଥିପାଇଁ ବାରମ୍ବାର କୁହାଯାଇଛି, ଶ୍ରୀଶ୍ରୀଠାକୁରଙ୍କ ଜୀବନ ଦୁଇଜନ୍ମର ଏକ ଅଦ୍ଭୁତ ସମ୍ମିଶ୍ରଣ। ସତେ ଯେପରି ଶ୍ରୀଶ୍ରୀଠାକୁରଙ୍କ ଜୀବନ ପ୍ରସଙ୍ଗର ଅୟମାରମ୍ଭ ବ୍ରହ୍ମାନନ୍ଦ ଗିରିଙ୍କ ଜୀବନ-କାହାଣୀରୁ ଅଙ୍କୁରିତ ହୋଇଛି। ଏହା ତ ନିର୍ଦ୍ଧାରିତ ସତ୍ୟ। ପ୍ରାକୃତ ଜଗତରେ ଏପରି କ’ଣ କେବେ କେଉଁଠାରେ ଦେଖାଯାଇଛି କି ? ଦୁଇଜନ୍ମ ପରସ୍ପରର ପରିପୂରକ ଭାବେ ପ୍ରତୀୟମାନ ହୋଇଛି। ବ୍ରହ୍ମାନନ୍ଦ ଗିରିଙ୍କ ଜୀବନରେ ଶିବତ୍ୱ ଅର୍ଜନ କରି ହରଘରଣୀ ସତୀଙ୍କୁ ପତ୍ନୀ ରୂପେ ପ୍ରାପ୍ତ ହେବା ଓ ପର ଜନ୍ମରେ ଅପୂର୍ଣ୍ଣ ସେହି ଶିବ-ସତୀଙ୍କର ମହା ବୈବାହିକ ମିଳନ ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କ ଜୀବନରେ ପୂର୍ଣ୍ଣତ୍ୱରେ ପରିଣତ ହୋଇ ପୁର୍ନବାର ହରଘରଣୀ ସତୀ ଶିବତ୍ୱରେ ପୂର୍ବ ପ୍ରତିଷ୍ଠିତ ବୃତ୍ତ ପୁରୁଷ, ଆଧିକାରିକ ପୁରୁଷ ଶ୍ରୀନିଗମାନନ୍ଦଙ୍କୁ ପତି ରୂପେ ବରଣ କରିବା ସଙ୍ଗେ ସଙ୍ଗେ ହାତ ଧରି ସାର୍ବଭୌମ ଗୁରୁ ଭାବରେ ପ୍ରତିଷ୍ଠିତ କରାଇଛନ୍ତି। ଏଣୁ ଏହି ଦୁଇ ଜନ୍ମର ମହାସଂଯୋଗରେ ଯାହା ଦେଖିବାକୁ ମିଳେ – ଏକ ଜନ୍ମ ସଙ୍ଗେ ଏକ ଜନ୍ମ ମିଶି ଦୁଇଜନ୍ମ ନ ହୋଇ ଏକ ଜନ୍ମରେ ହିଁ ପରିଣତ ହୋଇଛି। ଏହି ଭାବରେ ଏହି ଦୁଇ ଜନ୍ମର ମହା ବୈବାହିକ ମିଳନକୁ ପ୍ରାକୃତ ଜଗତରେ ଏକ ଅପ୍ରାକୃତିକ ଲୀଳା ରୂପେ ପ୍ରତିପାଦନ କରିବାକୁ ବାଧ କରେ। ତେଣୁ ଏପର୍ଯ୍ୟନ୍ତ ବ୍ରହ୍ମାନନ୍ଦ ଗିରିଙ୍କ ଜୀବନରେ ବିବାହ ପ୍ରସଙ୍ଗ ଅତି ସଂକ୍ଷେପରେ ପ୍ରଦାନ କରାଯାଇଛି। ଏବେ ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କ ଜୀବନରେ ବୈବାହିକ ଲୀଳାକୁ ସଂକ୍ଷେପରେ ଆଲୋଚନା କରିବା।

## ଦ୍ୱିତୀୟ ଅଲୌକିକ ବିବାହ (ସ୍ୱାମୀ ନିଗମାନନ୍ଦ ଓ ଜଗଜ୍ଜନନୀ)

ଏହି ଜନ୍ମରେ ଜଗଜ୍ଜନନୀ ଆସିଥିଲେ – ମା' ଠାକୁରାଣୀ ସୁଧାଂଶୁବାଳାଙ୍କ ସ୍ଥୂଳ ଶରୀରରେ। ପୂର୍ବ ଜନ୍ମର ଓ ଏହି ଜନ୍ମରେ ସ୍ଥୂଳ ଶରୀର ଭିନ୍ନ ହେଲେ ମଧ୍ୟ ସେମାନେ ଥିଲେ ଏକ ଜଗଜ୍ଜନନୀଙ୍କର ଦୁଇ ସ୍ଥୂଳରୂପ। ଏଣୁ ଅନିନ୍ଦ୍ୟ ସୁନ୍ଦରୀ ପାର୍ବତୀଙ୍କ ପରି ମା' ଠାକୁରାଣୀ ସୁଧାଂଶୁବାଳା ମଧ୍ୟ ଥିଲେ ସୌନ୍ଦର୍ଯ୍ୟରେ ଅନୁପମା। ରୂପ ସାଙ୍ଗରେ ତାଙ୍କର ସମସ୍ତ ପ୍ରକାର ସୁଗୃହିଣୀର ପ୍ରତିଭା ଥିଲା। ଉଭୟ ରୂପ ଓ ଗୁଣର ଅପୂର୍ବ ସମନ୍ୱୟ ଯୋଗୁ ସେ ସମବୟସୀ କନ୍ୟାମାନଙ୍କର ଈର୍ଷାର ପାତ୍ରୀ ଥିଲେ। ଶ୍ରୀମତ୍ ରାମାନନ୍ଦ ଦାଦା ଯାହା ଲେଖିଛନ୍ତି, ଏହି ସଖୀମାନେ ଥଟ୍ଟା କରି କହନ୍ତି, 'ସୁଧାର ବର କିଏ ହେବ କେଜାଣି ! ଭଉଣୀ ! ଏବେ ତୁ ତୋର ଜେଜେ ମା'ଙ୍କୁ କହି ଗୋଟିଏ ସ୍ୱୟମ୍ବର ସଭା କର।' ଗ୍ରାମର ଅନ୍ୟ ବର୍ଷୀୟସୀ ମହିଳାମାନେ ସୁଧାରାଣୀଙ୍କର ରୂପ, ଗୁଣ, ଆଚାର, ବ୍ୟବହାର, ସ୍ୱଭାବରେ ମୁଗ୍ଧ ହୋଇ ଶତମୁଖରେ ପିତା ବୈଦ୍ୟନାଥ ବାବୁଙ୍କ ପ୍ରଶଂସା ଗାନ କରି କହିଥାନ୍ତି, 'କେଜାଣି କେଉଁ ତପସ୍ୟା ଫଳରେ ମୁଖାର୍ଜୀ ମହାଶୟ ଏପରି କନ୍ୟା ପାଇଛନ୍ତି !' ଦରିଦ୍ରତା ମଧ୍ୟରେ ଶଶୀକଳା ପରି ଦିନକୁ ଦିନ ସୁଧାଂଶୁବାଳା ବୃଦ୍ଧି ପାଇବାକୁ ଲାଗିଲେ। ହାଲିସହର ଲୋକମାନେ ତାଙ୍କୁ ଆଦରରେ 'ସୁଧାରାଣୀ' ବୋଲି ଡାକନ୍ତି ଓ ବୃଦ୍ଧା ପିତାମହୀ 'ରାଣୀ' ବୋଲି ଡାକନ୍ତି। ପିତୃଦତ୍ତ ନାମ ଥିଲା 'ସୁଧାଂଶୁବାଳା'। ଶ୍ରୀଯୁକ୍ତ ଯଜ୍ଞେଶ୍ୱର ବିଶ୍ୱାସ ମା' ଠାକୁରାଣୀଙ୍କର ଡାକନାମ 'ରାଣୁବାଳା' ଥିଲା ବୋଲି ଲେଖିଛନ୍ତି। ବିବାହର ୩ ଦିନ ପରେ ଶ୍ରୀଶ୍ରୀଠାକୁର ମା' ଠାକୁରାଣୀଙ୍କୁ ନେଇ ରାଧାକାନ୍ତପୁର ଆସିଲେ। ଗ୍ରାମ ଗ୍ରାମାନ୍ତରରୁ ଲୋକମାନେ ଆସି ନବବଧୂ ଦର୍ଶନ କରି ମନ୍ତବ୍ୟ ଦେଇଥିଲେ, 'ଭଲ ବୋହୂଟିଏ ମିଳିଛି। ଘରକୁ ଆଲୁଅ କରିବା ଭଳି ବୋହୂ।' ବିବାହର ପ୍ରାୟ ଏକମାସ ପରେ ମା' ଠାକୁରାଣୀ ଠାକୁରଙ୍କ ସହ କୁତବପୁର ଆସିଲେ। ମା'ଙ୍କ ରୂପଗୁଣର ପ୍ରଶଂସା କେତେଦୂର ସତ୍ୟ, ତାହା ପରୀକ୍ଷା କରିବାକୁ ଯାଇ କୁତବପୁରବାସୀ ଯାହା ଅନୁଭବ କଲେ, ରାମାନନ୍ଦ ଦାଦାଙ୍କ ଭାଷାରେ, "ଭାଉଜଙ୍କ ହାବଭାବ, ଚାଲିଚଳନ, କଥାବାର୍ତ୍ତା ଓ ଚକ୍ଷୁମୁଖର ଗଢନ ଦେଖି କେହି କିଛି ହେଲେ ଦୋଷ ଦେଖିବାକୁ ନ ପାଇ ସମସ୍ତେ ଏକମୁଖରେ ଭାଉଜଙ୍କର ପ୍ରଶଂସା କରିବାକୁ ଲାଗିଲେ।... କିନ୍ତୁ ଏହା ଅତି ସତ୍ୟ କଥା, ଭାଉଜଙ୍କର ସେହି ଅନୁପମ ରୂପମାଧୁରୀ ଓ ତଦୁପରି ତାଙ୍କର ଗୁଣର ପରିମାପ କରିବା ଅସମ୍ଭବ। ମନୁଷ୍ୟର ଯେ ଏପରି ନିଖୁଣ ଗଠନ ସମ୍ଭବ, ତାହା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଏହା ଯେପରି କୁଶଳୀ ଶିଳ୍ପୀଙ୍କର ଅପୂର୍ବ ଶିଳ୍ପ ଚାତୁର୍ଯ୍ୟରେ ଗଠିତ ମାଧୁର୍ଯ୍ୟ-ମଣ୍ଡିତ ଗୋଟିଏ ଜୀବନ୍ତ ପ୍ରତିମୂର୍ତ୍ତି ! ସତେ ଯେପରି ମସୃଣ ଶିଳା ଖଣ୍ଡେ କୁନ୍ଦି ଏହି ପ୍ରତିମୂର୍ତ୍ତିର ଚକ୍ଷୁ, ମୁଖ, ନାସା, କର୍ଣ୍ଣ ଓ ଓଷ୍ଠ ଦ୍ୱୟ ଗଠିତ !" ଏହି ବର୍ଣ୍ଣନ ଦ୍ୱାରା ମା' ଠାକୁରାଣୀଙ୍କର ରୂପଗୁଣର ଆକଳନ କରିବା ଅସମ୍ଭବ ଓ ଧୃଷ୍ଟତା ମାତ୍ର।....ତଥାପି ରାମାନନ୍ଦ ଭାଇ ତାଙ୍କର କେଶପାଶର ବର୍ଣ୍ଣନା କରିବା ସହିତ ଏହା କହିବାକୁ ଭୁଲିନାହାନ୍ତି ଯେ "ପ୍ରଶସ୍ତ ଲଲାଟ ମଧ୍ୟଭାଗରେ ସିନ୍ଦୁରବିନ୍ଦୁ, ଆକର୍ଣ୍ଣବ୍ୟାପ୍ତ ସମ୍ମୁଖବର୍ତ୍ତୀ କୁଞ୍ଚିତ କେଶରାଶି ମଧ୍ୟରେ ସୀମନ୍ତର କକ୍ଷପଥରେ ସିନ୍ଦୁରଗାର ! ଆହା କି ଅପୂର୍ବ ଶୋଭା ! ଉଷାର ଆଲୋକରେ ଏହା ଯେପରି ଅରୁଣୋଦୟର ଉଦ୍‌ଭାସିତ ଇଙ୍ଗିତ ! ! ପୋଟଳଚିରା ଲମ୍ବା ଲମ୍ବା ଆଖି, ସ୍ୱାଭାବିକ ରକ୍ତିମ ଓଷ୍ଠାଧାର, ମୁକ୍ତା ତୁଲ୍ୟ ସୁଶୋଭିତ ଦଶନପଂକ୍ତି, ଦେହାବୟବର ଅପୂର୍ବ ଗଠନ ଭଙ୍ଗୀ, କ୍ଷୀଣ କଟୀରେ ଶୋଭିତ ରଜତଶୁଭ୍ର ଚନ୍ଦ୍ରହାର, ହସ୍ତପଦତଳ ରକ୍ତାଭ, ବସନ, ଭୂଷଣ ଅଳଙ୍କାର ଓ ପ୍ରସାଧାନ ବ୍ୟତିରେକେ ନିଜର ଐଶ୍ୱର୍ଯ୍ୟରେ ହିଁ ନିଜେ ବିମଣ୍ଡିତା। ଦୀର୍ଘ ଅବଗୁଣ୍ଠନ ମଧ୍ୟରେ ଦେବୀ ସର୍ବଦା ଆତ୍ମସ୍ୱରୂପ ଗୋପନ ରଖି ଦାକ୍ଷିଣ୍ୟମୂର୍ତ୍ତିରେ ପ୍ରତିଷ୍ଠିତା। 'ଲଜ୍ଜା ରୂପେଣ ସଂସ୍ଥିତା'। ପୂର୍ବଜନ୍ମର ଦେବୀ ପାର୍ବତୀ ଓ ଏହି ଜନ୍ମର ଦେବୀ ସୁଧାଂଶୁବାଳାଙ୍କର ତ ରୂପଗୁଣ ସମସ୍ତ ଏହିପରି। ଦୁଇଟି ରୂପରେ ମା' ଘରଣୀ ସାଜି ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କୁ ସ୍ୱାମୀ ରୂପରେ ବରଣ କରିଛନ୍ତି। ଏଣୁ ଏହି ଦୁଇ ଜନ୍ମର ଦୁଇଥର ବିବାହ ପ୍ରାକୃତ ଜଗତରେ ଏକ ଅପ୍ରାକୃତ ଲୀଳା ନୁହେଁ ତ ଆଉ କ'ଣ ହୋଇପାରେ !

## ଉଭୟ ବିବାହର ତୁଳନାତ୍ମକ ବିଚାର

ମା' ପାର୍ବତୀଙ୍କ ବିବାହ ଏକ ଅରଣ୍ୟ ପରିବେଷ୍ଟିତ ପ୍ରାକୃତିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ମା'ଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ। ଏଥିରେ ସମାଜପତିଙ୍କୁ ସଂଶ୍ଳିଷ୍ଟ କରି ସାମାଜିକ ବିଧାନର ଅନୁସରଣ କରାଯାଇଥିଲା। ଏକପକ୍ଷରେ ଦୀନୁ କୈବର୍ତ୍ତ୍ୟ କନ୍ୟା ଦେବୀ ପାର୍ବତୀ ଏବଂ ଅନ୍ୟ ପକ୍ଷରେ ସିଦ୍ଧ ସନ୍ନ୍ୟାସୀ ଶ୍ରୀମତ୍ ବ୍ରହ୍ମାନନ୍ଦ। ମାତ୍ର ଏହି ଜନ୍ମରେ ସମସ୍ତ ସାମାଜିକ ଚଳଣି, ବିଧିବିଧାନ ଓ ବଙ୍ଗାଳୀ ବ୍ରାହ୍ମଣ ଘରର ରୀତିନୀତିକୁ ନେଇ ବିବାହର ସମସ୍ତ ମାଙ୍ଗଳିକ କର୍ମ ସମାପନ ହୋଇଥିଲା। ଉଭୟ କ୍ଷେତ୍ରରେ ଐତିହାସିକ କାଳର ଭିନ୍ନତା ଥିଲା, ପରିବେଶ ଓ ପରିସ୍ଥିତି ଭିନ୍ନ ଥିଲା ସତ, କିନ୍ତୁ ପତି-ପତ୍ନୀ ଥିଲେ ଭିନ୍ନ କାୟାରେ ଶିବତ୍ୱରେ ପ୍ରତିଷ୍ଠିତ ସ୍ୱାମୀ ବ୍ରହ୍ମାନନ୍ଦ/ନିଗମାନନ୍ଦ ଓ ଦେବୀ ପାର୍ବତୀ ବା ଦେବୀ ସୁଧାଂଶୁବାଳା ରୂପରେ ସ୍ୱୟଂ ଜଗଜ୍ଜନନୀ। ରାମାନନ୍ଦ ଦାଦା ଯଥାର୍ଥରେ ଲେଖିଛନ୍ତି, "ଏଇ ସେହି ପ୍ରେମମୟୀ ସୁଧାଂଶୁବାଳା, ଯାହାଙ୍କ ପ୍ରେମ ସଞ୍ଚାର ଫଳରେ ନଳିନୀକାନ୍ତ ଆମମାନଙ୍କର ପ୍ରେମିକଗୁରୁ ଠାକୁର ହୋଇଥିଲେ।... ଜଣେ ପୁରୁଷ, ଆଉ ଜଣେ ପ୍ରକୃତି। ଉଭୟେ

ଉଭୟଙ୍କ ପ୍ରେମରେ ପରିପୂର୍ଣ୍ଣ। ପୂର୍ଣ୍ଣରୁ ପୂର୍ଣ୍ଣତର। ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ। ପାର୍ବତୀଙ୍କ ନିମିତ୍ତ ଧୂର୍ଜଟୀଙ୍କର ଯୁଗେ ଯୁଗେ ଏଇ ହେଲା ସାଧନା।" ନାରାୟଣୀ ଦେବୀ ଲେଖିଛନ୍ତି, "ନଳିନୀକାନ୍ତଙ୍କ ମା' ଯୋଗେନ୍ଦ୍ରମୋହିନୀ ମୃତ୍ୟୁର କିଛିଦିନ ପୂର୍ବରୁ ସୁଧାଂଶୁବାଳାଙ୍କୁ ଦେଖି ବୋହୂ କରିବାକୁ ପସନ୍ଦ କରିଥିଲେ। ନଳିନୀକାନ୍ତଙ୍କ ପାଇଁ ଝିଅ ଦେଖିବାକୁ ବାହାରି ସେହି ଝିଅଟିକୁ ଦେଖି ଭୁବନମୋହନଙ୍କର ମଧ୍ୟ ପସନ୍ଦ ହୋଇଥିଲା।" ନାରାୟଣୀ ମା'ଙ୍କ ଲେଖାରେ ରହିଛି, "ସୁଧାଂଶୁବାଳା ଥିଲେ ରୂପସୀ, ଦେଖିଲେ ଆଖି ଲାଖି ରହେ।... ସୁଧାଂଶୁବାଳା ସ୍ୱାସ୍ଥ୍ୟବତୀ ଥିବାରୁ ଅନ୍ୟ ସମବୟସୀମାନଙ୍କ ତୁଳନାରେ ଦେଖିବାକୁ ବଡ଼ ଲାଗୁଥିଲେ।" ନାରାୟଣୀ ମା' ପୁନଶ୍ଚ ଲେଖିଛନ୍ତି, "ସୁଧାଂଶୁବାଳାଙ୍କ ଭିତରେ ନଳିନୀକାନ୍ତ କାହାର ଆଭାସ ପାଇଥିଲେ ?" ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ନାରାୟଣୀ ମା' ଶ୍ରୀଶ୍ରୀଠାକୁରଙ୍କ ଲିଖିତ 'ସୁଧାଂଶୁବାଳା' ଉପନ୍ୟାସରେ କେତୋଟି ପଂକ୍ତି ଉଦ୍ଧାର କରିଛନ୍ତି - "ଯେ ଏହି ପ୍ରତିମାଟିକୁ ଥରେ ଦେଖିଛି ସେ ଆଉ ଭୁଲିପାରେ ନାହିଁ। ଯେଉଁ ବ୍ୟକ୍ତି ଯେପରି ଅବସ୍ଥାରେ ଏହି ମୂର୍ତ୍ତି ଦେଖିଛନ୍ତି, ସେ ଠିକ୍ ସେହିପରି ଭାବରେ ଚିତ୍ରର୍ପିତ ସଦୃଶ ନିର୍ନିମେଷ ନୟନରେ ସେହି ମୂର୍ତ୍ତିଟିକୁ ଅନାଇ ରହନ୍ତି। ଆଖି ଫେରାଇନେବାକୁ ହେବ ବୋଲି ଭାବିଲେ ତାଙ୍କର ପ୍ରାଣ କାନ୍ଦି ଉଠେ। ହଠାତ୍ ଦେଖିଲେ ମନେହୁଏ ଯେପରି ପର୍ବତ-ଦୁହିତା କୈଳାସ ଛାଡ଼ି ଏହି ଘରେ ଆସି ରହିଛନ୍ତି।" ନାରାୟଣୀ ମା' ପୁନଶ୍ଚ କହିଛନ୍ତି, "ସାରା ଗ୍ରାମର ଝିଅବୋହୂଙ୍କ ମୁହଁରେ ଗୋଟିଏ କଥା - ଏପରି ଝିଅ ତ ଆମେ ଦେଖିନାହୁଁ।"

ମା' ଠାକୁରାଣୀ ସୁଧାଂଶୁବାଳାଙ୍କୁ ନାରାୟଣୀ ମା' ବିବାହ ପରବର୍ତ୍ତୀ ଏକ ଘଟଣାକ୍ରମରେ 'ଶିବ ଅପମାନିତା ସତୀ' ଭାବରେ ବର୍ଣ୍ଣନା କରିଛନ୍ତି। ଶ୍ରୀଶ୍ରୀଠାକୁର ବିବାହ ପରେ ଥରେ ଶ୍ୱଶୁରାଳୟକୁ ଯାଇଥିବାବେଳେ ସେଥର କୁଆଡ଼େ ସେଠାରେ ସୁଧାଂଶୁବାଳାଙ୍କ ଆତ୍ମୀୟମାନେ ତାଙ୍କୁ ସେଭଳି ଆଦର ଯତ୍ନ କରିନଥିଲେ। 'ଶିବ ଅପମାନିତା ସତୀ' ସେହିଦିନ ଠାରୁ ଆଉ ବାପଘରକୁ ଯାଆନ୍ତି ନାହିଁ। ଡାକରା ଆସିଲେ ମଧ୍ୟ ଛଳନା କରି ଫେରାଇ ଦିଅନ୍ତି। ନ ଯିବାର ଅସଲ କାରଣଟି କେବଳ ନଳିନୀକାନ୍ତ ନିଜେ ଜାଣିଥିଲେ।

**କନ୍ୟା ଚୟନ :**

ଶ୍ରୀଶ୍ରୀଠାକୁରଙ୍କ ଏହି ଜନ୍ମର ବିବାହ ଲୀଳା ପ୍ରସଙ୍ଗର ଉତ୍ଥାପନ ପାଇଁ ମା' ଠାକୁରାଣୀ ସୁଧାଂଶୁବାଳାଙ୍କ ସମ୍ପର୍କରେ ଉପରୋକ୍ତ ଯେଉଁ ସବୁ ସୂଚନା ଦିଆଗଲା ତା' ଯେ ଅତ୍ୟନ୍ତ ଜରୁରୀ ଥିଲା, ଏଥିରେ ତିଳେମାତ୍ର ସନ୍ଦେହ ନ ଥିବାର ସମସ୍ତ ପାଠକ ଅନୁଭବ କରିପାରିଥିବେ। ଏଥର ମୂଳ ପ୍ରସଙ୍ଗକୁ ଫେରିବା, ଯାହା ନାରାୟଣୀ ଦେବୀ 'ଜୀବନ ପ୍ରସଙ୍ଗ' (୧ମ ଭାଗ)ରେ ଲେଖିଛନ୍ତି, "କୌଣସି ସ୍ନାନଯୋଗ ଉପଲକ୍ଷରେ ଥରେ ମାତା ଯୋଗେନ୍ଦ୍ରମୋହିନୀ ଗଙ୍ଗାସ୍ନାନକୁ ଯାଇ ବୈଦ୍ୟନାଥ ମୁଖୋପାଧ୍ୟାୟଙ୍କ ଜ୍ୟେଷ୍ଠା କନ୍ୟାଟିକୁ ଦେଖିଥିଲେ।.... ସେମାନେ କେଉଁ ସ୍ଥାନରେ ପାତ୍ରୀକୁ ଦେଖିଥିଲେ, ତାହା ସଠିକ୍ କହିହେବ ନାହିଁ। ଅନୁସନ୍ଧାନ କରି ମା' ଯୋଗେନ୍ଦ୍ରମୋହିନୀ ଜାଣିଥିଲେ ଯେ, ସେଠାରେ ସମ୍ବନ୍ଧ କରାଯାଇପାରେ; ସେଥିରେ କୁଳଗତ ବାଧା କିଛି ନାହିଁ।... ଗୃହକୁ ପ୍ରତ୍ୟାବର୍ତ୍ତନ କରି ଭଟ୍ଟାଚାର୍ଯ୍ୟ ମହାଶୟଙ୍କ ନିକଟରେ ଯୋଗେନ୍ଦ୍ରମୋହିନୀ କନ୍ୟାର ରୂପଗୁଣର ଶତମୁଖରେ ପ୍ରଶଂସା କଲେ। ସେତେବେଳେ କନ୍ୟାର ବୟସ ସାତ ଆଠ ବର୍ଷ ହେବ। ଏଭଳି ସର୍ବାଙ୍ଗ ସୁନ୍ଦରୀ କନ୍ୟା ସାଧାରଣତଃ କ୍ୱଚିତ ଦେଖାଯାଆନ୍ତି।... ଭଟ୍ଟାଚାର୍ଯ୍ୟ ମହାଶୟ (ପିତାଶ୍ରୀ)ଙ୍କ ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ସାନ ଜାମାତା ହରିପଦଙ୍କୁ ସାଙ୍ଗରେ ଧରି ପିତା ହାଲି ସହରରେ ଉପସ୍ଥିତ ହେଲେ। ସୁଧାଂଶୁବାଳାଙ୍କୁ ଦେଖି ବୃଦ୍ଧ ପିତାଙ୍କ ଚକ୍ଷୁ ଜଳ ଭାରାକ୍ରାନ୍ତ ହୋଇଗଲା।...ଏହି କନ୍ୟାକୁ ସେ ଯଦି ବୋହୂ କରି ଘରକୁ ନେଇପାରନ୍ତେ, ତେବେ ପୁଅ କିପରି ସନ୍ନ୍ୟାସୀ ହେବ, ଟିକିଏ ଦେଖନ୍ତେ ! କନ୍ୟାର ବୁଢ଼ୀମା'ଙ୍କୁ ବିବାହ ନିମିତ୍ତ ସ୍ଥିର ଜବାବ ଦେଇ ଗୃହକୁ ଫେରି ନିଜ ଶାଶୁ ଓ ଶାଳୀମାନଙ୍କୁ କହିଲେ ଯେ, "ମୁଁ ସେହିଠାରେ ନଳିନୀର ବିବାହ ନିମିତ୍ତ ସମ୍ମତି ଦେଇ ଆସିଲି। ଏପରି ସର୍ବାଙ୍ଗ ସୁନ୍ଦର ବୋହୂ ମିଳିବା ବହୁ ତପସ୍ୟାର ଫଳ ବୋଲି ଜାଣିବ। ତା'ର ଯେପରି ସ୍ୱାସ୍ଥ୍ୟ, ସେହିପରି ରୂପ।"... କନ୍ୟାଟି ପରମାସୁନ୍ଦରୀ ବୋଲି ଜାଣିବା କ୍ଷଣି ମାଉସୀ ଓ ଭଉଣୀମାନେ ଗରିବ ଘର ବୋଲି କୌଣସି ଆପତ୍ତି ଉଠାଇଲେ ନାହିଁ। ସେମାନଙ୍କର ଇଚ୍ଛା ଯେ, ପୁଅ ଯେପରି ସୁନ୍ଦର, ତା'କୁ ଚାହିଁ ସେହିପରି ଗୋଟିଏ କନ୍ୟା ଆବଶ୍ୟକ।

**ନଳିନୀକାନ୍ତଙ୍କ କନ୍ୟା ଦେଖା :**

କନ୍ୟାଚୟନ ପର୍ବ ଶେଷ ହେଲା ପରେ ସମସ୍ତ ପରିଜନମାନଙ୍କର ଭାଳେଣି ପଡ଼ିଲା ଯେ - "ଏକଜିଦିଆ ପୁଅ (ନଳିନୀକାନ୍ତ) ଯଦି ଶେଷରେ କହେ ଯେ, ପାଠପଢ଼ା ଶେଷ ନ ହେଲେ ମୁଁ ବିବାହ କରିବି ନାହିଁ, ତେବେ ଉପାୟ କ'ଣ ? ସେ ଥରେ ଯାହାକୁ ନା ବୋଲି କହିବ, ତାହା ତ ପୁଣି ହଁ କରିବା ଅତି କଷ୍ଟ।" ଜାମାତା ହରିପଦ ମୁଖୋପାଧ୍ୟାୟ ଈଷତ୍ ହସି କହିଲେ, "ନଳିନୀକୁ ଏ ବିବାହରେ ସମ୍ମତି କରାଇବା ଭାର ମୁଁ ନେଲି।" ପୂଜାଛୁଟିରେ ନଳିନୀ ଗୃହକୁ ଆସିବା ପରେ ସାନ ଭିଣୋଇ କଥୋପକଥନ ଛଳରେ ତାଙ୍କୁ କହିଲେ, ହାଲି ସହର ଗ୍ରାମକୁ

ମୋର ଜଣେ ବନ୍ଧୁଙ୍କ ପାଇଁ କନ୍ୟାଘର ଦେଖିଯିବାକୁ ହେବ। ଚାଲ, ସାଙ୍ଗ ହୋଇ ସେଠାକୁ ଯିବା। ହରିପଦଙ୍କ କଥାରେ ନଳିନୀକାନ୍ତ ସମ୍ମତି ହେଲେ। ନଳିନୀକାନ୍ତ ଅବଶ୍ୟ ଜାଣିଥିଲେ ଯେ ତାଙ୍କ ପାଇଁ ପାତ୍ରୀ ସନ୍ଧାନ ଚାଲିଛି। କିନ୍ତୁ ଭିଣୋଇ ଯେ ତାଙ୍କୁ ଏପରି ଫାନ୍ଦରେ ପକାଇବାକୁ ଚେଷ୍ଟା କରୁଛନ୍ତି, ସେ ଟିକିଏ ହେଲେ ଭାବିପାରିଲେ ନାହିଁ। ଏଠାରେ କହିବା ବାହୁଲ୍ୟ ଯେ ସାନ ଜାମାତା ହରିପଦ ମୁଖୋପାଧ୍ୟାୟ ଉଭୟ ପକ୍ଷର ମଧ୍ୟସ୍ଥି ଥିଲେ। କନ୍ୟାପାତ୍ରୀର ଆତ୍ମୀୟସ୍ୱଜନମାନେ ଭାବି ଜ୍ୱାଇଁଙ୍କୁ ଦେଖିବେ ଏଣେ ନଳିନୀକାନ୍ତଙ୍କର ମଧ କନ୍ୟା ଦେଖା ହେବ। ପୁଣି ବରକୁ ଦେଖିଲେ କନ୍ୟାପକ୍ଷର ମଧ ନିଶ୍ଚୟ ପସନ୍ଦ ହେବ। ହରିପଦଙ୍କ ଅନୁମାନ ମିଥ୍ୟା ହେଲା ନାହିଁ। ସୁଧାଦେବୀଙ୍କ ମା', ଭଉଣୀ ଓ ଆତ୍ମୀୟସ୍ୱଜନମାନେ ଜାମାତାଙ୍କୁ ଦେଖି ମୁଗ୍ଧ ହେଲେ। ଉଜ୍ଜ୍ୱଳ ଗୌରବର୍ଣ୍ଣ, ପତଳା ଚକ୍‌ଚକ୍ ଚେହେରା, ଆକର୍ଣ୍ଣ ବିଶ୍ରୁତ ନୟନରେ ଶିଶୁସୁଲଭ ସାରଲ୍ୟବୋଳା ଠାଣି, ସୁନ୍ଦର ମୁଖଶ୍ରୀ। ତାଙ୍କ ମୁଖମଣ୍ଡଳରେ ଏପରି ଆଭା ଥିଲା ଯେ ନଳିନୀକାନ୍ତଙ୍କୁ ଦେଖିଲା କ୍ଷଣି ତାଙ୍କୁ ସୁଖ ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ହେଉଥିଲା। ମୁଣ୍ଡରେ କଳାଭ୍ରମର ସଦୃଶ କେଶପାଶ, ବେଶଭୂଷା, ପରିପାଟୀ ଆଡ଼ମ୍ବରଶୂନ୍ୟ। (ଏହିପରି ଅନେକ କିଛି ବର୍ଣ୍ଣନା ରହିଛି) ନଳିନୀକାନ୍ତ ଯେ ବର୍ତ୍ତମାନ ସୁଦ୍ଧା ତାଙ୍କର ବିବାହ କଥା ଜାଣିନାହାନ୍ତି, ସେ ବିଷୟ ହରିପଦ ବାବୁ କନ୍ୟାର ମାତା ମନମୋହିନୀ ଦେବୀ ଓ ତାଙ୍କ ଶାଶୁଙ୍କୁ ଆଗରୁ କହିଦେଇଥିଲେ। କନ୍ୟାକୁ ନେଇ ବୁଢ଼ୀମା' ଯେତେବେଳେ ପାଖକୁ ଆସିଲେ, ସେତେବେଳେ ନଳିନୀକାନ୍ତ ସଙ୍କୋଚର କୌଣସି କାରଣ ଦେଖିପାରିଲେ ନାହିଁ; ବରଂ ବୃଦ୍ଧାଙ୍କ ସହିତ ସ୍ୱଚ୍ଛନ୍ଦରେ ଆଳାପ ଆଲୋଚନା କଲେ। ହାସ୍ୟ ସମ୍ବରଣ କରି ହରିପଦବାବୁ ନଳିନୀକାନ୍ତଙ୍କୁ କହିଲେ, "ଭାଇ କନ୍ୟାକୁ ଭଲ କରି ଦେଖିନିଅ। ଏଠାରୁ ଯାଇ ଆମ ବନ୍ଧୁଙ୍କ ନିକଟରେ କନ୍ୟା ସମ୍ବନ୍ଧରେ ମନ୍ତବ୍ୟ ଦେବାକୁ ହେବ ଯେ! ମୋର କଥା ହୁଏତ ସେମାନଙ୍କର ବିଶ୍ୱାସ ହେବ ନାହିଁ। ତେଣୁ ତୁମକୁ ସାଙ୍ଗରେ ଆଣିଛି।" ଥରେ ଦୁଇଥର ଚାହିଁ ଦେଇ ନଳିନୀକାନ୍ତ କହିଲେ, "ମୋର ଦେଖା ହୋଇଯାଇଛି।" ବୁଢ଼ୀ ମା' ପଚାରିଲେ, "ତୁମର କିପରି ପସନ୍ଦ ହେଲା? ମୋର ରାଣୀକୁ ଦେଖି କ'ଣ କେହି ଅପସନ୍ଦ କରିବେ?" "ଆଜ୍ଞା ନା"। ସ୍ପଷ୍ଟବାଦୀ ନଳିନୀକାନ୍ତ ସ୍ପଷ୍ଟକଥାଟି କହି ପକାଇଲେ, "ଆପଣଙ୍କ କନ୍ୟାଟି କେବେ ଅପସନ୍ଦ ନୁହେଁ।" ଏହା ଶୁଣି ସୁଧାଦେବୀ ମୁରୁକି ହସା ଦେଇ ଲଜ୍ଜାରେ ମସ୍ତକ ଅବନତ କରି ଦଣ୍ଡାୟମାନ ହେଲେ। ସେ ଜାଣିଥିଲେ, ତାଙ୍କ ବର ତାଙ୍କ ସମ୍ମୁଖରେ। **(ନାରାୟଣୀ ମା' ଲେଖିଛନ୍ତି, "ଏହି ପ୍ରସଙ୍ଗଟି ଆମେ ଶ୍ରୀଶ୍ରୀଠାକୁରଙ୍କ ମାଉସୀ ଗୋବିନ୍ଦମୋହିନୀ ଦେବୀଙ୍କ ଠାରୁ ଶୁଣିଛୁ। ଶ୍ରୀଶ୍ରୀଠାକୁର ମଧ ଏ ଘଟଣାର ସତ୍ୟତା ସ୍ୱୀକାର କରିଥିଲେ।")**

ନାରାୟଣୀ ମା' ଲେଖିଛନ୍ତି, "ନଳିନୀକାନ୍ତ କନ୍ୟା ଦେଖି ଅତିଶୟ ମୁଗ୍ଧ ହୋଇଯାଇଥିଲେ। ସେ ବନ୍ଧୁମାନଙ୍କ ନିକଟରେ ଆସି କହିଲେ ଯେ କନ୍ୟାଟି ଅତି ଚମତ୍କାର; ବହୁ ପୁଣ୍ୟଫଳରେ ସେପରି ବୋହୂ ମିଳନ୍ତି। ସେହି କନ୍ୟା ସହିତ ଯାହାର ସମ୍ବନ୍ଧ ସ୍ଥାପିତ ହେବ, ତା'କୁ ଭାଗ୍ୟବାନ ବୋଲି କୁହାଯିବ। ପରେ ଯେତେବେଳେ ଭିଣୋଇଙ୍କ ଠାରୁ ନଳିନୀକାନ୍ତ ଶୁଣିଲେ ଯେ ଯେଉଁ କନ୍ୟାକୁ ଦେଖି ସେ ପସନ୍ଦ କରିଛନ୍ତି, ତାହା ତାଙ୍କରି ପାଇଁ ନିର୍ବାଚିତା; ସେତେବେଳେ ସେ ସଲ୍ଲଜ ଆନନ୍ଦରେ ସେହି ବିବାହ ସମ୍ବନ୍ଧକୁ ସ୍ୱୀକୃତି ଦାନ କରି କହିଲେ, 'ସେ ବିବାହରେ ମୋର ଆପତ୍ତି ନାହିଁ।' ଭଗ୍ନୀପତି ଥଟ୍ଟା କରି କହିଲେ, 'ସେ କନ୍ୟା ସହିତ ବିବାହ ହୋଇନଥିଲେ ତୋର ମନ ନିଶ୍ଚୟ କଷ୍ଟ ହୋଇଥାନ୍ତା, ନୁହେଁ? ମୁଁ ସବୁ ଜାଣେ; ମୋତେ ଲୁଚାଇଲେ କ'ଣ ହେବ?' ଏହା ଶୁଣି ନଳିନୀକାନ୍ତ ମସ୍ତକ ନତ କରି ମନେ ମନେ ହସିବାକୁ ଲାଗିଲେ।"

**ଶୁଭ ବିବାହ :**

ଏହାପରେ ଶୁଭ ବିବାହର ଲଗ୍ନ ଆସିଗଲା। ନାରାୟଣୀ ମା' ଜୀବନ-ପ୍ରସଙ୍ଗ ୧ମ ଭାଗରେ ଲେଖିଛନ୍ତି, "୧୮୯୭ ଫାଲଗୁନ (ଫେବୃଆରୀ-ମାର୍ଚ୍ଚ) ମାସରେ ଏଗାର ବର୍ଷ ବୟସ୍କ ଦେବୀ ସୁଧାଂଶୁବାଳାଙ୍କ ସହିତ ସତର ବର୍ଷ ବୟସ୍କ ନଳିନୀକାନ୍ତଙ୍କର ବିବାହ ଯଥାବିଧି ସମ୍ପନ୍ନ ହେଲା। ସେତେବେଳେ ଏହି ବିବାହରେ ବାରଶତ ଟଙ୍କା ବ୍ୟୟିତ ହୋଇଥିଲା। ବରକନ୍ୟାଙ୍କୁ ଏକତ୍ର ଦର୍ଶନ କରି ଅଞ୍ଚଳର ଲୋକମାନେ କହିଲେ ଯେ, ଏହି ବରକନ୍ୟା ଦୁଇଟି ଯେପରି ପରସ୍ପର ପାଇଁ ଜନ୍ମଗ୍ରହଣ କରିଛନ୍ତି।" ନାରାୟଣୀ ମା'ଙ୍କ ଭାଷାରେ, "ପ୍ରାଚୀନା ରମଣୀମାନଙ୍କ ମୁଖରୁ ଶୁଣିଛୁ ଯେ ନିକଟବର୍ତ୍ତୀ ଦଶଖଣ୍ଡି ଗ୍ରାମରେ ମଧ ରାଣୀଙ୍କ ପରି ସୁନ୍ଦରୀ କନ୍ୟା ଅନ୍ୟତ୍ର ଦୃଷ୍ଟିଗୋଚର ହେଉନଥିଲେ। କିନ୍ତୁ ଆମ ମତରେ ଦଶ ଗ୍ରାମ କାହିଁକି, ମା' ସୁଧାରାଣୀଙ୍କ ପରି ସୌନ୍ଦର୍ଯ୍ୟବତୀ କନ୍ୟା ତ୍ରିଲୋକରେ ଦୁର୍ଲ୍ଲଭ। ଆମ ମା' ଠାକୁରାଣୀ ନିରୁପମା, ରୂପ ଲାବଣ୍ୟରେ ଭୁବନମୋହିନୀ।" ଏଠାରେ ଗୋଟିଏ କଥା ଶୁଣି ଆଚମ୍ବିତ ଲାଗେ। ରାମାନନ୍ଦ ଦାଦାଙ୍କ ବର୍ଣ୍ଣନାରେ, ବିବାହରେ ଯେଉଁ ୧୨୦୦ ଟଙ୍କା ବ୍ୟୟ ହୋଇଥିଲା, ତାହା ମାଉସୀମାନେ ବହନ କରିଥିଲେ। କିନ୍ତୁ ଏହି ବିବାହରେ ବେଶୀ ଲୋକ ବରଯାତ୍ରୀ ଯାଇ ପାରିନଥିଲେ। ମାତ୍ର ୫ ଜଣ ବରଯାତ୍ରୀ ଯାଇଥିଲେ। ସେମାନଙ୍କ ମଧରେ ଥିଲେ, ହରିପଦ ମୁଖାର୍ଜୀ, ମଝିଆ ଭାଇ ତାରାପଦ, ନଳିନୀକାନ୍ତଙ୍କ ବନ୍ଧୁ ରାଧାକାନ୍ତପୁର ନିବାସୀ

ନିଧିରାମ ପ୍ରଭୃତି। "କିନ୍ତୁ ଅଦୃଷ୍ଟର ପରିହାସ ଏପରି ଯେ ତାଙ୍କ ବିବାହ ଉତ୍ସବ ଦିନ ମୂହୁର୍ମୂହୁ ଭୂମିକମ୍ପ ହୋଇଥିଲା। ରାତ୍ରିରେ ମଧ୍ୟ ଏହି ଭୂମିକମ୍ପ ହୋଇଥିଲା। ଦେଶର ଲୋକମାନେ ଏହାକୁ ଦୁର୍ଦେବ ଓ ଅଶୁଭ ଲକ୍ଷଣ ବୋଲି କହିବାକୁ ଲାଗିଲେ।" କିନ୍ତୁ ମୋର ବ୍ୟକ୍ତିଗତ ମତ ଯେ, "ଜଗଦ୍‌ଗୁରୁଙ୍କ ମାନୁଷୀତନୁ ଓ ଜଗଜ୍ଜନନୀ ଯେତେବେଳେ ବିବାହ ବେଦୀରେ ଏକାଠି ହୋଇଛନ୍ତି, ଧରଣୀ ମା' ଭାର ସହିବ କେମିତି ? ମୂହୁର୍ମୂହୁ କମ୍ପନ ହେବ ତ ନିଶ୍ଚୟ।"

**ଶେଷ ପର୍ଯ୍ୟାୟ (ଜଗଜ୍ଜନନୀ ସ୍ୱରୂପା ସୁଧାଂଶୁବାଳା) :**

ଏଥର ଶେଷ ପର୍ଯ୍ୟାୟକୁ ଆସିବା। ନିଜର ଖିଆଲି ଓ ଗଭୀର ଚିନ୍ତାରେ କାଳାତିପାତ କରିବା ଅବସରରେ ମା' ସୁଧାରାଣୀଙ୍କ ସୁଖ୍ୟାତି ତାଙ୍କର କର୍ଣ୍ଣଗୋଚର ହେଲା। ସୁଧାରାଣୀଙ୍କୁ ବୋହୂ ଭାବରେ ପାଇ ସମସ୍ତେ ଖୁସି ହୋଇଥିବା ଜାଣି ନଳିନୀକାନ୍ତ ସ୍ୱସ୍ତିର ନିଃଶ୍ୱାସ ତ୍ୟାଗ କଲେ। ବଧୂ ସୁଧାରାଣୀଙ୍କ ଦୟାଦାକ୍ଷିଣ୍ୟ, ସେବାଶୁଶ୍ରୂଷା, ତ୍ୟାଗଭାବ, ଲଜ୍ଜା ଓ ଗାମ୍ଭୀର୍ଯ୍ୟ ଇତ୍ୟାଦି ସଦ୍‌ଗୁଣ ଦେଖି ନଳିନୀକାନ୍ତଙ୍କ ହୃଦୟରେ ସ୍ତ୍ରୀଙ୍କ ପ୍ରତି ଶ୍ରଦ୍ଧା ଜାତ ହେଲା। ନଳିନୀକାନ୍ତ ରାଣୀଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ। ସେ ଦେବୀଙ୍କୁ ସମବୟସ୍କ ବନ୍ଧୁ ବୋଲି ଗ୍ରହଣ କରିଥିଲେ ମଧ୍ୟ ରାଣୀଙ୍କ ଭାବ ସେପରି ନ ଥିଲା। ତାଙ୍କ ଭାବ ଏହାଠାରୁ ଅତିଗଭୀର ଓ ମଧୁର ଥିଲା। ଏହି ଭାବକୁ ପ୍ରକୃତ ସୁଖ ପାଇବା କୁହାଯିବ ନା ପ୍ରଣୟିନୀର ପ୍ରେମ ବୋଲି ଆଖ୍ୟା ଦିଆଯିବ ? ଶ୍ରୀଶ୍ରୀଠାକୁର ସ୍ୱୟଂ ଏ ସମ୍ବନ୍ଧରେ ଲେଖିଛନ୍ତି, "ତୁମର ପ୍ରେମପ୍ଲାବନର ପଟୁ ପଡ଼ିବା ଯୋଗୁ ହିଁ ମୋର ଏହି ଉଷର ହୃଦୟ ସରସ ହୋଇଥିଲା।" ('ପ୍ରେମିକ ଗୁରୁ' - ଉତ୍ସର୍ଗପତ୍ର)। ନାରାୟଣୀ ମା' ପୁଣି ଲେଖିଛନ୍ତି, "୧୯୧୩ ମସିହାରେ ଅର୍ଥାତ୍ ସନ୍ନ୍ୟାସ ଗ୍ରହଣର ବାରବର୍ଷ ପରେ ଜନ୍ମଭୂମିକୁ ପ୍ରତ୍ୟାବର୍ତ୍ତନ କରି ଶ୍ରଦ୍ଧେୟ ଯୋଗାନନ୍ଦଙ୍କ ନିକଟରେ ଶ୍ରୀଶ୍ରୀଠାକୁର କହିଥିଲେ, 'ମୁଁ ଦେବୀଙ୍କ ରୂପରେ ମୁଗ୍ଧ ନ ଥିଲି, ମୁଁ କେବଳ ଗୁଣରେ ମୁଗ୍ଧ ଥିଲି। ସେ ପ୍ରାୟ ରାତିସାରା ବସି ମୋର ସେବାଯତ୍ନ କରୁଥିଲେ। ମୁଁ କହିଲେ ଶୟନ କରନ୍ତି ଓ ମୁଁ ଶୋଇପଡ଼ିଲେ ଉଠି ମୋର ସେବାଯତ୍ନ କରିବାରେ ଲାଗିଯାଆନ୍ତି। ଏହି ନୀରବ ଓ ଗୋପନ ସେବାକୁ ହିଁ ପ୍ରକୃତ ସେବା କୁହନ୍ତି। ତାଙ୍କର ସେବାଯତ୍ନ ଦେଖି ନଳିନୀକାନ୍ତଙ୍କର ଗର୍ଭଧାରିଣୀ ମା'ଙ୍କ କଥା ମନେପଡ଼ିଯାଏ। ନଳିନୀକାନ୍ତଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ବିଧାନ ପାଇଁ ମା' ଯୋଗେନ୍ଦ୍ରମୋହିନୀ ଠିକ୍ ଦେବୀ ସୁଧାଂଶୁବାଳାଙ୍କ ପରି ତତ୍ପରା ଥିଲେ। ବୋହୂଟି ଅତି ସୁନ୍ଦରୀ ବୋଲି ଶୁଣି କଲିକତାର ଜନୈକ ବନ୍ଧୁ ବୋହୂଙ୍କୁ ଦେଖିବାକୁ ଆଗ୍ରହ ପ୍ରକାଶ କରିଥିଲେ। ନଳିନୀକାନ୍ତ ଘରକୁ ଆସି ସୁଧାରାଣୀଙ୍କୁ ଏହା କହିବା ମାତ୍ରେ ସୁଧାରାଣୀ କହିଥିଲେ, 'ତୁମ ବନ୍ଧୁଙ୍କୁ କହିବ, ବନ୍ଧୁଙ୍କର ପତ୍ନୀ ତାଙ୍କର ଭାଇବୋହୂ ସଦୃଶ। ଭାଇବୋହୂକୁ ଦେଖିବା କଥାକହିବା ପାଇଁ ତମ ବନ୍ଧୁଙ୍କୁ ଟିକିଏ ହେଲେ ଲଜ୍ଜା ବୋଧ ହେଲା ନାହିଁ ?' ଗୋଟିଏ ସାମାନ୍ୟ ବାଳିକାର ଲଜ୍ଜାଗାମ୍ଭୀର୍ଯ୍ୟ ଦର୍ଶନ କରି ନଳିନୀକାନ୍ତ ଆଶ୍ଚର୍ଯ୍ୟ ହୋଇଗଲେ। ସୁଧାରାଣୀ ପୁନର୍ବାର ତିରସ୍କାର କରି କହିଲେ, 'ମୁଁ କୂଳବଧୂ; ପର ନିକଟରେ ମୋର ରୂପ ବର୍ଣ୍ଣନା କରିବାକୁ ଟିକିଏ ଲଜ୍ଜା ଆସିଲା ନାହିଁ ?' ଏଥିପାଇଁ ରାମାନନ୍ଦ ଦାଦା ଯଥାର୍ଥରେ କହିଥିଲେ, **'ଭାଉଜ ଆମର ଲଜ୍ଜାରୂପେଣ ସଂସ୍ଥିତା। ଅପରୂପ ଲାବଣ୍ୟବତୀ ହୋଇ ମଧ୍ୟ ଭାଉଜ ନିଜର ରୂପଲାବଣ୍ୟକୁ ସଦା ଲୁଚାଇ ରଖି ଚଳନ୍ତି। ଶାସ୍ତ୍ରରେ ଅଛି, ପରମେଶ୍ୱରୀଙ୍କ ପ୍ରତିପାଦ୍ୟ ବୀଜମନ୍ତ୍ରର ନାମ ଲଜ୍ଜାବୀଜ। ସୌନ୍ଦର୍ଯ୍ୟଲହରୀ ହୋଇ ମଧ୍ୟ ଲଜ୍ଜାପଟାବୃତା ହୋଇ ରହିବା ମା' ଆନନ୍ଦମୟୀଙ୍କ ସ୍ୱଭାବ। ଆମ ଠାକୁରାଣୀଙ୍କ ଭିତରେ ମଧ୍ୟ ସେହି ଦେବୀ ଭାବର ପ୍ରକାଶ ହୋଇଥିଲା।** ନଳିନୀକାନ୍ତ ଯେ ମାତୃସ୍ନେହ ସଦୃଶ ସ୍ନେହଲାଭ କରିଛନ୍ତି, ଏଥିରେ ସନ୍ଦେହ ନାହିଁ। ଏହି ଗୁଣବତୀ ସ୍ୱରୂପା ବଧୂଙ୍କର ହୃଦୟଟି ଏକାବେଳକେ ମଧୁର ଭାବରେ ପରିପୂର୍ଣ୍ଣ। ନଳିନୀକାନ୍ତ ସିଦ୍ଧାନ୍ତ କଲେ ଯେ, ଏହାକୁ ହିଁ ପ୍ରକୃତ ସୁଖ ପାଇବା କୁହନ୍ତି। ପ୍ରେମ ସୂକ୍ଷ୍ମଦର୍ଶୀ। ନଳିନୀକାନ୍ତ ବଧୂ ସୁଧାରାଣୀଙ୍କୁ ସୁଖୀ କରିବା ପାଇଁ ଯେତେ ଚେଷ୍ଟା କରନ୍ତି, ରାଣୀଙ୍କୁ ତାହା କିଛି ଅଜଣା ରହେ ନାହିଁ। ବିବାହର ବର୍ଷକ ପରେ ଦେବୀଙ୍କର ଏହି ଆତ୍ମହରା ସ୍ନେହପ୍ରୀତି ଦର୍ଶନ କରି ସେଥିରେ ଉଦ୍ଦୀପିତ ହୋଇ ଶ୍ରୀଶ୍ରୀଠାକୁର 'ସୁଧାଂଶୁବାଳା' ନାମକ ଉପନ୍ୟାସରେ ତାଙ୍କ ଚରିତ୍ର ଅଙ୍କନ କରିଥିଲେ। ତାଙ୍କ ଆନ୍ତରିକ ସୁଖ ପାଇବାକୁ ସ୍ୱାମୀ ନିଃସଂଶୟ ଭାବରେ ବିଶ୍ୱାସ କରିଛନ୍ତି ଜାଣି ଦେବୀ ନିଜ ଜୀବନକୁ ସାର୍ଥକ ଜ୍ଞାନ କଲେ; ପରସ୍ପରଙ୍କ ସ୍ନେହପ୍ରୀତିରେ, ପରସ୍ପର ଅନ୍ତରରେ ଆନନ୍ଦର ହିଲ୍ଲୋଳ ଖେଳିବାକୁ ଲାଗିଲା।"

ଧୀରେ ଧୀରେ ଶେଷ ପର୍ଯ୍ୟାୟର ଅନ୍ତିମ ସଙ୍କେତ ଆସିଗଲା। ନଳିନୀକାନ୍ତ ଚିନ୍ତିତ ହେଲେ, "ମାତୃସ୍ନେହ ରାଣୀ ତାଙ୍କୁ ଦେଇଛନ୍ତି। ତେବେ କାଳ ପୁଣି ତାଙ୍କୁ ହରଣ କରିନେଇଯିବ ନାହିଁ ତ ?" ତାଙ୍କର ଏହି ଆଶଙ୍କାରେ ସୁଧାରାଣୀ ଆଗେ ଚାଲିଯିବାର ସୂଚନା ଦେଇ କହିଥିଲେ, "ତେବେ ତ ଖୁବ୍ ଭଲ ହେବ ! ମୁଁ ଯିବା ପରେ ବୁଝିବ ଯେ ମୋତେ ତୁମେ କେତେ କନ୍ଦାଇଛ।" ସ୍ୱାମୀଙ୍କର ସସ୍ନେହ ପ୍ରଶ୍ନ, "ମୋତେ ଛାଡ଼ି କ'ଣ ତୁମେ ଆଗରୁ ଚାଲିଯାଇପାରିବ ?" ରାଣୀ ଛଳଛଳ ନେତ୍ରରେ ଉତ୍ତର କଲେ, "ମୁଁ ଯିବା ପରେ ତୁମକୁ ଖୁବ୍ ବାଧିବ; କିନ୍ତୁ ମନୁଷ୍ୟର ତ ଯମ ଉପରେ କୌଣସି କ୍ଷମତା ନାହିଁ।" ବିଷାଦଗ୍ରସ୍ତ ନଳିନୀକାନ୍ତଙ୍କୁ ମା' ଠାକୁରାଣୀ କହିଲେ, "ମୁଁ ସଧବା, ମୁଁ ଆଗ ଯିବି

ବୋଲି ସମସ୍ତେ କହିଛନ୍ତି।" କୌତୁକରେ ନଳିନୀକାନ୍ତ କହିଲେ, "ଶୁଣ ଦୁଇଜଣଯାକ ଯଦି ଏକା ସାଙ୍ଗରେ ଯିବା, ତେବେ କିପରି ହେବ ?" ନଳିନୀକାନ୍ତଙ୍କ ଅକାଟ୍ୟ ଯୁକ୍ତି ଶୁଣି ଅଶ୍ରୁମୋଚନ କରୁ କରୁ ସୁଧାରାଣୀ ହସି ଉଠିଲେ। ନିଜର ଅକ୍ଳାନ୍ତ ପ୍ରୟାସ ଅର୍ଥାତ୍ ସେବାଯତ୍ନରେ ସ୍ୱାମୀଙ୍କଉପରେ ଉପରୋକ୍ତ ମତେ ପ୍ରଭାବ ସଞ୍ଚାର କରିପାରିଛନ୍ତି ବୋଲି  ଦେବୀ ଆନନ୍ଦରେ ଉତ୍‌ଫୁଲ୍ଲ ରହୁଥିଲେ।

ନାରାୟଣୀ ଦେବୀଙ୍କ ଭାଷାରେ, "ଦେଖୁ ଦେଖୁ ସୁଖର ଦିନଗୁଡ଼ିକ ଚାଲିଗଲା। ଆତ୍ମୀୟସ୍ୱଜନ ଏବଂ ସୁଧାରାଣୀଙ୍କୁ ବିଷାଦ ସାଗରରେ ଭସାଇ ଦେଇ ନଳିନୀକାନ୍ତ ଦୂରଦେଶକୁ ଗମନ କଲେ। ନଳିନୀକାନ୍ତ ପ୍ରବାସ ଗମନ କରିବା ସଙ୍ଗେ ସଙ୍ଗେ ମା' ସୁଧାରାଣୀ ପ୍ରୋଷିତ ଭର୍ତ୍ତୃକାର ବେଶ ଧାରଣ କଲେ। ରାଣୀବାଳା ନିରାଭରଣା ହୋଇ ମ୍ଳାନ ମୁଖରେ ସଂସାରର ଯାବତୀୟ କର୍ତ୍ତବ୍ୟ ପାଳନ କରିବାକୁ ଲାଗିଲେ। "୧୯୧୩ ମସିହାରେ ଶ୍ରୀଶ୍ରୀଠାକୁର ଜନ୍ମଭୂମି ଦର୍ଶନ କରିବାକୁ ଯାଇଥିବାବେଳେ ଦେବୀଙ୍କର ଗଭୀର ଇଷ୍ଟ ନିଷ୍ଠା କଥା ଶ୍ରୀଶ୍ରୀଠାକୁରଙ୍କର ମନେ ପଡ଼ିଯାଇଥିଲା। ସେ କହିଲେ, ମୁଁ ଯେତେବେଳେ ବିଦେଶରେ ଥାଏ, ସେତେବେଳେ ସେ ମୁଣ୍ଡରେ ତେଲ ଲଗାଏ ନାହିଁ, ମଇଳା ଲୁଗା ପିନ୍ଧି କାର୍ଯ୍ୟ କରେ। ମୁଁ ଘରକୁ ଆସି ଏ ବିଷୟରେ ପ୍ରଶ୍ନ କଲେ,  ଉତ୍ତର ମିଳେ, 'କାହା ପାଇଁ ଏସବୁ କରିବି ?" (ଆର୍ଯ୍ୟଦର୍ପଣ, ୧୩୪୮ ସାଲ କାର୍ତ୍ତିକ)। ନାରାୟଣୀ ମା' ଲେଖିଛନ୍ତି, 'ଜଗତରେ ଏ ପ୍ରକାର ଏକନିଷ୍ଠ ପ୍ରେମ ପ୍ରକୃତ ପକ୍ଷରେ ଅତି ଦୁର୍ଲ୍ଲଭ।' ନାରାୟଣୀ ମା' ଯଥାର୍ଥରେ ମା' ଠାକୁରାଣୀଙ୍କୁ 'ଗୃହଲକ୍ଷ୍ମୀ' ରୂପେ ଚିତ୍ରିତ କରିଛନ୍ତି ଓ ଉଭୟଙ୍କୁ 'ଦେବଦମ୍ପତି' ରୂପେ ବର୍ଣ୍ଣନା କରି କହିଛନ୍ତି, ପ୍ରାରମ୍ଭରେ ନଳିନୀକାନ୍ତ ମା' ସୁଧାଂଶୁବାଳାଙ୍କ ଚରିତ୍ରବତ୍ତାରେ ମୁଗ୍ଧ ଥିଲେ। ବିବାହ ପରେ ସେ ମୁଗ୍ଧତା ଚରମସୀମାକୁ ଉଠିଗଲା। ରାମାନନ୍ଦ ଭାଇଙ୍କ ଲେଖାରୁ ଉଦ୍ଧୃତ କରି ସେ ଲେଖିଛନ୍ତି, "ସ୍ୱାମୀ (ନଳିନୀକାନ୍ତ) ସ୍ନେହବୋଳା କଣ୍ଠରେ ସ୍ତ୍ରୀ (ମା' ଠାକୁରାଣୀ)ଙ୍କୁ ଅନୁରୋଧ କରି କହିଲେ, 'କେତେ ଲୋକ କେତେ କ'ଣ ମାଗୁଛନ୍ତି ଓ କେତେ କେତେ ଜିନିଷ ଆଣିବାକୁ ବରାଦ ଦେଉଛନ୍ତି; ତୁମେ ତ ଦିନେ ହେଲେ ମୋତେ କିଛି ମାଗିଲ ନାହିଁ।' ପତ୍ନୀ ମଧୁ ହାସ୍ୟସିକ୍ତ ସ୍ୱରରେ ଉତ୍ତର ଦେଲେ, 'ମୋର କ'ଣ ଅଭାବ ଯେ ତୁମକୁ ମାଗିବି। ମୋର ତ ତୁମେ ଅଛ। ମୁଁ ନ ଚାହିଁଲେ ମଧ୍ୟ ତୁମେ ମୋର ଯାହା ଦରକାର ସବୁ ଆଣି ଦେଉଛ। ମୁହଁ ଖୋଲି ମାଗିବା ପାଇଁ କ'ଣ ସୁଯୋଗ ଦେଉଛ ?" ନାରାୟଣୀ ମା' କହୁଛନ୍ତି, "ରାଶି ରାଶି ପୁସ୍ତକ ଲେଖିଲେ ମଧ୍ୟ ଏପରି ଦାମ୍ପତ୍ୟ ପ୍ରେମର ମଧୁମୟ ଚିତ୍ର ପ୍ରକୃତ ଭାବରେ ଅଙ୍କାଯାଇ ପାରିବ ନାହିଁ। ସ୍ତ୍ରୀ ଏଠାରେ ଅନ୍ନପୂର୍ଣ୍ଣା, ସଦାପୂର୍ଣ୍ଣା ଭୂମିକାରେ ଆରୂଢ଼ା। ଆତ୍ମସୁଖ ବିରହିତା ଦେବୀଙ୍କର ଏବଂବିଧ ବିପୁଳ ପ୍ରେମ ହୃଦୟଙ୍ଗମ କରି ଏହି ମହିମାମୟୀଙ୍କ ନିକଟରେ ପୁରୁଷ ନିଜକୁ ଦୀନହୀନ ଜ୍ଞାନ କରୁଅଛି। ନାରୀ ହିଁ ଏ କ୍ଷେତ୍ରରେ ରାଜରାଜେଶ୍ୱରୀ ଓ ପୁରୁଷ ସେହି ଦେବୀଙ୍କର ସ୍ନେହ ପ୍ରେମର ଭିକାରୀ। ଅନ୍ନପୂର୍ଣ୍ଣାଙ୍କ ନିକଟରେ ଶିବ ନିତ୍ୟ ଭିକାରୀ।" ଜନୈକା ବାଲ୍ୟ ବିଧବା ଶ୍ରୀଶ୍ରୀଠାକୁରଙ୍କୁ ବହୁତ ଭଲ ପାଉଥିଲା ଓ ସ୍ୱାମୀ ରୂପରେ ଚାହୁଁଥିଲା। ତା'ର ଅନ୍ତିମ ଅବସ୍ଥାରେ ମା' ଠାକୁରାଣୀ ତା' ନିକଟରେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଶେଷ ଦର୍ଶନ କରାଇଥିଲେ। ଶ୍ରୀଶ୍ରୀଠାକୁରଙ୍କ ପ୍ରଶ୍ନରେ ମା' ଠାକୁରାଣୀ ଉତ୍ତର ଦେଇଥିଲେ, "ଦେବତାଙ୍କୁ ସୁଖ ନ ପାଇଁ କେହି କ'ଣ ରହିପାରେ ?" ଦେବତା ବୋଲି କାହାକୁ କହୁଛ ବୋଲି ଠାକୁର ପ୍ରଶ୍ନ କରିବାରୁ ଦେବୀ ସତୀର ଅର୍ନ୍ତଦୃଷ୍ଟି ନେଇ ଉତ୍ତର ଦେଲେ, "ତୁମେ ମନୁଷ୍ୟ ନୁହେଁ, ଦେବତା। କିନ୍ତୁ ତାହା ତୁମେ ନ ଜାଣିଲେ ମଧ୍ୟ ମୁଁ ଜାଣେ।" ତା' ପ୍ରତି ତୁମର ଈର୍ଷା ହେବାର କଥା ବୋଲି ଠାକୁର କହିବାରୁ ମା' ବିସ୍ମିତ ମୁଖରେ ତତ୍‌କ୍ଷଣାତ ଉତ୍ତର ଦେଇଥିଲେ, "ଈର୍ଷା କାହିଁକି ହେବ ? ତୁମକୁ କେହି ସୁଖ ପାଉଛି ବୋଲି ଜାଣିଲେ ମୋର ତ ଆନନ୍ଦ ହେବାର କଥା। ସେ ତୁମକୁ ସୁଖ ପାଉଛନ୍ତି ବୋଲି ଜାଣି ତ ମୁଁ ତାଙ୍କୁ ସୁଖ ପାଉଥିଲି, ସଖୀ ବୋଲି ସମ୍ବୋଧନ କରୁଥିଲି।"

ଇତିମଧ୍ୟରେ ଚାକିରୀର ସ୍ଥାୟୀତ୍ୱ ସାଙ୍ଗକୁ ନଳିନୀକାନ୍ତଙ୍କର ସଂସାରର ସୁଖ ଚରମ ସୀମା ସ୍ପର୍ଶ କରିଥିଲା। ସୁନ୍ଦରୀ ମନୋରମା ଭାର୍ଯ୍ୟାଙ୍କ ପ୍ରଣୟ, ଆର୍ଥିକ ସ୍ୱଚ୍ଛଳତା, ଚାକିରୀ ସ୍ଥଳରେ ଯଶ, ପ୍ରତିପତ୍ତି, କୌଣସି କଥାର ଅଭାବ ରହିଲା ନାହିଁ। ପୂର୍ବଜନ୍ମର ସାଂସାରିକ ଅପୂର୍ଣ୍ଣତା ଜଗଜ୍ଜନନୀ ସମସ୍ତ ପୂର୍ଣ୍ଣ କରିଦେଇଥିଲେ ଓ ଏହାପରେ ଉଜ୍ଜ୍ୱଳ ଆଧ୍ୟାତ୍ମିକ ଭବିଷ୍ୟତର ସୂଚନା ମଧ୍ୟ ଦେଇଥିଲେ। ଜଗଜ୍ଜନନୀ ସୁଧାଂଶୁବାଳାଙ୍କ ସ୍ଥୂଳ ଶରୀର ତ୍ୟାଗର ସମୟ ଆସିଗଲା। ସ୍ୱାମୀଙ୍କୁ ସତୀନାରୀର ଆଦର୍ଶରେ ସେବା କରି ସ୍ୱମହିମା ବାରମ୍ବାର ବିଭିନ୍ନ ଘଟଣାକ୍ରମରେ ପ୍ରକାଶ କରି ନିଜର ସ୍ୱରୂପାତ୍ମକ ପରିଚୟ ପ୍ରଦାନ କରିସାରିଥିଲେ। ଏଥିପାଇଁ ସ୍ୱ-ସଂସାର ଲୀଳା ତାଙ୍କୁ ସମାପ୍ତ କରିବାକୁ ପଡ଼ିଲା। ପୂର୍ବରୁ ହସଖୁସି-ଆଳାପ ଆଲୋଚନା ମାଧ୍ୟମରେ ସେ ଆଗରୁ ଶରୀର ତ୍ୟାଗ କରିବାର ସୂଚନା ତ ଦେଇ ସାରିଥିଲେ। ଏଥର ସ୍ୱାମୀଙ୍କୁ ହାତ ଧରି ସାର୍ବଭୌମ ଗୁରୁ ଆସନରେ ବସାଇବାର ସଂକଳ୍ପରେ ତାଙ୍କୁ ଆଗେଇବାକୁ ପଡ଼ିବ। ପୂର୍ବରୁ ବ୍ରହ୍ମାନନ୍ଦ ଗିରିଙ୍କ ଜୀବନ-ପ୍ରସଙ୍ଗରେ ସେ ଏଥିପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିସାରିଥିଲେ। ସ୍ୱାମୀଙ୍କ ସଙ୍ଗରେ ହାଲି ସହର ଯାଇ ଆତ୍ମୀୟସ୍ୱଜନମାନଙ୍କୁ ଶେଷ ଦର୍ଶନ ଦେଇ ମା' ଠାକୁରାଣୀ ସ୍ୱାମୀଙ୍କ ସହ ନାରାୟଣପୁର କର୍ମସ୍ଥଳକୁ ଗମନ କଲେ। ସେଠାରେ ଛଅମାସ ରହିଥିଲେ। ଏହି ସ୍ୱଳ୍ପ ସମୟ ମଧ୍ୟରେ କୁତବପୁର ଓ ରାଧାକାନ୍ତପୁର

ନିବାସୀମାନେ ଯେପରି ତାଙ୍କ ରୂପଗୁଣରେ ପାଗଳ ହୋଇ ଉଠିଥିଲେ, ନାରାୟଣପୁରରେ ମଧ୍ୟ ଅନୁରୂପ ଅବସ୍ଥା ଘଟିଥିଲା। ସେଠାରେ ପ୍ରତିବେଶୀ ମହିଳାମାନେ ତାଙ୍କଠାରୁ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତିର କୌଶଳ, ସୂଚୀ-ଶିଳ୍ପ ଇତ୍ୟାଦି ଶିକ୍ଷା କରୁଥିଲେ। ଏହି ସମୟରେ ମା'ଠାକୁରାଣୀ ଅନ୍ତଃସତ୍ତ୍ୱା ଥିଲେ। କ୍ରମଶଃ ତାଙ୍କ ଶରୀର ଭଲ ନ ରହିବାରୁ ଗୁରୁଜନମାନେ, ଅଭିଜ୍ଞ ଆତ୍ମୀୟସ୍ୱଜନଙ୍କ ନିକଟରେ ତାଙ୍କୁ ଛାଡ଼ିଦେବାକୁ ପରାମର୍ଶ ଦେଲେ। ମା' ଠାକୁରାଣୀଙ୍କୁ ଶ୍ରୀଶ୍ରୀଠାକୁର କୁତବପୁରରେ ଛାଡ଼ି ଆସିଲେ। କିଛି ମାସ ପରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇ ମୃତ୍ୟୁବରଣ କଲା। ମା' ଠାକୁରାଣୀ ସୁଧାଂଶୁବାଳାଙ୍କର ମଧ୍ୟ ଶେଷ ସମୟ ଆସିଗଲା। ଏ ସମ୍ପର୍କରେ ଦୁଇ ପ୍ରକାର ତଥ୍ୟ ଦେଖିବାକୁ ମିଳେ। କେତେକ ସ୍ଥାନରେ ମା' ଠାକୁରାଣୀ ମର ଶରୀର ତ୍ୟାଗ କଲା ପରେ ନାରାୟଣପୁରରେ ଆମ ଠାକୁରଙ୍କୁ ସୂକ୍ଷ୍ମ ଶରୀରରେ ଦର୍ଶନ ଦେଇଥିଲେ। ଏହି ସୂଚନାରୁ ଶ୍ରୀଶ୍ରୀଠାକୁର ଆସି କୁତବପୁରରେ ପହଞ୍ଚି ତାଙ୍କ ଚିତା ପାଖରେ ଯାଇ ଅଶ୍ରୁ ବିସର୍ଜନ କରିଥିଲେ। ଭିନ୍ନ ଏକ ତଥ୍ୟ ଅନୁସାରେ ମା' ଠାକୁରାଣୀଙ୍କର ଅସୁସ୍ଥତାର ଖବର ପାଇ ନଳିନୀକାନ୍ତ ଛୁଟି ନେଇ କୁତବପୁରରେ ପହଞ୍ଚିଥିଲେ। ଶଯ୍ୟାଶାୟୀ ସୁଧାଂଶୁବାଳା ଧୀର କଣ୍ଠରେ କହିଲେ, "ଆସିଛ ? ଆଜକୁ କେତେଦିନ ହେଲା ତୁମର ଅପେକ୍ଷାରେ ଥିଲି।" ଟିକିଏ ବିଶ୍ରାମ କରି ପୁନର୍ବାର କହିଲେ, "ତୁମେ ଆଉ ବିବାହ କରିବ ନାହିଁ। ଜାଣିରଖ, ଧର୍ମ ସତ୍ୟ। ସଦ୍‌ଗୁରୁ ଆଶ୍ରିତ ଦୀକ୍ଷିତ ହୁଅ, ନିସ୍ତ୍ରୈଗୁଣ୍ୟ ସାଧନା କର। ତୁମର ଚରଣ ଦୁଇଟି ଏଥର ମୋ ମଥାରେ ଦିଅ। ମୁଁ ଏଥର ଯାଏ।" ଏହି ବିସ୍ମୟକର ହୃଦୟ ବିଦାରକ ଦୃଶ୍ୟ ଦେଖି ଓ ମା' ଠାକୁରାଣୀଙ୍କ ସେହି ବାକ୍ୟ 'ନିସ୍ତ୍ରୈଗୁଣ୍ୟ ସାଧନା କର' ଶୁଣି ନଳିନୀକାନ୍ତ ଅବାକ ହୋଇଗଲେ। ବିଶେଷ ପାଠ ପଢ଼ିନଥିବା ଏହି ଗ୍ରାମବାଳିକା ମୁଖରୁ ଏଭଳି ଆପ୍ତବାକ୍ୟ ଶୁଣି ନଳିନୀକାନ୍ତ ଆଶ୍ଚର୍ଯ୍ୟ ହୋଇଗଲେ। ମା' ଠାକୁରାଣୀଙ୍କର ପ୍ରତିକଥା, ବ୍ୟବହାର ତଥା ସେବା ସମୂହକୁ ସ୍ମରଣ କରି ସେ ଭାବିବାକୁ ବାଧ୍ୟ ହେଲେ, ଯେ ଜଣେ ସାଧାରଣ ମାନବୀ ନୁହନ୍ତି, ମାନବ ଶରୀରରେ ମହାମାନବୀ ଅର୍ଥାତ୍ ସ୍ୱୟଂ ଜଗଜ୍ଜନନୀ। ପୂର୍ବ ଜନ୍ମରେ ଭିନ୍ନ ଏକ ଘଟଣାକ୍ରମରେ ମା' ଜଗଜ୍ଜନନୀ ମା' ଠାକୁରାଣୀ ପାର୍ବତୀଙ୍କ ଶରୀର ତ୍ୟାଗ କରିଥିଲେ ଓ ଏକ ଦୁଃଖଦ ବିଦାୟ କ୍ରମରେ ପରବର୍ତ୍ତୀ ଜନ୍ମର ସୂଚନା ଦେଇ ଉଜ୍ଜ୍ୱଳମୟ ଭବିଷ୍ୟତର କଥା କହିଥିଲେ। ଏହି ଜନ୍ମରେ ଜଗଜ୍ଜନନୀଙ୍କର ସ୍ୱବାଣୀ ଅନୁସାରେ ସବୁ କଥା ଠିକ୍ ଠିକ୍ ହୋଇ ଚାଲିଲା। ଜଗଜ୍ଜନନୀଙ୍କୁ ପତ୍ନୀ ରୂପେ ପାଇ ନଳିନୀଙ୍କର ସଂସାର ଭୋଗ ସମ୍ପୂର୍ଣ୍ଣ ହେଲା ଓ ଉଜ୍ଜ୍ୱଳମୟ ଭବିଷ୍ୟତର ଶୁଭାରମ୍ଭ ହେଲା। ମା' ଠାକୁରାଣୀ ହସି ହସି ହାତ ଧରି ତାଙ୍କୁ ଚାରି ସାଧନାରେ ସିଦ୍ଧ କରାଇବା ସହିତ ନିର୍ବିକଳ୍ପ ସିଦ୍ଧିପ୍ରାପ୍ତି କରାଇ ସଦ୍‌ଗୁରୁ ତଥା ସାର୍ବଭୌମ ଗୁରୁରେ କିଭଳି ପ୍ରତିଷ୍ଠା କରାଇଲେ, ସମଗ୍ର ଜଗତ ତାହା ଦର୍ଶନ କରିବାର ଦୁର୍ଲ୍ଲଭ ସୁଯୋଗ ପାଇଲା। ଏ ସମସ୍ତ ବିରଳ ଘଟଣା ଦର୍ଶନ କଲାପରେ କ'ଣ ମନେହେବ କୁହନ୍ତୁ ତ ଭକ୍ତ ଓ ଶିଷ୍ୟ ତଥା ବିଶ୍ୱବାସୀଙ୍କର ? ଜଗଜ୍ଜନନୀ କିଭଳି ମାନବୀ ତନୁଶ୍ରୀ ଅବଲମ୍ବନ କରି ଶିବତ୍ୱରେ ପ୍ରତିଷ୍ଠିତ ସଦ୍‌ଗୁରୁଙ୍କର ପତ୍ନୀତ୍ୱ ସ୍ୱୀକାର କଲେ ଏବଂ ତାଙ୍କୁ ସାର୍ବଭୌମ ଗୁରୁ ରୂପେ ବିଶ୍ୱରେ ପ୍ରତିଷ୍ଠିତ କରାଇଲେ, ଏହା ନୁହେଁ କି ? ଜଗଦ୍‌ଗୁରୁଙ୍କ ମାନୁଷୀତନୁ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ଓ ଜଗଜ୍ଜନନୀ (ମା' ପାର୍ବତୀ ତଥା ମା' ସୁଧାଂଶୁବାଳାଙ୍କ ରୂପରେ)ଙ୍କର ବିବାହ ଏହି ସ୍ଥୂଳ ପ୍ରାକୃତ ଜଗତରେ ଅନୁଷ୍ଠିତ ହେଲା ସିନା, ଏହାକୁ କ'ଣ ସତରେ ପ୍ରାକୃତ ଲୀଳା ବୋଲି ଅଭିହିତ କରିପାରିବା ? ନା ନା, ଏହା ନିଶ୍ଚିତ ଭାବରେ ପ୍ରାକୃତ ଜଗତରେ ଏକ ଅପ୍ରାକୃତ ଲୀଳା ! !

ପ୍ରକାଶ ଥାଉ କି ଏହି ପ୍ରବନ୍ଧଟି ପ୍ରସ୍ତୁତିରେ ମୁଖ୍ୟତଃ ଶ୍ରୀଯୁକ୍ତା ନାରାୟଣୀ ଦେବୀ, ଶ୍ରୀମତ୍ ରାମାନନ୍ଦ ବ୍ରହ୍ମଚାରୀ, ଶ୍ରୀଯୁକ୍ତ ଯଜ୍ଞେଶ୍ୱର ବିଶ୍ୱାସ ଓ ସମସାମୟିକ ଅନ୍ୟ ଗୁରୁଭାଇମାନଙ୍କର ଲିଖିତ ପ୍ରବନ୍ଧ ଶ୍ରୀଶ୍ରୀନିଗମାନନ୍ଦ ଜୀବନ-ପ୍ରସଙ୍ଗ (୧ମ), ଶ୍ରୀଶ୍ରୀଠାକୁର ନିଗମାନନ୍ଦ ଲୀଳା ପ୍ରସଙ୍ଗ (୧ମ)ରୁ ସଂଗ୍ରହ କରାଯାଇ ପ୍ରସ୍ତୁତ କରାଯାଇଛି। ବିଶେଷ ଭାବରେ ଶ୍ରୀଶ୍ରୀଠାକୁରଙ୍କ ପୂର୍ବଜନ୍ମର ପ୍ରସଙ୍ଗଗୁଡ଼ିକ ଶ୍ରୀଯୁକ୍ତ ମଦନଗୋପାଳ ମୁଖୋପାଧ୍ୟାୟ କର୍ତ୍ତୃକ 'ବ୍ରହ୍ମାନନ୍ଦ ଗିରି' ଗ୍ରନ୍ଥ ଅବଲମ୍ବନରେ ଅବତାରଣା କରାଯାଇଛି।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ଜଗନ୍ନାଥ ଦାଶ**

କାର୍ଯ୍ୟକାରୀ ସଭାପତି, କେନ୍ଦ୍ର ସେବକ ସଂଘ

ସତ୍‌ଶିକ୍ଷା ମନ୍ଦିର

# ଅନ୍ତଃକରଣର ଶୁଦ୍ଧି ପାଇଁ ସୂତ୍ର

| | |
|---|---|
| ଗୃହ-ଶୁଦ୍ଧି | ଘରକୁ ଲିପି-ପୋଛି, ଜଙ୍ଗଲିଆ ଜାଗା ସଫାକରି ରଖିବା |
| ବସ୍ତ୍ର-ଶୁଦ୍ଧି | ଧୁଆ ହୋଇଥିବା ସ୍ୱଚ୍ଛ ବସ୍ତ୍ର ଧାରଣ କରିବା। |
| ପାତ୍ର-ଶୁଦ୍ଧି | ଭୋଜନ ଏବଂ ଜଳପାତ୍ର ଖୁବ୍ ମଜାମଜି କରି ସ୍ୱଚ୍ଛ କରିବା। |
| ଜଳ-ଶୁଦ୍ଧି | ଜଳ ଛଣା ହୋଇଥିବ ଏବଂ ପବିତ୍ରତାର ସହିତ ଅଣା ହୋଇଥିବ। |
| ଶରୀର-ଶୁଦ୍ଧି | ସ୍ନାନ ଦ୍ୱାରା ଶରୀରକୁ ପବିତ୍ର ରଖିବା। |
| ପାଚନ-ଶୁଦ୍ଧି | ଭୋଜନ ପବିତ୍ରତାର ସହିତ ବନାଇବା। |
| ଜୀବିକା-ଶୁଦ୍ଧି | ନ୍ୟାୟ ନୀତି ଧର୍ମ ଅନୁସାରେ ରୋଜଗାର କରିବା। |
| ସାହିତ୍ୟ-ଶୁଦ୍ଧି | ଧର୍ମଶାସ୍ତ୍ର ଓ ବେଦାନ୍ତ ଶାସ୍ତ୍ରର ଅଧ୍ୟୟନ। |
| ବାଣୀ-ଶୁଦ୍ଧି | ସତ୍ୟ-ପ୍ରିୟ-ମଧୁର ବଚନ କହିବା। |
| ଦୃଷ୍ଟି-ଶୁଦ୍ଧି | ସର୍ବଦା ପବିତ୍ର ଭାବନାରେ ଦେଖିବା। |
| ନିବାସ-ଶୁଦ୍ଧି | ଏକାନ୍ତ ଓ ପବିତ୍ର ସ୍ଥାନରେ ରହିବା। |
| ବ୍ୟବହାର-ଶୁଦ୍ଧି | ଶାସ୍ତ୍ର ଏବଂ ଲୋକଙ୍କ ମର୍ଯ୍ୟାଦାନୁସାର ଆଚରଣ। |
| ସଂଗ-ଶୁଦ୍ଧି | ସଜ୍ଜନ, ବ୍ରହ୍ମବେତ୍ତା ପୁରୁଷମାନଙ୍କ ସଂଗ କରିବା। |
| ଆହାର-ଶୁଦ୍ଧି | ସାତ୍ତ୍ୱିକ ଏବଂ ପବିତ୍ର ହିତ-ମିତ ଭୋଜନ। |
| ଦୃଶ୍ୟ-ଶୁଦ୍ଧି | ଦେବ, ସଦ୍‌ଗୁରୁ, ସଜ୍ଜନ ମହାପୁରୁଷମାନଙ୍କ ଦର୍ଶନ। |
| ଶ୍ରବଣ-ଶୁଦ୍ଧି | ଧର୍ମଶାସ୍ତ୍ର ତଥା ଭଗବଚ୍ଚରିତ୍ରମାନଙ୍କର ଶ୍ରବଣ। |
| ବିଚାର ଶୁଦ୍ଧି | ଆତ୍ମବିଚାର ଏବଂ ସାତ୍ତ୍ୱିକ ବିଚାର। |
| ଗୀତ-ଶୁଦ୍ଧି | ଭଗବାନଙ୍କ ଗୁଣାନୁବାଦଗୁଡ଼ିକର କୀର୍ତ୍ତନ। |
| ପଡୋଶୀ-ଶୁଦ୍ଧି | ସାତ୍ତ୍ୱିକ ବିଚାର ଥିବା ଲୋକଙ୍କର ପଡୋଶୀ ହେବା। |
| ଆଚାର-ଶୁଦ୍ଧି | ଶିଷ୍ୟବ୍ୟକ୍ତିମାନଙ୍କ ଅନୁସାରେ ଆଚରଣ। |
| ମନଃ-ଶୁଦ୍ଧି | ପ୍ରେମ, ପ୍ରସନ୍ନତା, ସନ୍ତୋଷ ତଥା ଶାନ୍ତିକୁ ଧାରଣ କରିବା। |
| ପ୍ରଶ୍ନ-ଶୁଦ୍ଧି | ଆତ୍ମକଲ୍ୟାଣ ପାଇଁ କିଛି ପଚାରିବା। |
| ସଂକଳ୍ପ-ଶୁଦ୍ଧି | ଉତ୍‌ଥାନ ପାଇଁ ଦୃଢ଼ ଏବଂ ପ୍ରଗାଢ଼ ସଂକଳ୍ପ। |
| ସେବା-ଶୁଦ୍ଧି | ହରି, ଗୁରୁ, ଗାଇ, ବିପ୍ର, ସନ୍ଥ ତଥା ବଡ଼ ପୂଜନୀୟମାନଙ୍କର ସେବା । |

ସୌଜନ୍ୟ- ଯୋଗବାଶିଷ୍ଠ ସାର ସଂଗ୍ରହ

ରଚନା-ସ୍ୱାମୀ ଅବଧୂତାନନ୍ଦ

ପ୍ରକାଶକ-ସ୍ୱାମୀ ହୀରାନନ୍ଦ

# ଭକ୍ତିର ପଥ

ଭକ୍ତ ଅନ୍ତରରେ ସକଳ କାମନା ନିରୁଦ୍ଧ ନ ହେଲେ ଭକ୍ତିର ଉଦୟ ହୁଏ ନାହିଁ। ଯୋଗୀ ଯୌଗିକ ପ୍ରଣାଳୀ ଦ୍ୱାରା ତାର ଚିତ୍ତ ବୃତ୍ତିକୁ ନିରୋଧ କରେ। ଠିକ୍ ସେହିପରି ଭକ୍ତର ଭଗବାନଙ୍କ ପ୍ରତି ପରାନୁରକ୍ତି ଦ୍ୱାରା ହିଁ ଅତି ସହଜରେ ବୃତ୍ତି ନିରୋଧ ହୋଇଯାଏ। ଏହି କାରଣରୁ ଜ୍ଞାନୀ ଏବଂ ଭକ୍ତ ମଧ୍ୟରେ କୌଣସି ପ୍ରଭେଦ ନ ଥାଏ। ଖାଣ୍ଟି ଜ୍ଞାନୀ ଏବଂ ଖାଣ୍ଟି ଭକ୍ତ ମଧ୍ୟରେ କୌଣସି ବିରୋଧ ନ ଥାଏ। ଏହାର ମଝି ମଝି ଅବସ୍ଥାରେ ଯେତେ ଗୋଳମାଳ ଘଟିଥାଏ ମାତ୍ର। ନାରଦ ମୁନିଙ୍କ କୃତ ଭକ୍ତି- ସୂତ୍ରର ଦ୍ୱିତୀୟ ଅନୁବାକ୍ୟରେ ଅଛି।

"ଓଁ ସା ନ କାମୟମାନା ନିରୋଧ ରୂପତ୍ୱାତ୍"

ଭକ୍ତି କାମନା ପୂରଣ ପାଇଁ ନୁହେଁ, କାହିଁକି ନା ଏହା ନିରୋଧ ସ୍ୱରୂପ ଅଟେ। କାମନା ରହିଲେ ଭକ୍ତି ବା ପରାନୁରକ୍ତିର ଉଦୟ ହୁଏ ନାହିଁ। ଏହି କାରଣରୁ ଖାଣ୍ଟି ଭକ୍ତର ଅନ୍ତରରୁ ସମସ୍ତ କାମନାର ଅନ୍ତର୍ଦ୍ଧାନ ଘଟିଥାଏ। ଶ୍ରୀଗୁରୁ ଭଗବାନଙ୍କୁ ଭଲ ପାଇ ପାରିଲେ ହିଁ ଭକ୍ତର ସର୍ବାଭିଷ୍ଟ ସିଦ୍ଧ ହୁଏ। ଏହି ହେତୁ ଭକ୍ତ ଗୁରୁ ଭଗବାନଙ୍କ ନିକଟରେ ମୁକ୍ତି ପାଇଁ କାଙ୍ଗାଳ ହୁଏ ନାହିଁ। ମୁକ୍ତିର କାମନା ମଧ୍ୟ ଏକ କାମନା – ତାହା କାର୍ଯ୍ୟରେ ନିରୁଦ୍ଧ ହେଲା କିପରି ?

ଶୁଦ୍ଧ ପ୍ରେମ ବା ଶୁଦ୍ଧ ଭଲ ପାଇବା ଦ୍ୱାରା କାମନାର ବୀଜ ଦଗ୍ଧ ହୋଇଯାଏ। ଗୋପୀଗଣଙ୍କ ମଧ୍ୟରେ ଏହି ଶୁଦ୍ଧ ପ୍ରେମର ହିଁ ସ୍ୱତଃ ସ୍ଫୁରଣ ହୋଇଥିଲା। ଏହି କାରଣରୁ ସକଳ କାମନାର ବିନାଶ ଫଳରେ ସେମାନେ ଭାଗବତ ଦେହ, ଭାଗବତ ମନ ଓ ଭାଗବତ ଇନ୍ଦ୍ରିୟ ଲାଭ କରିପାରିଥିଲେ। ଏହି ଯେଉଁ ଭାଗବତ ଇନ୍ଦ୍ରିୟ ତାହାର କାର୍ଯ୍ୟ ଊର୍ଦ୍ଧ୍ୱ ଜଗତରେ। ନିମ୍ନ ଜଗତକୁ ଫେରିବାକୁ ତାହା କେବେ ଚାହେଁ ନାହିଁ। ସ୍ଥୂଳ ବୁଦ୍ଧିଯୁକ୍ତ ମାନବ ଏହି ଗୋପୀ ପ୍ରେମର କି ପ୍ରକାର ବ୍ୟାଖ୍ୟା କରେ ତାହା ସମସ୍ତଙ୍କୁ ଜଣାଅଛି। ନାରଦ ମୁନି ଭକ୍ତିର ଯେଉଁ ସଂଜ୍ଞା ଦେଇଛନ୍ତି, କାମନା ଥିବା ପର୍ଯ୍ୟନ୍ତ ସେହି ଭକ୍ତିକୁ ଜାଣି ମଧ୍ୟ ପାରିବ ନାହିଁ। ଶ୍ରୀକୃଷ୍ଣଙ୍କୁ ଭଲ ପାଇ ଗୋପୀମାନେ ସମାଧି ଲାଭ କରୁଥିଲେ ଅର୍ଥାତ୍ ସେମାନଙ୍କର ଇନ୍ଦ୍ରିୟ ବୃତ୍ତି ସ୍ୱାଭାବିକ ଭାବରେ ନିରୁଦ୍ଧ ହୋଇଯାଉଥିଲା। ଇନ୍ଦ୍ରିୟ ସମ୍ପୂର୍ଣ୍ଣ ରୂପେ ନିରୁଦ୍ଧ ହେବା ଦ୍ୱାରା ଅନ୍ତରରେ ଯେଉଁ ଆନନ୍ଦର ଉଚ୍ଛ୍ୱାସ ଖେଳିଥାଏ, ତାହା ଭକ୍ତର ଚକ୍ଷୁରୁ, ମୁଖରୁ ଏବଂ ଦେହରୁ ଅଶ୍ରୁ, ସ୍ୱେଦ ଏବଂ ରୋମାଞ୍ଚ ରୂପେ ପ୍ରକାଶିତ ହୁଏ। ଏହି ଦୁର୍ଲ୍ଲଭ ଭକ୍ତି ଯେ କେତେ ଜନ୍ମର ଉପାସନା ଦ୍ୱାରା ଲାଭ ହୋଇଥାଏ ତାହାର ଇୟତା ନାହିଁ। ନାରଦ ଏହି ଭକ୍ତିକୁ କହିଛନ୍ତି –

"ସା କସ୍ମୈ ପରମ ପ୍ରେମରୂପା।"

ସେହି ଭକ୍ତି ଭଗବାନଙ୍କ ପ୍ରତି ଐକାନ୍ତିକ ପ୍ରେମ ସ୍ୱରୂପା। ତା'ପରେ ସେ ପୁଣି କହିଛନ୍ତି, ଏହି ଭକ୍ତିର ଉଦୟ କେମିତି ହୁଏ ? ଯେତେବେଳେ ଚିତ୍ତରେ ବିନ୍ଦୁ ମାତ୍ର କାମନା ରହେ ନାହିଁ, ସେତେବେଳେ ଭକ୍ତିର ଉଦୟ ହୁଏ। ଭକ୍ତକୁ ଜୋର୍ କରି ବୃତ୍ତି ନିରୋଧ କରିବାକୁ ହୁଏ ନାହିଁ, କାରଣ ପରାନୁରକ୍ତି ବା ଭକ୍ତି ଦ୍ୱାରା ତାହାର ଇନ୍ଦ୍ରିୟ ନିରୋଧ ହୋଇଯାଇଥାଏ। ଭଗବାନଙ୍କ ପ୍ରତି ଐକାନ୍ତିକ ଚିନ୍ତା ଭାବନା ଦ୍ୱାରା ଭଲ ପାଇବା ପଥରେ ବୃତ୍ତି ନିରୋଧ ହୋଇଥାଏ। ପ୍ରକୃତ ଭଲପାଇବା ଦ୍ୱାରା ଦେହବୋଧ ଲୋପ ପାଇଥାଏ। ଦେହ ଜ୍ଞାନ ଲୋପ ପାଇଗଲେ ଇନ୍ଦ୍ରିୟ ଚାଞ୍ଚଲ୍ୟ ମଧ୍ୟ ଲୋପ ପାଇଥାଏ। ଗୋପୀଗଣଙ୍କ ମଧ୍ୟରେ ଏହି ପରାଭକ୍ତିର ଉନ୍ମେଷ ହୋଇଥିଲା। ସେହି କାରଣରୁ ଗୋପୀ ପ୍ରେମ ସର୍ବକାମନା ରହିତ ଅଟେ। କେତେ ଯୁଗ ଯୁଗାନ୍ତରର ତପସ୍ୟା ଫଳରେ ଯେ ଗୋପୀମାନେ ଏହି କାମନାଶୂନ୍ୟ ଦେହ ମନ ଲାଭ କରିଥିଲେ ତାହା କଳନା କରିହେବ ନାହିଁ। ଏହି ବୃନ୍ଦାବନ ଲୀଳା ପଛରେ ସେମାନଙ୍କର କଠୋର ତପସ୍ୟାର ଇତିହାସ ରହିଛି। ଏହି ନିଦାରୁଣ ତପସ୍ୟା ଦ୍ୱାରା ଯେତେବେଳେ ଗୋପୀମାନଙ୍କର ଚିତ୍ତ, ମନ, ନିଷ୍କଳୁଷ ହୋଇଗଲା, ସେତେବେଳେ ସେମାନଙ୍କ ଚିତ୍ତରେ ସେହି ପ୍ରେମସ୍ୱରୂପା ଭକ୍ତିର ଉଦୟ ହେଲା। ଏହି ଭକ୍ତିର ଉଦୟ ହେଲା ମାତ୍ରେ ଗୋପୀମାନେ ମାନ, ଲଜ୍ଜା, ଭୟ ସବୁ ତ୍ୟାଗ କରି ଈଶ୍ୱରାନୁରକ୍ତିରେ ଦିବସ- ଯାମିନୀ ପାଗଳିନୀ ପରି ଅତିବାହିତ କରୁଥିଲେ। ଏହି ଭାବୋନ୍ମାଦ ଅବସ୍ଥାର କଥା ଯେଉଁମାନେ ଜାଣି ନାହାନ୍ତି, ସେହିମାନେ ହିଁ ଗୋପୀମାନଙ୍କର ଦେବ ଚରିତ୍ରରେ କଳଙ୍କ ଆରୋପ କରିଥାଆନ୍ତି। ନିଜ ଭିତରେ ସେହି ପରାଭକ୍ତିର ଉନ୍ମେଷ ନ ହେଲେ ଗୋପୀ ପ୍ରେମ ଆସ୍ୱାଦନ ସମ୍ଭବ ହେବ ନାହିଁ।

ବୃତ୍ତି ନିରୋଧ ହେଲେ ଯେଉଁ ଅନ୍ତର୍ମୁଖୀ ଶାଶ୍ୱତ ଆନନ୍ଦର ସନ୍ଧାନ ମିଳେ, ସେହି ଆନନ୍ଦ ସହିତ ସ୍ଥୂଳ ଜଗତର ଦୈହିକ ଆକର୍ଷଣର ଆନନ୍ଦ ଅତି ତୁଚ୍ଛ ଅଟେ। ବିନା ସାଧନାରେ, ବିନା ତପସ୍ୟାରେ ପ୍ରେମ ଭକ୍ତିର ସ୍ଫୁରଣ ହୁଏ ନାହିଁ। କାମନାଶୂନ୍ୟ ଭଲ ପାଇବାର କଥାଟା କାମନାରେ ପରିପୂର୍ଣ୍ଣ ଚିତ୍ତ ବିଶିଷ୍ଟ ମାନବ ବୁଝିବ ବା କେମିତି ?

ଖାଣ୍ଟି ଭକ୍ତି ଜାଗ୍ରତ ହେଲେ, ଚିତ୍ତ ପ୍ରଶାନ୍ତ ହୋଇଯାଏ। ସେତେବେଳେ ଭିତରେ ଆଉ ବୃତ୍ତିରେ ତରଙ୍ଗ ରହେ ନାହିଁ। ନିର୍ବାତ ନିଷ୍କମ୍ପ ପ୍ରଦୀପବତ୍ ସେତେବେଳେ ଚିତ୍ତ ଲକ୍ଷ୍ୟପ୍ରାପ୍ତି ପାଇଁ ଅଚଳ ଅଟଳ ହୋଇଯାଏ। ଏହି ଅବସ୍ଥାର ନାମ ଭାବ ସମାଧି। ଏହି ସମାଧି କେବଳ ଭକ୍ତି ଦ୍ୱାରା ଲାଭ ହୋଇଥାଏ। ଯୋଗୀମାନେ ଚେଷ୍ଟା ଯତ୍ନ ବା ସାଧନା ଦ୍ୱାରା ଯେଉଁ ଅବସ୍ଥା ଲାଭ କରିବାକୁ ଚାହାନ୍ତି, ଭକ୍ତମାନେ କେବଳ ଈଶ୍ୱରାନୁରକ୍ତି ଦ୍ୱାରା ସେହି ଅବସ୍ଥା ଲାଭ କରିପାରନ୍ତି। ତପସ୍ୟା, ସାଧନା ସବୁଥିରେ ଅଛି। ପରାଭକ୍ତିର ଉଦୟ ଏତେ ସହଜ କଥା ନୁହେଁ। କିନ୍ତୁ ଭକ୍ତିରେ ଏତେ ତପସ୍ୟା ସାଧନାର ଆବଶ୍ୟକତା ନାହିଁ। କେବଳ ଭଗବାନଙ୍କ ପ୍ରତି ମନୋନିବେଶ କରିବାକୁ ହେବ, ପ୍ରାଣ ଦେଇ ତାଙ୍କୁ ଭଲପାଇବାକୁ ହେବ। ଏତିକିରେ ବୃତ୍ତିର ନିରୋଧ ସ୍ୱାଭାବିକ ଭାବେ ହୋଇଯିବ। ଏହି ବୃତ୍ତି ନିରୋଧ କରିବାକୁ ଯାଇ ଭାବ ଭକ୍ତିହୀନ ଯୋଗୀକୁ ଯେ କେତେ କଷ୍ଟ ପାଇବାକୁ ହୁଏ, ତାହା ଆଉ ବର୍ଣ୍ଣନା କରିହେବନାହିଁ। ଏହି ହେତୁରୁ ଭଗବାନଙ୍କୁ ଲାଭ କରିବାର ସହଜ ପଥ ହେଲା – ଭକ୍ତିର ପଥ ବା ଭଲପାଇବାର ପଥ। ସେଥିପାଇଁ ପ୍ରିୟତମଙ୍କୁ ମନ ପ୍ରାଣ ଦେଇ ଭଲପାଇବାକୁ ହେବ, ଆଉ କିଛି କରିବାର ନାହିଁ।

କାମନାର ବିନାଶ ହେଲେ ବୁଝିବାକୁ ହେବ ଯେ ଦେବ ଦୁର୍ଲ୍ଲଭ ଭକ୍ତିର ଆଗମନ ସନ୍ନିକଟ। ଏଠାରେ ଗୋଟିଏ ପ୍ରଶ୍ନ ଉଠିପାରେ ଯେ ଯଦି କାମନା ନ ରହେ ତେବେ କ'ଣ ଜୀବ ଜଡ଼ବତ୍ ହୋଇଯାଏ ? ନା, ତା ନୁହେଁ। ଭକ୍ତର ଜୀବନ ସେତେବେଳେ ଇଷ୍ଟଙ୍କ ସହିତ ସମ୍ମିଶ୍ରିତ ହୋଇଯାଏ, ଏହି ସମ୍ମିଶ୍ରଣ ଫଳରେ ପୁଣି ଯେଉଁ ବୃତ୍ତିର ଉନ୍ମେଷ ହୁଏ, ସେହି ବୃତ୍ତି ଦ୍ୱାରା କେବଳ ଶ୍ରୀଗୁରୁ ଭଗବାନଙ୍କର ମାହାତ୍ମ୍ୟ ହିଁ ଉପଲବ୍ଧି ହୁଏ, ଆଉ ଅନ୍ୟ କିଛି ନୁହେଁ। ଚିତ୍ତ ନିର୍ବିଷୟ ହୋଇଗଲେ, ଭଗବାନ ସେହି ଚିତ୍ତରେ ଜଗତହିତର ବାସନା ନେଇ ଅବତରଣ କରନ୍ତି। ଜଗତରେ ଭକ୍ତିର ଆଦର୍ଶ ମହାପୁରୁଷମାନେ ହିଁ ଦେଖାଇ ଦେଇଥାଆନ୍ତି।

ଶ୍ରୀଗୁରୁଭଗବାନଙ୍କ ପ୍ରେମରେ ବା ଭାବରେ ଚିତ୍ତ ସହଜରେ ନିରୁଦ୍ଧ ହୋଇଯାଏ। ଏହି ନିରୋଧ ଛଅ ପ୍ରକାରର ଯଥା – ଭୀତିଭାବ ନିରୋଧ, ସ୍ୱାମୀ ଭାବ ନିରୋଧ, ସର୍ବଭାବ ନିରୋଧ, ସଖ୍ୟ ଭାବ ନିରୋଧ, ବାତ୍ସଲ୍ୟ ଭାବ ନିରୋଧ ଓ କାନ୍ତ ଭାବ ନିରୋଧ। ଏହି ଛଅ ପ୍ରକାର ନିରୋଧ ମଧ୍ୟରୁ ଯେକୌଣସି ଗୋଟିଏ ଭାବ ଅବଲମ୍ବନ କଲେ ଚିତ୍ତର ନିରୁଦ୍ଧ ଅବସ୍ଥା ଆସିଯାଇପାରେ। ମୋଟ କଥା ହେଲା, ଯେକୌଣସି ଭାବ ଅବଲମ୍ବନ କରାଯାଉ ନା କାହିଁକି, ଚିତ୍ତକୁ ସେହି ଭାବରେ ଲୟ କରିଦେବାକୁ ହେବ। ସେତେବେଳେ ସେହି ଭାବ ଛଡା ଅନ୍ୟ ଦ୍ୱିତୀୟ କୌଣସି ଭାବର ସ୍ଥାନ ରହିବ ନାହିଁ।

ଉପରୋକ୍ତ ଭାବକୁ ସ୍ଥୂଳରେ ଆରୋପ କରି ମଧ୍ୟ ସାଧନା କରାଯାଇପାରେ। ମୋଟ କଥା, ଯେକୌଣସି ଭାବକୁ ଅବଲମ୍ବନ କରାଯାଉନା କାହିଁକି, ନିଜର ପ୍ରକୃତିକୁ ସମ୍ପୂର୍ଣ୍ଣ ନିଷ୍କଳୁଷ କରିବାକୁ ହେବ। ହୃଦୟ ପବିତ୍ର ନ ହେଲେ, ବୃତ୍ତି ନିରୁଦ୍ଧ ନ ହେଲେ ସ୍ଥୂଳ ଆରୋପ ସାଧନାରେ ଅନେକଙ୍କର ପତନ ଘଟେ। ଏହି କାରଣରୁ ଅନ୍ତରରେ ଭାବ ଦୃଢ଼ ଏବଂ ଖାଣ୍ଟି ନ ହେବା ପର୍ଯ୍ୟନ୍ତ ସେହି ଭାବକୁ ସ୍ଥୂଳବସ୍ତୁରେ ଆରୋପ କରିବାକୁ ଗଲେ ଅନେକ ସମୟରେ ବିପଦର କାରଣ ହୋଇଥାଏ। ଅନେକ ସମୟରେ ଭଗବତ୍ ଇଚ୍ଛାରେ ହିଁ ଆଶ୍ରୟ ଆସି ଜୁଟିଯାଏ। ଭଗବତ୍ ପ୍ରେରିତ ଆଶ୍ରୟ ସହିତ ମନର ମିଳନ ହୋଇପାରେ ନାହିଁ। ଭଲପାଇବାର ବସ୍ତୁ କେବଳ ଭାବଲୋକରେ ରହିବ, ସ୍ଥୂଳ ଜଗତରେ ତା'ର କୌଣସି ସନ୍ଧାନ ମିଳିବ ନାହିଁ – ଏପରି କଥା ନୁହେଁ। ଭକ୍ତର ଆକୁଳ ଆହ୍ୱାନରେ ଭଗବାନ ମଧ୍ୟ ମନୁଷ୍ୟ ଦେହ ଧରି ଆବିର୍ଭାବ ହୁଅନ୍ତି। କୌଣସି ଗୋଟିଏ ଭାବରେ ଚିତ୍ତକୁ କାର୍ଯ୍ୟତଃ ତଲ୍ଲୀନ କରିଦେଲେ, ସେହି ଭାବରୂପୀ ଈଶ୍ୱର ଯେ ସ୍ଥୂଳରେ ଦେଖାଦେବେ ସେଥିରେ କୌଣସି ସନ୍ଦେହ ନାହିଁ।

ଭକ୍ତି ବେଦ ବିଧିର ପରପାରର କଥା। ଅର୍ଥାତ୍ ଲୌକିକ ବୈଦିକ ଅନୁଷ୍ଠାନ ଦ୍ୱାରା ଭକ୍ତି ଲାଭ କରାଯାଏ ନାହିଁ। ପୂର୍ବ ଶ୍ଳୋକରେ କୁହାଯାଇଛି – ଭକ୍ତି ନିରୋଧ ସ୍ୱରୂପା। ନିରୋଧ ଅର୍ଥ କ'ଣ ?

॥ "ନିରୋଧସ୍ତୁ ଲୋକ ବେଦ ବ୍ୟାପାର ସନ୍ୟାସଃ" ॥

ଲୌକିକ ଏବଂ ବୈଦିକ କାର୍ଯ୍ୟର ସମ୍ପୂର୍ଣ୍ଣ ସନ୍ନ୍ୟାସର ନାମ ନିରୋଧ। ଅର୍ଥାତ୍ ନିରୁଦ୍ଧାବସ୍ଥାରେ ଲୌକିକ-ବୈଦିକ କୌଣସି କ୍ରିୟା ରହି ନ ଥାଏ। ସର୍ବବୃତ୍ତିର ନିରୋଧ ହୋଇଗଲେ ଲୌକିକ-ବୈଦିକ କ୍ରିୟା କରିବ ବା କିଏ ? ଭକ୍ତି ନିଷ୍କ୍ରିୟ ଓ ଧର୍ମାଧର୍ମ ଜ୍ଞାନ ବର୍ଜିତ ଅଟେ। ଏହି କାରଣରୁ ବୁଝାପଡେ ଯେ ଶ୍ରୀରାଧା ଲୌକିକ ଭୟ, ଧର୍ମ ଭୟ ପରିତ୍ୟାଗ ପୂର୍ବକ ଶ୍ରୀକୃଷ୍ଣଙ୍କର ରୋଗମୁକ୍ତିର ଦାରୁଣ ଭାବ ଉନ୍ମାଦ ଅବସ୍ଥାରେ ନିଜର ଚରଣାମୃତ ଦେଇଥିଲେ। ଏହି କଥା ଦ୍ୱାରା ଶ୍ରୀକୃଷ୍ଣ ଲୀଳାଛଳରେ ଶ୍ରୀରାଧାଙ୍କର ଭକ୍ତିର ପରୀକ୍ଷା ନେଇଥିଲେ।

ଭଲ ପାଇବା ବା ପ୍ରେମର କୌଣସି ଶାସ୍ତ୍ର ନାହିଁ କିମ୍ବା ନିୟମ ନାହିଁ। ଶାସ୍ତ୍ର ପଢ଼ି ଭଲପାଇବା ଜନ୍ମାଇ ହୁଏ ନାହିଁ। ଭଲପାଇବା ସ୍ୱତଃସ୍ଫୂର୍ତ୍ତ ମନର ଅବସ୍ଥା। ଏହାର କୌଣସି ଯୁକ୍ତି ନାହିଁ, ତର୍କ ନାହିଁ। ଭଲ ଲାଗେ ଏଣୁ ଭଲ ନ ପାଇ ରହି ହୁଏ ନାହିଁ, ଏହାକୁ କୁହାଯାଏ ଭକ୍ତି ବା ଭଲପାଇବା। ସହଜ କଥାରେ ଏହା ହିଁ ଉତ୍ତର। ଭଲ ପାଇବାର ପଥ ବା ପ୍ରେମର ପଥ ତ୍ୟାଗର ପଥ। ନିୟମ ପ୍ରତିପାଳନ କଲେ ଭଲପାଇବା ବା ପ୍ରେମ ଜନ୍ମିବ- ଏପରି କେହି କହିପାରିବେ ନାହିଁ। ଶ୍ରୀମଦ୍ ଭାଗବତ୍ ଗୀତାରେ ମଧ୍ୟ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ବେଦ ବିଧିର ପରପାରର କଥା କହିଛନ୍ତି।

"ତ୍ରିଗୁଣା ବିଷୟା ବେଦା ନିସ୍ତ୍ରୈଗୁଣୋ ଭବାର୍ଜ୍ଜୁନ"

ବେଦ ବିଧି ମାଧ୍ୟମରେ ଭଗବାନଙ୍କୁ ଲାଭ କରାଯାଏ ନାହିଁ। ଏହି କାରଣରୁ ଭକ୍ତିର ପଥ ଲୌକିକ ବା ବେଦାଚାରର ପଥ ନୁହେଁ। ଭଗବତ୍ ଭାବରେ ସର୍ବଦା ବିଭୋର ରହିଲେ - ଲୌକିକ ବା ବୈଦିକ କ୍ରିୟାନୁଷ୍ଠାନ କରିବ କିଏ ? ତା'ର କରିବାର ସମୟ ବା କେଉଁଠି ହେବ ? ଭକ୍ତିର ବା ଭଲ ପାଇବାର ପଥରେ କୌଣସି ଧରାବନ୍ଧା ନିୟମ ନାହିଁ। ଭକ୍ତକୁ ଯେପରି କରିବାକୁ ଭଲ ଲାଗେ, ଯେପରି କଲେ ତା'ର ପ୍ରିୟତମ ତୁଷ୍ଟ ହୁଅନ୍ତି, ଭକ୍ତ କେବଳ ସେହି ପଥକୁ ଅନୁସରଣ କରିଥାଏ। ତା'ର ଏହି କାର୍ଯ୍ୟ ସହିତ ଶାସ୍ତ୍ରର ନିୟମ ମେଳ ହେଉଛି କି ନାହିଁ ସେଥିପ୍ରତି ପ୍ରେମୀର ଲକ୍ଷ୍ୟ ନ ଥାଏ।

"ତସ୍ମିନ୍ନନ୍ୟତା ତଦ୍‌ବିରୋଧିତ ଉଦାସୀନତା"

ଭଗବାନଙ୍କ ପ୍ରତି ଅନନ୍ୟ ଭାବ ଏବଂ ତଦ୍‌ବିରୋଧୀ ବିଷୟ ପ୍ରତି ଉଦାସୀନତାକୁ ନିରୋଧ କୁହାଯାଏ।

ଅର୍ଥାତ୍ ଭଗବାନଙ୍କ ବ୍ୟତୀତ ଯେତେବେଳେ ଅନ୍ୟ ପ୍ରସଙ୍ଗ, ଅନ୍ୟ ଚିନ୍ତା, ଅନ୍ୟ କାର୍ଯ୍ୟ କିଛି ବି ଭଲ ଲାଗିବ ନାହିଁ, ସେହି ଅବସ୍ଥାକୁ ନିରୋଧ କୁହାଯାଏ। ଅର୍ଥାତ୍ ଚିତ୍ତ ଯେତେବେଳେ ଇଷ୍ଟ ଅଭିମୁଖୀ ହୋଇ ତନ୍ମୟ ହୋଇଯାଏ, ସେତେବେଳେ ନିଜର ଅନ୍ୟ ସକଳ ବୃତ୍ତିର ନିରୁଦ୍ଧ ଅବସ୍ଥା ଆସିଯାଏ। ସେତେବେଳେ ଏହାର ବିନ୍ଦୁ ମାତ୍ର ବେଗ ଅନୁଭବ କରାଯାଇପାରେ ନାହିଁ। ରାମକୃଷ୍ଣ ପରମହଂସ ଦେବ କହିଛନ୍ତି, "ସେତେବେଳେ ଭଗବତ୍ ପ୍ରସଙ୍ଗ ଛଡା ଅନ୍ୟ କଥା ଯେପରି ବିଷ ପରି ବୋଧ ହୁଏ।" ଈଶ୍ୱରାନୁରକ୍ତି ଜନ୍ମିଲେ - ଈଶ୍ୱର ଛଡା ଆଉ ଯାହା କିଛି ଏସବୁ ପ୍ରତି ଏହିପରି ବିତୃଷ୍ଣା ବା ବୈରାଗ୍ୟ ଦେଖାଦିଏ। ଏହା ପରାଭକ୍ତି ଉନ୍ମେଷର ପୂର୍ବ ଲକ୍ଷଣ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ନରେଶ ଚନ୍ଦ୍ର ପତି**

ସମ୍ପାଦକ, ନୀଳାଚଳ ସାରସ୍ୱତ ସଂଘ, ପୁରୀ

ଯିଏ ଯେଉଁ କାର୍ଯ୍ୟ ନିମିତ୍ତ ଉପଯୁକ୍ତ, ମୁଁ ତାକୁ ସେହିପରି କାର୍ଯ୍ୟ ଦେଇଛି। ତୁମମାନଙ୍କ ନିର୍ବାଚନରେ ଭ୍ରାନ୍ତି ଅଛି, ମୋ ନିର୍ବାଚନରେ ତାହା ନାହିଁ। ଫଳରେ ମୋ ବ୍ୟବସ୍ଥାରେ ହସ୍ତକ୍ଷେପ କରିବାକୁ ଗଲେ ପରିଣାମରେ ତୁମକୁ ଦାରୁଣ ଅନୁଶୋଚନା କରିବାକୁ ହେବ। **-ଶ୍ରୀଶ୍ରୀଠାକୁର**

ଯେଉଁମାନେ ନିଜ ଧର୍ମର ମହିମା ବୁଝିପାରନ୍ତି ନାହିଁ, ସେମାନେ ହିଁ ପରଧର୍ମର ନିନ୍ଦା କରିଥାନ୍ତି। ଧର୍ମର ନିନ୍ଦା କରିବା ଉଚିତ ନୁହେଁ। ରକ୍ଷଣଶୀଳତା ଭଲ ନୁହେଁ। ଧର୍ମ ନାମରେ ରକ୍ଷଣଶୀଳତାରେ ମହାପାତକ ହୁଏ। **-ଶ୍ରୀଶ୍ରୀଠାକୁର**

ଜଣେ କାର୍ଯ୍ୟ କରୁନାହିଁ ବା କାର୍ଯ୍ୟ କରିବାକୁ ବିଳମ୍ବ କରୁଛି ବୋଲି ତୁମେ ମଧ୍ୟ କାମ କରିବ ନାହିଁ ଏପରି ଭାବ ଭଲ ନୁହେଁ। ତୁମେମାନେ ଦଶ ଜଣ କାମ କଲେ ସେ ଯଦି ନୀଚ ହୋଇ ନ ଥିବ, ତା'ର ଯଦି ପ୍ରକୃତ ମନୁଷ୍ୟତା ଥିବ ତେବେ କୌଣସି ପ୍ରକାରେ ସେ ବସି ରହିପାରିବ ନାହିଁ। **-ଶ୍ରୀଶ୍ରୀଠାକୁର**

# ସଦ୍‌ଗୁରୁ ଇଲାକା ନାମେ ଟାଣିଅଛ ଘେର

ଶ୍ରୀଶ୍ରୀଠାକୁରଙ୍କ ବାଣୀ, "ମୁଁ ଯାହାକୁ ଥରେ ଶିଷ୍ୟ ବୋଲି, ପୁତ୍ର ବୋଲି ସ୍ନେହରେ ବରଣ କରିଛି, ସେ ସୁପଥକୁ ଯାଉ କିମ୍ବା କୁପଥକୁ ଯାଉ; ସୁପଥରେ ସାହାଯ୍ୟ କରିବାକୁ ଏବଂ ତା'କୁ କୁପଥରୁ ଫେରାଇ ଆଣିବାକୁ ସର୍ବଦା ତା' ପଛେ ପଛେ ରହିଥିବି। ତୁମେମାନେ ମୋ କଥା ନ ମାନି ଯାହା ଇଚ୍ଛା କରିବାକୁ ଗଲେ ମଧ୍ୟ ଦେଖିବ ତୁମର ଗୁରୁଶକ୍ତି ତୁମକୁ ଫେରାଇ ଆଣୁଛି କି ନାହିଁ? ମୁଁ ଯଦି କହିବି ଡାହାଣକୁ ଯାଅ, ତୁମେ ଇଚ୍ଛା କରି ବାମ ଦିଗକୁ ଗଲେ ମଧ୍ୟ ତୁମର ଗୁରୁଶକ୍ତି ତୁମକୁ ସତ୍‌ପଥକୁ ଫେରାଇ ଆଣିବ। ସେତେବେଳେ ଜାଣିବ **ସଦ୍‌ଗୁରୁଙ୍କ ଶିଷ୍ୟମାନେ ଭଗବାନ୍‌ଙ୍କ ରାଜ୍ୟ ଭିତରର ନୁହନ୍ତି।** ସେମାନଙ୍କ ଜନ୍ମ ମୃତ୍ୟୁ ପ୍ରଭୃତି ସମସ୍ତ ଭାର ସଦ୍‌ଗୁରୁଙ୍କ ଉପରେ ନ୍ୟସ୍ତ।" (ନିଗମ ଉପଦେଶ)। ପୁନଶ୍ଚ ଏହି ପ୍ରସଙ୍ଗରେ ଅନ୍ୟତ୍ର କହିଛନ୍ତି, "ବତ୍ସ ମୁଁ ସଦ୍‌ଗୁରୁ। ମୋ ଭିତରେ ଜଗଦ୍‌ଗୁରୁଙ୍କ ଇଚ୍ଛା ହିଁ ଲୀଳାୟିତ ହୋଇ ଉଠିଛି। ଯେଉଁମାନେ ମୋ ଉପରେ ନିର୍ଭର କରି ବସିଛ, ମୁଁ ସେମାନଙ୍କୁ ହାତ ଧରି ମୁକ୍ତିଧାମକୁ ନେଇଯିବି। ତୁମ ଠାକୁର ସଦ୍‌ଗୁରୁ କେବଳ ଏତିକି ବିଶ୍ୱାସ ଥିବା ଆବଶ୍ୟକ।" ଏହି ଭାବଟିକୁ ପଦ୍ୟାକାରରେ କୁହାଯାଇଛି –

ମୋ ଉପରେ ଏକାନ୍ତ ଯା'ର ନିର୍ଭର — ନେବି ମୁକ୍ତିଧାମେ ଧରି ତା' କର
ସଦ୍‌ଗୁରୁ ଇଲାକା ଛୁଇଁଛି ଯେହୁ — ନାହିଁ ସନ୍ଦେହ ମୁକ୍ତ ହେବ ସେହୁ
ଏତିକି କିନ୍ତୁ ମାତର ଯେ
ତୁମ ଏହି ଗୁରୁ ଅଟନ୍ତି — ସଦ୍‌ଗୁରୁ ଏ ବିଶ୍ୱାସ ଦୃଢ଼ କର ଯେ।

ଏହି ପ୍ରସଙ୍ଗରେ ମୁଖ୍ୟତଃ ଦୁଇ ତିନୋଟି ବିଷୟ ଆସୁଛି। ପ୍ରଥମଟି ହେଉଛି ସଦ୍‌ଗୁରୁ କାହାକୁ କହନ୍ତି, ଦ୍ୱିତୀୟଟି ହେଉଛି ସଦ୍‌ଗୁରୁଙ୍କ ଇଲାକା କ'ଣ ଏବଂ ତୃତୀୟରେ ଆମେ କିପରି ସେ ଇଲାକା ଭିତରେ ରହିପାରିବା ଇତ୍ୟାଦି।

୧. ପ୍ରଥମେ ସଦ୍‌ଗୁରୁଙ୍କ ପ୍ରସଙ୍ଗ। ଶ୍ରୀଶ୍ରୀଠାକୁରଙ୍କ ବାଣୀ ଅନୁଯାୟୀ, "ନିର୍ବିକଳ୍ପ ସମାଧି ଯାହାଙ୍କର ଲାଭ ହୋଇଛି, ସେ ହିଁ ସଦ୍‌ଗୁରୁ। ସେ ହିଁ ଅନ୍ୟକୁ କୃପା କରିପାରନ୍ତି। ଯିଏ ନିଜେ କୃପାସିଦ୍ଧ, ସେ ଅନ୍ୟକୁ କୃପା କରିବେ କିପରି? ତେବେ ଗୋଟିଏ ଗୋଟିଏ ପଥରେ ସିଦ୍ଧ ଗୁରୁମାନେ ସେହି ସେହି ପଥର ଭାବ ଶିଷ୍ୟ ଭିତରେ ସଞ୍ଚାରିତ କରିପାରନ୍ତି। କୃପା କରିପାରନ୍ତି ଏକମାତ୍ର ସଦ୍‌ଗୁରୁ। ଗୁରୁ କହିଲେ ପୂର୍ବେ ସଦ୍‌ଗୁରୁଙ୍କୁ ହିଁ ବୁଝାଯାଉଥିଲା। ସତ୍ ଶବ୍ଦ ଗୁରୁଙ୍କର ବିଶେଷଣ ନୁହେଁ, 'ସଦ୍‌ଗୁରୁ' ଗୋଟିଏ ଶବ୍ଦ। ଭକ୍ତିପଥରେ ସିଦ୍ଧ, ଯୋଗପଥରେ ସିଦ୍ଧ ଗୁରୁଙ୍କୁ ସଦ୍‌ଗୁରୁ କୁହାଯାଇ ପାରେନା। **କିନ୍ତୁ ଜ୍ଞାନପଥରେ ସିଦ୍ଧ ଗୁରୁଙ୍କୁ 'ସଦ୍‌ଗୁରୁ' କୁହାଯାଏ। ନିର୍ବିକଳ୍ପ ସମାଧି ଜ୍ଞାନପଥରେ ହିଁ ଲାଭ ହୁଏ।"** (ଜୀବନୀ ଓ ବାଣୀ)। ଅତଏବ ଶ୍ରୀଶ୍ରୀଠାକୁରଙ୍କ ଏହି ବାଣୀ ଅନୁଯାୟୀ ଯେଉଁ ମହାପୁରୁଷ ନିର୍ବିକଳ୍ପ ସମାଧିରୁ ଜଗଦ୍‌ଗୁରୁଙ୍କ ଇଚ୍ଛାରେ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି, କେବଳ ସେହିମାନେ ହିଁ ସଦ୍‌ଗୁରୁ ପଦବାଚ୍ୟ। ଶ୍ରୀଶ୍ରୀଠାକୁର ଜଗଦ୍‌ଗୁରୁଙ୍କ ଇଚ୍ଛାରେ ନିର୍ବିକଳ୍ପ ସମାଧିରୁ ଗୁରୁତତ୍ତ୍ୱରେ (ମୁଁ ଗୁରୁ) ପ୍ରତ୍ୟାବର୍ତ୍ତନ କରିଥିବାରୁ ସେ ଜଗତରେ ସର୍ବଶ୍ରେଷ୍ଠ ସଦ୍‌ଗୁରୁ ଭାବରେ କ୍ରିୟାଶୀଳ ଅଛନ୍ତି।

୨. **ଯାହାଙ୍କ ଠାରେ ଜଗଦ୍‌ଗୁରୁଙ୍କ ଇଚ୍ଛା ଲୀଳାୟିତ ତାଙ୍କୁ ସଦ୍‌ଗୁରୁ କୁହାଯାଏ।** ଏହି ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଛନ୍ତି "ଜଗଦ୍‌ଗୁରୁଙ୍କ ଇଚ୍ଛା ସ୍ଥୂଳ ମନୁଷ୍ୟ ମୂର୍ତ୍ତିରେ ଜନ୍ମଗ୍ରହଣ କଲେ ତାଙ୍କୁ 'ଅବତାର' କୁହାଯାଏ ଏବଂ ଜଗଦ୍‌ଗୁରୁଙ୍କ ଇଚ୍ଛା ଶୁଦ୍ଧ ଆଧାରରେ ପ୍ରତିଫଳିତ ହେଲେ ତାଙ୍କୁ 'ସଦ୍‌ଗୁରୁ' କୁହାଯାଏ। ଲୌକିକ ହିସାବରେ ଉପମା ଦେବାକୁ ହେଲେ ଜଗଦ୍‌ଗୁରୁ ହେଉଛନ୍ତି ମନ୍ତ୍ରପୂତ ଜଳ। ମନୁଷ୍ୟ ଗୁରୁଙ୍କ ଭିତରେ ତାଙ୍କର ବିକାଶ। ଏହି ମନ୍ତ୍ରପୂତ ଜଳ ଯେ ହାତରେ ନେଇ ଆସନ୍ତି ସେ ହେଉଛନ୍ତି ମନୁଷ୍ୟ-ଗୁରୁ ବା ସଦ୍‌ଗୁରୁ।" (ଜୀବନୀ ଓ ବାଣୀ)।

୩. "ଗୁରୁ ଚାରି ପ୍ରକାରର, ଯଥା – ଆଦର୍ଶ ଗୁରୁ, ଆଚାର୍ଯ୍ୟ ଗୁରୁ, ସଦ୍‌ଗୁରୁ ଓ ଜଗଦ୍‌ଗୁରୁ। ପିତାମାତା, ଶିକ୍ଷକ ପ୍ରଭୃତି ଆଦର୍ଶ ଗୁରୁ। ଯାହାଙ୍କ ଠାରୁ ପ୍ରାଥମିକ ସାଧନାଆଦି ଶିକ୍ଷା କରାଯାଏ ସେ ଆଚାର୍ଯ୍ୟ ଗୁରୁ। **ଯେଉଁ ଗୁରୁ ନିଜ ଆଧ୍ୟାତ୍ମିକ ଶକ୍ତି ଶିଷ୍ୟଠାରେ ସଞ୍ଚାରିତ କରି ଦେଇପାରନ୍ତି ସେ ସଦ୍‌ଗୁରୁ।** ଜଗଦ୍‌ଗୁରୁ ହେଉଛନ୍ତି ସମସ୍ତଙ୍କ ଆଦିଗୁରୁ ବା ସମଗ୍ର ବିଶ୍ୱର ମୌଳିକ ସତ୍ତା। ଗୁରୁ ନାନା ଭାବରେ ଶିଷ୍ୟ ମଧ୍ୟରେ ଶକ୍ତି ସଞ୍ଚାର କରିପାରନ୍ତି। ଇଚ୍ଛା ଦ୍ୱାରା, ଦର୍ଶନ ଦ୍ୱାରା, ସ୍ପର୍ଶନ ଦ୍ୱାରା, କଥାବାର୍ତ୍ତା ଦ୍ୱାରା। ତେବେ **ଇଚ୍ଛା ଦ୍ୱାରା ଯେଉଁମାନେ ଶକ୍ତି ସଞ୍ଚାର କରନ୍ତି, ସେମାନେ ସଦ୍‌ଗୁରୁ।"** (ଶ୍ରୀଶ୍ରୀଠାକୁର ନିଗମାନନ୍ଦ)।

୪. ଜୀବକୁ ସ୍ୱରୂପଜ୍ଞାନ ବା ଆତ୍ମଜ୍ଞାନ ଦାନ କରିବାର କ୍ଷମତା କେବଳ ସଦ୍‌ଗୁରୁଙ୍କର। **ଅତଏବ ସଦ୍‌ଗୁରୁଙ୍କର ଅନ୍ୟ ଏକ ସଂଜ୍ଞା ହେଉଛି ଯେ ଜୀବକୁ ଆତ୍ମଜ୍ଞାନ ବା ସ୍ୱରୂପଜ୍ଞାନ ପ୍ରଦାନପୂର୍ବକ ମୁକ୍ତିପଥ ପ୍ରଦର୍ଶନ କରାଇବା।** "ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀ ଗୁରବେ ନମଃ।"

୫. ଗୁରୁଙ୍କ ପ୍ରଦତ୍ତ ଇଷ୍ଟ ମନ୍ତ୍ର ଜପ ବା ଇଷ୍ଟ ମୂର୍ତ୍ତିଙ୍କ ଧ୍ୟାନ ସମୟରେ **ଯେ ଇଷ୍ଟଙ୍କ ସ୍ଥାନରେ ଫୁଟି ଉଠନ୍ତି ତାଙ୍କୁ ସଦ୍‌ଗୁରୁ କୁହାଯାଏ;** ଯାହାକି ଶ୍ରୀଶ୍ରୀଠାକୁରଙ୍କ ପ୍ରାଚୀନ ଶିଷ୍ୟ ଶ୍ରୀ ନୃପେନ୍ ଚନ୍ଦ୍ର ରାୟ, ଶ୍ରୀ ଯୋଗେଶ୍ୱର ଗଙ୍ଗୋପାଧ୍ୟାୟ ଓ ସ୍ୱାମୀ ସ୍ୱରୂପାନନ୍ଦ ପ୍ରଭୃତିଙ୍କ କ୍ଷେତ୍ରରେ ଘଟିଥିଲା। ଏମାନେ ଯେତେବେଳେ ଶ୍ରୀଶ୍ରୀଠାକୁରଙ୍କୁ ନିଜର ସାଧନଲବ୍ଧ ଅନୁଭୂତି ପ୍ରକାଶ କରି କହିଲେ ଠାକୁର ! ଇଷ୍ଟ ମୂର୍ତ୍ତିଙ୍କ ଜପ ବା ଧ୍ୟାନ ସମୟରେ ଇଷ୍ଟଙ୍କ ସ୍ଥାନରେ ଆପଣ ଫୁଟି ଉଠୁଛନ୍ତି, ସେତେବେଳେ ଶ୍ରୀଶ୍ରୀଠାକୁର କହିଲେ, "ହଁ, ଏତେ ଦିନ ପରେ ହେଲା। ଏହା ଆଧ୍ୟାତ୍ମିକ ଜଗତର ଅତି ଉଚ୍ଚ ଭାବ।" ପରବର୍ତ୍ତୀ ପର୍ଯ୍ୟାୟରେ ପୁରୀ ନୀଳାଚଳ କୁଟୀରରେ ଶ୍ରୀ ଶିଶିର କୁମାର ବସୁଙ୍କର ଏହି ପ୍ରକାର ସାଧନ ଅନୁଭୂତିରେ ଶ୍ରୀଶ୍ରୀଠାକୁର ଆଦେଶ କରି କହିଥିଲେ, ଧ୍ୟାନ ବା ଜପ ସମୟରେ ଯଦି ଇଷ୍ଟଙ୍କ ସ୍ଥାନରେ ଗୁରୁ ଫୁଟି ଉଠନ୍ତି, ତେବେ ସେପରି କ୍ଷେତ୍ରରେ ଇଷ୍ଟଙ୍କୁ ହଟାଇ ତାଙ୍କ ସ୍ଥାନରେ ଗୁରୁଙ୍କୁ ବସାଇବ। ତାଙ୍କ ସ୍ଥୂଳଲୀଳାର ଶେଷ ପର୍ଯ୍ୟାୟରେ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା ପରେ ଉତ୍କଳୀୟ ଭକ୍ତମାନଙ୍କ ପ୍ରତି ତାଙ୍କ ଆଦେଶ ଥିଲା –

ଯେ ଯାଏ ଚିତ୍ତଶୁଦ୍ଧି ହୋଇନାହିଁ, ଇଷ୍ଟ ଦରଶନ ଦିଏ କରାଇ
ଚିତ୍ତଶୁଦ୍ଧି ହେଲେ ବୁଝିବ ବଳେ, ଏକମାତ୍ର ଗୁରୁ ସବୁରି ମୂଳେ।

ଅତଏବ ଉତ୍କଳୀୟ ଭକ୍ତମାନଙ୍କ ପାଇଁ ଆଉ ସ୍ୱତନ୍ତ୍ର ଭାବରେ ଇଷ୍ଟ ଉପାସନାର ବ୍ୟବସ୍ଥା ନ କରି, ଗୁରୁ ଏବଂ ଇଷ୍ଟ ଏକ ଓ ଅଭିନ୍ନ – ଏହି ଭାବଧାରାର ପ୍ରଚଳନ ବା ଏକ ତତ୍ତ୍ୱ ଉପାସନାର ପ୍ରବର୍ତ୍ତନ କରିଛନ୍ତି। ଏହାର କାରଣ ହେଉଛି, ଶ୍ରୀଶ୍ରୀଠାକୁରଙ୍କ ସାଧନା ଓ ସିଦ୍ଧିରେ ସେ ଗୁରୁ ଏବଂ ଇଷ୍ଟ ବା ଭଗବାନ; ଅନ୍ୟ ଭାଷାରେ ନିର୍ଗୁଣ ଏବଂ ସଗୁଣ ଏହି ଦୁଇ ତତ୍ତ୍ୱରେ ପ୍ରତିଷ୍ଠିତ ବା କ୍ରିୟାଶୀଳ। ନିର୍ବିକଳ୍ପ ସମାଧିରେ ଶ୍ରୀଶ୍ରୀଠାକୁର ଗୁରୁତତ୍ତ୍ୱ ଓ ପ୍ରେମ ସମାଧିରେ ସେ ଭଗବତ୍ ତତ୍ତ୍ୱ ବା ନିର୍ବିକଳ୍ପ ସମାଧି ପରେ ପରବ୍ରହ୍ମ ଓ ଭାବ ସମାଧି ପରେ ଅବର ବ୍ରହ୍ମ – ଏହିପରି ପରାବର ବ୍ରହ୍ମ ହୋଇଗଲେ। ଏକ ଆଧାରରେ ଶ୍ରୀଶ୍ରୀଠାକୁର ଗୁରୁ ଓ ଭଗବାନ ବା ନିର୍ଗୁଣ ଓ ସଗୁଣ ବ୍ରହ୍ମ – ଏହା ତାଙ୍କର ସ୍ୱତନ୍ତ୍ରତା, ବୈଶିଷ୍ଟ୍ୟ।

ସଦ୍‌ଗୁରୁଙ୍କ ସମ୍ବନ୍ଧୀୟ ଏ ସମସ୍ତ ଆଲୋଚନାରୁ ସ୍ପଷ୍ଟ ଯେ ଶ୍ରୀଶ୍ରୀଠାକୁର ହେଉଛନ୍ତି ଏ ଜଗତର **ସର୍ବସାଧନ ସିଦ୍ଧ ସାର୍ବଭୌମ ସଦ୍‌ଗୁରୁ।** ଶ୍ରୀଶ୍ରୀଠାକୁର ଯେ ସଦ୍‌ଗୁରୁ, ଏକଥା ଉତ୍କଳର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ସ୍ୱୟଂ ଜନୈକ ଉତ୍କଳୀୟ ଭକ୍ତଙ୍କ ପ୍ରାର୍ଥନାରେ ସୂଚିତ କରିଛନ୍ତି। ଭକ୍ତଜଣକ ହେଉଛନ୍ତି ଶ୍ରୀଶ୍ରୀଠାକୁରଙ୍କ ସାକ୍ଷାତ୍ ମନ୍ତ୍ରଶିଷ୍ୟ ଶ୍ରୀ କ୍ଷୀରୋଦନାଥ ସିଂହ। ସଦ୍‌ଗୁରୁ ଲାଭ ନିମିତ୍ତ ବ୍ୟାକୁଳ ଥିବା ବେଳେ ଦିନେ କ୍ଷୀରୋଦ ଭାଇ କେଉଁଠୁ ସମ୍ବାଦ ପାଇଲେ ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ପୁରୀରେ ଅବସ୍ଥାନ କରୁଛନ୍ତି। ଏହାପରେ ସେ ପୁରୀ ସହର ସାରା ବହୁ ଅନୁସନ୍ଧାନ କରି ସ୍ୱାମୀଜୀଙ୍କ ସନ୍ଧାନ ନ ପାଇ ହତାଶ ହୋଇପଡ଼ିଲେ। ସେତେବେଳେ ଅନାଥର ନାଥ ଦୀନବନ୍ଧୁ, ପତିତପାବନ ଶ୍ରୀଜଗନ୍ନାଥ ଦେବ ତାଙ୍କ ସ୍ମୃତିପଥରେ ଜାଗ୍ରତ ହେଲେ। ଓଡ଼ିଶାବାସୀଙ୍କ ସାଧାରଣ ସଂସ୍କାରରେ ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଗୁରୁଲାଭ ନିମିତ୍ତ ପ୍ରାର୍ଥନା ହିଁ ଏକମାତ୍ର ପନ୍ଥା ବୋଲି ତାଙ୍କର ମନେହେଲା। ତହୁଁ ସେ ଶ୍ରୀମନ୍ଦିରର ମୁଖଶାଳାରେ ପ୍ରବେଶ କରି ଗୋଟିଏ କୋଣରେ ବସି ଐକାନ୍ତିକ ବ୍ୟାକୁଳତାର ସହିତ ଶ୍ରୀଜଗନ୍ନାଥଙ୍କ କୃପାଭିକ୍ଷା କରିବାକୁ ଲାଗିଲେ। 'ସଦ୍‌ଗୁରୁ ଲାଭ ନିମିତ୍ତ ମୁଁ ବ୍ୟାକୁଳ। ହେ ମହାପ୍ରଭୁ ! ମୋତେ ଗୁରୁଙ୍କ ସନ୍ଧାନ ଦିଅ। **ଯେଉଁ ମହାପୁରୁଷଙ୍କୁ ମୁଁ ଖୋଜିବାକୁ ଆସିଛି, ସେ ଯଦି ସଦ୍‌ଗୁରୁ ହୋଇଥାଆନ୍ତି, ମୁଁ ଯେପରି ତାଙ୍କର ଦର୍ଶନ ପାଏ।'** ଏକାଗ୍ର ଚିତ୍ତରେ ଜଗନ୍ନାଥଙ୍କ ପାଦରେ ସେ ତାଙ୍କର ଏହି ମନୋବାଞ୍ଛା ନିବେଦନ କରୁଥାଆନ୍ତି। ଚକ୍ଷୁରୁ ଅଶ୍ରୁ ଝରି ପଡୁଥାଏ। କେତେ ସମୟ ଧରି ସେ ମହାପ୍ରଭୁଙ୍କୁ ଏହି ଭାବରେ ଡାକୁଥିଲେ ତାହା ତାଙ୍କର ସ୍ମରଣ ନାହିଁ। ହଠାତ୍ ଜଣେ ପଣ୍ଡାଙ୍କ ଡାକରେ ତାଙ୍କ ଧ୍ୟାନ ଭାଙ୍ଗିଲା। ସେ କ୍ଷୀରୋଦବାବୁଙ୍କୁ କହିଲେ, 'ବାବୁ ଆସ, ଭିତରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କର। ମନୋବାଞ୍ଛା ପୂର୍ଣ୍ଣ ହେବ।' କ୍ଷୀରୋଦ ଭାଇ ଧୀରେ ଧୀରେ ଉଠି ମନ୍ଦିରର ଅଭ୍ୟନ୍ତରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ। ଏହି ସମୟରେ ଶ୍ରୀଜଗନ୍ନାଥଙ୍କ ମସ୍ତକରୁ ତୁଳସୀଗୁଚ୍ଛ ଖସି ପଡ଼ିଲା। ଯେଉଁ ପଣ୍ଡା କ୍ଷୀରୋଦ ଭାଇଙ୍କୁ ଗର୍ଭଗୃହକୁ ନେଇ ଯାଇଥିଲେ, ସେ ସଙ୍ଗେ ସଙ୍ଗେ ସେହି ତୁଳସୀଗୁଚ୍ଛକୁ କ୍ଷୀରୋଦ ଭାଇଙ୍କ ହାତକୁ ବଢ଼ାଇ ଦେଇ କହିଲେ, 'ବାବୁ ! ତୁମର ଭାଗ୍ୟ ଖୁବ୍ ଭଲ। ତୁମର ମନୋବାଞ୍ଛା ନିଶ୍ଚୟ ପୂର୍ଣ୍ଣ ହେବ। ମହାପ୍ରଭୁ ତୁମକୁ ସାକ୍ଷାତ ପ୍ରସାଦ ଦେଲେ।' ଅତଏବ ଉତ୍କଳର ରାଷ୍ଟ୍ରଦେବତା ପ୍ରଭୁ ଜଗନ୍ନାଥ ସ୍ୱୀୟ ମସ୍ତକର ତୁଳସୀଗୁଚ୍ଛ ଆଶୀର୍ବାଦ ଆକାରରେ ପ୍ରଦାନ କରି କ୍ଷୀରୋଦ ଭାଇଙ୍କୁ ମହାପୁରୁଷଙ୍କ ପ୍ରାପ୍ତିର ସୂଚନା ଦେବା ସହିତ **ମହାପୁରୁଷ ଯେ ସଦ୍‌ଗୁରୁ ତାହା ମଧ୍ୟ ସ୍ୱୀକୃତି ପ୍ରଦାନ କଲେ।** (ନୀଳାଚଳେ ଠାକୁର ନିଗମାନନ୍ଦ)।

ବର୍ତ୍ତମାନ ଏହି ପ୍ରବନ୍ଧର ଦ୍ୱିତୀୟ ପ୍ରସଙ୍ଗ ହେଉଛି ସଦ୍‌ଗୁରୁଙ୍କ ଇଲାକା କ'ଣ ? ଏ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ ହେଉଛି, "ଦେଖ, ସଦ୍‌ଗୁରୁଙ୍କ ଶିଷ୍ୟମାନେ ଭଗବାନଙ୍କ ଇଲାକାର ବାହାରେ। ସେମାନଙ୍କ ଭାର ସଦ୍‌ଗୁରୁଙ୍କ ଉପରେ ନ୍ୟସ୍ତ। ସଦ୍‌ଗୁରୁ କ୍ରମମୁକ୍ତି ପଥରେ ଉନ୍ନିତ ଶିଷ୍ୟଙ୍କୁ ମଧ୍ୟ ଇଚ୍ଛାଶକ୍ତି ଦ୍ୱାରା ଏହି ସ୍ଥୂଳ ଜଗତକୁ ନେଇ ଆସି ଗୋଟିଏ ଜନ୍ମରେ ମୁକ୍ତି ଦେଇପାରନ୍ତି। କ୍ରମୋନ୍ନତି ପଥରେ ମୁକ୍ତିଲାଭ କରିବାକୁ

ହୁଏତ ବହୁ ସହସ୍ର ବର୍ଷ ଏପରିକି ଲକ୍ଷ ଲକ୍ଷ ଯୁଗ ଲାଗିଯାଇ ପାରନ୍ତା। କିନ୍ତୁ ସେ ଦୟାପରବଶ ହୋଇ ପୁଣି ଗୋଟିଏ ମାତ୍ର ଜନ୍ମର ବ୍ୟବସ୍ଥା କରି ତାଙ୍କର ନିର୍ବାଣ ମୁକ୍ତିର ଉପାୟ କରିଦିଅନ୍ତି।" ତେବେ ସଦ୍‌ଗୁରୁଙ୍କ ଇଲାକା ବୁଝିବାକୁ ହେଲେ ଭଗବାନ୍‌ଙ୍କ ଇଲାକା ସମ୍ବନ୍ଧରେ ମଧ୍ୟ ଆଲୋଚନା ଆବଶ୍ୟକ।

ବ୍ରହ୍ମଙ୍କର ଦୁଇଟି ଧାରା ପ୍ରଥମରୁ ବିକଶିତ। ଗୋଟିଏ ହେଉଛି ସୃଷ୍ଟି ଧାରା – ଅବତରଣର ଧାରା – ଭଗବତ୍ ଧାରା ବା ଏକରୁ ବହୁ ହେବାର ଧାରା। ଅପରଟି ହେଉଛି ମୁକ୍ତିଧାରା – ଉତ୍ତରଣର ଧାରା – ଗୁରୁଧାରା ବା ବହୁରୁ ଏକ ହେବାର ଧାରା। ଯେପରି ଶୁଦ୍ଧ ସୁବର୍ଣ୍ଣରେ ଅଳଙ୍କାର ଗଠନ ସମ୍ଭବ ନୁହେଁ, ସେଥିପାଇଁ କିଛି ଖାଦର ଆବଶ୍ୟକ ହୋଇଥାଏ; ଠିକ୍ ସେହିପରି ବିଶୁଦ୍ଧ ଚେତନା ବ୍ରହ୍ମ ମାୟାଯୁକ୍ତ ହୋଇ ସ୍ୱରୂପ ବିସ୍ମୃତ ହୋଇ ସଂସାରରେ ବହୁ ଭାବରେ ଲୀଳା କରୁଛନ୍ତି। ଅତଏବ ଭଗବାନ୍‌ଙ୍କ ଇଲାକା ହେଉଛି ମାୟାଙ୍କ ଇଲାକା। ପୁଣି ସେମାନଙ୍କୁ ସ୍ୱରୂପ ପ୍ରଦାନ କରି ବ୍ରାହ୍ମୀସ୍ଥିତିକୁ ଫେରାଇ ନେବା ହେଉଛି ଗୁରୁଧାରା। ପ୍ରାସଙ୍ଗିକ ଭାବେ ଏଠାରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ ଉଦ୍ଧାର କରାଯାଉଅଛି। ସେ କହିଛନ୍ତି, "ମାନୁଷ୍ ଜୀବନର ଲକ୍ଷ୍ୟ ମୁକ୍ତିଲାଭ କରା, ଅର୍ଥାତ୍ ମାୟାର ସୀମା ଅତିକ୍ରମ କରି ସ୍ୱରୂପେ ପ୍ରତିଷ୍ଠିତ ହେବା।" ସାଧାରଣ ଭାବରେ ମାୟାର ସୀମା କହିଲେ ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦର ହାଟ ମଧ୍ୟରେ ରହି ଷଡ଼ରିପୁ ତଥା ଇନ୍ଦ୍ରିୟ ଓ ମନ ଦ୍ୱାରା ପରିଚାଳିତ ହେବା। ତେଣୁ ସାଧନା ଦ୍ୱାରା ମାୟା ବା ପ୍ରକୃତିର ଇଲାକାରୁ ବାହାରି ଅପ୍ରାକୃତ ପ୍ରେମରାଜ୍ୟରେ ଉପନୀତ ହେବା ହେଉଛି ଉତ୍ତରଣର ଧାରା। ଭଗବାନ୍‌ଙ୍କ ଇଲାକା ମାୟାଯୁକ୍ତ ଓ ଗୁରୁଙ୍କ ଇଲାକା ମାୟାମୁକ୍ତ ଅଞ୍ଚଳ। ସେଥିପାଇଁ କୁହାଯାଏ ଜୀବ ମାୟାଧୀନ, ଭଗବାନ୍ ମାୟାଧୀଶ ଏବଂ ଗୁରୁ ମାୟାତୀତ ସତ୍ତା। ଶ୍ରୀଗୁରୁ ତାଙ୍କର କୃପାଶକ୍ତି, ପ୍ରେମଶକ୍ତି ଓ ଅନ୍ୟାନ୍ୟ ଅପ୍ରାକୃତ ଶକ୍ତି ସମୂହ ଦ୍ୱାରା ବଳୟାକାରରେ ଏକ ଶକ୍ତିକେନ୍ଦ୍ର ରଚନା କରିଛନ୍ତି; ଯେଉଁଠାରେ ମାୟାର ସ୍ଥାନ ନାହିଁ। ସାଧକ ନିଜ ପୁରୁଷାକାର ଦ୍ୱାରା ଯେତେବେଳେ ସେହି ଶକ୍ତିକେନ୍ଦ୍ରର ନିକଟତର ହୁଏ, ସେତେବେଳେ ତାଙ୍କର ଆକର୍ଷଣୀ ଶକ୍ତି ସାଧକକୁ ସେହି ବଳୟ ଭିତରକୁ ଟାଣିନିଏ। ଶ୍ରୀଶ୍ରୀଠାକୁର ଏହାକୁ **'ସଦ୍‌ଗୁରୁଙ୍କ ଇଲାକା'** ବୋଲି କହିଛନ୍ତି। ସଦ୍‌ଗୁରୁଙ୍କ ଇଲାକା ତାଙ୍କ ଆକର୍ଷଣୀ ଶକ୍ତିର ଇଲାକା ବା ଗୁରୁକୃପାର ଇଲାକା। ଭକ୍ତକବିଙ୍କ ଭାଷାରେ 'ଗୁରୁକୃପା ସ୍ରୋତ ଉଜାଣି ବହେ, ହୃଦ ନଦୀ ତଟ ଉଚ୍ଛୁଳି ଧାଏଁ।'

ଏହି ପ୍ରସଙ୍ଗଟିକୁ ବୁଝାଇବାକୁ ଯାଇ ଶ୍ରୀଶ୍ରୀଠାକୁର କହିଛନ୍ତି, "ମୋ ଭିତରେ ଯେଉଁ ଶକ୍ତି ଅଛନ୍ତି, ତୁମମାନଙ୍କ ପ୍ରତି ତାଙ୍କର ଦୃଷ୍ଟି ଓ ଲକ୍ଷ୍ୟ ଅଛି। ନରାକାର ପରଂବ୍ରହ୍ମ ଗୁରୁଙ୍କୁ ଧରିପାରିଲେ ଏହି ସୁବିଧା। ଅନନ୍ତ କୋଟି ବ୍ରହ୍ମାଣ୍ଡର ଯେ ମହାଶକ୍ତି ତାଙ୍କର ରାଜ୍ୟ କେଡ଼େ ବିସ୍ତୃତ। ତାଙ୍କର ସମୟ ନାହିଁ ଜୀବ ପ୍ରତି ତାଙ୍କର ଦୃଷ୍ଟି ପଡ଼ିବ। ଉଗ୍ରତମ ତପସ୍ୟା ଓ କଠୋର ସାଧନ ବ୍ୟତୀତ ତାଙ୍କର ଦୃଷ୍ଟି ଆକର୍ଷଣ କରିବା ଆଦୌ ସମ୍ଭବପର ନୁହେଁ। କିନ୍ତୁ ମୋ ଭିତରେ ଯେଉଁ ଶକ୍ତି ନିହିତ ତୁମେମାନେ ବିଶେଷ ଭାବରେ ତାଙ୍କରି କୃପା ପାଇପାରିବ। ଅନନ୍ତ କୋଟି ବ୍ରହ୍ମାଣ୍ଡର ମା'ଙ୍କର ସମୟ ନାହିଁ ଯେ ସେ ତୁମ ପ୍ରତି ଦୃଷ୍ଟି ଦେବେ। କିନ୍ତୁ ମୋର ଶକ୍ତି ତୁମମାନଙ୍କର ଏହି ଅଳ୍ପ କେତେ ଜଣ ଶିଷ୍ୟଙ୍କ ପାଇଁ ନିୟୋଜିତ। ସୁତରାଂ ବୃତ୍ତ ବଡ଼ ନୁହେଁ ବୋଲି ତୁମ ପ୍ରତ୍ୟେକଙ୍କ ଉପରେ ମୋ ଶକ୍ତିର ଦୃଷ୍ଟି ଅଛି।" (ଶ୍ରୀଶ୍ରୀଠାକୁର ନିଗମାନନ୍ଦ)। ଲୌକିକ ଜଗତରେ ଦେଖାଯାଏ ପ୍ରଚଣ୍ଡ ସୂର୍ଯ୍ୟରଶ୍ମି ବା ସୂର୍ଯ୍ୟକିରଣ ଦ୍ୱାରା ପୃଥିବୀପୃଷ୍ଠର ବୃକ୍ଷଲତା, ଘରଦ୍ୱାର ଇତ୍ୟାଦି କିଛି ପୋଡ଼ି ନ ଥାଏ। କିନ୍ତୁ ସେହି କିରଣକୁ ଯଦି ଗୋଟିଏ ଯବକାଚ ବା ଲେନ୍‌ସ ମାଧ୍ୟମରେ କୌଣସି ବସ୍ତୁ ଉପରେ ପକାଯାଏ, ତାହାର ପ୍ରଭାବରେ ସେହି ବସ୍ତୁ ପୋଡ଼ିଯାଏ। ସମଗ୍ର ପୃଥିବୀପୃଷ୍ଠରେ ବିଚ୍ଛୁରିତ ହୋଇପଡ଼ିଥିବା ସୂର୍ଯ୍ୟକିରଣର ପରିଚାୟକ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ମା' ବା ଭଗବାନ୍ ଓ ଲେନ୍‌ସ ମଧ୍ୟ ଦେଇ ପଡୁଥିବା କିରଣ ହେଉଛନ୍ତି ଗୁରୁଶକ୍ତି। ଅତଏବ ବୃତ୍ତ ଛୋଟ ହୋଇଥିବାରୁ ଆମ ପ୍ରତ୍ୟେକଙ୍କ ଉପରେ ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟି ରହିଅଛି।

ଏହି ପ୍ରବନ୍ଧର ତୃତୀୟ ପ୍ରସଙ୍ଗ ହେଉଛି ଆମେ କିପରି ସଦ୍‌ଗୁରୁଙ୍କ ଇଲାକା ଭିତରେ ରହିପାରିବା। ପ୍ରଥମତଃ **ଆମେ ତାଙ୍କର ହୋଇଗଲେ ତାଙ୍କ ଇଲାକା ବା ଦୃଷ୍ଟିରେ ରହିବା।** ଏହାର ସହଜ ସରଳ ଉପାୟ ହେଉଛି ତାଙ୍କ ଆଦେଶ ଉପଦେଶ ମାନିବା ଓ ତଦନୁଯାୟୀ ଜୀବନଯାତ୍ରା ନିର୍ବାହ କରି ଚଳିବା। ଶ୍ରୀଶ୍ରୀଠାକୁର ସ୍ଥୂଳରେ ନିତ୍ୟ ବର୍ତ୍ତମାନ – ଏହି ବିଶ୍ୱାସର ସହିତ ତାଙ୍କର ଶରଣାଗତ ହୋଇ, ତାଙ୍କୁ ଟିକିଏ ସୁଖ ପାଇ ଓ ତାଙ୍କ ପ୍ରୀତି ନିମିତ୍ତ କର୍ମ କରି ତଥା ତାଙ୍କ ସେବା କରି ତାଙ୍କୁ ସନ୍ତୁଷ୍ଟ କରିପାରିଲେ ତାଙ୍କର ଦୃଷ୍ଟି ଆମ ଉପରେ ପଡ଼ିବ। ଷଡ଼ରିପୁଙ୍କର ବିପରୀତ ବୃତ୍ତି ଅବଲମ୍ବନ ପୂର୍ବକ ଦେହ ଦ୍ୱାରା ତାଙ୍କ ସେବା, ଚକ୍ଷୁ ତାଙ୍କ ରୂପ ଦର୍ଶନ ପାଇଁ ସଦା ବ୍ୟାକୁଳିତ ହେବା, ମୁଖ ତାଙ୍କ ନାମ ଗାନ ଓ ଗୁଣଗାନ ପାଇଁ ସଦା ତତ୍ପର ହେବା, କର୍ଣ୍ଣ ତାଙ୍କ ବାଣୀ ଓ ଲୀଳା ଶ୍ରବଣ ପାଇଁ ଉନ୍ମୁଖ ହେବା ଏବଂ ମନ ତାଙ୍କ ଚିନ୍ତାରେ ସର୍ବଦା ବିଭୋର ରହିଲେ ଆମେ ତାଙ୍କ ଇଲାକାରେ ଅଛୁ ବୋଲି ବୁଝାପଡ଼ିବ। ମୋଟାମୋଟି ଭାବରେ ଆମର ପ୍ରତ୍ୟେକ ଚିନ୍ତା, ବାକ୍ୟ ଓ କର୍ମର କେନ୍ଦ୍ରବିନ୍ଦୁରେ ଶ୍ରୀଶ୍ରୀଠାକୁର ରହିବେ।

ସଦ୍‌ଗୁରୁଙ୍କ ଇଲାକା ସାଧକର ଅନ୍ତର୍ଜଗତର ବ୍ୟାପାର। ବହିର୍ମୁଖୀ ମନକୁ ଅନ୍ତର୍ମୁଖୀ କରି ଅନ୍ତରତମ ପ୍ରଦେଶରେ ଯେତେ ବୁଡ଼ିବ, ଆମେ ତାଙ୍କ ଇଲାକାର ସେତେ ନିକଟବର୍ତ୍ତୀ ହେବା। ଯେତେବେଳେ ତାଙ୍କ ବ୍ୟତୀତ ଅନ୍ତରରେ ଅନ୍ୟ କିଛି ଆକର୍ଷଣ ନ ଥିବ ବା ଅନ୍ୟ କିଛି ଭଲ ଲାଗିବ ନାହିଁ, ସେତେବେଳେ ଆମେ ତାଙ୍କ ଇଲାକାରେ ଅଛୁ ବୋଲି ବୁଝିବା।

ତେବେ ସଦ୍‌ଗୁରୁଙ୍କ ଇଲାକାଭୁକ୍ତ ହେବାର ଦୁଇଟି ମୁଖ୍ୟ ଆବଶ୍ୟକତା ହେଉଛି **ଶ୍ରଦ୍ଧା ଓ ପ୍ରେମ**। ଶ୍ରଦ୍ଧା ଶିଷ୍ୟକୁ ବେଷ୍ଟନ କରି ରଖେ। ଏହା ଏକ ଛାତ ସଦୃଶ ଯାହା ତା'କୁ ରକ୍ଷା କରେ। ପରିଚୟ ପତ୍ରରେ ଏଥିପାଇଁ ଶ୍ରଦ୍ଧା ଶବ୍ଦ ବାରମ୍ବାର ବ୍ୟବହାର କରାଯାଇଛି। ସମସ୍ତ ସାଧନାର ମୂଳ ହେଉଛି ଶ୍ରଦ୍ଧା। ପ୍ରଥମେ ଶ୍ରଦ୍ଧା, ତତ୍‌ପରେ ସାଧୁସଙ୍ଗ, ଭଜନ କ୍ରିୟା, ଭଜନ କ୍ରିୟାରୁ ଅନର୍ଥ ନିବୃତ୍ତି, ଅନର୍ଥ ନିବୃତ୍ତି ହେଲେ ନିଷ୍ଠା, ନିଷ୍ଠା ପ୍ରଭାବରେ ରୁଚି, ରୁଚିରୁ ଆସକ୍ତି, ଆସକ୍ତିରୁ ଭାବ ଏବଂ ଭାବଭକ୍ତିରୁ ପ୍ରେମଲାଭ ହୋଇଥାଏ। ଏଥିରୁ ଜଣାଯାଏ ଯେ ଶ୍ରଦ୍ଧା ହିଁ ଏ ସମସ୍ତର ଆଦି ବୀଜ ସ୍ୱରୂପ। ଏହି ବୀଜରୁ କ୍ରମଶଃ ପ୍ରେମ-କଳ୍ପତରୁର ଉଦ୍‌ଗମ ହୁଏ। **ସାଧୁ-ଶାସ୍ତ୍ର କୃପାରୁ ପ୍ରେମ-ତରଙ୍ଗିଣୀରେ ଅବଗାହନ କଲେ ଆମେ ତାଙ୍କର ହୋଇପାରିବା ବା ତାଙ୍କ ଇଲାକାରେ ରହିବା।** ଏଥିପାଇଁ ପ୍ରଥମେ ଶ୍ରଦ୍ଧାକୁ ସ୍ଥିର ଓ ଦୃଢ଼ ରଖିବାକୁ ହେବ। ଅନେକ କ୍ଷେତ୍ରରେ ପ୍ରବର୍ତ୍ତକ ସାଧକମାନେ ସାମାନ୍ୟ ଆଘାତ ପାଇଲେ, ବିପଦରେ ପଡ଼ିଲେ, ନିଜ ଇଚ୍ଛା ପୂରଣ ନ ହେଲେ ବା ଅନ୍ୟ କାହା ଠାରୁ ନିଜର ପ୍ରିୟତମଙ୍କ ପ୍ରତି ଅପ୍ରୀତିକର ବିରୁଦ୍ଧ କଥା ଶୁଣିଲେ ସେମାନଙ୍କ ଶ୍ରଦ୍ଧାରେ ବ୍ୟତିକ୍ରମ ଦେଖାଯାଇ ଆଧ୍ୟାତ୍ମିକ ପଥକୁ ରୁଦ୍ଧ କରିଦିଏ। ତେଣୁ ଚିତ୍ତଶୁଦ୍ଧିର ସାଧନା ସହିତ ଦୃଢ଼ମନ ଓ ସଂକଳ୍ପଯୁକ୍ତ ହୋଇ ଶ୍ରଦ୍ଧା ଦେବୀଙ୍କୁ ରକ୍ଷା କରିବାକୁ ପଡ଼ିବ। ଥରେ ଶ୍ରୀଶ୍ରୀଠାକୁରଙ୍କ ଏକନିଷ୍ଠ ଗୃହସ୍ଥ ଭକ୍ତ ବିହାରୀ ମୋହନ ଶର୍ମାଭାଇଙ୍କୁ ତାଙ୍କର ଜଣେ ବନ୍ଧୁ ପ୍ରଶ୍ନ କଲେ, 'ତୁମେ କାହିଁକି ତୁମ ଗୁରୁଙ୍କ ପାଖକୁ ଯାଅ ? ସେ ମହାପୁରୁଷ ନ ହୋଇ ଯାଦୁକର ମଧ୍ୟ ହୋଇଥାଇପାରନ୍ତି। ଯାଦୁ କରି ତୁମକୁ ଆକର୍ଷଣ କରୁଥାଇ ପାରନ୍ତି ?' ଉତ୍ତରରେ ବିହାରୀ ଭାଇ ସରଳ ଭାବରେ ବିନମ୍ରତାର ସହ କହିଲେ, 'ମୁଁ ଜାଣେନା ସେ ମହାପୁରୁଷ କି ଯାଦୁକର। ଯଦି ସେ ମହାପୁରୁଷ ନ ହୋଇ ଯାଦୁକର ହୋଇଥାଆନ୍ତି, ତେବେ ପ୍ରାର୍ଥନା କରୁଛି ସେ ଯାଦୁ କରି ମୋତେ ତାଙ୍କର କରି ନିଅନ୍ତୁ। ମୁଁ ତାଙ୍କ ଯାଦୁରେ ଅଭିଭୂତ ହୋଇ ଯେପରି ତାଙ୍କୁ ଭଲ ପାଇପାରେ।' ଏହି ଉତ୍ତର ଶୁଣି ତାଙ୍କ ବନ୍ଧୁ ଚୁପ୍ ହୋଇଗଲେ। ଏହାକୁ ହିଁ ପ୍ରକୃତ ଶ୍ରଦ୍ଧାଭାବ କୁହାଯାଏ। ଏହିମାନଙ୍କୁ ହିଁ ଶ୍ରୀଶ୍ରୀଠାକୁର ତାଙ୍କ ନିଜର କରି ଦେଇ ତାଙ୍କ ଇଲାକାରେ ରଖନ୍ତି। ଭକ୍ତକବି ଗାଇଛନ୍ତି,

କି ଭାଷାରେ କୃତଜ୍ଞତା ଜଣାଇବି ମୋର, ସହଜେ ମୁଁ ନିରିମାଖି ଅଜ୍ଞାନୀ ମାତର
ଦୀନ ଜନ ବୋଲି ମୋର ଜଗତେ ପ୍ରଚାର, ସାଧନ ଭଜନେ ନାମ ଲେଖା ନାହିଁ ମୋର
ତଥାପି ଶରଧା ତୁମେ ବହିଛ ଠାକୁର।
ସ୍ରୋତରେ ଗଲେ ମୁଁ ପଡ଼ି ତୁମେ ଟାଣି ଧର, ବିପଦେ ଛାଡ଼ିଲେ ରଡ଼ି ହୋଇଛ ହାଜର
ପ୍ରତିକ୍ଷଣ ରଖିଅଛ ମୋ ପରେ ନଜର।
କାହାରି ରୋଷର କେବେ ହୋଇଲେ ଶିକାର, ତୁମର ଦରଦୀ ପ୍ରାଣ ହୁଅଇ କାତର
ତୁମ ପରଶେ ନିମିଷେ ହୋଇଯାଏ ଦୂର।
ଦୁନିଆ ହାଟରେ ଏକା ତୁମେ ଆପଣାର, ତୁମ ପ୍ରୀତି ମୂଲ ପାଇଁ ନାହିଁ କିଛି ମୋର
ଭରିଛ ଆଶିଷ ଦାନେ ଏ ମୋର ଅନ୍ତର
ମାୟା ଭଉଁରୀରେ କାଳେ ଛାଡ଼ିଯିବ କର, **ସଦ୍‌ଗୁରୁ ଇଲାକା ନାମେ ଟାଣି ଅଛ ଘେର**
ବିଶ୍ୱ ବନ୍ଦନୀୟ ତବ ପୟରେ ଜୁହାର।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ରାମଚନ୍ଦ୍ର ସାହୁ**

ସମ୍ପାଦକ, କେନ୍ଦ୍ର ସେବକ ସଂଘ

ସତ୍‌ଶିକ୍ଷା ମନ୍ଦିର, ଭୁବନେଶ୍ୱର

# ଜୀବନର ରୂପାନ୍ତର

ଲେଖାଟିର ଶିରୋନାମା ହେଲା, ଜୀବନର ରୂପାନ୍ତର, ଏ ସମ୍ବନ୍ଧରେ ଶିଷ୍ୟ ଭକ୍ତମାନଙ୍କ ପ୍ରତି ଶ୍ରୀଶ୍ରୀଠାକୁରଙ୍କର ବାଣୀ ହେଲା – "ତୁମେମାନେ ହିଁ ମୋର ଶୁଭ ଇଚ୍ଛାକୁ ମୂର୍ତ୍ତ କରିବାର ଏକମାତ୍ର ସହାୟ।" ସେ ପୁନରାୟ କହିଛନ୍ତି "ଏହି ଦେହ ଦ୍ୱାରା ହିଁ କାର୍ଯ୍ୟ ସାଧିତ ହେବ। ତେବେ ଏହାର ରୂପାନ୍ତର ଆବଶ୍ୟକ।" ଉପରୋକ୍ତ ବାଣୀଗୁଡିକ ମଧ୍ୟରୁ ପ୍ରଥମେ ଦେଖିବା ଶ୍ରୀଶ୍ରୀଠାକୁରଙ୍କ ଶୁଭ ଇଚ୍ଛା କ'ଣ ? ଯାହାକୁ ରୂପ ପ୍ରଦାନ କରିବା ପାଇଁ ଏ ଦେହର ରୂପାନ୍ତର ଆବଶ୍ୟକ। ଶ୍ରୀଶ୍ରୀଠାକୁରଙ୍କ ଶୁଭ ଇଚ୍ଛା କ'ଣ ? ଏ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ ହେଲା – ଜୀବଜଗତର କାହିଁରେ ମଙ୍ଗଳ ହେବ, ସମସ୍ତଙ୍କର ଅନ୍ତରରେ ସେହି ଆଲୌକିକ ଇଙ୍ଗିତ ବା ପ୍ରେରଣା ଜାଗେ ନାହିଁ। ମହାପୁରୁଷମାନେ ହିଁ କେବଳ ଜଗଦ୍‌ଗୁରୁଙ୍କର ସେହି ମଙ୍ଗଳମୟ ଇଙ୍ଗିତ ବୁଝିବାକୁ ସକ୍ଷମ। "ମୁଁ ସଦ୍‌ଗୁରୁ", ଜଗଦ୍‌ଗୁରୁଙ୍କ ମଙ୍ଗଳମୟ ଇଚ୍ଛା ମୋ ଅନ୍ତରରେ ଲୀଳାୟିତ। ("ନିଗମ ଉପଦେଶ" / ନବ ବର୍ଷର ଆଶୀର୍ବାଦ)

ବର୍ତ୍ତମାନ ଦେଖିବା ଜଗଦ୍‌ଗୁରୁଙ୍କର ମଙ୍ଗଳମୟ ଇଚ୍ଛା କ'ଣ ? ଏ ସମ୍ବନ୍ଧରେ ଏତିକି ଧାରଣା କରିବାକୁ ହେବ ଯେ, "ଭଗବାନ ଜଗତ୍ ରୂପରେ ବିରାଜିତ। ସୁତରାଂ ଜଗତର ହିତ ଓ ଜୀବର ହିତ ସାଧନ କରିବା ଭଗବାନ୍‌ଙ୍କର ଅତିଶୟ ପ୍ରିୟ କାର୍ଯ୍ୟ। ଏ ବିଷୟରେ ସମସ୍ତ ଧର୍ମ ସମ୍ପ୍ରଦାୟ ଏକ ମତ। ଜଗତର ହିତ ଓ ଜୀବହିତ ସାଧନାର ଅପର ନାମ ସେବା। ମାନବର ହିତ ସାଧନ ହିଁ ସର୍ବଶ୍ରେଷ୍ଠ ସେବା ଧର୍ମ। ବର୍ତ୍ତମାନ ଦେଖିବାକୁ ହେବ, କିଭଳି ଭାବରେ ମାନବ ଏହି ସେବାଧର୍ମର ଅନୁଶୀଳନ କରିପାରିବ। ଶ୍ରୀଗୁରୁଙ୍କ ନିର୍ଦ୍ଦେଶରୁ ଏତିକି ହୃଦୟଙ୍ଗମ କରୁଅଛୁ ଯେ ମାନବକୁ ସତ୍‌ଶିକ୍ଷାରେ ଶିକ୍ଷିତ କରିବା ହିଁ ସର୍ବଶ୍ରେଷ୍ଠ ହିତକର କାର୍ଯ୍ୟ।" (ସଂଘନୀତି – ଜଗତର ହିତକର କାର୍ଯ୍ୟର ଅନୁଷ୍ଠାନ)

ବର୍ତ୍ତମାନ ଦେଖାଯାଉ, ଏହି ସତ୍‌ଶିକ୍ଷା କହିଲେ କ'ଣ ବୁଝାଏ ? "ଶିକ୍ଷା ଦ୍ୱାରା ମନୁଷ୍ୟ ଭିତରେ ଆତ୍ମବୋଧର ଜାଗରଣ କରିବାକୁ ହେବ। ଶିକ୍ଷା ସାହାଯ୍ୟରେ ମନୁଷ୍ୟର ଆତ୍ମଶକ୍ତି, ଜାଗରିତ ହୋଇ ଉଠିବ ଏବଂ ଅନ୍ତର୍ନିହିତ ଶକ୍ତି କେନ୍ଦ୍ର ପ୍ରତି ଦୃଷ୍ଟି ନିପତିତ ହେବ। ଶିକ୍ଷା ସମସ୍ତ ଅଜ୍ଞାନତାକୁ ଦୂର କରି ଦେବ। ତେଣୁ ତୁମର ପ୍ରଥମ କର୍ତ୍ତବ୍ୟ ନିଜେ ପ୍ରଥମେ ଆତ୍ମଜ୍ଞ ହେବା ଓ ଜାତିର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆତ୍ମଜ୍ଞାନରେ ପ୍ରତିଷ୍ଠିତ କରିବା। ସେହି ଉଦ୍ଦେଶ୍ୟ ସିଦ୍ଧି ନିମିତ୍ତ ବିଦ୍ୟାପୀଠ, ଶିକ୍ଷାକେନ୍ଦ୍ର ପ୍ରଭୃତି ଗଠନ ହେଲା ତୁମମାନଙ୍କର ପ୍ରଥମ କର୍ତ୍ତବ୍ୟ।"

(ସଂଘନୀତି – ସଂଘସେବୀ ଶିଷ୍ୟଭକ୍ତମାନଙ୍କୁ ଶ୍ରୀଶ୍ରୀଠାକୁରଙ୍କ ଆହ୍ୱାନ)

ଶ୍ରୀଶ୍ରୀଠାକୁରଙ୍କର ଉପରୋକ୍ତ ବାଣୀ ସମୂହ ଆଲୋଚନା କରିବା ଦ୍ୱାରା ଏତିକି ହୃଦୟଙ୍ଗମ ହେଲା ଯେ,''ତାଙ୍କର ପ୍ରତ୍ୟେକ ଶିଷ୍ୟଭକ୍ତ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହୋଇ ଗୁରୁସେବା, ଜଗତ୍‌ସେବା କରିବା ଆବଶ୍ୟକ।"

ଏହି ଆଲୋଚନାର ଆରମ୍ଭ ପ୍ରତି ଦୃଷ୍ଟିପାତ କଲେ ଦେଖାଯିବ ଯେ, ଶ୍ରୀଶ୍ରୀଠାକୁରଙ୍କ ଶୁଭ ଇଚ୍ଛା କ'ଣ ? ଯାହାକୁ ରୂପ ପ୍ରଦାନ କରିବା ପାଇଁ ଏ ଦେହର ରୂପାନ୍ତର ଆବଶ୍ୟକ। ଉପରୋକ୍ତ ଆଲୋଚନାରୁ ବୁଝାଗଲା ଯେ, "ଶ୍ରୀଶ୍ରୀଠାକୁରଙ୍କର ଶୁଭ ଇଚ୍ଛା ହେଲା ତାଙ୍କର ପ୍ରତ୍ୟେକ ଶିଷ୍ୟ ଭକ୍ତ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହେବା। ଏହି ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହେବା ପାଇଁ ଜୀବନର ରୂପାନ୍ତର ଆବଶ୍ୟକ।

ବର୍ତ୍ତମାନ ବିଚାର କରାଯାଉ, ଜୀବନର ରୂପାନ୍ତର କିପରି ହୋଇପାରିବ ? ଏହି ରୂପାନ୍ତର ମାନସିକ ଓ ଶାରୀରିକ ଦୁଇ ପ୍ରକାରର ହୋଇଥାଏ। ପ୍ରଥମେ ମାନସିକ ରୂପାନ୍ତର ବିଷୟ ଆଲୋଚନା କରାଯାଉ। ଗୋଟିଏ ପିଲା ଭୂପୃଷ୍ଠରେ ଜନ୍ମ ହେଲେ ତା'ର ପରିବାର ଲୋକମାନେ ତାକୁ ସାଂସାରିକ ପରିଚୟରେ ଧାରଣା ଦେଇ, ପ୍ରତିଷ୍ଠିତ କରାଇ ଦିଅନ୍ତି। ଯଦ୍ୱାରା ସେ ନିଜେ ନିଜେ, ସେ ପରିଚୟ ଭୁଲିପାରେ ନାହିଁ। ପୂର୍ବ ଜନ୍ମର ସୌଭାଗ୍ୟ କ୍ରମେ ଯଦି କୌଣସି ଜୀବ ସଦ୍‌ଗୁରୁ ଲାଭ କରିଥାନ୍ତି ତେବେ ଗୁରୁ ତାକୁ ତା'ର ନୂତନ ପରିଚୟ ବିଷୟରେ ଧାରଣା ଦେଇଥାନ୍ତି। ଏହି ନୂତନ ପରିଚୟ ବିଷୟରେ ଠାକୁର ଶ୍ରୀଶ୍ରୀନିଗମାନନ୍ଦ ସରସ୍ୱତୀ ଦେବ ତାଙ୍କର ଶିଷ୍ୟଭକ୍ତମାନଙ୍କୁ କହିଛନ୍ତି –

"ତୁମେମାନେ ମନେ କରିବ, ମୁଁ ନିତ୍ୟଲୋକର ନିତ୍ୟପୁରୁଷ। ଆଉ ତୁମେମାନେ ମୋର ନିତ୍ୟ ସଙ୍ଗୀ ବା ପାର୍ଷଦ। ଏହା ଠାରେ ଶିଷ୍ୟ ଓ ଭକ୍ତଙ୍କର କର୍ତ୍ତବ୍ୟ ହେଉଛି ଯେ ଗୁରୁଙ୍କ ନିକଟରୁ ନିଜର ଆତ୍ମିକ ପରିଚୟ ଲାଭ ପରଠାରୁ ନିଜର ସାଂସାରିକ ପରିଚୟକୁ ଅଗ୍ରାହ୍ୟ କରି ଠାକୁରଙ୍କ ପ୍ରଦତ୍ତ ଉପରୋକ୍ତ ପରିଚୟକୁ ଅନ୍ତରର ସହ ଗ୍ରହଣ କରି ତଦନୁସାରେ ନିଜକୁ ମନେଇ ନେବା ଏବଂ ଏହା ସାଧନାର ପ୍ରାରମ୍ଭିକ ଅବସ୍ଥା। ମାନସିକ ସ୍ତରରେ ଏହି ପରିଚୟରେ ପ୍ରତିଷ୍ଠିତ ହେଉଛି ତା'ର ସିଦ୍ଧି।

ତା'ପରେ ଜୀବର ଶାରୀରିକ ରୂପାନ୍ତର ବିଷୟରେ ଆଲୋଚନା କଲେ ଦେଖାଯିବ ଯେ ଗୁରୁକରଣ ପୂର୍ବରୁ ଜୀବଟି ଜଣେ ସାଧାରଣ ମନୁଷ୍ୟ ଭଳି ଚଳୁଥିଲା ଅର୍ଥାତ୍ ତା'ର ଶଯ୍ୟାତ୍ୟାଗ, ନିତ୍ୟକର୍ମ ଇତ୍ୟାଦିରେ କୌଣସି ଶୃଙ୍ଖଳା ନ ଥିଲା । ଆଜି ସକାଳ ୫ଟାରୁ ଉଠିଲାଣି ତ କାଲି ୮ଟାରେ ଉଠିଲା, ତା' ପରଦିନ ୪ଟାରେ ଉଠିଲା । ଏହା ସାଂସାରିକ କାମର ଚାପ ଉପରେ ନିର୍ଭର କରେ । କିନ୍ତୁ ଗୁରୁକରଣ ପରଠାରୁ ସେ ନିଜର ଜୀବନକୁ ଗୁରୁଙ୍କ ନିର୍ଦ୍ଦେଶରେ ପରିଚାଳିତ କରିବା ଉଚିତ୍ । ଏହାର ଗୋଟିଏ ଉଦାହରଣ ନୀଳାଚଳ ସାରସ୍ୱତ ସଂଘର ଷ୍ଟାଣ୍ଡାର୍ଡ ଶଯ୍ୟାତ୍ୟାଗ ସମୟ ହେଲା ଘ.୪.୦୦ । ତେଣୁ କରି ଗୁରୁକରଣ ପରଠାରୁ ଭକ୍ତଟି ପ୍ରତ୍ୟହ ରାତି ଘ୪.୦୦ରୁ ଶଯ୍ୟାତ୍ୟାଗ ଅଭ୍ୟାସ କରିବ । କେବଳ ଶଯ୍ୟାତ୍ୟାଗ ନୁହଁ, ଶଯ୍ୟାତ୍ୟାଗ, ନିତ୍ୟକର୍ମ, ସେବାପୂଜା, ସାତ୍ତ୍ୱିକ ଆହାର ଇତ୍ୟାଦି କେତେଗୁଡ଼ିଏ ଅଭ୍ୟାସ ଗୁରୁଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୃଙ୍ଖଳିତ ହୋଇଥାଏ । ଉପରୋକ୍ତ ଶୃଙ୍ଖଳାଗୁଡ଼ିକ ସମ୍ବନ୍ଧରେ ସଂଘ-ସେବକ ୬୧/୧ ଓ ୬୧/୨ର ପରିଶେଷରେ ଅଧ୍ୟାୟରେ ଦିଆଯାଇଛି । ପାଠକମାନେ ଉପରୋକ୍ତ ସ୍ଥାନରୁ ତାହା ଆହରଣ କରିପାରିବେ । ତେଣୁ ଲେଖାଟିର କଳେବର ବୃଦ୍ଧି ଅନାବଶ୍ୟକ ମନେ କରି ଏଠାରେ ତା'ର ପୁନରାବୃତ୍ତି କରାଗଲା ନାହିଁ ।

ମୋଟ ଉପରେ ବର୍ଣ୍ଣନା କରାଯାଇଥିବା ମାନସିକ ଓ ଶାରୀରିକ ରୂପାନ୍ତରକୁ ଆଧ୍ୟାତ୍ମିକ ଜୀବନଯାପନ କୁହାଯାଏ । ଭକ୍ତ ନିଜ ଜୀବନକୁ ଏଭଳି ଭାବରେ ରୂପାନ୍ତର କରିପାରିଲେ ସେ ଧୀରେ ଧୀରେ ଠାକୁରଙ୍କ ଉପରୋକ୍ତ ଇଚ୍ଛା ଅର୍ଥାତ୍ ତାଙ୍କର ଜଗତ୍‌ମଙ୍ଗଳ ସେବାରେ ନିୟୋଜିତ କରି ନିଜକୁ ଧନ୍ୟ ମନେ କରିବ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ କମ୍ବୁଚରଣ ଧର**
କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ

# ସମ୍ମିଳନୀ ଗୀତିକା

ଆଜି ଶୁଭଦିନେ, ଶୁଭ ଲଗନରେ
ପ୍ରଣତି ଘେନ ଠାକୁର
ରାଜ ରାଜେଶ୍ୱର ଭକ୍ତ ହୃଦାସନେ
କୃପା କରି ବିଜେ କର ।୦।
ଶଙ୍ଖ ହୁଳହୁଳି, ପଡୁଛି ଉଚ୍ଛୁଳି
ଆନନ୍ଦ ଭରେ ଅନ୍ତର
ଭକ୍ତ ସମ୍ମିଳନୀ, ଦେଖି ନେତ୍ର ବେନି
ଧନ୍ୟ ଜୀବନ ଆମର ।୧।
ରହିଛୁ ଅନାଇ, ତୁମ ପଥ ଚାହିଁ
ଆହେ କରୁଣା ସାଗର
ଶରଧା, ଭକତି, ମଧୁର ପୀରତି
ପ୍ରେମ ଅଶ୍ରୁ ଝରଝର ।୨।
ପାଳିବୁ ଆଦେଶ, ତୁମ ଉପଦେଶ
ବ୍ରତ ଆମ ଜୀବନର
ହାତ ଧରିଥିବ, ପାଶେ ପାଶେ ଥିବ
ଜୀବନର କର୍ଣ୍ଣଧାର ।୩।
ବନ୍ଦନା କରିବୁ, ତୁମକୁ ତୋଷିବୁ
ଅରପି ସୁମନ ହାର
ଦେହ ମନ ପ୍ରାଣ, କରୁ ସମର୍ପଣ
ଦିଅ ସେବା ଅଧିକାର ।୪।
ବାଞ୍ଛା କଳ୍ପତରୁ, ହେ ମହିମା ମେରୁ
ତୁମେ ଆସରା ଆମର
କାଟ ମାୟାପାଶ, ଆହେ ଜଗଦୀଶ
ତ୍ରିତାପରୁ ରକ୍ଷା କର ।୫।
ହେ ଆନନ୍ଦମୟ, ହୁଅ ହେ ସଦୟ
ସବୁ ଦୋଷ କ୍ଷମା କର
ସ୍ୱରୂପ ଚିନ୍ତନ, 'ଜୟଗୁରୁ' ନାମ
ତାରିବ ଭବସାଗର ।୬।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସ୍ମିତା ରାୟ**
ଆମେରିକା ସାରସ୍ୱତ ସଂଘ

# ମହାରାଣୀ ପ୍ରଫୁଲ୍ଲ କୁମାରୀ ଓ ପୁତ୍ର ପ୍ରବୀର ଚନ୍ଦ୍ର

ଶ୍ରୀଶ୍ରୀଠାକୁର ମହାରାଜ ସପରିକର ବସ୍ତର ରାଜ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓ ଭାଇ ଓ ବସ୍ତର ରାଜ୍ୟର ମହାରାଣୀ ପ୍ରଫୁଲ୍ଲ କୁମାରୀ ମାଆଙ୍କ ପ୍ରାର୍ଥନାରେ ସମ୍ମତି ପ୍ରଦାନ କରି ବଙ୍ଗାବ୍ଦ ୧୩୩୬ ସାଲ ବା ଇଂ ୧୯୨୯ ମସିହାରେ ଦାର୍ଜିଲିଂ ଯାତ୍ରା କରିଥିଲେ। ତାଙ୍କ ଜୀବନରେ ଦାର୍ଜିଲିଂ ଅବସ୍ଥାନ ଏକ ବିଶେଷ ଭୂମିକା ଗ୍ରହଣ କରିଛି। ବସ୍ତର ରାଜା ଓ ରାଣୀ ସପରିବାର ଦାର୍ଜିଲିଂର ମସ୍‌ବ୍ୟାଙ୍କ ନାମକ ଏକ କ୍ଷୁଦ୍ର ପାହାଡ଼ ଉପରେ ଥିବା ବିରାଟ କୋଠାଘର ନେଇ ସେଠାରେ ସମସ୍ତେ ରହିବାର ବ୍ୟବସ୍ଥା କରିଥିଲେ। ଗୃହଟି ବିଲାତି କାଇଦାରେ ତିଆରି ଓ ସଜ୍ଜିତ ଏବଂ ଶ୍ରୀଶ୍ରୀଠାକୁରଙ୍କ ପାଇଁ ଉଦ୍ଦିଷ୍ଟ। ଗୃହାଭ୍ୟନ୍ତରର ଗବାକ୍ଷରେ ଦଣ୍ଡାୟମାନ ହେଲେ ଦେବାତାତ୍ମା ହିମାଳୟର ମନୋମୁଗ୍ଧକର ତୁଷାରଶୃଙ୍ଗ ଦୃଷ୍ଟିଗୋଚର ହୁଏ। ପୂର୍ବାକାଶ ପରିଦୃଷ୍ଟ ମେଘମାଳା ଭଳି ଦିଗ୍‌ବଳୟ ଆଚ୍ଛନ୍ନ କରି ଅଗଣିତ ତୁଷାର ଶିଖର ମଧ୍ୟରୁ ଶ୍ରୀଶ୍ରୀଠାକୁର କାଞ୍ଚନଜଙ୍ଘା ଓ ସର୍ବୋଚ୍ଚ ଗିରିଶୃଙ୍ଗ ଗୌରୀଶଙ୍କର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସମସ୍ତଙ୍କୁ ଦେଖାଇଲେ ଓ ପ୍ରାୟ ଅଧଘଣ୍ଟା ଝରକା ନିକଟରେ ଦଣ୍ଡାୟମାନ ହୋଇ ଚାହିଁ ରହିଥିଲେ।

ଶ୍ରୀଶ୍ରୀଠାକୁରଙ୍କୁ ନେଇ ଦାର୍ଜିଲିଂର ମସ୍‌ବ୍ୟାଙ୍କରେ ବସ୍ତରର ରାଜାରାଣୀ ରହିବାର ପଶ୍ଚାତରେ ଥିଲା ଏକ ବିଶେଷ ଘଟଣା। ମହାରାଣୀ ଆସନ୍ନପ୍ରସବା ଓ ବସ୍ତର ଉପରେ ବ୍ରିଟିଶ ସରକାରଙ୍କର ଥିବା କୂରଦୃଷ୍ଟିର ଦୂରରେ ତଥା ତାଙ୍କର ପରାମାରାଧ୍ୟ ଶ୍ରୀଗୁରୁଦେବଙ୍କ ଉପସ୍ଥିତିରେ ହିଁ ଏହି ଶୁଭକାର୍ଯ୍ୟ ସମ୍ପନ୍ନ ହୋଇପାରିବ, ଏହି ଆଶାରେ ଶ୍ରୀଶ୍ରୀଠାକୁରଙ୍କୁ ରାଜଦମ୍ପତି ପ୍ରାର୍ଥନା ଜଣାଇଥିଲେ ଓ ଶ୍ରୀଶ୍ରୀଠାକୁର ସ୍ନେହଧନ୍ୟ ଏହି ଶିଷ୍ୟଶିଷ୍ୟାଦ୍ୱୟଙ୍କ ପ୍ରାର୍ଥନା ରକ୍ଷା କରି ଶ୍ରୀଶ୍ରୀଠାକୁରଙ୍କୁ ପ୍ରାୟ ତିନିମାସ ସେଠାରେ ରଖିବାର ବ୍ୟବସ୍ଥା କରି ତାଙ୍କୁ ସପରିକର ନେଇଯାଇଥିଲେ। ତାଙ୍କ ସହିତ ନୀଳାଚଳ କୁଟୀର ପୁରୀରୁ ଯାଇଥିଲେ ସୁରବାଳା ମା', ସରଳୁ ମା', ପ୍ରିୟବ୍ରତ ବ୍ରହ୍ମଚାରୀ ଓ ଶ୍ରୀଶ୍ରୀଠାକୁରଙ୍କ ସ୍ନେହଧନ୍ୟା ମାନସ କନ୍ୟା ମନୁ ମା' ବା ଲୀଳା ମା'। ହାଓଡାରୁ ସଙ୍ଗୀ ହେଲେ ଛୋଟ ମା'।

ଶ୍ରୀଶ୍ରୀଠାକୁରଙ୍କ ଦାର୍ଜିଲିଂ ଅବସ୍ଥାନର ସମସ୍ତ ବିବରଣୀ ନାରାୟଣୀ ମା' ତାଙ୍କ ସୁପ୍ରସିଦ୍ଧ ଲୀଳାଗ୍ରନ୍ଥ 'ନୀଳାଚଳେ ଠାକୁର ନିଗମାନନ୍ଦ'ର ପ୍ରଥମ ଖଣ୍ଡରେ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି। ବିଭିନ୍ନ ସ୍ଥାନକୁ ଶିଷ୍ୟଭକ୍ତମାନଙ୍କ ପ୍ରାର୍ଥନାରେ ଯାଇ ଶ୍ରୀଶ୍ରୀଠାକୁର ଯେଉଁ ଦୁଃଖ ଭୋଗ କରିଛନ୍ତି, ତାହାକୁ ବର୍ଣ୍ଣନା କରିବାକୁ ଯାଇ ଶ୍ରୀ ନାରାୟଣୀ ଦେବୀ ଲେଖିଛନ୍ତି, "ଠାକୁର ହେବାର ସୁଖଟା ସମସ୍ତେ ଜାଣନ୍ତି। କିନ୍ତୁ ସୁକୁମାର ଦେହ ଚିର-ସୁଖୋଚିତ ରଚିପୂର୍ଣ୍ଣ ଜଣେ ମଣିଷକୁ ଶିଷ୍ୟଭକ୍ତମାନଙ୍କ ନିମିତ୍ତ କେତେ ଯେ ଦୁଃଖ ନିରବରେ ସହ୍ୟ କରିବାକୁ ହୋଇଛି ତାହାର ସାକ୍ଷୀ କେବଳ ଆମେମାନେ ଦୁଇ ଚାରିଜଣ। ତାଙ୍କ ଦୁର୍ଦ୍ଦଶା ଦେଖି ମୋର ତ ଠାକୁର ହେବା ସମ୍ବନ୍ଧରେ ଆତଙ୍କ ଜନ୍ମିଯାଇଛି। କେଉଁ ସୁଖରେ ମଣିଷ ଠାକୁର ହୁଅନ୍ତି, କିଏ ଜାଣେ? (ନୀଳାଚଳେ ଠାକୁର ନିଗମାନନ୍ଦ, ପ୍ରଥମ ଖଣ୍ଡ, ବଙ୍ଗଳା) ରାଣୀ ମା' ପ୍ରଫୁଲ୍ଲ କୁମାରୀ ବାବା ଡାକି ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଆସି ଫେରିଯିବା ପରେ ଲୀଳା ମା' ଶ୍ରୀଶ୍ରୀଠାକୁରଙ୍କୁ କହନ୍ତି, ଦୁଇ ହାତରେ ଜଡ଼ାଇ ଧରି, "ନା ତୁମେ ଠାକୁର ହେବ ନାହିଁ ବାବା।' ଗୁରୁ କରୁଣ ହସରେ କହନ୍ତି, "ମୁଁ ଯେ ଗୁରୁଗିରି ବ୍ୟତୀତ ଆଉ କିଛି ଜାଣେନା ମା! ତା'ହେଲେ ଠାକୁର ନ ହୋଇ କ'ଣ ହେବି? କ'ଣ କରିବି?" ଲୀଳା ମା' ପ୍ରଶ୍ନ କରନ୍ତି, "କାହିଁକି ତୁମେ ଠାକୁର ହେଲ, ଗୁରୁ ହେଲ? ନା, ତାହା ଭଲ ନୁହେଁ। ପେଚା ଭଳି ମୁହଁ କରେ ଓ ଏହି କଥାରେ ବିରକ୍ତି ପ୍ରକାଶ ପାଏ ମୋର।" "ମୋର ଏହି ଠାକୁର ହେବାର ଆପତ୍ତିଟା ବାବାଙ୍କ ମନକୁ ଖୁବ୍ ଛୁଇଁଥିଲା ତାହା ପରେ ଜାଣିଥିଲି।"

ଏହି ଗୋଟିଏ କଥା ମା' ଜଗଦୀଶ୍ୱରୀ ଜଗଜ୍ଜନନୀଙ୍କର ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଅଭିଯୋଗ ଥିଲା, ଏହି ମସବ୍ୟାଙ୍କ ଦାର୍ଜିଲିଂ ଘରେ ଯେତେବେଳେ ପ୍ରଚଣ୍ଡ ବୁକୁ ଯନ୍ତ୍ରଣାରେ ଶ୍ରୀଶ୍ରୀଠାକୁର ତିନିଦିନ ପର୍ଯ୍ୟନ୍ତ ଅତ୍ୟନ୍ତ କଷ୍ଟ ପାଇଥିଲେ। ଶେଷରେ ତୃତୀୟ ଦିନ ରାତିରେ ବୁକୁରେ ବ୍ୟଥା ଅତ୍ୟଧିକ ହେବାରୁ କେତେବେଳେ ଯେ ସେ ଅଜ୍ଞାନ ହୋଇଯାଇଛନ୍ତି, ସେ ଜାଣିନାହାନ୍ତି। ହଠାତ୍ ଜ୍ଞାନ ଫେରିବାରୁ ମନେହେଲା ଯେପରି ଖୁବ୍ ଆରାମରେ ଅଛନ୍ତି, ସବୁ କଷ୍ଟ ଦୂର ହୋଇଯାଇଛି, ସୁସ୍ଥ ଶରୀର। ଆଖି ଖୋଲି ଦେଖନ୍ତି ତ ନିକଟରେ ସ୍ୱୟଂ ମହାଶକ୍ତି ଜଗଜ୍ଜନନୀ (ରାଣୀ) ବସିଛନ୍ତି। ତାଙ୍କ ତନ୍ତ୍ରସିଦ୍ଧି ପରେ ସବୁବେଳେ ତାଙ୍କ ନିକଟରେ ମା' ସୁଧାଂଶୁବାଳା ମୂର୍ତ୍ତିରେ ଦର୍ଶନ ଦେଉଥିଲେ। ତାଙ୍କ ଚକ୍ଷୁରେ ଜଳ। ମୋତେ ପ୍ରଶ୍ନ କଲେ, କାହା ପାଇଁ କାନ୍ଦୁଛ ତୁମେ? କାହିଁକି ଦୁଃଖ ପାଉଛ? ଏହି ଜଗତରେ କେହି ତୁମର ନୁହନ୍ତି। ତୁମେ କାହାରି ନୁହଁ। ଜଗତ ମୋର - ମୁଁ କେବଳ ତୁମର। ତା'ହେଲେ ଶିଷ୍ୟଭକ୍ତମାନଙ୍କ ପାଇଁ କାହିଁକି ତୁମେ ଆତ୍ମବିସ୍ମୃତ? ବୁକରେ ହାତ ବୁଲାଇ ଦେଇ କହିଲେ, ଆଉ ବୁକୁରେ ଯନ୍ତ୍ରଣା ହେବ ନାହିଁ। କିନ୍ତୁ ଯେତେଦିନ ତୁମେ ତାଙ୍କୁ ନ ଭୁଲିଛ, ଆଉ ମୋ ଦେଖା ପାଇବ ନାହିଁ। ପରବର୍ତ୍ତୀ କାଳରେ ଶ୍ରୀଶ୍ରୀଠାକୁର ଲେଖିଛନ୍ତି ତାଙ୍କ ବିଭିନ୍ନ ପତ୍ରରେ, ସେ ଭଗବାନଙ୍କୁ ଭୁଲି ଆମମାନଙ୍କୁ ଭଲ ପାଇ ବିଭୋର ହୋଇଛନ୍ତି। ଲୀଳା ମା' ଲେଖିଛନ୍ତି, "ହାୟ! ଥରେ ଯଦି ସେ ଭଲ ପାଇବାର ମୂଲ୍ୟ ଆମେମାନେ ବୁଝିପାରିଥାନ୍ତୁ ଏହି ଜନ୍ମ ଧନ୍ୟ ହୋଇଯାଇଥାନ୍ତା। ମା' କ'ଣ ପାଇଁ ଆମ ଠାରୁ ଠାକୁରଙ୍କୁ କାଢ଼ି ନେଇଛନ୍ତି?" (ନୀଳାଚଳେ ଠାକୁର ନିଗମାନନ୍ଦ)

ଅନେକ ଘଟଣା ଭିତରେ ମସବ୍ୟାଙ୍କ ଦାର୍ଜିଲିଂରେ ଅବସ୍ଥାନ ସମୟରେ ଏହା ଶ୍ରୀଶ୍ରୀଠାକୁରଙ୍କର ଏକ ବିଶିଷ୍ଟ ଘଟଣା । କିନ୍ତୁ ଯେଉଁଥିପାଇଁ ବସ୍ତର ରାଜଦମ୍ପତି ତାଙ୍କୁ ଦାର୍ଜିଲିଂ ନେଇଥିଲେ, ସେହି ଶୁଭଦିନ ଆସିଲା । ଦିନଟି ଥିଲା ତା.୨୫.୬.୧୯୨୯ରିଖ । ବସ୍ତର ରାଜବଂଶ ଇତିହାସରେ ଏକ ବିଶିଷ୍ଟ ଦିନ । ଏହି ରାଜବଂଶ କାକତୀୟ ରାଜବଂଶ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏହି ରାଜବଂଶର ପ୍ରଥମ ରାଜା ଚତୁର୍ଦ୍ଦଶ ଶତାବ୍ଦୀରେ ଓ୍ୱାରଙ୍ଗଲରୁ କୁଳଦେବୀ ଦନ୍ତିକେଶ୍ୱରୀଙ୍କୁ ନେଇ ବସ୍ତର ଆସିଥିଲେ । ସେ ହେଉଛନ୍ତି କାକତୀୟ ବଂଶର ଶେଷ ରାଜା ପ୍ରତାପରୁଦ୍ର ଦେବ (ଦ୍ୱିତୀୟ)ଙ୍କର ସାନଭାଇ ଅନ୍ନମ ଦେବ (୧୩୨୪-୧୩୬୯) । ଆସିବାବେଳେ ମା' ତାଙ୍କୁ କହିଥିଲେ ଯେଉଁଠି ପଛକୁ ଅନାଇବୁ, ମୁଁ ସେହିଠାରେ ହିଁ ରହିବି । କଥିତ ଅଛି, ମା'ଙ୍କ ପାଦର ନୂପୁର ଧ୍ୱନୀ ଏକ ସ୍ଥାନରେ ଆଉ ଶୁଣାଗଲା ନାହିଁ ଓ ରାଜା ଅନ୍ନମ ଦେବ ପଛକୁ ଚାହିଁଦେବାରୁ ମା' ସେହିଠାରେ ହିଁ ରହିଲେ । ପରବର୍ତ୍ତୀ କାଳରେ ଜଣାପଡ଼ିଲା ଯେ ଭାରତବର୍ଷରେ ମା' ସତୀଙ୍କ ଦେହାବଶେଷ ଯେଉଁଠାରେ ପଡ଼ିଥିଲା, ତାହା ପୀଠ ହୋଇ ୫୧ ପୀଠ ହୋଇଛି । ତନ୍ମଧ୍ୟରୁ ସତୀଙ୍କର ଏକ ଦାନ୍ତ ଯେଉଁଠାରେ ପତିତ ହୋଇଥିଲା, ମା' ସେହିଠାରେ ବିରାଜ କଲେ । ସେହି ଅନୁସାରେ ତାଙ୍କ ନାମ ଦନ୍ତେଶ୍ୱରୀ ବା ଦନ୍ତିକେଶ୍ୱରୀ ହୋଇଛି । ଯେଉଁ ଦନ୍ତିକେଶ୍ୱରୀଙ୍କ ନିକଟରେ ରାଜା ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେବ ତାଙ୍କ ଗୁରୁ କିଏ ଜାଣିବାକୁ ଧାରଣା ପଡ଼ିବାରୁ ମାଆ ୨୧ ଦିନ ପରେ ତୁମ ଗୁରୁ ବଙ୍ଗଳାର ସ୍ୱାମୀ ନିଗମାନନ୍ଦ ଦେବ ବୋଲି କହିଥିଲେ ଓ ବସ୍ତର ରାଜ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କୁ ୨୦୩ ନଂ ପଞ୍ଚାନନ ତାଲା ରୋଡରେ ଫଣୀଭାଇଙ୍କ ଗୃହରେ ଦର୍ଶନ କରି ମୁଗ୍ଧ ହୋଇଯାଇଥିଲେ । ପୂର୍ବଜନ୍ମରେ ସେ ଥିଲେ ବାରଭୁୟାଁର ରାଜା କେଦାର ରାୟ ଓ ଶ୍ରୀଶ୍ରୀଠାକୁରଙ୍କ ପୂର୍ବଜନ୍ମ ମହାକୌଳ ତନ୍ତ୍ରସିଦ୍ଧ ବ୍ରହ୍ମାନନ୍ଦ ଗିରିଙ୍କର ଶିଷ୍ୟ । ଏହି ବସ୍ତର ରାଜ୍ୟ କଳିଙ୍ଗର ବିଶାଳ ସାମ୍ରାଜ୍ୟର ଅନ୍ତର୍ଗତ ଥିଲା ଓ ଏହା ତ୍ରିକଳିଙ୍ଗ ଅନ୍ତର୍ଭୁକ୍ତ ଥିଲା । ଇତିହାସ କହେ -

"Kakatiya dynasty adopted the Dev or Deo surname in line with other feudal kings of Odisha under Gajapati kingdom in medieaval period."

ଏହି ଇଂ ୧୯୨୯ ମସିହା ଜୁନ୍ ମାସ ୨୫ ତାରିଖରେ ଦାର୍ଜିଲିଂର ମସ୍‌ବ୍ୟାଙ୍କ ଗୃହରେ ଯାହା ଘଟିଥିଲା, ସେ ସମ୍ପର୍କରେ ଶ୍ରୀ ନାରାୟଣୀ ଦେବୀ ଲେଖିଛନ୍ତି -

"ଯେଉଁଥିପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଦାର୍ଜିଲିଂରେ ରହିବାର ବ୍ୟବସ୍ଥା ହୋଇଥିଲା, ଅବଶେଷରେ ସେହିଦିନ ଆସିଗଲା । ଆଷାଢ଼ ମାସ । ଶେଷରାତ୍ରିରୁ ଡାକ୍ତର ନର୍ସଙ୍କ ଯିବା ଆସିବା ଚାଲିଛି ମସବ୍ୟାଙ୍କକୁ । ରାଣୀଙ୍କ ପ୍ରସବକାଳ ଆଗତ ପ୍ରାୟ । ବୋଧହୁଏ ଦିନ ୧୦ଟା ହେବ ସେତେବେଳେ । ଏତେଦିନ ପରେ ସେକଥା ସଠିକ୍ ମନେନାହିଁ । ତେବେ ଦିନବେଳା । ଦିନଟା ମଧ୍ୟ ଭଲ ଥିଲା । ଅନ୍ୟ ଦିନ ଭଳି ମେଘ, କୁହୁଡ଼ି ଓ ବୃଷ୍ଟିର ଦୌରାତ୍ମ୍ୟ ନାହିଁ । ଆଲୋକଭରା ଶୁଖିଲା ପାଗ । ଆକାଶରେ ମେଘ ଥିଲେ ମଧ୍ୟ ଦାର୍ଜିଲିଂରେ ଏଭଳି ପାଗ ଦୁର୍ଲ୍ଲଭ । ଆନନ୍ଦ କଳରବରେ ଜୟ ବାଦ୍ୟ ଦ୍ୱାରା ଭାବି ଉତ୍ତରାଧିକାରୀ ଭୂମିଷ୍ଠ ହୋଇଛି । ରାଜଦମ୍ପତିଙ୍କ ଆଶା ପୂର୍ଣ୍ଣ ହୋଇଛି । ପ୍ରଫୁଲ୍ଲ କୁମାରୀ ଏଥର ଗୋଟିଏ ପୁତ୍ର ସନ୍ତାନ ପ୍ରସବ କରିଛନ୍ତି । ଇଏ ହିଁ ବସ୍ତର ରାଜ୍ୟର ବଡ଼ ରାଜକୁମାର ପ୍ରବୀର ଚନ୍ଦ୍ର ଭଞ୍ଜଦେବ - ପରେ ବସ୍ତର ରାଜ୍ୟର ମହାରାଜ । ସ୍ୱାଧୀନ ଭାରତରେ ଭୂତପୂର୍ବ ରାଜା ପ୍ରବୀରଙ୍କ ନାମ ସୁପରିଚିତ । ଯେତେ ପ୍ରଶଂସା ତାଙ୍କର ସେତିକି ନିନ୍ଦା । ସତ୍ୟ ମିଥ୍ୟା ନିର୍ଣ୍ଣୟ ଦୁରୂହ । କିନ୍ତୁ ଯେତେ ନିନ୍ଦା ଶୁଣିଲେ ମଧ୍ୟ ଗୋଟିଏ କଥା ଭୁଲି ନାହିଁ - ପ୍ରବୀରର ଜନ୍ମଦିନ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉଲ୍ଲାସ ।

ରାଜା ସାହେବ ଆସି ଖବର ଦେବା ମାତ୍ରେ ଘଡ଼ି ଦେଖି ଶ୍ରୀଶ୍ରୀଠାକୁର ମହାରାଜ ସିଧା ହୋଇ ବସିଲେ, 'ପୁଅ ହୋଇଛି ?' 'ହଁ ଠାକୁର' ଲଜ୍ଜିତ ଅଥଚ ଉତ୍‌ଫୁଲ୍ଲ ମୁଖରେ ପ୍ରଫୁଲ୍ଲ ଚନ୍ଦ୍ର କହନ୍ତି 'ତା'ର ଜାତକର୍ମ କିଏ ସମ୍ପନ୍ନ କରିବେ ଠାକୁର ?' ତାଙ୍କର ଅନୁକ୍ତ ଇଛା ବୁଝିପାରି ପ୍ରସନ୍ନ ମୁଖର ଠାକୁର କହିଲେ, 'ମୁଁ କରିବି ପ୍ରଫୁଲ୍ଲ । ଚାଲ ।' 'ଆପଣ କରିବେ ଠାକୁର ?' ଆନନ୍ଦ କିଏ ଦେଖେ ରାଜା ସାହେବଙ୍କର । ତାଙ୍କ ସହିତ ନିଜେ ସୂତିକାଗାରକୁ ଯାଇ ସ୍ୱର୍ଣ୍ଣ ଶଳାକା ଦେଇ ନିଜ ହସ୍ତରେ ଜାତକର ଜିହ୍ୱାରେ ବାଗ୍‌ଭବ ବୀଜ ଲେଖି ଜାତକର ପ୍ରଥମ ସଂସ୍କାର ସମ୍ପନ୍ନ କରିଥିଲେ ଠାକୁର । ଫେରି ଆସି ଉତ୍‌ଫୁଲ୍ଲ ହସରେ କହିଥିଲେ, 'ମୋର ଯେ କି ଆନନ୍ଦ ହେଉଛି, କ'ଣ କହିବି ? ଆରେ ନାଚିବାକୁ ଇଚ୍ଛା ହେଉଛି । ଆଜି କିଏ ଆସିଛି ତୁମେମାନେ ତ ଜାଣିନାହଁ ।' ଆନନ୍ଦର ପ୍ରାବଲ୍ୟରେ ଦୁଇଚାରିଥର ଦୋଳାୟମାନ କରିଲେ ଶରୀରକୁ । ତାଙ୍କର ଏତେ ଉଲ୍ଲାସ ଚାପଲ୍ୟ ଦେଖିବାର ସୌଭାଗ୍ୟ ମୋର ସେହି ପ୍ରଥମ । ତେଣୁ ହସହସ ଭରା ସେହି ମୁଖ ମନେଅଛି । ଆନନ୍ଦରେ ଫାଟି ପଡ଼ିବେ ଯେପରି ଏହିଭଳି ଭାବ । ଏପର୍ଯ୍ୟନ୍ତ ତାଙ୍କର ସେହି ଉଚ୍ଛ୍ୱାସ ଭୁଲିପାରିନାହିଁ । କିଏ ଜାଣେ ସେଦିନର ସେହି ଅଜାତବୋଧ ସଦ୍ୟଜାତ ଶିଶୁ ମଧ୍ୟରେ କେଉଁ ମହତି ସମ୍ଭାବନା ଦେଖିଥିଲେ ସେ ? ସେ ସମ୍ଭାବନା କ'ଣ ଫଳବତୀ ହେବ ଏଥର କିମ୍ବା ଦୂର ଭବିଷ୍ୟତରେ ?

ଭାବୁଛି, ସେ ତ ଆମମାନଙ୍କ ମଧ୍ୟରେ ମଧ୍ୟ ତାଙ୍କ ଭଗବାନଙ୍କୁ ଦେଖୁଥିଲେ । ଭରସା କ'ଣ ଅଛି ସେଥିରେ । ବଟବୀଜଟି ଯେ ଚିହ୍ନିଛି ସେ କହନ୍ତି ଏହା ମହାମହୀରୁହ । ଯେ ଚିହ୍ନନ୍ତି ନାହିଁ ସେ ଦେଖନ୍ତି ପୋସ୍ତଦାନା ଭଳି କ୍ଷୁଦ୍ର ଗୋଟିଏ କ'ଣ । ଦୁଇଟି ଦେଖିବା ହିଁ ସତ୍ୟ । ତେବେ ଗୋଟିଏ ଆପାତ ସତ୍ୟ ଅନ୍ୟଟି ପରମାର୍ଥ ତ । ପରମାର୍ଥକୁ ଜୀବନରେ ରୂପ ଦେବା ହିଁ ସାଧନା । ପ୍ରବରୀରର ଯଦି ସେ ସାଧନା ଥାଏ, ଦିନେ

ସତ୍ୟ ହେବ ହିଁ ଠାକୁରଙ୍କର ସେ ଦେଖା। ନ ହେଲେ ସବୁ ରହିଗଲା ମହାଭବିଷ୍ୟତ ଗର୍ଭରେ। ପାଦଟିକାରେ ଲୀଳା ମା' ଲେଖିଛନ୍ତି, "ପ୍ରବୀର ଆଜି ଆଉ ନାହିଁ। କିନ୍ତୁ ତାଙ୍କର ଶତ୍ରୁମିତ୍ର ସମସ୍ତେ ଏକବାକ୍ୟରେ ସ୍ୱୀକାର କରିବାକୁ ବାଧ୍ୟ ଯେ, ପ୍ରବୀର ଚନ୍ଦ୍ର ଭଞ୍ଜଦେଓ ଥିଲେ ଅସାମାନ୍ୟ ପୁରୁଷ। ସେ ସାଧାରଣ କେହି ନ ଥିଲେ। (ନୀଳାଚଳେ ଠାକୁର ନିଗମାନନ୍ଦ, ୧ମ, ବଙ୍ଗଳା)

ଏହି ଅସାମାନ୍ୟ ପୁରୁଷ ପ୍ରବୀର ଚନ୍ଦ୍ରଙ୍କ ଜନ୍ମ ପୂର୍ବରୁ ମହାରାଣୀ ପ୍ରଫୁଲ୍ଲ କୁମାରୀଙ୍କର କମଳା ନାମ୍ନୀ ଏକ କନ୍ୟା ଥିଲେ ଓ ସେ ମଧ୍ୟପ୍ରଦେଶରେ ବିବାହ କରିଥିଲେ। ପ୍ରବୀରଚନ୍ଦ୍ରଙ୍କ ଜନ୍ମ ପରେ ତାଙ୍କର ବିଜୟଚନ୍ଦ୍ର ନାମରେ ଜଣେ ସାନଭାଇ ଓ ଗୀତାଦେବୀ ନାମକ ଏକ ସାନ ଭଉଣୀ ମଧ୍ୟ ହୋଇଥିଲେ।

ବାଲ୍ୟକାଳରୁ ହିଁ ଦୁଃଖଦ ଜୀବନ ଥିଲା ପ୍ରବୀର ଚନ୍ଦ୍ରଙ୍କର। କାରଣ ଶ୍ରୀଶ୍ରୀଠାକୁର ମହାରାଜଙ୍କ ସ୍ନେହଧନ୍ୟା ମହାରାଣୀ ପ୍ରଫୁଲ୍ଲ କୁମାରୀ ଓ ମହାରାଜ ପ୍ରଫୁଲ୍ଲ ଚନ୍ଦ୍ର - ପିତାମାତା ଭାବରେ ତାଙ୍କୁ ଉପଯୁକ୍ତ ଭାବରେ ଲାଳନ ପାଳନ କରିବାର ସୁଯୋଗରୁ ବଞ୍ଚିତ ହେଲେ। ଏହାର କାରଣ ହେଲେ ଓ ବାଧା ପ୍ରଦାନ କରିଥିଲେ ତତ୍କାଳୀନ ବ୍ରିଟିଶ ସରକାର।

ବସ୍ତର ଇତିହାସରେ ପ୍ରଥମ ମହିଳା ଶାସିକା ଭାବରେ ମହାରାଣୀ ପ୍ରଫୁଲ୍ଲ କୁମାରୀଙ୍କ ନାମ ଉଲ୍ଲେଖଯୋଗ୍ୟ। ଏହା ପୂର୍ବରୁ ନାଗ ଓ ନନ୍ଦବଂଶ ଶାସନ କାଳରେ କୌଣସି ନାରୀଙ୍କର ସିଂହାସନ ଆରୂଢ଼ ହେବାର ପ୍ରାଚୀନ ଶିଳାଲେଖରୁ ମିଳେ ନାହିଁ। ଭାରତରେ ଚାଲୁକ୍ୟ ଶାସନର ଏକ ଶାଖା କାକତୀୟ ଶାସନ ବସ୍ତରରେ ଆରମ୍ଭ ହୋଇଥିଲା ୧୩୨୮ରୁ ଓ ୧୯୪୭ରେ ଶେଷ ହୋଇଥିଲା ଏହି ରାଜବଂଶର ଶେଷରାଜା ମହାରାଜ ପ୍ରବୀର ଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ କାଳରେ। ମୋଟ ୨୦ ଜଣ ରାଜାଙ୍କ ମଧ୍ୟରୁ ଊନବିଂଶ ଶାସିକା ମହାରାଣୀ ପ୍ରଫୁଲ୍ଲ କୁମାରୀ। ସେ ଥିଲେ ରାଜା ରୁଦ୍ରପ୍ରତାପ ଦେବ (୧୮୯୧ରୁ ୧୯୨୧)ଙ୍କର ଏକମାତ୍ର କନ୍ୟା। ରାଜକୁମାରୀ ପ୍ରଫୁଲ୍ଲଙ୍କ ଜନ୍ମ ୧୯୧୦ ଖ୍ରୀଷ୍ଟାବ୍ଦରେ ଓ ତାଙ୍କ ମାତାଙ୍କ ନାମ କୁସୁମଲତା ଦେବୀ। ରାଜକୁମାରୀଙ୍କ ଜନ୍ମର ଦୁଇବର୍ଷ ପରେ ତାଙ୍କ ମାତାଙ୍କ ଦେହାନ୍ତ ହୋଇଯାଇଥିଲା। ତାଙ୍କର ଜଣେ ସାନଭାଇ ଥିଲେ ଓ ତାଙ୍କ ଜନ୍ମର ମାତ୍ର ନଅ ମାସ ପରେ ସେ ଦେହରକ୍ଷା କରିଥିଲେ। ତାଙ୍କ ବିମାତା ଚନ୍ଦ୍ରକୁମାରୀ ଦେବୀ ହିଁ ପ୍ରଫୁଲ୍ଲ କୁମାରୀଙ୍କୁ ଲାଳନ ପାଳନ କରିଥିଲେ। ସେ ଥିଲେ ନିଃସନ୍ତାନ। ରାଜକୁମାରୀ ପ୍ରଫୁଲ୍ଲଙ୍କ ଲାଳନ ପାଳନ ସମ୍ପର୍କରେ ପରବର୍ତ୍ତୀ କାଳରେ ତାଙ୍କ ସ୍ୱାମୀ ମହାରାଜ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ ତାଙ୍କ ଲଣ୍ଡନସ୍ଥିତ ବନ୍ଧୁମାନଙ୍କୁ ଏକ ପତ୍ରରେ ଲେଖିଛନ୍ତି -

"9, de Frecoville Avenue 29.4.35 - It must be understood that from this time onwards the provincial government in the form of the Governor and his political agent at Raipur were the sole parents under whose guardianship my wife's future and that of the state were being planned. At last a doddering old idiot called Mrs. Leech was appointed to educate the little orphan princess. After medical ceritification, however, that she was mentally unsound, the political officer appointed a fat old American missionary woman called Mrs. Chew in her place, recruited from the local mission, this woman, by the time of my marriage, had almost made my wife into a christian, had taught her to despisa and hate her own people. It has taken me the better part of the last eight years to extent my utmost influence in correcting those evils."

(Letter from Sri Prafulla Chandra Bhanjadeo)

(Collected from Sri Jitamitra Prasad Singhdeo-Khariar)

ସନ ୧୯୨୧ ସାଲରେ ରାଜା ରୁଦ୍ର ପ୍ରତାପ ଦେବଙ୍କର ଅକାଳ ବିୟୋଗ ହେଲା ଓ ଏହି ସମୟରେ ରାଜକୁମାରୀ ପ୍ରଫୁଲ୍ଲଙ୍କ ବୟସ ମାତ୍ର ୧୧ ବର୍ଷ। ବାଲ୍ୟକାଳରୁ ତାଙ୍କ ଉପରେ ଆଙ୍ଗଲୋ ସଂସ୍କୃତିର ପ୍ରଭାବ ପଡ଼ିଥିଲେ ମଧ୍ୟ ଆଦର୍ଶ ଭାରତୀୟ ନାରୀଙ୍କର ସମସ୍ତ ଉଚ୍ଚସଂସ୍କାର ଥିଲା। ପରବର୍ତ୍ତୀ କାଳରେ ରାଣୀଙ୍କର ବାଳିକା ଶିକ୍ଷା ପ୍ରତି ଗଭୀର ରୁଚିଥିବାରୁ ସେ ଏକ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ବସ୍ତରର ସମସ୍ତ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟ ରାଜକୁମାରୀଙ୍କ ପ୍ରତି ପ୍ରେମଭକ୍ତି ଓ ଶ୍ରଦ୍ଧାସମ୍ପନ୍ନା ଥିଲେ। ରାଜକୁମାରୀଙ୍କୁ ବସ୍ତରରେ ଖୁବ୍ ଶ୍ରଦ୍ଧା ସହକାରେ 'ବାଘିଧନୀ' ବୋଲି ସମସ୍ତେ ଡାକୁଥିଲେ। ସେ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ଥିଲେ। ଶ୍ରୀ ନାରାୟଣୀ ଦେବୀ ତାଙ୍କ ସୌନ୍ଦର୍ଯ୍ୟରେ ସେହି ବାଲ୍ୟ ବୟସରୁ ମୁଗ୍ଧ ହୋଇ ଲେଖିଛନ୍ତି, "ଦେଖିଲା ଭଳି ଅପରୂପ ସୁନ୍ଦରୀ ଥିଲେ ସେ। ଏପରି ନିଖୁଣ ସୁନ୍ଦରୀ ଆଉ ଦେଖିଛି ବୋଲି ମନେହୁଏନା। ସତ୍ୟ ହିଁ ରାଣୀ ସେ ଝିଅ - ରଙ୍ଗ, ଗଠନ, ମୁଖର ଡୌଲ - ସବୁ ହିଁ ଯେ କି ସୁନ୍ଦର ଥିଲା କହି ବୁଝାଇ ହେବ ନାହିଁ। ତାଙ୍କୁ ଦେଖିଲେ ଏହି ଛୋଟିଆ ଝିଅଟି ମୁଁ ହାଁ କରି ଦେଖୁଥିଲି। ଆଖି ଫେରାଇ ଆଣିବାକୁ ଭୁଲି ଯାଉଥିଲି। xxx ସବୁଠାରୁ ମନେଅଛି ତାଙ୍କ ଚକ୍ଷୁ ଦୁଇଟି। ପଦ୍ମପାଖୁଡ଼ା ପରି ଦୁଇପଟକୁ ଲମ୍ବିଥିବା ନୀଳଚକ୍ଷୁରେ ମାୟାଞ୍ଜନ ରଞ୍ଜିତ ସ୍ୱପ୍ନାଳସ ଚାହାଣୀ ଯେପରି। ସେହି ଚାହାଣୀ ଦେଖିଲେ ମନେହେଉଥିଲା ବୋଧେ ମର୍ତ୍ତ୍ୟର ମାନବୀ ନୁହନ୍ତି ଏହି କନ୍ୟା, କୌଣସି ଅପସରୀ ଶାପଭ୍ରଷ୍ଟ ଦେବବାଳା। ଆଉ ସତରେ ତାହା ହିଁ ଥିଲେ ପ୍ରଫୁଲ୍ଲ କୁମାରୀ। ସମ୍ପନ୍ନାଯୋଗିନୀ, ଦେବୀ ଅଂଶରେ ଜନ୍ମିଥିଲେ ପ୍ରାରବ୍ଧ କ୍ଷୟ ଉଦ୍ଦେଶ୍ୟରେ।

ରାଜକୁମାରୀ ପ୍ରଫୁଲ୍ଲ କୁମାରୀଙ୍କ ପିତାଙ୍କ ଅକାଳ ବିୟୋଗରେ ଓ ତାଙ୍କର କୌଣସି ଭାଇ ନ ଥିବାରୁ ବସ୍ତର ରାଜ ସିଂହାସନରେ କିଏ ଅଧିରୁଢ଼ ହେବ, ଏହି ପ୍ରଶ୍ନ ରାଜ୍ୟ ସମ୍ମୁଖରେ ଉପସ୍ଥିତ ହେଲା। ସେତେବେଳେ ରାଜାଙ୍କ ଦେୱାନ ବିଲାୟତୁଲ୍ଲା ଖୁବ୍ ଧର୍ମ ସଂକଟରେ ପଡ଼ିଗଲେ। ରାଜାଙ୍କ ମୃତ୍ୟୁରେ ବସ୍ତରର ସମସ୍ତ ଆଦିବାସୀ ରାଜମହଲ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେମାନେ ସମସ୍ତେ ବସ୍ତରର ରାଜକୁମାରୀ 'ବାବିଧନୀ'ଙ୍କୁ (ପ୍ରଫୁଲ୍ଲ କୁମାରୀଙ୍କୁ) ବସ୍ତର ରାଜ ସିଂହାସନରେ ବସାଇବାକୁ ଚାହିଁଲେ। ସେମାନେ ଜିଦ୍ ଧରିଲେ ଯେ ରାଜାଙ୍କ ଅନ୍ତିମ ସଂସ୍କାର ସେତିକିବେଳେ ହେବ ଯେତେବେଳେ ରାଜକୁମାରୀ ରାଜସିଂହାସନରେ ବସିବେ।

ଦେୱାନ ବିଲାୟତୁଲ୍ଲା ଇଂରେଜ ସରକାରଙ୍କ ସହିତ ଯୋଗାଯୋଗ କରିବାର ସୁଯୋଗ ନ ପାଇ ଓ କୌଣସି ନିର୍ଣ୍ଣୟ ହୋଇ ପାରୁନଥିବାରୁ ରାଜମହଲରୁ ବାହାରି ଯାଇ ନିଜ ନିବାସକୁ ଚାଲିଗଲେ। ଏହାପରେ ଆଦିବାସୀମାନେ ଅତ୍ୟନ୍ତ ଭଲ ପାଉଥିବା ପ୍ରଫୁଲ୍ଲ କୁମାରୀଙ୍କୁ ରାଜ ସିଂହାସନରେ ବସାଇ ତାଙ୍କୁ ବସ୍ତରର 'ରାଣୀ' ଭାବରେ ଘୋଷିତ କଲେ। ପରବର୍ତ୍ତୀ କାଳରେ ଇଂରେଜ ସରକାର ମଧ୍ୟ ପ୍ରଫୁଲ୍ଲ କୁମାରୀଙ୍କୁ ୧୯୨୨ ଖ୍ରୀଷ୍ଟାବ୍ଦରେ ବିଶେଷ ଦରବାର ଡକାଇ ବସ୍ତରର ରାଣୀ ଭାବରେ ଓ ୧୯୩୩ ମସିହାରେ ମହାରାଣୀ ଭାବରେ ଘୋଷିତ କଲେ। ଇଂରେଜ ଶାସନ କାଳ ଇତିହାସରେ ପ୍ରଥମେ ଜଣେ ରାଜପୁତ କନ୍ୟାଙ୍କୁ ରାଜ ସିଂହାସନରେ ବସାଇ ରାଜ୍ୟଭାର ପ୍ରଦାନ କରିବା ଓ ମହାରାଣୀ ହିଁ ପ୍ରଥମ ଶାସକ ଯାହାଙ୍କୁ ଭାଇସରାୟ ଆସି ସାକ୍ଷାତ କରିଥିଲେ। ମହାରାଣୀ ଭାଇସରାୟଙ୍କ ସମ୍ମୁଖରେ ବସ୍ତର ରାଜ୍ୟର ଅନେକ ସମସ୍ୟା କଥା କହିଥିଲେ। ଜଗଦଲପୁରରେ ଏକ ହସ୍ପିଟାଲ ସ୍ଥାପିତ ହେଲା ଓ ମହାରାଣୀଙ୍କ ନାମରେ ନାମିତ ହେଲା।

ଇତିମଧ୍ୟରେ ମହାରାଣୀଙ୍କର ଶୁଭ ପରିଣୟ ମୟୂରଭଞ୍ଜର ବାରିପଦାର ରାଜପରିବାରର ଲାଲ ସାହେବ ଶ୍ରୀ ଦାମଚନ୍ଦ୍ର ଭଞ୍ଜଦେଓଙ୍କ ଏକମାତ୍ର ପୁଅ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓଙ୍କ ସହିତ ହୋଇଥିଲା। ସେତେବେଳ ସେ ରାୟପୁରର ରାଜକୁମାର କଲେଜରେ ପଠନରତ ଥିଲେ ଓ ଅତ୍ୟନ୍ତ ମେଧାବୀ ଛାତ୍ର ଥିଲେ। ବିବାହ ପରେ ସେ ମହାରାଣୀଙ୍କୁ ବସ୍ତର ରାଜ୍ୟ ଶାସନରେ ସାହାଯ୍ୟ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ। ବ୍ରିଟିଶ ରାଜ୍ୟର ଅଧିପତିମାନଙ୍କର ବିଷଦୃଷ୍ଟି ବସ୍ତର ଉପରେ ପଡ଼ିଲା ଯେତେବେଳେ ହାଇଦ୍ରାବାଦ ନିଜାମ ଇଂରେଜ ସରକାରଙ୍କ ସହିତ ହାତ ମିଳାଇ ବସ୍ତରର ବୈଲାଡିଲା ଲୌହଖଣି, ଜଙ୍ଗଲଜାତ ଦ୍ରବ୍ୟ, ମୂଲ୍ୟବାନ କାଠ ପ୍ରଭୃତିକୁ ନିଜ ରାଜ୍ୟ ସହିତ ମିଶାଇବାକୁ ଚାହିଁଲେ। ସେତେବେଳେ ଏହି ଚୁକ୍ତିରେ ଦସ୍ତଖତ ନ କରିବାକୁ ପ୍ରଫୁଲ୍ଲଚନ୍ଦ୍ର ମହରାଣୀଙ୍କୁ ମନା କଲେ ଓ କହିଲେ, "If I am convinced that the treaty is in the best interest of the state and the people, I shall be the first person to ask the Maharani to sign it otherwise no power on earth can force me to do so." ଏହି ଅବସ୍ଥାରେ ଇଂରେଜ ସରକାରଙ୍କ ବିରୁଦ୍ଧାଚରଣ କରିବାରୁ ମହାରାଣୀ ପ୍ରଫୁଲ୍ଲ କୁମାରୀଙ୍କୁ ଓ ମହାରାଜ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ ଇଂଲଣ୍ଡକୁ ପ୍ରେରଣ କରାଗଲା। ସେଠାରେ ତିନିବର୍ଷ ରହିବା ପରେ ପ୍ରଫୁଲ୍ଲ କୁମାରୀ ବସ୍ତର ଫେରି ଆସିଲେ ଓ ପରେ ପ୍ରଫୁଲ୍ଲ ଚନ୍ଦ୍ର ଫେରି ଆସିଲେ ମଧ୍ୟ ପୁନଶ୍ଚ ତାଙ୍କୁ ଇଂଲଣ୍ଡ ଫେରିଯିବା ପାଇଁ ଆଦେଶ ହେଲା। ସେତେବେଳେ ପ୍ରଫୁଲ୍ଲ କୁମାରୀଙ୍କର ଅସୁସ୍ଥତା ଆରମ୍ଭ ହୋଇଥାଏ ଓ ଡାକ୍ତର ମିଚେଲ ତାଙ୍କୁ ଚିକିତ୍ସା କରୁଥାନ୍ତି।

ଏହି ସମୟରେ ଶ୍ରୀଶ୍ରୀଠାକୁର ରାଜଦମ୍ପତିଙ୍କ ପ୍ରାର୍ଥନାରେ ବସ୍ତର ଭ୍ରମଣରେ ସପରିକର ଯାଇଥିଲେ ଓ ରାଣୀଙ୍କର ଔଷଧ ସେବନକୁ ବନ୍ଦ କରିଦେଇଥିଲେ। କାରଣ ଇଂରେଜ ଡାକ୍ତର ଯେଉଁ ଔଷଧ ରାଣୀଙ୍କ ଉପରେ ପ୍ରୟୋଗ କରିଥିଲେ ତାହା ତାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କହିବାରୁ ଡା. ମିଚେଲ ତାହା ଜାଣିପାରି ଶ୍ରୀଶ୍ରୀଠାକୁର ଉପରେ ମନ୍ତବ୍ୟ କରିଥିଲେ, ସେ କେବଳ ଆଧ୍ୟାତ୍ମିକ ଗୁରୁ ନୁହନ୍ତି, ସେ ଜଣେ ଭଲ ଚିକିତ୍ସକ ମଧ୍ୟ। ସେତେବେଳେ ରାଣୀ ପ୍ରଫୁଲ୍ଲ କୁମାରୀଙ୍କୁ slow poison ପ୍ରୟୋଗ କରି ମୃତ୍ୟୁମୁଖକୁ ଠେଲିଦେବାକୁ ଇଂରେଜ ସରକାରଙ୍କର ଜଣେ ଉଚ୍ଚ ପଦାଧିକାରୀ ଡା. ମିଚେଲଙ୍କୁ ଏକ ଗୁପ୍ତଚିଠି ପ୍ରେରଣ କରିଥିଲେ। ସେ ଚିଠିଲେ ଲେଖିଥିଲେ –

CONFIDENTIAL (To be destoryed after.......)

Jagdalpur, 31.12.35

Dear Mitchell,

Col. Meek has asked me to give you the following instructions, that rouge Prafulla nearly upset all the plans of the political department.The Maharani must not live if we are to suceed at all in establishing British supremacy forever in Bastar state. You already know the reasons. We depend on you to see to it.

But please be confident as obviously no responsibility is ours in case of exposure. After his wife's death Prafulla may be told that his title will be granted if we approve of his conduct after his return to this state. Do not worry about funds. Please tear this up and burn.

with best regards
Yours very sincerely
(CS Aydes)

(Letter collected by Jitendra Prasad Singhdeo of Khariar)

ସେତେବେଳକୁ ମହାରାଣୀ ପ୍ରଫୁଲ୍ଲ କୁମାରୀ ଆପେଣ୍ଡିସାଇଟିସ୍ ରୋଗରେ ଆକ୍ରାନ୍ତ ହୋଇ ରାୟପୁରରେ ଚିକିତ୍ସିତ ହେଉଥାନ୍ତି ଓ ସେହି ଅବସ୍ଥାରେ ରାଜଦମ୍ପତିଙ୍କୁ ପୁନଶ୍ଚ ଇଂଲଣ୍ଡ ପଠାଇ ଦିଆଗଲା ଡା. ମିଚେଲଙ୍କ ସହିତ ଏବଂ ସେଠାରେ ଶେଷରେ ଅକଥନୀୟ ଯନ୍ତ୍ରଣା ଓ ଚିକିତ୍ସା ଅଭାବରୁ ଆପେଣ୍ଡିସାଇଟିସ୍ ଅପରେସନ କରି ମହାରାଣୀଙ୍କୁ ଜୀବନରୁ ମାରି ଦିଆଗଲା ଓ ସେହିଠାରେ ପ୍ରଫୁଲ୍ଲଚନ୍ଦ୍ରଙ୍କୁ ଶେଷ ଦର୍ଶନ ନ କରାଇ ଦେଇ ପୋତି ଦିଆଗଲା। ଏହା ଥିଲା ୨୬.୨.୧୯୩୬ ମସିହାର କଥା। ତାଙ୍କ ମର ଶରୀର ଭାରତ ଆଣିବାକୁ ଦିଆଗଲା ନାହିଁ। ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ ସମସ୍ତଙ୍କୁ ତାଙ୍କ ସ୍ତ୍ରୀକୁ ମାରି ଦିଆଗଲା ବୋଲି ପ୍ରକାଶ କଲେ।

ମାତାଙ୍କ ମୃତ୍ୟୁ ପରେ ତା.୨୮.୧୦.୧୯୩୬ରିଖରେ ତାଙ୍କ ଜ୍ୟେଷ୍ଠପୁତ୍ର ନାବାଳକ ପ୍ରବୀର ଚନ୍ଦ୍ର ଭଞ୍ଜଦେଓଙ୍କୁ ବସ୍ତର ରାଜସିଂହାସନରେ ମାତ୍ର ଛଅବର୍ଷ ବୟସରେ ବସାଇ ଦିଆଗଲା। ପ୍ରଥମେ ତାଙ୍କୁ ରାଜକୁମାର କଲେଜ ରାୟପୁରରେ ଭର୍ତ୍ତି କରାଗଲା ଓ ପରବର୍ତ୍ତୀ କାଳରେ ତାଙ୍କ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ପଠାଗଲା। ଇଂରେଜମାନେ ତାଙ୍କ ରାଜ୍ୟରେ କ'ଣ କରୁଛନ୍ତି, ତାହା ତାଙ୍କୁ ଜଣାଥିଲା। କିନ୍ତୁ ସେ ନାବାଳକ ଥିବାରୁ କିଛି କହୁନଥିଲେ। ତାଙ୍କ ପ୍ରଜାମାନଙ୍କୁ, ଆଦିବାସୀ ସମ୍ପ୍ରଦାୟଙ୍କୁ ଅକଥନୀୟ ଅତ୍ୟାଚାର କରୁଥିଲେ ଇଂରେଜମାନେ। ସେ ଦେଖିବାକୁ ଅତି ସୁନ୍ଦର ଥିଲେ। ସୁଦୀର୍ଘ ଚେହେରା ଓ ଚକ୍ଷୁଗୁଡ଼ିକ ଦର୍ଶନୀୟ ଥିଲା। ଲମ୍ବାଚୁଳ ରଖିଥିଲେ। ତ୍ରେତୟା ଯୁଗରେ ଯେପରି ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ଆଜାନୁବାହୁ ଥିଲେ ମହାରାଜ ପ୍ରବୀର ଚନ୍ଦ୍ର ମଧ୍ୟ ଆଜାନୁବାହୁ ଥିଲେ। କାକତୀୟଙ୍କ କୁଳଦେବୀ ଦନ୍ତେଶ୍ୱରୀଙ୍କ ସେ ଥିଲେ ଅନନ୍ୟ ଭକ୍ତ। ପ୍ରତିଦିନ ସେ ପୂଜା କରୁଥିଲେ ଦନ୍ତେଶ୍ୱରୀଙ୍କୁ ଓ ସବୁଦିନେ ଦନ୍ତେଶ୍ୱରୀ ତାଙ୍କୁ ଦର୍ଶନ ଦେଉଥିଲେ। ସକାଳ ଓ ସନ୍ଧ୍ୟାରେ ଦୁଇ ଦୁଇଘଣ୍ଟା ପୂଜା କରୁଥିଲେ। ପ୍ରତିଦିନ ରାତିରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପଢୁଥିଲେ। ରାଜପ୍ରାସାଦରେ ୧୬ଟି ମନ୍ଦିର ଅଛି ଓ ରାଜା ନିଜେ ସବୁଦିନେ ପୂଜା କରୁଥିଲେ। ବିଲାତରୁ ବିଦ୍ୟାଶିକ୍ଷା ସମାପ୍ତ କରି ସେ ବସ୍ତର ଫେରି ଆସିଲେ। ସେତେବେଳକୁ ଇଂରେଜମାନେ ବସ୍ତରରେ କୋଇଲା ଖଣି ଓ ଲୌହଖଣି ଆବିଷ୍କାର କରି କାରଖାନା ବସାଇ ଦେଇଥିଲେ ଓ ଆଦିବାସୀମାନଙ୍କୁ ସେହି ଖଣି ଖାଦାନରେ କଠିନ ପରିଶ୍ରମ କରାଇ ପାରଶ୍ରମିକ କିଛି ଦେଉନଥିଲେ। ଏଥିପାଇଁ ଆଦିବାସୀମାନେ ୧୯୧୦ ମସିହାରେ ଆନ୍ଦୋଳନ କରିଥିଲେ। ସେମାନଙ୍କର ନେତା ଥିଲେ ଗୁଣ୍ଡାଧର। କିନ୍ତୁ ଏହି ଆନ୍ଦୋଳନ ଏତେ ସଫଳ ହେଲା ନାହିଁ।

ମହାରାଜ ପ୍ରବୀର ଚନ୍ଦ୍ର ଭଞ୍ଜଦେଓ ଲଣ୍ଡନରୁ ଫେରି ଆଦିବାସୀ ସମ୍ପ୍ରଦାୟର ବା ତାଙ୍କ ରାଜ୍ୟର ପ୍ରଜାମାନଙ୍କର ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କଲେ। ପ୍ରତ୍ୟେକ ଗ୍ରାମକୁ ଯାଇ ତାଙ୍କ ସୁଖସୁବିଧା ବୁଝିବା ସହିତ ଯେଉଁମାନେ ଦରବାରକୁ ଆସୁଥିଲେ, ସମସ୍ତଙ୍କ କଥା ବୁଝି ବ୍ୟବସ୍ଥା କରୁଥିଲେ। ମଙ୍ଗଳବାର ଓ ଶନିବାର ଦରବାର ବନ୍ଦ ରହୁଥିଲା। କାରଣ ସେ ସାରାଦିନ ପ୍ରବୀର ଭଞ୍ଜଦେଓ ପୂଜାରେ ବସୁଥିଲେ। ଯେହେତୁ ସେ ପ୍ରଜାବତ୍ସଳ ଥିଲେ, ଆଦିବାସୀମାନଙ୍କ ସପକ୍ଷରେ ସରକାରଙ୍କୁ ସବୁ ପ୍ରକାର ସୁବିଧା ଦେବାକୁ ସ୍ୱର ଉତ୍ତୋଳନ କରୁଥିଲେ, ଇଂରେଜ ସରକାର ତାଙ୍କୁ ବିଭିନ୍ନ କୌଶଳରେ କଷ୍ଟ ଦେବାକୁ ଆରମ୍ଭ କଲେ। ଇଂରେଜ ଶାସନର ଶୋଷଣ ବିରୁଦ୍ଧରେ ସେ ତୀବ୍ର ପ୍ରତିବାଦ କରି ଆଦିବାସୀମାନଙ୍କର ଜଳ, ଜଙ୍ଗଲ ଓ ଜମିର ଅଧିକାର ସାବ୍ୟସ୍ତ କରିବାକୁ ଆନ୍ଦୋଳନ କଲେ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲା। ମହାରାଜ ପ୍ରବୀର ଚନ୍ଦ୍ର ଭଞ୍ଜଦେଓ ଭାବିଲେ ଏଥର ସ୍ୱାଧୀନ ଭାରତରେ ସେ ତାଙ୍କ ରାଜ୍ୟର ପ୍ରଜାମାନଙ୍କର ସମସ୍ତ ସୁଖସୁବିଧା ଦେଖିପାରିବେ। ସେଥିପାଇଁ ଏହାକୁ ସ୍ୱତନ୍ତ୍ର ରାଜ୍ୟ ଘୋଷଣା ନ କରି ଭାରତ ୟୁନିୟନ ସହିତ ମିଶାଇଦେଲେ ୧୯୪୭ ମସିହା ଡିସେମ୍ବର ୧୫ ତାରିଖରେ ଭାରତ ସରକାରଙ୍କ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରି। ପ୍ରବୀର ଚନ୍ଦ୍ର ଇତିମଧ୍ୟରେ ବିବାହ ବନ୍ଧନରେ ଆବଦ୍ଧ ହେଲେ ରାଜସ୍ଥାନର ପାତାନର ରାଜା ରାଜରଷି ରାଓ ସାହେବ ଉଦୟ ସିଂହ ଓ ରାଣୀ ତ୍ରୈଲୋକ୍ୟ ରାଜଲକ୍ଷ୍ମୀ। ସେଦିନ ଥିଲା ୧୯୬୧ ମସିହା ଜୁଲାଇ ୪ ତାରିଖ।

ଭାରତରେ ପ୍ରଥମ ନିର୍ବାଚନ ୧୯୫୨ରେ ହେଲା ଓ ପ୍ରବୀରଚନ୍ଦ୍ର ଅବିଭକ୍ତ ବସ୍ତରର ପ୍ରଥମ ବିଧାୟକ ହେଲେ। ସେ ବସ୍ତର ରାଜ୍ୟର ଅଭାବ ଅସୁବିଧା ଓ ଏହି ଅନୁନ୍ନତ ଜନଜାତି ପାଇଁ ଓ ସେମାନଙ୍କ ଉନ୍ନତି ପାଇଁ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ସେମାନେ କରିନଥିଲେ। ହାଇଦ୍ରାବାଦ ନିଜାମ ବେନାଡିଲା ଲୌହଖଣି ଓ ୧୫୨ଟି ପାହାଡ଼କୁ ନିଜ ରାଜ୍ୟରେ ମିଶାଇବାକୁ ଚାହୁଁଥିଲେ। କିନ୍ତୁ ପ୍ରବୀରଚନ୍ଦ୍ର ଏହାର ଦୃଢ଼ ବିରୋଧ କରି ବସ୍ତରରେ ତାହା ରଖିବାକୁ ସକ୍ଷମ ହେଲେ। ସେ କହିଥିଲେ ବେନାଡିଲ ଲୌହଖଣିଜ ସମ୍ପଦର ସ୍ୱତ୍ୱ ରାଜ୍ୟର ବା ବସ୍ତରର ଉନ୍ନତି କଳ୍ପେ ବ୍ୟୟିତ ହେଉ। ଏହାକୁ ଏକ 'ନିଗମ' ବା corporation କରାଯାଉ। ଦ୍ୱିତୀୟତଃ ଧାନ ଅମଳ ଉପରେ ସରକାରଙ୍କ କର ବସାଇବାରୁ ତାହାର ଦୃଢ଼ ପ୍ରତିବାଦ କଲେ। ସେ ବସ୍ତର ରାଜ୍ୟକୁ ଟ୍ରେନ ଚଳାଚଳର ବ୍ୟବସ୍ଥା କରିଥିଲେ। ପରେ ପ୍ରାୟ ୬୦୦ ଆଦିବାସୀ ଜନଜାତିଙ୍କୁ ତାଙ୍କ ଦାବି ପୂରଣ ପାଇଁ ଗୋଟିଏ ଟ୍ରେନରେ ନିଜ ଖର୍ଚ୍ଚରେ ଦିଲ୍ଲୀ ନେଇ ପ୍ରଗତି ମଇଦାନରେ ଏକ ଶୋଭାଯାତ୍ରାରେ ବାହାରି ସଭା କରି ସେମାନଙ୍କର ଦାବି ଉପସ୍ଥାପନ କରିଥିଲେ ଓ ଏହିସବୁ କଥା ପାଇଁ ସରକାରଙ୍କ ସହିତ ତାଙ୍କର ବିଭେଦ ସୃଷ୍ଟି ହେବାରୁ ସେ ନିଜ ପଦବୀରୁ ୧୯୫୯ ମସିହାରେ କଂଗ୍ରେସରୁ ଇସ୍ତଫା ଦେଇ

ଦେଇଥିଲେ ଓ ନିଜେ ଏକ ରାଜନୈତିକ ଦଳ ଗଠନ କରି ଜଗଦଲପୁର ଅଞ୍ଚଳର ୯ଟା ସିଟ୍‌ରୁ ୮ଟାରେ ଜିତିଥିଲେ। ଏଥିପାଇଁ ଭାରତୀୟ ପାର୍ଲାମେଣ୍ଟରେ Special resolution କରି ତାଙ୍କ ନାମରେ ବଦ୍‌ନାମ କରାଗଲା ଯେ ସେ ହିନ୍ଦୁରାଜ୍ୟ କରିବାକୁ ଚାହୁଁଛନ୍ତି। ତେଣୁ ତାଙ୍କୁ ରାଜଗାଦିରୁ ବାହାର କରିଦିଆଯାଇ ତାଙ୍କ ସାନଭାଇ ବିଜୟଚନ୍ଦ୍ରଙ୍କୁ ସରକାର ବସ୍ତର ରାଜଗାଦିରେ ବସାଇବା ପରେ ୧୯୬୧ ମସିହାରେ ପ୍ରଥମେ ପ୍ରବୀରଚନ୍ଦ୍ରଙ୍କୁ ନଜରବନ୍ଦୀ କରି ତତ୍ପରେ ବନ୍ଦୀ କରି ନରସିଂହଗଡ଼ ଜେଲ୍‌ରେ ଅଟକାଇ ଦିଆଗଲା। ସେ ଭୋପାଳ ଯାଇଥିଲେ ଓ ସେଠାରୁ ଫେରିବା ପଥରେ ତାଙ୍କୁ ଜେଲ୍‌ରେ ଭର୍ତ୍ତି କରିଦିଆଗଲା। ଏହା କେହି ଜାଣିବା ଆଗରୁ ଲଉଣ୍ଡିଗୁଡ଼ାରେ ହେବାକୁ ଥିବା ଏକ ସଭାରେ ଅନେକ ଆଦିବାସୀ ତାଙ୍କ ପୂଜ୍ୟ ଓ ପ୍ରିୟ ରାଜାଙ୍କୁ ଦେଖିବାକୁ ଚାହିଁଲେ। କିନ୍ତୁ ତାଙ୍କୁ ଦେଖାଇ ନ ଦିଆଯାଇ ପରିବର୍ତ୍ତରେ ପୋଲିସ ଉତ୍ତ୍ୟକ୍ତ ଜନତା ଉପରେ ଆଖିବୁଜି ଗୁଳି ଚଳାଇଲେ ଏବଂ ଅନେକ ନିରୀହ ଆଦିବାସୀ ସେହିଠାରେ ଟଳିପଡ଼ିଲେ। ସେଥିପାଇଁ ପ୍ରବୀରଚନ୍ଦ୍ର ଭଞ୍ଜଦେଓ ଏକ ପୁସ୍ତକ ପ୍ରଣୟନ କରିଥିଲେ 'ଲଉଣ୍ଡୀଗୁଡ଼ା ତରଙ୍ଗିଣୀ' ନାମ ଦେଇ ଓ ସେହି ଜେଲ୍‌ରେ ଥାଇ ସେ ସରକାରଙ୍କର ଏହି ବର୍ବରୋଚିତ ହତ୍ୟାକାଣ୍ଡର ଦୃଢ଼ ପ୍ରତିବାଦ କରିଥିଲେ ଓ ଦୁଃଖ ପ୍ରକାଶ କରିଥିଲେ। ସେ ଖୁବ୍ ବିଦ୍ୱାନ ଥିଲେ ଏବଂ ଦିଲ୍ଲୀରେ ହୋଇଥିବା ଏକ ସଂସ୍କୃତ ମହୋତ୍ସବରେ ଯୋଗ ଦେଇ ସଂସ୍କୃତରେ ଭାଷଣ ଦେଇ ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ।

ମହାରାଜ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ ଇଂରେଜ ସରକାର ଆଗରୁ ହିଁ ବସ୍ତରରୁ ବିତାଡ଼ିତ କରିଦେଇଥିଲେ। ଏପରିକି ତାଙ୍କ ପୁତ୍ରକନ୍ୟାମାନଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ଦେଇନଥିଲେ। କାରଣ ସେ ଇଂରେଜ ସରକାରଙ୍କର ସମସ୍ତ ପ୍ରଲୋଭନକୁ ଏଡ଼ାଇ ଦେଇ ପ୍ରଜାମାନଙ୍କ ହିତ ଦୃଷ୍ଟିରୁ ସମସ୍ତ କାର୍ଯ୍ୟ କରୁଥିଲେ। ପ୍ରବୀରଚନ୍ଦ୍ରଙ୍କ ନାମରେ କୌଣସି ଦୋଷ ବା କଳଙ୍କ ନ ଥାଇ ତାଙ୍କୁ ଜେଲ୍‌ରେ ରଖାଯାଇଥିବାରୁ ତାଙ୍କୁ ପରେ ମୁକୁଳାଇ ଦିଆଯାଇଥିଲା। ବାଲ୍ୟକାଳରୁ ହିଁ ତାଙ୍କୁ ଅନେକ ଦୁଃଖକଷ୍ଟ ଦେଇଥିଲେ ଇଂରେଜ ସରକାର। ଏପରିକି ଗୀର୍ଜାକୁ ନେଇ ତାଙ୍କୁ ଭାରତ ବିରୋଧୀ ଓ ପ୍ରଜାମାନଙ୍କ ବିରୋଧରେ ଚଳିବାକୁ ଶିକ୍ଷା ଦିଆଯାଉଥିଲେ ମଧ୍ୟ ସେ ସେଥିରେ ପ୍ରତାରିତ ହୋଇନଥିଲେ। ମହାରାଜ ହେବା ପରେ ସେ ଥିଲେ ଦରଦୀ ଓ ପ୍ରଜାବତ୍ସଳ ରାଜା। ତାଙ୍କୁ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ଫୁଲଚନ୍ଦନ ଦେଇ ପୂଜା କରୁଥିଲେ ଓ ଆରତୀ କରୁଥିଲେ। ବର୍ତ୍ତମାନ ମଧ୍ୟ ପ୍ରତ୍ୟେକ ଆଦିବାସୀମାନଙ୍କ ଗୃହରେ ମା' ଦନ୍ତେଶ୍ୱରୀଙ୍କ ସହିତ ତାଙ୍କ ଫଟୋ ରଖି ସମସ୍ତେ ପୂଜା କରୁଛନ୍ତି। ଏହା ଥିଲା ୧୯୬୨ ମସିହା କଥା।

ପ୍ରବୀର ଚନ୍ଦ୍ର ୧୯୬୨ରେ ଅନ୍ୟ ଏକ ଦଳ ଗଠନ କରି ତା'ର ନାମ ଦେଇଥିଲେ 'ମହାରାଜା' ରାଜନୈତିକ ଦଳ ଓ ସେହିବର୍ଷ ଭୋଟରେ ୯ଟି ଆସନରୁ ତାଙ୍କ ଦଳ ୮ଟି ଆସନରେ ଜିତିଥିଲା। ଏହା ଥିଲା କଂଗ୍ରେସ ଦଳ ପାଇଁ ଏକ ବଡ଼ ଚିନ୍ତାର ବିଷୟ ଏବଂ କଂଗ୍ରେସର ତତ୍କାଳୀନ ସରକାର ପ୍ରବୀରଙ୍କୁ ମାରିଦେବାର ସମସ୍ତ ଷଡ଼ଯନ୍ତ୍ର ପ୍ରସ୍ତୁତ କଲେ।

ଯେଉଁ ବସ୍ତର ରାଜ୍ୟ ମା' ଦନ୍ତେଶ୍ୱରୀ ଓ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଆଶୀର୍ବାଦକୁ ସମ୍ବଳ କରି ଅଗ୍ରସର ହେଉଥିଲା, ଯେଉଁ ରାଜ୍ୟର ପ୍ରତୀକ ଚିହ୍ନ ସିଂହବାହିନୀ ମା' ସ୍ୱୟଂ ଦନ୍ତେଶ୍ୱରୀ, ଯେଉଁ ରାଜ୍ୟର ନିଜସ୍ୱ ପତାକାର ଚିହ୍ନ ଅର୍ଦ୍ଧେକ ନୀଳ ଅର୍ଦ୍ଧେକ ଧବଳ ମଧ୍ୟରେ ତ୍ରିଶୂଳ ଓ ଅର୍ଦ୍ଧଚନ୍ଦ୍ର, ଯେଉଁ ରାଜ୍ୟ ଦଣ୍ଡକାରଣ୍ୟ ନାମରେ ଭାରତ ପ୍ରସିଦ୍ଧ ଓ ଯେଉଁଠାରେ ତ୍ରେତୟା ଯୁଗରେ ରାମଚନ୍ଦ୍ର ମା' ସୀତା ଓ ଭ୍ରାତା ଲକ୍ଷ୍ମଣ ବାସ କରିଛନ୍ତି, ଯେଉଁ ରାଜ୍ୟର ଆଦିବାସୀମାନେ ଅଶିକ୍ଷିତ ହେଲେ ମଧ୍ୟ ସତ୍ୟ ଓ ସରଳତାର ପ୍ରତୀକ ଓ ସେମାନଙ୍କ ରାଜାଙ୍କୁ ଦେବତା ଭାବରେ ପୂଜା କରନ୍ତି, ଯେଉଁ ରାଜ୍ୟରେ ପଚସ୍ତରୀ ଦିନ ପର୍ଯ୍ୟନ୍ତ ଦୁର୍ଗାପୂଜା ପାଳିତ ହୁଏ, ମା' ଦନ୍ତେଶ୍ୱରୀ ଓ ରାଜାରାଣୀଙ୍କୁ ନେଇ ରଥାରୁଢ଼ କରି ଆନନ୍ଦ କରନ୍ତି ସେହି ରାଜ୍ୟକୁ ମହାବିପଦ ଘନେଇ ଆସିଲା। ତାଙ୍କର ଅତ୍ୟନ୍ତ ପ୍ରିୟ ଓ ପୂଜ୍ୟ ମହାରାଜା ପ୍ରବୀର ଚନ୍ଦ୍ରଙ୍କୁ ଗାଦିଚ୍ୟୁତ କରାଯାଇ ଶେଷରେ ମୃତ୍ୟୁର ଶିକାର ହେବାକୁ ହେଲା। କଂଗ୍ରେସ ସରକାର ଜାଣିଥିଲେ ରାଜା ପ୍ରବୀରଚନ୍ଦ୍ର ବସ୍ତରରେ ଥିବା ପର୍ଯ୍ୟନ୍ତ ସେମାନେ କିଛି କରିପାରିବେ ନାହିଁ।

ସେଦିନ ଥିଲା ୨୪ ମାର୍ଚ୍ଚ ୧୯୬୬ ମସିହା। ପ୍ରତ୍ୟକ୍ଷଦର୍ଶୀ କେତେଜଣଙ୍କ ମନ୍ତବ୍ୟକୁ ମୁଖ୍ୟ କରି ରାଜା ପ୍ରବୀରଚନ୍ଦ୍ରଙ୍କ ହତ୍ୟାର ବିବରଣୀ ଏହିପରି –

ମହାରାଜା ପ୍ରବୀର ଚନ୍ଦ୍ରଙ୍କର ଦନ୍ତେୱାଡ଼ା ଯିବାର ଥିଲା। ସେ ଜଗଦଲପୁର ମନ୍ଦିର ସମ୍ମୁଖରେ ଗରୁଡ଼ ସ୍ତମ୍ଭ ଉଦ୍‌ଘାଟନ କରିଥାନ୍ତେ। ସେଦିନ ଜଗଦଲପୁରରେ ହଜାର ହଜାର ଆଦିବାସୀ ଏହି ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ରୁଣ୍ଡ ହୋଇଥିଲେ। ସେତେବେଳେ କଲେକ୍ଟର ଥିଲେ ମହମ୍ମଦ ଆକବର ଓ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟପ୍ରଦେଶର ଡି.ପି. ସିଂହ। ସାନ ଭାଇଙ୍କୁ ରାଜା କରାଯାଇଥିଲା। ସେ ବିଜୟଭବନରେ ରହୁଥିଲେ। ସେଦିନ ବିଜୟ କଲେଜରେ ପରୀକ୍ଷା ଚାଲିଥିଲା। ସରକାରଙ୍କ ଆଦେଶରେ ସବୁ ବନ୍ଦ କରିଦିଆଗଲା। ପ୍ରବୀରଚନ୍ଦ୍ର ଜାଣିପାରିଲେ ତାଙ୍କ ମୃତ୍ୟୁ ଆସନ୍ନ। ସେ ଆଉ ଉଦ୍‌ଘାଟନ କରିବାକୁ ନ ଯାଇ ୧୭/୧୮ ବର୍ଷର ଜଣେ କିଶୋରକୁ ନେଇ ସମସ୍ତଙ୍କୁ ଦର୍ଶନ ଦେବା ପାଇଁ ଡୋଙ୍ଗର ଗଲେ। ତା'ପରେ ଶିବ ମନ୍ଦିର ଉପରକୁ ଚଢ଼ିଲେ ଓ ସାରା ଦିନ ରାତି ମନ୍ଦିର ଭିତରେ କଟାଇ ଦ୍ୱିତୀୟ ଦିନ ବାହାରକୁ ବାହାରିଲେ।

ସେ ସ୍ୱଷ୍ଟ ହିନ୍ଦୀ କହି ପାରୁନଥିଲେ। ଇଂରେଜୀ ଶିକ୍ଷାରେ ବାଲ୍ୟକାଳରୁ ଶିକ୍ଷିତ ସେ। ଡାକିଲେ ପିଲାଟିକୁ, କହିଲେ, ଏ ଲଡ୍‌କା, ଇଧର ଆ। ଦେଖୋ ତୁହ୍ମାରା ମହଲ କୋ ତୁମ ଲୋଗ ରକ୍ଷା କରୋ। ମେଁ ଔର ନହିଁ ରହୁଙ୍ଗା। ୨୫ ତାରିଖ ମାର୍ଚ୍ଚ ୧୯୬୬ ମସିହା। ସକାଳେ ସୁଧୁ ଚା ତିଆରି କରି ଆଣିଦେଲେ। ରାଜମହଲରେ ତାଙ୍କ କକ୍ଷରେ ସେ ଚା ପିଉଥିବା ସମୟରେ ବାହାରେ ଗୁଳି ଆୱାଜ ଆସିବାକୁ ଲାଗିଲା। ସେ ସୁଧୁ ପିଲାଟିକୁ ପଚାରିଲେ, ବାହାରେ କ'ଣ ହେଉଛି ଏପରି ଆୱାଜ। ସୁଧୁ କହିଲା, ଅନେକ ଫୌଜ ଆସି ଗୁଳି କରି ଲୋକମାନଙ୍କୁ ହତ୍ୟା କରୁଛନ୍ତି। ସେ କହିଲେ, ତୁ ଲୁଚି ଯା ନଚେତ ମରିଯିବୁ। ପୋଲିସର ମୁଖ୍ୟ ଅଫିସର ଘୋଷଣା କଲେ, ରାଜନବରରେ ଯେଉଁମାନେ ଅଛନ୍ତି ବାହାରି ଆସନ୍ତୁ ଓ ଚାଲିଯାଆନ୍ତୁ। ପ୍ରବୀରଚନ୍ଦ୍ର କେତେକ ଶିଶୁ, ବାଳକ ଓ ସ୍ତ୍ରୀ ଲୋକମାନଙ୍କୁ ପ୍ରଥମେ ବାହାରକୁ ପଠାଇଲେ। କିନ୍ତୁ ଦୁଃଖଦ ଘଟଣା, ସେମାନଙ୍କୁ ସମସ୍ତଙ୍କୁ ଫୌଜିମାନେ ଗୁଳି କରି ହତ୍ୟା କଲେ। ପ୍ରବୀର ଚନ୍ଦ୍ର ବାହାରକୁ ଆସିବା ମାତ୍ରେ ତାଙ୍କୁ ଗୁଳି କରାଗଲା ଓ ତାହା ହାତରେ ବାଜିଲା। ପୋଲିସ ଇନିସପେକ୍ଟର ମୋହନ ସିଂହ ସେଠାରେ ଛିଡ଼ା ହୋଇ ଆଦେଶ ଦେଉଥିଲେ। ପୋଲିସ ଓ ଫୌଜ ରାଜମହଲକୁ ପଶିଗଲେ। ସମସ୍ତ ରାଜମହଲକୁ ଗୋର୍ଖା ବାଟାଲିୟନ ଘେରିଥିଲେ। ତାଙ୍କୁ ୧୩ ରାଉଣ୍ଡ ଗୁଳି କରାଗଲା ଓ ଶେଷରେ ତାଙ୍କ ମୁହଁରୁ ବାହାରିଥିଲା, 'ମେରେ ଆଦିବାସୀ ଲୋଗୋଁ କେ ଲୁଟ୍ ଡାଲୋ।' ରାଜପ୍ରସାଦର ଦନ୍ତେଶ୍ୱରୀ ଓ ବାଲାଜୀ ମନ୍ଦିର ପଟରୁ ଗୁଳି ଚଳାଇ ଅନେକ ଆଦିବାସୀଙ୍କୁ ମାରିଲେ। ରାଜମହଲର ଚତୁର୍ଦ୍ଦିଗରେ ମୃତ୍ୟୁର କରାଳ ଛାୟା। ଦୁଇଦିନ ଗୁଳି ଚାଲିଥିଲା ଓ ଟ୍ରକରେ ମୃତ ଶବଗୁଡ଼ିକୁ ନେଇ ଚିତ୍ରକୋଣ୍ଡା ଝରଣାରେ ଭସାଇଦେଲେ ଓ ଗଭୀର ଜଙ୍ଗଲରେ ପୋଡ଼ିଦେଲେ। ରକ୍ତରେ ବସ୍ତରର ଇତିହାସର କଳଙ୍କିତ ଅଧ୍ୟାୟ ଲିପିବଦ୍ଧ ହୋଇଗଲା। ଶ୍ରୀଶ୍ରୀଠାକୁରଙ୍କ ସ୍ମୃତି ବିଜଡ଼ିତ ବସ୍ତରର ରାଜମହଲ ରକ୍ତରଞ୍ଜିତ ହୋଇଗଲା।

ପରବର୍ତ୍ତୀ କାଳରେ ସରକାର କନ୍ହେୟା ଲାଲ ପାଣ୍ଡେ କମିଶନ ବସାଇଲେ ଓ କମିଶନ ରିପୋର୍ଟ ଦେଲେ ରାଜାଙ୍କ ସହ ମାତ୍ର ୧୨ଜଣ ମରିଛନ୍ତି। କିନ୍ତୁ ହଜାର ହଜାର ସଂଖ୍ୟାରେ ଜନଜାତି ଆଦିବାସୀ ଆବାଳବୃଦ୍ଧବନିତା ସେଦିନ ତତ୍କାଳୀନ ସରକାରଙ୍କ କ୍ରୁର ଆଦେଶର ଶିକାର ହୋଇ ଟଳି ପଡ଼ିଥିଲେ। ଏବେ ମଧ୍ୟ ସେମାନଙ୍କ ପ୍ରଶ୍ନ, ଆମ ପ୍ରଭୁ ଆମ ମହାରାଜାଙ୍କୁ କେଉଁ ଦୋଷରେ ମାରି ଦିଆଯାଇଥିଲା? କାହା ପାଇଁ ପ୍ରବୀରଚନ୍ଦ୍ର ଗୁଳିବିଦ୍ଧ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲେ? ତାଙ୍କ ରାଜତ୍ୱ କାଳରେ ଯେଉଁମାନେ ତାଙ୍କୁ ପୂଜା ଆରତୀ କରୁଥିଲେ, ପ୍ରାଣ ଦେଇ ଭଲ ପାଉଥିଲେ, ଯେଉଁମାନେ ରାଜାଙ୍କର ପ୍ରାଣସ୍ୱରୂପ ଥିଲେ, ଯେ ବସ୍ତରବାସୀଙ୍କ ପୂଜାରୀ ଥିଲେ, ଯେ ବିବାହ ପରେ ତାଙ୍କ ରାଣୀଙ୍କୁ କହିଥିଲେ, 'ମୁଁ ଜଣେ ସନ୍ନ୍ୟାସୀ ଓ ତୁମର ସ୍ଥାନ ରାଣୀ ମହଲରେ।' ସେ ବାସ୍ତବିକ ସନ୍ନ୍ୟାସୀ ଥିଲେ, ବେଶଭୂଷାରେ, ଆଚାର, ଆଚରଣରେ, ମନ ପ୍ରାଣରେ। ଯେ ଦିନକୁ ଚାରିଘଣ୍ଟା ଧ୍ୟାନ, ଜପ ଓ ପୂଜାରେ ସମୟ ଅତିବାହିତ କରୁଥିଲେ ଓ ଜଟାଜୁଟ ବିମଣ୍ଡିତ ହୋଇ ରହୁଥିଲେ, ତାଙ୍କ ପାଇଁ ଆଜି ମଧ୍ୟ ଅବିଭକ୍ତ ବସ୍ତରର ପ୍ରତ୍ୟେକ ପ୍ରାଣ କାନ୍ଦୁଛି। ପ୍ରବୀରଙ୍କ ଠାରୁ ଉତ୍‌ଥିତ ହୋଇଥିବା ଜଳ, ଜଙ୍ଗଲ, ଜମି ଆଦିବାସୀଙ୍କ ପାଇଁ ଏବେ ମଧ୍ୟ ସେହି ଦାବି ଶେଷ ହୋଇନାହିଁ। କିନ୍ତୁ ପ୍ରବୀର ଚନ୍ଦ୍ର ତାଙ୍କ ଜୀବନକୁ ବଳିଦାନ କରି ଏବେ ମଧ୍ୟ ଅମର ହୋଇ ପ୍ରତ୍ୟେକ ଘରେ ପୂଜା ପାଉଛନ୍ତି। ବିଶେଷ ଉତ୍ସବରେ ଏବେ ବି ଦନ୍ତେଶ୍ୱରୀ ମନ୍ଦିର ନିକଟରେ ତାଙ୍କର ସେହି ସୁନ୍ଦର ସୁଦୃଶ୍ୟ ଢଳଢଳ ଆଖି କାନ୍ତକମନୀୟ ସୁନ୍ଦର ଛବି, ଦୁଇ ପଟକୁ ଲମ୍ବି ଯାଇଥିବା ସୁନ୍ଦର ଜଟା ଓ ମସ୍ତକରେ ଲାଗିଥିବା ସରୁ ଅଥଚ ଲମ୍ବା ସିନ୍ଦୂର ଗାର ବିଗ୍ରହ ବିକ୍ରୟ କରାଯାଉଛି। ସେ ତାଙ୍କ ଜୀବନ ବିନିମୟରେ ଅମର ହୋଇଯାଇଛନ୍ତି। "ସେ ଜଣେ ଅସାମାନ୍ୟ ପୁରୁଷ" (ଶ୍ରୀଶ୍ରୀଠାକୁର)। ଏବେ ମଧ୍ୟ ଜଗଦଲପୁରରେ ତାଙ୍କ ପାଇଁ ଶହୀଦ ଦିବସ ପାଳିତ ହେଉଛି।

ଶ୍ରୀଶ୍ରୀଠାକୁର ପ୍ରବୀରଙ୍କ ଜନ୍ମ ପରେ ପରେ ହିଁ ତାଙ୍କ ଜିହ୍ୱାରେ ବାଗ୍‌ଭବ ବୀଜ ଲେଖି ମନ୍ତବ୍ୟ କରିଥିଲେ ଫେରି ଆସିବା ପରେ ସୂତିକା ଗୃହରୁ, 'ତୁମେମାନେ ଜାଣିନାହିଁ କିଏ ଜନ୍ମ ନେଇଛନ୍ତି।' ଏଣୁ ମହାକାଳର କରାଳ ଗ୍ରାସ ତାଙ୍କୁ ଗ୍ରାସ କରିପାରିନାହିଁ, ପାରିବ ନାହିଁ। କବିଗୁରୁଙ୍କ ଭାଷାରେ,

"ଜୀବନେ ଯତ ପୂଜା ହଉନା ସାରା
ଜାନି ସେ ଜାନି ତା ଓ ହୟନିହାରା
ଯେ ଫୁଲ ନା ଫୁଟିତେ ଝରେଛେ ଧରଣୀ ତେ
ଯେ ନଦୀ ମରୁପଥେ ହାରାଲ ଧାରା।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ନବ କିଶୋର ନାୟକ**
ସଭାପତି, ଝାରସୁଗୁଡ଼ା ଶାଖାସଂଘ

# ଶ୍ରୀମନ୍ଦିର, ପୁରୀ ବିଷୟରେ କିଛି ଜଣାଅଜଣା କଥା

ପ୍ରବେଶ ପାଇଁ ପୂର୍ବଦ୍ୱାର - ସିଂହଦ୍ୱାର, ଦକ୍ଷିଣଦ୍ୱାର-ଅଶ୍ୱଦ୍ୱାର, ପଶ୍ଚିମ ଦ୍ୱାର-ବ୍ୟାଘ୍ରଦ୍ୱାର, ଉତ୍ତରଦ୍ୱାର-ହସ୍ତୀଦ୍ୱାର । ଏମାନେ ମେଘନାଦ ପ୍ରାଚୀରରେ ଅଛନ୍ତି । ହସ୍ତୀମାନେ ମେଘନାଦ ପ୍ରାଚୀରରେ ନାହାନ୍ତି, କୁର୍ମବେଢ଼ାରେ ଅଛନ୍ତି ।

**ମେଘନାଦ ପ୍ରାଚୀର :**

ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ପରିସର ୯.୪ ଏକର । ମନ୍ଦିର ପରେ ପ୍ରାଚୀର ତିଆରି ହୋଇଛି । ୧୪୪୮ରୁ ୧୪୬୦ ମସିହାରେ କପିଳେନ୍ଦ୍ରଦେବଙ୍କ ସମୟରେ ତିଆରି ହୋଇଛି । ଏହାର ପ୍ରସ୍ଥ, ସ୍କନ୍ଦ ପୁରାଣ ଅନୁସାରେ -୬ ଫୁଟ ।

ଅତୀତରେ ସୋମନାଥ ମନ୍ଦିର ଠାରୁ ୩ଥର ବେଶୀ ଆକ୍ରମଣ ହୋଇଛି ଶ୍ରୀମନ୍ଦିର ଉପରେ ।

ପଶ୍ଚିମ ପୂର୍ବ ଦିଗରେ ଏହା ୬୪୦ ଫୁଟ ଲମ୍ବ । ଦକ୍ଷିଣ ଉତ୍ତର ଦିଗରେ ୬୬୫ ଫୁଟ ଲମ୍ବ ।

ବରୁଣଙ୍କ ଅନ୍ୟ ନାମ 'ମେଘନାଦ' । ଏହି ବାହାର ବେଢ଼ା ପରିକ୍ରମାରେ ମହାପ୍ରଭୁଙ୍କ ଡାହାଣ ପଟେ ରହିବେ ।

ଜଣେ ଭକ୍ତ ମକର ଦାସ ବାପାଙ୍କ ମୃତ୍ୟୁ ଅଶୌଚ ଥିବା ସମୟରେ ଶ୍ରୀମନ୍ଦିରକୁ ଯାଇ ପାରୁନଥିବାରୁ ଲେଖିଥିଲେ -

ପରଖୁ ଦେଖିନି କଳାଚାନ୍ଦକୁ
ଦୁଃଖ ଜଣାଉଛି ମେଘନାଦକୁ ।

ସିଂହଦ୍ୱାର ଦେଇ ଗୁମୁଟିରେ ପ୍ରବେଶ : ପତିତପାବନ ଅଛନ୍ତି, ଫତେ ମହାବୀର, ନୃସିଂହ ୨୨ ହାତ (୧ ହାତ ମନ୍ଦିରରେ), କାମଦା ଗଣେଶ ।

୨୨ ପାହାଚ - ୨୨ଟି ତୀର୍ଥର ପ୍ରତୀକ - ୭୦ ଲମ୍ବ, ୬ ଫୁଟ ଓସାର, ଉଚ୍ଚତା ୮ ଇଞ୍ଚ ।

୩ୟ ପାହାଚ - ଜଗଶିଳା, କଳାପଥର, ପିତୃଲୋକଙ୍କ ସ୍ଥାନ । ବାମରେ ସୋପାନ ନୃସିଂହ ।

୫ମ ପାହାଚ - କାଶୀ ବିଶ୍ୱନାଥ, ଦର୍ଶନରେ ପାପ କ୍ଷୟ ହୁଏ । ତା'ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହୁଏ ।

୯ମ ପାହାଚରେ - ଖଣ୍ଡେ ମାଙ୍କଡ଼ା ପଥର ଅଛି । କଥିତ ଅଛି ରାଜା ଭାନୁଦେବଙ୍କ ପୁଅର ଅକାଳ ମୃତ୍ୟୁ ୨୨ ବର୍ଷରେ ହେବାର ଥିଲା । ଏହାକୁ ଟାଳିବାକୁ ଏହାକୁ ତିଆରି କରିଥିଲେ । ଏପରି ପଥର ପୁରୀରେ ମିଳେନି, ସମୁଦ୍ରରୁ ପାଇଥିଲେ ।

୨୨ ପାହାଚ ଏକ ବୈଦାନ୍ତିକ ସିଦ୍ଧାନ୍ତର ପ୍ରତୀକ, ଯଥା : ୭ ଲୋକ + ୭ ଦ୍ୱୀପ, ୭ ସମୁଦ୍ର +ବ୍ରହ୍ମ = ୨୨

**କଳ୍ପବଟ :**

ଏହାର ଜନ୍ମ - କାର୍ତ୍ତିକ ମାସ, ଶୁକ୍ଳପକ୍ଷ, ଚତୁର୍ଦ୍ଦଶୀ ତିଥି ।

**ବିଶେଷତ୍ୱ :**

୧. ମନ୍ଦିରରେ ବହୁତ ପାରା, ଚେମେଣି ଥିଲେ ମଧ୍ୟ ଗୋଟେ ବି ଚଢ଼େଇ ଏଥିରେ ବସେ ନାହିଁ ।

୨. ଏହାର ଓହଳ ନାହିଁ ।

ବିଭିନ୍ନ ପୁରାଣରେ ଏହାର ବର୍ଣ୍ଣନା ଅଛି ଏବଂ ଶ୍ରୀଶ୍ରୀଗୀତାର ପୁରୁଷୋତ୍ତମ ଯୋଗ ।

ମହାପ୍ରଭୁ ସମସ୍ତ ଯାତ୍ରା ପାଇଁ ଏହି ବୃକ୍ଷରୁ ପାଲିଙ୍କିରେ ଯାଆନ୍ତି । (ମଦନମୋହନ ମୂର୍ତ୍ତିରେ)

ପଦ୍ମପୁରାଣ ଓ ସ୍କନ୍ଦପୁରାଣ ଅନୁସାରେ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ : ୧. ମାର୍କେଣ୍ଡେୟ ପୋଖରୀ, ୨. ଶ୍ୱେତଗଙ୍ଗା, ୩. ରୋହିଣୀ କୁଣ୍ଡ, ୪. ଇନ୍ଦ୍ରଦ୍ୟୁମ୍ନ ପୋଖରୀ, ୫. ମହୋଦଧି ।

**ବିଶେଷତ୍ୱ :**

୧. ପୁରୀ ସହରରେ କେତେ କାଉ । ହେଲେ ମେଘନାଦ ପ୍ରାଚୀର ଟପି ଗୋଟେ ବି କାଉ ବଡ଼ଦେଉଳରେ ପ୍ରବେଶ କରେନି । କିନ୍ତୁ ରୋହିଣୀ କୁଣ୍ଡରେ ଏକ କାକ ଚତୁର୍ଭୂଜ ହୋଇଛି ।

୨. ରୋହିଣୀ କୁଣ୍ଡ ଶୁଖେନି । ଏହି ରୋହିଣୀ କୁଣ୍ଡର ଜଳ ସିଞ୍ଚନ କଲେ ମାନବ-ମାଧବପ୍ରେମୀ ହୁଏ । ଏଥିରେ ଅଷ୍ଟଦଳ ପଦ୍ମ ଅଛି । ଏକ ପାଦଚିହ୍ନ ଅଛି । ଏହା ବ୍ରହ୍ମାଙ୍କର ପାଦଚିହ୍ନ ।

୩. ଶ୍ରୀମନ୍ଦିରର ଛାଇ ନାହିଁ । କିନ୍ତୁ ସୁଦର୍ଶନ ଚକ୍ରର ଛାଇ ଏହି ରୋହିଣୀ କୁଣ୍ଡ ଉପରେ ଥିବା ମନ୍ଦିରରେ ପଡ଼ିଥାଏ ।

ଶ୍ରୀମନ୍ଦିରରେ ୬୪ ଗଣେଶ ମୂର୍ତ୍ତି ଅଛନ୍ତି । ମୁଖ୍ୟତଃ ୧. ବଟ ଗଣେଶ, ୨. କାଞ୍ଚି ଗଣେଶ - ପଶ୍ଚିମ ଦ୍ୱାର, ୩. ନଟ ଗଣେଶ - ଦକ୍ଷିଣ ଦ୍ୱାର ।

ଶ୍ରୀ ଗଣପତି ଭଟ୍ଟ ଶ୍ରୀଜଗନ୍ନାଥଙ୍କୁ ଗଣେଶ ରୂପରେ ଦେଖିଥିଲେ ।

ବି.ଦ୍ର : ବଟ ଗଣେଶ ପାଖରେ ଥିବା ମୂଷାକୁ ସ୍ପର୍ଶ କଲେ ଜୀବନ୍ତ ଅନୁଭବ ହୁଏ ।

କେଉଁ ଦେବତା କେଉଁଥିରେ ସୁଖୀ ହୁଅନ୍ତି ?

ଶିବ ସୁଖୀ ଜଳରେ, ସୂର୍ଯ୍ୟ ସୁଖୀ ନମସ୍କାରରେ, ଗଣେଶ ସୁଖୀ ରାଶିଲଡୁରେ, ବିଷ୍ଣୁ ସୁଖୀ ତୁଳସୀରେ, ଶିବ ସୁଖୀ ବେଲପତ୍ରରେ, ଶ୍ରୀଗୁରୁ ସୁଖୀ ପ୍ରଣାମରେ ।

ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିର ଛାଡ଼ି ଯେତେ ମନ୍ଦିର ଅଛି, କେଉଁଥିରେ ପତାକା ନାହିଁ । ମୁଖ୍ୟ ମନ୍ଦିର ପତାକା ପତିତପାବନ ବାନା ଅଥବା ପୁରୀର ସ୍ଥାନୀୟ ନାମ ପାଦୁକା ଧୁଆ ବାନା । ଏହାର ବିଶେଷତ୍ୱ, ପବନ ପ୍ରବାହିତ ଦିଗର ଓଲଟ ଦିଗରେ ଉଡ଼େ ।

ମୁଖ୍ୟତଃ ସିଂହଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲା । ଦକ୍ଷିଣ ଦ୍ୱାର ଦେଇ ଗଜପତି ମହାରାଜ ଓ ଅନ୍ୟ ରାଜାମାନେ ପ୍ରବେଶ କରନ୍ତି । ପଶ୍ଚିମ ଦ୍ୱାର ଦେଇ ସାଧକମାନେ ପ୍ରବେଶ କରନ୍ତି । ଉତ୍ତର ଦ୍ୱାର ବା ମୋକ୍ଷ ଦ୍ୱାର । ବୃନ୍ଦାବନର ବିଧି ଅନୁସାରେ ଏହି ଦ୍ୱାର ସନ୍ଧ୍ୟା ୬ଟାରେ ବନ୍ଦ କରି ଦିଆଯାଏ ।

ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନ ଉପରେ ଯେଉଁ ଚାନ୍ଦୁଆ, ସେଥିରେ ୨୭ଟି ନକ୍ଷତ୍ର ଅଛନ୍ତି । ବଡ଼ ଓଡ଼ିଆ ମଠ ଦିନେ ଏହା ଯୋଗାଉଥିଲେ । ନବଗ୍ରହ ମହାପ୍ରଭୁଙ୍କ ଅଧୀନ ।

ଶ୍ରୀମନ୍ଦିରର ଭିତର ବେଢ଼ାରେ ସୂର୍ଯ୍ୟମନ୍ଦିରର ଉତ୍ତର ପଶ୍ଚିମ ପଟେ ମହାଲକ୍ଷ୍ମୀ ମନ୍ଦିର ପାର୍ଶ୍ୱରେ ୨ଟି ପ୍ରତିମା ଅଛନ୍ତି - ଉତ୍ତରାୟଣ, ଦକ୍ଷିଣାୟଣ । ଏହା ଅଷ୍ଟଧାତୁର ମୂର୍ତ୍ତି । ଏହା କୋଣାର୍କରୁ ଅଣାହୋଇଛି । ସ୍ୱତନ୍ତ୍ର ଭୋଗ ଘର ଅଛି । ଶ୍ରୀମନ୍ଦିର ସେବକ ସେବା କରନ୍ତି ନାହିଁ । ତାଙ୍କର ନିଜର ସେବକ ଅଛନ୍ତି ।

ମାଘ ଶୁକ୍ଳ ସପ୍ତମୀ ଦିନ ସୂର୍ଯ୍ୟଙ୍କ ଜନ୍ମତିଥି ପାଳନ କରାଯାଏ ।

ଏଠାରେ କାନ୍ଦୁଳି ଦେବୀ ଅଛନ୍ତି । ପୂଜା କଲେ କାନ୍ଦୁଥିବା ପିଲା ସ୍ଥିର ହୁଏ । ଜ୍ୱର ଦେବୀ ଅଛନ୍ତି । ପୂଜା କଲେ ଜ୍ୱର ଛାଡ଼େ ।

ଏଠାରେ ବିରଞ୍ଚି ନାରାୟଣ ଅଛନ୍ତି । ଭୋଗ ଲଗାଇ ମାଙ୍କଡ଼କୁ ଖାଇବାକୁ ଦିଆଯାଏ । ଭଲ ହେବାର ନ ଥିଲେ ମାଙ୍କଡ଼ ସେ ଭୋଗ ଖାଏ ନାହିଁ ।

ସୂର୍ଯ୍ୟ ମନ୍ଦିରରେ ସ୍ତ୍ରୀଙ୍କ ସହ ଛାୟା, ମାୟା କଳସ ବସି ପୂଜା ହୁଏ । ନଚେତ କେବଳ ବିମଳାଙ୍କ ମନ୍ଦିରରେ ଷୋଡ଼ଶ ଉପଚାର ପୂଜାରେ କଳସ ବସି ପୂଜା ହୁଏ । ନଚେତ୍ ଶ୍ରୀମନ୍ଦିରରେ କେଉଁଠି କୌଣସି ମନ୍ଦିରରେ କଳସୀ ବସି ପୂଜା ହୁଏନି ।

ଉତ୍ତର ଦ୍ୱାର (ମୋକ୍ଷ ଦ୍ୱାର)ର ବାହାର ବେଢ଼ାକୁ ବାହାରିବା ପାଇଁ ଦକ୍ଷିଣରେ ପାଦପଦ୍ମ ରହିଛି । ଚୈତନ୍ୟ ମହାପ୍ରଭୁ ଗରୁଡ଼ସ୍ତମ୍ଭ ପାଖରେ ଯେଉଁ ପଥରର ଉପରେ ଠିଆ ହୋଇ ପ୍ରଥମ ଦର୍ଶନ କରିଥିଲେ, ଗଜପତି ପ୍ରତାପ ରୁଦ୍ରଦେବ ସେଠାରୁ ଆଣି ଉତ୍ତର ଦ୍ୱାରରେ ସ୍ଥାପନ କଲେ ।

ଏହି ପାଦପଦ୍ମ ଦର୍ଶନ କଲେ ନିଶ୍ଚଳା ଭକ୍ତି ହୁଏ ।

ପଶ୍ଚିମ ଦ୍ୱାରରେ ପ୍ରବେଶ କଲେ ରାମେଶ୍ୱର ମନ୍ଦିର ଅଛି । (ଉତ୍ତରରେ ବଦ୍ରିନାଥ, ପଶ୍ଚିମରେ ଦ୍ୱାରକା, ଦକ୍ଷିଣରେ ରାମେଶ୍ୱରମ, ପୂର୍ବରେ ପୁରୁଷୋତ୍ତମ) । ଏହି ମନ୍ଦିର ପରିକ୍ରମା କଲେ ଚତୁର୍ଦ୍ଧାମ ପରିକ୍ରମାର ଫଳ ମିଳେ ।

ଭିତରବେଢ଼ା - ପଶ୍ଚିମ ଦ୍ୱାର-କୂର୍ମବେଢ଼ା ଆସିଲେ କାନପାତା ହନୁମାନଙ୍କ ମନ୍ଦିର - ଦକ୍ଷିଣାଭିମୁଖୀ - ସମୁଦ୍ର ଗର୍ଜନରେ ମହାପ୍ରଭୁ ଶୋଇ ନ ପାରିବାରୁ ହନୁମାନ କାନପାତି ଗର୍ଜନକୁ ଅଟକାଇଥିବାରୁ ଏହାକୁ କାନପାତା ହନୁମାନ କୁହାଯାଏ ।

ପୂର୍ବରେ – ଫତେ ହନୁମାନ

ପଶ୍ଚିମରେ – କାନପାତା ହନୁମାନ

ଉତ୍ତରରେ – ତପସ୍ୱୀ ହନୁମାନ

ଦକ୍ଷିଣରେ – ବେଡ଼ି ହନୁମାନ

କାନପାତା ହନୁମାନଙ୍କ ପାଖରେ ନଡ଼ିଆ ବସାଇଲେ ସତ୍‌ଇଚ୍ଛା ପୂର୍ଣ୍ଣ ହୁଏ। କାନପାତା ହନୁମାନଙ୍କ ଉତ୍ତର ପଟକୁ ନୀଳାଦ୍ରି ବିହାର (ମ୍ୟୁଜିୟମ)। (ପୂର୍ବରୁ ଏଠାରେ ଜଗନ୍ନାଥଙ୍କ ଧାନକୋଠି ଥିଲା)

ଶ୍ରୀମନ୍ଦିରରେ ଶ୍ମଶାନ ଅଛି। ଏଠାରେ ନବ କଳେବର ବେଳେ ମହାପ୍ରଭୁଙ୍କ ପୁରୁଣା ଶରୀରକୁ ପୋତାଯାଏ।

ଏହାକୁ କୋଇଲି ବୈକୁଣ୍ଠ କୁହାଯାଏ, ଯାହା ପ୍ରକୃତରେ କୈବଲ୍ୟ ବୈକୁଣ୍ଠ। ଏଠାର ଶିଆଳି ଲତାରେ ଅନ୍ୟ ଚିନ୍ତା କିଛି ଆସେନି- ନିତ୍ୟ ଗୋଲକ ଲୀଳା। ସନ୍ଧ୍ୟା ପୂର୍ବରୁ ଶିଆଳି ଲତା ଦର୍ଶନ କରିବାକୁ ହୁଏ।

ଉତ୍ତର ଦ୍ୱାର – ଦେବଯାନ ମାର୍ଗ

ପାଖଳି ଲୀଳା – ମାନବୀୟ ଲୀଳା (ଗାଧୋଇଲେ ଜ୍ୱର ହୁଏ)

ସ୍ଥୂଳଲୀଳା – ଶ୍ରୀମନ୍ଦିରରେ ଯାନିଯାତ୍ରା

ଆନ୍ତରୀକ୍ଷ ଲୀଳା – ଦୋଳଯାତ୍ରା

ପାତାଳି ଲୀଳା – ଶିଆଳି ଲତା ତଳେ

ଶିଆଳି ଲତା ତଳୁ ମାଟି ଟିକେ ଆଣି ଗୃହରେ ରଖିଲେ ଗୃହର ସମସ୍ତ ଦୋଷ ନଷ୍ଟ ହୁଏ।

ବୈକୁଣ୍ଠ ଆଗରୁ କୋଇଲି କାହିଁକି ରହିଲା ?

୧. ଦେବ ଓ ପରମାତ୍ମାଙ୍କ ମିଳନକ୍ଷେତ୍ର କୈବଲ୍ୟ ବୈକୁଣ୍ଠରୁ କୋଇଲି ବୈକୁଣ୍ଠ।

୨. ରାଧାଙ୍କୁ ମହାପ୍ରଭୁ କୋଇଲି ରୂପରେ ଦେଖାଦେଇଥିଲେ।

କୋଇଲି ବୈକୁଣ୍ଠକୁ ସନ୍ଧ୍ୟା ପୂର୍ବରୁ ଉତ୍ତର ଦ୍ୱାର ବନ୍ଦ କରିଦିଆଯାଏ, ଯେପରି ବୃନ୍ଦାବନରେ ହୁଏ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ସଂଗ୍ରାମ କେଶରୀ ସିଂହ**

କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ

"ତୁମେମାନେ ହିନ୍ଦୁର ସନ୍ତାନ, ଶାସ୍ତ୍ରାନୁସାରେ ଦେଖାଇ ଦେଇ ପାରିବ କି ଧର୍ମର ପଦାଶ୍ରୟ ଗ୍ରହଣ କରି ସଂସାରରେ କିଏ ସୁଖୀ ଥିଲା ? ବରଂ ଧାର୍ମିକମାନେ ହିଁ ପଦେ ପଦେ ଦୁଃଖ କଷ୍ଟରେ ପିଷ୍ଟ ହୋଇଛନ୍ତି। ସ୍ୱୟଂ ଶ୍ରୀକୃଷ୍ଣଙ୍କର ଆଶ୍ରୟରେ ରହି ପାଣ୍ଡବ ଓ ଓ ଦ୍ରୌପଦୀ କିପରି ବିଡ଼ମ୍ବନା ଭୋଗ କରିଛନ୍ତି, ତାହା କ'ଣ ଜାଣନାହିଁ। ତୁମମାନଙ୍କର ଜନ୍ମଜନ୍ମାନ୍ତରର କର୍ମରାଶି ଭିତରୁ କିପରି ତୁମକୁ ତ୍ୟାଗର ପବିତ୍ର ପଥରେ ଉନ୍ନୀତ କରିବି ସେ କଥା ଭାବି ଆକୁଳ ହୁଏ।"

"ଦେଖ, ଗୁରୁ ଶିଷ୍ୟ ଭିତରେ ବିଭିନ୍ନ ଭାବରେ ଶକ୍ତି-ସଞ୍ଚାର କରିପାରନ୍ତି; ଇଚ୍ଛା ଦ୍ୱାରା, ଦର୍ଶନ ଦ୍ୱାରା, ସ୍ପର୍ଶନ ଦ୍ୱାରା, କଥାବାର୍ତ୍ତା ଦ୍ୱାରା। ତେବେ ଇଚ୍ଛା ଦ୍ୱାରା, ଯେଉଁମାନେ ଶକ୍ତିସଞ୍ଚାର କରନ୍ତି, ସେମାନେ ସଦ୍‌ଗୁରୁ।"

**('ଶ୍ରୀଶ୍ରୀନିଗମାନନ୍ଦେର ଜୀବନୀ ଓ ବାଣୀ', ପୃ.୧୯୯)**

# ଅଖଣ୍ଡ ପ୍ରେମ

ଅଖଣ୍ଡଚୈତନ୍ୟ ଯେତେବେଳେ କଳ୍ପନା ଶକ୍ତି ବଳରେ ବହୁ ଖଣ୍ଡରେ ନିଜକୁ ବିଭକ୍ତ କରନ୍ତି, ସେତେବେଳେ କଳ୍ପନା ଖଣ୍ଡିତ ଖଣ୍ଡଗୁଡ଼ିକ ସମସ୍ତେ ସେହି ଅଖଣ୍ଡଚୈତନ୍ୟଙ୍କୁ ନିଜର ଆତ୍ମା / ମୂଳ ବା ଆଦି ବୋଲି ଖୋଜନ୍ତି। ଅଖଣ୍ଡଚୈତନ୍ୟ ମଧ୍ୟ ଖଣ୍ଡଚୈତନ୍ୟଗୁଡ଼ିକୁ ନିଜ ଜିନିଷ ବୋଲି ରକ୍ଷା କରିବା ପାଇଁ ଓ ନିଜ ପାଖକୁ ଆଣିବା ପାଇଁ ଓ ନିଜ ସହିତ ମିଳିତ କରିବା ପାଇଁ ଚେଷ୍ଟା କରନ୍ତି।

– ଶ୍ରୀଶ୍ରୀଠାକୁର (ନିଗମ-ସୂତ୍ର)

ଅଖଣ୍ଡଚୈତନ୍ୟଙ୍କ ଅଂଶ ଯେ ଜୀବ ମଧ୍ୟରେ ରହି ଖଣ୍ଡ ବୋଲାନ୍ତି ଏପରି ନୁହେଁ, ସେହି ଚୈତନ୍ୟ ଶକ୍ତି ସର୍ବତ୍ର ବିଦ୍ୟମାନ, କିନ୍ତୁ କେବଳ ଜୀବର ସ୍ଥୂଳ ଦୃଷ୍ଟି ଦ୍ୱାରା ଏପରି କଳ୍ପିତ ହୋଇଛି। ତେଣୁ ଏଠାରେ କଳ୍ପିତ ଜୀବ ଓ ଈଶ୍ୱରଙ୍କ ଭିତରେ ଥିବା ନିବିଡ଼ ଆକର୍ଷଣକୁ ଶ୍ରୀଶ୍ରୀଠାକୁର ଲେଖନୀ ଦ୍ୱାରା ପ୍ରକାଶ କରିଛନ୍ତି। ଶ୍ରୀଶ୍ରୀଠାକୁର ପୁଣି ତାଙ୍କ ମହାନ ଦୃଷ୍ଟିକୋଣରେ କହିଛନ୍ତି, ସେ ଯେତେବେଳେ ଯୋଗୀଙ୍କୁ ଦେଖନ୍ତି, ଅନୁଭବ କରନ୍ତି ଖଣ୍ଡ ଚୈତନ୍ୟ ଅଖଣ୍ଡଙ୍କ ସହିତ ମିଶିବାକୁ ପାଗଳ। କେତେ କଷ୍ଟ ସହ୍ୟ କରି ନିରାହାରରେ, ସ୍ପନ୍ଦନ ହୀନ ଅବସ୍ଥାରେ ଶତ ଶତ ବର୍ଷ ଆତ୍ମ ପ୍ରେମରେ ବିଭୋର ଏବଂ ଯେତେବେଳେ ହିତାହିତ ଜ୍ଞାନଶୂନ୍ୟ ସ୍ତ୍ରୀ ପୁତ୍ରଙ୍କ ଭଲ ପାଇବାରେ ବୁଡ଼ିଥିବା ଜୀବଙ୍କୁ ଦେଖନ୍ତି, ଅନୁଭବ କରନ୍ତି ଶିବଙ୍କର ଜୀବ ପ୍ରତି କି ନିବିଡ଼ ପ୍ରେମ !

ଏହି ଜଗତ ରୂପୀ ମାୟା ସ୍ୱୟଂ ବିକାଶ କରି ଏହାରି ପ୍ରେମରେ ଏତେ ମୁଗ୍ଧ ହୋଇଛନ୍ତି ଯେ, କେତେ ଶୋକ ତାପ ସହ୍ୟ କରି ମଧ୍ୟ ଜୀବ ବିଷୟକୁ ଛାଡ଼ି ପାରନ୍ତି ନାହିଁ। ତାହେଲେ ସ୍ତ୍ରୀ, ପୁତ୍ର, ଧନ ଥାଇ ମଧ୍ୟ ସଂସାରରେ ଜୀବ ଅତୃପ୍ତ କାହିଁକି ? ସମସ୍ତ ବୈଷୟିକ ସମ୍ପଦର ଅଧିକାରୀ ହୋଇ ମଧ୍ୟ ଜୀବ ଅଭାବ ଅନୁଭବ କରେ। ଏ ଅଭାବ ସେହି ମୂଳ ସତ୍ତାଙ୍କୁ ଅନୁଭବ ନ କରିବାର ଅଭାବ।

ସେହି ଚୈତନ୍ୟ ସତ୍ତା ସର୍ବ ଜୀବ ମଧ୍ୟରେ ପ୍ରତିଭାତ ହେଉଥିଲେ ମଧ୍ୟ ତାଙ୍କୁ ଜାଣି ନପାରିବାର କାରଣ କ'ଣ ? ସମସ୍ତେ ତାଙ୍କୁ ମୂଳ ବା ଆଦି ବୋଲି ଖୋଜନ୍ତିନି କାହିଁକି ? ବିଷୟରେ ମତ୍ତ ଜୀବର ଏ ସ୍ମୃତି ପ୍ରଥମରୁ ନଥାଏ କାହିଁକି ? ଜୀବ ଲୁହା କଣ୍ଟା ହେଲେ ବ୍ରହ୍ମ ଚୁମ୍ବକ କିନ୍ତୁ ଆକର୍ଷଣ ନହେବାର କାରଣ ?

କାରଣ ହେଉଛି ଲୁହା କଣ୍ଟା ଉପରେ ବୋଳା ଯାଇଥିବା କାଦୁଅ ଅର୍ଥାତ୍ ମୋହ ମାୟା। ଏହି ଆବରଣ ଦ୍ୱାରା ଆବଦ୍ଧ ଜୀବ ଈଶ୍ୱରଙ୍କ ଆକର୍ଷଣ ଅନୁଭବ କରିପାରେ ନାହିଁ। ସର୍ବ ବସ୍ତୁରେ ନିଜର ମନୋମୟ କଳ୍ପନା ଲାଗି ଅଖଣ୍ଡ ଚୈତନ୍ୟ ସତ୍ତାଙ୍କୁ ଜାଣି ନପାରି ଜୀବ ନିଜର ମୋହ ଜନିତ ସମ୍ବନ୍ଧ ଆରୋପ କରେ। ଏହି ମୋହ ମାୟାର କାରଣ କ'ଣ ? ଏହାର କାରଣ ଜୀବର ସୀମିତ ଜ୍ଞାନ। ଜୀବ ଏକ ସମୟରେ ସମଗ୍ର ଜଗତକୁ ଇନ୍ଦ୍ରିୟ ଦ୍ୱାରା ଗ୍ରହଣ କରିପାରେ ନାହିଁ କି ଅନୁଭବ କରିପାରେ ନାହିଁ। ଖଣ୍ଡ ଖଣ୍ଡ ବିଷୟ କ୍ରମାନ୍ୱୟରେ ଗ୍ରହଣ କରେ ଓ ତ୍ୟାଗ କରେ। ଯେମିତି ଆମେ ଶିଶୁ ଅବସ୍ଥାରେ ପ୍ରଥମେ ମାଆ ବାପାଙ୍କ ସମ୍ବନ୍ଧ ଅନୁଭବ କରୁ, ଟିକେ ବଡ଼ ହେଲେ ପରିବାର, ଆଉ ଟିକେ ବଡ଼ ହେଲେ ସାଙ୍ଗ ସାଥୀ, ଗ୍ରାମର ସମ୍ବନ୍ଧ ଅନୁଭବ କରୁ କିନ୍ତୁ ସମଗ୍ର ଜଗତର ସମ୍ବନ୍ଧ ଅନୁଭବ ଆଣିପାରୁ ନାହିଁ। ସେଥିପାଇଁ ଯେଉଁଠାରେ ସମ୍ବନ୍ଧ ଜ୍ଞାନ ଥାଏ ସେଠାରେ ମୋହ ସୃଷ୍ଟି ହୁଏ। ଜଣେ ଅଚିହ୍ନା ଅଜଣା ଲୋକର ମୃତ୍ୟୁରେ ଦୁଃଖ ହୁଏ ନାହିଁ କିନ୍ତୁ ଜଣେ ଅତି ଘନିଷ୍ଠ ବ୍ୟକ୍ତିର ମୃତ୍ୟୁ ଶୋକାତୁର କରି ପକାଏ। ଅଖଣ୍ଡ ଚୈତନ୍ୟ ଯେ ମୂଳ, ଏହି ଧାରଣା ନଥିବାରୁ ଜୀବ ତାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିପାରେ ନାହିଁ ତେଣୁ ପ୍ରାଥମିକ ଅବସ୍ଥାରେ ତାଙ୍କ ଆକର୍ଷଣ ଅନୁଭବ କରିପାରେ ନାହିଁ। ପୂର୍ବ ପୂର୍ବ ଜନ୍ମର ସମ୍ପର୍କ ମଧ୍ୟ ଏହି ମିଥ୍ୟା ସମ୍ପର୍କକୁ ପରିପୁଷ୍ଟ କରେ।

କିନ୍ତୁ ପ୍ରକାରାନ୍ତରେ ଜୀବ ସୁଖ ପାଇଁ କାଙ୍ଗାଳ କାରଣ ସେ ଯେ ସଚ୍ଚିଦାନନ୍ଦଙ୍କର ଅଂଶ। ଚିରଦିନ ପାଇଁ ନିରବଚ୍ଛିନ୍ନ ସୁଖ ସମସ୍ତ ଜୀବଙ୍କର କାମନା। ଶ୍ରୀଶ୍ରୀଠାକୁର ପୁଣି କହିଛନ୍ତି, "ଯେ ଭଗବାନଙ୍କୁ ମାନନ୍ତି ନାହିଁ, କିନ୍ତୁ ସୁଖ ଚାହାନ୍ତି, ଆଉ ଯେଉଁମାନେ ସୁଖ ଚାହାନ୍ତି ନାହିଁ କିନ୍ତୁ ଭଗବାନଙ୍କୁ ପାଇବା ପାଇଁ ବ୍ୟାକୁଳ, ସେମାନେ ଉଭୟେ ପ୍ରକାରାନ୍ତରେ ଗୋଟିଏ ବସ୍ତୁର ପ୍ରାର୍ଥୀ। କାରଣ ସୁଖ ସ୍ୱରୂପ ଭଗବାନଙ୍କ ବ୍ୟତୀତ ସୁଖ ଅନ୍ୟ କେଉଁଠାରେ ନାହିଁ।"

ନିଜ ପିତାଙ୍କ କୋଳରେ ବସିବାର ସୁଖ ଚାହିଁଥିଲେ ବାଳକ ଧ୍ରୁବ। ମାତା ସୁରୁଚିଙ୍କ କଠୋର ବ୍ୟବହାର ଏବଂ ତିରସ୍କାର ପୂର୍ଣ୍ଣ କଥା ଶୁଣି ଭଗବାନ ବିଷ୍ଣୁଙ୍କ ତପସ୍ୟା କରିବା ପାଇଁ ମାତ୍ର ପାଞ୍ଚ ବର୍ଷ ବୟସରେ ଜଙ୍ଗଲକୁ ଚାଲି ଯାଇଥିଲେ। ସେଠାରେ କଠୋର ତପସ୍ୟା କରି, ତପସ୍ୟାର ଫଳ ସ୍ୱରୂପ ପରମପିତାଙ୍କ କରୁଣା ଓ କୋଳ ପାଇଥିଲେ।

ଅଖଣ୍ଡ ଚୈତନ୍ୟ ମଧ୍ୟ ଖଣ୍ଡ ବିରହରେ ଅନୁକମ୍ପିତ ହୁଅନ୍ତି । ଖଣ୍ଡକୁ ପୁନଃ ପୁନଃ ବଂଶୀଧ୍ୱନି ଦ୍ୱାରା ନିଜ ଆଡ଼କୁ ଲକ୍ଷ୍ୟ କରାଇବା ପାଇଁ ଚେଷ୍ଟା କରନ୍ତି । ଶୁଦ୍ଧ ଚିତ୍ତ ଭକ୍ତଙ୍କ ପାଇଁ ଏହି ଧ୍ୱନି ଏତେ ମଧୁର ଥାଏ ଯେ, ସବୁକିଛି ତ୍ୟାଗକରି ଇଷ୍ଟଙ୍କ ସହିତ ମିଳିତ ହେବାପାଇଁ ସେ ବ୍ୟଗ୍ର ହୋଇଯାନ୍ତି । ଆଉ ଯେଉଁମାନେ ଏ ମଧୁର ବଂଶୀଧ୍ୱନି ଶୁଣି ମଧ୍ୟ ବୁଝିପାରନ୍ତି ନାହିଁ, ସେମାନେ ଅନେକ ଘାତ ପ୍ରତିଘାତ ସହ୍ୟ କରି ନିଜର କାମନା ବାସନାକୁ ସଫା କରନ୍ତି ଏବଂ କର୍ମକୁ ନିଷ୍କାମ କର୍ମରେ ପରିଣତ କରିବା ପରେ ଅଖଣ୍ଡଙ୍କ ପ୍ରେମ ଆକର୍ଷଣ କରନ୍ତି । ଜନ୍ମ ଜନ୍ମାନ୍ତରର ସଞ୍ଚିତ କାମନା ବାସନା ଜୀବକୁ ନୂତନ କର୍ମର ପ୍ରେରଣା ଦିଏ । ନୂତନ କର୍ମ କରିବା ଦ୍ୱାରା ପୁଣି କର୍ମଫଳ ସୃଷ୍ଟି ହୁଏ । ଏଇଥିପାଇଁ ଜୀବର ଜନ୍ମ ମୃତ୍ୟୁ ଚକ୍ର ଚାଲିଥାଏ । ଜଗତରେ ଯେଉଁ ଦୁଃଖାଦି ମିଳେ ତାହା ଜୀବକୁ ଜଗତରୁ ଫେରାଇ ଈଶ୍ୱରଚୈତନ୍ୟ ଉଦୟ କରିବାର ଏକ ଉପାୟ । ଜୀବକୁ କଠୋର ଅଗ୍ନିପରୀକ୍ଷାରେ ପକାଇ ସେ ଦୃଢିଷ୍ଠ ଓ ବଳିଷ୍ଠ କରିନିଅନ୍ତି । ଭାରତୀୟ ଇତିହାସରେ ଏହାର ଅନେକ ଦୃଷ୍ଟାନ୍ତ ଅଛି ।

ମହାରାଷ୍ଟ୍ରର ପରମ ଭକ୍ତା ସଖୁ ବାଇ ବିବାହ କରି ଏମିତି ଏକ ପରିବାରକୁ ଯାଇଥିଲେ ଯେଉଁଠି ଶାଶୁ, ଶଶୁର, ସ୍ୱାମୀ ସମସ୍ତେ ଖୁବ କ୍ରୂର ସ୍ୱଭାବର ଥିଲେ । ପ୍ରତି ପଦକ୍ଷେପରେ ତାଙ୍କୁ ଅତ୍ୟାଚାର କରୁଥିଲେ । ଯେତେ କଷ୍ଟ ସହିବାକୁ ପଡ଼ିଲେ ମଧ୍ୟ ସଖୁ ବାଇ କୌଣସି ପରିସ୍ଥିତିରେ ଭଗବାନଙ୍କ ନାମ ନେବା, ଭଗବାନଙ୍କୁ ସ୍ମରଣ କରିବା ଭୁଲୁନଥିଲେ । ଥରେ ଗ୍ରାମର କୀର୍ତ୍ତନ ମଣ୍ଡଳୀକୁ ଦେଖି ତାଙ୍କର ବିଠଲଙ୍କ ପାଖକୁ ଯିବାକୁ ମନ ଏତେ ବ୍ୟାକୁଳ ହେଲା ଯେ, ଭଗବାନ ନିଜେ ତାଙ୍କୁ ବିଠଲଙ୍କ ପାଖକୁ ଯିବାର ସୁଯୋଗ ଦେଇ ନିଜେ ସଖୁ ବାଇଙ୍କ ବେଶ ଧରି ତାଙ୍କ ଘରେ ପନ୍ଦର ଦିନ ବନ୍ଧା ହୋଇ ରହିଥିଲେ ଏବଂ ତାଙ୍କ ପରିବାରର ସେବା କରି ସେମାନଙ୍କ ମନ ବଦଳାଇବାକୁ ଚେଷ୍ଟା କରିଥିଲେ । ଏମିତି ଭକ୍ତି ଭଗବାନଙ୍କ ପ୍ରେମ ।

ଅଖଣ୍ଡ ଚୈତନ୍ୟ ନିର୍ଗୁଣ ଅବସ୍ଥାରେ ଲୀଳା ଆସ୍ୱାଦନ କରି ପାରନ୍ତି ନାହିଁ ବୋଲି ନିଜକୁ ବହୁ ରୂପରେ ପ୍ରକାଶ କରି ଲୀଳା ଉପଭୋଗ କରନ୍ତି ପୁଣି ସଂସାର ଜ୍ୱାଳାରେ ଜୀବ କଷ୍ଟ ପାଉଥିବାର ଦେଖିଲେ ବହୁ ପାଇଁ ଏକ କାନ୍ଦେ ଏବଂ ପରମାତ୍ମାଙ୍କ ସହିତ ମିଳିତ ହେବା ଏକ ପାଇଁ ବହୁ କାନ୍ଦେ । ସଗୁଣ ଲୀଳାରେ ଭକ୍ତକୁ ହସେଇ କନ୍ଦେଇ ଉତ୍ତେଜିତ କରେଇ କେତେ ଲୀଳା ସେ ଉପଭୋଗ କରନ୍ତି ଓ ଭକ୍ତକୁ ନିଜ ଆଡ଼କୁ ଆକର୍ଷିତ କରି ପ୍ରେମ ଡୋରିରେ ବାନ୍ଧି ରଖନ୍ତି । ସେ ଡୋରି ବାନ୍ଧି ସମ୍ବନ୍ଧ ସ୍ଥାପନ କରିଦେଲେ ଆଉ ସେ ଡୋରି ଛିଡ଼ିବାର ଆଶଙ୍କା ନାହିଁ । ଏହା ତାଙ୍କର ଅଖଣ୍ଡ ପ୍ରେମ ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ ପ୍ରିୟମ୍ବଦା ହୋତା**

ମୁମ୍ବାଇ ଶାଖାସଂଘ


ପାପକୁ ଘୃଣା କର, କିନ୍ତୁ ପାପୀକୁ ଘୃଣା ନ କରି ତା' ପ୍ରତି ସହୃଦୟ ହୁଅ । ତାକୁ ଉନ୍ନତି ପଥରେ ଅଗ୍ରସର କରାଇଦିଅ । କାରଣ, କେବଳ ମନୁଷ୍ୟର କର୍ମ ହିଁ ଅଶୁଚି ହୁଏ, ମନୁଷ୍ୟ ହୁଏ ନାହିଁ । ମନୁଷ୍ୟ ଭିତରେ ଯେଉଁ ପଶୁ ଅଛି କେବଳ ତାହାରି ଅନ୍ୟାୟ ହୁଏ ।

ବସ୍ ! ଭଗବାନ ସର୍ବତ୍ର ବିଦ୍ୟମାନ । ତାଙ୍କୁ ଡାକି ପାରିଲେ ସବୁଠାରେ ତାଙ୍କର ପ୍ରକାଶ ହୋଇଥାଏ । ସେପରି ନ ହେଲେ ସାରା ଜଗତ ଘୂରି ବୁଲିଲେ ମଧ୍ୟ କୌଣସି ଫଳ ମିଳେ ନାହିଁ । ସଂସାରର କର୍ତ୍ତବ୍ୟ ଯଥାଯଥ ଭାବରେ କରିଯାଅ । ସତ୍ୟନିଷ୍ଠ ହୁଅ । ତାହାହେଲେ ଘରେ ବସି ସବୁ ପାଇ ପାରିବ ।

ଈଶ୍ୱର ଅନାଦି ଓ ଅନନ୍ତ – ସେ ସର୍ବଭୂତରେ ଅଛନ୍ତି ସତ, କିନ୍ତୁ ତୀର୍ଥାଦି ସ୍ଥାନରେ ତାଙ୍କର ବିଶେଷ ପ୍ରକାଶ ଦେଖାଯାଇଥାଏ । ସେ କୌଣସି କୌଣସି ସ୍ଥାନରେ ସ୍ଥୂଳ ଭାବରେ ପ୍ରକାଶିତ ହୋଇ ଲୀଳାବିଳାସ କରିଥାନ୍ତି । ତାଙ୍କର ମହିମାମୟୀ ଶକ୍ତି ପ୍ରଭାବରେ ସେହି ସବୁ ଲୀଳାସ୍ଥାନ ପବିତ୍ର ଏବଂ ଏବଂ ମହାଶକ୍ତିଶାଳୀ ହୋଇଅଛି । ତେଣୁ ଯେକୌଣସି ସାଧକ ବା ତତ୍ତ୍ୱଜ୍ଞାନୀଙ୍କ ପକ୍ଷରେ ଏହିସବୁ ତୀର୍ଥ ଅଶେଷ କଲ୍ୟାଣକର । ଏହି ପବିତ୍ର ସ୍ଥାନରେ ପ୍ରତ୍ୟେକ ଅଣୁପରମାଣୁ ଭଗବତ୍ ଚରଣସ୍ପର୍ଶରେ ବିଶୁଦ୍ଧ ହୋଇ ତୀର୍ଥରେ ପରିଣତ ହୋଇଅଛି । ଏହିସବୁ ସ୍ଥାନ ଦର୍ଶନ ଓ ସ୍ପର୍ଶ କରି ମନୁଷ୍ୟ ପାପମୁକ୍ତ ହୁଏ । **– ଶ୍ରୀଶ୍ରୀଠାକୁର**

# ଆଦର୍ଶ ଗୃହସ୍ଥ ଗଠନରେ କୁମାରୀମାନଙ୍କ ଭୂମିକା

ଶ୍ରୀଶ୍ରୀଠାକୁର ତାଙ୍କ ଜନ୍ମଦିନ ୧୯୩୪ ମସିହାରେ ନୀଳାଚଳ ସାରସ୍ୱତ ସଂଘ ଗଠନ କଲେ ଏବଂ ଉତ୍କଳୀୟ ଭକ୍ତମାନଙ୍କୁ କହିଲେ, ତୁମେମାନେ ଆଦର୍ଶ ଗୃହସ୍ଥ ଜୀବନଯାପନ କର, ସଂଘଶକ୍ତିର ପ୍ରତିଷ୍ଠା କର ଏବଂ ପରସ୍ପର ମଧ୍ୟରେ ଭାବ ବିନିମୟ କର। ଏହି ଆଦର୍ଶ ଗୃହସ୍ଥ ଜୀବନ କେବଳ ଭାଇମାନଙ୍କୁ ବା କେବଳ ମାଆମାନଙ୍କୁ ନେଇ ସମ୍ଭବ ନୁହେଁ। ଯେତେବେଳେ ଆଦର୍ଶ ଗୃହସ୍ଥ ଜୀବନ ଗଠନ କହୁ, ଏହା ଉଭୟ ଭାଇ ଓ ମା'ମାନଙ୍କୁ ନେଇ ଗଠିତ। ଆଦର୍ଶ ଜୀବନ ପାଇଁ ବର୍ଣ୍ଣାଶ୍ରମ ଧର୍ମାନୁଯାୟୀ ଭାଇ ଯେପରି ବ୍ରହ୍ମଚର୍ଯ୍ୟ ବ୍ରତ ରକ୍ଷା କରି, ସ୍ୱାବଲମ୍ବନଶୀଳ ହେବା ପାଇଁ ଓ ସାଧନୋପଯୋଗୀ ଆଦେଶ ଉପଦେଶ ଗୁରୁଙ୍କ ନିକଟରୁ ଶିକ୍ଷା କରି ନିଜକୁ ପ୍ରସ୍ତୁତ କରିବେ, ସେହିପରି ମାଆ ଜଣେ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପୂର୍ବରୁ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବେ। ଏହି ପ୍ରସ୍ତୁତି ତା'ର ଗୃହସ୍ଥ ଧର୍ମ ପାଳନ ପାଇଁ ଓ ଗୃହସ୍ଥ ଜୀବନରେ ସଫଳତା ପାଇବା ପାଇଁ ମାଆ ଜଣଙ୍କୁ ସାହାଯ୍ୟ କରିଥାଏ। ଆଜି ଆମେ ବୈଷୟିକ ବିଷୟରେ ଅନେକ ଶିକ୍ଷାଲାଭ କରୁଛୁ ଏବଂ କିପରି ଜଣେ ଭଲ କର୍ମଚାରୀ ହୋଇ ଚାକିରି କ୍ଷେତ୍ରରେ ଉନ୍ନତି କରିବୁ ସେଥିପାଇଁ କନ୍ୟାମାନଙ୍କୁ ପ୍ରସ୍ତୁତ କରୁଛୁ। କିନ୍ତୁ ଯେତେବେଳେ ଆଦର୍ଶ ଗୃହସ୍ଥ ଜୀବନ ଗଠନ ପାଇଁ ପ୍ରସ୍ତୁତି କଥା ଆସୁଛି, କେବଳ ପାରିବାରିକ ଓ ସଂଘସ୍ତରରେ କୁମାରୀ କନ୍ୟାମାନଙ୍କ ପ୍ରସ୍ତୁତି ଘରକରଣା ଓ ରୋଷେଇରେ ସୀମାବଦ୍ଧ ରହୁଛି। କେତେକ ପରିବାରରେ ସେତିକି ମଧ୍ୟ ଶିକ୍ଷା ଦିଆଯାଉନାହିଁ। ବିଦ୍ୟାଳୟମାନଙ୍କରେ ବୈଷୟିକ ଶିକ୍ଷା ବ୍ୟତୀତ ପରମାର୍ଥିକ ଶିକ୍ଷାର କୌଣସି ସୁଯୋଗ ହେଉନାହିଁ। ସାମ୍ପ୍ରତିକ ସମୟରେ ବିଶ୍ୱରେ ଯେତେବେଳେ ସାମାଜିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇ ଚାଲିଛି, ସେତେବେଳେ ଆମ କୁମାର ଓ କୁମାରୀମାନଙ୍କୁ ବୈଷୟିକ, ବ୍ୟବହାରିକ ଓ ମାନସିକ ସ୍ତରରେ ଆଦର୍ଶ ଗୃହସ୍ଥ ଜୀବନ ଗଠନ ପାଇଁ ପ୍ରସ୍ତୁତ ନ କଲେ ଠାକୁରଙ୍କ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା କଠିନ ହୋଇଯିବ। ଏହି ପ୍ରସ୍ତୁତି ଅଭାବରେ ଅନେକ ସମୟରେ ଦେଖାଯାଉଛି ଯେ ଗୃହସ୍ଥ ଜୀବନରେ ଭକ୍ତି, ସେବା, ପରୋପକାର, ପରିବାରରେ ଅନ୍ୟମାନଙ୍କ ସହିତ ମିଳିମିଶି ଚଳିବା ବଦଳରେ ମାଆମାନଙ୍କ ମଧ୍ୟରେ ନିଜକୁ ଓ ସ୍ୱାମୀଙ୍କୁ ନେଇ ଅନ୍ୟମାନଙ୍କ ଠାରୁ ଦୂରେଇ ରହିବାର ପ୍ରବୃତ୍ତି ଦେଖାଯାଉଛି। ଭାରତରେ ଓ ପାଶ୍ଚାତ୍ୟର ଅନେକ ଦେଶରେ ଛାଡ଼ପତ୍ରର ମାତ୍ରା ବଢ଼ିବାରେ ଲାଗିଛି। ଏହାର ମୂଳ କାରଣ ହେଉଛି ଆମେ ଯେପରି ଅନ୍ୟର ସଂସ୍କୃତି, ପାରିବାରିକ ବ୍ୟବସ୍ଥା ଆଦି ଗ୍ରହଣ କରିପାରୁନାହୁଁ, ଅନ୍ୟମାନେ ସେହିପରି ଆମର ପାରିବାରିକ ଅବସ୍ଥା, ଚଳଣି ଆଦି ଗ୍ରହଣ କରି ପାରୁନାହାନ୍ତି। ଏକ ଆଦର୍ଶ ସମାଜ ଗଠନ ପାଇଁ କୁମାରୀ ଜୀବନରେ ଆଦର୍ଶ ଗୃହସ୍ଥ ଜୀବନ ଗଠନ ପାଇଁ ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତି ଅପରିହାର୍ଯ୍ୟ ହୋଇ ପଡ଼ିଛି।

କୁମାରୀ ଜୀବନରେ ଶୃଙ୍ଖଳା ଓ ସଂଯମ ଭବିଷ୍ୟତର ଗୃହସ୍ଥ ଜୀବନର ଦାୟିତ୍ୱ ନିର୍ବାହ କରିବାରେ ସାହାଯ୍ୟ କରେ। ବିଳାସିତା ବର୍ଜନ ବ୍ରହ୍ମଚର୍ଯ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ। ଝିଅମାନେ ନିଜକୁ ଅନେକ ସୁନ୍ଦର ବେଶପୋଷାକ ଓ ଆଭୂଷଣରେ ସଜାଇ ହେବାକୁ ଇଚ୍ଛା କରନ୍ତି ଏବଂ ସାମାଜିକ ସ୍ତରରେ ଏହା ଏକ ଆନନ୍ଦଦାୟକ ପରିବେଶ ସୃଷ୍ଟି କରିଥାଏ। ଯେକୌଣସି ପର୍ବପର୍ବାଣିରେ ନୂଆ ଲୁଗା ପିନ୍ଧି ନିଜକୁ ସଜାଇବା ଭାରତୀୟ ପରମ୍ପରାର ଏକ ଅପରିହାର୍ଯ୍ୟ ଅଙ୍ଗ। କିନ୍ତୁ ସାମ୍ପ୍ରତିକ ପରିବେଶରେ ଦେଖାଯାଉଛି ଯେ ଝିଅମାନଙ୍କର ରୁଚି ପ୍ରାୟତଃ ପାଶ୍ଚାତ୍ୟ ପୋଷାକ ପ୍ରତି ଅଧିକ ରହିବା ସଙ୍ଗେ ସଙ୍ଗେ ଅଶାଳୀନତା ଓ ଅଶ୍ଳୀଳତା ଆଡ଼କୁ ଗତି କରୁଛି। ପୁଣି ପାଶ୍ଚାତ୍ୟ ପୋଷାକରେ ସଜାଇ ହେବାକୁ ସେମାନେ ଆଧୁନିକତା ବୋଲି ମନେ କରୁଛନ୍ତି। ଏଠାରେ କହିବା ଉଚିତ ମନେକରେ ଯେ ଆଧୁନିକତା କହିଲେ ଏକ ପ୍ରଗତିଶୀଳ, ବିକାଶଶୀଳ ମନୋଭାବ, ଯାହାର ପୋଷାକ ପରିଚ୍ଛଦ ସହିତ କୌଣସି ସମ୍ପର୍କ ନାହିଁ। ଏ ବିଷୟରେ କୁମାରୀ ସମୟରୁ ହିଁ ଶିକ୍ଷା ଦିଆଯିବା ଏବଂ ସଚେତନତା ଆଣିବାର ଆବଶ୍ୟକତା ରହିଛି। ଝିଅମାନଙ୍କ କେବଳ ବେଶଭୂଷା ସଂଯତ ହେଲେ ମଧ୍ୟ ସମାଜରେ ଅପରାଧର ମାତ୍ରା ଅନେକ ପରିମାଣରେ କମିଯିବ। ଆମ ଝିଅମାନେ ଆଗାମୀକାଲି ବିବାହ କରି ଗୃହସ୍ଥ ଏବଂ ଠାକୁରଙ୍କ ଆଦର୍ଶାନୁଯାୟୀ ଆଦର୍ଶ ଗୃହସ୍ଥ ହେବା ଆମର ଲକ୍ଷ୍ୟ ରହୁଛି। ଆମେ ନିଜେ ନିଜର ଗୌରବ ରକ୍ଷା କରି ନ ପାରିଲେ ପୋଲିସ ବା ପ୍ରଶାସନକୁ ବା ସାମାଜିକ ପରିସ୍ଥିତିକୁ ଦୋଷ ଦେଇ ମୂଲ୍ୟ କ'ଣ ? ଠାକୁରଙ୍କ ଲକ୍ଷ୍ୟ ସନାତନ ଧର୍ମର ପ୍ରସାରରେ ଆମେ ସହାୟକ ହେବାକୁ ଚାହୁଁଛୁ। ସନାତନ ଧର୍ମର ଏକ ମୁଖ୍ୟ ଅଙ୍ଗ ହେଉଛି ଭାରତୀୟ ସଂସ୍କୃତି ଓ ପରମ୍ପରା। ଏହି ସଂସ୍କୃତି ଓ ପରମ୍ପରା ଧରି ରଖିବାକୁ ହେଲେ ଆମ ପୋଷାକ ପରିଚ୍ଛଦ, ପାରମ୍ପରିକ ଖାଦ୍ୟ, ଚଳଣି ଓ ବ୍ୟବହାର ପ୍ରତି ଝିଅମାନଙ୍କ ମନରେ ସମ୍ମାନ, ଭଲ ପାଇବା ଓ ତଦନୁରୂପ ରୁଚିବୋଧ ରହିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ ପ୍ରଣିଧାନଯୋଗ୍ୟ – "ବର୍ତ୍ତମାନ ସମୟଟା ବିରୋଧର ଯୁଗ। ପରିବାରରେ, ସମାଜରେ, ଦେଶରେ, ରାଷ୍ଟ୍ରରେ, ସାହିତ୍ୟ କ୍ଷେତ୍ରରେ ସର୍ବତ୍ର ବିରୋଧ। ତୁମେମାନେ ଯିଏ ଯେଉଁ ସମାଜରେ ଅଛ, ସେଥିରେ ହିଁ ରହ। ପ୍ରଚଳିତ ସଂସ୍କାରରେ ନିଜକୁ ଭସାଇ ଦିଅ ନାହିଁ। ତୁମେମାନେ ପ୍ରାଚୀନପନ୍ଥୀ ହୋଇ ଚଳ ଅର୍ଥାତ୍ ସର୍ବଦା ନିରପେକ୍ଷ ରୁହ। କାହାରି ସଙ୍ଗରେ ବିରୋଧ କର ନାହିଁ। ଜଗତରେ ସତ୍ୟକୁ ଅବଲମ୍ବନ

କରି ଅଛନ୍ତି ବହୁତ କଷ୍ଟ ସମସ୍ତେ ସହ୍ୟ କରିଛନ୍ତି। ଧର୍ମର ଭିତ୍ତି ଠିକ୍ ରଖି ଅଧିକାଂଶଙ୍କ ପଥରେ ଚଳିବାକୁ ହେବ। ମୁଁ ଯେଉଁ ଭାବ ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛି, ସମାଜ ତାହାର ବିରୋଧୀ। ଆଦର୍ଶ ଗୃହସ୍ଥ ଜୀବନ ପ୍ରତିଷ୍ଠା ହିଁ ମୋର ମୁଖ୍ୟ ଉଦ୍ଦେଶ୍ୟ।"

ଅନ୍ୟ ଏକ ଦୃଷ୍ଟିରୁ ଦେଖିଲେ ମଣିଷ ସମାଜର ଲୋଭ ହିଁ ଆଜି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଲୋଭରୁ ଉଦ୍ୟୋଗୀକରଣରେ ବୃଦ୍ଧି ହେଉଛି ଏବଂ ସେଥିରୁ କଳକାରଖାନା ତିଆରି ହୋଇ ପରିବେଶ ପ୍ରଦୂଷଣ କରୁଛି। ଏ ଦିଗରେ ସମସ୍ତେ ଲକ୍ଷ୍ୟ ଦେବାର ଆବଶ୍ୟକତା ରହିଛି।

ଏକ ଆଦର୍ଶ ଗୃହସ୍ଥ ଜୀବନରେ ସାତ୍ତ୍ୱିକ ଆହାରର ଯଥେଷ୍ଟ ଭୂମିକା ରହିଛି। ଏହି ସାତ୍ତ୍ୱିକ ଖାଦ୍ୟ କେବଳ ନିରାମିଷ ବା ବିନା ପିଆଜ ରସୁଣରେ ପ୍ରସ୍ତୁତ ହେଲେ ଚଳିବ ନାହିଁ, ଏଥିରେ ଯଥେଷ୍ଟ ପରିମାଣରେ ପୋଷକତତ୍ତ୍ୱ ଓ ପବିତ୍ରତା ଥିବା ଦରକାର। ଏହା ପବିତ୍ର ଭାବରେ ସଂଗ୍ରହ କରାଯାଇଥିବାର ମଧ୍ୟ ଆବଶ୍ୟକତା ରହିଛି। ଏହି ସାତ୍ତ୍ୱିକ ଖାଦ୍ୟ ସଂଗ୍ରହ ଓ ପ୍ରସ୍ତୁତ କରିବା ପାଇଁ ଯେଉଁ ଶିକ୍ଷାର ଆବଶ୍ୟକତା ରହିଛି, ତାହା ବିବାହ ପୂର୍ବରୁ ମାଆ ବା ଅନ୍ୟ ଗୁରୁଜନ ମାଆମାନଙ୍କ ସହିତ ମିଶି ଶିକ୍ଷା କରିବାକୁ ହେବ। ସାତ୍ତ୍ୱିକ ଆହାର ହିଁ ସାତ୍ତ୍ୱିକ ଅନ୍ତଃକରଣକୁ ଜନ୍ମ ଦେଇଥାଏ, ସାତ୍ତ୍ୱିକ ଅନ୍ତଃକରଣ - ସାତ୍ତ୍ୱିକ ଭାବ ଯଥା ଭକ୍ତି, ବିଶ୍ୱାସ, ଶ୍ରଦ୍ଧା, ଦୟା, କରୁଣା ଆଦିକୁ ଜନ୍ମ ଦେଇଥାଏ। ଏତଦ୍‌ବ୍ୟତୀତ ବିଦ୍ୟାର୍ଜ୍ଜନ ଓ ଜୀବିକାର୍ଜ୍ଜନ ପାଇଁ ଘରୁ ଦୂରରେ ରହୁଥିବା ଝିଅମାନେ ନିଜର ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବାର ବ୍ୟବସ୍ଥା କରିପାରିଲେ ତଦ୍ୱାରା ଭବିଷ୍ୟତରେ ଉପକୃତ ହେବ। ବାହାରୁ କିଣି ଅସ୍ୱାସ୍ଥ୍ୟକର ରାଜସିକ ଓ ତାମସିକ ଖାଦ୍ୟ ଗ୍ରହଣ କରିବାକୁ ହେବ ନାହିଁ। ଏ ସମ୍ପର୍କରେ ମଧ୍ୟ କନ୍ୟା ଓ ତା'ର ପିତାମାତାଙ୍କୁ ସଚେତନ ରହିବାର ଆବଶ୍ୟକତା ଅଛି।

ଆଜିର କନ୍ୟା କାଲିର ଜାୟା ଓ ଜନନୀ। ଆଦର୍ଶ ଗୃହସ୍ଥ ଜୀବନରେ ଜଣେ ଆଦର୍ଶ ଜନନୀର ଭୂମିକା ଅନନ୍ୟ। ଶ୍ରୀଶ୍ରୀଠାକୁର କହିଛନ୍ତି, "ତୁମେମାନେ ଆଦର୍ଶ ଗୃହସ୍ଥ ହେଲେ ପୁଣି ତୁମ ଘରେ ବ୍ୟାସ, ବଶିଷ୍ଠ, ଜୈମିନି, ପାତଞ୍ଜଳି ଜନ୍ମଗ୍ରହଣ କରିବେ। ଋଷିମାନେ ତ ଗୃହସ୍ଥଙ୍କ ସନ୍ତାନ!" ବୀଜରୁ ବୃକ୍ଷ ହୁଏ। ବୀଜରେ ଦୋଷ ରହିଲେ ବୃକ୍ଷ ମଧ୍ୟ ଦୋଷଯୁକ୍ତ ହୋଇଯିବ। ସନ୍ତାନଙ୍କୁ ଗର୍ଭରେ ଧାରଣ କରିବା ବେଳେ ପବିତ୍ର ଚିନ୍ତାଧାରା ରଖିବା, ଶିଶୁ ବୟସରୁ ହିଁ ସନ୍ତାନଙ୍କୁ ଠାକୁର ଅଭିମୁଖୀକରି ଗଠନ କରିବା, ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ସହିତ ସେମାନେ ଯେପରି ଠାକୁରଙ୍କ ଭାବଧାରାର ଧାରକ ଓ ବାହକ ହୋଇ ଭବିଷ୍ୟତରେ ଠାକୁରଙ୍କ ସେବକ ସେବିକା ହୋଇପାରିବେ, ସେଥିପାଇଁ ସେମାନଙ୍କୁ ଶିକ୍ଷା ଦେବାର କର୍ତ୍ତବ୍ୟ ଜଣେ ମାଆକୁ ହିଁ କରିବାକୁ ହେବ। ନିଜେ ଠାକୁର ଅଭିମୁଖୀ ହୋଇ ପବିତ୍ର ଭାବନା ଓ ସତ୍ ଚିନ୍ତାଧାରା ରଖି ସନ୍ତାନଙ୍କୁ ପାଳନ କରିବାକୁ ହେବ। ଭାରତର ପ୍ରାତଃସ୍ମରଣୀୟା ମାଆମାନଙ୍କ ମଧ୍ୟରୁ ରାଣୀ ମଦାଳସା ଓ ରାଣୀ ମୟନାମତୀଙ୍କ ନାମ ଉଲ୍ଲେଖଯୋଗ୍ୟ। ମଦାଳସା ଛୋଟବେଳୁ ହିଁ ଗପ ଓ ନାନାବାୟା ଗୀତ ଛଳରେ ଶିକ୍ଷା ଦେଇ ତାଙ୍କ ପୁତ୍ରମାନଙ୍କୁ ନିବୃତ୍ତି ଅଭିମୁଖୀ କରିପାରିଥିଲେ। ରାଣୀ ମୟନାମତୀଙ୍କ ଶିକ୍ଷା ଓ ପ୍ରେରଣା ଯୋଗୁ ପୁତ୍ର ଗୋବିନ୍ଦଚନ୍ଦ୍ର ନାଥ ସମ୍ପ୍ରଦାୟର ବିଖ୍ୟାତ ଯୋଗୀ ହୋଇ ନାଥ ସମ୍ପ୍ରଦାୟର ସୁରକ୍ଷା ଓ ପ୍ରସାର ପାଇଁ କାର୍ଯ୍ୟ କରିଥିଲେ। ବିବାହ ପରେ କିପରି ସନ୍ତାନ ପାଳନ କରିବାକୁ ହେବ ଓ ତା'କୁ ସଂସ୍କାର ଦେବାକୁ ହେବ, ସେଥିପାଇଁ କୁମାରୀ ବୟସରୁ ଶିକ୍ଷାର ଆବଶ୍ୟକତା ଅଛି ଏବଂ ଏ ଦିଗରେ ମଧ୍ୟ ପିତାମାତାଙ୍କୁ ସାମାନ୍ୟ ସଚେତନ ହେବାକୁ ପଡ଼ିବ।

ଆଜି ସମ୍ମିଳନୀ ଏବଂ ସଂଘ ସ୍ତରରେ ଆଦର୍ଶ ଗୃହସ୍ଥ ଜୀବନ ଗଠନର ଆଲୋଚନା କେବଳ ଭାଇମାନଙ୍କ ମଧ୍ୟରେ ସୀମାବଦ୍ଧ ରହୁଛି। କିନ୍ତୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ ଆଦର୍ଶ ଗୃହସ୍ଥ ଜୀବନ କେବଳ ଭାଇମାନଙ୍କୁ ନେଇ ପୂର୍ଣ୍ଣାଙ୍ଗ ହୁଏ ନାହିଁ। ବିଶେଷତଃ ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ଝିଅ ଶିକ୍ଷାୟତନରୁ ବିଦ୍ୟାର୍ଜ୍ଜନ ଶେଷ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦିଗରେ ଅଗ୍ରସର ହେଉଛନ୍ତି। ଆମର ଜାତୀୟ ଓ ଅର୍ଥନୈତିକ ଉନ୍ନତିକୁ ଦୃଷ୍ଟିରେ ରଖିଲେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଝିଅମାନେ ସ୍ୱାବଲମ୍ବୀ ଓ ସ୍ୱତନ୍ତ୍ର ମନୋଭାବର ହେଲେ ଠାକୁରଙ୍କ ବିଭିନ୍ନ ସେବାରେ ସେମାନଙ୍କ ଠାରୁ ଅଧିକ ସାହାଯ୍ୟ ମିଳିପାରିବା ସମ୍ଭବ ହେବ, କିନ୍ତୁ ଏହା ସହିତ ଏକ ଉନ୍ନତ ସମାଜ ଗଠନ ଦିଗରେ ଗୃହସ୍ଥ ଜୀବନର ଉପରୋକ୍ତ ସେବାଗୁଡ଼ିକ ସମ୍ପାଦନ କରିବାରେ ଯେକୌଣସି ପରିବାରରେ ନାରୀମାନଙ୍କର ହିଁ ପ୍ରାଧାନ୍ୟ ରହିଛି। କନ୍ୟାଟିଏ ଆଦର୍ଶ ହେଲେ ନିଜ ପରିବାରରେ ଠାକୁରଙ୍କ ଆଦର୍ଶ ଓ ଭାବଧାରା ରକ୍ଷା କରିବା ସହିତ ଆଗାମୀ ପିଢ଼ି ପାଇଁ ସନାତନ ଧର୍ମର ଧାରକ ଓ ବାହକମାନଙ୍କୁ ପ୍ରସ୍ତୁତ କରିପାରିବ। ଆଜି ଆମେ ବ୍ୟାସ, ବଶିଷ୍ଠ, ଜୈମିନି, ପାତଞ୍ଜଳିଙ୍କ ପରି ଋଷିମାନଙ୍କୁ ଯେଉଁମାନଙ୍କ ନିକଟରୁ ପାଇବା, ସେମାନେ ନିଜେ ଠାକୁରଙ୍କ ଭାବଧାରାରେ ଅନୁପ୍ରାଣିତ ନ ହେଲେ, ସାଧନ ଶକ୍ତିସମ୍ପନ୍ନ ନ ହେଲେ ଏହା କିପରି ସମ୍ଭବ ହେବ ? ତେଣୁ ଏ ବିଷୟରେ ସମସ୍ତେ ସଚେତନ ହେବା ପାଇଁ ସବିନୟ ଅନୁରୋଧ ଓ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରି ରହୁଛି।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ ନିବେଦିତା ନାୟକ**

ସତ୍‌ଶିକ୍ଷା ମନ୍ଦିର ମହିଳା ସଂଘ

# ସଂଘରେ ଯୋଗଦାନର ସୁଫଳ

ସଂଘଶକ୍ତି କଳୌଯୁଗେ।

ସୃଷ୍ଟି ଆରମ୍ଭରୁ ସଂଘଶକ୍ତି କ୍ରିୟାଶୀଳ। ପୁରାଣରେ ଦେବତା ସଂଘ, ବୈଦିକ ଯୁଗରେ ଋଷି ସଂଘ। ତ୍ରେତୟା ଯୁଗରେ ବାନରମାନଙ୍କ ସଂଘ, ଦ୍ୱାପର ଯୁଗରେ ଗୋପୀମାନଙ୍କର ସଂଘ।

ସଂଘଶକ୍ତି ସମ୍ପର୍କରେ ଉଲ୍ଲେଖ କରି ଶ୍ରୀଶ୍ରୀଠାକୁର କହିଲେ, "ବିରୋଧର ଏକାନ୍ତ ପରିହାର ଏବଂ ପ୍ରାଣର ଐକାନ୍ତିକ ମିଳନ ହିଁ ସଂଘଶକ୍ତି। ସଂଘକୁ ସ୍ୱୟଂ ଶ୍ରୀଗୁରୁଦେବଙ୍କ ପରି ସମ୍ମାନ ଏବଂ ମର୍ଯ୍ୟାଦା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ କହିଲେ, 'ସଂଘ ହିଁ ମୋର ସ୍ୱରୂପ' ଏବଂ ନିର୍ଦ୍ଦେଶ ଦେଲେ, 'ଯାଅ, ତୁମେମାନେ ସଂଘ ଗଠନ କର। ତେବେ ଯାଇ ମୋତେ ପାଇବ। ମୁଁ ଅଯାଚିତ ଭାବରେ ସଂଘରେ ଉପସ୍ଥିତ ରହି ତୁମମାନଙ୍କର ମନୋବାଞ୍ଛା ପୂରଣ କରିବି।"

ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଶ୍ରୀଶ୍ରୀଠାକୁର ସଂଘଶକ୍ତି ଉପରେ ଏତେ ଜୋର୍ ଦେଇଛନ୍ତି, ସେହି ସଂଘ ଯାହା ତାଙ୍କର ସ୍ୱରୂପ ସତ୍ତା, ସେଥିରେ ଯୋଗଦେବାର ସୁଫଳ କ'ଣ ?

୧. ପ୍ରଥମତଃ ସଂଘ ଆମକୁ ଶ୍ରୀଶ୍ରୀଠାକୁରଙ୍କୁ ଏକମାତ୍ର ନିତ୍ୟବିଦ୍ୟମାନ ଉପାସ୍ୟ ସତ୍ତା ରୂପେ ବରଣ କରି ତାଙ୍କ ନିର୍ଦ୍ଦେଶିତ ପନ୍ଥାରେ ଚାଲିବାକୁ ଶିକ୍ଷାଦିଏ। ସ୍ୱାମୀ ସ୍ୱରୂପାନନ୍ଦ ତାଙ୍କର ଦିନଲିପିରେ ଲିପିବଦ୍ଧ କରିଛନ୍ତି ଯେ, "ଯେଉଁଠାରେ ଠାକୁର ଅଛନ୍ତି, ସେଠାରେ 'ମୁଁ' ନାହିଁ। ଯେଉଁଠାରେ 'ମୁଁ' ଅଛି, ସେଠାରେ ଠାକୁର ନାହାନ୍ତି।" ଏହାର ମର୍ମାର୍ଥ ହେଲା, ସମସ୍ତ ଗର୍ବ, ଅହଂକାର, ଅଭିମାନ, ହିଂସା, ଦ୍ୱେଷକୁ ବର୍ଜନ ପୂର୍ବକ ମାୟାରାଜ୍ୟକୁ ଅତିକ୍ରମ କରି 'ମୁଁ'ତ୍ୱର ସୀମାକୁ ପୂର୍ଣ୍ଣମାତ୍ରାରେ ଜଳାଞ୍ଜଳି ଦେଇ ଶ୍ରୀଶ୍ରୀଠାକୁରଙ୍କ ରାଜ୍ୟର ସୀମାକୁ ପ୍ରବେଶ କରିବାକୁ ଶିକ୍ଷା ଦିଏ।

୨. ସଂଘରେ ଯୋଗଦାନ ଦ୍ୱାରା ବର୍ହିମୁଖୀ ମନ ଅନ୍ତଃର୍ମୁଖୀରେ ପରିଣତ ହୁଏ। ସାଧାରଣତଃ ଆମମାନଙ୍କ ମନ ବର୍ହିମୁଖୀ ହୋଇଥିବାରୁ ଅପରର ଦୋଷତ୍ରୁଟି, ଦୁର୍ବଳତା, ଦୁର୍ଗୁଣ ଇତ୍ୟାଦି ପରିଲକ୍ଷିତ ହୋଇଥାଏ। କିନ୍ତୁ ଲକ୍ଷ୍ୟ କରାଯାଏ, ସଂଘରେ ଯୋଗଦାନ ଦ୍ୱାରା ଶ୍ରୀଶ୍ରୀଠାକୁରଙ୍କର ଅସାଧାରଣ ଶକ୍ତି ଭକ୍ତମାନଙ୍କ ମଧ୍ୟରେ ପ୍ରତିଫଳିତ ହୁଏ, ଯାହା ଚିତ୍ତଶୁଦ୍ଧି କରିବାରେ ସହାୟକ ହୁଏ। ଏହାଦ୍ୱାରା ଏପରିକି ଅଲକ୍ଷ୍ୟରେ ମଧ୍ୟ ସହିଷ୍ଣୁତା, ସହନଶୀଳତା ଓ ମାନିବାର ପ୍ରବୃତ୍ତି ବିକଶିତ ହୁଏ। ଅନ୍ୟର ଦୋଷତ୍ରୁଟି ପରିବର୍ତ୍ତେ ନିଜକୁ ପରିମାର୍ଜିତ ଓ ଶୁଦ୍ଧ କରିବାର ଇଚ୍ଛା ବଳୀୟାନ ହୋଇଥାଏ। ନିଜକୁ 'ତୃଣାଦପି ସୁନୀଚେନ' ଭାବରେ ଜ୍ଞାନ କରି ସର୍ବସ୍ୱ ଯଥା ଦେହ, ମନ, ପ୍ରାଣ, ଅର୍ଥ, ସମର୍ଥ ସେହି ବିଶ୍ୱନିୟନ୍ତା ଗୁରୁଦେବଙ୍କ ପାଦପଦ୍ମରେ ସମର୍ପଣର ଶିକ୍ଷା ସଂଘ ହିଁ ଦେଇଥାଏ। ଆମର ମନକୁ ସଂଯତ ଓ ଶୃଙ୍ଖଳିତ କରି, ହୃଦୟକୁ ସରଳତାରେ ପୂର୍ଣ୍ଣ କରି, ସଂସ୍କାରକୁ ପବିତ୍ର ଓ ପରିମାର୍ଜିତ କରି ମନକୁ ଶ୍ରୀଶ୍ରୀଠାକୁରଙ୍କର ଅଭିମୁଖୀ ହେବାରେ ସାହାଯ୍ୟ କରେ ସଂଘ।

୩. ସେବା ମନୋଭାବ : ଭଲ ପାଇବାର ବାହ୍ୟ ପରିପ୍ରକାଶ ହିଁ ସେବା। ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଭଲ ପାଇବା ଆମକୁ ସଂଘକୁ ଟାଣି ନିଏ। ସଂସାର ଭାବନା, ସଂସାର କର୍ମ ଛାଡ଼ି, ଶତ ବାଧାବିଘ୍ନ ସତ୍ତ୍ୱେ ସଂଘରେ ଯୋଗଦେବାର ବଳିଷ୍ଠ ଇଚ୍ଛା ଆସେ କେବଳ ପ୍ରାଣପ୍ରିୟଙ୍କ ସେବା କରିବା ପାଇଁ। ସଂଘରେ ଯୋଗଦେବା ଦ୍ୱାରା ଆମର ଆଚାର ବିଚାର ଓ ଆଚରଣ ପରିମାର୍ଜିତ ହୁଏ ଅର୍ଥାତ୍ ସ୍ୱାର୍ଥପରତା ଭାବନାରୁ ଆମେ ପରାର୍ଥପରତା ଆଡ଼କୁ ଗତି କରୁ। ଶୃଙ୍ଖଳାରେ ଚଳି ଠାକୁରଙ୍କର ଯେକୌଣସି କର୍ମକୁ କର୍ମଜ୍ଞାନରେ ନୁହେଁ, ସେବା ଜ୍ଞାନରେ ସମ୍ପାଦନା କରିବାର ମନୋବୃତ୍ତି ଜାଗ୍ରତ ହୁଏ। ମୁଁ 'ମୋ ଠାକୁରଙ୍କୁ', 'ମୋ ପ୍ରାଣପ୍ରିୟଙ୍କୁ' ଭଲ ପାଏ, ତେଣୁ 'ତାଙ୍କୁ' ଯାହା ଭଲ ଲାଗେ ଯଥା ନମ୍ରତାପୂର୍ବକ 'ତାଙ୍କର' ସେବା କରିବାର ମନୋଭାବ ଆସେ।

ସେ ସରସ ସୁନ୍ଦର ପୁଷ୍ପମାଲ୍ୟ ଭଲ ପାଆନ୍ତି। ତେଣୁ ମାଳ୍ୟଟି ଗୁନ୍ଥି ତାଙ୍କ ଗଳାରେ ଦେଲେ ସେ ସୁନ୍ଦର ଦେଖାଯିବେ। ସେ ଭାବଗ୍ରାହୀ, ସୁରପ୍ରେମୀ। ତେଣୁ ତାଙ୍କ ଆବାହନ, ପ୍ରାର୍ଥନା, ବନ୍ଦନା, ସଙ୍ଗୀତସେବା କରି ତାଙ୍କୁ ମର୍ମବେଦନା ଜଣାଇବି। ସେ ମୋର ପୁତ୍ର – ତାଙ୍କୁ ଭୁଞ୍ଜାଇ ପାରିବି। ସେଥିପାଇଁ ମୋତେ ରୋଷେଇ ସେବା କରିବାକୁ ହେବ। ସେ ସୌନ୍ଦର୍ଯ୍ୟପ୍ରେମୀ। ତେଣୁ ତାଙ୍କ ବଗିଚାଟିକୁ କିପରି ସୁନ୍ଦର ଭାବରେ

ଗଢ଼ିପାରିବ। ସେ ପରିଷ୍କାର ପରିଚ୍ଛନ୍ନତାକୁ ଖୁବ୍ ଭଲ ପାଆନ୍ତି। ତେଣୁ ଆଶ୍ରମ ପରିସରକୁ ପରିଷ୍କୃତି କରିଦେବି, ଏସବୁ ବିଭିନ୍ନ ସେବା କେବଳ ଠାକୁରଙ୍କୁ ଭଲ ପାଇପାରିଲେ ହିଁ ସମ୍ପନ୍ନ କରିହେବ।

୪. ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ଏବଂ ସଦ୍‌ଗୁଣର ଅନୁଶୀଳନ – ଶ୍ରୀଶ୍ରୀଠାକୁର କହିଛନ୍ତି, 'ସତ୍ୟକୁ ଅଙ୍ଗର ଭୂଷଣ କର, ସଂଯମକୁ ପ୍ରାଣର ସହଚର କରିନିଅ ଏବଂ ସରଳତାକୁ ମନର ସ୍ୱଭାବରେ ପରିଣତ କର।' ଆହୁରି ମଧ୍ୟ କହିଛନ୍ତି ଯେ, 'ମୁଁ ନୀତି ପାଳନକୁ ସର୍ବୋଚ୍ଚ ସ୍ଥାନ ଦିଏ।'

ବାକ୍ ସଂଯମ, ମନ ସଂଯମ, ଚିତ୍ତ ସଂଯମ – ଏ ସମସ୍ତ ଶିକ୍ଷା ସଂଘରୁ ହିଁ ମିଳିଥାଏ। ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ଏବଂ ସଂଯମତା ପାଳନ ପୂର୍ବକ ସନ୍ତୁଳିତ ଜୀବନଯାପନ କରିବାର ଶିକ୍ଷା ସଂଘ ହିଁ ଦେଇଥାଏ। ଦୟା, କ୍ଷମା, ନମ୍ରତା, ସରଳତା, ସହନଶୀଳତା, ସମ୍ବେଦନଶୀଳତା, ପରାର୍ଥପରତା ଆଦି ସଦ୍‌ଗୁଣର ଅନୁଶୀଳନ ଦ୍ୱାରା ସଂଘସେବୀଙ୍କ ମଧ୍ୟରେ ଭଗବାନ ଚେତନା ଏବଂ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ସମର୍ପଣକାରିତା ବିକଶିତ ହୁଏ। ଏକ ଶୃଙ୍ଖଳିତ ଚଳଣି ଏବଂ ଦିନଚର୍ଯ୍ୟାର ଶିକ୍ଷା ସଂଘ ଦେଇଥାଏ। ପ୍ରତ୍ୟେକ କାର୍ଯ୍ୟ ସେବା ଜ୍ଞାନରେ, ସମୟ ଅନୁସାରେ ଏବଂ ନିୟମ ଅନୁଯାୟୀ କରିବାର ଶିକ୍ଷା କେବଳ ସଂଘରୁ ହିଁ ମିଳେ। କୌଣସି ସେବା କରିବା ପୂର୍ବରୁ କର୍ମକର୍ତ୍ତାମାନଙ୍କୁ ଜଣାଇ, ବିଧିବଦ୍ଧ ଭାବରେ ଠାକୁରଙ୍କର ଅନୁମତି ନେଇ ଏବଂ ସେବା ସାଙ୍ଗ ହେବା ପରେ 'ସେବା ସମର୍ପଣ'ର ଅପୂର୍ବ ଶୈଳୀ ନିଶ୍ଚିତ ଭାବେ ଜୀବନକୁ ପରିମାର୍ଜିତ ଏବଂ ସୁପଥରେ ରୂପାନ୍ତରିତ କରିଥାଏ। ସର୍ବୋପରି ସଂଘ ହିଁ ଗୁରୁଶକ୍ତି, ଏହା ହିଁ ଶ୍ରୀଶ୍ରୀଠାକୁରଙ୍କର କ୍ରିୟାଶୀଳ ଶକ୍ତି। ସଂଘରେ ଠାକୁର ସ୍ଥୂଳ ଏବଂ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ରହି ସଂଘସେବୀଙ୍କୁ ପରିଚାଳନା କରନ୍ତି। ସଂଘ ଶିଖାଇଥିବା ନୀତିନିୟମରେ ଚଳି, ସୁସଂସ୍କାର ଗ୍ରହଣ କରି, ଆତ୍ମଗଠନ କରି ଶ୍ରୀଶ୍ରୀଠାକୁରଙ୍କର ଜଗତ୍‌ହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଲେ ହିଁ ସଂଘରେ ଯୋଗଦେବାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

ଶ୍ରୀଶ୍ରୀଠାକୁର ତାଙ୍କ ଶ୍ରୀମୁଖରେ କହିଛନ୍ତି, 'ଭଗବାନ୍‌ଙ୍କର ଅନନ୍ତ ଶକ୍ତି କଥା ମନେ ରହିଲେ ସ୍ୱତଃ ହିଁ ତାଙ୍କ ଚରଣରେ ମସ୍ତକ ଅବନତ ହୁଏ। ଏହି ସବୁ ତତ୍ତ୍ୱ ଯେତେ ଆଲୋଚନା କରିବ, ସେତେ ତତ୍ତ୍ୱାତୀତ ନିରଞ୍ଜନଙ୍କ ପ୍ରତି ଦୃଷ୍ଟି ଆକୃଷ୍ଟ ହେବ। ତୁମେ ଆତ୍ମହରା ହୋଇଯିବ। କୌଣସି ଜିନିଷକୁ ଉପେକ୍ଷା କର ନାହିଁ। ପିମ୍ପୁଡ଼ି ପରି ବାଲିରୁ ଚିନି ସଂଗ୍ରହ କର, ମନ୍ଦରୁ ଭଲ ଟିକକ ସଂଗ୍ରହ କରିବାକୁ ଚେଷ୍ଟା କର। ଏକଥାଟି ନିଶ୍ଚୟ ଜାଣିରଖ ଯେ, ମନ୍ଦ ଭିତରେ ମଧ୍ୟ ଏପରି ଭଲ ଜିନିଷ ଅଛି ଯାହା ହୁଏତ ତୁମ ଠାରେ ନାହିଁ। ତତ୍ତ୍ୱଜ୍ଞାନ ଲାଭ ପାଇଁ ହିଁ ସବୁ ସାଧନ-ଭଜନ, ତପସ୍ୟା।' – ସ୍ୱାମୀ ସ୍ୱରୂପାନନ୍ଦ ଦିନଲିପି, ୨ୟ ଖଣ୍ଡ।

ତେଣୁ ମୋଟ ଉପରେ ସଂଘ ହିଁ ସମଷ୍ଟି ସାଧନାର ପ୍ରକୃଷ୍ଟ ସ୍ଥଳୀ, ସାଧାରଣ ଭାଷାରେ ମନୁଷ୍ୟ ଗଠନ କରିବାର ସୁବୃହତ୍ ଏବଂ ସର୍ବଶ୍ରେଷ୍ଠ କାରଖାନା। ଏଥିନିମିତ୍ତ ପୃଥକ୍ ସାଧନାର ପ୍ରୟୋଜନ ନାହିଁ। ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ପ୍ରଦାନ କରି, କନିଷ୍ଠମାନଙ୍କୁ ସ୍ନେହ ଆଦର କରି ଏବଂ ସମବୟସ୍କମାନଙ୍କୁ ଅନ୍ତରର ସହ ଆଦର କରି ଗୋଟିଏ ପିତାଙ୍କର କୋଟିଏ ସନ୍ତାନର ପରିଚୟ ପ୍ରକୃତ ଭାବରେ ଦେଇପାରିଲେ, ପ୍ରାଣର ଠାକୁରଙ୍କ ସଂଘ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ଲାଭ ହୋଇପାରିବ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ ଯଶସ୍ୱିନୀ ମହାନ୍ତି**

ପୁନେ ସାରସ୍ୱତ ସଂଘ


ନିଜର ଯାହା କିଛି ଅଭାବ ଅଭିଯୋଗ, ତାହା କେବଳ ଗୁରୁଦେବଙ୍କ ନିକଟରେ ଜଣାଇଦେବ। ଶ୍ରୀଗୁରୁଦେବ ନିଜ ଇଚ୍ଛାନୁସାରେ ତାହାର ପ୍ରତିବିଧାନ କରିବେ। ତାଙ୍କ ଅଧିକାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ବ୍ରହ୍ମ ନିର୍ଗୁଣ, ସୁତରାଂ ତାଙ୍କ ନିକଟରେ କୌଣସି ପ୍ରକାର ପ୍ରାର୍ଥନା ଚଳେ ନାହିଁ। କିନ୍ତୁ ମନୁଷ୍ୟ ଗୁରୁ ବା ସଦ୍‌ଗୁରୁଙ୍କ ନିକଟରେ ସବୁ ପ୍ରାର୍ଥନା ଚଳିପାରେ। ମନୁଷ୍ୟ ଗୁରୁ ବା ସଦ୍‌ଗୁରୁଙ୍କ ନିକଟରେ ପ୍ରାର୍ଥନା କଲେ ବ୍ରହ୍ମ, ଆତ୍ମା, ଭଗବାନ୍ ସବୁ ମିଳିପାରନ୍ତି। – **ଶ୍ରୀଶ୍ରୀଠାକୁର**

# ନୀଡ଼ ବାହୁଡ଼ା

ସକାଳର ସୂର୍ଯ୍ୟ ସନ୍ଧ୍ୟାର ଆକାଶ, କର୍ତ୍ତବ୍ୟର ଆହ୍ୱାନ ସମୟର ସମର୍ପଣ, ବଞ୍ଚିବାର ମହକ ମୃତ୍ୟୁର ମାଙ୍ଗଳିକ, ଏସବୁ ମଣିଷ ପାଇଁ ଅତି ପରିଚିତ। ଫୁଲର ସୁରଭି କଣ୍ଟାର ଆଘାତ, ମଳୟର ମାଦକତା ପ୍ରଳୟର ସାନ୍ଦ୍ରତା, ପ୍ରକୃତିର ଅସ୍ଥିରତା ଓ ବିଶ୍ୱ ପ୍ରକୃତିର ବାସ୍ତବତା ଏସବୁ ମଣିଷର ଜାତିସ୍ମର ଅନୁଭୂତି। ଶବ୍ଦର ଜଡ଼ତା ନିଶବ୍ଦର ନିରବତା, ପ୍ରେମର ପ୍ରତାରଣା ଓ ଘୃଣାର ପରିଣତି ଏସବୁ ମଣିଷ ପାଇଁ ତିକ୍ତ ମଧୁର ଅନୁଭୂତି। ତେବେବି ମଣିଷ ମିଥ୍ୟାକୁ ଆଲିଙ୍ଗନ କରେ ଓ ହଳାହଳ ପାନ କରି ଆକାଂକ୍ଷାର ଅସମାପ୍ତ ସରଣୀରେ ପାଦ ଦେଇ ସ୍ୱର୍ଗୀୟ ଜୀବନର ଅମୃତ ଆନନ୍ଦ ପ୍ରତ୍ୟାଖ୍ୟାନ ପୂର୍ବକ ଅଳିକ ସୁଖ ଅନୁଭବକୁ ଆଶ୍ରୟ କରି ବିଷପାନ କରେ। ଅମର ଜୀବନର ସ୍ୱାଗତ ଗୀତିକା ଗାଇବା ପରିବର୍ତ୍ତେ ପ୍ରେତାତ୍ମାର ସ୍ମରଣିକା ଲେଖିବାକୁ ସଂକଳ୍ପ କରେ। ନିତ୍ୟାନନ୍ଦମୟ ଦୁଗ୍ଧଫେନନିଭ ତୁଳୀତଳ୍ପ ଛାଡି କଣ୍ଟକିତ ଘଞ୍ଚ ଗହନରେ ପାଦ ରଖିବାକୁ ଇଚ୍ଛା କରେ। ଆପାତଃ ମଧୁର ଚନ୍ଦ୍ରାତପ ତଳେ ଜୀବନ ବିତାଇବୁ ଇହକାଳ ସର୍ବସ୍ୱ ବୋଲି ଦୃଢ଼ ନିଶ୍ଚିତ ହୋଇ ଉନିଦ୍ର ରଜନୀ ବିନିଦ୍ର ବିଳାସରେ ଉଜାଗର ରହେ। ଜାଗୃତିର ଯଜ୍ଞ ପରିବର୍ତ୍ତେ ସୁଷୁପ୍ତିର ପ୍ରଶସ୍ତିରେ ସମୟ ଅତିବାହିତ କରେ। ଆରୋହଣର ଅନ୍ୱେଷଣ ପରିବର୍ତ୍ତେ ଅବତରଣର ଅଳନ୍ଧୁ ପଥରେ ବିଚରଣ କରେ। ଅନ୍ଧାରରେ ଜୀବନ ବିତେଇ ଅନ୍ଧାରରେ ହଜିଯାଏ। ଆଲୋକର ଆକର୍ଷଣ ଭଲ ଲାଗେ ନାହିଁ। ମୋହ ମରଣ ହିଁ ସାର ହୁଏ। ପଥହରା ପଥିକ ହୋଇ ଦୁଃଖରେ ଜନ୍ମ ଜନ୍ମାନ୍ତର ନରକ ଯନ୍ତ୍ରଣା ଭୋଗ କରେ। କାମ, କ୍ରୋଧ, ଲୋଭ, ମୋହରେ ବୁଡି ରହି ଲକ୍ଷଚ୍ୟୁତ ହୋଇପଡେ।

ସେ ଭୁଲିଯାଏ 'ଅହଂକାର ବିନାଶର ମୂଳମଞ୍ଜି'।

ସେ ଭୁଲିଯାଏ ଏ ଜୀବନ କ୍ଷଣଭଙ୍ଗୁର...ସେ ଭୁଲିଯାଏ ଏ ଜୀବନ ଅନିଶ୍ଚିତ...ସେ ଭୁଲିଯାଏ କାମନା ହିଁ ଦୁଃଖର କାରଣ ଓ କାମନାର ବିନାଶରେ ଦୁଃଖର ବିନାଶ.....

ନାସ୍ତି କାମସମୋ ବ୍ୟାଧି ନାସ୍ତି ମୋହ ସମୋ ରିପୁ
ନାସ୍ତି କୋପସମୋ ବହ୍ନି ନାସ୍ତି ଜ୍ଞାନାତ୍ପରମ୍ ସୁଖମ୍

ସକାଳର ସୌନ୍ଦର୍ଯ୍ୟ ମଣିଷ ଜୀବନର ଆହ୍ୱାନ। ସନ୍ଧ୍ୟାର ସଂଗୀତ ମଣିଷ ଜୀବନର ସମୀକ୍ଷକ। ସକାଳ ଓ ସନ୍ଧ୍ୟା ଜୀବନର ଦୁଇ ବିନ୍ଦୁ। ଗୋଟିଏ ଆରମ୍ଭ ଗୋଟିଏ ଶେଷ। ଗୋଟିଏ ଜନ୍ମ ଗୋଟିଏ ମୃତ୍ୟୁ। ଏହି ଜନ୍ମ ମୃତ୍ୟୁ ମଝି ସମୟ ଅମୃତ ଆସ୍ୱାଦନ ପାଇଁ ଉଦ୍ଦିଷ୍ଟ। ଯିଏ ଖୋଜେ ସିଏ ପାଏ। ଯିଏ ଶୋଇଯାଏ ସିଏ ହରେଇ ବସେ। ଖୋଜିବା ଓ ପାଇବା ଏକା କଥା। ଖୋଜିବାର ପ୍ରୟାସରୁ ପାଇବାର ଆନନ୍ଦ ଅନୁଭୂତ ହୁଏ। ଖୋଜିବା ଆରମ୍ଭ ହେଲେ ପାଇବାର ସମୟ ନିକଟତର ହୋଇଯାଏ। ଖୋଜିବାର ପ୍ରତିଟି ମୁହୂର୍ତ୍ତ ଆଶା ଆକାଂକ୍ଷାରେ ଭର୍ତ୍ତି ହୋଇଯାଏ। ଗୋଟିଏ ମୁହୂର୍ତ୍ତ ପରବର୍ତ୍ତୀ ମୁହୂର୍ତ୍ତ ପାଇଁ ପ୍ରେରଣାର ଝରଣା ସୃଷ୍ଟି କରେ। ଗୋଟିଏ ମୁହୂର୍ତ୍ତର ସାମୟିକ ବିଫଳତା ପରବର୍ତ୍ତୀ ମୁହୂର୍ତ୍ତ ପାଇଁ ବଜ୍ରଦୃଢ଼ ଶପଥ ସୃଷ୍ଟି କରେ। ଉତ୍କଣ୍ଠାର ଉତ୍କ୍ରାଣ୍ଡତା ଭୋକ ଶୋଷ ଭୁଲାଇଦିଏ। ଏ ସଂସାର ମାୟାର ଖେଳଘର ବୋଲି ଅନ୍ତର ଆନ୍ଦୋଳିତ କରେ। ବିବେକ ବିଦ୍ରୋହ କରିଉଠେ। ଚେତନା ଚେଇଁ ଉଠି ସଜାଗ ହୋଇଯାଏ।

ସେ ହୋଇଯାଏ ଗୃହତ୍ୟାଗୀ ସନ୍ନ୍ୟାସୀ। ପାର୍ଥିବ ଆକର୍ଷଣ ଅର୍ଥହୀନ ହୋଇଯାଏ। ବାଲ୍ୟ, କୈଶୋର, ଯୌବନର ତାରତମ୍ୟ ରହେନି। ସତ୍ୟ ଲାଭ ପାଇଁ ଶୁଭ ସମୟକୁ ଅପେକ୍ଷା କରିବା ଆବଶ୍ୟକ ପଡ଼େନି। ସେ ବୁଝେ...ଶୁଭସ୍ୟ ଶିଘ୍ରମ୍...

'ବାଲ୍ୟ କାଳୁ ଧର୍ମ ଧନ ମୁଁ ଅର୍ଜିବି ଏ ଜୀବନ ଅନିଶ୍ଚିତ'

ଭକ୍ତ ପ୍ରହଲ୍ଲାଦ ପରି ବାଲ୍ୟକାଳୁ ଈଶ୍ୱର ଅନ୍ୱେଷଣ ଏକମାତ୍ର ଲକ୍ଷ୍ୟ ହୁଏ। ନଚିକେତା ପରି କିଶୋର ବୟସରେ ଉପନିଷଦର ଚରମ ସତ୍ୟ ଉଦଘାଟିତ ହୋଇଯାଏ। ପ୍ରାଣପ୍ରିୟ ଠାକୁରଙ୍କ ପରି ଯୌବନର ଆଦ୍ୟ ପାହାଚରେ ଜୀବନର ଚରମ ସତ୍ୟରେ ଉପନୀତ ହୋଇ 'ମୁଁ ଗୁରୁ' ଭାବରେ ଜୀବ ଉଦ୍ଧାର କରନ୍ତି।

ସେତେବେଳେ ସଂସାର ହୁଏ ଅସାର। ଜୀବନ ହୁଏ ଜଂଜାଳ। ବଂଚିବା ହୁଏ ଏକମାତ୍ର ସତ୍ୟର ଅନୁସନ୍ଧାନ। ଉଇ ହୁଙ୍କା ହୋଇଯିବାର ଆଶଙ୍କା ସତ୍ୟ ଚ୍ୟୁତ କରେ ନାହିଁ। ଅଳକାନନ୍ଦାର ଅର୍ଗଳୀ ପବିତ୍ର ପାବନୀଠୁ ଦୁରେଇ ନେଇପାରେ ନାହିଁ। ଭୀମ ଭୈରବ ଶ୍ମଶାନର ବିକଟାଳ ଚିତା କୈଳାସ ଯାତ୍ରାର ଦୁର୍ବାର ଇଚ୍ଛା ଟାଳିପାରେ ନାହିଁ। ସେ ଭାବେ ସେ ହେଉଛି 'ଅମୃତ ପଥର ଯାତ୍ରୀ...।' ସେ ଗାଇ ଉଠେ

'ମୁଁ ଯେ ଅମୃତ ପଥର ଯାତ୍ରୀ
ମୁଁ ଯେ ଆଲୋକ ପଥର ଯାତ୍ରୀ

ମୋର ଭୟ ନାହିଁ କାଳ ରାତ୍ରୀ
ଯାତ୍ରା ପଥ ମୋ ଚିର ପୁଲକିତ
ଚଲାପଥ ମୋର ଫୁଲ କୁସୁମିତ
ଦୃପ୍ତ ହୃଦୟ ତନ୍ତ୍ରୀ
ନାହିଁ ଡର ନାହିଁ ଭ୍ରାନ୍ତି
ମୁଁ ଯେ ଆଲୋକ ପଥର ଯାତ୍ରୀ
ମୁଁ ଯେ ମେରୁ ପଥ ଅଭିଯାତ୍ରୀ

ସେତେବେଳେ ଆତ୍ମା ବିକଳ ହୁଏ ପରମାତ୍ମାଙ୍କ ସହିତ ମିଳିତ ହେବା ପାଇଁ। ଅନ୍ତର ଆକୁଳ ହୁଏ ଅନନ୍ତର ଦର୍ଶନ ପାଇଁ। ବନ୍ଧୁର ବନ୍ଧର ପିଚ୍ଛିଳ ପଥ ସୁଗମ ଓ ସୁନ୍ଦର ଦିଶେ। ଆକସ୍ମିକ ଆକର୍ଷଣ ଦେହ ମନ ପ୍ରାଣକୁ ଧରି ରଖିପାରେ ନାହିଁ। ପ୍ରେମାନନ୍ଦର ମଧୁର ମଳୟ ବିମୋହିତ କରେ। ସେ ଗାଇ ଉଠେ, ନାଚି ଉଠେ। ସେ ହୋଇଯାଏ ଜାତିସ୍ମର। ଗୋଟିଏ ପରେ ଗୋଟିଏ ଗ୍ରନ୍ଥି ଉନ୍ମୋଚିତ ହୋଇଯାଏ। ଦେହ କାରାଗାରରୁ ମୁକ୍ତ ହେବା ପାଇଁ ବ୍ୟାକୁଳ ହୋଇଯାଏ। ତ୍ରିତାପ ଦହନରୁ ନିସ୍ତାର ପାଇଁ ପ୍ରାର୍ଥନା କରେ। ତ୍ରିଗୁଣ ଅତିକ୍ରମ କରିବାର ଦୁର୍ବାର ଇଚ୍ଛା ଉଦ୍‌ବେଳିତ କରେ। ପଞ୍ଚ ମନ ପଚିଶ ପ୍ରକୃତିର ରହସ୍ୟ ଭେଦ କରିବାକୁ ଦୃଢ଼ ନିଶ୍ଚିତ କରେ। ତନ୍ତ୍ରରେ ନିକଟତର ହୁଏ, ଜ୍ଞାନରେ ଗଭୀରକୁ ପ୍ରବେଶ କରେ, ଯୋଗରେ ଅନୁଭବ କରେ ଓ ପ୍ରେମରେ ଆସ୍ୱାଦନ କରେ। ସେତେବେଳେ ସେ ଭୂ, ର୍ଭୁବ, ସ୍ୱ, ମହ, ଜନ, ତପ, ସତ୍ୟ ଲୋକ ଅତିକ୍ରମ କରିବାକୁ ସକ୍ଷମ ହୁଏ। ନିଦ୍ରା ଜାଗରଣ ସମାନ ହୋଇଯାଏ।

ସେ ଗାଇ ଉଠେ :-

ସତ୍ୟ ଲୋକ ପରପାର,
ବିରାଜିତ ନିତ୍ୟ ପୁର,
ଅତ୍ୟାଶ୍ଚର୍ଯ୍ୟ ଗୁପ୍ତ ଗୁରୁ ଧାମ......

ଆକସ୍ମିକ ଭାବରେ ତା ଆଖିରେ ଲୁହ ଆସିଯାଏ। ସେ ଭାବନାରେ ବୁଡିଯାଏ... କଣ କଲି... କି ବୁଦ୍ଧି କଲି.... ପାୟସାନ୍ନ ପରିତ୍ୟାଗ କରି ବିଷ୍ଠା ଖାଇଲି ? ରାଜଉଆସ ଛାଡି ବୃକ୍ଷମୂଳ ବାସୀ ହେଲି ? ଆନନ୍ଦ ରାଜ୍ୟର ସନ୍ତାନ ହୋଇ ନିରାନନ୍ଦରେ ବିଚରଣ କଲି। ସେ ଛାତି କୋଡ଼ି ବିକଳ ବିବଶ ହୋଇପଡେ। ଆଖିରୁ ଧାରଧାର ଲୁହ ଝରି ଆସେ। ଦୀର୍ଘଦିନର ବିରହ ଯନ୍ତ୍ରଣା ହୃଦୟକୁ ଆନ୍ଦୋଳିତ କରେ। ଅନ୍ତରାତ୍ମା ବିଳପି ଉଠେ। ସେତେବେଳେ ସେ ହୋଇଯାଏ ସଂସାରତ୍ୟାଗୀ ସତ୍ୟଦ୍ରଷ୍ଟା ଗୌତମ ବୁଦ୍ଧ, ବିବେକ ବୈରାଗୀ ବେଦାନ୍ତ କେଶରୀ ବିବେକାନନ୍ଦ ଅଥବା ଚତୁର୍ବିଧ ସାଧନ ସିଦ୍ଧ ନିର୍ବିକଳ୍ପ ବ୍ୟୁତ୍‌ଥିତ ଆମ ପ୍ରାଣପ୍ରିୟ ଠାକୁର ମହାରାଜ ସଦଗୁରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ।

ସାଧାରଣ ମଣିଷ ପ୍ରତି ନିୟତ ଦୁଃଖ ପାଏ। ସଂସାର ତାପ କ୍ଲିଷ୍ଟ ଦେହ ମନ ପ୍ରାଣ ଗୁରୁ ଅନୁସନ୍ଧାନରେ ମନ ଦିଏ। ଗୁରୁ ଉପଦିଷ୍ଟ ପଥରେ ପାଦ ଦେଇ ସେ ଜୀବନର ସତ୍ୟତା ଅନୁଭବ କରେ। ସଂସାର ମାୟା ମରୀଚିକା ବୋଲି ଉପଲବ୍ଧି କରେ। ଯନ୍ତ୍ରଣା ଜର୍ଜରିତ ଦେହ ମନ ପ୍ରାଣ ଗୁରୁ ଉପଦିଷ୍ଟ ଅମୃତ ମଧୁରବାଣୀରେ ଶୀତଳ ହୋଇଯାଏ।

ସେତେବେଳେ ମନେପଡେ 'ମୋର ଗୋଟେ ଘର ଅଛି'। ମୁଁ ଅନିକେତ ନୁହେଁ। ମୋର ସ୍ଥାୟୀ ନିକେତନ ଅଛି। ପ୍ରିୟ ନିକେତନ ଅଛି। ସେତେବେଳେ ଫେରିବାର ତୀବ୍ର ଇଚ୍ଛା ଜାଗ୍ରତ ହୁଏ। ଏ ପାରିର ସକାଳର ସୂର୍ଯ୍ୟ ଅପେକ୍ଷା ସନ୍ଧ୍ୟାର କଳରବ ଶୁଣିବାକୁ ପ୍ରାଣ ଅସ୍ଥିର ହୋଇ ଉଠେ ....

ନୀଡ଼ ବାହୁଡ଼ା ପକ୍ଷୀର ଆନନ୍ଦ କହିଲେ ନ ସରେ, କାରଣ ସେ ଘରକୁ ଫେରୁଛି ବୋଲି.....

ବାହୁଡ଼ି ସବୁ ଦୁଆରୁ ହେ ଦୟାନିଧି
ଆସିଛି ତୁମ ଦୁଆରେ...

ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ
**ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ**
କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ

# ସତ୍ୟ ଓ ନିଷ୍ଠା

ମୋର ଜଣେ ଆନ୍ତରିକ ବନ୍ଧୁ ଯିଏ କି ସନାତନ ଧର୍ମ ବ୍ୟତିରେକ ଭିନ୍ନ ପନ୍ଥା (ଯେକୌଣସି ଆବ୍ରାହମିକ ପନ୍ଥା) ଅବଲମ୍ବନ କରନ୍ତି, ତାଙ୍କ ସହ ଏକଦା ଉନ୍ମୁକ୍ତ ହୃଦୟ ଓ ଅନାବିଳ ମନସ୍ତତ୍ତ୍ୱ ସହ ଆଲୋଚନା ହେଉଥିଲା, ନିଜ ନିଜର ଭଗବତ୍ ବିଶ୍ୱାସକୁ ନେଇ। ତାଙ୍କ ଯୁକ୍ତିରେ କିଛି ଚିରାଚରିତ ପ୍ରଶ୍ନ ଥିଲା, ଯଥା – 'ସନାତନ ଧର୍ମ ଅନୁଯାୟୀ ସବୁ ଜଡ଼ ଓ ଚଳିତ୍ ସତ୍ତାରେ ଭଗବାନ୍ ବିଦ୍ୟମାନ ତେବେ କ'ଣ ଦୁର୍ଗନ୍ଧ ପୁତିମୟ ନର୍ଦ୍ଦମାରେ କ'ଣ ଭଗବାନ ବିଦ୍ୟମାନ ? ପୁଣି ପଥର ମଧ୍ୟରେ କ'ଣ ବିଦ୍ୟମାନ ? ତାହେଲେ ତୁମେ ତୁମ ପରମ୍ପରା ଅନୁଯାୟୀ ସତ / ପ୍ରକୃତ ଭଗବାନ୍‌ଙ୍କୁ ସମ୍ମାନ ନ ଦେଇ ଭୁଲ୍ ସ୍ଥାନରେ ଭଗବାନ୍‌ଙ୍କୁ ଖୋଜୁଛ ?'

ଯଦିଓ ଏପରି ହାସ୍ୟାସ୍ପଦୀ ଯୁକ୍ତିମୂଳକ ପ୍ରଶ୍ନର ସମ୍ମୁଖୀନ ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀ କେବେ ନା କେବେ ଜୀବନରେ ହୋଇଥିବେ, ଯେପରି ସେଦିନ ମୁଁ ହେଲି, କିନ୍ତୁ ଏହା ବ୍ୟତୀତ ଆଉ କିଛି ତତ୍ତ୍ୱମୂଳକ ପ୍ରଶ୍ନ ପଚାରିଲେ ବନ୍ଧୁ ସେଦିନ। ଯଥା – 'ଯଦି ସନାତନୀମାନେ ତେତ୍ରିଶ କୋଟି ଅଣୁ ପରମାଣୁଙ୍କୁ ମଧ୍ୟ ଭଗବାନ ମାନି ପୂଜା କରନ୍ତି, ତେବେ ସେମାନଙ୍କ ମଧ୍ୟରୁ ଟ୍ରୁ ଗଡ୍ କିଏ ? ଈଶ୍ୱର, ଭଗବାନ ଓ ଦେବତା ମଧ୍ୟରେ ପାର୍ଥକ୍ୟ କ'ଣ ? କିଏ ସର୍ବୋଚ୍ଚ ସ୍ଥାନରେ ଏମାନଙ୍କ ମଧ୍ୟରୁ ?'

ଯୁକ୍ତିମୂଳକ ପ୍ରଶ୍ନଗୁଡ଼ିକର ଉତ୍ତର ସେଦିନ ମୁଁ କ'ଣ ଦେଲି ସେଇଟି ମୁଖ୍ୟ ପ୍ରସଙ୍ଗ ନୁହେଁ ଏବେ। କିନ୍ତୁ ତାଙ୍କ ତତ୍ତ୍ୱମୂଳକ ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଯାଇ କହିଥିଲି, 'ସନାତନ ଧର୍ମ ପାର୍ଥକ୍ୟ ଖୋଜିବା କିମ୍ବା ଉଚ୍ଚ-ନୀଚ ନିରୂପଣ କରିବାକୁ ପ୍ରମୁଖ ସ୍ଥାନ ଦିଏ ନାହିଁ। ଯଦିଓ ପାର୍ଥକ୍ୟ ଖୋଜି (Elimination Theory ବା ନେତି ନେତି ପ୍ରକ୍ରିୟା) ମାଧ୍ୟମରେ ଜ୍ଞାନ ମାର୍ଗରେ ସତ୍ୟ ପଥେ ତର୍ଜମା କରାଯାଏ, କିନ୍ତୁ ପୁଣି ଚିରନ୍ତନ ସତ୍ୟ (Absolute truth) ଓ ଆପେକ୍ଷିକ ସତ୍ୟ ବା ମିଥ୍ୟା (Myth) କୁ ପରସ୍ପରର ଅନୁରୂପ (Complementary) ବୋଲି ଗ୍ରହଣ କରାଯାଇଥାଏ।

ତୁମେ ବନ୍ଧୁ ବିଶ୍ୱାସ କର ଯେ ଏ ସୃଷ୍ଟିକୁ ସୃଷ୍ଟିର ବ୍ୟତୀତ ଏକ ନିରାକାର ସତ୍ତା ସୃଷ୍ଟି କରିଛନ୍ତି, ଆଉ ସେହି ସତ୍ତା ସର୍ବଶକ୍ତିଶାଳୀ, ତା'ରି ସୃଷ୍ଟିରୁ ମହାଜାଗତିକ, ମହାଶୂନ୍ୟ ପର୍ଯ୍ୟନ୍ତ ଅନ୍ତିମ ସତ୍ତାର ସୃଷ୍ଟି। କିନ୍ତୁ ଆମେ ବିଶ୍ୱାସ କରୁ ସୃଷ୍ଟିତତ୍ତ୍ୱରେ ସ୍ରଷ୍ଟା ନିଜେ ସୃଷ୍ଟିରୁ ଭିନ୍ନ ହୋଇପାରିବେ ନାହିଁ। ବରଂ ସ୍ରଷ୍ଟାଙ୍କ ଠାରୁ ପାର୍ଥିବ ସୃଷ୍ଟି ପର୍ଯ୍ୟନ୍ତ ସବୁ କିଛି କେବଳ ମାତ୍ର ଶକ୍ତିର ପ୍ରବାହ ମାତ୍ର। ସବୁ କିଛି ଏକ ଶକ୍ତି ରଜ୍ଜୁରେ ସଂଯୁକ୍ତ। କାରଣ ରୂପାନ୍ତରଣ ନ ହେଲେ ଶକ୍ତିସତ୍ତା ଆଉ ଏକ ସତ୍ତାର ସୃଷ୍ଟି କରିପାରିବ ନାହିଁ। ବିଜ୍ଞାନ ମଧ୍ୟ ପ୍ରମାଣ କରିସାରିଛି – "Energy can not be created neither be destoryed. It is transformed from one source to another."

ତେଣୁ ଏହି ଜଡ଼ କିମ୍ବା ଚଳିତ ସୃଷ୍ଟି ସତ୍ତାରୁ ବିପରୀତ ପଥ ଅନୁସରଣ କରି ସେହି ଶକ୍ତି ରଜ୍ଜୁ ପଥକୁ ଓଲଟା ଅବଲୋକନ କରି (Reverse engineering) ଦ୍ୱାରା ଗତି କରିଲେ ଯାଇ ତୁମେ ବିଶ୍ୱାସ କରୁଥିବା ନିରାକାର କିନ୍ତୁ ଗୁଣସମ୍ପନ୍ନ ସତ୍ତା, ଯାହା ତୁମ ମତରେ ଟ୍ରୁ ଗଡ୍ ବା ଈଶ୍ୱର ଓ ଆମ ମତରେ ସଗୁଣ ବ୍ରହ୍ମ ତାଙ୍କ ପାଖରେ ପହଞ୍ଚିବା। କିନ୍ତୁ ପୁଣି ତା'ର ଶେଷ ସୀମା ନିରୁପଣ କରିବାକୁ ଚେଷ୍ଟା କଲେ, ଅନ୍ତିମ ପଥ ହେବ ଅଚିନ୍ତ୍ୟ, ଅବକ୍ତ୍ୟ, ଅସୀମ, ନିରାକାର ଓ ନିର୍ଗୁଣ ଯାହା ହିଁ ନିର୍ଗୁଣ ବ୍ରହ୍ମ, ପରଂବ୍ରହ୍ମ ବା ବ୍ରହ୍ମ। ଯାହା ହିଁ ପ୍ରକୃତ ସତ୍ୟ (Absolute truth) । କିନ୍ତୁ ଏହାର ଅର୍ଥ ନୁହେଁ ବାକି ସବୁ ଅସତ୍ୟ (Falsehood) ବରଂ ବାକି ସବୁ ସୃଷ୍ଟି ମିଥ୍ୟା / ଆପେକ୍ଷିକ ସତ୍ୟ (Relative truth or myth)

ଆଉ ଏକ ପ୍ରସଙ୍ଗ ମୋ ବନ୍ଧୁଙ୍କର ଯାହା ମୋତେ ସେଦିନ ଖୁବ୍ ପ୍ରଭାବିତ କରିଥିଲା, ସେ ବିଷୟରେ କିଛି ଉଲ୍ଲେଖ କରୁଛି। ତାଙ୍କର ଯୁକ୍ତି ଥିଲା ଈଶ୍ୱର ନିଷ୍ଠା ବା ଭଗବତ୍ ନିଷ୍ଠା ଉପରେ। 'ଯଦି ଈଶ୍ୱର ହିଁ ପରମ ସତ୍ୟ ତାଙ୍କୁ ଅନୁସରଣ କରିବାର ପନ୍ଥା ମଧ୍ୟ ଗୋଟିଏ। ଈଶ୍ୱରଙ୍କ ବାଣୀ ଅନୁଯାୟୀ ଉଦ୍ଦିଷ୍ଟ ନୀତିନିୟମକୁ ପ୍ରକୃତରେ ନିଷ୍ଠାର ସହ ପାଳନ କଲେ ହିଁ ଏ ଜଗତରୁ ପୃଥକ୍ ମହାନ୍ ଜଗତକୁ ଈଶ୍ୱରବିଶ୍ୱାସୀମାନେ ଗୋଚର କରିପାରିବେ। ଈଶ୍ୱର ଜଣେ। କିନ୍ତୁ ମୁଖନିଃସୃତ ବାଣୀ ଗୋଟିଏ। ଗନ୍ତବ୍ୟ ପଥ (destination) ଗୋଟିଏ। କିନ୍ତୁ ପନ୍ଥା କିପରି ଅଲଗା ଅଲଗା ହୋଇପାରିବ ? ପନ୍ଥା ମଧ୍ୟ ଗୋଟିଏ ହିଁ ହେବ।'

ଖୁବ୍ ପ୍ରଭାବଶାଳୀ ପ୍ରତୀୟମାନ ହେଉଥିବା ବନ୍ଧୁଙ୍କୁ ଏ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କଲି ଏହିପରି –

'ଉପଯୁକ୍ତ କିମ୍ବା ଅନୁପଯୁକ୍ତ ପନ୍ଥା ? କିନ୍ତୁ ବନ୍ଧୁ ! 'ଉପଯୁକ୍ତ' ବା 'ଅନୁପଯୁକ୍ତ' ଏସବୁ ତ ସଂସ୍କାରଗତ ଜିନିଷ। ଏସବୁ ସଂସ୍କାର ସବୁରୁ ଯଦି ଉର୍ଦ୍ଧ୍ୱରେ ଈଶ୍ୱର ତେବେ ତାଙ୍କର ପ୍ରତିଫଳନ 'ଜୀବ' ମଧ୍ୟ ଏ ସଂସ୍କାରଗୁଡ଼ିକରୁ ଉର୍ଦ୍ଧ୍ୱକୁ ଗଲେ ହିଁ ତାଙ୍କ ଅନୁଗାମୀ ହୋଇପାରିବ।

ଜୀବନଚକ୍ର – କର୍ମ ଓ କର୍ମଫଳ ହିଁ ସନାତନ ଧର୍ମର ଆଧାର। ପୁଣି ପ୍ରତ୍ୟେକ ଜୀବନର ସଂସ୍କାର ଭିନ୍ନ ଭିନ୍ନ। ତେବେ ଏସବୁ ସଂସ୍କାରରୁ ମୁକ୍ତ ହେବା ପାଇଁ ଧରାବନ୍ଧା କେବଳ ଗୋଟିଏ ପ୍ରକାର ନିଷ୍ଠା ବା ପନ୍ଥା କେମିତି ବା ରହିପାରିବ ?'

ମୋର ବନ୍ଧୁଙ୍କ ସହ ସେଦିନର ଆଲୋଚନାର ନିର୍ଯ୍ୟାସ କ'ଣ ରହିଲା ତା'କୁ ଆଉ ଏଠି ବ୍ୟକ୍ତ କରିବାର ଯଥାର୍ଥତା ନାହିଁ। ବରଂ ଉପରୋକ୍ତ କଥୋପକଥନରୁ କେବଳ ଦୁଇ ମୂଲ୍ୟବାନ ଶବ୍ଦ 'ସତ୍ୟ' ଓ 'ନିଷ୍ଠା'କୁ ମୁଁ ଉଦ୍ଧାର କରୁଛି ଏବଂ ଆଗକୁ ଏହି ଦୁଇଟି ଶବ୍ଦ ଉପରେ ଆଲୋଚନା କରିବା।

'ଧାରୟତି ଇତି ଧର୍ମ।' ଧର୍ମପାଳନର ସଂଜ୍ଞା ସଂସ୍କାରଭିତ୍ତିକ ଅଲଗା ଅଲଗା। ନିଷ୍ଠା ହିଁ ସତ୍ୟକୁ ଜାଣିବାର ଏକମାତ୍ର ଉପାୟ। କିନ୍ତୁ ଏ ଯାତ୍ରାର ପ୍ରଥମ ସୋପାନ ସ୍ୱଧର୍ମ ଆଚରଣ। ନିଷ୍ଠାର ସହ ସ୍ୱଧର୍ମ ଆଚରଣ କଲେ କ୍ରମଶଃ ସ୍ୱସଂସ୍କାର କ୍ଷୟ ହୁଏ ଏବଂ ଆତ୍ମଜ୍ଞାନର ଉଦୟ ହୁଏ। ତେଣୁ ସତ୍ୟ ପାଇଁ ନିଷ୍ଠାର ସଂଜ୍ଞା ଜୀବାତ୍ମା ଭିତ୍ତିରେ ଅଲଗା ଅଲଗା ହୋଇପାରେ।

ରାମଙ୍କ ଉଦ୍ଦେଶ୍ୟରେ ଶବରୀ ସବୁଦିନ ଘର ଲିପି, ପୋଛି, ସଜେଇ ନିଷ୍ଠାର ସହ ଅପେକ୍ଷା କରି ରହିଥିଲା। ତା' ମନରେ ଥିଲା ଦୃଢ଼ବିଶ୍ୱାସ ଯେ ଦିନେ ରାମ ଆସିବେ। ତେଣୁ ଏଇଟିକୁ ହିଁ ସ୍ୱଧର୍ମ ମାନି ନେଇ ବିନା ସଂକୋଚ ଓ ଦ୍ୱିଧାରେ ସେ ତା'ର କର୍ମ କରିଚାଲିଥିଲା। ଏହି ନିଷ୍ଠା ଦିନେ ତା'କୁ ରାମରୂପୀ ସତ୍ୟର ଦର୍ଶନ କରାଇଲା। ଭକ୍ତିମାର୍ଗରେ ସତ୍ୟ ପ୍ରତି ନିଷ୍ଠାର ଏହା ନିଦର୍ଶନ।

ସେହିପରି ଏକ କ୍ଷତ୍ରିୟର ସ୍ୱଧର୍ମ ସହ ପିତୃଭକ୍ତି ପାଳନ ପ୍ରତି ନିଷ୍ଠାର ଉଦାହରଣ ଭୀଷ୍ମ। ତାଙ୍କ ସମଗ୍ର ଜୀବନଯାତ୍ରା ହେଲା କଣ୍ଟକିତ ନିଷ୍ଠାର ସହ ନିଜ ପ୍ରତିଜ୍ଞା ପାଳନ କରି କରି ନ୍ୟାୟ-ଅନ୍ୟାୟ ମଧ୍ୟରେ ପୋଷି ହୋଇ, ଏହି କଣ୍ଟକିତ ପଥରେ ଗତିକରି ଶେଷରେ କିନ୍ତୁ ସେ କୃଷ୍ଣରୂପୀ ସତ୍ୟରେ ଲୀନ ହୋଇଗଲେ। ଏହା ଏକ ଉଦାହରଣ ଏକ କ୍ଷତ୍ରିୟ କର୍ମଯୋଗୀର ସତ୍ୟ ପ୍ରତି ତପସ୍ୟାର।

ପାର୍ବତୀ ଶିବଙ୍କୁ ପତି ରୂପେ ପାଇବା ପାଇଁ ବର୍ଷ ବର୍ଷ ଧରି ନିଷ୍ଠାର ସହ ତପସ୍ୟା କଲେ। ଏପରିକି ତପସ୍ୟାରେ ଲୀନ ଥିଲାବେଳେ ତାଙ୍କ ଚାରିପଟେ ଥିବା ଗୁଳ୍ମ, ଲତା, ଚାରାଗଛଗୁଡ଼ିକ ସମୟ କ୍ରମେ ଦ୍ରୁମ-ମହାଦ୍ରୁମରେ ପରିଣତ ହୋଇଗଲା, ଯାହାକି ତାଙ୍କୁ ଜ୍ଞାତ ମଧ୍ୟ ହେଲା ନାହିଁ। ଏହା ଏକ ପ୍ରେମିକାର ନିଜ ପ୍ରେମୀ ପ୍ରତି ସାତ୍ତ୍ୱିକ ପ୍ରେମର ତପସ୍ୟାର ଉଦାହରଣ ପ୍ରେମ ମାର୍ଗରେ।

ଶିଷ୍ୟ-ଗୁରୁ ପରମ୍ପରାରେ ମଧ୍ୟ ଏହିପରି ସତ୍ୟ ପ୍ରତି ନିଷ୍ଠା ଆରୁଣୀକୁ ସତ୍ୟର ସମୀପକୁ ନେଇଥିଲା।

ଶବର କୌଣସି ପୂଜା-ବିଦ୍ଧି ନ ଜାଣି ନିଷ୍ଠାର ସହ ଶିବଲିଙ୍ଗ ଜ୍ଞାନରେ ପଥରକୁ ଆରାଧନା କରି, ନିଜ ଚକ୍ଷୁଦାନ କରି ସତ୍ୟଂ ଶିବଂ ସୁନ୍ଦରମ୍‌ଙ୍କୁ ପ୍ରାପ୍ତ ହୋଇଥିଲା।

ତେଣୁ ସନାତନୀ ପରମ୍ପରାରେ ସତ୍ୟପ୍ରାପ୍ତି ପାଇଁ କୌଣସି ଧରାବନ୍ଧା ପଥ ନାହିଁ। ଯଦି 'ଚିରନ୍ତନ ସତ୍ୟ' ସୃଷ୍ଟି ତତ୍ତ୍ୱ ଅନୁଯାୟୀ ମାୟା ପ୍ରଭାବରେ ଅସଂଖ୍ୟ 'ବିପେକ୍ଷିକ ସତ୍ୟ' (ମିଥ୍ୟା)ର ରୂପ ନେଇପାରୁଛି ତେବେ ଅସଂଖ୍ୟ ମିଥ୍ୟାରୁ ଓଲଟା ଗତି କରି (Reverse Engineering) ଚିରନ୍ତନ ସତ୍ୟ ପାଖରେ ପହଞ୍ଚିବା ପାଇଁ ଗୋଟିଏ ମାତ୍ର ପଥ ରହିବା ସମୀଚିନ ନୁହେଁ। 'ବ୍ରହ୍ମ ସତ୍ୟ ଜଗନ୍ ମିଥ୍ୟା...ଜୀବ ବ୍ରହ୍ମୈବ କେବଳମ୍।' ଜୀବାତ୍ମା ହିଁ ପରମାତ୍ମାର ପ୍ରତିଫଳନ। ଯଦି ବିଜ୍ଞାନ ଅନୁଯାୟୀ 'Energy creates matter' ହେଇପାରୁଛି ତେବେ ବ୍ରହ୍ମସତ୍ତା ହିଁ ଉଭୟ ଜଡ଼ ଓ ଚଳିତ୍ ବସ୍ତୁର ରୂପ ନେଇଛି। 'ଭଗବାନ' ତତ୍ତ୍ୱ ଆସେ ସେତେବେଳେ ଯେତେବେଳେ ଏକ ବ୍ରହ୍ମରୁ ବହୁ ହେବାର ପ୍ରକ୍ରିୟାରେ ସଗୁଣ ବ୍ରହ୍ମର ରୂପାନ୍ତର ହୁଏ। ତିନିଗୁଣ ଦ୍ୱାରା ବ୍ରହ୍ମ କ୍ରମେ ଆଚ୍ଛନ୍ନ ହୁଏ। ତା'ପରେ ଦେବଗଣଙ୍କ ସଂଜ୍ଞା ନିରୂପଣ ହୁଏ, ଯେତେବେଳେ ସୃଷ୍ଟି ଚଳନ ପାଇଁ ଶକ୍ତି ବିଭିନ୍ନ ରୂପରେ କ୍ରିୟାଶୀଳ ହୁଏ। ତେଣୁ ଏସବୁ ପ୍ରକ୍ରିୟାକୁ ଉପର ତଳ (Hierarchial order) ରେ ତର୍ଜମା ନ କରି ପରସ୍ପର ପ୍ରତିଫଳନ (Transformation or reflection) ମାନିଲେ ସନାତନୀ ପରମ୍ପରାଭିତ୍ତିକ ଦ୍ୱନ୍ଦ୍ୱ ରହିବ ନାହିଁ।

ସତ୍ୟ ପ୍ରତି ନିଷ୍ଠା ପରିପ୍ରେକ୍ଷୀରେ ଠାକୁରଙ୍କ ଜୀବନରୁ ଏକ ଘଟଣା ବିଶେଷ ମହତ୍ତ୍ୱ ରଖେ। ଠାକୁରଙ୍କ ଗୁରୁ-ସ୍ୱାମୀ ସଚ୍ଚିଦାନନ୍ଦ ଯେତେବେଳେ ପେଟର ଶୂଳ ରୋଗରେ ଭୀଷଣ ଯନ୍ତ୍ରଣା ପାଉଥିଲେ, ତା'ର ଉପଶମ ପାଇଁ କ'ଣ କରିବାକୁ ପଡ଼ିବ ବୋଲି ଠାକୁର ପଚାରିଥିଲେ। ସ୍ୱାମୀ ସଚ୍ଚିଦାନନ୍ଦ ଠାକୁରଙ୍କୁ କହିଲେ, 'ମୋ ପେଟ ଯନ୍ତ୍ରଣା ଉପଶମର ଗୋଟିଏ ମାତ୍ର ଉପାୟ ହେଲା, ଯଦି କେହି ଛିଡ଼ା ହୋଇ ତା' ପାଦରେ ପେଟ ଉପରେ ଚାପ ପ୍ରୟୋଗ କରିବ, ତେବେ ତାଙ୍କୁ ଏହି ଶୂଳ ରୋଗ ଯନ୍ତ୍ରଣାରୁ ମୁକ୍ତି ମିଳିବ।' ଠାକୁର ସଙ୍ଗେ ସଙ୍ଗେ ଏ ପ୍ରକ୍ରିୟା କରିବା ପାଇଁ ପ୍ରସ୍ତୁତ ହୋଇଗଲାରୁ ତାଙ୍କ ଗୁରୁ କହିଲେ, 'ଆରେ ଚଣ୍ଡାଳ! ତୁ ଏ କାମ କଲେ ଗୁରୁ ଦେହରେ ପାଦ ମାରିଛୁ ବୋଲି ନର୍କଗାମୀ ହେବୁ।'

ଠାକୁର ସଂଗେ ସଂଗେ ଉତ୍ତର ଦେଲେ, 'ମୁଁ ରସାତଳଗାମୀ ହୋଇ ଶତ ନର୍କ ଯନ୍ତ୍ରଣା ଭୋଗ କଲେ ମଧ୍ୟ ଦ୍ୱିଧା ନାହିଁ, କିନ୍ତୁ ଏହା ଦ୍ୱାରା ତ ମୋ ପ୍ରିୟ ଗୁରୁଙ୍କ ଯନ୍ତ୍ରଣାର ଉପଶମ ହେବ।'

ତେଣୁ ଏହି ମହାନ ଗୁରୁପ୍ରେମୀ ସ୍ୱାମୀ ନିଗମାନନ୍ଦ ଯିଏ କି ଆମ ପ୍ରାଣର ଠାକୁର, ତାଙ୍କରି ଶିଷ୍ୟ ହୋଇ, ତାଙ୍କରି ନୀତିବାଣୀ ଅନୁସରଣ କରି ନିଜ ଜୀବନରେ ଅନୁଶୀଳନ କରିବା, ନିଷ୍ଠାର ସହ ତାଙ୍କ ବାଣୀ 'ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ'କୁ ପାଥେୟ କରି ଏକ ଆଦର୍ଶ ଗୃହସ୍ଥ ଜୀବନଯାପନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିବା। ଆମେ ସମସ୍ତେ ସତ୍ତ୍ୱଗୁଣରେ ବିକଶିତ ହେଲେ, ଆମ କର୍ମ ମାଧ୍ୟମରେ ସାତ୍ତ୍ୱିକ ଗୁଣର ଶକ୍ତି ତରଙ୍ଗ, ଆମ ପରିବାର, ପରିଜନ, ବନ୍ଧୁ, ସ୍ୱଜନ, ଦେଶବିଦେଶ ଓ ସମଗ୍ର ପୃଥିବୀକୁ ଧୀରେ ଧୀରେ ବ୍ୟାପ୍ତ ହେବ। ବିଜ୍ଞାନ ମଧ୍ୟ ଏହାକୁ (butterflying effect) ର ନାମ ଦେଇଥାଏ।

ସମସ୍ତ ଜନମାନସ ଯଦି ପନ୍ଥା ଉପରେ ରକ୍ଷଣଶୀଳ ନ ହୋଇ ସ୍ୱସଂସ୍କାର ଭିତ୍ତିରେ ଯେକୌଣସି ପନ୍ଥା ଅବଲମ୍ବନ କରି ପରମ ସତ୍ୟର ଅନୁଗାମୀ ହେବେ, ତେବେ ଯୁକ୍ତି, ବାକ୍‌ବିତଣ୍ଡାର କୌଣସି ସ୍ଥାନ ଧର୍ମ କ୍ଷେତ୍ରରେ ରହିବ ନାହିଁ। ଅନ୍ୟର ଧର୍ମପନ୍ଥାକୁ ସନ୍ଦେହ ନ କରି, ପ୍ରଶ୍ନ ନ ପଚାରି ବରଂ ସତ୍ୟରେ ପ୍ରତିଷ୍ଠିତ ମୁକ୍ତପୁରୁଷ-ସତ୍ୟର ଗୁରୁ, ସଦ୍‌ଗୁରୁ, ସ୍ୱାମୀ ନିଗମାନନ୍ଦଙ୍କ ବାଣୀରେ ହିଁ ନିଜ ମନର ସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରିବାକୁ ପଡ଼ି। କ୍ରମଶଃ ଦ୍ୱନ୍ଦ୍ୱ ଦୂରୀଭୂତ ହେବ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ଗିରିଜା ଶଙ୍କର ମିଶ୍ର**

ଭଦ୍ରକ ସାରସ୍ୱତ ସଂଘ


# ପାଦପଦ୍ମେ ତୁମ କ୍ଷମା ମାଗଇ

ପରମପୂଜ୍ୟ ଠାକୁରଙ୍କୁ ନେଇ
ଭଜନ ଗୋଟିଏ ଲେଖିବା ପାଇଁ
ଖାତାର ଅଲେଖା ପୃଷ୍ଠା ମେଲାଇ
ବସି ପଡ଼ିଛି ମୁଁ କଲମ ନେଇ।
ଭାବ ନାହିଁ କି ମୋ ଭାବନା ନାହିଁ
ସାଧ ନାହିଁ କି ମୋ ସାଧନା ନାହିଁ
କାହିଁକି କେଜାଣି (ମୋ) ଏତେ ବଡ଼େଇ
ଭାବୁଛି ଭଜନ ଲେଖିବା ପାଇଁ।
ଭାଷା ପାଉନାହିଁ, ଶବ୍ଦ ମିଳୁନାହିଁ
ଆରମ୍ଭ କେଉଁଠୁ ଭାବି ପାରୁନାହିଁ
ରୂପ ବର୍ଣ୍ଣିବି ନା ଗୁଣ ବଖାଣିବି
ସେତିକି ଏଯାଏ ଠିକ୍ କରିନାହିଁ।
ପୃଷ୍ଠା ମେଲା ଅଛି କଲମ ଧରିଛି
ସମୟ ତା ବାଟେ ଗଡ଼ି ଯାଉଅଛି
ମୂଢ଼ମତି ମୁଁ ଯେ ଏଯାଏ ଭାବୁଛି
ଲେଖିବି ନିଶ୍ଚୟ ଦୁଇପଦ କିଛି।
କାହିଁ କେତେବେଳୁ ସେମିତି ବସିଛି
ଚିନ୍ତା ରାଇଜରେ କେଉଁଠି ବୁଲୁଛି
ହଠାତ୍ ଲାଗିଲା, କିଏ ପଚାରୁଛି
ଭଜନ ଲେଖା ତୋ କେତେ ବାଟେ ଅଛି ?
ଖାତା ପଡ଼ିଅଛି ପୃଷ୍ଠା ମେଲା ହୋଇ
ଧାଡ଼ିଟିଏ ହେଲେ ଲେଖା ହୋଇନାହିଁ
ଏଥର ବୁଝିଲି ନ ହେବ ମୋ ଦେଇ
ଅଯଥାରେ ସିନା କଲି ମୁଁ ବଡ଼େଇ।
ଟାଣପଣ ସବୁ ଭାଙ୍ଗି ମୋ ଯାଇଛି
ନିଜ ଲାଗି ନିଜ ମୁଣ୍ଡ ନୁଆଁଇଛି
ଏତେବେଳକୁ ମୁଁ ଭଲିକି ବୁଝିଛି
ପ୍ରଭୁ କୃପା ବିନା ନ ହେବ ହିଁ କିଛି।
କରୁଣା ସାଗର ଠାକୁର ମୋହର
ପାଦପଦ୍ମେ ତୁମ କ୍ଷମା ମାଗଇ
ତୁମ ଦୟା ବିନା ଶକତି ମୋ କାହିଁ
ତୁମରି ଭଜନ ଲେଖିବା ପାଇଁ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ କଳ୍ପନା ଦାଶ**

ଆମେରିକା ସାରସ୍ୱତ ସଂଘ

# ନାରୀ ଶକ୍ତି

ଜଣେ ବିଶିଷ୍ଟ ମହାତ୍ମା ନାରୀମାନଙ୍କ ସମ୍ପର୍କରେ ବହୁ ବର୍ଷ ତଳେ ଯାହା କହିଥିଲେ ତାହା ପ୍ରଣିଧାନଯୋଗ୍ୟ। ତାଙ୍କ ଉକ୍ତିର ମୂଳ ମର୍ମ ହେଲା ନାରୀକୁ ପ୍ରୀତି ଓ ସମ୍ମାନ କରିବା କଥା। ନାରୀ କେବଳ ପୁରୁଷର ସୁଖ ସାଧନର ଉପାୟ ନୁହେଁ। ସେ ପୁରୁଷର ଶକ୍ତି ଅଟେ। ପୁରୁଷର ପ୍ରତିଭା, ମାନସିକ ଓ ନୈତିକ ଉତ୍କର୍ଷ ବିଧାନର ଶ୍ରେଷ୍ଠ ସହାୟ ଅଟେ। ପୁରୁଷ ନାରୀ ଠାରୁ କୌଣସି ଅଂଶରେ ଶ୍ରେଷ୍ଠ ନୁହେଁ। ଏ ପ୍ରକାର ଧାରଣା ମନରୁ ଦୂରୀଭୂତ କରିବା ଉଚିତ୍। ବହୁକାଳ ସ୍ଥାୟୀ ସଂସ୍କାର ଓ ଅବିଚାର ନାରୀ ଜାତିର ମାନସିକ ଶକ୍ତିର ହୀନମନ୍ୟତାର କାରଣ ଅଟେ ଏବଂ ସେଇ ହେତୁରୁ ସମଗ୍ର ନାରୀ ଜାତି ଦୀର୍ଘକାଳ ସ୍ଥାୟୀ ଅତ୍ୟାଚାର ସବୁ ଭୋଗ କରି ଆସୁଅଛନ୍ତି। ନାରୀକୁ କେବଳ ସୁଖ-ଦୁଃଖର ସହଚରୀ ମନେ ନ କରି ଚିନ୍ତା, ତୁମର ଆକାଂକ୍ଷା, ତୁମର ଶିକ୍ଷା, ତୁମର ସମସ୍ତ ପ୍ରକାର ସାମାଜିକ ଉନ୍ନତି ନିମନ୍ତେ ଚେଷ୍ଟା ପଥରେ ମୁଖ୍ୟ ସହାୟକ ବୋଲି ମନେ କରିବା ଉଚିତ। ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମଧ୍ୟ ସେ ପୁରୁଷର ସମକକ୍ଷ। ପୁରୁଷ ଓ ନାରୀ ଉଭୟ ଜୀବନର ମହତ୍ତ୍ୱର ଲକ୍ଷ୍ୟ ସାଧନ ପଥରେ ଦୁଇପକ୍ଷ ସଦୃଶ କାର୍ଯ୍ୟ କରନ୍ତି।

ସ୍ତ୍ରୀ ଶକ୍ତିର ପୂର୍ଣ୍ଣ ବିନିଯୋଗ ଉତ୍ସାହୀ ସଂସ୍କାରକମାନେ ପୂର୍ଣ୍ଣ ବିଶ୍ୱାସ ପୂର୍ବକ ଅନ୍ତଃପୁରବାସିନୀଙ୍କୁ ସୂର୍ଯ୍ୟାଲୋକକୁ ଆଣି ନାରୀ ଶିକ୍ଷାର ପଥ ପ୍ରଶସ୍ତ କରିଛନ୍ତି। ନାରୀ ଜାତିକୁ ମନୁଷ୍ୟର ନାର୍ଯ୍ୟ ଅଧିକାର ଦେବା ପାଇଁ ପିଞ୍ଜରାମୁକ୍ତ ପକ୍ଷୀର ସ୍ୱାଧୀନତା ପରି ସ୍ୱାଧୀନତା ଦେବା ପାଇଁ ଐକାନ୍ତିକ ଉଦ୍ୟମ କଲେ। ତା'ର କାର୍ଯ୍ୟକ୍ଷେତ୍ରକୁ ପୃଥିବୀରେ ସର୍ବତ୍ର ପ୍ରସାରିତ କରିବାର ପ୍ରୟାସ ଜାରି ରଖି ସଫଳ ହେଲେ। ବାସ୍ତବିକ ଆମ ଠାକୁରଙ୍କ ବାଣୀରେ, ଆମ ଭାରତୀୟ ସଂସ୍କୃତିରେ ନାରୀକୁ ସର୍ବଶକ୍ତିମୟୀ ବୋଲି ସମ୍ମାନ ଦିଆଯାଉଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ବଞ୍ଚିତ କରାଯାଉଛି।

ମଧ୍ୟଯୁଗରେ ବହୁ ଅଧିକାରରୁ ନାରୀଶକ୍ତିକୁ ବଞ୍ଚିତ କରାଯାଉଥିଲା। ପୁରାଣରେ ପାଶବିକ ବଳର ମହିଷକୁ ସ୍ନେହ, କରୁଣା, କ୍ଷମା, ଦୟାରେ ପରିପୂର୍ଣ୍ଣ ମାତୃଶକ୍ତି ଦେବୀ ଦୁର୍ଗା ହିଁ ବିନାଶ କରିଥିଲେ। ତଥାପି ସମାଜରେ ପାଶବ ବଳକୁ ସମ୍ମାନ ଦିଆଯାଏ। ପଶୁବଳରେ ହିଁ ସମାଜକୁ ଶାସନ କରାଯାଏ। ନୈତିକ ବଳରେ ପରିପୂର୍ଣ୍ଣ ମାତୃଶକ୍ତିକୁ ଦୁର୍ବଳ କରି ବହୁ ସୁଯୋଗରୁ ବଞ୍ଚିତ କରାଯାଏ। ସବୁଠାରୁ ବଡ଼ କଥା ହେଲା ନାରୀକୁ ଭୋଗ୍ୟ ବସ୍ତୁ ଭାବରେ ବିଚାର କରିବା ମନୋବୃତ୍ତି। ଏହା ହିଁ ଭାରତୀୟମାନଙ୍କର ଅଧୋଗତିର ମୁଖ୍ୟ କାରଣ। ଆମମାନଙ୍କ ପରିବାରର ପତନ ହିଁ ଏହାର ଗୋଟିଏ କାରଣ। ଆମେ ପୂର୍ବର କୁସଂସ୍କାରକୁ ଫିଙ୍ଗି ଦେଇ ସୁସଂସ୍କାରକୁ ଗ୍ରହଣ କଲେ ବ୍ରହ୍ମବାଦିନୀ ନାରୀ ଯେ ଅସାଧ୍ୟ ସାଧନ କରିପାରିବ, ତା'ର ବହୁ ଦୃଷ୍ଟାନ୍ତ ସୀତା, ସାବିତ୍ରୀ, ଗାର୍ଗୀ, ମୈତ୍ରେୟୀଙ୍କ ଚରିତ୍ର ମଧ୍ୟରେ ପ୍ରତିଭାତ। ଆଗରୁ ଲୋକଙ୍କ ଧାରଣା ଥିଲା, ସ୍ତ୍ରୀ ଲୋକେ କେବଳ ଘରର ଚାରିକାନ୍ଥ ଭିତରେ ରହି ରୋଷେଇ ଓ ପିଲାଛୁଆ କଥା ବୁଝିବେ। କିନ୍ତୁ ସମୟ ବଦଳିବା ସଙ୍ଗେ ସଙ୍ଗେ ଏ ବିଚାର ମଧ୍ୟ ବଦଳି ଯାଇଛି। ଆମ ଦେଶରେ କଳ୍ପନା ଚାଓ୍ଲା ଜଣେ ମହାକାଶ ବୈଜ୍ଞାନିକ ହେଉଥିଲେ। ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ ଥିଲେ, ଦ୍ରୌପଦୀ ମୁର୍ମୁ ଦେଶର ମହାମହିମ ରାଷ୍ଟ୍ରପତି ଅଛନ୍ତି।

ଆଜିକାଲି ସବୁ କ୍ଷେତ୍ରରେ, ସବୁ ବିଭାଗରେ ନାରୀମାନେ ବଡ଼ ବଡ଼ ପଦବୀରେ ଅଭିଷିକ୍ତ ହେଲେଣି। ନାରୀମାନେ ପାଇଲଟ ହେଲେଣି। ଦେଶର ସୁରକ୍ଷା ବିଭାଗରେ ଯଥା - ଜଳ, ସ୍ଥଳ, ଆକାଶବାହିନୀରେ ଦେଶର ସର୍ବୋଚ୍ଚ ମିଲିଟାରୀ ବିଭାଗରେ କାମ କଲେଣି। ସାମ୍ବାଦିକତା, ଫଟୋଗ୍ରାଫି, ସାଇଣ୍ଟିଷ୍ଟ, ଡାକ୍ତର, ଇଞ୍ଜିନିୟର, ମନ୍ତ୍ରୀ, ଆଇଏଏସ୍, କଲେକ୍ଟର, ବଡ଼ବଡ଼ ବିଜିନେସ୍ ମ୍ୟାନ, ସିଆଡି, ଇଣ୍ଟେଲିଜେନ୍ସ ବିଭାଗରେ କାମ କରି ଗୌରବ ହାସଲ କରିସାରିଲେଣି।

ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି କୀର୍ତ୍ତିଂ ଶ୍ରୀବାକ୍ ଚ ନାରୀଣା ଶ୍ରୁତି ମେଧା ଧୃତି କ୍ଷମା। ଏହି ସମସ୍ତ ମହନୀୟ ଗୁଣ ଦ୍ୱାରା ନାରୀ ଯେଉଁ ଅସାଧ୍ୟ ସାଧନ କରିପାରେ, ପୁରୁଷ ପଶୁବଳ ସାହାଯ୍ୟରେ ତାହା କରିପାରେ ନାହିଁ। ଜଗଜ୍ଜନନୀ ଦୁର୍ଗାଙ୍କର ଦଶଭୂଜ ଏହାର ଅର୍ଥ ହେଲା ନାରୀ ହିଁ ମା ହେବାର ଗୌରବମୟ ଅଧିକାର ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ଲାଭ କରିଛି। କେବଳ ସୁବିଧା ସୁଯୋଗ ଓ ସେମାନଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେଲେ ଆଜି ଯାହା ନିର୍ଜୀବତା, ଅଜ୍ଞାନତା ଭଳି ବୋଧ ହେଉଛି କାଲି ତାହା ସମଗ୍ର ଜାତିର ଉନ୍ନତି ପାଇଁ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାକୁ ସାମର୍ଥ୍ୟ ଭାବରେ ଉଭା ହେବ।

ପରିଶେଷରେ ନିବେଦନ ମାତୃଶକ୍ତିର ସୁବିନିଯୋଗ ଫଳରେ ସମାଜରେ ସୁଗୃହିଣୀ, ସୁଜନନୀ, ସୁଶାସିକାଙ୍କର ଆଉ ଅଭାବ ରହିବ ନାହିଁ। ଘରେ ଘରେ ଶାନ୍ତି ପ୍ରତିଷ୍ଠା ହେବା ସହିତ ସମାଜରେ ମଙ୍ଗଳ ସାଧିତ ହୋଇପାରିବ। ସେଥିପାଇଁ ନାରୀମାନଙ୍କୁ ଅଧିକାର ସହ ନିରପତ୍ତା ଦେବା ସମାଜର କର୍ତ୍ତବ୍ୟ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଅନସୂୟା ଦାସ**
ଏକାମ୍ର ସାରସ୍ୱତ ସଂଘ

# ଆମେରିକା ସାରସ୍ୱତ ସଂଘ ବାର୍ଷିକ ବିବରଣୀ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ତା.୪ ଅଗଷ୍ଟ ୨୦୦୧ରିଖ ଦିନ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମଦିନରେ ମାତ୍ର ସାତଗୋଟି ଭକ୍ତ ପରିବାରକୁ ନେଇ ଆରମ୍ଭ ହୋଇଥିବା 'ଆମେରିକା ସାରସ୍ୱତ ପାଠଚକ୍ର' ନୀଳାଚଳ ସାରସ୍ୱତ ସଂଘର ତତ୍କାଳୀନ ସଭାପତି ଓ ପରିଚାଳକ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଦାଶ ଭାଇଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ହୋଇ ୨୦୦୪ ମସିହା ଜାନୁୟାରୀ ୭ ତାରିଖ ପୌଷ ପୂର୍ଣ୍ଣିମା ଦିନ ସଂଘରେ ପରିଣତ ହୋଇଥିଲା। 'ଆମେରିକା ସାରସ୍ୱତ ସଂଘ'ର ଏକବିଂଶ ବାର୍ଷିକ ଉତ୍ସବ ତା ୧୯ ଜାନୁୟାରୀ ୨୦୨୫ ରିଖ ରବିବାର ଦିନ ପାଳିତ ହୋଇଥିଲା।

### ନିଗମ ସ୍ମୃତି ମନ୍ଦିରରେ ସଂଘ ଅଧିବେଶନ

ନର୍ଥ କାରୋଲିନା ରାଜ୍ୟର ଏଫ୍‌ଲାଣ୍ଡ ସହରସ୍ଥିତ 'ଆମେରିକା ସାରସ୍ୱତ ସଂଘ'ର ଆସନ ମନ୍ଦିର 'ନିଗମ ସ୍ମୃତି ମନ୍ଦିର'ରେ ଗତବର୍ଷ ସଂଘପୂଜା ଅଧିବେଶନ ଓ Young Aspirants' Sessions ନିୟମିତ ଭାବରେ ପ୍ରତ୍ୟେକ ରବିବାର ଦିନ ଅନୁଷ୍ଠିତ ହୋଇଥିଲା। ମାସର ପ୍ରଥମ ରବିବାର ଦିନ ମହିଳା ପୂଜା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ଜାନୁୟାରୀ ୧୪, ୨୦୨୪ ରବିବାର ଦିନ ସଂଘର ବିଂଶ ବାର୍ଷିକ ଉତ୍ସବ, ମଇ ୧୧, ୨୦୨୪ ଶନିବାର ଦିନ ସଂଧ୍ୟାରେ ଅକ୍ଷୟ ତୃତୀୟା, ଅଗଷ୍ଟ ୧୮, ୨୦୨୪ ରବିବାର ଦିନ ସଂଧ୍ୟାରେ ଜନ୍ମୋତ୍ସବ ଓ ନଭେମ୍ବର ୧୫, ୨୦୨୪ ଶୁକ୍ରବାର ଦିନ ସଂଧ୍ୟାରେ ରାସ ପୂର୍ଣ୍ଣିମା ଉପଲକ୍ଷେ ସଂଘପୂଜାର ବିଶେଷ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଶେଷ ଅଧିବେଶନଗୁଡ଼ିକ ସହିତ ସଂଘପୂଜାର ପୂର୍ଣ୍ଣାଙ୍ଗ ଅଧିବେଶନମାନ ନିଗମ ସ୍ମୃତି ମନ୍ଦିରରୁ live broadcast www.youtube.com ମାଧ୍ୟମରେ କରିବାକୁ ଚେଷ୍ଟା କରାଯାଇଅଛି।

ପ୍ରତିମାସର ଶେଷ ରବିବାର ଦିନ ନୀଳାଚଳ ସାରସ୍ୱତ ସଂଘର ଅନୁମୋଦିତ ଜଣେ ସଦସ୍ୟ କେନ୍ଦ୍ର ପ୍ରତିନିଧି ଭାବରେ ଫୋନ୍ ମାଧ୍ୟମରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ବିଷୟରେ ଆଲୋଚନା କରିଥାନ୍ତି। ବିଗତ ବର୍ଷ କେନ୍ଦ୍ର ପ୍ରତିନିଧି ଭାବରେ ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ, ଶ୍ରୀ ସଂଗ୍ରାମ କେଶରୀ ସିଂହ ଭାଇ, ଶ୍ରୀ ରବିନ୍ଦ୍ର ନାଥ ପରିଡା ଭାଇ, ଶ୍ରୀ କମ୍ବୁ ଚରଣ ଧର ଭାଇ, ଶ୍ରୀ ଜଗନ୍ନାଥ ଦାଶ ଭାଇ, ଶ୍ରୀ ଗୌରାଙ୍ଗ ଚରଣ ମହାନ୍ତି ଭାଇ, ଶ୍ରୀ କାନନ ବିହାରୀ ସାହୁ ଭାଇ ଓ ଶ୍ରୀ ସୁଧାଂଶୁ ପରିଡ଼ା ଭାଇ ଆମ ସଂଘପୂଜା ଅଧିବେଶନଗୁଡ଼ିକରେ ଯୋଗଦେଇ ଆଲୋଚନା କରିଥିଲେ।

୨୦୨୪ ମସିହାର ସଂଘ ଅଧିବେଶନରେ ୧୦୭ ଜଣ (୪୯ ଭାଇ ଓ ୫୮ ମା') ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୪ ଜଣ Regular Members, ୮ ଜଣ Associate Members ଓ ୧୮ ଜଣ ଦର୍ଶକ ଅର୍ନ୍ତଭୁକ୍ତ।

### Young Aspirants' Session

ଆମ ସଂଘରେ ପିଲାମାନଙ୍କର ଅଧିବେଶନ ୨୦୦୪ ମସିହା ଜାନୁୟାରୀ ମାସରୁ ଅନୁଷ୍ଠିତ ହୋଇ ଆସୁଅଛି। ଗତ ବର୍ଷ ପିଲାମାନଙ୍କର ଅଧିବେଶନ ଦିନ ୧୧ରୁ ୧୧.୩୫ EST ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। Elementary, Middle School ଏବଂ High Schoolରେ ପଢୁଥିବା ପିଲାମାନଙ୍କ ପାଇଁ ସେମାନେ ବୁଝିପାରିବା ଭଳି ପୃଥକ ଆଲୋଚନା କରାଯାଉଅଛି। ଶ୍ରୀମତୀ ସ୍ୱାତୀ ଶିବପ୍ରସାଦ ମା' (ମୁନି), ସୌମ୍ୟାଶ୍ରୀ ରାୟ ମା' (ଭକ୍ତି) ଓ ଶ୍ରେୟା ପ୍ରଭାକର ମା' (ଆନି) ମୁଖ୍ୟତଃ ଏହି ଅଧିବେଶନଗୁଡ଼ିକ ପରିଚାଳନା କରୁଛନ୍ତି ଏବଂ ଆବଶ୍ୟକ ଅନୁଯାୟୀ ଶ୍ରୀମତୀ ବେଦମତି ଉପାଧ୍ୟାୟ ମା' ଓ ଶ୍ରୀ ବରଦାକାନ୍ତ ନାୟକ ଭାଇ ଅଧିବେଶନ ପରିଚାଳନାରେ ସାହାଯ୍ୟ କରିଛନ୍ତି। ପ୍ରତ୍ୟେକ ସଂଘ ଅଧିବେଶନରେ ପାଳିଆ ସଂଘସେବୀଙ୍କ ସହିତ ଜଣେ Young Aspirant ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ ଓ ଭାବ ବିନିମୟ ସେବା କରୁଛନ୍ତି। ବିଗତ ବର୍ଷରେ ୨୮ ଜଣ ପିଲାମାନେ Young Aspirants' Session ରେ ଯୋଗଦାନ କରିଛନ୍ତି।

### ପରିଚୟ ପତ୍ର

୨୦୨୪ ମସିହାରେ ଆମେରିକା ସାରସ୍ୱତ ସଂଘରେ ଦୁଇ ଜଣ ମା' ଓ ଜଣେ Young Aspirant ନୂତନ ପରିଚୟ ପତ୍ର ଗ୍ରହଣ କରିଛନ୍ତି। ପୁରାତନ ଭକ୍ତଙ୍କ ମଧ୍ୟରୁ ୪୦ ଜଣ ଭାଇ ଓ ୪୦ ଜଣ ମା' ଓ ୧୬ ଜଣ Young Aspirants ପରିଚୟ ପତ୍ର ନବୀକରଣ

କରିଥିଲେ। ସର୍ବମୋଟ ୯୯ ଜଣ ଭକ୍ତ (୪୦ ଭାଇ, ୪୨ ମା' ଓ ୧୭ Young Aspirants) ପରିଚୟ ପତ୍ର ଆମ ସଂଘ ମାଧ୍ୟମରେ କରିଥିଲେ। ଆମ ସଂଘର ୩୮ଟି ପରିବାର କେନ୍ଦ୍ରରୁ ଅନୁମତି ନେଇ ଗୃହାସନରେ ପୂଜା କରୁଛନ୍ତି। ଆମ ସଂଘରୁ ୯୪ ଜଣ ଭକ୍ତ ୭୪ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶ ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ୪୨ଟି ପରିବାର ସଂଘ-ସେବକ ପତ୍ରିକା ଗ୍ରହଣ କରିଛନ୍ତି।

### ଭକ୍ତ ସମ୍ମିଳନୀ

ଆମେରିକା ସାରସ୍ୱତ ସଂଘର ଦ୍ୱାବିଂଶ ବାର୍ଷିକ ଭକ୍ତ ସମ୍ମିଳନୀ ଗତ ୨୦୨୪ ମସିହା ଜୁଲାଇ ମାସ ୪, ୫ ଓ ୬ ତାରିଖ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ଭାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସର୍ବମୋଟ ୧୪୨ ଭାଇ, ମା' ଓ ପିଲାମାନେ ଯୋଗଦାନ କରିଥିଲେ। ୮୮ ଜଣ ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶ ଗ୍ରହଣ କରିଛନ୍ତି। ଉକ୍ତ ଭକ୍ତ ସମ୍ମିଳନୀ ସମୟରେ 'ସାରସ୍ୱତ ମାଧୁରୀ' ପତ୍ରିକା ପ୍ରକାଶିତ ହୋଇଥିଲା। ତା୪ ଜୁଲାଇ ୨୦୨୪ରିଖ ସମ୍ମିଳନୀରେ ଏକ General Body Meeting ବୈଠକ ଅନୁଷ୍ଠିତ ହୋଇଥିଲା।

### ସେବାଶିକ୍ଷାର୍ଥୀ ମଣ୍ଡଳ

୨୦୦୬ ମସିହାରେ କେନ୍ଦ୍ର ଅନୁମତି କ୍ରମେ ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳ ନାମରେ ଏକ ସେବାଶିକ୍ଷାର୍ଥୀ ମଣ୍ଡଳ ଗଠନ କରାଯାଇଥିଲା। ଗତ ଜୁନ ୨୮, ୨୦୨୪ ଠାରୁ ଜୁନ ୩୦, ୨୦୨୪ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଏହି ସେବାଶିକ୍ଷାର୍ଥୀ ମଣ୍ଡଳର ସପ୍ତଦଶ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। 'ନୀଳାଚଳ ସାରସ୍ୱତ ସଂଘ' ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାଶ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳର ସେବକମାନେ ହେଲେ – ସର୍ବଶ୍ରୀ ସୁବ୍ରତ କୁମାର ନାୟକ, ବିଶ୍ୱଜିତ୍ ସୁନ୍ଦରରାୟ, ବୃନ୍ଦାବନ ସାହୁ, ପ୍ରଭାକର ବାଇ, ଅଶ୍ୱିନୀ କୁମାର ନାୟକ ଓ ସାନୁଜିତ୍ ସେନାପତି।

ମା'ମାନଙ୍କ ପାଇଁ ଶ୍ରୀଅରୁନ୍ଧତୀ ସେବାଶିକ୍ଷାର୍ଥୀନୀ ମଣ୍ଡଳର ତୃତୀୟ ଅଧିବେଶନ ଗତ ୨୦୨୪ ମସିହା ଜୁଲାଇ ମାସ ୧ ତାରିଖ ଠାରୁ ୩ ତାରିଖ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଣେ ଭକ୍ତ ସଂକଳ୍ପ କରି ଯୋଗଦେଇଥିଲେ। କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାଶ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ଶ୍ରୀଅରୁନ୍ଧତୀ ସେବାଶିକ୍ଷାର୍ଥୀନୀ ମଣ୍ଡଳରେ ଯୋଗଦେଇଥିବା ସେବିକାମାନେ ହେଲେ – ଉଷା ଅଗ୍ରୱାଲ ମା', ପଦ୍ମଗନ୍ଧା ସାହୁ ମା', ଶିବାନୀ ଦ୍ୱିବେଦୀ ମା', ରଶ୍ମୀ ପଣ୍ଡା ମା', ସ୍ମିତା ରାୟ ମା', ସ୍ମିତା ବାଇ ମା', ବେଦମତି ଉପାଧ୍ୟାୟ ମା', ସସ୍ମିତା ପଟ୍ଟନାୟକ ମା', ସୁଶ୍ରୀ ସୁବୁଦ୍ଧିରାୟ ମା', ସୁଧାଂଶୁବାଳା ଜେନା ମା', ରଶ୍ମୀ ଚୌଧୁରୀ ମା' ଓ ଉଦିତା ସୁନ୍ଦର ରାୟ ମା'।

ଏତଦ୍‌ବ୍ୟତୀତ କେନ୍ଦ୍ର ଅନୁମତି କ୍ରମେ ଭାଇମାନଙ୍କ ପାଇଁ ଶ୍ରୀଚୈତନ୍ୟ ସେବାଶିକ୍ଷାର୍ଥୀ ମଣ୍ଡଳର ତୃତୀୟ ଅଧିବେଶନ ଗତ ୨୦୨୪ ମସିହା ଜୁଲାଇ ମାସ ୭ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇ ଜଣ ନୂତନ ଭକ୍ତ ସଂକଳ୍ପ କରି ଯୋଗଦେଇଥିଲେ। କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାଶ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ଶ୍ରୀଚୈତନ୍ୟ ସେବାଶିକ୍ଷାର୍ଥୀ ମଣ୍ଡଳରେ ଯୋଗଦେଇଥିବା ସେବକମାନେ ହେଲେ - ସର୍ବଶ୍ରୀ ସୁପ୍ରିତ୍ ପଟ୍ଟନାୟକ ଭାଇ, ସ୍ୱପ୍ନେଶ୍ୱର ସୁନ୍ଦରରାୟ ଭାଇ, ଅନୁପ୍ କାଳିଆ ଭାଇ, ବିନୟ ସାହୁ ଭାଇ, ମହେଶ ଚୌଧୁରୀ ଭାଇ, ଅମିତାଭ ଦାଶ ଭାଇ, ସୁଭାଶିଷ ଦାଶ ଭାଇ ଓ ବିଶ୍ୱରଞ୍ଜନ ଦାସ ଭାଇ।

ଶାଖାସଂଘର ସଭାପତି ଶ୍ରୀ ବ୍ରଜେନ୍ଦ୍ର ନାଥ ପଣ୍ଡା ଭାଇ ଓ ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ ଉକ୍ତ ଅଧିବେଶନମାନଙ୍କରେ ସହଯୋଗିତା କରିଥିଲେ।

### ଗୃହାସନ ବାର୍ଷିକ ଉତ୍ସବ

ଆମ ସଂଘରେ ପ୍ରତିଷ୍ଠିତ ଗୃହାସନ ସଂଖ୍ୟା ୧୧। ବିଗତବର୍ଷ ନିମ୍ନଲିଖିତ ଆଠଗୋଟି ଗୃହାସନର ବାର୍ଷିକ ଉତ୍ସବ ଭକ୍ତ ଭାଇ ଓ ମା'ମାନେ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ।

ତା ୧୧ ମଇ ୨୦୨୪ ରିଖ ଦିନ ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ ଓ ଶିବାନୀ ମା'।

ତା ୧୫ ଜୁନ ୨୦୨୪ ରିଖ ଦିନ ଶ୍ରୀ ସୁପ୍ରିତ୍ ପଟ୍ଟନାୟକ ଭାଇ ଓ ସସ୍ମିତା ମା'। 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ ଯୋଗଦେଇ ଆଲୋଚନା କରିଥିଲେ।

ତା ୨୨ ଜୁନ ୨୦୨୪ ରିଖ ଦିନ ଶ୍ରୀ ଅଶ୍ୱିନୀ ନାୟକ ଭାଇ ଓ ସଂଘମିତ୍ରା ମା'। କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାଶ ଭାଇ ଯୋଗଦେଇ ଆଲୋଚନା କରିଥିଲେ।

ତା ୨୬ ଜୁନ ୨୦୨୪ ରିଖ ଦିନ ଶ୍ରୀ ବରଦାକାନ୍ତ ନାୟକ ଭାଇ ଓ ସୋନିଆ ମା'। 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ ଯୋଗଦେଇ ଆଲୋଚନା କରିଥିଲେ।

ତା ୯ ଜୁଲାଇ ୨୦୨୪ ରିଖ ଦିନ ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ଓ ସ୍ମିତା ମା'। 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ ଯୋଗଦେଇ ଆଲୋଚନା କରିଥିଲେ।

ତା ୧୨ ଅକ୍ଟୋବର ୨୦୨୪ ରିଖ ଦିନ ସକାଳେ ଶ୍ରୀ ପ୍ରବୀର କୁମାର ଖୁଣ୍ଟିଆ ଭାଇ ଓ ମଧୁସ୍ମିତା ମା'।

ତା ୧୨ ଅକ୍ଟୋବର ୨୦୨୪ ରିଖ ଦିନ ସଂଧ୍ୟାରେ ଶ୍ରୀ ବୃନ୍ଦାବନ ସାହୁ ଭାଇ ଓ ପଦ୍ମା ମା'।

ତା ୨୮ ନଭେମ୍ବର ୨୦୨୪ ରିଖ ଦିନ ଶ୍ରୀ ପ୍ରଭାକର ବାଇ ଭାଇ ଓ ସ୍ମିତା ମା'।

### ପାଠଚକ୍ର ଅଧିବେଶନ

- North Carolina Pathachakra: ଗତବର୍ଷ 'ନିଗମ ସ୍ମୃତି ମନ୍ଦିର'ରେ ପ୍ରତି ମାସରେ ଗୋଟିଏ ଶନିବାର ଦିନ ସଂଧ୍ୟାରେ ଏହି ପାଠଚକ୍ରର ଅଧିବେଶନମାନ ନିୟମିତ ଭାବରେ ଅନୁଷ୍ଠିତ ହୋଇଥିଲା।
- California Pathachakra: ଗତବର୍ଷ ପ୍ରତି ଦୁଇ ମାସରେ ଥରେ ଏହି ପାଠଚକ୍ରର ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା
- MidWest Pathachakra: ଗତବର୍ଷ ଏହି ପାଠଚକ୍ରର ଅଧିବେଶନ ଚାରିଥର ଅନୁଷ୍ଠିତ ହୋଇଥିଲା।
- NorthEast Pathachakra: New York, New Jersey, Connecticut, Massachusetts ରାଜ୍ୟରେ ରହୁଥିବା ଭକ୍ତପରିବାରର ସଦସ୍ୟମାନେ ଗତ ବର୍ଷ ଏହି ପାଠଚକ୍ରର ଅଧିବେଶନ ପ୍ରତି ତିନି ମାସରେ ଥରେ ଏକତ୍ରିତ ହୋଇ କରିଥିଲେ।
- Texas Pathachakra: Texas ରାଜ୍ୟରେ ରହୁଥିବା ଭକ୍ତ ପରିବାରର ସଦସ୍ୟମାନେ ଗତବର୍ଷ ଏହି ପାଠଚକ୍ରର ଅଧିବେଶନ ପ୍ରତି ଦୁଇ ମାସରେ ଥରେ ଏକତ୍ରିତ ହୋଇ କରିଥିଲେ।

### ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବାପୂଜା

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ତା୧୯ ଅଗଷ୍ଟ ୨୦୧୬ରିଖ ଶୁଭ ଜନ୍ମୋତ୍ସବଠାରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଆସନ ମନ୍ଦିରରେ ନିତ୍ୟ ସେବାପୂଜା ଆରମ୍ଭ ହୋଇଅଛି। ବିଗତ ବର୍ଷ ଶ୍ରୀ ବିଜୟ କୁମାର ଉପାଧ୍ୟାୟ (ବିଜୁ) ଭାଇ ସେବାପୂଜା କରିଛନ୍ତି। ସେ ପ୍ରତିଦିନ ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିତ୍ୟ ସେବାପୂଜା (ସକାଳ ଘ୬:୩୦, ସନ୍ଧ୍ୟା ଘ୬:୩୦) ସହିତ ମଧ୍ୟାହ୍ନ ଭୋଗ ଘ୧୧:୩୦ ଓ ରାତ୍ର ଭୋଗ ଘ୮:୩୦ ସମୟରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ନିବେଦନ କରୁଛନ୍ତି। ଏକାଦଶୀ, ସଂକ୍ରାନ୍ତି, ଅମାବାସ୍ୟା ଓ ପୂର୍ଣ୍ଣିମା ଦିନମାନଙ୍କରେ ନିଶିପାଳନ କରିଥାନ୍ତି। ଏତଦ୍‌ବ୍ୟତୀତ ଆସନ ମନ୍ଦିରର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସେବା ସଂପାଦନ କରିଥାନ୍ତି। ସେ ସାପ୍ତାହିକ ସେବା ସମୀକ୍ଷାର ବିବରଣୀ ନିୟମିତ ପ୍ରଦାନ କରୁଛନ୍ତି ଏବଂ ଏହାକୁ ସଂଘ ପରିଚାଳନା ମଣ୍ଡଳୀ ଅନୁଧ୍ୟାନ କରିଥାଏ। ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିତ୍ୟ ସେବାପୂଜା ନିରବଚ୍ଛିନ୍ନ ଭାବରେ ହେବା ଉଦ୍ଦେଶ୍ୟରେ ପରିଚାଳନା ମଣ୍ଡଳୀ ନିଷ୍ପତ୍ତି କ୍ରମେ ବର୍ତ୍ତମାନର ସେବକ ଶ୍ରୀ ବିଜୟ କୁମାର ଉପାଧ୍ୟାୟ ଭାଇଙ୍କ Green Card processing ତା୨ ଅକ୍ଟୋବର ୨୦୨୪ ରିଖଠାରୁ ଚାଲିଛି।

### ସଂଘ ପରିଚାଳନା ମଣ୍ଡଳୀ

ବିଗତ ବର୍ଷ ପ୍ରତି ମାସରେ ପ୍ରାୟତଃ ପ୍ରଥମ ରବିବାର ରାତ୍ର ଘ୮.୩୦ମିନିଟ୍‌ରୁ ଅନ୍ୟୁନ ଘ.୧୦:୦୦ EST ପର୍ଯ୍ୟନ୍ତ ସଂଘର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ନୂତନ ଭକ୍ତ ନିବାସ ନିର୍ମାଣ ବିଷୟରେ ଆଲୋଚନା ପାଇଁ ଥରେ ଓ

ଅନ୍ୟାନ୍ୟ ବିଷୟରେ ଦୁଇଥର ବିଶେଷ ବୈଠକ ବସିଥିଲା। ବିଗତ ବର୍ଷ ସର୍ବମୋଟ ୧୫ଥର ଅଧିବେଶନ ବସିଥିଲା। ପରିଚାଳନା ମଣ୍ଡଳୀ ଅଧିବେଶନର ବିବରଣୀଗୁଡିକ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ 'ନିଗମ ସ୍ମୃତି ମନ୍ଦିର'ରେ ଏବଂ ସଂଘର ସମସ୍ତ ସଦସ୍ୟମାନଙ୍କୁ email ଦ୍ୱାରା ଜଣାଯାଇଛି। ଗତବର୍ଷ ପରିଚାଳନା ମଣ୍ଡଳୀ ବୈଠକମାନଙ୍କରେ ନିଆଯାଇଥିବା ବିଶେଷ ନିଷ୍ପତ୍ତିଗୁଡ଼ିକ ହେଲା:

1. New Bhakta Niwas Construction Prayer in Sangha Puja starting from Jan 24
2. YogiGuru English book reading after Sansar Pathe Part 1 book reading completed
3. Sangha Sebaka Mahapurusha Prasanga reading on Adhibasa Puja
4. Green Card Processing and R-1 Visa renewal for Bijaya Upadhyaya Bhai
5. Kitchen Range Hood was installed in May' 24
6. Water filter under the sink was installed in May' 24
7. NSM house painting in May' 24
8. 2nd floor A/C repairing
9. Sidewalk soil erosion fix
10. Brother Printer was purchased in May'24
11. Fixed water leak underneath the sidewalk in the front
12. New Dryer installed in Jan' 25
13. Various repairing work at NSM
14. Survey feedback from General Body

**ସଂଘ ପକ୍ଷରୁ ନାରାୟଣ ସେବା ଓ ସମାଜ ସେବା**

- On 02/17/24, Narayana Seva performed at Kids Against Hunger Bay Area, California. AMSAS donated $1000.
- On 5/18/2024, Narayana Seva performed at Second Harvest Food Bank of Silicon Valley, California. AMSAS members packed 780 boxes of produce. AMSAS donated $1000.
- On 11/17/2024, $519.97 Gift Items donated to Ronald McDonald, Durham.
- AMSAS contributed $3000 to Hurricane Helen disaster relief fund. North Carolina Community Foundation: $1000. Second Harvest Food Bank of Northwest North Carolina: $1000. North Carolina Department of Public Safety for Helen Disaster relief fund: $1000.
- Tampa Kinnan Park was cleaned up two times.
- Served Dinner meals at Ronald McDonald House, Tampa.
- West Ten Road cleanup seva was performed three times: May 11, July 6 and Nov 16, 2024.
- Narayana Seva events ଗୁଡ଼ିକ AMSAS websitesରେ upload କରାଯାଇଛି।

**ଇଂରାଜୀ ଅନୁବାଦ ସେବା**

- 'ସଂସାରପଥେ, ପ୍ରଥମ ଭାଗ' ପୁସ୍ତକର ଇଂରାଜୀ ଅନୁବାଦ କରାଯାଇ ସଂଘପୂଜାରେ ନିୟମିତ ଭାବରେ ପାଠ କରାଯାଇଥିଲା। ୨୦୨୫ ମସିହାରେ ଏହି ଇଂରାଜୀ ଅନୁବାଦର ସଂଶୋଧନ କରାଯାଇ ପୁସ୍ତକ ପ୍ରକାଶନ କରିବାପାଇଁ ଲକ୍ଷ୍ୟ ରଖାଯାଇଛି।

**Finance and Accounting**

- ଗତବର୍ଷର Income: $244,469; Expense: $93,127; Year End Outstanding Balance: $415,105
- 2023 Certificate of Deposit (CD) Accounts were matured so we have opened two new CDs at Bank of America of $230K and $100K.
- ଗତବର୍ଷ ପ୍ରତି ମାସରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପୂର୍ବମାସର ଆୟ, ବ୍ୟୟ ଓ ବଳକା ପ୍ରଣାମୀର ବିବରଣୀ ଜଣାଯାଇଛି।

## ଦିନଲିପି ପୂରଣ

ଦିନଲିପି ପୂରଣକାରୀଙ୍କ ସଂଖ୍ୟା ୪୩ କରିବା ପାଇଁ ଲକ୍ଷ୍ୟ ଥିଲା। ଗତ ବର୍ଷ ୪୭ ଜଣରୁ ଉର୍ଦ୍ଧ ଦିନଲିପି ପୂରଣ କରିପାରିଛନ୍ତି।

## ୨୦୨୫ ବର୍ଷ ପାଇଁ ସଂଘର ଲକ୍ଷ୍ୟ

1. Making sure Shri Shri Thakur's seva is being performed properly at NSM.
2. Try to do at least two Narayana Seva events in North Carolina. Encourage and expect every pathachakra group to carry out narayana seva in their region and expand Narayana seva events to other regions.
3. Encourage AMSAS members to enroll in DinaLipi process with a goal towards AatmaGathana (60%).
5. Publish Saraswata Madhuri.
6. Publish Sansara Pathe English part 1.
7. Technology Improvement.
8. Soil testing and determination of site for the second structure and publishing the blueprint of the new structure, additional parking space.
9. Involve YAs in various sevas.

## କ୍ଷମା ପ୍ରାର୍ଥନା

ପରିଚାଳନା ମଣ୍ଡଳୀ ତରଫରୁ ତଥା ସମସ୍ତ ଭକ୍ତମାନଙ୍କ ପକ୍ଷରୁ ଗତବର୍ଷ ନିଗମ ସ୍ମୃତିମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କର ସେବାପୂଜାରେ ଜ୍ଞାତ ଓ ଅଜ୍ଞାତସାରରେ ହୋଇଥିବା ସମସ୍ତ ତୃଟି ଏବଂ ସଂଘର କେତେକ ଲକ୍ଷ୍ୟ ପୂରଣ ଦିଗରେ ଅସଫଳତା ଯୋଗୁ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣରେ ବିନୀତ କ୍ଷମା ପ୍ରାର୍ଥନା କରୁଅଛି। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ ଆଶୀର୍ବାଦ ଭିକ୍ଷା କରୁଅଛି।

## ପରିଶେଷରେ

ଆମେରିକା ସାରସ୍ୱତ ସଂଘ ପ୍ରତିଷ୍ଠା ହେବାର ବିଂଶ ବର୍ଷ ଅତୀତ ହେଲାଣି। ଏହି ୨୦ ବର୍ଷ ମଧ୍ୟରେ ଆମର ସଂଘସେବୀଙ୍କ ସଂଖ୍ୟା ୨୦ରୁ ବୃଦ୍ଧିପ୍ରାପ୍ତ ହୋଇ ଏବେ ୧୦୭ରେ ପହଞ୍ଚିଛି। ଏହି ପ୍ରବାସୀ ସଂଘଟି ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଗଢିଉଠୁ ଏବଂ ତାଙ୍କରି ମହାନ ଆଦର୍ଶ ବିଶ୍ୱବ୍ୟାପୀ ପ୍ରଚାରରେ ସହାୟକ ହେଉ। ସମସ୍ତ ସଂଘସେବୀ ସଂଘବଦ୍ଧ ହୋଇ ଏକମନ ଏକପ୍ରାଣରେ ତାଙ୍କରି ସେବା ଓ ଜଗତ୍‌ହିତକର କାର୍ଯ୍ୟରେ ଜୀବନ ଉତ୍ସର୍ଗ କରନ୍ତୁ। ପରମକାରୁଣିକ ବାଞ୍ଛାକଳ୍ପତରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ରାତୁଳ ଶ୍ରୀଚରଣରେ ଏତିକି ପାର୍ଥନା।

ଶ୍ରୀଶୀଠାକୁର ଚରଣାଶ୍ରିତ

**ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ**

ସଂପାଦକ, ଆମେରିକା ସାରସ୍ୱତ ସଂଘ

# ଆମେରିକା ସାରସ୍ୱତ ସଂଘର ଦ୍ୱାବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ବିବରଣୀ

### ସ୍ଥାନ - ନିଗମ ସ୍ମୃତିମନ୍ଦିର, ଏଫ୍‌ଲାଣ୍ଡ, ନର୍ଥ କାରୋଲିନା

ଯୁକ୍ତରାଷ୍ଟ୍ର ଆମେରିକାରେ 'ଆମେରିକା ସାରସ୍ୱତ ସଂଘ'ର ଦ୍ୱାବିଂଶ ବାର୍ଷିକ ଭକ୍ତ ସମ୍ମିଳନୀ ଗତ ୨୦୨୪ ମସିହା ଜୁଲାଇ ମାସ ୪, ୫ ଓ ୬ ତାରିଖ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ନର୍ଥ କାରୋଲିନା ରାଜ୍ୟର ଏଫ୍‌ଲାଣ୍ଡ ସହରସ୍ଥିତ ଆସନ ମନ୍ଦିର 'ନିଗମ ସ୍ମୃତିମନ୍ଦିର'ରେ ଅତ୍ୟନ୍ତ ଆନନ୍ଦ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଥିଲା। 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ, କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାଶ ଭାଇ ଓ ଏକାମ୍ର ସାରସ୍ୱତ ସଂଘର କୋଷାଧ୍ୟକ୍ଷ ଶ୍ରୀ ସୁଧାଂଶୁ ଶେଖର ପରିଡା ଭାଇ ଏହି ଭକ୍ତ ସମ୍ମିଳନୀରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ସର୍ବମୋଟ ୧୪୨ ଭାଇ, ମା' ଓ ପିଲାମାନେ ଯୋଗଦାନ କରିଥିଲେ। ୮୮ ଜଣ ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶଗ୍ରହଣ କରିଛନ୍ତି।

ସମ୍ମିଳନୀର **ଅଧିବାସ ସଭା** ଜୁଲାଇ ୩, ୨୦୨୪ ତାରିଖ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ଶ୍ରୀଶ୍ରୀଠାକୁର ମହାରାଜ ସମ୍ମିଳନୀ କ୍ଷେତ୍ରର ବିଭିନ୍ନ ବିଭାଗ ତଥା ଆସନ ମନ୍ଦିରର ବଗିଚା ପରିଦର୍ଶନ କରିଥିଲେ। ପଥସୂଚୀ ଅଭ୍ୟର୍ଥନା ଓ ସମ୍ମିଳନୀ କ୍ଷେତ୍ର ପରିଦର୍ଶନ ସେବାରେ ଅନେକ ଭକ୍ତ ଭାଗ ନେଇଥିଲେ। ସନ୍ଧ୍ୟାରତି ଓ ସ୍ତୋତ୍ର ବନ୍ଦନା ପରେ କେନ୍ଦ୍ର ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇଙ୍କ ଅଧ୍ୟକ୍ଷତାରେ ଅଧିବାସ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ ନିଗମ ଉପଦେଶ ପୁସ୍ତକର ସାଧାରଣଙ୍କୁ ଉପଦେଶରୁ 'ଧର୍ମାନୁଷ୍ଠାନ' ପାଠ କରି ଆଲୋଚନା କରିଥିଲେ। ତତ୍ପରେ ସଂପାଦକ ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ସମ୍ମିଳନୀର କାର୍ଯ୍ୟସୂଚୀ ପ୍ରଦାନପୂର୍ବକ ଉପସ୍ଥିତ ଭକ୍ତମାନଙ୍କୁ ସମ୍ମିଳନୀରେ ଚଳଣି ସମ୍ବନ୍ଧରେ କେତେକ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ଏହାପରେ 'ତୁମରି ପୂଜାର ଗୁରୁଭାର ମୋତେ ଦେଇଅଛ ଦୟାବହି' ପ୍ରାର୍ଥନା ସଙ୍ଗୀତ ଗାନ କରାଯିବା ପରେ 'ଜୟଗୁରୁ' ନାମ କୀର୍ତ୍ତନ ସହ ଅଧିବାସ ସଭା ଶେଷ କରାଯାଇଥିଲା।

**ଜୁଲାଇ ୪, ୨୦୨୪ ଗୁରୁବାର, ପ୍ରଥମ ଦିବସ - ପ୍ରାତଃ ଅଧିବେଶନ**

ସମ୍ମିଳନୀର ପ୍ରଥମ ଦିବସର ପ୍ରଭାତରେ ଜାଗରଣ, ପ୍ରତୀକ୍ଷା ଓ ଆବାହନ ସଂଗୀତମାନ ଗାନ ସମାପନାନ୍ତେ ଘ.୫.୪୫ ସମୟରେ ସଭାପତି ଶ୍ରୀ ବ୍ରଜେନ୍ଦ୍ର ପଣ୍ଡା ଭାଇ ଶ୍ରୀଶ୍ରୀଠାକୁରଙ୍କୁ ଷୋଡଶୋପଚାର ପୂଜା ଓ ପ୍ରଭାତୀ ଆରତି ନିବେଦନ କରିଥିଲେ। ସମବେତ ଭାବରେ ଗୁରୁ ବନ୍ଦନା ଓ ସ୍ତୋତ୍ର ବନ୍ଦନା କରାଯାଇଥିଲା। ତତ୍ପରେ ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣତି ନିବେଦନ ପୂର୍ବକ ଭକ୍ତମାନଙ୍କୁ ପରିଚୟ ପତ୍ର ପାଠ, 'ନିରାଜନା'ରୁ ବୈଦିକ ମନ୍ତ୍ର - ୩୪ ଓ ସମୂହ ପ୍ରାର୍ଥନା ଆବୃତ୍ତି କରାଇଥିଲେ। ନିଗମ ଉପଦେଶ ପୁସ୍ତକରୁ 'ସାଧାରଣଙ୍କୁ ଉପଦେଶ'ରୁ ପାଠକରି ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରାଯାଇ 'ଜୟଗୁରୁ' ନାମ କୀର୍ତ୍ତନ ଓ ପ୍ରଣାମ ସହ ଉକ୍ତ ଅଧିବେଶନ ସମାପ୍ତ କରାଯାଇଥିଲା। ତଦନନ୍ତର ଶ୍ରୀଶ୍ରୀଠାକୁରଙ୍କୁ ବାଲ୍ୟଭୋଗ ନିବେଦନ କରାଯିବାପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

**ଜୁଲାଇ ୪, ୨୦୨୪ ଗୁରୁବାର, ପ୍ରଥମ ଦିବସ - ପୂର୍ବାହ୍ନ ଅଧିବେଶନ - ଆଦର୍ଶ ଗୃହସ୍ଥ ଜୀବନ ଯାପନ**

ପୂର୍ବାହ୍ନ ଅଧିବେଶନ ଘ.୯.୪୫ ମି. ସମୟରେ ଆରମ୍ଭ କରାଯାଇଥିଲା। ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିବାପରେ ବନ୍ଦନା ସଙ୍ଗୀତ 'କେତେ ସୁନ୍ଦରିଆ ଦିଶ ମୋହନ' ଗାନ କରାଯାଇଥିଲା। ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ଉପସ୍ଥିତ ଭକ୍ତମାନଙ୍କୁ ସ୍ୱାଗତ ଅଭିଭାଷଣ ଜଣାଇଥିଲେ। କେନ୍ଦ୍ର ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଏହି ସମ୍ମିଳନୀ ଉପଲକ୍ଷେ ସଂଘ ତରଫରୁ ପ୍ରକାଶିତ **'ସାରସ୍ୱତ ମାଧୁରୀ-୨୦୨୪'** ଶ୍ରୀଶ୍ରୀଠାକୁରଙ୍କୁ ପ୍ରଦାନ କରିଥିଲେ। ତଦନନ୍ତର ପ୍ରାର୍ଥନା ସଂଗୀତ 'ଆନନ୍ଦଧାରା ବୁହାଇ ଦିଅ' ଗାନପରେ ସଭାପତି ସନ୍ତୋଷ ଭାଇ ଭକ୍ତମାନଙ୍କୁ ଉଦ୍‌ବୋଧନୀ ଅଭିଭାଷଣ ଦେଇଥିଲେ। ଶ୍ରୀ ରମାବଲ୍ଲଭ ମହାପାତ୍ର ଭାଇ 'ଆଦର୍ଶ ଗୃହସ୍ଥ ଜୀବନ ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ' ପାଠ କରିଥିଲେ। ତତ୍ପରେ ସଭାପତି ସନ୍ତୋଷ ଭାଇ 'ଆଦର୍ଶ ଗୃହସ୍ଥ ଜୀବନ ଯାପନ' ବିଷୟରେ ଆଲୋଚନା କରିଥିଲେ। ପ୍ରାର୍ଥନା ସଙ୍ଗୀତ 'ପ୍ରଭୁ ଆଜି କି ଆନନ୍ଦମୟ' ଗାନ କରାଯାଇଥିଲା। କ୍ରମାନ୍ୱୟରେ ଏକାମ୍ର ସାରସ୍ୱତ ସଂଘର କୋଷାଧ୍ୟକ୍ଷ ଶ୍ରୀ ସୁଧାଂଶୁ ପରିଡ଼ା ଭାଇ 'ଆଦର୍ଶ ଗୃହସ୍ଥ-ଏକ ବ୍ୟବହାରିକ ଦୃଷ୍ଟିକୋଣ', ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ 'ଆଦର୍ଶ ଗୃହସ୍ଥ-ରାଗ ଦ୍ୱେଷ ବିନିର୍ମୁକ୍ତ' ଏବଂ କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ ଶ୍ରୀ ଜଗନ୍ନାଥ ଦାଶ ଭାଇ 'ଆଦର୍ଶ ଗୃହସ୍ଥ ଜୀବନ ଗଠନ ସମୀକ୍ଷା' ସଂପର୍କରେ ଆଲୋଚନା କରିଥିଲେ। ତଦନନ୍ତର ପ୍ରଣାମ ଗାନ ସହ ଏହି ସଭା ଶେଷ କରାଯାଇଥିଲା। ଶ୍ରୀଶ୍ରୀଠାକୁର ମଧ୍ୟାହ୍ନ ଭୋଗ ଗ୍ରହଣ କରି ବିଶ୍ରାମ କରିଥିଲେ ଓ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

### ଜୁଲାଇ ୪, ୨୦୨୪ ଗୁରୁବାର, ପ୍ରଥମ ଦିବସ – ଅପରାହ୍ନ ଅଧିବେଶନ, Young Aspirants' Session

ଅପରାହ୍ନ ଘ.୩.୦୦ ସମୟରେ ପିଲାମାନଙ୍କ ନିମିତ୍ତ ଉଦ୍ଦିଷ୍ଟ Young Aspirants' session ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ପିଲାମାନେ ଆବାହନ ସଂଗୀତମାନ ଗାନ କରିବାପରେ ପ୍ରଣାମ ଗାନ କରାଯାଇ ପରଦା ଉନ୍ମୋଚନ ହୋଇଥିଲା । କେନ୍ଦ୍ର ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିବାପରେ ବନ୍ଦନା ସଂଗୀତ 'ଅଳତା ସୁନ୍ଦର ତୁମ ଚାରୁ ଚରଣ' ଗାନ କରାଯାଇଥିଲା । ଶ୍ରୀ ଶ୍ରୀୟାନସ୍ ନାୟକ Sadguru Swami Nigamananda Upadeshamrita ପୁସ୍ତକରୁ To The Students ଅଧ୍ୟାୟରୁ କିଛି ପାଠ କରିଥିଲେ । ସନ୍ତୋଷ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ଭଲ ପାଇ ପିଲାମାନେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ତତ୍ପରେ ପ୍ରାର୍ଥନା ସଙ୍ଗୀତ 'ଏଇ ଜୀବନେ ଠାକୁର ତୁମେ ଏକା ନିଜର' ଗାନ କରାଯାଇଥିଲା । ଅଂଶ୍, ଶ୍ରେୟାସୀ, ଅଇଶୀ, ଯୁକ୍ତା ଓ ଆହ୍ନିକ ଭାବବିନିମୟ କରିଥିଲେ । 'ଗୁରୁନାମ ଗାଇମନ ତାଳେ ତାଳେ ନାଚରେ' ପ୍ରାର୍ଥନା ସଙ୍ଗୀତ ଗାନପରେ ଆଗାମୀ ବର୍ଷ ଭକ୍ତ ସମ୍ମିଳନୀରେ Young Aspirants session ଅନୁଷ୍ଠିତ ହେବା ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଏବଂ ପିଲାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ପ୍ରଣାମ ଗାନ ପୂର୍ବକ ଏହି ସଭା ଘ.୪.୧୦ ସମୟରେ ଶେଷ ହୋଇଥିଲା ।

### ଜୁଲାଇ ୪, ୨୦୨୪ ଗୁରୁବାର, ପ୍ରଥମ ଦିବସ-ସନ୍ଧ୍ୟା ଅଧିବେଶନ

ପ୍ରଥମ ଦିବସର ସାନ୍ଧ୍ୟ ଅଧିବେଶନରେ ପ୍ରତୀକ୍ଷା ସଂଗୀତ ଗାନ କରାଯିବା ପରେ ୬ ଘଟିକା ସମୟରେ ଶ୍ରୀଶ୍ରୀଠାକୁରଙ୍କ ସନ୍ଧ୍ୟାରତି, ସ୍ତୋତ୍ରବନ୍ଦନା କରାଯାଇଥିଲା । ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିଥିଲେ । 'ଭକତ ଗହଳେ ପୁଷ୍ପ ସିଂହାସନେ' ସଂଗୀତ ଗାନପରେ ସନ୍ତୋଷ ଭାଇ ନିଗମ ଉପଦେଶ ପୁସ୍ତକରୁ ଭକ୍ତମାନଙ୍କ ପ୍ରତି ଅଧ୍ୟାୟରୁ 'ଭକ୍ତିରେ ସିଦ୍ଧି' ପ୍ରବନ୍ଧ ପାଠ କରି ଆଲୋଚନା କରିଥିଲେ । ତତ୍ପରେ 'ଜୟଗୁରୁ' ନାମ କୀର୍ତ୍ତନ ଓ ପ୍ରଣାମ ସହ ଆସନ ବନ୍ଦ କରାଯାଇଥିଲା । ଏହାପରେ ଘ. ୮.୩୦ ସମୟରେ ଆମେରିକା ସାରସ୍ୱତ ସଂଘର General Body Meeting ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ପ୍ରଥମେ ସଂଘର ଏକ ପୂର୍ଣ୍ଣାଙ୍ଗ ସବିଶେଷ ବିବରଣୀ, ଚଳିତ ବର୍ଷ ନିମିତ୍ତ ସଂଘର ଲକ୍ଷ୍ୟଗୁଡିକ, ଗତ ବର୍ଷ ନିଆଯାଇଥିବା ନିଷ୍ପତ୍ତିଗୁଡିକ, ସଂଘର ଆର୍ଥିକ ସ୍ଥିତି, ଗତ ବର୍ଷର ଆୟ ଓ ବ୍ୟୟ, ଚଳିତ ବର୍ଷର ବଜେଟ ପ୍ରଦାନ କରାଯାଇଥିଲା । ନୂତନ ଭକ୍ତ ନିବାସ ନିର୍ମାଣକାର୍ଯ୍ୟର ପରିଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଶ୍ରୀଶ୍ରୀଠାକୁରଙ୍କୁ ରାତ୍ରିଭୋଗ ନିବେଦନ କରାଯାଇ ବିଶ୍ରାମ ଦିଆଯାଇଥିଲା । ତତ୍ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

### ଜୁଲାଇ ୫, ୨୦୨୪ ତାରିଖ ଶୁକ୍ରବାର, ଦ୍ୱିତୀୟ ଦିବସ, ପ୍ରଥମ ଅଧିବେଶନ - ପ୍ରାର୍ଥନା ସଭା

ସମ୍ମିଳନୀର ଦ୍ୱିତୀୟ ଦିବସରେ ଜାଗରଣ ଓ ପ୍ରତୀକ୍ଷା ସଂଗୀତ ଗାନ କରାଯିବା ପରେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ପ୍ରଭାତ ମଙ୍ଗଳ ଆରତି ସଂପନ୍ନ କରାଯାଇଥିଲା । ସମବେତ ଭାବରେ ଗୁରୁବନ୍ଦନା ଓ ସ୍ତୋତ୍ରବନ୍ଦନା ଗାନ ପରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ସଭାପତି ସନ୍ତୋଷ ଭାଇ ପରିଚୟ ପତ୍ର ପାଠ କରାଇଥିଲେ ଏବଂ ସଂଘ-ସେବକ ୬୦/୪ ପୁସ୍ତକରୁ ବନ୍ଦନା, ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି ପାଠକରି ଆଲୋଚନା କରିଥିଲେ । ପରବର୍ତ୍ତୀ ଅଧିବେଶନ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରାଯାଇ 'ଜୟଗୁରୁ' କୀର୍ତ୍ତନ ଓ ପ୍ରଣାମ ସହ ଏହି ଅଧିବେଶନ ସମାପ୍ତ କରାଯାଇଥିଲା । ତଦନନ୍ତର ବାଲ୍ୟଭୋଗ ନିବେଦନ ଓ ପ୍ରସାଦ ସେବନ କରାଯାଇଥିଲା ।

### ଜୁଲାଇ ୫, ୨୦୨୪ ତାରିଖ ଶୁକ୍ରବାର, ପୂର୍ବାହ୍ନ ଅଧିବେଶନ - ସଂଘଶକ୍ତିର ପ୍ରତିଷ୍ଠା

ଆବାହନ ସଂଗୀତ ଗାନ ସମାପନାନ୍ତେ ସକାଳ ୯ ଘଟିକା ସମୟରେ ପୂର୍ବାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା । ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିଥିଲେ । 'ପ୍ରେମର ଠାକୁର ଜ୍ଞାନ ପାରାବାର' ବନ୍ଦନା ଗାନପରେ ସଂପାଦକ ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପୂର୍ବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା General Body Meetingର ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଶ୍ରୀ ଅମିତାଭ ଦାଶ ଭାଇ 'ସଙ୍ଘଶକ୍ତିର ପ୍ରତିଷ୍ଠା ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ' ପାଠ କରିଥିଲେ । ସଭାପତି ସନ୍ତୋଷ ଭାଇ ସଙ୍ଘଶକ୍ତିର ପ୍ରତିଷ୍ଠା ବିଷୟରେ ଆଲୋଚନା କରିଥିଲେ । ପ୍ରାର୍ଥନା ସଙ୍ଗୀତ 'ସଂଘ ମୋ ପାଇଁ ସକଳ ତୀର୍ଥ' ଗାନ ପରେ ସଭାପତି ବ୍ରଜ ଭାଇ ସଙ୍ଘଶକ୍ତିର ପ୍ରତିଷ୍ଠା ବିଷୟରେ ଆଲୋଚନା କରିଥିଲେ । ତତ୍ପରେ 'ଏକ ଲକ୍ଷ୍ୟ ଏକ ବାକ୍ୟ ଏକ ହୁଅ ଭାଇ' ପ୍ରାର୍ଥନା ସଙ୍ଗୀତ ଗାନ ପରେ ଓ ଶ୍ରୀ ଜଗନ୍ନାଥ ଦାଶ ଭାଇ ସଙ୍ଘଶକ୍ତିର ପ୍ରତିଷ୍ଠା ବିଷୟରେ ବକ୍ତବ୍ୟ ଦେଇଥିଲେ । 'ଦିନ୍ ତୁମାର ଆନନ୍ଦ ଯାବେ ଜପଲେ ଗୁରୁନାମ ଜୟଗୁରୁ ନାମ' ବଙ୍ଗଳା ପ୍ରାର୍ଥନା ସଙ୍ଗୀତ ଗାନ ପରେ କ୍ରମାନ୍ୱୟରେ ଶ୍ରୀ ବିଜୟ ସାହୁ ଭାଇ 'ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ପ୍ରଚାର ଓ ପ୍ରସାରରେ ନୂତନ ଭକ୍ତ ନିବାସର ଭୂମିକା' ଏବଂ ଶ୍ରୀ ବୃନ୍ଦାବନ ସାହୁ ଭାଇ ସଙ୍ଘଶକ୍ତିର ପ୍ରତିଷ୍ଠା ବିଷୟରେ ବିଷୟରେ ବକ୍ତବ୍ୟ ଦେଇଥିଲେ । ପ୍ରଣାମ ଗାନକରି ଏହି ସଭା ଶେଷ କରାଯାଇ ଶ୍ରୀଶ୍ରୀଠାକୁରଙ୍କୁ ମଧ୍ୟାହ୍ନ ଭୋଗ ନିବେଦନ ଓ ବିଶ୍ରାମ ଦିଆଯିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

### ଜୁଲାଇ ୫, ୨୦୨୪ ତାରିଖ ଶୁକ୍ରବାର, ଦ୍ୱିତୀୟ ଦିବସ, ଅପରାହ୍ନ ଅଧିବେଶନ - ଭାବବିନିମୟ

ଆବାହନ ସଂଗୀତ ଗାନ କରାଯିବା ପରେ ଅପରାହ୍ନ ୩ ଘଟିକା ସମୟରେ ଭାବ ବିନିମୟ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିଥିଲେ। 'ସହଜ ଭାବ ମୋତେ ଦିଅ ଦୟାମୟ' ବନ୍ଦନା ଗାନ ପରେ 'ଭାବ ବିନିମୟ' ବିଷୟରେ ଶ୍ରୀଶ୍ରୀଠାକୁରଙ୍କ ଉପଦେଶ ଶ୍ରୀ ସୂର୍ଯ୍ୟକାନ୍ତ ମହାପାତ୍ର ଭାଇ ପାଠ କରିଥିଲେ। ତଦନନ୍ତର କ୍ରିୟାଯୋଗ ଅନୁଷ୍ଠାନର ଚିକାଗୋ ଆଶ୍ରମରୁ ସ୍ୱାମୀ ବୈରାଗ୍ୟାନନ୍ଦ ଗିରି ଆସି ଆଶୀର୍ବଚନ ପ୍ରଦାନ କରିଥିଲେ। ଭାବ ବିନିମୟର ବିଶେଷତ୍ୱ ସମ୍ବନ୍ଧରେ ସଭାପତି ସନ୍ତୋଷ ଭାଇ ସୂଚନା ଦେଇଥିଲେ। ତଦନନ୍ତର ଉପସ୍ଥିତ ଥିବା ଭକ୍ତମାନଙ୍କ ମଧ୍ୟରୁ ଶ୍ରୀ ବିଶ୍ୱଜିତ୍ ବେହେରା ଭାଇ ଓ ଶ୍ରୀମତୀ ଶିବାନୀ ମହାନ୍ତି ମା' ଭାବବିନିମୟ କରିଥିଲେ। 'ସେ ଯେ ଭାବ ବିନୋଦିଆ ହରି ହେ' ପ୍ରାର୍ଥନା ସଙ୍ଗୀତ ଗାନ ପରେ ପ୍ରଣାମ ଗାନାନ୍ତେ ଏହି ସଭା ଘ.୪.୪୫ ସମୟରେ ଶେଷ କରାଯାଇଥିଲା।

### ଜୁଲାଇ ୫. ୨୦୨୪ ତାରିଖ ଶୁକ୍ରବାର, ଦ୍ୱିତୀୟ ଦିବସ, ସନ୍ଧ୍ୟା ଅଧିବେଶନ

ଦ୍ୱିତୀୟ ଦିବସର ସାନ୍ଧ୍ୟ ଅଧିବେଶନରେ ଶ୍ରୀଶ୍ରୀଠାକୁରଙ୍କ ସନ୍ଧ୍ୟାରତି, ସ୍ତୋତ୍ରବନ୍ଦନା ପରେ ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିଥିଲେ। ସନ୍ତୋଷ ଭାଇ ନିଗମ ଉପଦେଶ ପୁସ୍ତକ ପାଠକରି ଆଲୋଚନା କରିଥିଲେ। 'ଜୟଗୁରୁ' କୀର୍ତ୍ତନ କରାଯିବା ପରେ ଭକ୍ତ ସମ୍ମିଳନୀର ଆନନ୍ଦ ସଭା ୮ ଘଟିକାରେ ଆରମ୍ଭ ହୋଇଥିଲା। ଆନନ୍ଦ ସଭାର ପ୍ରତିକ୍ଷା ସଙ୍ଗୀତ ଗାନ ପରେ ଅଷ୍ଟସଖୀ ଆରତି, ସଭାପତି ନିର୍ବାଚନ, ଉଦବୋଧନୀ ସଂଗୀତ, ଓଡିଶୀ ନାଚ, YA Skit - Monkey and the Jealous Camel, ଏଇଟା ନା ସେଇଟା, Johnny Johnny Yes Papa, ବାୟୁ ଭାରତ, YA Interrogation ଇତ୍ୟାଦି ପରିବେଷଣ କରାଯାଇଥିଲା। ଆନନ୍ଦ ସଭାର ହୋଇଥିବା ତ୍ରୁଟିବିଚ୍ୟୁତି ନିମିତ୍ତ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପୟରରେ କ୍ଷମା ପ୍ରାର୍ଥନା କରାଯିବା ପରେ ଶ୍ରୀଶ୍ରୀଠାକୁରଙ୍କୁ ବିଶ୍ରାମ ଦିଆଯାଇଥିଲା ଓ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

### ଜୁଲାଇ ୬, ୨୦୨୪ ଶନିବାର, ତୃତୀୟ ଦିବସ - ପ୍ରାତଃ ଅଧିବେଶନ

ସମ୍ମିଳନୀର ତୃତୀୟ ଓ ଶେଷ ଦିବସର ଜାଗରଣ ଓ ପ୍ରତୀକ୍ଷା ସଂଗୀତ ଗାନ କରାଯିବା ପରେ ପ୍ରାତଃ ଘ ୬.୩୦ ସମୟରେ ପ୍ରଭାତୀ ଆରତି ସଂପନ୍ନ କରାଯାଇଥିଲା। ସମବେତ ଭାବରେ ଗୁରୁ ବନ୍ଦନା ଓ ସ୍ତୋତ୍ର ବନ୍ଦନା ଗାନ ପରେ ସଭାପତି ସନ୍ତୋଷ ଭାଇ ଓ ବଜ୍ର ଭାଇ ଆସନ ଗ୍ରହଣ କରିଥିଲେ। ସନ୍ତୋଷ ଭାଇ ପରିଚୟ ପତ୍ର ପାଠ କରାଇଥିଲେ। 'ସଂଘ-ସେବକ' ଅଷ୍ଟାଦଶ ବର୍ଷ ପ୍ରଥମ ସଂଖ୍ୟାରୁ ବନ୍ଦନା, ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି ପାଠକରି ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନ ମହିଳା ସଭା ଅନୁଷ୍ଠିତ ହେବା ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଓ ଭକ୍ତମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତଦନନ୍ତର ଶ୍ରୀଶ୍ରୀଠାକୁରଙ୍କୁ ବାଲ୍ୟ ଭୋଗ ନିବେଦନ କରାଯିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

### ଜୁଲାଇ ୬, ୨୦୨୪ ଶନିବାର, ତୃତୀୟ ଦିବସ — ମହିଳା ସଭା

ଆବାହନ ସଂଗୀତ ଗାନ ପରେ ସକାଳ ୯ ଘଟିକା ସମୟରେ ସମ୍ମିଳନୀର ମହିଳା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିଥିଲେ। 'ନମୋ ନମୋ ନମଃ ପ୍ରଭୁ' ବନ୍ଦନା ଗାନପରେ ଶ୍ରୀମତୀ କଳ୍ପନା ଦାଶ ମା' ପରିଚୟ ପତ୍ର ପାଠ କରିଥିଲେ। ଶ୍ରୀମତୀ ସ୍ମିତା ରାୟ ମା' ଜଗତ୍‌ପତି ସ୍ତୋତ୍ର ପାଠ କରିଥିଲେ ଏବଂ ଶ୍ରୀମତୀ ଶିବାନୀ ମହାନ୍ତି ମା' 'ଜୟ ବିଶ୍ୱପତି' ପ୍ରାର୍ଥନା ଗାନ କରିଥିଲେ। ଶ୍ରୀମତୀ ପଦ୍ମଗନ୍ଧା ସାହୁ ମା' ଶ୍ରୀଶ୍ରୀଠାକୁରଙ୍କ ଚିଠିରୁ 'ମା'ମାନଙ୍କ ପ୍ରତି ଉପଦେଶ' ପାଠ କରିଥିଲେ। ସଭାପତି ସନ୍ତୋଷ ଭାଇ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ବିଷୟରେ ଆଲୋଚନା କରିଥିଲେ। ସେ 'ପ୍ରେମିକ ଗୁରୁ' ପୁସ୍ତକରୁ 'ରାଧାକୃଷ୍ଣ ଓ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ' ପାଠକରି ଆଲୋଚନା କରିଥିଲେ। ପ୍ରାର୍ଥନା ସଂଗୀତ 'କେତେ ସୁଧାବୋଳା ଆଶିଷ ତୁମର' ଗାନ କରାଯାଇଥିଲା। ତଦନନ୍ତର ସ୍ୱାମୀ ବୈରାଗ୍ୟାନନ୍ଦ ଗିରି ମା'ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ତତ୍ପରେ 'ହରିନାମ ନିଏ ଜଗତମାତା ଏକଲା ନିତାଇ' ଏବଂ 'ତୋମାର ହୃଦ ମାଝାରେ ରାଖିବା' ବଙ୍ଗଳା ପ୍ରାର୍ଥନା ସଙ୍ଗୀତମାନ ଗାନ ପରେ ଶ୍ରୀମତୀ ସ୍ମିତା ରାୟ ମା' ଭାବବିନିମୟ କରିଥିଲେ। 'ଆହେ ଦୟାମୟ ଆଖିରେ ମୋ ଲାଖି ରହ' ପ୍ରାର୍ଥନା ସଙ୍ଗୀତ ଗାନ ପରେ ଶ୍ରୀମତୀ ଉଦିତା ସୁନ୍ଦରରାୟ ମା' ଭାବବିନିମୟ କରିଥିଲେ। ପ୍ରାର୍ଥନା ସଙ୍ଗୀତ 'ତୁମରି ଚରଣେ ଶରଣ ନେଇଛି' ଗାନ ପରେ ଶ୍ରୀମତୀ ବେଦମତୀ ଉପାଧ୍ୟାୟ ମା' ଭାବବିନିମୟ କରିଥିଲେ। 'ବହୁଦିନେ ପାଇଛି ହେ ନୀଳମଣି' ପ୍ରାର୍ଥନା ସଙ୍ଗୀତ ଗାନାନ୍ତେ ଆଗାମୀ ବର୍ଷ ଭକ୍ତ ସମ୍ମିଳନୀରେ ମହିଳା ସଭା ଅନୁଷ୍ଠିତ ହେବାପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଏବଂ ଭକ୍ତମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପ୍ରଣାମ ଗାନ ପୂର୍ବକ ଏହି ସଭା ଶେଷ କରାଯାଇ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ମଧ୍ୟାହ୍ନ ଭୋଗ ନିବେଦନ ଓ ବିଶ୍ରାମ ଦିଆଯିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

## ଜୁଲାଇ ୬, ୨୦୨୪ ଶନିବାର, ତୃତୀୟ ଦିବସ - ସାଧାରଣ ସଭା

ସମ୍ମିଳନୀର ସାଧାରଣ ସଭା ଅପରାହ୍ନ ଘ୨.୩୦ ମି. ସମୟରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କ୍ରିୟାଯୋଗ ଅନୁଷ୍ଠାନର ଚିକାଗୋ ଆଶ୍ରମରୁ ସ୍ୱାମୀ ବୈରାଗ୍ୟାନନ୍ଦ ଗିରି, ରାଲେ ଅଞ୍ଚଳରୁ ଅନ୍ୟାନ୍ୟ ଅତିଥିମାନେ ଆସି ଯୋଗଦାନ କରିଥିଲେ। ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଓ ମୁଖ୍ୟଅତିଥି କ୍ରିୟାଯୋଗ ଅନୁଷ୍ଠାନର ସ୍ୱାମୀ ବୈରାଗ୍ୟାନନ୍ଦ ଗିରି ଆସନ ଗ୍ରହଣ କରିଥିଲେ। ସଂକ୍ଷିପ୍ତ ସ୍ତୋତ୍ର ବନ୍ଦନା ପରେ 'ହେ ଜଗତଗୁରୁ ହେ ମହିମା ମେରୁ' ସଂଗୀତ ଗାନ କରାଯାଇଥିଲା। ପ୍ରଥମେ ଶ୍ରୀ ବିଜୟ ସାହୁ ଭାଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବାପରେ ଶ୍ରୀ ବିଶ୍ୱଜିତ୍ ବେହେରା ଭାଇ 'ସାଧାରଣ ସଭାର ଉଦ୍ଦେଶ୍ୟ' ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶ୍ରୀ ଅନୁପ୍ କାଲିଆ ଭାଇ 'ଶ୍ରୀଶୀଠାକୁରଙ୍କ ଜୀବନୀ' ବିଷୟରେ କହିଥିଲେ। ପ୍ରାର୍ଥନା ସଙ୍ଗୀତ 'ଧନ୍ୟ ଧନ୍ୟ ଗୁରୁଦେବ' ଗାନ ପରେ ସଭାପତି ସନ୍ତୋଷ ଭାଇ 'ଶ୍ରୀଶ୍ରୀଠାକୁରଙ୍କ ସ୍ୱତନ୍ତ୍ରତା ଓ ବୈଶିଷ୍ଟ୍ୟ' ବିଷୟରେ ଆଲୋଚନା କରିଥିଲେ। ଏକାମ୍ର ସାରସ୍ୱତ ସଂଘର ଆରତି ବେହେରା ମା' ମନ୍ତବ୍ୟ ପ୍ରଦାନ କରିଥିଲେ। ତତ୍ପରେ 'କେ ଆଛେ ବାନ୍ଧବ ଭବ ଗୁରୁ ବିନେ ଆର' ବଙ୍ଗଳା ପ୍ରାର୍ଥନା ସଙ୍ଗୀତ ଗାନ ପରେ ଅତିଥି ଶ୍ରୀ ଶିବ ମହାରଣା ମନ୍ତବ୍ୟରେ ଆମ ଜୀବନରେ ଗୁରୁଙ୍କ ଆବଶ୍ୟକତା ବିଷୟରେ କହିଥିଲେ। ଅତିଥି ଶ୍ରୀ ଭେଙ୍କଟ ପେଡିଭୋଟଲା ମନ୍ତବ୍ୟରେ କହିଥିଲେ, ଗତ ଦୁଇ ଦିନ ସେ ଆସି ଏଠାରେ ଯୋଗ ଦେଇପାରିଥିବାରୁ ଖୁସି ପ୍ରକାଶ କରିଥିଲେ। ଆମମାନଙ୍କର ଗୁରୁଙ୍କ ପୂଜା ଦେଖି ପ୍ରଶଂସା କରିଥିଲେ। ଗୁରୁଦେବ ହିଁ ଆମର ଅଜ୍ଞାନ ଅନ୍ଧକାର ନାଶ କରିପାରିବେ। ଗୁରୁଙ୍କ ଆଶୀର୍ବାଦ ଓ କୃପାରୁ ଆମେମାନେ ନିଜ ଲକ୍ଷ୍ୟପଥରେ ଅଗ୍ରଗତି କରିପାରିବା। ପିଲାମାନେ ସଂଘରେ ଯୋଗଦେଇ କିପରି ସଂଘରୁ ଶିକ୍ଷାଲାଭ କରି ଉନ୍ନତି ଲାଭ କରିପାରିବେ ସେଥିପାଇଁ ଚେଷ୍ଟା କରିବାକୁ କହିଥିଲେ। ସଂଘର ଉତ୍ତରୋତ୍ତର ଉନ୍ନତି ହେବାପାଇଁ ପ୍ରାର୍ଥନା କରିଥିଲେ।

ସାଧାରଣ ସଭାର ସଭାପତି ସ୍ୱାମୀ ବୈରାଗ୍ୟାନନ୍ଦ ଗିରି ସାଧନା ନିୟମିତ ଭାବରେ କରିବା, ପ୍ରାଣାୟମ, ଆହାର ସଂଯମ, ଜିହ୍ୱା ସଂଯମ, ଶ୍ୱାସ ପ୍ରଶ୍ୱାସର ଗତି, ଶୃଙ୍ଖଳିତ ଜୀବନ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ପ୍ରାର୍ଥନା ସଙ୍ଗୀତ 'ମଧୁର ମଧୁର ବଂଶୀ ବାଜେ' ଗାନ ପରେ ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ନିମନ୍ତ୍ରିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ପ୍ରଣାମ ଗାନ କରାଯାଇ ସାଧାରଣ ସଭା ଶେଷ କରାଯାଇଥିଲା।

## ଜୁଲାଇ ୬, ୨୦୨୪ ଶନିବାର, ତୃତୀୟ ଦିବସ – ବିଦାୟ ସଭା

ଉକ୍ତ ଦିବସର ସାନ୍ଧ୍ୟ ଅଧିବେଶନରେ ଶ୍ରୀଶୀଠାକୁରଙ୍କ ସନ୍ଧ୍ୟାରତି, ସ୍ତୋତ୍ର ବନ୍ଦନା ପରେ ଭକ୍ତ ସମ୍ମିଳନୀର ବିଦାୟ ସଭା ଆରମ୍ଭ ହୋଇଥିଲା। ସଭାପତି ସନ୍ତୋଷ ଭାଇ ଓ ବ୍ରଜ ଭାଇ ଆସନ ଗ୍ରହଣ କରିବା ପରେ 'ପଦତଳ ମନୋହର ବିକଚ ଶତଦଳ' ବନ୍ଦନା ଗାନ କରାଯାଇଥିଲା। ସନ୍ତୋଷ ଭାଇ ନିଗମ ଉପଦେଶ ପୁସ୍ତକରୁ 'ସମର୍ପଣକାରୀଙ୍କ ପ୍ରତି – ସମର୍ପଣ ସାଧନା' ପାଠକରି ଆଲୋଚନା କରିଥିଲେ। ତତ୍ପରେ ସମ୍ମିଳନୀର ନେଇଥିବା ବିଭିନ୍ନ ସେବାଗୁଡିକର ସେବାମୁଖ୍ୟମାନେ ସମୀକ୍ଷା କରିଥିଲେ। ଆଗାମୀ ବର୍ଷ ତ୍ରୟୋବିଂଶ ଭକ୍ତ ସମ୍ମିଳନୀ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଏବଂ ଭକ୍ତମାନଙ୍କୁ ଭବ୍ୟ ନିମନ୍ତ୍ରଣ ପୂର୍ବକ ଚଳିତ ଭକ୍ତ ସମ୍ମିଳନୀରେ ଘଟିଥିବା ସମସ୍ତ ତ୍ରୁଟିବିଚ୍ୟୁତି ନିମିତ୍ତ କ୍ଷମାପ୍ରାର୍ଥନା କରାଯାଇଥିଲା। ତତ୍ପରେ ବିଦାୟ ପ୍ରାର୍ଥନା ଓ 'ଜୟଗୁରୁ' ମହାନାମ କୀର୍ତ୍ତନ ସହିତ ଏହି ସମ୍ମିଳନୀ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଥିଲା।

୨୦୨୪ ସମ୍ମିଳନୀ ଆବାହକ ଭକ୍ତ ମାନଙ୍କ ନାମ (୮୮) :

1. Shri Aaryan Jena Bhai
2. Shri Ajit Kumar Behera Bhai
3. Shrimati Anjana Aruk Maa
4. Shri Anup Kalia Bhai & Sweta Maa
5. Shri Ashwini Kumar Nayak Bhai & Sanghamitra Maa
4. Shri Barada Kanta Nayak Bhai & Sonia Maa
5. Shri Bijoy Kumar Sahoo Bhai & Sumathi Maa
6. Shri Binaya Kumar Sahoo Bhai & Sibani Maa
7. Shri Biswajit Behera Bhai & Saanvi
8. Shri Biswajit Sundar Ray Bhai, Smita Maa, Saumyashree & Bedaprakash

9. Shri Biswajit Pati Bhai
10. Shri Biswaranjan Das Bhai
11. Shri Brajendra Panda Bhai, Rashmi Maa & Brij Bhai
12. Shri Brundaban Sahoo Bhai, Padma Maa, Aditi & Arnav
13. Shri Debashis Dash Bhai
14. Shri Debi Prasad Das bhai & Sonalisa Maa
15. Shrimati Dipti Mohapatra Maa
16. Shri Gyan Ranjan Dwibedy Bhai & Sibani Maa
17. Shri Ishwara Chandra Biswal Bhai
18. Shri Kishor Bhai & Bandita Maa
19. Shrimati Lipsita Patnaik Maa
20. Shri Mahesh Choudhury Bhai & Rasmi Maa
21. Shri Manas Mohanty Bhai
22. Shri Nihar Ranjan Nayak Bhai & Arpita Maa
23. Shrimati Pallabita Patnaik Maa
24. Shri Prabhakar Bai Bhai, Smita Maa, Shreya & Shashwat
25. Shrimati Prabina Mohapatra Maa
26. Shri Pruthwiraj Sahoo Bhai, Ipseeta Maa, Rishabh & Nikhil
27. Shri Rabi Narayan Tripathy Bhai & Geeta Maa
28. Shri Rama Bhai & Kalpana Maa
29. Shri Sanujit Senapati Bhai
30. Shri Sarthak Das Bhai & Pallavi Maa
31. Shri Sandeep Nayak Bhai
32. Shrimati Sibani Mohanty Maa, Banalata Maa & Sarthak
33. Shrimati Sonali Pattanaik Maa
34. Shri Soumendra Das Bhai
35. Shri Soumya Parida Bhai & Amrita Maa
36. Shri Subhashis Dash Bhai & Rosalin Maa
37. Shri Subrat Kumar Nayak Bhai & Sushri Maa
38. Sudhasini Panda Maa
39. Shri Sukanta Biti Bhai & Supriya Maa
40. Shr Surykanta Bhai & Sukanya Maa
41. Shri Suprit Pattanaik Bhai & Sasmita Maa
42. Shri Sushil Behera Bhai
43. Shri Swapneswar Sundar Ray Bhai & Udita Maa
44. Shri Tarini Prasad Das Bhai & Aradhana Maa
45. Shri Thakura Prasad Nanda Bhai
46. Shri Trinath Patri Bhai
47. Usha Agrawal Maa
48. Shrimati Vedamati Upadhaya Maa

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ**

ସମ୍ପାଦକ, ଆମେରିକା ସାରସ୍ୱତ ସଂଘ

# ମୋ ଜୀବନରେ ଶ୍ରୀଶ୍ରୀଠାକୁର

ମୋର ଜନ୍ମ ତା.୧୧.୧୧.୧୯୩୮ ରିଖ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ। ଜନ୍ମସ୍ଥାନ ବର୍ତ୍ତମାନର ଖୋର୍ଦ୍ଧାଜିଲ୍ଲା (ସେତେବେଳର ପୁରୀ ଜିଲ୍ଲାର ଜରିପାଟଣା ଥାନା ଅନ୍ତର୍ଗତ) ବନମାଳୀପୁର ହାଟପାଖ ସାହିରେ। ପିତା ସତ୍ୟବାଦୀ ଓ ମାତା ପାର୍ବତୀ ଦେବୀ। ମୋର ମାମୁଁଘର କଟକ ଡଗରପଡ଼ା, ଅଜା ମଧୁସୂଦନ ସ୍ୱାଇଁ।

ପ୍ରାଥମିକ ଶିକ୍ଷା : ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମୁଁ ଖ୍ରୀଷ୍ଟିଆନ ସାହିରେ ଥିବା ସ୍କୁଲରେ ପଢୁଥିଲି। ଆମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଥିଲେ କୁମୁଦିନୀ ବିଶୋଇ। ୪ର୍ଥରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଆମ ବନମାଳୀପୁର ଗ୍ରାମର ମଧ୍ୟ ଇଂରାଜୀ ମାଇନର ସ୍କୁଲରେ ପାଠ ପଢ଼ିଲି। ୭ମ ଶ୍ରେଣୀରେ ଆମ ବିଦ୍ୟାଳୟର ହେଡ୍‌ମାଷ୍ଟର ରାଜକିଶୋର କାନୁନ୍‌ଗୋଙ୍କ ସହିତ ପୁରୀ ଯାଇ ପୁରୀ ଜିଲ୍ଲା ବୃତ୍ତି ପରୀକ୍ଷା ଦେଇଥିଲି। ସେତେବେଳେ ଗୋଏଙ୍କା ଧର୍ମଶାଳାରେ ରହିଥିଲି। ଏହା ଶ୍ରୀଶ୍ରୀଠାକୁରଙ୍କ ଏକ ସ୍ଥୂଳଲୀଳା କ୍ଷେତ୍ର ବୋଲି ପରେ ଜାଣିବାକୁ ପାଇଥିଲି। ପୁରୀରେ ବୃତ୍ତି ପରୀକ୍ଷା ଦେଉଥିବା ସମୟରେ ହେଡ୍‌ମାଷ୍ଟର ରାଜକିଶୋର କାନୁନ୍‌ଗୋ ଦିନେ ମୋତେ ତାଙ୍କ ଗୁରୁ ମହାତ୍ମା ତୋତାପୁରୀ (ଲଙ୍ଗୁଳିବାବା)ଙ୍କ ନିକଟକୁ ନେଇଯାଇଥିଲେ। ସେଦିନ ମୁଁ ତାଙ୍କ ଶ୍ରୀଅଙ୍ଗ ସ୍ପର୍ଶ କରି ପ୍ରଣାମ କରିବାର ସୌଭାଗ୍ୟ ଲାଭ କରିଥିଲି। ମାଇନର ବୃତ୍ତି ପରୀକ୍ଷାରେ ମୁଁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ମାସିକ ପାଞ୍ଚ ଟଙ୍କା ଲେଖା ବୃତ୍ତି ୪ ବର୍ଷ ପାଇଁ ପାଇଥିଲି। ତତ୍ପରେ ନୂଆକରି ଖୋଲିଥିବା ଗ୍ରାମର ହାଇସ୍କୁଲରେ ୮ମ ଶ୍ରେଣୀ ପାସ୍ କରିବା ପରେ ବଡ଼ଭାଇ ରବୀନ୍ଦ୍ର ନାଥ ମହାପାତ୍ର କଟକର ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇ ଦେଇଥିଲେ। ସେଠାରେ ଛାତ୍ରାବାସରେ ରହି ନବମରୁ ଏକାଦଶ ଶ୍ରେଣୀ ଯାଏଁ ପଢ଼ିଥିଲି। ସେତେବେଳେ ମାଟ୍ରିକ ପରୀକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଥିଲା। ମୁଁ ମାଟ୍ରିକ ପରୀକ୍ଷାରେ ପ୍ରଥମ ୧୦ଜଣଙ୍କ ଭିତରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲି। ପ୍ରଥମେ ISC ଓ ପରେ IA ପଢ଼ିଲି। IA ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲି ଓ ତତ୍ପରେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରେ ଅର୍ଥନୀତି ଅନର୍ସ ନେଇ ପଢ଼ିଲି। ସେତେବେଳେ ପାଠକପୁରୀ ହଷ୍ଟେଲରେ ରହୁଥିଲି। ଅନର୍ସ ପରୀକ୍ଷାରେ ସାରା ଓଡ଼ିଶାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲି। ସେତେବେଳେ ରାଜ୍ୟରୁ କେବଳ ଜଣେ ଫାଷ୍ଟ ଡିଭିଜନ ପାଉଥିଲେ।

ତତ୍ପରେ ରେଭେନ୍ସା କଲେଜରେ ଅର୍ଥନୀତିରେ MA ପାସ୍ କରି ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ୨ଟି ସ୍ୱର୍ଣ୍ଣପଦକ ପାଇଲି- University gold medal for best MA ଏବଂ Khan Bahadur Rustomji Patel memorial gold medal। ୧୯୬୨ ମସିହାରୁ ୧୯୬୪ ମସିହାର କିଛି ମାସ ପର୍ଯ୍ୟନ୍ତ ଭୁବନେଶ୍ୱର B.J.B College ରେ ପ୍ରାୟ ଦୁଇବର୍ଷ ଅର୍ଥନୀତି ଅଧ୍ୟାପକ ରହିଲି। ୧୯୬୪ ମସିହାର ପ୍ରାରମ୍ଭରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଜଣେ Probationary Officer ଭାବରେ ଯୋଗ ଦେଲି। ଓଡ଼ିଶାରେ, କଲିକତାରେ, ପାଟନାରେ ଓ ମୁମ୍ବାଇରେ ବିଭିନ୍ନ ପଦପଦବୀରେ କାର୍ଯ୍ୟକରି ଭୁବନେଶ୍ୱରରେ local head office ରୁ commercial banking ର DGM ଭାବରେ ୧୯୯୯ ମସିହା ମେ ମାସରେ ଅବସର ଗ୍ରହଣ କଲି। ମୋର ଚାକିରି ଜୀବନ ସମୟରେ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ମୁଁ ତାଙ୍କର ସ୍ମୃତି ବିଜଡ଼ିତ କେତେକ ସ୍ଥାନ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲି। ଆସାମର ଗୌହାଟୀରେ ଥିବା କାମାକ୍ଷା ମନ୍ଦିର ପଛପଟରେ ଥିବା ଭୁବନେଶ୍ୱରୀ ମନ୍ଦିର ଓ ତା' ପାଖରେ ଥିବା ଶ୍ରୀଶ୍ରୀଠାକୁରଙ୍କ ନିର୍ବିକଳ୍ପ ସମାଧିସ୍ଥଳ ସେତେବେଳେ ମୋତେ ଭୁବନେଶ୍ୱରୀ ମନ୍ଦିରର ଜଣେ ପୂଜକ ଦେଖାଇ ଦେଇଥିଲେ। ଗାରୋହିଲ୍ ଯୋଗାଶ୍ରମ ବାଟ ଦେଇ ଥରେ ମୁଁ ଓ ବ୍ୟାଙ୍କର ମୋର ଜଣେ ସହକର୍ମୀ ଯାଉଥିବାବେଳେ ଆମ ଗାଡ଼ି ସେଠାରେ ଖରାପ ହୋଇଯାଇଥିଲା। ସେଠାରେ ଯୋଗାଶ୍ରମରେ ଶ୍ରୀଶ୍ରୀଠାକୁରଙ୍କୁ ସ୍ମରଣ କରିଥିଲୁ। ସେଠାରେ ଥିବା ହାଜଂମାନେ ଆମକୁ ରୋଷେଇ କରି ଖାଇବାକୁ ଦେଇଥିଲେ। ଆସାମର ଯୋରହାଟ ନିକଟରେ ଥିବା ଆସାମ ବଙ୍ଗୀୟ ସାରସ୍ୱତ ମଠ ମଧ୍ୟ ଯାଇଥିଲି। ସେତେବେଳେ ପ୍ରାୟ ଏହା ମାଟିରେ ପୋତି ହୋଇଯାଇଥିଲା। ଦାର୍ଜିଲିଂର ମସ୍ ବ୍ୟାଙ୍କ ଡାକବଙ୍ଗଳା ଅଞ୍ଚଳକୁ ମଧ୍ୟ ଯାଇଛି।

ଭକ୍ତ ଜୀବନୀ : ବୋଧହୁଏ ୧୯୪୯-୫୦ ମସିହାର କଥା। ମୁଁ ସେତେବେଳେ ଗ୍ରାମର ମାଇନର ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥାଏ। ମୋର ଜଣେ ଜ୍ଞାତି ଭାଇ ମହେନ୍ଦ୍ର ଭାଇ ଆମ ଗ୍ରାମର 'ଗୋପବନ୍ଧୁ ପାଠାଗାର'ରୁ 'ନିଗମତତ୍ତ୍ୱ' ପୁସ୍ତିକଟି ପଢ଼ିବା ପାଇଁ ଆଣିଥିଲେ। ସେ ମୋତେ ସେ ପୁସ୍ତକଟି ପଢ଼ିବା ପାଇଁ ଦେଇଥିଲେ। ମୁଁ ସେହି ପୁସ୍ତକରୁ ପ୍ରଥମ ଥର ପାଇଁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀବିଗ୍ରହ ଦେଖିବାର ସୌଭାଗ୍ୟ ଲାଭ କରିଥିଲି। କିନ୍ତୁ ପୁସ୍ତକରେ ଥିବା ବିଷୟ ସେତେବେଳେ ବୁଝି ପାରିନଥିବାରୁ ତାଙ୍କୁ ପୁସ୍ତକଟି ଫେରାଇ ଦେଇଥିଲି।

୧୯୫୫ ମସିହାରେ ମୋର ବଡ଼ଭଉଣୀ ଶରତ କୁମାରୀଙ୍କ ବିବାହ ଶ୍ରୀଶ୍ରୀଠାକୁରଙ୍କ ଭକ୍ତ ପରିବାର ଶ୍ରୀ ନିରଞ୍ଜନ ଭୂୟାଁ ଭାଇଙ୍କ ସହ ହୋଇଥିବାରୁ ସେମାନଙ୍କ ମାଧ୍ୟମରେ ମୁଁ ଶ୍ରୀଶ୍ରୀଠାକୁରଙ୍କୁ ଜାଣିଲି। ନିରଞ୍ଜନ ଭାଇ ମୋତେ 'ଶ୍ରୀଶ୍ରୀଠାକୁର ନିଗମାନନ୍ଦ' ପୁସ୍ତକଟି ଦେଇଥିଲେ। ମୁଁ ତାହା ପାଠ କରି ମୁଗ୍ଧ ହୋଇଥିଲି। ଶ୍ରୀଶ୍ରୀଠାକୁରଙ୍କ ପ୍ରତି ମନରେ କିଛିଟା ଆକର୍ଷଣ ଅନୁଭବ କଲି। ସେହି ପୁସ୍ତକଟି ସର୍ବଦା ମୁଁ ପାଖରେ ରଖିଥିଲି। ୧୯୬୬-୬୭ ମସିହାରେ ଚାକିରି ଜୀବନରେ ଧାନବାଦରେ ଅବସ୍ଥାପିତ ହୋଇଥିବାବେଳେ ମୁଁ ଯେଉଁ ଘରେ ରହୁଥିଲି, ସେଠାରେ ସେହି ପୁସ୍ତକରେ ଥିବା ଶ୍ରୀଶ୍ରୀଠାକୁରଙ୍କ ବିଗ୍ରହ ନିକଟରେ ପ୍ରଣାମ କରି ଅଫିସ ଯାଏ। କ୍ରମେ ମୋର କିଛିଟା ଅନୁଭୂତି ଲାଭ ହେଲା। ଥରେ ମୁଁ ସେଠାରୁ କିଛିଦିନ ଛୁଟି ନେଇ ଭୁବନେଶ୍ୱର ଆସିଥିବାବେଳେ ମୋ ବଡ଼ଭିଣୋଇ ନିରଞ୍ଜନ ଭାଇଙ୍କ ଘରକୁ ଦେଖା କରିବାକୁ ଯାଇଥିଲି। ସେଠାରେ କେହି ଜଣେ ମୋତେ ଗୋଟିଏ ଠିକଣା ଦେଲେ। ସେହି ଠିକଣାରେ ଆସି ଦେଖିଲି ଯେ କବାଟ ବନ୍ଦ ଅଛି। କିଛି ସମୟ ପରେ କବାଟ ଖୋଲିଲା ପରେ ଜଣେ ଭକ୍ତ ଭାଇ ଆସି ପଚାରିଲେ, 'କାହାକୁ ଖୋଜୁଛନ୍ତି ?' ମୁଁ କହିଲି, 'ନିରଞ୍ଜନ ଭାଇଙ୍କ ପାଖକୁ ଆସିଛି।' ଭାଇଙ୍କ ସହିତ ଦେଖା ହେଲା। ଏହାପରେ ମୁଁ ପାଠଚକ୍ରରେ ଯୋଗଦେବା ପାଇଁ ଇଚ୍ଛା ପ୍ରକାଶ କଲି। ରଘୁନାଥ ପତି ଭାଇ ଥିଲେ। ସେ ଦରଖାସ୍ତ ଲେଖିବା ପାଇଁ କହିଲେ। ସେତେବେଳେ ଶ୍ୟାମସୁନ୍ଦର ଦାଶ ଭାଇ ଦରଖାସ୍ତ ଲେଖିଲେ ଓ ଏହା ଶ୍ରୀଶ୍ରୀଠାକୁରଙ୍କ ଚରଣରେ ଦିଆଗଲା। ଏହାପରେ ମୁଁ ପାଠଚକ୍ରର ଦ୍ୱିତୀୟ ଅଧିବେଶନରେ ଯୋଗଦେବାର ସୁଯୋଗ ପାଇଲି। ସେଠାରେ ରଘୁନାଥ ପତି ଭାଇଙ୍କ ଆଲୋଚନା ଶୁଣି ମୁଁ ମୁଗ୍ଧ ହୋଇଗଲି। ପୂଜା ପରେ ଶ୍ରୀଶ୍ରୀଠାକୁରଙ୍କୁ ଭୋଗ ନିବେଦନ କରାଗଲା। କେଳୁଚରଣ ପଟ୍ଟନାୟକ ଭାଇ ଆଦରରେ ମୋତେ ନେଇ ପ୍ରସାଦ ପାଇବା ସ୍ଥାନରେ ବସାଇଦେଲେ। ସେଦିନ ହେମଲତା ଦାଶ ମା' ଭୋଗ ରନ୍ଧନ କରିଥିଲେ ଓ ଆମମାନଙ୍କୁ ପ୍ରସାଦ ପରିବେଷଣ ମଧ୍ୟ କରିଥିଲେ। ନିରାଡ଼ମ୍ବର ଭାବରେ ଅନ୍ନ, ଡାଲମା ଓ ଆଳୁଭର୍ତ୍ତା ହୋଇଥିବା ପ୍ରସାଦ ଏତେ ସୁସ୍ୱାଦୁ ହୋଇଥିଲା ଯେ ତା'ର ସ୍ୱାଦ ମୁଁ ଏବେ ଯାଏଁ ଭୁଲିପାରିନାହିଁ। ଏକାମ୍ର ପାଠଚକ୍ରର ଏହି ଅଧିବେଶନରେ ଯୋଗ ଦେଇ ମୁଁ ଅପାର ଆନନ୍ଦ ଅନୁଭବ କରିଥିଲି। ଏହି ଅପାସୋରା ସ୍ମୃତିକୁ ପାଥେୟ କରି ମୁଁ ଧାନବାଦ ଫେରିଗଲି।

୧୯୬୯ ମସିହାରେ ବୀରତୁଙ୍ଗ ଠାରେ ଅନୁଷ୍ଠିତ 'ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ'ରେ ଯୋଗଦାନ କରିବାର ସୁଯୋଗ ମୁଁ ଲାଭ କରିଥିଲି। ଏହା ମୋର ପ୍ରଥମ ସମ୍ମିଳନୀ ଦର୍ଶନ। ସମ୍ମିଳନୀ ସମ୍ପର୍କରେ ଏହା ପୂର୍ବରୁ ମୋର କିଛି ଧାରଣା ନ ଥିଲା। ନିରଞ୍ଜନ ଭାଇ ମୋତେ ଦୁର୍ଗାଚରଣ ଭାଇଙ୍କ ପାଖକୁ ନେଇଗଲେ ଓ ମୋ ବିଷୟରେ ତାଙ୍କୁ କହିଲେ। ଦୁର୍ଗାଚରଣ ଭାଇ ତତ୍‌କ୍ଷଣାତ କହିଲେ, 'ଏ ଆମ ଲେଖାଲେଖିରେ ସାହାଯ୍ୟ କରିବ।' ସେହି ସମ୍ମିଳନୀରେ ନିରଞ୍ଜନ ଭାଇ ମୋତେ ସଂଘ ପ୍ରକାଶିତ କିଛି ପୁସ୍ତକ ସମ୍ମିଳନୀରୁ କିଣି ପ୍ରଦାନ କରିଥିଲେ। ମୁଁ ସମ୍ମିଳନୀରୁ ଫେରି ସୁନ୍ଦରଗଡ଼ SBI ଶାଖାରେ Branch Manager ଭାବରେ ଯୋଗ ଦେଲି। ସେଠାରେ ମୁଁ ଯେଉଁ ଘରେ ରହୁଥିଲି, ସେଠାରେ ଶ୍ରୀଶ୍ରୀଠାକୁରଙ୍କର ଏକ ଆସନ ରଖି ମୁଁ ଓ ଘର ମା' ଲକ୍ଷ୍ମୀ ମା' ପ୍ରତିଦିନ ପ୍ରଣାମ କରୁ ଓ କିଛି ସଂଘ ପ୍ରକାଶିତ ପୁସ୍ତକ ପାଠ କରୁ। ସୁନ୍ଦରଗଡ଼ରୁ ବଦଳି ହୋଇ ଆସିବା ପରେ ମୁଁ ଓ ଘର ମା' ଲକ୍ଷ୍ମୀ ଏକାମ୍ର ସାରସ୍ୱତ ସଂଘ ମାଧ୍ୟମରେ ପରିଚୟ ପତ୍ର କରି ସଂଘଭୁକ୍ତ ହେଲୁ। ମା' ପ୍ରଥମେ ପରିଚୟ ପତ୍ର କରିଥିଲେ। ତେଣୁ ମୁଁ ପରିଚୟ ପତ୍ର କରିବା ପାଇଁ ଆଗ୍ରହୀ ଥିଲି। ଥରେ ଦୁର୍ଗାଚରଣ ଭାଇ ଏକାମ୍ର ସଂଘରେ ଆସି ଅବସ୍ଥାନ କରୁଥିବା ବେଳେ ମୁଁ ପରିଚୟ ପତ୍ର ପାଇଁ ପ୍ରାର୍ଥୀ ହେଲି। ଭାଇ କହିଲେ, ତୁମେ କେନ୍ଦ୍ରରେ ସଭ୍ୟ ହେବ। ମୁଁ କହିଲି, ମୁଁ ବ୍ୟାଙ୍କରେ ଚାକିରି କରୁଥିବାରୁ ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହେଉଛି। ତେଣୁ କେନ୍ଦ୍ରରେ ପରିଚୟ ପତ୍ର କରିବା ମୋ ପାଇଁ ସୁବିଧାଜନକ ହେବ ନାହିଁ। ମୋ କଥା ଶୁଣି ଦୁର୍ଗାଚରଣ ଭାଇ ପରିଚୟ ପତ୍ରରେ ଦସ୍ତଖତ କରି ରଘୁନାଥ ପତି ଭାଇଙ୍କୁ ଦେଲେ। ତାଙ୍କ ଠାରୁ ପରିଚୟ ପତ୍ର ନେଇ ଶ୍ରୀଶ୍ରୀଠାକୁରଙ୍କୁ ଭିତର ଆସନରେ ପ୍ରଣାମ କରି ପ୍ରଣାମୀ ଦେଲି ଓ ପରିଚୟ ପତ୍ର ଗ୍ରହଣ କଲି। ସଂଘଭୁକ୍ତ ହେବା ପରେ ମୁଁ ଆସନ ମନ୍ଦିରରେ ନିତ୍ୟପୂଜାରେ ଯୋଗ ଦେଉଥିଲି। ସେହି ବର୍ଷ ଏକାମ୍ର ସଂଘରେ ରାସୋତ୍ସବ ମଧ୍ୟ ଆରମ୍ଭ ହୋଇଥିଲା ଓ ଆମେ ଦୁହେଁ (ମା' ଓ ମୁଁ) ସେଥିରେ ଯୋଗ ଦେଇଥିଲୁ। ଅଧିକାଂଶ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ଯୋଗଦେବାର ସୁଯୋଗ ମୁଁ ପାଇଛି। ଏକାମ୍ର ସାରସ୍ୱତ ସଂଘର ତତ୍କାଳୀନ ସଭାପତି ଶ୍ରୀ ରଘୁନାଥ ପତି ଭାଇ ଆମକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇଥିଲେ। ଭୁବନେଶ୍ୱରରେ ଥିବାବେଳେ ସତ୍ୟପ୍ରିୟ ମହାନ୍ତି ଭାଇ, ରଘୁନାଥ ପତି ଭାଇ, ନିମାଇଁ ଚରଣ ମହାନ୍ତି ଭାଇ ଓ ମୁଁ, ନୀଳାଚଳ ସାରସ୍ୱତ ସଂଘ ଉପବିଧି କମିଟିର ସଭ୍ୟ ଥିଲୁ। କ୍ରମେ ଦୁର୍ଗାଚରଣ ଭାଇଙ୍କ ସହିତ ମୋର ଘନିଷ୍ଠତା ବଢ଼ିଲା। ସେ ମୋତେ ଖୁବ୍ ଭଲ ପାଉଥିଲେ। ଚାକିରି ଜୀବନରେ ଭଦ୍ରକରେ ଅବସ୍ଥାପିତ ହେବାବେଳେ ସେଠାରେ ଥିବା ସଂଘ ସହିତ ମଧ୍ୟ ମୁଁ ସଂପୃକ୍ତ ଥିଲି। ୧୯୭୪ ମସିହାରେ ମୋର କଲିକତା ବଦଳି ହେଲା। ସେଠାରେ ଥିବାବେଳେ ମାଟିଆ

ବୁରୁଜ ସଂଘରେ ପ୍ରତି ରବିବାର ଦିନ ଯୋଗ ଦେଉଥିଲି । ସେଠାକାର ଭାଇମାନଙ୍କ ସହ ଖୁବ୍ ଘନିଷ୍ଠତା ଥିଲା । ସେତେବେଳେ ଦୁର୍ଗାଚରଣ ଭାଇ କଲିକତା ଗଲେ ଆମ ବାସଘରେ ରହୁଥିଲେ । ତାଙ୍କ ସହିତ ଗୋଟିଏ ଦୁଇଟି ସାର୍ବଭୌମ ସମ୍ମିଳନୀ ଦର୍ଶନ କରିବାର ମଧ୍ୟ ସୌଭାଗ୍ୟ ଲାଭ କରିଥିଲି । ୧୯୭୬ ମସିହାରେ ଯେତେବେଳେ ସୁରବାଳା ମା' ଓ ନାରାୟଣୀ ମା' (ଶ୍ରୀଶ୍ରୀଠାକୁରଙ୍କ ପାଳିତା କନ୍ୟା) ଏକାମ୍ର ଆସନ ମନ୍ଦିରରେ ରହିବା ପାଇଁ ନିର୍ଦ୍ଦିଷ୍ଟ ହେଲା, ସେତେବେଳେ ସେମାନେ ହାଓଡାରେ ରହୁଥିବା ଘରୁ ଆଣି ହାଓଡା ଷ୍ଟେସନରେ ତାଙ୍କୁ ଟ୍ରେନ୍‌ରେ ବସାଇ ଦେଇଥିଲି । ଆମ ଘରମା' ସେମାନଙ୍କ ସହିତ ଟ୍ରେନ୍‌ରେ ଆସିଥିଲେ । ସେମାନେ ଏକାମ୍ର ଆସନ ମନ୍ଦିରରେ ଅବସ୍ଥାନ କରୁଥିବାବେଳେ ତାଙ୍କର ଯାହା ଦରକାର ପଡୁଥିଲା, ମୁଁ କଲିକତାରୁ ସଂଗ୍ରହ କରି ସେସବୁ ଆଣି ଦେଉଥିଲି । ସେମାନେ ମୋତେ ଖୁବ୍ ଭଲ ପାଉଥିଲେ । ୧୯୭୯ ମସିହାରେ କଲିକତାରୁ ଭୁବନେଶ୍ୱର ବଦଳି ହୋଇ ଆସିବା ପରେ ସଂଘରେ ନିୟମିତ ଯୋଗ ଦେଉଥିଲି । ସଂଘରେ କୁମାରୀ ସଂଘ ହେଲା । ମୋର ୩ ଜଣ ଝିଅ କୁମାରୀ ସଂଘର ସଭ୍ୟା ଥିଲେ । ୧୯୮୯ ମସିହାରୁ ୧୯୯୦ ପର୍ଯ୍ୟନ୍ତ ମୁଁ ବମ୍ବେରେ ଚାକିରି ଜୀବନରେ ଥିବା ବେଳେ ସଂଘରେ ଯୋଗଦାନ କରି ପାରିନଥିଲି । ୧୯୯୦ ମସିହାରେ ଭୁବନେଶ୍ୱର ଆସିବା ପରେ ପୁନର୍ବାର ସଂଘରେ ଯୋଗ ଦେଲି । ୧୯୯୨ରେ ମୁଁ ପୁଣି କଲିକତାରେ ଅବସ୍ଥାପିତ ହେଲି । ସଂଘର ବିଭାଜନ ହେବା କାରଣରୁ ଆଉ ମାଟିଆ ବୁରୁଜ ସଂଘକୁ ଯାଉନଥିଲି । ରଘୁନାଥ ପତି ଭାଇଙ୍କ ପରାମର୍ଶ କ୍ରମେ ମୁଁ, ଗୌରାଙ୍ଗ ନାୟକ ଭାଇ ଓ ରାଜେନ୍ଦ୍ର ରାଉତ ଭାଇ ପ୍ରଭୃତି ମିଶି ରାଜେନ୍ଦ୍ର ଭାଇଙ୍କ ଟାଲିଗଞ୍ଜ ସ୍ଥିତ ଭଡ଼ାଘରେ ଏକ ପାଠଚକ୍ର ଆରମ୍ଭ କରିଥିଲୁ । ଏହା ବର୍ତ୍ତମାନ ପରିବର୍ଦ୍ଧିତ ହୋଇ କଲିକତା ସଂଘର ରୂପ ନେଇଛି । ୧୯୮୭ ମସିହାରେ ସତ୍‌ଶିକ୍ଷା ମନ୍ଦିରରେ ସମ୍ମିଳନୀ ହେବା ପରେ ପ୍ରତି ଶନିବାର ଦିନ ହେଉଥିବା ପାଳିରୁ ଗୋଟିଏ ପାଳି ସେବା ମୁଁ ନେଇଥିଲି ।

୧୯୯୦ ମସିହା ଠାରୁ ଅସୁରେଶ୍ୱର ସମ୍ମିଳନୀରେ 'ସ୍ୱାଗତିକା' ପ୍ରକାଶନରେ ମୋର ସେବା ସମ୍ପାଦନ କରିଆସୁଛି । ଏହା ବ୍ୟତୀତ ବହୁ ବର୍ଷ ଧରି ସମ୍ମିଳନୀର ବିବରଣୀ ପ୍ରସ୍ତୁତି ଓ ସମ୍ପାଦନ, କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା, ସତ୍‌ଶିକ୍ଷା ମନ୍ଦିରରେ ହେଉଥିବା ୪ଟି ଶିକ୍ଷା କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା, ଆଲୋଚନାରେ ଅଂଶଗ୍ରହଣ କରିବା, ବିବରଣୀ ସମ୍ପାଦନ କରିବା, ରାସୋତ୍ସବର ବିବରଣୀ ପ୍ରସ୍ତୁତ କରିବା, ଏକାମ୍ର ସାରସ୍ୱତ ସଂଘର ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା ଆଦି ସେବା ସମ୍ପନ୍ନ କରୁଥିଲି ।

ଶ୍ରୀଶ୍ରୀଠାକୁରଙ୍କ କୃପାରୁ ମୁଁ ତାଙ୍କ ଚରଣାଶ୍ରିତ ହୋଇଛି ଓ ତାଙ୍କର ଜଣେ ଭକ୍ତ ହେବା ପାଇଁ ସୌଭାଗ୍ୟ ଲାଭ କରିଛି । ଜୀବନରେ ଅନେକ କୃପାନୁଭୂତି ପାଇଛି । ସବୁବେଳେ ଜଣେ ସାଧୁ, ସରଳ, ସଚ୍ଚରିତ୍ର, ସଦାଚାରୀ, ସତ୍ୟବାଦୀ, ସଂଯତ, ସୁଶୃଙ୍ଖଳିତ, ନମ୍ର, ବିନୟୀ, ନିରହଙ୍କାରୀ ସେବକଟିଏ ହେବା ପାଇଁ ଚେଷ୍ଟା କରିଛି । ଶ୍ରୀଶ୍ରୀଠାକୁରଙ୍କ ପ୍ରତି ମନରେ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ନିର୍ଭରତା, ସମର୍ପଣ ଭାବ, ଆନୁଗତ୍ୟ, ଭଲ ପାଇବା ଓ ସେବା ମନୋଭାବ ରଖିବାକୁ ଚେଷ୍ଟା କରିଛି । ଭଲ ମଣିଷ, ଭଲ ସେବକ ଓ ଭଲ ସଂଘସେବୀଟିଏ ହେବା ପାଇଁ ଏବେ ମଧ୍ୟ ଚେଷ୍ଟାନିରତ ଅଛି । ଶେଷ ଜୀବନ ମୋଟାମୋଟି ଭାବରେ ଭଲରେ କଟୁଥିଲେ ମଧ୍ୟ କେତୋଟି କଥା ମୋ ମନରେ ପ୍ରଭାବ ପକାଇଛି । ଶରୀରର ଅସୁସ୍ଥତା ଯୋଗୁ ମୁଁ କାହାରି ସାହାଯ୍ୟ ବିନା ଚାଲିପାରୁନାହିଁ । Walker ବ୍ୟବହାର କରି ଚାଲୁଛି; ଆସନ ମନ୍ଦିରକୁ ସଂଘ ପୂଜାରେ ନିୟମିତ ଯୋଗଦେବା ପାଇଁ ଯାଇପାରୁ ନାହିଁ । ଗତ ତା.୧୫.୩.୨୦୨୦ରିଖ ଦିନ ଯାଇଥିଲି । ଗୃହାସନରେ ମଧ୍ୟ ବୀରାସନରେ ବସି ପାରୁନାହିଁ । ସେବାପୂଜା କରିପାରୁନାହିଁ । ଦାମନଯୋଡ଼ି ସମ୍ମିଳନୀରୁ ଶ୍ରୀଶ୍ରୀଠାକୁର ୨୦୨୦ ମସିହା ଫେବୃୟାରୀ ମାସରେ ଫେରିବାବେଳେ ମୁଁ ପ୍ରଣାମ କରିବା ପାଇଁ ସତ୍‌ଶିକ୍ଷା ମନ୍ଦିର ଯାଇଥିଲି । ବିଧିରକ୍ଷା ସମ୍ମିଳନୀରେ ଯୋଗ ଦେଇଥିଲି । କିନ୍ତୁ ବିଭିନ୍ନ ସ୍ଥାନରେ ହେଉଥିବା ସମ୍ମିଳନୀରେ ଯୋଗଦେବା ସମ୍ଭବପର ହେଉନାହିଁ ।

ମୋର ଅବଶିଷ୍ଟ ଜୀବନ ଶ୍ରୀଶ୍ରୀଠାକୁରଙ୍କ ସ୍ମରଣ ମନନରେ ଅତିବାହିତ ହେଉ । ଜଣେ ପ୍ରାର୍ଥନାକାରୀ ଭକ୍ତ ଲେଖିଥିଲେ, "ତୁମ ଚରଣ ପଦ୍ମ ପୀୟୂଷ ପିଆସୀ ମୁଗ୍ଧ ମଧୁପ ମୋତେ କର ପ୍ରଭୁ ମୋତେ କର ।" ମୁଁ ସେହିପରି ଶ୍ରୀଶ୍ରୀଠାକୁରଙ୍କ ଚରଣ ପଦ୍ମ ପୀୟୂଷ ପିଆସୀ  ମୁଗ୍ଧ ମଧୁପଟିଏ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିବାକୁ ଆଶା ରଖିଛି । ମୋର ନିଶ୍ଚିତ ବିଶ୍ୱାସ ଯେ ଶ୍ରୀଶ୍ରୀଠାକୁର ମହାରାଜ ମୋର ଅନ୍ତିମ ସମୟରେ ମୋର ପାରଲୌକିକ ଗତି ସ୍ଥିର କରିଦେବେ । ଗଙ୍ଗଶିଉଳି ମୁଁ ଅନାଇ ରହିଛି ସଞ୍ଜ ନଇଁବା ପାଇଁ ।

**√ ଦେବେନ୍ଦ୍ର ନାଥ ମହାପାତ୍ର**

ଏକାମ୍ର ସାରସ୍ୱତ ସଂଘ

(ଦେବେନ୍ଦ୍ର ଭାଇଙ୍କ ପାଖରୁ ସଂଗୃହୀତ)

# ଶୁଭ କୁମ୍ଭଯାତ୍ରା

ଏହି ଘଟଣା ୨୦୨୪ ଏପ୍ରିଲ୍ ମାସର ଓ ଆମେ ସମସ୍ତେ ଟେକ୍ସାସ ପାଠଚକ୍ର ଅଧିବାସ ପୂଜା ପାଇଁ ଆଦିତ୍ୟ ଭାଇଙ୍କ ଘରେ ଥିଲୁ। ସେଇ ରାତି, ଶୋଇବା ପୂର୍ବରୁ କିଛି ଭାଇମାନେ ଆସନ୍ତା କୁମ୍ଭମେଳା ବିଷୟରେ ଆଲୋଚନା କରୁଥିଲେ। ସେଥିରେ ସୁବ୍ରତ ଭାଇ ନେତୃତ୍ୱ ନେଉଥିଲେ କାରଣ ସେ ପୂର୍ବରୁ କୁମ୍ଭମେଳା ଯାଇଥିଲେ ଓ ଦିବ୍ୟ ଅନୁଭୂତି ହାସଲ କରିଥିଲେ। ଆମ ମଧ୍ୟରୁ କିଛି ଭକ୍ତ ତୁରନ୍ତ ପ୍ରତିଶ୍ରୁତି କରିଦେଲେ, "ହଁ", ଏଥିପାଇଁ ନିଶ୍ଚୟ ଯିବା ଉଚିତ। କାରଣ ଏହି ଥର ପ୍ରୟାଗରାଜରେ ଘଟୁଥିବା ମହା କୁମ୍ଭମେଳା ୧୪୪ ବର୍ଷରେ ଗୋଟିଏ ଥର ହୁଏ।

ଏହି ଆଲୋଚନା ପରେ ଅନେକ ମାସ ଚାଲିଗଲା। ତାପରେ ନଭେମ୍ବର ମାସରେ ପୁଣିଥରେ ଆମେ ଏକାଠି ହେଲୁ ଓ କୁମ୍ଭମେଳାକୁ ଯିବା ଯୋଜନା ବିଷୟରେ କଥା ହେଲା। ଆମେ କୋକିଳାମୁଖ ମଠର ପୁରୁଷୋତ୍ତମାନନ୍ଦ ମହାରାଜଙ୍କ ଉପରେ ନିର୍ଭର କରିଥିଲୁ, କାରଣ ମଠ ତରଫରୁ କୁମ୍ଭମେଳାରେ ଭକ୍ତମାନଙ୍କ ପାଇଁ ଶିବିର ବ୍ୟବସ୍ଥା କରାଯାଉଥିଲା। କିନ୍ତୁ ଡିସେମ୍ବରରେ ହେଉଥିବା 'ସାର୍ବଭୌମ ଭକ୍ତ ସମ୍ମିଳନୀ' ପାଇଁ ପୁରୁଷୋତ୍ତମାନନ୍ଦ ମହାରାଜ ବ୍ୟସ୍ତ ଥିଲେ, ତେଣୁ ଆମେ ବିସ୍ତୃତ ଭାବରେ ତାଙ୍କ ସହ ଆଲୋଚନା କରିପାରିଲୁନି। ତଥାପି, ଆମ ମଧ୍ୟରୁ କିଛି ଜଣ ଭକ୍ତ ନିଷ୍ପତ୍ତି ନେଲେ ଯେ ଭାରତ ଯାତ୍ରା ପାଇଁ ଓ ପ୍ରୟାଗରାଜ ପାଇଁ ଏୟାର ଟିକେଟ୍ କିଣି ନେବା।

ଏହି ସମୟରେ ମୋର କାର୍ଯ୍ୟାଳୟ ପ୍ରକଳ୍ପ ଶେଷ ହେବାକୁ ଯାଉଥିଲା ଓ ମୁଁ ନୂଆ ପ୍ରକଳ୍ପରେ ଯୋଗ ଦେବାକୁ ପଡିପାରେ ବୋଲି ଆଶଙ୍କା ଥିଲା। ଏହା ପାଇଁ ମୋ ମନରେ ଚିନ୍ତା ଓ ଅଶାନ୍ତି ଲାଗି ରହିଥିଲା। ପ୍ରତିଦିନ ସକାଳ ଓ ସନ୍ଧ୍ୟାପୂଜା ପରେ ମୁଁ ଠାକୁରଙ୍କୁ ପ୍ରାର୍ଥନା କରୁଥିଲି – ଏମିତି ପରିସ୍ଥିତି କରନ୍ତୁ, ଯାହା ଫଳରେ ମୁଁ ନୂଆ ପ୍ରକଳ୍ପରେ ଯୋଗ ଦେଇପାରିବି ଓ ଭାରତ ଯାତ୍ରା ମଧ୍ୟ କରି ଫେରିପାରିବି। ସୌଭାଗ୍ୟବଶତଃ, ଡିସେମ୍ବର ମଧ୍ୟଭାଗରେ ମୁଁ ଏକ ନୂଆ ପ୍ରକଳ୍ପ ହାସଲ କଲି, କିନ୍ତୁ ବର୍ଷ ଶେଷ ଅବଶେଷରେ କ୍ଲାଏଣ୍ଟ ମ୍ୟାନେଜର ସବୁ ଅନୁପସ୍ଥିତ ଥିଲେ। ଏହି କାରଣରୁ ମୁଁ କାହାକୁ ମଧ୍ୟ ମୋର ଭାରତ ଯାତ୍ରା (ଜାନୁୟାରୀ ୫) ବିଷୟରେ କହିପାରିଲିନି। ଆହୁରି ମଧ୍ୟ ଜାନୁୟାରୀ ୨୦ରୁ ନୂଆ ଆମେରିକୀୟ ରାଷ୍ଟ୍ରପତି ଅଭିଷେକ ଥିଲା। ସେ ବେଶ କଠୋର Immigration ନୀତି ରଖିଥିଲେ। ଏହି ଚିନ୍ତା ମଧ୍ୟରେ ମୁଁ ମୋ ଯାତ୍ରାକୁ କେବଳ ୧୦ଦିନ ପର୍ଯ୍ୟନ୍ତ ସୀମିତ କରିଦେଲି। ଶେଷରେ, ଜାନୁୟାରୀ ୫ରେ ମୁଁ ମୋର କ୍ଲାଏଣ୍ଟ ମ୍ୟାନେଜରଙ୍କ ସହ ଯୋଗାଯୋଗ କଲି ଓ କହିଦେଲି ଯେ ମୋ ଏହି ଯାତ୍ରା ପୂର୍ବରୁ ଯୋଜିତ ଥିଲା। ସେ "ଠିକ୍ ଅଛି" କହିଦେଲେ। ଏହାପରେ ମୁଁ ଶାନ୍ତି ପାଇଲି ଓ ଠାକୁରଙ୍କୁ ଧନ୍ୟବାଦ ଦେଲି।

ଜାନୁୟାରୀ ୮, ୨୦୨୫ – ମୁଁ ଅଫିସର କାମ ଶେଷ କରି ଏୟାରପୋର୍ଟ ଚାଲିଗଲି ଓ ଉଡାଣ ଧରିଲି। ଯୋଜନା ଅନୁଯାୟୀ ମୁଁ ଜାନୁୟାରୀ ୧୦ରେ ଭୁବନେଶ୍ୱର ପହଞ୍ଚିଲି। ଅପରାହ୍ଣରେ ଠାକୁରଙ୍କ କୁଟୀରକୁ ଯାଇ ମୋର କୁମ୍ଭମେଳା ଯୋଜନା ବିଷୟରେ ତାଙ୍କୁ ସୂଚନା ଦେଲି ଓ କୃତଜ୍ଞତା ଜଣେଇଲି। ତା'ପରେ ପୁରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିଲି ଓ ପୁରୀରେ ଥିବା ମୋ ବଡଭଉଣୀ ସହିତ ମନ୍ଦିରରେ ମହାପ୍ରସାଦ ପାଇଲି।

ଆଗାମୀ ଦିନ, ଜାନୁୟାରୀ ୧୧ରେ ଆମେ ପ୍ରୟାଗରାଜ ଯାତ୍ରା ପାଇଁ ପ୍ରସ୍ଥାନ କଲୁ ଓ ଭୁବନେଶ୍ୱର ଏୟାରପୋର୍ଟରେ ଆମେ AMSAS ଭାଇମାନେ ଏକାଠି ହେଲୁ। ସମସ୍ତେ ଖୁସି ଓ ଉତ୍ସାହରେ ପରିପୂର୍ଣ୍ଣ। ବିଳମ୍ବିତ ଅପରାହ୍ଣରେ ଆମର ଫ୍ଲାଇଟ୍ ପ୍ରୟାଗରାଜ ଏୟାରପୋର୍ଟରେ ପହଞ୍ଚିଲା – ଏୟାରହୋଷ୍ଟେସ୍ ମଧ୍ୟ ଏହି ସ୍ଥାନର ଗୁରୁତ୍ୱ ସଂପର୍କରେ ଘୋଷଣା କଲେ। ଆମେ ଗାଡ଼ି ଭଡା କରି କୋକିଳାମୁଖ ମଠ ଶିବିରକୁ ଯିବାକୁ ବ୍ୟବସ୍ଥା କରିଥିଲୁ।

ସଂଗମର ତଟବର୍ତ୍ତୀ ଅଞ୍ଚଳ ସମସ୍ତ ଧାର୍ମିକ ସଂଗଠନର ଶିବିର ଦ୍ୱାରା ଭରିଯାଇଥିଲା। ସମସ୍ତ ଅଞ୍ଚଳ ଧାର୍ମିକ ମହିମା ଓ ଭଜନ-କୀର୍ତ୍ତନରେ ଗୁଞ୍ଜି ଉଠୁଥିଲା। ଶିବିରକୁ ପହଞ୍ଚିବା ପରେ ମହାନ୍ତ ମହାରାଜ ଓ ପୁରୁଷୋତ୍ତମାନନ୍ଦ ମହାରାଜ ଆମକୁ ଉତ୍ସାହ ଓ ଆଦର ସହିତ ସ୍ୱାଗତ କଲେ। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଠାକୁରଙ୍କ ପୂଜା ଓ ଆରତୀ ହେଉଥିଲା ଓ ପ୍ରସାଦ ମଧ୍ୟ ମିଳୁଥିଲା। ମୁଁ ସେଠି ପରିବେଷଣ ସେବାର ସୌଭାଗ୍ୟ ମଧ୍ୟ ପାଇଲି।

ଜାନୁୟାରୀ ୧୩ ରେ ରାତି ୧ଟାରେ ମକର ସଂକ୍ରାନ୍ତି ଅବସରରେ ଠାକୁରଙ୍କ ସହିତ ସାହି ସ୍ନାନ ପାଇଁ ଆମେ ବିଶାଳ ଶୋଭାଯାତ୍ରା ସହିତ ସଂଗମକୁ ଗଲୁ। କୋଟି କୋଟି ଭକ୍ତମାନେ ସଂଗମରେ ଶୁଭ ସ୍ନାନ କରୁଥିଲେ। ଏହା ଏକ ଅଦ୍ଭୁତ ଓ ଦିବ୍ୟ ଅନୁଭୂତି। ମୁଁ କେବେ ଭାବିନଥିଲି ଯେ

ମୁଁ ଏଥିରେ ଅଂଶଗ୍ରହଣ କରିପାରିବି। ଏହା କେବଳ ଠାକୁରଙ୍କ ଆଶୀର୍ବାଦର ଫଳ। ସେଇ ଦିନ ମଠ ତରଫରୁ ଏକ ବ୍ୟାପକ ଭଣ୍ଡାରା ଉତ୍ସବ ମଧ୍ୟ ହେଲା, ଯେଉଁଠାରେ ୧୦୦ରୁ ଅଧିକ ସାଧୁ ସନ୍ଥମାନେ ଭୋଜନ ପାଇଁ ଆସିଥିଲେ, ସେଠାରେ ମୁଁ ପରିବେଷଣ ସେବା ମଧ୍ୟ କରିଥିଲି।

ଶେଷରେ, ଏହି ପବିତ୍ର ସ୍ଥାନକୁ ଛାଡ଼ି ଆମ କାର୍ଯ୍ୟସ୍ଥଳକୁ ଫେରିବା ସମୟ ଆସିଗଲା। ରାଜଧାନୀ ଟ୍ରେନ୍ ଦ୍ୱାରା ଭୁବନେଶ୍ୱର ଯିବା ଯୋଜନା ଥିଲା। କାରଣ ମୁଁ ବାଲେଶ୍ୱରରେ ଓହ୍ଲାଇ ଠାକୁରଙ୍କୁ ପ୍ରାଦେଶିକ ସମ୍ମିଳନୀ ସ୍ଥଳରେ ଦର୍ଶନ କରିବି ବୋଲି ଭାବିଥିଲି। କିନ୍ତୁ ଟ୍ରେନ୍ ୧୪ ଘଣ୍ଟା ବିଳମ୍ବ ହେଲା। ତେଣୁ ଯୋଜନା ବିଫଳ ହେଲା। ମୁଁ ବାଲେଶ୍ୱର ଷ୍ଟେସନ୍‌ରେ ଠାକୁରଙ୍କୁ ମନେମନେ କ୍ଷମା ମାଗିଲି। କିନ୍ତୁ ଟ୍ରେନ୍‌ରେ ଆମେ ନୀଳାଚଳ ସାରସ୍ୱତ ସଂଘର ଏକ ବୃହତ ଦଳ ସହିତ ଥିଲୁ। ସମସ୍ତେ ଧାର୍ମିକ ଆଲୋଚନାରେ ଲୀନ ଥିଲେ।

ଜାନୁୟାରୀ ୧୬ ସକାଳେ ଭୁବନେଶ୍ୱର ପହଞ୍ଚିଲି। ଅପରାହ୍ଣରେ ସତଶିକ୍ଷା ମନ୍ଦିର ଯାଇ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିଲି ଓ ଠାକୁରଙ୍କୁ ଧନ୍ୟବାଦ ଦେଲି। ପରବର୍ତ୍ତୀ ଦିନ ମୋର ଭାରତ ଯାତ୍ରା ଶେଷ ଓ ମୁଁ ପୁଣି ମୋର କାର୍ଯ୍ୟସ୍ଥଳକୁ ପ୍ରସ୍ଥାନ କରିବି। ପିତାମାତା, ଭାଇ ଓ ଭଉଣୀଙ୍କ ସହ କିଛି ସମୟ କାଟିଲି ଓ ଫେରିବା ଯାତ୍ରା ପାଇଁ ପ୍ରସ୍ତୁତ ହେଲି। ଫେରିଲାବେଳେ ଏହିଥର ମୁଁ ଗୋଟିଏ ଦିନ ପାଇଁ ଲଣ୍ଡନ ଯିବା ପାଇଁ ପ୍ରବଳ ଇଚ୍ଛା ରଖିଥିଲି। ଲଣ୍ଡନ ପହଞ୍ଚି ଭକ୍ତଭାଇଙ୍କ ଗୃହାସନ ଦର୍ଶନ କରିଲି, ସେଠାରେ ସେମାନଙ୍କ ସହିତ ସକାଳ ଜଳଖିଆ ହେଲା। ପରେ ମୋର କଲେଜ୍ ସାଙ୍ଗଙ୍କ ସହିତ ଭେଟିବା ପାଇଁ ଯାଇଥିଲି, ତାଙ୍କ ପରିବାର ସହିତ ଗୋଟିଏ ଦିନ କଟାଇଲି। ପରବର୍ତ୍ତୀ ଦିନ ଅର୍ଥାତ୍ ଜାନୁୟାରୀ ୧୯ରେ ମୁଁ ଯୁକ୍ତରାଷ୍ଟ୍ର ଆମେରିକା ଫେରିଆସିଲି ଓ ପରଦିନ ନବ ନିର୍ବାଚିତ ରାଷ୍ଟ୍ରପତିଙ୍କ ଅଭିଷେକ ଦିବସ ଥିଲା।

ମୋ ସମଗ୍ର ଯାତ୍ରାଟି ଖୁବ୍ ଭଲ ଭାବରେ ସମ୍ପନ୍ନ ହେଲା। ଏହା ପୂର୍ଣ୍ଣ ଭାବେ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଦ ବଳେ ସମ୍ଭବ ହୋଇପାରିଲା। ଏହାଠାରୁ ଏକ ଉତ୍ତମ ଯାତ୍ରା ମୁଁ କଳ୍ପନା ମଧ୍ୟ କରିପାରିନଥିଲି।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ସୁପ୍ରୀତ କୁମାର ପଟ୍ଟନାୟକ**
ଆମେରିକା ସାରସ୍ୱତ ସଂଘ

# ଗୁରୁ ନାମ

ମୂଢ଼ ମନ, ନାମ ଧନ
ଅରଜନେ ଦିଅ ମତି
ଗୁରୁନାମ ଧନ ବଳେ
ଲଭିବୁରେ ସଦ୍‌ଗତି ।୦।
ବିଶ୍ୱାସର ଅବେହେଳେ
ନାମ ଗାଆ ତାଳେ ତାଳେ
ତୋ ହୃଦକନ୍ଦରେ ନାମ
ବସିବ ଆସନ ପାତି ।୧।
ଜୀବନର ପ୍ରତି କ୍ଷେତ୍ରେ
ନାମ ଥିବ ତୋ ନିକଟେ
ସୁଖଦୁଃଖ ହସକାନ୍ଦେ
ନାମକୁ ତୁ କର ସାଥୀ ।୨।
ନାମ ନାମୀ ଏକ ବୁଝି
ନାମ ରସେ ରହ ମଜି
ନାମ ତୁଲେ ଲୀଳାଖେଳା
କରି ବଞ୍ଚ ଦିବାରାତି ।୩।
ଜାଣିରଖ ମନବାଇ
ନାମ ସରି ବନ୍ଧୁ ନାହିଁ
ନାମ ତୋତେ ସଙ୍ଗେ ନେଇ
ନାମୀ ପଦେ ଦେବ ଭେଟି ।୪।
ମନ ତୁ ନ ହୁଅ ଭାଳି
ନାମକୁ କର ସଞ୍ଜାଳି
ଗୁରୁନାମ ଆଶ୍ରେ କରି
ମେଣ୍ଟାଅ ଏ ଭବ ଭୀତି ।୫।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**କାଞ୍ଚନବାଳା ଦାଶ ମା'**
ଏକାମ୍ର ସାରସ୍ୱତ ସଂଘ

# କେଡ଼େ ସୁଧାବୋଳା ଆଶିଷ ତୁମର

ଏହି ବର୍ଷ ମହା କୁମ୍ଭମେଳା ତ୍ରିବେଣୀ ସଂଗମ ପ୍ରୟାଗରାଜଠାରେ ଜାନୁଆରୀ ୧୩ ଠାରୁ ଫେବୃୟାରୀ ୨୬ ପର୍ଯ୍ୟନ୍ତ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। କୁମ୍ଭମେଳା ଭାରତବର୍ଷରେ ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ସ୍ଥାନ ଅଧିକାର କରିଛି। ଅନେକ ସାଧୁସନ୍ଥଙ୍କ ସହିତ ଶ୍ରଦ୍ଧାଳୁ ଭକ୍ତମାନେ ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀମାନଙ୍କର ସଂଗମରେ ବୁଡ଼ ପକାଇବାକୁ ବିଭିନ୍ନ ସ୍ଥାନରୁ ବହୁ ଘାତପ୍ରତିଘାତ ସହ୍ୟ କରି ଧାଇଁ ଆସିଥାନ୍ତି। ଶ୍ରୀଶ୍ରୀଠାକୁର ମଧ୍ୟ ଶିଷ୍ୟଭକ୍ତମାନଙ୍କ ଗହଣରେ କୁମ୍ଭମେଳାରେ ଯୋଗ ଦିଅନ୍ତି। ଏହି ବର୍ଷ ମହା କୁମ୍ଭମେଳା ବିଷୟରେ ବହୁତ ଶୁଣିବାକୁ ମିଳିଥିଲା।

ଆମେରିକାରୁ କେତେ ଗୁରୁଭାଇ ଓ ମା' ଓ ଅନ୍ୟ ସାଙ୍ଗସାଥୀମାନେ ଏହି ମହାକୁମ୍ଭ ତ୍ରିବେଣୀ ସଂଗମରେ ବୁଡ଼ ପକାଇବାକୁ ଧାଇଁ ଯାଇଥିଲେ। ମୋ ମନ ଭିତରେ କେଉଁ ଏକ କୋଣରେ ଟିକିଏ ଇଚ୍ଛା ଜାଗିଥିଲା, ମୁଁ ଯାଆନ୍ତି କି ! ମୁଁ କିନ୍ତୁ ଶ୍ରୀଶ୍ରୀଠାକୁରଙ୍କୁ ଏ ବିଷୟରେ କିଛି ଜଣାଇ ନ ଥିଲି। ପ୍ରାର୍ଥନା ବି କରିନଥିଲି। ଭଗବାନ ଶ୍ରୀକୃଷ୍ଣ ବନ୍ଦୀଘରେ ଜନ୍ମଲାଭ କରିବା ପରେ ବସୁଦେବ ମାନସିକରେ ଗଙ୍ଗାସ୍ନାନ କରି ଅୟୁତ ଧେନୁ ଦାନ କରିଥିଲେ।

ମନରେ ଗଙ୍ଗାସ୍ନାନ କଲା<br>
ଅୟୁତେ ଧେନୁ ଦାନ କଲା।

ଏହା ମନେ ପକାଇ ମୁଁ ମଧ୍ୟ ମନରେ ପ୍ରୟାଗରାଜଠାରେ ବୁଡ଼ ପକାଇଲି, ଥରେ ନୁହେଁ ଅନେକ ଥର। ଏହି ସମୟରେ ଶ୍ରୀଶ୍ରୀଗୁରୁଗୀତାର ଶ୍ଳୋକ -୧୪ଟି ବାରମ୍ବାର ମନେ ପଡୁଥାଏ।

ତୀର୍ଥରାଜଃ ପ୍ରୟାଗୋଽସୌ ଗୁରୁମୂର୍ତ୍ୟୈ ନମୋନମଃ<br>
ଗୁରୁମୂର୍ତ୍ତିଂ ସ୍ମରେନ୍ନିତ୍ୟଂ ଗୁରୁନାମଂ ସଦା ଜପେତ୍<br>
ଗୁରୋରାଜ୍ଞାଂ ପ୍ରକୁର୍ବିତ ଗୁରୋରନ୍ୟଂ ନ ଭାବୟେତ୍ ॥ (ଶ୍ରୀଶ୍ରୀଗୁରୁଗୀତା, ଶ୍ଳୋକ-୧୪)

ଶ୍ରୀଶ୍ରୀଗୁରୁଦେବଙ୍କ ଚରଣରେ ତୀର୍ଥରାଜ ପ୍ରୟାଗ ଅବସ୍ଥାନ କରେ। ତେଣୁ ପ୍ରୟାଗ ଦର୍ଶନ ଅପେକ୍ଷା ଶ୍ରୀଗୁରୁ ପଦ ଦର୍ଶନ ଓ ବାରମ୍ବାର ପ୍ରଣାମ କୋଟି ଗୁଣରେ ଶ୍ରେୟସ୍କର। ତେଣୁ ସର୍ବଦା ଶ୍ରୀଗୁରୁଦେବଙ୍କ ଚରଣ-ବନ୍ଦନ, ତାଙ୍କ ନିତ୍ୟ ଗୁରୁମୂର୍ତ୍ତିର ସ୍ମରଣ-ମନନ ଓ ନିରନ୍ତର ଗୁରୁନାମ ଜପ ଏବଂ ଶ୍ରଦ୍ଧା ସହକାରେ ଗୁରୁଦେବଙ୍କର ଆଜ୍ଞା ପାଳନ କରିବା କର୍ତ୍ତବ୍ୟ।

ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣାଶ୍ରୟ ଲାଭ କରି ଆମ ଜୀବନ ଧନ୍ୟ ହୋଇଛି। ଭକ୍ତ ସମ୍ମିଳନୀ ଶ୍ରୀଶ୍ରୀଠାକୁରଙ୍କର ପ୍ରାଣପ୍ରିୟ ଅନୁଷ୍ଠାନ। ଶ୍ରୀଶ୍ରୀଠାକୁର କହିଛନ୍ତି, "ମୁଁ ଯଦି ଏ ଜଗତରେ ଆଉ କିଛି କରିନଥାନ୍ତି, ଏ ସମ୍ମିଳନୀ ମୋର ସ୍ମୃତିରକ୍ଷା କରିଥାନ୍ତା।" ସମ୍ମିଳନୀ ମର୍ତ୍ତ୍ୟଧାମରେ ନିତ୍ୟ ବୃନ୍ଦାବନ। ଶ୍ରୀଶ୍ରୀଠାକୁର ଅହେତୁକ କୃପାରୁ Youtube Live Telecast ମାଧ୍ୟମରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୪ତମ ଅଧିବେଶନ ଫେବୃୟାରୀ ୧୧, ୧୨ ଓ ୧୩ ତିନିଦିନ ବ୍ୟାପୀ ଦୂରରୁ ଦେଖିବାର ଅପୂର୍ବ ସୁଯୋଗ ମିଳିଲା। ନିଜେ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ହୋଇ ନ ପାରିଥିବାରୁ ମନ କଷ୍ଟ ହୋଇଥିଲା। ଆସନ୍ତାବର୍ଷ 'ପଦ୍ମରାଗ ଜୟନ୍ତୀ' ୭୫ତମ ଅଧିବେଶନ ପାଇଁ ଏଠାରୁ ଗୃହାସନରୁ ସମସ୍ତଙ୍କ ସହିତ ମିଳି ନିମନ୍ତ୍ରଣ କଲି। ଆକୁଳ ପ୍ରାର୍ଥନା ମଧ୍ୟ ଜଣାଇଲି।

୨୦୨୫ ମସିହା ମାର୍ଚ୍ଚ ୧ ତାରିଖ ଦିନ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଆମ ଘରଭାଇ ଓ ମୁଁ ଭୁବନେଶ୍ୱର ଗୃହାସନ ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ଯାତ୍ରା ଆରମ୍ଭ କଲୁ। ଭୁବନେଶ୍ୱରରେ ୨ତାରିଖ ସନ୍ଧ୍ୟାରେ ପହଞ୍ଚି ଗୃହାସନରେ ପ୍ରଣାମ କଲି। ମାର୍ଚ୍ଚ ୩ ଓ ୪ ତାରିଖରେ କିଛି ସେବାର ସୁଯୋଗ ମିଳିଲା। ମାର୍ଚ୍ଚ ୫ ତାରିଖ ସକାଳେ ଗୃହାସନ ବାର୍ଷିକ ଉତ୍ସବରେ ଯୋଗ ଦେଇ ବିଭିନ୍ନ ସେବାର ସୁଯୋଗ ଲାଭ କରି ଅପାର ଆନନ୍ଦ ଉପଲବ୍ଧି କଲି। ଆଲଟ ଚାମର ସେବା ଓ ଭାବ ବିନିମୟ ସେବା ମଧ୍ୟ ମିଳିଥିଲା। ସବୁଠାରୁ ଖୁସି ଥିଲା ପ୍ରସାଦ ବିତରଣ ସେବାରେ ଭାଗ ନେଇ। ତଳ ମହଲାରେ କିଛି ଭାଇ, ମା' ଓ ଆମର ବନ୍ଧୁବାନ୍ଧବମାନେ ପ୍ରସାଦ ପାଇଥିଲେ। ଶ୍ରୀଶ୍ରୀଠାକୁର ଶକ୍ତି ଦେଇ ସେବା କରାଇ ନେଇଥିଲେ।

ସେହିଦିନ ସନ୍ଧ୍ୟାପୂଜା ପରେ ବାଙ୍ଗାଲୋରରେ ରହୁଥିବା ଲୀନା ମା' ଓ ଦେବ ଭାଇଙ୍କ ପୁଅ ଅଭିଷେକର ବାହାଘର Receptionରେ ଯୋଗଦେବାକୁ ପ୍ରସ୍ତୁତ ହେଲୁ। ଭୁବନେଶ୍ୱର ସ୍ଥିତ ପାତ୍ରପଡ଼ାରେ Taj Vivanta Hotel କୁ ଯିବାର ଥାଏ। ତାହା ଆମ ଭୁବନେଶ୍ୱର ଘର ଠାରୁ ପ୍ରାୟ ୪୫ ମିନିଟ୍ ଦୂରରେ ଅବସ୍ଥିତ। ଆମ ଡ୍ରାଇଭରକୁ ନ ନେଇ ଆମ ଘରଭାଇ uber କୁ book କରିବାକୁ ଚେଷ୍ଟା କରୁଥାନ୍ତି। uber ଆସୁଥିବା App ରେ ଦେଖାଉଥାଏ, ମାତ୍ର ପୁଣି cancel ହୋଇଯାଉଥାଏ। ଏମିତି ପ୍ରାୟ ୩୦-୪୦ ମିନିଟ୍ ଆମ ଘରଭାଇ ଚେଷ୍ଟା କଲେ। ଶେଷରେ ଆମେ ଆମ ନିଜ car ରେ ସେଠାକୁ ଗଲୁ। ଦୂରତା ଦେଖି ଜାଣିପାରିଲୁ ଯେ ବୋଧହୁଏ ଏଥିପାଇଁ uber cancel trip କରୁଥିଲା। ସେଠାରେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଲୁ। ବହୁ ଗୁରୁଭାଇ ଓ ମା'ମାନେ ମଧ୍ୟ ଦେଖା ହେଲେ। ଫେରିଲା ବେଳକୁ ରାତି ୧୧ଟା ପାଖାପାଖି ହୋଇଥାଏ। ଆମ ସଙ୍ଗରେ ଜଣେ ଗୁରୁଭାଇ ସତ୍‌ଶିକ୍ଷା ମନ୍ଦିର ପର୍ଯ୍ୟନ୍ତ ଆସିଲେ। କଥା ପ୍ରସଙ୍ଗରେ ଆମେ ତାଙ୍କୁ ଆମର ସନ୍ଧ୍ୟା ସମୟର problem ବିଷୟରେ ଜଣାଇବାରୁ ସେ କହିଲେ, "ଶ୍ରୀଶ୍ରୀଠାକୁର ଆପଣଙ୍କୁ ହଇରାଣରୁ ରକ୍ଷା କଲେ।" ଯଦି ଆପଣଙ୍କୁ ସନ୍ଧ୍ୟାରେ uber ମିଳିଥାନ୍ତା ଓ ଆପଣ ଆସିଥାନ୍ତେ, ଏବେ ଆଉ ଫେରିବା ପାଇଁ ମିଳିନଥାନ୍ତା ଓ ଆପଣ ବହୁତ ହଇରାଣ ହୋଇଥାନ୍ତେ। ସେ ତାଙ୍କ ନିଜ experience ବି କହିଲେ। ଶ୍ରୀଶ୍ରୀଠାକୁର ସବୁବେଳେ ପାଶେ ପାଶେ ଅଛନ୍ତି ଓ ଆମକୁ ରକ୍ଷା କରୁଛନ୍ତି। ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ଗଭୀର କୃତଜ୍ଞତା ଜଣାଇ ପ୍ରଣାମ କଲେ।

ମାର୍ଚ୍ଚ ୮ ତାରିଖ ଦିନ ସକାଳେ ସତ୍‌ଶିକ୍ଷା ମନ୍ଦିରରେ ଅନୁଷ୍ଠିତ ମହିଳା ପୂଜାରେ ଯୋଗଦେବାର ସୌଭାଗ୍ୟ ମିଳିଲା। ବହୁତ ଭଲ ଲାଗିଲା ଆଲୋଚନା କାର୍ଯ୍ୟକ୍ରମ। ସତ୍‌ଶିକ୍ଷା ମନ୍ଦିରର ପରିସରରେ ସବୁବେଳେ ଆନନ୍ଦ ଲାଗେ। ପ୍ରସାଦ ପାଇଲି ଓ ବହୁ ମା'ମାନଙ୍କ ସଙ୍ଗେ ଦେଖା ହେଲା। ଫେରିଲା ବେଳକୁ ସତ୍‌ଶିକ୍ଷା ମନ୍ଦିରର ସୁଦୃଶ୍ୟ ଗେଟ୍ ପାଖରେ ମୋର ପରିଚିତ ଜଣେ ମା'ଙ୍କ ହାତରେ ଗୋଟିଏ ଛୋଟ ବୋତଲ ଦେଖିଲି। ପଚାରିବାରୁ ସେ କହିଲେ, ପ୍ରୟାଗ କୁମ୍ଭମେଳାକୁ ଯାଇଥିବା ଜଣେ ଭକ୍ତ ତାଙ୍କ ପାଇଁ ସେ ପବିତ୍ର ସଂଗମରୁ ଜଳ ଆଣିଦେଇଛନ୍ତି। ମୋ ପାଖରେ ଗୋଟିଏ ଛୋଟ ନୂଆ ପାଣି ବୋତଲ ଥିଲା। ସେଥିରେ ଥିବା ପାଣିକୁ ଗୋଟିଏ ଗଛ ମୂଳେ ଢାଳି ଦେଇ ତ୍ରିବେଣୀ ସଂଗମର ପବିତ୍ର ଜଳ କିଛି ମା'ଙ୍କ ଠାରୁ ସଂଗ୍ରହ କଲି। ତା'ପରେ ମହା ଆନନ୍ଦରେ ସେହି ସତ୍‌ଶିକ୍ଷା ମନ୍ଦିରର ସୁଦୃଶ୍ୟ ଗେଟ୍ ସାମନାରେ କିଛି ଜଳ ନିଜ ମୁଣ୍ଡରେ ପକାଇ ନିଜକୁ ଧନ୍ୟ ମନେ କଲି। ସେହି ସମୟରେ ମୋର ଶ୍ରୀଶ୍ରୀଗୁରୁଗୀତାରୁ ଗୋଟିଏ ଶ୍ଲୋକ ମନେପଡ଼ିଗଲା।

ଦେବାଧିଦେବ ମହାଦେବ ଜଗତ୍‌ମାତା ପାର୍ବତୀଙ୍କୁ ଶ୍ରୀଗୁରୁଙ୍କ ମହିମା ବର୍ଣ୍ଣନା କରି କହୁଛନ୍ତି -

କାଶୀକ୍ଷେତ୍ର ନିବାସୋଽସ୍ୟ ଜାହ୍ନବୀ ଚରଣୋଦକମ୍
ଗୁରୁର୍ବିଶ୍ୱେଶ୍ୱରଃ ସାକ୍ଷାତ୍ ତାରକଂ ବ୍ରହ୍ମ ନିଶ୍ଚିତମ୍ ।୧୩।

ଅର୍ଥ : ଶ୍ରୀଗୁରୁଦେବଙ୍କ ନିବାସ ସ୍ଥାନକୁ କାଶୀଧାମ ସ୍ୱରୂପ, ଶ୍ରୀଗୁରୁଦେବଙ୍କ ପାଦୋଦକକୁ ଜାହ୍ନବୀଜଳ ସଦୃଶ ଏବଂ ଶ୍ରୀଗୁରୁଦେବଙ୍କୁ ସାକ୍ଷାତ୍ ବିଶ୍ୱେଶ୍ୱର ଓ ଭବତାରଣ କାରଣ ସଚ୍ଚିଦାନନ୍ଦ-ଘନ ପରମାତ୍ମା ବୋଲି ନିଶ୍ଚିତ ଭାବରେ ଜ୍ଞାନ କରିବ। ଶ୍ରୀଶ୍ରୀଠାକୁର କୃପା କରି ଆମକୁ କୋଳେଇ ନେଇଛନ୍ତି। ତଥାପି ଚଞ୍ଚଳ ଏ ମନ ଏଣେ ତେଣେ ଧାଇଁ ବୁଲୁଛି। ଶ୍ରୀଶ୍ରୀଠାକୁର କହିଛନ୍ତି -

"ସୁଖ ପାଅ ଟିକିଏ ମୋତେ
ଅଖିଳ ସାଧନ ସିଦ୍ଧି ଲଭ କିଞ୍ଚିତେ।"

ଶ୍ରୀଶ୍ରୀଠାକୁର ତାଙ୍କ କୃପାଦାନରେ ଜୀବନ ପୂର୍ଣ୍ଣ କରି ସେବାର ସୁଯୋଗ ଦେଇଛନ୍ତି। ଆଧ୍ୟାତ୍ମିକ ଉନ୍ନତି ପାଇଁ ସୁଖ ସୁବିଧା କରିଛନ୍ତି। ମହାଦେଶ ଆମେରିକାରେ ୫୦ଟି ରାଜ୍ୟ। ସେଥିମଧ୍ୟରୁ ନିଜେ ବାଛି ଶ୍ରୀଶ୍ରୀଠାକୁର ନର୍ଥ କାରୋଲିନା ରାଜ୍ୟରେ ତାଙ୍କର ଆସନ ମନ୍ଦିର (ନିଗମ ସ୍ମୃତି ମନ୍ଦିର) ନିର୍ମାଣ ପାଇଁ ପ୍ରେରଣା ଯୋଗାଇ ଦେଲେ। ଶନିବାର ଦିନ ଅପରାହ୍ନରେ ସାରଲୋଟ୍ ଗୃହାସନରୁ ସଂଘ ଆସନ ମନ୍ଦିରକୁ ଗଲାବେଳେ ମନ ଆନନ୍ଦରେ ଭରିଯାଏ। ଦୁଇଘଣ୍ଟା ୩୦ ମିନିଟ୍ ରାସ୍ତା ଶ୍ରୀଶ୍ରୀଠାକୁରଙ୍କ ପ୍ରସଙ୍ଗ ଆଲୋଚନା କରି ଶ୍ରୀଶ୍ରୀଠାକୁରଙ୍କ ସଙ୍ଗୀତ ଶୁଣି ଶୁଣି କଟିଯାଏ। ସଂଘକୁ ଗଲେ 'ସାଧନ ପଞ୍ଚକ' ଅନୁଶୀଳନ ହୁଏ। ବ୍ରଜବାସ, ସାଧୁସଙ୍ଗ, ଶ୍ରୀଶ୍ରୀଠାକୁରଙ୍କ ସେବା, ଶାସ୍ତ୍ରପାଠ ଓ ନାମ କୀର୍ତ୍ତନର ସୁଯୋଗ ସୁଦୂର ଆମେରିକାରେ ମଧ୍ୟ ଶ୍ରୀଶ୍ରୀଠାକୁର ଦେଇଛନ୍ତି।

"କି ଭାଷାରେ ଜଣାଇବି କୃତଜ୍ଞତା ମୋର।"

ଅସ୍ଥିର ମନ କେମିତି ସଦାସର୍ବଦା ଶ୍ରୀଶ୍ରୀଠାକୁରଙ୍କ ଚିନ୍ତା ଓ ଧ୍ୟାନରେ ମଗ୍ନ ରହିବ, ତାଙ୍କୁ କେମିତି ବେଶୀ ଭଲ ପାଇବି ଓ ତାଙ୍କ ଜୀବଜଗତକୁ ଭଲ ପାଇ ସେବାରେ ଲାଗିବି, ଏହି ସତ୍ ଭାବନା ମଝିରେ ମଝିରେ ମନରେ ଆସେ। ଶ୍ରୀଶ୍ରୀଠାକୁର କହିଛନ୍ତି, ହାତ ଧରି ମୁକ୍ତିଧାମକୁ ନେଇଯିବେ। ମୋତେ ତ ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିବ। ତାଙ୍କ ଆଦେଶ ଓ ଉପଦେଶ ମାନି ନିଜକୁ ଉପଯୁକ୍ତ କରି ଗଢ଼ିବାକୁ ପଡ଼ିବ। କମ୍ ବୟସରେ ବିବାହ ହୋଇଥିଲା। ଜୀବନର ଅଧିକ ସମୟ ଶ୍ରୀଶ୍ରୀଠାକୁରଙ୍କ ସଂସାରରେ କଟିଛି। ମୋ ଜନ୍ମଦାତା ପିତା ୨୦୧୭ରେ ଚାଲିଗଲା ପରେ ନିତ୍ୟପିତା, ମୋର ପ୍ରାଣପ୍ରିୟ ଠାକୁର ସଦାସର୍ବଦା ସେ ଅଭାବ ପୂରଣ କରିଛନ୍ତି। ମୋ ଜୀବନକୁ ଅନୁଧ୍ୟାନ କଲେ ଜାଣିପାରୁଛି ଯେ ସବୁବେଳେ ପାଇବା ପାଇଁ ଆକାଂକ୍ଷା ରହୁଛି। ଶ୍ରୀଶ୍ରୀଠାକୁରଙ୍କୁ ଦେହ, ମନ, ପ୍ରାଣ ସମର୍ପଣ କରିପାରୁନି। ଶ୍ରୀଶ୍ରୀଠାକୁରଙ୍କ ମଙ୍ଗଳ ବିଧାନକୁ ସବୁବେଳେ ଆନନ୍ଦରେ ଗ୍ରହଣ କରିପାରୁନି। ନିଜ ମନକୁ ବହୁତ ବୁଝାଇବାକୁ ପଡୁଛି। ଶ୍ରୀଶ୍ରୀଠାକୁର ସର୍ବ ଶୁଭପ୍ରଦାତା, ମଙ୍ଗଳମୟ। ଆମ ପାଇଁ ଯାହା ଶୁଭ ଓ ମଙ୍ଗଳ, ସେ ତାହା କରାଇ ନିଅନ୍ତି। ମହାକୁମ୍ଭ ଓ ଭକ୍ତ ସମ୍ମିଳନୀରେ ଯୋଗ ଦେଇପାରିଲିନି। କିନ୍ତୁ ଗୃହାସନ ବାର୍ଷିକ ଉତ୍ସବରେ ଯୋଗ ଦେଇ ସେବାର ସୁଯୋଗ ମିଳିଲା।

ମାର୍ଚ୍ଚ ୧୪ ତାରିଖ ଶୁକ୍ରବାର ଦିନ ପବିତ୍ର ଦୋଳପୂର୍ଣ୍ଣିମା। ସେଦିନ ସକାଳୁ ଆମ ଘରଭାଇ ଓ ମୁଁ ଶାଶୁ ଓ ଶ୍ୱଶୁରଙ୍କ ସହିତ ପବିତ୍ର ଶ୍ରୀଜଗନ୍ନାଥ ଧାମ, ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କଲୁ। ଦୀର୍ଘ ବର୍ଷ ପରେ ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ସମୟରେ ଓଡ଼ିଶାରେ ଅଛି। ସ୍ମୃତିମନ୍ଦିରରେ ପହଞ୍ଚି ଭକ୍ତ ଗହଳି ମଧ୍ୟରେ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କୁ 'ଦୋଳ ଗୋବିନ୍ଦ' ଭାବରେ ଦର୍ଶନ କଲି। ମନେପଡ଼ିଗଲା –

'ଦୋଳେ ଚ ଦୋଳଗୋବିନ୍ଦମ୍, ଚାପେଚ ମଧୁସୂଦନମ୍<br>ରଥେ ତୁ ବାମନଂ ଦୃଷ୍ଟ୍ୱା ପୁର୍ନଜନ୍ମ ନ ବିଦ୍ୟତେ।'

ଭକ୍ତି ରସାମୃତ କୃଷ୍ଣ ସଙ୍ଗୀତ ସାଙ୍ଗକୁ ଅବିର ରଙ୍ଗ ପକାଯାଉଥାଏ। ସ୍ମୃତିମନ୍ଦିର ଯେପରି ବୃନ୍ଦାବନ ପାଲଟି ଯାଇଥାଏ। ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲାବେଳେ ଶ୍ରୀପାଦପଦ୍ମରୁ କିଛି ଅବିର ରଙ୍ଗ ମୋ ମୁଣ୍ଡରେ ଲାଗିଗଲା। ଅନୁଭବ କଲି, ସତେ ଯେପରି ଶ୍ରୀଶ୍ରୀଠାକୁର ପ୍ରେମଭକ୍ତିର ରଙ୍ଗ ମଥାରେ ବୋଳି ଦେଇ ଆଶୀର୍ବାଦ କରୁଛନ୍ତି। ସ୍ମୃତିମନ୍ଦିରରେ ବାଲ୍ୟ ଓ ମଧ୍ୟାହ୍ନ ପ୍ରସାଦ ପାଇବାର ସୌଭାଗ୍ୟ ମିଳିଲା। ତା'ପରେ ଏହି ପବିତ୍ର ଦୋଳପୂର୍ଣ୍ଣିମାରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ବାସସ୍ଥଳୀ ନୀଳାଚଳ କୁଟୀରରେ ଦର୍ଶନ ଓ ପ୍ରଣାମର ସୁଯୋଗ ମିଳିଲା। ଆମେରିକା ସାରସ୍ୱତ ସଂଘ ଭାଇ, ମା' ଓ ପିଲାମାନଙ୍କର ପରିଚୟ ପତ୍ରଗୁଡ଼ିକ ଧରି ଭୁବନେଶ୍ୱର ଫେରି ଆସିଲୁ। ତା'ପରଦିନ ଶ୍ରୀଶ୍ରୀଠାକୁରଙ୍କ ସଙ୍ଗରେ ସାର୍‌ଲୋଟ୍ ଗୃହାସନକୁ ଫେରି ଆସିଲୁ। ମନରେ ମଧୁର ସ୍ମୃତି, ଅନ୍ତରରେ ପୁଲକ ଓ ଆନନ୍ଦ ସହିତ ଦିବ୍ୟ ଅନୁଭୂତି ଲାଭ କଲି। ସବୁ କେବଳ ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପାରୁ ସମ୍ଭବ ହେଲା।

"କେଡ଼େ ସୁଧାବୋଳା ଆଶିଷ ତୁମର<br>ମୋ ପରି ଅଧମ ଜନ ପାଇଁ।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ ସ୍ମିତା ରାୟ**

ଆମେରିକା ସାରସ୍ୱତ ସଂଘ

ମୁଁ କିଛି କହେନାହିଁ ବୋଲି ତୁମେମାନେ ମନେକର ନାହିଁ ଯେ ତୁମ ଆଚାର-ବ୍ୟବହାର ମୋ ନିକଟରେ ଅଜ୍ଞାତ। ହୁଏତ ଜଣେ ପ୍ରବୃତ୍ତି ସ୍ରୋତରେ ନିଜକୁ ଭସାଇ ଦେଉଛି, ଆଭାସ-ଇଙ୍ଗିତରେ ମୁଁ ତାକୁ ସତର୍କ କରିଦିଏ। କିନ୍ତୁ ଯେତେବେଳେ ମୋ ସତର୍କ ବାଣୀକୁ ତୁମେମାନେ କର୍ଣ୍ଣପାତ ନ କରି ସ୍ୱାଧୀନ ଭାବରେ ଚାଲ, ସେତେବେଳେ ପ୍ରକୃତି ଆଡୁ ନିଦାରୁଣ ଆଘାତ ଆସେ। ସେ ଆଘାତରେ ତୁମମାନଙ୍କର ବିଶେଷ ଭାବରେ ଶିକ୍ଷା ହୁଏ। ସଦ୍‌ଗୁରୁଙ୍କ ଆଭାସ-ଇଙ୍ଗିତରେ ଯେଉଁମାନେ ସାବଧାନ ହୋଇ ଚଳନ୍ତି, ସେମାନଙ୍କ ଉପରେ ପ୍ରକୃତିର ସେପରି ରୋଷ ପଡ଼େନାହିଁ।

**– ନିଗମ ଉପଦେଶ**

# ଆମେରିକା ଯାତ୍ରା ମୋ ପାଇଁ ଅବିସ୍ମରଣୀୟ

ସୁଦୀର୍ଘ ଆମେରିକା ଯାତ୍ରା ସେହି ପରମ କୃପାମୟ ଠାକୁରଙ୍କ ଯୋଗୁ। ଭାଇ, ଭଉଣୀ, ଝିଅ ସମସ୍ତେ ସେଠାରେ ଅଲଗା ଅଲଗା ସହରରେ ଅବସ୍ଥାନ କରନ୍ତି, କିନ୍ତୁ ଝିଅ ରହେ North Carolinaର Raleigh ସହରରେ। ଠାକୁରଙ୍କ ଆଶ୍ରମରୁ ୧ ଘଣ୍ଟା ବ୍ୟବଧାନରେ। ଝିଅ ସବୁବେଳେ କହେ, ମା' ଆସ ବୁଲିକି ଯାଅ। ଆଶ୍ରମ ଦେଖିକି ଯାଅ। କେତେ ସୁନ୍ଦର ହୋଇଛି। ଯେଉଁଠି ଥିଲେ ବି ସବୁବର୍ଷ internetରେ ସମ୍ମିଳନୀ ପୂଜା ଦେଖେ। ମନରେ ଭାବେ ଯାଆନ୍ତି ଓ କିପରି ଦେଖନ୍ତି। କିନ୍ତୁ ସାହାସ କରିପାରେନି। ଠାକୁରଙ୍କୁ ପ୍ରାର୍ଥନା କରେ କିପରି ଯାଇପାରିବି। ସାନଭଉଣୀ ଓ ଝିଅ ସବୁବେଳେ ଡାକନ୍ତି ସମ୍ମିଳନୀ ସମୟରେ, ଆସ ବୁଲିକି ଯିବ। ଏହିପରି ଭାବି ଭାବି ସ୍ଥିର କରିଲି ଯିବି ବୋଲି। ଜଣେ ବନ୍ଧୁ ଆସିଥିଲେ ତାଙ୍କ ସାଥୀରେ ଯିବାର ବ୍ୟବସ୍ଥା ହୋଇଥିଲା। ପୁଅ ଟିକେଟ୍ କରିଦେଲା। ମନରେ ଅନେକ ଆଶା। ଠାକୁରଙ୍କୁ ଡାକି ପ୍ଲେନ୍‌ରେ ବସି କରି ଗଲି। ଦୀର୍ଘ ୨୪ ଘଣ୍ଟା ବ୍ୟବଧାନରେ ଆମେରିକା ଦେଶରେ ପହଞ୍ଚିଲି। ଝିଅ ଅତି ଉତ୍କଣ୍ଠାର ସହିତ ଏୟାରପୋର୍ଟରେ ଅପେକ୍ଷା କରିଥାଏ। ପ୍ରଥମ ଥର ପାଇଁ ସେ ଦେଶ ଦେଖି ଏତେ ଖୁସି ଲାଗିଲା। ମନରେ ବିଶ୍ୱାସ କରିପାରିଲିନି। ୨୬ ଜୁନ୍‌ରେ ବାଙ୍ଗାଲୋରରୁ ବାହାରି ୨୭ ଜୁନ୍‌ରେ ପହଞ୍ଚିଗଲି। କିନ୍ତୁ ସମ୍ମିଳନୀ ଥାଏ ଜୁଲାଇ ୪ରେ। ସେଦିନ ଥିଲା ଆମେରିକାର ସ୍ୱାଧୀନତା ଦିବସ। କିନ୍ତୁ Jet lag ଥିବାରୁ ଝିଅ ମୋତେ ଆଗରୁ ଡାକି ଦେଇ ସମୟ ସହିତ ଖାପ ଖୁଆଇ ଦେଉଥିଲା। ସମ୍ମିଳନୀ ଆରମ୍ଭ ହେଲା। ସେଠିକାର ଆଶ୍ରମ ଗୃହ, ବାଡ଼ି ବଗିଚା, ନାଟ ମନ୍ଦିର, ପୂଜା ଦେଖି ମନ ଆନନ୍ଦରେ ପୂର୍ଣ୍ଣ ହୋଇଗଲା। ବିସ୍ତୃତ ଜମି ଉପରେ ଆଶ୍ରମ ପ୍ରତିଷ୍ଠିତ। ଫୁଲ ଓ ଫଳର ଅପୂର୍ବ ସମ୍ଭାର। ଯେଉଁ ଫୁଲ, ଫଳ ଆଖିରେ ଦେଖି ନ ଥିଲି, ସେସବୁ ସେଠାରେ ଦେଖିଲି। ମା' ଓ ଭାଇମାନେ ବହୁତ ଶୃଙ୍ଖଳିତ। ସମସ୍ତେ ନିଜ ନିଜର ସେବାରେ ନିୟୋଜିତ ଥିଲେ। କିଏ କାହାକୁ ଅପେକ୍ଷା କରିବାର ନ ଥିଲେ। ଭାଇ ଓ ମା'ମାନଙ୍କର ଆତିଥ୍ୟରେ ମୁଗ୍ଧ ହୋଇଯାଇଥିଲି। ନିଜର ପରିବାର ଦେଖିଲେ ଯେପରି ଖୁସି ଲାଗେ, ସେପରି ମା' ଓ ଭାଇମାନଙ୍କୁ ଦେଖିଲେ ସେଠାରେ ସେପରି ଖୁସି ଲାଗୁଥିଲା। ଆମେ ସମସ୍ତେ ସେଇ ନିଗମ ପରିବାରର। ଦୀର୍ଘ ୩ ଦିନ ଧରି ପୂଜା ହୋଇଥିଲା। ଷୋଡ଼ଶ ଉପଚାର ପୂଜା, ଆରତୀ, ଆଲୋଚନା ଓ ଭାବ ବିନିମୟ, ଆନନ୍ଦ ସଭା, ସାଧାରଣ ସଭା ସୁନ୍ଦର ଭାବରେ ସମ୍ପାଦନ ହୋଇଥିଲା। କେନ୍ଦ୍ର ସଭାପତି (ସନ୍ତୋଷ ଭାଇ) ଓ ଆଉ କିଛି ମା', ଭାଇମାନେ ଓଡ଼ିଶାରୁ ଯାଇଥିଲେ।

ନିଜକୁ ଆମ୍ଭେମାନେ ଠାକୁରଙ୍କ ସେବକ ବୋଲି ଦୃଢ଼ ଧାରଣା ରଖିବା। ଜୀବନର ପ୍ରତ୍ୟେକ କାର୍ଯ୍ୟକୁ ଠାକୁରଙ୍କ କାର୍ଯ୍ୟ ବୋଲି ଚିନ୍ତା କରିବା। ପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରତା ରଖି ସବୁ ତାଙ୍କରି ଚରଣରେ ଅର୍ପଣ କରିଦେଲେ ସେହି ପରମମୟ ଠାକୁର ଆମ୍ଭମାନଙ୍କୁ ବାଟ କଢ଼ାଇ ନେବେ। କେତେ ବଡ଼ ଭାଗ୍ୟ ଆମ୍ଭମାନଙ୍କର। ଆମ୍ଭେ ସେହିଭଳି ସଦ୍‌ଗୁରୁଙ୍କର ଚରଣାଶ୍ରିତ ହୋଇପାରିଛୁ। ଆମେ କର୍ମ କରି ଶ୍ରୀଶ୍ରୀଠାକୁରଙ୍କୁ ସମ୍ପୂର୍ଣ୍ଣ ନିର୍ଭର କରିପାରିଲେ, ସୁଖଶାନ୍ତିରେ ରହିପାରିବା। ପ୍ରକୃତ ସୁଖ ଶାନ୍ତି ହିଁ ତାଙ୍କର କୃପା।

ଏହିପରି ଭାବରେ ଦୀର୍ଘ ୪ମାସ North Carolinaରେ ରହି, ତା ମଧ୍ୟରେ ବଡ଼ଭାଇ (ବିଜୟ ଭାଇ) ଓ ସାନ ଭଉଣୀ (ଦୀପ୍ତି ମା) Atlanta ଓ Louisiana ସହର ଓ ତା'ଛଡ଼ା ଅନ୍ୟ ସହର ସବୁ ବୁଲି ଯାଇଥିଲି। ଠାକୁରଙ୍କ ଅଶେଷ କୃପାରୁ North Carolinaରେ ଥିବା ସମୟରେ ୪/୫ଥର ଆମେରିକା ସଂଘକୁ ଯାଇଥିଲି। ବିଜୟ ଭାଇ ଓ ତାଙ୍କ ମା' ଆମେରିକା ସଂଘ ସହିତ ଓତଃପ୍ରୋତ ଭାବରେ ଜଡ଼ିତ। ମୁଁ ହେଉଛି ପୁରାତନ କଟକ ଯୋବ୍ରା ସଂଘର ସ୍ୱର୍ଗତା କେତକୀ ମା'ଙ୍କର ଝିଅ। ଭାଇ ଓ ଭଉଣୀ ଓ ପିଲାମାନେ ସମସ୍ତେ ସେବକ ଓ ସେବିକା। ଶେଷରେ ମୋର ଠାକୁରଙ୍କ ଶ୍ରୀଚରଣ ତଳେ ଏତିକି ପ୍ରାର୍ଥନା ସବୁ ଅବସ୍ଥାରେ ତାଙ୍କର ନାମ ସ୍ମରଣପୂର୍ବକ ସେବାନିରତ ହୋଇ ରହିଥିବା।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଆରତୀ ବେହେରା ମା'**

ଏକାମ୍ର ସାରସ୍ୱତ ସଂଘ

# ଏକ ଯୁଗର ଅବସାନ

ସତ୍ୟ ସରଣୀ ଆନନ୍ଦ ସରଣୀ
ଆନନ୍ଦ ସରଣୀ ଅମୃତ ବରଣୀ
ଅମୃତ ବରଣୀ ଅମୃତ କରଣୀ

ଧିରେ ଧିରେ ଶେଷ ହେଉଛି ଏକାନ୍ତ ଐତିହର କଥା, ଲିଭି ଯାଉଛି ହୃଦୟ ଛୁଆଁ ଗାଥା, ହଜି ଯାଉଛି ଅଙ୍ଗେ ଲିଭା ବ୍ୟଥା। କଥା କୁହା ଚଳନ୍ତି ଇତିହାସ ଆଜି ମୂକ ପାଲଟି ଯାଉଛି। ଉତ୍କଳରେ ସାରସ୍ୱତ ଇତିବୃତି ଶୁଣିବାକୁ ହେଲେ, ଜାଣିବାକୁ ହେଲେ, ବୁଝିବାକୁ ହେଲେ ଆମକୁ ବହି ଖୋଜିବାକୁ ହେବ...... କାରଣ ଅମୃତ ଅବସର ଧିରେ ଧିରେ ଅବସାନ ହେଉଛି..... ଶତାୟୁ ସତ୍ୟାନନ୍ଦ ତ୍ରିପାଠୀ ଭାଇଙ୍କ ଐହିକ ଇତି ଏକ ଐତିହାସିକ ଘଟଣା। ଏକ ଯୁଗର ଅବସାନ.......

ସତ୍ୟାନନ୍ଦ ଭାଇଙ୍କ ଇହଲୀଳା ସମ୍ୱରଣ ଏକ ଐତିହାସିକ ଯୁଗର ଅବସାନ। ସ୍ମୃତି କୁଟୀରରୁ ସ୍ମୃତି ମନ୍ଦିର, ଶୈବ କ୍ଷେତ୍ରରୁ ଶଙ୍ଖ କ୍ଷେତ୍ର ସତଶିକ୍ଷା ମନ୍ଦିରରୁ ସ୍ୱର୍ଗ ଦ୍ୱାର ଏକ ସୁଦୀର୍ଘ ସରଣୀ, ସତ୍ୟର ସରଣୀ, ସମର୍ପଣର ସରଣୀ। ଶିକ୍ଷାରୁ ସାଧନା, ସାଧନାରୁ ସନ୍ଧାନ, ସନ୍ଧାନରୁ ଅନୁସନ୍ଧାନ ଏକ ଶାଶ୍ୱତ ସରଣୀ, ଅମୃତ ସରଣୀ, ସାରସ୍ୱତ ସରଣୀ। ଶୈକ୍ଷିକରୁ ସାମାଜିକ, ସାମାଜିକରୁ ଆଧ୍ୟାତ୍ମିକ, ଆଧ୍ୟାତ୍ମିକରୁ ପାରଲୌକିକ ଏକ ନିରଳସ ନୈସର୍ଗିକ ଓ ନିର୍ମୋହ ଯାତ୍ରା। ମୋ ହୃଦୟ କହେ ଅମୃତ କରଣୀ ସତ୍ୟର ସରଣୀ। ୧୯୨୫ ରୁ ୨୦୨୫ ଏକ ଐତିହାସିକ ଯାତ୍ରା। ୧୯୨୫ ଅଗଷ୍ଟ ୨୬ ତାରିଖରୁ ୨୦୨୫ ମାର୍ଚ୍ଚ ୩୧ ତାରିଖ ଏକ ଆଧ୍ୟାତ୍ମିକ ଯାତ୍ରା। ୨୦୨୫ ମାର୍ଚ୍ଚ ୩୧ ତାରିଖରୁ ପାରାଲୌକିକ ଆତ୍ମିକ ଯାତ୍ରା ପ୍ରିୟ ନିକେତନ ଯାତ୍ରା.....।

ଆମ ସମସ୍ତଙ୍କର ପ୍ରିୟ ସତ୍ୟାନନ୍ଦ ତ୍ରିପାଠୀ ଭାଇଙ୍କ ଜନ୍ମ ଅବିଭକ୍ତ କଟକ ଜିଲ୍ଲା ଧର୍ମଶାଳା ନିକଟସ୍ଥ ମୁରାରୀପୁର ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ୧୯୨୫ ଅଗଷ୍ଟ ୨୬ ତାରିଖରେ। ଠାକୁର ମୁଖି ସତ୍ୟାନନ୍ଦ ଭାଇଙ୍କ ଜୀବନ ଯାତ୍ରା ଏକ ଘଟଣା ବହୁଳ ଐତିହାସିକ ଯାତ୍ରା। ଏହା ଏକ ଶିକ୍ଷଣୀୟ ଆଧ୍ୟାତ୍ମିକ ଜୀବନ ଯାତ୍ରା, ଅନୁକରଣୀୟ ପାରାଲୌକିକ ନିଶବ୍ଦ ଯାତ୍ରା। ସେହି ଜୀବନ ଯାତ୍ରା ପ୍ରେରଣାର ମଧୁ ବର୍ଣବୋଧ। କିଂଚିତ କ୍ଲିଷ୍ଟ କିଂଚିତ ମଧୁର, କିଂଚିତ ଦୁର୍ବୋଧ କିଂଚିତ ସୁନ୍ଦର। ସେହି ଅଧା ହସ ଅଧା ହାସ ଅନ୍ତରରୁ ବାହାରି ପ୍ରକାଶିବା ଆଗରୁ ଓ ଓଠରେ ଲିଭିଯାଉଥିବା ମୁହଁଟି ଆଜି ସମସ୍ତଙ୍କ ଆଖି ଆଗରେ ଝଲସି ଯାଉଛି। ଦେବୋପମ ସୁଠାମ ଶରୀରରେ ଶ୍ୱେତ ପରିଧାନ ପରିହିତ ଋଷି ପ୍ରତିମ ଶୋଭା ସମସ୍ତଙ୍କର ଆଲୋଚ୍ୟ ପ୍ରସଙ୍ଗ। ସମସ୍ତଙ୍କ ଆଖି ଆଜି ନମ୍ର ନିରବ। ଶବ୍ଦ ସବୁ ନିର୍ବାକ। ଚିନ୍ତା ସବୁ ଏକ ମୁଖି.... ସମସ୍ତଙ୍କ ମୁହଁରେ ଜୟଗୁରୁ ମହାମନ୍ତ୍ର। ଭାବନା ରାଜ୍ୟରେ ଅପ୍ରକାଶ୍ୟ ଖୁସିର ଲହରୀ...। 'ଏକନିଷ୍ଠ ସେବକ ଚାଲିଗଲେ ଠାକୁରଙ୍କ ପାଖକୁ...।'

ସତ୍ୟାନନ୍ଦ ଭାଇ ଶିକ୍ଷା ସମାପ୍ତ ପରେ ପ୍ରଥମେ ୧୯୪୬ ମସିହାରେ ଚୌଧୁରୀ ବିଦ୍ୟାପୀଠ ମାହାଙ୍ଗାରେ ଶିକ୍ଷକତା ଆରମ୍ଭ କଲେ। ଏହାପରେ ୧୯୫୬ ମସିହାରେ ଟାଙ୍ଗୀ ସ୍କୁଲକୁ ଆସିଲେ ଏବଂ ଏହିଠାରେ ସେ ଅନାଥବନ୍ଧୁ ପ୍ରଧାନ ଭାଇଙ୍କ ସଂସ୍ପର୍ଶରେ ଆସି ଠାକୁରଙ୍କୁ ଜାଣିଲେ। ଛାତ୍ର ଛାତ୍ରୀମାନଙ୍କୁ ଦିଶା ଦେଖାଉଥିବା ଶିକ୍ଷକ ସତ୍ୟନନ୍ଦ ନିଜ ଜୀବନର ଦିଶା ପାଇଗଲେ। କେବଳ ଇହକାଳ ନୁହେଁ ପରକାଳର ପଥ ପ୍ରଦର୍ଶକ ପାଇ ସେ ଆତ୍ମହରା ହୋଇଗଲେ। ଏହାପରେ ଦୁର୍ଗାଚରଣ ଭାଇଙ୍କ ସହିତ ଦେଖା ହେବା ପରେ ଆଉ ଯାହା ଘଟିଲା ତାହା ଆମ ପାଇଁ ଅମୃତ ଇତିହାସ। ଏହାପରେ ସତ୍ୟାନନ୍ଦ ଭାଇ ସଙ୍ଘ ସାଧନାରେ ବ୍ରତୀ ହୋଇଗଲେ। ଭାଇଙ୍କ ଡାକରାରେ ସେ ୧୯୬୯ ମସିହାରେ ସାରସ୍ୱତ ବିଦ୍ୟାପୀଠ ବୀରତୁଙ୍ଗକୁ ଡେପୁଟେସନରେ ଆସିଲେ। ତାଙ୍କ ଶିକ୍ଷକ ଜୀବନରେ ସେ ମୁଗୁପୁର ହାଇସ୍କୁଲ କେନ୍ଦୁଝର ଓ ବି. ଏନ ହାଇସ୍କୁଲ ଆନନ୍ଦପୁରରେ ଶିକ୍ଷକତା କରିଛନ୍ତି। ସାରସ୍ୱତ ବିଦ୍ୟାପୀଠ ବୀରତୁଙ୍ଗର ପ୍ରଧାନ ଶିକ୍ଷକ ଥିବା ବେଳେ ଚାକିରୀର ଶେଷ କେତେବର୍ଷ ସେ ଦାଣ୍ଡ ମୁକୁନ୍ଦପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ଅବସରର ଗ୍ରହଣ କରିଥିଲେ। ଏହାପରେ ଆରମ୍ଭ ହେଲା ନୂଆ ଜୀବନ ସାଧକ ଜୀବନ, ସେବା ଓ ସମର୍ପଣର ଜୀବନ। ଭାଇଙ୍କ ଆଦେଶରେ ସେ ସ୍ମୃତି ମନ୍ଦିର ସେବାରେ ନିୟୋଜିତ ହେଲେ।

ସେବକ ଶିରୋମଣି ସତ୍ୟାନନ୍ଦ ଭାଇଙ୍କ ଜୀବନ ନିଷ୍ଠା ଆଉ ପରାକାଷ୍ଠାର ଜୀବନ। ତାଙ୍କ ଜୀବନ ଅବିଶ୍ରାନ୍ତ ଅବିରାମ ଓ ଅକ୍ଲାନ୍ତ ଜୀବନ। ଗାନ୍ଧୀବାଦ ଜୀବନ ଶୈଳୀରେ ବିଶ୍ୱାସ କରି ଛାତ୍ର ଜୀବନରୁ ଗାନ୍ଧୀବାଦୀ ଜାତୀୟ ଆଦର୍ଶରେ ଉଦବୁଦ୍ଧ ତାଙ୍କର ଜୀବନ। ଶିକ୍ଷକ ଭାବରେ ସେ ଥିଲେ ଆଦର୍ଶ। ସଙ୍ଘସେବୀ ଭାବରେ ସେ ଥିଲେ ଏକ ମୁଖି ସାଧକ। ଠାକୁରଙ୍କ ଅଙ୍ଗଲାଗି ସେବକ ଭାବରେ ସେ ଥିଲେ ଅନନ୍ୟ। ଭାଇଙ୍କୁ ଅନୁକରଣ କରି ଜୀବନ ଚର୍ଯ୍ୟା ମାର୍ଜିତ କରି ଆଗକୁ ପାଦ ପକେଇବା ସମୟରେ କଠୋର ନିୟମ ସଂଯମରେ ଜୀବନ

ଅତିବାହିତ କରିଥିଲେ। ସ୍ମୃତି ମନ୍ଦିରରେ ସେବକ ଜୀବନ ଏକ ଗୁରୁ ଦାୟିତ୍ୱ। ସେହି ଗୁରୁ ଦାୟିତ୍ୱ ଗୁରୁଙ୍କ ନିର୍ଦ୍ଦେଶିତ ପଥରେ ରହି ଗୁରୁତ୍ୱପୂର୍ଣ୍ଣ ଭାବରେ ନିର୍ବାହ କରିଥିଲେ ଜୀବନ ସାରା। କେନ୍ଦ୍ର ପରିଚାଳନା ମଣ୍ଡଳୀ ସଭ୍ୟ ଥିଲାବେଳେ କେନ୍ଦ୍ର ସେବା ଶିକ୍ଷାର୍ଥୀ ମଣ୍ଡଳୀର ଶିକ୍ଷାଦାତା ଭାବରେ ଶିକ୍ଷାଦାନ ସମସ୍ତଙ୍କର ଶିକ୍ଷଣୀୟ। ଶେଷ ଜୀବନ ସତଶିକ୍ଷା ମନ୍ଦିରରେ ବିତିଲା। ଆଶ୍ରମ ପରିବେଶ ମଧ୍ୟରେ ଶେଷ ଜୀବନର ଶେଷ ପ୍ରତୀକ୍ଷାର ଅନ୍ତ ହେଲା ତା. ୩୧/୦୩/୨୦୨୫ରିଖରେ।

ନାରାୟଣୀ ଦେବୀଙ୍କ ଗୃହ ଶିକ୍ଷକ ଶୁକ ମାମା (ଶୁକଦେବ ସେନ ଅବସର ପ୍ରାପ୍ତ ସାମରିକ କର୍ମଚାରୀ) କହୁଥିଲେ 'ଏମିତି ହୁଅନ୍ତା ଶେଷ ଜୀବନରେ ମୁଁ ଆଶ୍ରମରେ ଥାଆନ୍ତି। ଆଶ୍ରମରେ ଠାକୁରଙ୍କ ପାଖରେ ଥାଇ ମୋର ଶେଷ ନିଶ୍ୱାସ ଯାଆନ୍ତା। 'ଜୟଗୁରୁ' ମହାମନ୍ତ୍ର ଶୁଣି ଶୁଣି ମୁଁ ବାହୁଡ଼ି ଯାଆନ୍ତି। ଗଲାବେଳେ ଗୁରୁଭାଇ ମାନଙ୍କ କାନ୍ଧରେ ଯାଆନ୍ତି.....।' ତାଙ୍କ ଜୀବନରେ ତାହାହିଁ ହୋଇଥିଲା। ପୁରୀରେ ଥିଲେ। ସ୍ମୃତି ମନ୍ଦିରରେ ସଙ୍ଘପୂଜା ଚାଲିଥିଲା। ସେହି ଦିନ ସେ ଗଲେ। ଗୁରୁ ଭାଇ ମାନଙ୍କ କାନ୍ଧରେ ଗଲେ।

ସତ୍ୟାନନ୍ଦ ଭାଇଙ୍କର ଶେଷ ଜୀବନରେ ତାହାହିଁ ହେଲା। ଆନନ୍ଦମୟ ପରିବେଶରେ ଆନନ୍ଦମୟଙ୍କ ପାଖରେ ଥାଇ ଆନନ୍ଦମୟଙ୍କ ନାମ ଶୁଣି ଶୁଣି ବ୍ରାହ୍ମ ମୁହୂର୍ତ୍ତରେ ଆନନ୍ଦ ମାର୍ଗରେ ଗଲେ। ଜୀବନର ଶେଷ କିଛି ଦିନ ନିରବ ନିସ୍ତବ୍ଧ ଥିଲା। ଦୁର୍ନିବାର ପ୍ରାରବ୍ଧ ନିରବରେ ଭୋଗ ହେଉଥିଲା। ଠାକୁର କହିଛନ୍ତି ଏପରି ମରଣ ଭଲ ମରଣ। ଏହାହିଁ ସାର୍ଥକ ସେବକ ଜୀବନର ସାର୍ଥକ ମରଣ।

ସତ୍ୟାନନ୍ଦ ଭାଇ ଜଣେ ଆଦର୍ଶ ସଙ୍ଘସେବୀ। ତାଙ୍କ ଜୀବନ ଶୈଳୀ ମାର୍ଜିତ। ସଂଘୀୟ ନିୟମ ଶୃଙ୍ଖଳା କଥା ଉଠିଲେ ସେ ସାଲିସ କରନ୍ତି ନାହିଁ। ମୁହଁ ଦେଖା କଥା କହନ୍ତି ନାହିଁ। ସଙ୍ଘ ନୀତି ଅନୁସାରେ ଯାହା ଠିକ ସେହି କଥା ପ୍ରକାଶ କରନ୍ତି। ସେଥିପାଇଁ ସେ ଆଜି ସ୍ମରଣୀୟ। ତାଙ୍କ କଥା ଟିକେ ଟାଣ ହେଲେ ବି ଗ୍ରହଣୀୟ ଥାଏ କାରଣ ସଂଘୀୟ ଶୃଙ୍ଖଳା ରଖିବା ନିୟମ ନିଷ୍ଠା ପାଳିବା ଏତେ ସହଜ ନୁହେଁ। ସତ୍ୟାନନ୍ଦ ଭାଇଙ୍କ କଥା ଲେଖିଲା ବେଳେ ଏହି ନୀତି ବାଣୀଟି ମନକୁ ଆସେ :-

ଆପଦାମାପତନ୍ତୀନା ହିତୋପ୍ୟାୟାତି ଅହିତମ୍
ମାତୃଜଙ୍ଘାହ୍ୱିସ୍ୱସ୍ୟ ସ୍ତମ୍ଭୀର୍ଭୂତି ବନ୍ଧନମ୍

ସତ୍ୟାନନ୍ଦ ଭାଇ ଯେତେବେଳେ ସ୍ମୃତି ମନ୍ଦିରରେ ରହିଲେ ସେତେବେଳେ ଅନେକ ସଙ୍ଘସେବୀ ଭକ୍ତ ତାଙ୍କ ସଂସ୍ପର୍ଶରେ ଆସିଲେ। ବିଶେଷକରି ୧୯୮୯ ମସିହାରେ ସେ ମୁଖ୍ୟ ସେବକ ସେବା ନିର୍ବାହ କଲା ଠାରୁ ଭକ୍ତମାନଙ୍କୁ ନିଷ୍ଠାର ସହିତ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ କରିଛନ୍ତି। ନିଜେ ଚାଲିଛନ୍ତି ଓ ଅନ୍ୟମାନଙ୍କୁ ଚାଲିବା ପାଇଁ ଇଙ୍ଗିତ କରିଛନ୍ତି। ମଣ୍ଡଳ ପୂଜାରେ ସେ ନିୟମ ନିଷ୍ଠା ରଖି ଶିକ୍ଷାର୍ଥୀ ମାନଙ୍କର ସାଧକ ଜୀବନ ଗଠନ ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ଯେଉଁମାନେ ମାନିଲେ ସେମାନେ ଉପକୃତ ହୋଇଛନ୍ତି। ସତ୍ୟାନନ୍ଦ ଭାଇ ନିଜ କାମ ନିଜେ କରୁଥିଲେ। କାହାରି ସାହାଯ୍ୟ ନେବା ତାଙ୍କ ସ୍ୱଭାବ ବିରୋଧି ଥିଲା। ଏହି ଅଭ୍ୟାସ ଜୀବନର ଶେଷ ସକ୍ଷମତା ପର୍ଯ୍ୟନ୍ତ ସେ ଛାଡି ନ ଥିଲେ।

ଏଠି ଠାକୁରଗତ ପ୍ରାଣ ସାରସ୍ୱତ ଜଗତର ପ୍ରବୀଣ ସନ୍ନ୍ୟାସୀ ସିଦ୍ଧାନନ୍ଦଙ୍କ କଥା ମନେପଡେ :- ଶେଷ ଜୀବନର କୌଣସି ଏକ ଦିନର କଥା। ପୂଜା ମଣ୍ଡପକୁ ପ୍ରବେଶ କରୁଥାନ୍ତି। ପାହାଚ ପାଖରେ କାଳେ ପାଦ ଉଠେଇବା କଷ୍ଟ ହେବ ଏ କଥା ଭାବି ପାଖରେ ଥିବା ସେବକ କାନ୍ଧ ବଢ଼ାଇ ଦେଇ କହିଲେ 'ଭରା ଦେଇ ଆସନ୍ତୁ ବୋଲି..' ହେଲେ ତାହା ହେଲା ନାହିଁ। ସିଂହ ବିକ୍ରମରେ ଉଦିପ୍ତ ଉଚ୍ଛ୍ୱାସରେ ଭରା ବିଶ୍ୱାସରେ କହି ଉଠିଲେ 'ସାରାଟି ଜୀବନ ଠାକୁରଙ୍କୁ ଭରସା କଲି ଆଜି ତୁମକୁ ଭରସା କରି ଉଠିବି..... ?' କି ବିଶ୍ୱାସ କି ନିର୍ଭରତା କି ସମର୍ପଣ।

ସତାନନ୍ଦ ଭାଇ ସେମିତି ଏକ ନିଆରା ସଙ୍ଘସେବୀ ଥିଲେ। ଯୁଆଡେ ଯୁଆଡେ ଯାଇଛନ୍ତି ସମସ୍ତେ ଏହି କଥା ଅଙ୍ଗେ ନିଭେଇଛନ୍ତି ଓ ଅନୁଭବ କରିଛନ୍ତି। ସେଥିପାଇଁ ବୋଧେ ଅଗ୍ରଜ ଭାବରେ ସେ ଆମ ପାଇଁ ଆଦର୍ଶ ଓ ଅନୁକରଣୀୟ।

ସତ୍ୟାନନ୍ଦ ଭାଇଙ୍କ ଜୀବନ ସତ୍ୟର ଶରଣ, ତାଙ୍କ ଚଲାପଥ ବରେନ୍ୟ ବରଣ ଓ ତାଙ୍କ ମୃତ୍ୟୁ ଅମୃତ ମରଣ......ସେଥିପାଇଁ ମୁଁ କହେ

ପ୍ରିୟ ନିକେତନ ଅମୃତ ବିତାନ, ଅମୃତ ଶରଣ ଲକ୍ଷ ମୋର
ସତ୍ୟାନୁଶରଣ ଶ୍ରୀଗୁରୁ ଚରଣ, ଅମୃତ ବରଣ ପ୍ରାପ୍ୟ ମୋର
ଅମୃତ ଚରଣ କରିଛି ବରଣ ଅର୍ପଣ କରୁଛି ଆଖି ନୀର
ଶେଷ ପାହାଚରେ ଝାଡ଼ି ଝୁଡି ଦେଇ ପ୍ରିୟତମ ମୋତେ ତୋଳି ଧର
ପ୍ରିୟ ପ୍ରିୟ କହି ମହାମନ୍ତ୍ର ଗାଇ ଚାଲିଯିବି ଆଜି ନିଜ ଘର
ହେ ପ୍ରିୟ ଠାକୁର ପ୍ରାଣ ପ୍ରିୟବର ଏତିକି ମାଗୁଣି ସେବକର

ସତ୍ୟାନନ୍ଦ ଥିଲେ ଜଣେ
ସତ୍ୟ ପଥେ ରହି ସତ୍ୟାନୁଶରଣେ
ସତ୍ୟ ଚିନ୍ତି ନିତ୍ୟ କର୍ମେ
ସତ୍ୟ ବ୍ରତ ବରି ସତ୍ୟାନୁଗମନେ
ସତ୍ୟାନନ୍ଦେ ଥିଲ ତୁମେ......
ସତ୍ୟାଶ୍ରୟ ଥିଲା ନିତ୍ୟ ଦିନଲିପି

ସତ୍ୟ ପ୍ରତି ନିତ୍ୟ ମର୍ମେ
ସତ୍ୟ ସାଧନରେ ନିତ୍ୟ ଜୀବନରେ
ସତ୍ୟ ନିଷ୍ଠ ସେବା ଧର୍ମେ......
ସତ୍ୟ କଥନରେ ସତ୍ୟ ଚିନ୍ତନରେ
ସତ୍ୟ ସନାତନ ବର୍ମେ
ସତ୍ୟ ସ୍ୱରୂପଙ୍କ ନିତ୍ୟ ସତ୍ୟ ସେବା
ସତ୍ୟାନନ୍ଦ ଜୀବ ଧର୍ମେ......
ସତ୍ୟ ସଂକଳ୍ପରେ ଜୀବନ ବିତିଲା
ସତ୍ୟ ସାରସ୍ୱତ ପ୍ରେମେ
ସତ୍ୟ କଳ୍ପନାର ନ ଥିଲା ବିକଳ୍ପ
ସତ୍ୟାଶ୍ରୟ କଳ୍ପଦ୍ରୁମେ.....
ସତ୍ୟ ନିଷ୍ଠ ତୁମ ସାଧନ ଜୀବନ
ସତ୍ୟ ରକ୍ଷା ଥିଲା ପ୍ରାଣେ
ସତ୍ୟ ରକ୍ଷା ପାଇଁ ସାତ ପାଦ ଭୂମି
ସତ୍ୟରେ ଚାଲିଲ ତୁମେ.....
ସତ୍ୟାନନ୍ଦେ ଥାଇ ଶୁଭ ସକାଳରେ
ସତ୍ୟ ସୂର୍ଯ୍ୟ ସାଥେ ଦିନେ
ସତ୍ୟ ମିଥ୍ୟା ଦୁଇ ଲଢେଇ ମଝିରେ
ସତ୍ୟସନ୍ଧ ଥିଲ ତୁମେ.....
ସତ୍ୟ ସେ କାହାଣୀ ସ୍ମୃତି ମନ୍ଦିରର
ସତ୍ୟ ରକ୍ଷା ଆତ୍ମ ଦାନେ
ସତ୍ୟ ଏକ ତତ୍ତ୍ୱ ଅଭ୍ୟାସ ନିହିତ
ସତ୍ୟ ଇତିହାସ ଜାଣେ....

ସତ୍ୟ ରକ୍ଷା ଅର୍ଥେ ଅନୁଗା ବି-ଅର୍ଥେ
ସତ୍ୟ ପଥେ ଗଲେ ଜନେ
ସତ୍ୟାନନ୍ଦ ଭାଇ ତୁମେ ଥିଲ ଆଗେ
ସତ୍ୟ ଥିଲା ପ୍ରାଣେ ପ୍ରାଣେ.....
ସତ୍ୟ ପଥେ ରହି ସ୍ମୃତି ମନ୍ଦିରରେ
ସତ୍ୟ ନିତ୍ୟ ପ୍ରତି କ୍ଷଣେ
ସତ୍ୟ ସାଧନରେ ଶେଷ ଜୀବନରେ
ସତଶିକ୍ଷା ମନ୍ଦିର ଧାମେ......
ସତ୍ୟାନନ୍ଦ ଭାଇ ସତ୍ୟାନନ୍ଦ ପାଇ
ସତ୍ୟାନନ୍ଦ ଘେନି ପ୍ରାଣେ
ସତ୍ୟାନନ୍ଦ ପଥେ ସତ୍ୟାନନ୍ଦ ସାଥେ
ସତ୍ୟାନନ୍ଦେ ଗଲ ତୁମେ.....
ସତ୍ୟାନନ୍ଦ ଭାଇ ସତ୍ୟ ତୁମ ପାଇଁ
ସତ୍ୟ ତୁମ ସ୍ମୃତି ମନେ
ସତ୍ୟ ତୁମ ସେବା ଜୀବନ କାହାଣୀ
ସତ୍ୟ ବଖାଣିବ ଦିନେ......
ସତ୍ୟ ଏ ଭକତ ଜୀବନ ବୃତାନ୍ତ
ସତ୍ୟ ଏ ସେବକ ଜଣେ
ସତ୍ୟ ଶତ ଶତ ସେବକ ଜାଣିବେ
ସତ୍ୟାନନ୍ଦ ଥିଲେ ଜଣେ


ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ**
କେନ୍ଦ୍ର ପରିଚାଳନା ମଣ୍ଡଳୀ ସଦସ୍ୟ


ତୁମେମାନେ ଭାବୁଛ କାହିଁକି, ଚିନ୍ତା କରୁଛ କାହିଁକି, ନିଜ ହୃଦୟର କରୁଣ ଅବସ୍ଥା ଉପଲବ୍ଧି କରି ହତାଶ ହୋଇପଡୁଛ କାହିଁକି ? ମୁଁ ଯେ ତୁମମାନଙ୍କର ଅଛି, ତୁମମାନଙ୍କର ସବୁ ଶୂନ୍ୟ ପୂର୍ଣ୍ଣ କରିଦେବା ପାଇଁ, ସବୁ ଅଭାବ ନିଃଶେଷ କରି ମେଣ୍ଟାଇ ଦେବାପାଇଁ। ମୋ ଉପରେ ସବୁ ଭାର ଛାଡ଼ିଦିଅ, ଆଧ୍ୟାତ୍ମିକ ଉନ୍ନତିର ଦାୟିତ୍ୱ ମୋ ଉପରେ ଲଦିଦେଇ ତୁମେମାନେ ନିଶ୍ଚିନ୍ତ ହୁଅ। ମୁଁ ହିଁ ତୁମମାନଙ୍କର ସବୁ ଭାର ବହନ କରିବି, ଏହି ପାପ-ପଙ୍କିଳ ଜଗତରୁ ମୁଁ ହିଁ ତୁମମାନଙ୍କୁ ନିତ୍ୟ ଜ୍ୟୋତିର୍ମୟ ଆନନ୍ଦଧାମକୁ ଟାଣି ନେଇଯିବି।

**ଅଭୟ ବାଣୀ-ଶ୍ରୀଶ୍ରୀଠାକୁର**

# ଦୋଳ ଗୋବିନ୍ଦ ଦ୍ୱିବେଦୀ ଭାଇଙ୍କ ସ୍ମରଣେ

ଦୋଳ ଗୋବିନ୍ଦ ଦ୍ୱିବେଦୀ ଭାଇ ୧୯୩୭ ମସିହା ମାର୍ଚ୍ଚ ମାସ ୨୬ ତାରିଖ ଦୋଳ ପୂର୍ଣ୍ଣିମା ଦିନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକର ଶାଳିଜଙ୍ଗା ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୁଳମଣୀ ଦ୍ୱିବେଦୀ ଓ ମାତାଙ୍କ ନାମ ଗେହ୍ଲାମଣୀ ଦ୍ୱିବେଦୀ। ତାଙ୍କର ଜନ୍ମ ପୂର୍ବରୁ ତାଙ୍କ ବଡ ଭାଇଙ୍କର ଶିଶୁ ଅବସ୍ଥାରେ ଦେହାନ୍ତ ହୋଇଥିବାରୁ ତାଙ୍କ ପିତାମହ ଭୁବନେଶ୍ୱର ସ୍ଥିତ କୌଣସି ଏକ ମନ୍ଦିରରେ ତାଙ୍କୁ ବିକ୍ରୟ କରି ତାଙ୍କର ଡାକ ନାମ ବାବାଜୀ ରଖିଥିଲେ। ବ୍ରତୋପନୟନ ପୂର୍ବରୁ ପୁଣି ସେହି ମନ୍ଦିରରେ ପ୍ରଣାମି ଦେଇ କ୍ରୟ କରିନେଇଥିଲେ। ସ୍ୱଚ୍ଛଳ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ହେଁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରୁ ପିତାମହଙ୍କୁ ଅଧିକାଂଶ ଚାଷୋପଯୋଗୀ ଜମି ବିକ୍ରୟ କରିବାକୁ ପଡିଥିଲା। ପ୍ରତିକୂଳ ଆର୍ଥିକ ପରିସ୍ଥିତି ସମ୍ମୁଖୀନ ହୋଇ ତାଙ୍କର ପିତା କଲିକତାରେ ଚାକିରି କରିବାକୁ ଯାଇ ସେଠାରେ ଆମାଶୟ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମକୁ ଫେରିଆସି, ଦୋଳ ଭାଇଙ୍କ ବ୍ରତୋପନୟନର କିଛି ଦିନ ପରେ ଦେହତ୍ୟାଗ କରିଥିଲେ। ତାଙ୍କର ପିତାମହ ମଧ୍ୟ ଏହାର ପ୍ରାୟ ୬ମାସ ମଧ୍ୟରେ ଦେହତ୍ୟାଗ କରିଥିଲେ। ସେ ତାଙ୍କ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପାଠ ଶେଷ କରିଥିଲେ ହେଁ ନିକଟସ୍ଥ ରେଢୁଆ ଗ୍ରାମରେ ମଧ୍ୟଇଂରାଜୀ ବିଦ୍ୟାଳୟରେ ପଠନ ଆରମ୍ଭରେ ବିଳମ୍ବ ଘଟିଥିଲା। ଯଥାସମୟରେ ପାଠ ଶେଷ କରି ତାଙ୍କର ମାତୁଳାଳୟ ପୁରହିତପୁରରେ ଅବସ୍ଥାନ କରି ଜଗତସିଂହପୁର ସ୍ଥିତ ଶ୍ରୀକୃଷ୍ଣ ଏକାଡେମୀ ଉଚ୍ଚଇଂରାଜୀ ବିଦ୍ୟାଳୟରେ ପାଠ ପଢିବା ଆରମ୍ଭ କରିଥିଲେ।

ଦୋଳ ଭାଇ ଜଣେ ମେଧାବୀ, ଧାର୍ମିକ, ସଚ୍ଚରିତ୍ର ଓ ଶାନ୍ତ ସ୍ୱଭାବର ଛାତ୍ର ଥିଲେ। ଏହି ଉଚ୍ଚଇଂରାଜୀ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ସେହି ବିଦ୍ୟାଳୟର ଜଣେ ଶିକ୍ଷକ, ଭୋଳି ଭାଇଙ୍କ ସଂସ୍ପର୍ଶରେ ଆସିଥିଲେ। ଭୋଳିଭାଇ ତାଙ୍କର ଧାର୍ମିକତା ଓ ଶାନ୍ତ ସ୍ୱଭାବ ଦର୍ଶନ କରି ଶ୍ରୀଶ୍ରୀଠାକୁରଙ୍କ ଜୀବନୀ ପାଠ କରିବା ପାଇଁ ଦେଇଥିଲେ। ଏହା ତାଙ୍କର ଜୀବନରେ ଶ୍ରୀଶ୍ରୀଠାକୁରଙ୍କୁ ଜାଣିବା ପ୍ରଥମ। ଛାତ୍ର ଜୀବନରେ ଭୋଳି ଭାଇଙ୍କ ସହିତ ସମ୍ପର୍କରେ ଥିଲେ ମଧ୍ୟ, ବିଭିନ୍ନ କାରଣରୁ ସଂଘରେ ଯୋଗଦାନ କରିବାର ସୌଭାଗ୍ୟ ତାଙ୍କର ଘଟିନଥିଲା। ମାଟ୍ରିକ ପରୀକ୍ଷା result ବାହାରିବା ସମୟରେ ସେ କୌଣସି କାରଣରୁ କଟକ ଯାଇଥିଲେ। ପରୀକ୍ଷା resultର ଖବର ପାଇ ସମାଜ ଖବର କାଗଜ କିଣିବା ପାଇଁ ସମାଜ ଅଫିସ ଯାଇଥିଲେ। ସେ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ ପାସ କରିଥିଲେ। ସମାଜ ଅଫିସରେ ଚୈତନ୍ୟ ଭାଇଙ୍କ ପାଖରେ ଶ୍ରୀଶ୍ରୀଠାକୁରଙ୍କ ପୁସ୍ତକ ମିଳିବା କଥା ତାଙ୍କର ଜୀବନୀ ବହି ପଢିବା ସମୟରୁ ମନେଥିଲା। ସେ ସୁଯୋଗ ନେଇ ଚୈତନ୍ୟ ଭାଇଙ୍କୁ ଦେଖାକରି ବ୍ରହ୍ମଚର୍ଯ୍ୟ ସାଧନ ପୁସ୍ତକ କ୍ରୟ କରି, ତାଙ୍କର result ବାହାରିଥିବା ଖବର କାଗଜରେ ମାଲଟ ଦେଇ ଘରକୁ ଫେରିଆସିଥିଲେ। ଏହାର ଅଳ୍ପ କେତେ ମାସ ପରେ ତାଙ୍କର ବିବାହ ନିକଟବର୍ତ୍ତୀ ତାରପୁର ଗ୍ରାମରେ ଶ୍ରୀଯୁକ୍ତ ଦୈତାରୀ ଦାଶଙ୍କ କନ୍ୟା ଶ୍ରୀମତୀ ମାଳତୀଙ୍କ ସହିତ ହୋଇଥିଲା। ସେହି ସମୟରେ ଏକ ଭୟଙ୍କର ବନ୍ୟା ଯୋଗୁ ସେ ଅଞ୍ଚଳରେ ଖାଦ୍ୟାଭାବ ଓ ଅନ୍ୟାନ୍ୟ ଅନାଟନ ଦେଖାଯାଇଥାଏ। ଦୋଳ ଭାଇ ପ୍ରଜା ସୋସିଆଲିଷ୍ଟ ଦଳରେ ଯୋଗଦାନ କରି ଜନସାଧାରଣଙ୍କୁ ସାହାଯ୍ୟ କରିବା ଆଶାରେ, ସରକାରଙ୍କଠାରୁ ସାହାଯ୍ୟ ଦାବି କରି, କଟକ ଜିଲ୍ଲାଅଧିକାରୀଙ୍କ ଅଫିସ ଘେରାଉ କରି ଦୁଇ ମାସ ପାଇଁ ଜେଲ ଯାଇଥିଲେ। ଉଚ୍ଚ ଶିକ୍ଷା ପାଇଁ ତାଙ୍କର ଅତ୍ୟନ୍ତ ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଓ ପାରିବାରିକ ପରିସ୍ଥିତି ତାଙ୍କୁ ଚାକିରି ଖୋଜିବା ପାଇଁ ବାଧ୍ୟ କରିଥିଲା। ସେ ପ୍ରଥମେ କଲିକତା ଆସି ଚାକିରି ଖୋଜିବାରେ ଅକୃତକାର୍ଯ୍ୟ ହୋଇ ରାଉରକେଲା ଆସିଥିଲେ।

ରାଉରକେଲାରେ ଦୁଇ ଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ଅପ୍ରତ୍ୟାଶିତ ଭାବେ ସାହାଯ୍ୟ ପାଇ ସେ ରାଉରକେଲାର ଇସ୍ପାତ କାରଖାନାରେ Research & Control ବିଭାଗରେ laboratory attendant ଭାବରେ ନିଯୁକ୍ତି ପାଇଲେ। କିଛି ଦିନ କାମ କଲା ପରେ ବୁଝି ପାରିଲେ ଯେ ବିଜ୍ଞାନରେ ଉଚ୍ଚ ଶିକ୍ଷାପ୍ରାପ୍ତ ନ ହେଲେ କୌଣସି ଚାକିରିଗତ ଉନ୍ନତି ଅସମ୍ଭବ। ତେଣୁ ସେ ରାଉରକେଲା science collegeରେ I. Sc. ପଢିବାପାଇଁ ନାମ ଲେଖାଇଦେଲେ। ସେହି ଦୁଇ ବର୍ଷ ସେ କେବଳ ରାତିରେ କାମ କରୁଥିଲେ। ତାଙ୍କର manager ସମସ୍ତ ସହକର୍ମୀମାନଙ୍କୁ ତାଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେବାରୁ ପଢିବା ଟିକେ ସୁବିଧା ଜଣକ ହୋଇଥିଲା। ସେ ୧୯୬୩ ମସିହାରେ I. Sc. କୃତିତ୍ୱର ସହିତ ପାସ ହୋଇଥିଲେ। ଏହି collegeରେ B. Sc. ପଢିବା ପାଇଁ କିଛି ବ୍ୟବସ୍ଥା ନ ଥିବାରୁ ତାଙ୍କୁ ଆଉ ୩ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ସେ ପିଲାବେଳୁ ଧାର୍ମିକ ଭାବାପନ୍ନ ଥିଲେ ହେଁ ସେହି ସମୟରେ ତାଙ୍କ ମନରେ ଧାର୍ମିକ ଭାବ ଆହୁରି ଅଧିକା ଭାବେ ଜାଗି ଉଠିଥିଲା। ନିକଟବର୍ତ୍ତୀ ଜଗନ୍ନାଥ ମନ୍ଦିରରେ ପ୍ରତି ଗୁରୁବାର ଦିନ ଗୀତା ପାରାୟଣ ହୁଏ। ସେ ସେହି ଗୀତା ପାରାୟଣ ନିୟମିତ

ଭାବରେ ଯୋଗଦେବାକୁ ଲାଗିଲେ। ଦିନେ ପାରାୟଣ ସରିଗଲା ପରେ, ଶାସ୍ତ୍ର ପଢୁଥିବା ଭଦ୍ରବ୍ୟକ୍ତିଙ୍କୁ ତଳେ ପଡିଥିବା ଦରି ଉଠାଇବାରେ ସାହାଯ୍ୟ କରି ନିକଟବର୍ତ୍ତୀ ଗୋଟିଏ ଘରକୁ ନେଇଯାଉଥିବା ବେଳେ, ଦୋଳ ଭାଇ ସେ ଭଦ୍ରବ୍ୟକ୍ତିଙ୍କୁ ପଚାରିଲେ, "ଆପଣ ଗୀତାର ଏତେ ଭଲ ବ୍ୟାଖ୍ୟା କେଉଁଠୁ ଶିଖିଲେ ?"କହିବା ବାହୁଲ୍ୟ ଯେ ସେ ବ୍ୟକ୍ତିଜଣକ ଥିଲେ ଦୈତାରୀ ନନ୍ଦ ଭାଇ। ଦୁର୍ଗାଚରଣ ଭାଇଙ୍କ ନିର୍ଦ୍ଦେଶରେ ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶ, "ନ ପଚାରିଲେ କହିବ ନାହିଁ" ଅକ୍ଷରେ ଅକ୍ଷରେ ପାଳନ କରାଯାଉଥିଲା। ଦୈତାରୀ ଭାଇ ସେହି ସୁଯୋଗ ନେଇ ଶ୍ରୀଶ୍ରୀଠାକୁରଙ୍କ କଥା, ନୀଳାଚଳ ସାରସ୍ୱତ ସଂଘ ଓ ସେଠାରେ ଥିବା ଶାଖାସଂଘ କଥା କହିଥିଲେ। ଦୋଳ ଭାଇ ତ ଶ୍ରୀଶ୍ରୀଠାକୁରଙ୍କୁ ଆଗରୁ ଜାଣିଥିଲେ। ସଂଘକଥା ଶୁଣି ଅତ୍ୟନ୍ତ ଆନନ୍ଦ ଉତ୍ସାହ ସହିତ ସେହି ରବିବାର ଠାରୁ ସେ ରାଉରକେଲା ସାରସ୍ୱତ ସଂଘରେ ଦର୍ଶକ ଭାବେ ଯୋଗ ଦେଲେ।

ନୀଳାଚଳ ସାରସ୍ୱତ ସଙ୍ଘର ତତ୍କାଳୀନ ସଭାପତି ବନମାଳୀ ଦାଶ ଭାଇ ରାଉରକେଲା ଶାଖା ସଙ୍ଘ ପ୍ରତିଷ୍ଠା କରି ସମ୍ପାଦକ ଦୁର୍ଗାଚରଣ ମହାନ୍ତି ଭାଇଙ୍କୁ ରାଉରକେଲା ସଂଘର ଦାୟିତ୍ୱ ଅର୍ପଣ କରିଥିଲେ। ସେହି ଦିନ ଠାରୁ ଦୁର୍ଗାଚରଣ ଭାଇ ବର୍ଷକୁ ଥରେ ରାଉରକେଲା ଆସି ସଂଘର ପରିଚାଳନା, ପରିଚୟପତ୍ର ଗ୍ରହଣ ଓ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ସମ୍ବନ୍ଧୀୟ ଆଲୋଚନା କରୁଥିଲେ। ୧୯୬୫ରେ ଦୁର୍ଗାଚରଣ ଭାଇ ରାଉରକେଲା ଆସିଥିବା ବେଳେ ଦୋଳ ଭାଇ ପରିଚୟପତ୍ର ଗ୍ରହଣ କରିଥିଲେ ଓ ଦୁର୍ଗାଚରଣ ଭାଇଙ୍କଠାରୁ ସେବା ଶିକ୍ଷା କରି ଶ୍ରୀଶ୍ରୀଠାକୁରଙ୍କ ଅଙ୍ଗଲାଗି ସେବାମୁଖ୍ୟ ଭାବେ ସେବା ଗ୍ରହଣ କରିଥିଲେ। ସେ ଏହି ସେବା ୨୦୦୨ ମସିହା ପର୍ଯ୍ୟନ୍ତ ଅତ୍ୟନ୍ତ ନିଷ୍ଠାପର ଭାବରେ ସମ୍ପନ୍ନ କରିଥିଲେ। ସେ ସମୟରେ ସଂଘ ଅଧିବେଶନ ସମ୍ପାଦକ ହେମ ଭାଇଙ୍କ କ୍ୱାର୍ଟରରେ ଅନୁଷ୍ଠିତ ହେଉଥିଲା। କିଛିଦିନ ପରେ ସଂଘର ସଭ୍ୟସଂଖ୍ୟା ବୃଦ୍ଧି ହେବାରୁ ଦୋଳ ଭାଇଙ୍କ ଗୃହାସନକୁ ସଂଘ ଅଧିବେଶନ ସ୍ଥାନାନ୍ତରିତ କରାଯାଇଥିଲା। ପରେ ହେମ ଭାଇଙ୍କୁ ଅନ୍ୟ ଏକ ବୃହତ୍ତ କ୍ୱାର୍ଟର ମିଳିବାରୁ ସଂଘାଧିବେଶନ ପୁଣି ତାଙ୍କ କ୍ୱାର୍ଟରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହି ସମୟରେ ହେମ ଭାଇ ତାଙ୍କ କ୍ୱାର୍ଟରରେ ରହୁ ନଥିଲେ। ତେଣୁ ସଂଘ ଆସନର ନିତ୍ୟପୂଜା ଦୋଳ ଭାଇଙ୍କ ଗୃହାସନରେ ଅନୁଷ୍ଠିତ ହେଉଥିଲା। ବନମାଳୀ ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଆସନର ପାଦାସନ(କଠଉ) ଦୋଳ ଭାଇଙ୍କ ଗୃହାସନରେ ପୂଜା ପାଉଥିଲେ ଓ ସଂଘାଧିବେଶନ ଦିନ ସେହି ପାଦାସନକୁ ସଂଘ ଆସନକୁ ଆଣି ପୂଜା କରୁଥିଲେ। ଶ୍ରୀଶ୍ରୀଠାକୁର ରାଉରକେଲା ଆସନ ମନ୍ଦିରରେ ବିଜେ ହେବା ପରେ, ପରିଚାଳକ ଦୁର୍ଗାଚରଣ ଭାଇଙ୍କ ଅନୁମତି କ୍ରମେ ଦୋଳ ଭାଇ ସେହି ପ୍ରତିଷ୍ଠିତ କଠଉଟି ନିଜ ଗୃହାସନରେ ପୂଜା ହେବା ପାଇଁ ନେଇଆସିଥିଲେ। ଅଦ୍ୟାବଧି ସେହି କଠଉଟି ତାଙ୍କର ଗୃହାସନରେ ପୂଜା ପାଇ ଆସୁଛନ୍ତି।

ଦୁର୍ଗାଚରଣ ଭାଇ ପ୍ରତିବର୍ଷ ରାଉରକେଲା ଆସି ସେଠାରେ ଏକ ଶିକ୍ଷା କ୍ଲାସ ଆରମ୍ଭ କରିଥିଲେ। ଦୋଳ ଭାଇ ସେଥିରେ ଅତି ଉତ୍ସାହର ସହିତ ଯୋଗ ଦେଉଥିଲେ। ଏହି କ୍ଲାସ ପୂଜାରେ ଆସନ, ମୁଦ୍ରା, ଧ୍ୟାନ, ଧାରଣା ଇତ୍ୟାଦି ଶିକ୍ଷା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁରଙ୍କ ସ୍ୱହସ୍ତ ଲିଖିତ ବିଭିନ୍ନ ପୁସ୍ତକ ତଥା ସଂସାରପଥେ ଚତୁର୍ଥ ଖଣ୍ଡ ପାଠ କରି କ୍ରିୟା ସମ୍ବନ୍ଧୀୟ ବିଷୟବସ୍ତୁ ଆଲୋଚନା କରାଯାଉଥିଲା। ସେହି ସମୟରେ ଦୋଳ ଭାଇ ଜାଣିବାକୁ ପାଇଲେ ଯେ "କେବଳ ନାମଜପ ଦ୍ୱାରା ସର୍ବାର୍ଥ ସିଦ୍ଧ ହୁଏ"। ତାଙ୍କର ପରିବାର ଗ୍ରାମରେ ଥିବାବେଳେ ସେ ତିନି ଦିନ ଆବଶ୍ୟକୀୟ କାର୍ଯ୍ୟ ବ୍ୟତୀତ କେବଳ ନାମ ନେଇ ଚାଲିଲେ। ଚତୁର୍ଥ ଦିନ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ସମୟରେ ସାଇକେଲ ଚଳାଇ ଯାଉଥିବା ବେଳେ ତାଙ୍କର ଜଣେ ମ୍ୟାନେଜର ହନୁମନ୍ତିଆ ବାବୁ ଜିପରେ ଯାଉଥିଲେ। ସାଇକେଲ ଟଳି ଟଳି ଚଳାଉଥିବାରୁ ସେ ତାଙ୍କୁ ଅଟକାଇ ଦେଖିଲେ ଯେ ଦୋଳ ଭାଇଙ୍କର ଅଷ୍ଟ ସାତ୍ତ୍ୱିକ ଭାବ ପ୍ରକାଶ ପାଇଛି। ତାଙ୍କର ରୋମ ସବୁ ଟାଙ୍କୁରି ଉଠିଛି ଓ କଥା କହିବାର ଶକ୍ତି ହ୍ରାସ ପାଇଛି। ସେ ତାଙ୍କୁ ତତ୍କ୍ଷଣାତ ଜିପରେ ବସାଇ ନିଜ ଘରକୁ ନେଇ ଆସିଲେ ଓ ଗାଧୁଆ ଘରେ ପାଣି କଳ ଖୋଲି ବହୁତ ସମୟ ପାଇଁ ଠିଆ କରିଦେଲେ। ପାଣି କଳ ତଳେ ଠିଆ ହେବା ପରେ ଦୋଳ ଭାଇଙ୍କୁ ଖାଇବାକୁ ଦେଇ ଭାଗବତ ଗ୍ରନ୍ଥ ପାଠ କରିବାକୁ ଲାଗିଲେ। ତାଙ୍କ ଘରେ ଦୁଇ ତିନି ଦିନ ରହିବା ପରେ ତାଙ୍କର ଭାବର ଭାରସାମ୍ୟ ଆସିଥିଲା। ଦୁର୍ଗାଚରଣ ଭାଇଙ୍କୁ ଏ କଥା ଜଣାଇବାରୁ ସେ କହିଲେ, "ତୋର କୁଣ୍ଡଳିନୀ ଉର୍ଦ୍ଧ୍ୱ ଗମନ କରିଥିଲେ। ତୋ ଭାଗ୍ୟ ଭଲ ଯେ ଜଣେ ଅଭିଜ୍ଞ ବ୍ୟକ୍ତି ତୋର ଭାବ ବୁଝିପାରିଲେ ଓ ଠିକ୍ ଉପାୟରେ ତୋତେ ପ୍ରକୃତିସ୍ଥ କରିପାରିଲେ। ତୁ କିନ୍ତୁ କାହାକୁ କହିବୁ ନାହିଁ। କାରଣ ତୋତେ କେହି ବିଶ୍ୱାସ କରିବେ ନାହିଁ।" ସେ ଭାଇଙ୍କ କଥା ମାନି ବହୁ ବର୍ଷ ପର୍ଯ୍ୟନ୍ତ କାହାକୁ କହି ନଥିଲେ। ପ୍ରାୟ ନ ବର୍ଷ ତଳେ ଆମେରିକା ସଂଘରେ ଶିକ୍ଷା ପ୍ରତିନିଧି ଭାବେ ଯୋଗ ଦେଇଥିବା ସମୟରେ ନାମର ମାହାତ୍ମ୍ୟ ବୁଝାଇବାକୁ ଯାଇ ଜଣେ ଶିକ୍ଷାର୍ଥୀଙ୍କର ପ୍ରଶ୍ନର ଉତ୍ତରରେ ନିଜର ଅନୁଭୂତି ପ୍ରକାଶ କରିଥିଲେ।

ସଂଘସେବୀ ଭକ୍ତମାନଙ୍କର ଶିକ୍ଷାକେନ୍ଦ୍ର ତଥା ଶ୍ରୀଶ୍ରୀଠାକୁର ମହାରାଜଙ୍କ ସେବାପୂଜାର ଅନୁଶୀଳନ ଉଦ୍ଦେଶ୍ୟରେ, ଦୁର୍ଗାଚରଣ ଭାଇଙ୍କ ପରାମର୍ଶରେ ୧୯୬୯ ମସିହାରେ ରାଉରକେଲାରେ ଏକ ଆସନ ମନ୍ଦିର କାର୍ଯ୍ୟ ଆରମ୍ଭ କରାଗଲା। ଦୋଳ ଭାଇଙ୍କ ସମେତ ଅନ୍ୟାନ୍ୟ ସମସ୍ତ

ଭାଇମାନେ ଖୁବ ଉତ୍ସାହ ଓ ଉଦ୍ଦୀପନା ସହିତ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲେ। ପରିଚାଳକ ଦୁର୍ଗାଚରଣ ଭାଇଙ୍କର ଉପଦେଶ - "ଖୋଳ ଓ ପୋତ"କୁ ଅବଲମ୍ବନ କରି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଲା। ଭାଇମାନେ ମିସ୍ତ୍ରୀକୁ ଦିନବେଳା ସାହାଯ୍ୟ କରି ସନ୍ଧ୍ୟାବେଳେ ଅନ୍ୟାନ୍ୟ କାର୍ଯ୍ୟ କରୁଥିଲେ। ୧୯୭୧ ମସିହାରେ ଏହି ଆସନ ମନ୍ଦିର ସମେତ ଶ୍ରୀଶ୍ରୀଠାକୁରଙ୍କ ବିଶ୍ରାମ କକ୍ଷ, ପାଚେରି ଓ କୂପ ଖନନ କାର୍ଯ୍ୟ ସମାପନ କରି ଶ୍ରୀଶ୍ରୀଠାକୁରଙ୍କୁ ନୂତନ ଆସନ ମନ୍ଦିରରେ ବିଜେ କରାଇଥିଲେ। ଏଥି ମଧ୍ୟରେ ୧୯୬୮ ମସିହାରେ ଦୋଳ ଭାଇ B. Sc. ପାସ କରି ଚାକିରିରେ ଉନ୍ନତି ଲାଭ କରିଥିଲେ। ଆସନ ମନ୍ଦିର ନିର୍ମାଣ ଶେଷ ହେବ ପରେ ସେ Indian Institute of Metallurgyରୁ Engineering ପାଠ ପଢିବା ଆରମ୍ଭ କରିଥିଲେ। ପାରିବାରିକ ପରିସ୍ଥିତି ଓ ଆସନ ମନ୍ଦିରର ରକ୍ଷଣାବେକ୍ଷଣରେ କାର୍ଯ୍ୟବ୍ୟସ୍ତତାରୁ ଏହି ପାଠରେ ସେ କୃତକାର୍ଯ୍ୟ ହୋଇପାରିନଥିଲେ। ଚାକିରିରେ ଉନ୍ନତି ପାଇଁ ୧୯୮୪ ମସିହାରେ ସେ M. Sc. ପାସ କରି executive rankକୁ ପଦୋନ୍ନତି ଲାଭ କରିଥିଲେ। ଦୁର୍ଗାଚରଣ ଭାଇଙ୍କ ପରାମର୍ଶରେ ଦୋଳ ଭାଇଙ୍କ ସହିତ ଆଉ ଚାରିଜଣ ସଂଘସେବୀ, ୧୯୭୩ ମସିହାରେ ସଂଘ ଆସନ ମନ୍ଦିର ନିକଟରେ ଏକ ଜମି କ୍ରୟ କରି ବାସଗୃହ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଲେ। ଅର୍ଥାଭାବ ଓ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ୧୯୭୬ ମସିହାରେ ଏହି ବାସଗୃହ ନିର୍ମାଣ ଶେଷ କରି ଆସନ ମନ୍ଦିର ନିକଟରେ ବାସ କରିବାକୁ ଲାଗିଲେ। ଏହାଦ୍ୱାରା ଆସନ ମନ୍ଦିରରେ ନିତ୍ୟପୂଜାରେ ସାହାଯ୍ୟ କରିପାରିଲେ।

ଏଥିମଧ୍ୟରେ ଦୁର୍ଗାଚରଣ ଭାଇଙ୍କ ମଟର ଦୁର୍ଘଟଣା ପରେ ସେ ରାଉରକେଲା ମାତ୍ର ଥରେ (୧୯୭୭) ଆସିଥିଲେ। ଏହା ପରେ ରାଉରକେଲାରେ ଅନୁଷ୍ଠିତ କ୍ଲାସ ପୂଜା ବନ୍ଦ ହୋଇଯାଇଥିଲା। ଦୋଳ ଭାଇ ସେଥିରେ ନିରାଶ ନ ହୋଇ ନିୟମିତ ନିତ୍ୟକ୍ରିୟା ଅଭ୍ୟାସ କରୁଥିଲେ। ଦୁର୍ଗାଚରଣ ଭାଇଙ୍କର ପ୍ରଥମ brain stroke (୧୯୮୩) ପରେ ଦୋଳ ଭାଇ ନିରାଶ ହୋଇ ତାଙ୍କୁ ଦେଖା କରିବା ପାଇଁ ବୀରତୁଙ୍ଗ ଯାଇଥିଲେ। ଭାଇଙ୍କୁ ପୁରଶ୍ଚରଣ କେମିତି କରାଯାଇ ପାରିବ ବୋଲି ପ୍ରଶ୍ନ କରିବାରୁ, ଭାଇ କହିଥିଲେ - "ମୁଁ ତୋ ପାଇଁ ମା'ଙ୍କୁ ଜଣାଉଛି, ତୁ ମଧ୍ୟ ଜଣା"। ଭାଇଙ୍କ ଦେହରକ୍ଷାର କିଛି ମାସ ପରେ ମଦି ଭାଇ ନାମକ ଜଣେ ଗୁରୁ ଭାଇ ରାଉରକେଲା ସଂଘରେ ଦର୍ଶକ ଭାବରେ ସମୟ ସମୟରେ ଯୋଗଦେବାକୁ ଲାଗିଲେ। ଦୋଳ ଭାଇଙ୍କ ଘରେ ସେ ଦୁଇଜଣ ଅଧିକାଂଶ ସମୟରେ ଶ୍ରୀଶ୍ରୀଠାକୁରଙ୍କ ବିଷୟରେ ଆଲୋଚନା କରୁଥିଲେ। ସେ ଜାଣିବାକୁ ପାଇଲେ ଯେ ଦୋଳ ଭାଇ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ଜପ କ୍ରିୟା ଓ ପୁରଶ୍ଚରଣ କରିବା ପାଇଁ ବହୁତ ଆଗ୍ରହୀ। ମଦି ଭାଇ କହିଲେ ଯେ ସେ ଦୁର୍ଗାଚରଣ ଭାଇଙ୍କ ଠାରୁ ସେ ସମସ୍ତ କ୍ରିୟା ଶିଖିଛନ୍ତି ଓ ଶିଖାଇବାକୁ ପ୍ରସ୍ତୁତ ଅଛନ୍ତି। ପ୍ରାୟ ଦୁଇ ବର୍ଷ କ୍ରିୟା ଶିକ୍ଷା କରିବା ପରେ ୧୯୮୮ ମସିହାରେ ଦୋଳ ଭାଇ ମଦି ଭାଇଙ୍କ ଘର ଜାରକା ଯାଇ ପୁରଶ୍ଚରଣ ପାଇଁ ସଂକଳ୍ପ କରିଥିଲେ, କିଛି ଦିନ ଜପ କରି ରାଉରକେଲା ଫେରିଆସିଲେ ଓ କ୍ରିୟାଭ୍ୟାସ କରିବାକୁ ଲାଗିଲେ। ରଘୁନାଥ ପତି ଭାଇ କ୍ଲାସ ପୂଜା ଆରମ୍ଭ କରିବା ପରେ ଦୋଳ ଭାଇ ସେଥିରେ ବହୁ ଉତ୍ସାହର ସହିତ ଯୋଗ ଦେଇଥିଲେ ଓ ରାଉରକେଲା ସଂଘର ସମସ୍ତ ଭାଇମାନଙ୍କୁ ଯୋଗଦେବାକୁ ପ୍ରୋତ୍ସାହିତ କରିଥିଲେ। ତାଙ୍କର ପ୍ରୋତ୍ସାହନରେ ରାଉରକେଲା ସଂଘରୁ ସର୍ବାଧିକ ସେବା ଶିକ୍ଷାର୍ଥୀ ଏହି କ୍ଲାସ ପୂଜା ମଣ୍ଡଳମାନଙ୍କରେ ଯୋଗ ଦେଇଥିଲେ। ୨୦୦୩ ମସିହାରେ ସେ ମଣ୍ଡଳ ସଭାପତି ଭାବରେ ପୁରଶ୍ଚରଣ କ୍ରିୟା ସମ୍ପୂର୍ଣ୍ଣ କରିଥିଲେ।

ଦୋଳ ଭାଇ ପରିଚାଳକ ଦୁର୍ଗାଚରଣ ଭାଇଙ୍କ ଠାରୁ ଅନୁମତି ପ୍ରାପ୍ତ ହୋଇ ତାଙ୍କର ଗୃହାସନରେ ଏକ ପରିବାର ସଂଘ ଆରମ୍ଭ କରିଥିଲେ। ଅଦ୍ୟାବଧି ଏହି ପରିବାର ସଂଘ ପ୍ରତି ଗୁରୁବାର ସନ୍ଧ୍ୟା ବେଳେ ଅନୁଷ୍ଠିତ ହୋଇ ଆସୁଅଛି। ଏଥିମଧ୍ୟରେ ଦୋଳ ଭାଇ ରାଉରକେଲା ମହିଳା ସଂଘ ଓ କୁମାରୀ ସଂଘର ତତ୍ତ୍ୱଭାବକ ଭାବେ ସେବା ଗ୍ରହଣ କରିଥିଲେ। ରଘୁନାଥ ପତି ଭାଇଙ୍କ ପରାମର୍ଶରେ, ୧୯୯୧ ମସିହାରେ, ରାଉରକେଲା ସେବକ ସଂଘ ଆରମ୍ଭ ହୁଏ ଓ ଦୋଳ ଭାଇ ଏହି ସଂଘର ତତ୍ତ୍ୱାବଧାରକ ଭାବେ ସେବା ସମ୍ପାଦନ କରିବା ଆରମ୍ଭ କରନ୍ତି ଓ ତାଙ୍କର ଦେହତ୍ୟାଗ ପର୍ଯ୍ୟନ୍ତ ସେ ଏହି ସେବା ସମ୍ପାଦନ କରିଥିଲେ। ୧୯୯୪ ମସିହାରେ ପ୍ରାଦେଶିକ ଭକ୍ତ ସମ୍ମିଳନୀ ରାଉରକେଲାରେ ଅନୁଷ୍ଠିତ ହୋଇଥିଲା। ଦୋଳ ଭାଇ ଏହି ସମ୍ମିଳନୀରେ ବିଭିନ୍ନ ସେବା ନିଷ୍ଠାର ସହିତ ସମ୍ପନ୍ନ କରିଥିଲେ।

୧୯୯୭ ମସିହାଟି ସାରସ୍ୱତ ଜଗତରେ ଏକ ବିଭୀଷିକାମୟ ମର୍ମନ୍ତୁଦ ବର୍ଷ। ବାରିପଦା ପ୍ରାଦେଶିକ ସମ୍ମିଳନୀରେ ଦୋଳ ଭାଇ ଯୋଗ ଦେଇଥିଲେ ଓ ଅଗ୍ନିକାଣ୍ଡରୁ ଅତି ଅଳ୍ପରେ ବଞ୍ଚିଯାଇଥିଲେ ହେଁ ତାଙ୍କର ପୃଷ୍ଠଦେଶଟି କିଛିଟା ଜଳି ଯାଇଥିଲା। ନିଜ ସ୍ୱାସ୍ଥ୍ୟକୁ ଭ୍ରୂପେକ୍ଷ ନ କରି ଆହତ ଭକ୍ତମାନଙ୍କ ସେବାରେ ଲାଗିଯାଇଥିଲେ। ବାରିପଦାରେ ପ୍ରାୟ ଏକ ସପ୍ତାହ ରହି ରାଉରକେଲା ଓ ନିକଟବର୍ତ୍ତୀ ସଂଘମାନଙ୍କରୁ ନିହତ ଭକ୍ତମାନଙ୍କ ମର ଶରୀର ଆନୟନ ଓ ସଂସ୍କାର କାର୍ଯ୍ୟରେ ସାହାଯ୍ୟ କରିଥିଲେ। ରାଉରକେଲା ହସ୍ପିଟାଲରେ ଚିକିତ୍ସିତ ଭକ୍ତମାନଙ୍କ ସେବା, ନିହତ ଭକ୍ତମାନଙ୍କ ପରିବାରକୁ ସରକାରଙ୍କ ସାହାଯ୍ୟ, ଅଭାବଗ୍ରସ୍ତ ପରିବାରଙ୍କୁ ସାହାଯ୍ୟ ଇତ୍ୟାଦି ସେବା ସେ ଅତ୍ୟନ୍ତ ନିଷ୍ଠାର ସହ ସମ୍ପନ୍ନ କରିଥିଲେ।

୨୦୦୦ ମସିହାରେ ସେ ପ୍ରଥମ ଥର ଆମେରିକା ଯାତ୍ରା କରି ତାଙ୍କର ଦ୍ୱିତୀୟ ପୁତ୍ରଙ୍କ ଗୃହାସନ କେନ୍ଦ୍ର ସଂଘର ଅନୁମୋଦନ କ୍ରମେ ପ୍ରତିଷ୍ଠା କରିଥିଲେ। ଏହା ପାଶ୍ଚାତ୍ୟ ଜଗତରେ ପ୍ରଥମ ପ୍ରତିଷ୍ଠିତ ଗୃହାସନ। ୨୦୦୧ ମସିହାରେ ସେ ଦ୍ୱିତୀୟଥର ପାଇଁ ଆମେରିକା ଯାଇଥିଲେ। ସେଥର ସେ ଆମେରିକାରେ ଓଡ଼ିଆମାନଙ୍କ ବାର୍ଷିକ ସମ୍ମିଳନ ଦର୍ଶନ କରି ସେଠାରେ ଶ୍ରୀଶ୍ରୀଠାକୁରଙ୍କ ସେହିପରି ଏକ ବାର୍ଷିକ ସମ୍ମିଳନୀ ହେବାର ଆଶା ପୋଷଣ କରି କେନ୍ଦ୍ରରୁ ଆଣିଥିବା କେତେକ ଫୋନ ନମ୍ବରରେ ଭକ୍ତମାନଙ୍କୁ ଯୋଗାଯୋଗ କରିଥିଲେ। ଏହି ଘଟଣାର ଠିକ ଏକ ମାସ ପରେ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଆମେରିକାରେ ପ୍ରଥମ କରି ଫୋନ ମାଧ୍ୟମରେ ଜନ୍ମୋତ୍ସବ ଦିନ ମାତ୍ର ୭ଟି ପରିବାରଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେ ଏହି ଅଧିବେଶନରେ ଯୋଗଦେଇ କିପରି ଏହାକୁ ଏକ ମାସିକ ପାଠଚକ୍ରରେ ପରିଣତ କରିବାକୁ ହେବ, ସେହି ବିଷୟରେ ଆଲୋଚନା କରିଥିଲେ ଓ ପ୍ରେରଣାର ଉତ୍ସ ଭାବେ ନାନା ଦିଗରେ ସାହାଯ୍ୟ କରିଥିଲେ। ଆମେରିକାରେ ଏହି ପାଠଚକ୍ର ୨୦୦୧ ମସିହା ସେପ୍ଟେମ୍ବର ମାସରୁ କେନ୍ଦ୍ର ସଂଘର ମୌଖିକ ଅନୁମତି କ୍ରମେ ଏକ ମାସିକ ପାଠଚକ୍ର ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ସେହି ବର୍ଷ ଡିସେମ୍ବର ମାସରେ ଲିଖିତ ଅନୁମତି ଓ କେନ୍ଦ୍ର ଓ କୁଟୀରରେ ଜଣାଇବା କାର୍ଯ୍ୟରେ ସେ ବହୁତ ସାହାଯ୍ୟ କରିଥିଲେ। ୨୦୦୩ ମସିହାରେ ଆମେରିକା ସାରସ୍ୱତ ପାଠଚକ୍ରର ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଉପଲକ୍ଷେ, ନୀଳାଚଳ ସାରସ୍ୱତ ସଂଘର ତତ୍କାଳୀନ ସଭାପତି ଓ ପରିଚାଳକ ଆମେରିକା ଆଗମନ କରିଥିଲେ। ସେହି ସମୟରେ ଦୋଳ ଭାଇ ପୁରଶ୍ଚରଣ ପୂଜାରେ ବ୍ୟସ୍ତ ଥାଇ ଆସିପାରିନଥିଲେ ହେଁ ପରିଚାଳକଙ୍କୁ ଅନ୍ତର ସାଧନା ବିଷୟରେ ଶିକ୍ଷା ଦେବାପାଇଁ ଅନୁରୋଧ କରିବା ପାଇଁ phone ମାଧ୍ୟମରେ ପରାମର୍ଶ ଦେଇଥିଲେ। ତାଙ୍କର ପରାମର୍ଶ ଅନୁସାରେ ଆମେରିକାର ଭକ୍ତମାନଙ୍କ ଅନୁରୋଧରେ ପରିଚାଳକ ମହୋଦୟ ସମ୍ମିଳନୀ ପରେ ଉପସ୍ଥିତ ଭକ୍ତମାନଙ୍କୁ ଗୁରୁଧ୍ୟାନ ଶିକ୍ଷା ଦେଇଥିଲେ ଓ ଅନୁପସ୍ଥିତ ଭକ୍ତମାନଙ୍କୁ ଶିକ୍ଷା ଦେବାପାଇଁ ପରାମର୍ଶ ଦେଇଥିଲେ।

୨୦୦୪ ମସିହାରେ ଆମେରିକାର ସେହି ପାଠଚକ୍ର ସଂଘରେ ପରିଣତ ହେବାପରେ ଦୋଳ ଭାଇ ଆମେରିକାର ବାର୍ଷିକ ସମ୍ମିଳନୀରେ ଯୋଗ ଦେଇ ତତ୍କାଳୀନ ପରିଚାଳକ ଶ୍ୟାମସୁନ୍ଦର ଦାଶଭାଇଙ୍କୁ ଆମେରିକାରେ ଏକ ସେବାଶିକ୍ଷାର୍ଥୀ ମଣ୍ଡଳ ଗଠନ କରି ସେବକମାନଙ୍କୁ କିପରି ସେବାସିକ୍ଷା ଦିଆଯାଇପାରିବ ସେ ବିଷୟରେ ପରାମର୍ଶ ଦେଇଥିଲେ। ତାଙ୍କ ମତରେ ଆମେରିକାର ଭାଇମାନେ ସତଶିକ୍ଷା ମନ୍ଦିରରେ ଅନୁଷ୍ଠିତ ସେବାଶିକ୍ଷା ମଣ୍ଡଳମାନଙ୍କରେ ଯୋଗଦେଇ ସେବାଶିକ୍ଷା କରିବା ସମ୍ଭବପର ନୁହେଁ। ତାଙ୍କ ପରାମର୍ଶରେ ପରିଚାଳକ ୨୦୦୫ ମସିହାରେ ନିଜେ ଉପସ୍ଥିତ ହୋଇ ସେବାଶିକ୍ଷା ମଣ୍ଡଳ ଗଠନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୦୫ ମସିହାରେ ପରିଚାଳକଙ୍କ ଶରୀର ଅସୁସ୍ଥ ଥିବାରୁ ତା' ପରବର୍ଷ ପ୍ରମୋଦ ମହାନ୍ତି ଭାଇଙ୍କୁ ଆମେରିକା ପଠାଇ ଗୋଟିଏ ସେବାଶିକ୍ଷାର୍ଥୀ ମଣ୍ଡଳ ଗଠନ କରାଇଥିଲେ। ସେହି ୨୦୦୬ ମସିହାରେ ଦୋଳ ଭାଇ ପୁନର୍ବାର ଆମେରିକା ଯାଇ ସେବାଶିକ୍ଷାର୍ଥୀମାନଙ୍କୁ ସଂକଳ୍ପ କରାଇଥିଲେ। ୨୦୧୦ ମସିହାରେ ପାଶ୍ଚାତ୍ୟ ଜଗତରେ ଶ୍ରୀଶ୍ରୀଠାକୁରଙ୍କ ପ୍ରଥମ ଆସନ ମନ୍ଦିର ନିର୍ମାଣ ପାଇଁ ଜମି କିଣାଯାଇଥିଲା। ସେହି ସମୟରେ ଦୋଳ ଭାଇ ଆମେରିକାରେ ଉପସ୍ଥିତ ଥିଲେ ଓ ଜନ୍ମୋତ୍ସବ ଦିନ ହେଉଥିବା ଜମି registration ସମୟରେ ଆମେରିକା ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟାନ କେତେକ ଭାଇ ଓ ମା'ମାନଙ୍କ ସାଙ୍ଗରେ ସେ ମଧ୍ୟ ଉପସ୍ଥିତ ଥିଲେ। ଜମି କ୍ରୟ କରିବା ପରେ ସେହି ବର୍ଷ ଗଣେଶ ଚତୁର୍ଥୀ ଦିନ ଦୋଳ ଭାଇ ଭୂମିପୂଜା ସମ୍ପନ୍ନ କରିଥିଲେ। ଆମେରିକାରେ ଶ୍ରୀଶ୍ରୀଠାକୁରଙ୍କର ପ୍ରଥମ ଆସନ ମନ୍ଦିର "ନିଗମ ସ୍ମୃତି ମନ୍ଦିର" ୨୦୧୨ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ଦୋଳ ଭାଇ ସେହି ବର୍ଷ ଆମେରିକା ଯାଇ ଆସନ ମନ୍ଦିର ପ୍ରତିଷ୍ଠା ପୂଜା କରିଥିଲେ ଓ କିଛି ନୂତନ ସେବା ଶିକ୍ଷାର୍ଥୀଙ୍କର ସଂକଳ୍ପ ପୂଜା ମଧ୍ୟ କରାଇଥିଲେ।

୨୦୧୪ରୁ ୨୦୧୮ ମସିହା (୨୦୧୭ ମସିହାକୁ ବାଦ୍ ଦେଇ) ପର୍ଯ୍ୟନ୍ତ ଆମେରିକାରେ ଅନୁଷ୍ଠିତ ହେଉଥିବା କ୍ଲାସପୂଜାରେ କେନ୍ଦ୍ର ଶିକ୍ଷା ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେ ୨୦୧୪, ୨୦୧୬ ଓ ୨୦୧୮ ମସିହାରେ ଆମେରିକାରେ ଅନୁଷ୍ଠିତ ହେଉଥିବା ସମ୍ମିଳନୀରେ କେନ୍ଦ୍ର ପ୍ରତିନିଧି ଭାବେ ମଧ୍ୟ ଯୋଗ ଦେଇଥିଲେ। ତାଙ୍କର ଆମେରିକା ଗସ୍ତ ସମୟରେ ଆମେରିକାରେ ଅନେକ ଭାଇମାନଙ୍କ ଗୃହାସନ ପରିଦର୍ଶନ କରିଥିଲେ। ଶାରୀରିକ ଅସୁସ୍ଥତା ଯୋଗୁ ୨୦୧୮ ପରେ ଆମେରିକା ଆସିପାରିନଥିଲେ ମଧ୍ୟ ସେ ସବୁ ଭାଇ ଓ ମା'ମାନଙ୍କ ଖବର ରଖୁଥିଲେ।

୨୦୦୨ ମସିହାରେ ରାଉରକେଲା ସଂଘର ସଭାପତି ଚୈତନ୍ୟ ମହାପାତ୍ର ଭାଇଙ୍କ ଦେହାନ୍ତ ପରେ ଦୋଳ ଭାଇ ସଂଘର ସଭାପତି ସେବା ଗ୍ରହଣ କରି ତାଙ୍କର ଦେହାନ୍ତ ପର୍ଯ୍ୟନ୍ତ ଏହି ସେବା ନିଷ୍ଠାର ସହିତ ସମ୍ପାଦନ କରିଥିଲେ। ସେହି ସମୟରେ ସଂଘରେ ଉନ୍ନତିମୂଳକ କାର୍ଯ୍ୟ ଯଥା ନୂତନ ନାଟମନ୍ଦିର ନିର୍ମାଣ, ଶ୍ରୀଶ୍ରୀଠାକୁରଙ୍କ ସଙ୍ଖୁଡ଼ି ଭୋଗ ଇତ୍ୟାଦି ପ୍ରଧାନ। ସେ ଏହି ସମୟରେ ମା'ମାନଙ୍କର କ୍ଲାସ ପୂଜାରେ ସହକାରୀ ଶିକ୍ଷା ପ୍ରତିନିଧି ଭାବେ କିଛି ବର୍ଷ ସେବା ସମ୍ପାଦନା କରିଥିଲେ ଓ ୨୦୧୪ ମସିହାରେ ଗୋଟିଏ ସେବା ଶିକ୍ଷାର୍ଥୀ ପୁରଶ୍ଚରଣ ମଣ୍ଡଳର କ୍ରିୟାଭ୍ୟାସରେ ସହକାରୀ ଶିକ୍ଷା ପ୍ରତିନିଧି ଭାବେ ସେବା ସମ୍ପାଦନା କରିଥିଲେ। କେନ୍ଦ୍ର ସଂଘର ନିର୍ଦ୍ଦେଶନାରେ ଦୋଳ ଭାଇ ଅନେକ

ସଂଘର ଉତ୍ସବମାନଙ୍କୁ କେନ୍ଦ୍ର ପ୍ରତିନିଧି ଭାବରେ ଯୋଗ ଦେଇଥିଲେ। ଅନୁଗୁଳ ସଂଘରେ କିଛି ବର୍ଷ ରାସପୂର୍ଣ୍ଣିମାରେ କେନ୍ଦ୍ର ପ୍ରତିନିଧି ଭାବେ ଯୋଗଦେଇ ରାସତତ୍ତ୍ୱ ଆଲୋଚନା କରିଥିଲେ।

ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ତାଙ୍କର ଦେହ ବହୁତ ଖରାପ ଥିଲା। ସେହି ସମୟରେ ହସ୍ପିଟାଲରେ ରହିଥିବା ସମୟରେ ରାତିରେ ସ୍ୱପ୍ନ ଦେଖିଲେ ଯେ ତାଙ୍କୁ ମା' କୋଳରେ ନେଇ ଦୌଡ଼ି ଚାଲିଯାଉଛନ୍ତି। ସେହି ସମୟରେ ଶୂନ୍ୟବାଣୀ ହେଲା, "ତାର ସମୟ ହୋଇନାହିଁ। ତାର ବହୁତ କାମ ଅଛି। ତାକୁ ତୁ ଛାଡି ଦେ। ପାଞ୍ଚ ବର୍ଷ ପରେ ମୁଁ ତାକୁ ନେଇଯିବି"। ଏହି ବାଣୀ ଯେ ଠାକୁରଙ୍କ ଶ୍ରୀମୁଖ ନିଃସୃତ, ଏଥିରେ ତାଙ୍କର ସନ୍ଦେହ ନଥିଲା। ବିଗତ କେତେ ବର୍ଷ ଧରି ଶାରୀରିକ ଅସୁସ୍ଥତା ଯୋଗୁ କେବଳ ରାଉରକେଲା ଆସନ ମନ୍ଦିରକୁ ଯିବା ଛଡା ପ୍ରାୟ ଆଉ କୁଆଡେ ଯାଉନଥିଲେ। ସକାଳେ ଓ ସନ୍ଧ୍ୟାବେଳେ ସେ ଗୃହାସନ ସେବା କରୁଥିଲେ। ସ୍ୱାଧ୍ୟାୟ ପ୍ରତିଦିନ ଅଭ୍ୟାସ କରୁଥିଲେ। ନିତ୍ୟକ୍ରିୟା ଅଭ୍ୟାସ କରିପାରୁନଥିଲେ ହେଁ ଅଜପ ଜପରେ ଲାଗି ରହୁଥିଲେ। ଘରେ ପ୍ରତିଦିନ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଲାଗିବା ପାଇଁ ଫୁଲହାର ଗୁନ୍ଥୁଥିଲେ। ଦେହତ୍ୟାଗର ଚାରିଦିନ ପୂର୍ବରୁ ସେ ଫୁଲଗୁନ୍ଥା ଟିକେ ଜଲଦି ସାରିଦେଇଥିଲେ। ଯେମିତି ସେ ଜାଣିଥିଲେ ସକାଳେ ସେବା ନ କରିଥିଲେ ବୋଧହୁଏ ଆଉ କରିବାକୁ ସୁଯୋଗ ମିଳି ନ ଥାନ୍ତା। ଦେହତ୍ୟାଗର କିଛି ଦିନ ପୂର୍ବରୁ ରାଉରାକେଲା ସଂଘର ଜନୈକ ଗୁରୁଭାଇଙ୍କୁ କହିଥିଲେ ଯେ ତାଙ୍କର ଯିବାର ସମୟ ହୋଇଗଲାଣି ଓ ସେ ସଦାସର୍ବଦା ଅଜପା ଜପରେ ଲାଗି ରହୁଛନ୍ତି। ଶ୍ରୀଶ୍ରୀଠାକୁର ତାଙ୍କୁ ପାଞ୍ଚ ବର୍ଷପରେ ନେଇଯିବେ ବୋଲି କହିଥିଲେ ଓ ସେ ପ୍ରତିଶ୍ରୁତି ନିଶ୍ଚୟ ରଖିଥିଲେ।

ଦୋଳ ଭାଇଙ୍କର ଦୀର୍ଘ ୮୮ ବର୍ଷର ଜୀବନ ଓ ତନ୍ମଧ୍ୟରୁ ୬୦ ବର୍ଷର ସଂଘସେବୀର ଜୀବନ ଅତ୍ୟନ୍ତ ବୈଚିତ୍ର୍ୟମୟ ଓ ଅନୁଭୂତି ସମ୍ପନ୍ନ। ନୀଳାଚଳ ସାରସ୍ୱତ ସଂଘରେ ଯୋଗଦେବା ପରଠାରୁ ସେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଜୀବନ ଅତିବାହିତ କରିଥିଲେ ଓ ଜୀବନକୁ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଉତ୍ସର୍ଗୀକୃତ କରିଥିଲେ। ପୂର୍ବତନ ପରିଚାଳକ ଦୁର୍ଗାଚରଣ ଭାଇଙ୍କ ସାନିଧ ଲାଭ କରି ସେ ବହୁତ ଉପକୃତ ହୋଇଥିଲେ ଓ ଅଧିକାଂଶ ସମୟରେ ତାଙ୍କ ଠାରୁ ମିଳିଥିବା ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧୀୟ ଶିକ୍ଷା ବିଷୟରେ ଆଲୋଚନା କରୁଥିଲେ। ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ସେ ସବୁବେଳେ ଶ୍ରୀଶ୍ରୀଠାକୁରଙ୍କ ପୁସ୍ତକରୁ ବାଣୀ ଉଦ୍ଧାର କରି ଉତ୍ତର ଦେଉଥିଲେ। କହିବା ବାହୁଲ୍ୟ ଯେ ସଂଘ ପ୍ରକାଶିତ ସମସ୍ତ ପୁସ୍ତକରେ ଥିବା ଅନେକ ବିଷୟବସ୍ତୁ ତାଙ୍କର ପୃଷ୍ଠା ସହିତ ସ୍ମରଣ ଥିଲା। ଶେଷ ପର୍ଯ୍ୟନ୍ତ ତାଙ୍କର ସ୍ୱାଧ୍ୟାୟ ଅଭ୍ୟାସ ଥିଲା ଓ ଶେଷ କେତେ ବର୍ଷଧରି କେବଳ ଶ୍ରୀଶ୍ରୀଠାକୁରଙ୍କ ଲୀଳା କାହାଣୀ ପଢିବାକୁ ଭଲ ପାଉଥିଲେ। ଶ୍ରୀଶ୍ରୀଠାକୁରଙ୍କ ପ୍ରତି ତାଙ୍କର ଭଲପାଇବା ଥିଲା ଅସାଧାରଣ। ଶ୍ରୀଶ୍ରୀଠାକୁରଙ୍କ କାର୍ଯ୍ୟରେ ତାଙ୍କର ଜୀବନ ଥିଲା ଉତ୍ସର୍ଗୀକୃତ। ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ଆଲୋଚନା କଲେ ସମୟ ସମୟରେ ତାଙ୍କର ରାତି ପାହିଯାଉଥିଲା। ସେ କେବଳ ରାଉରକେଲା ସଂଘ ନୁହେଁ, ଅନ୍ୟ ଅନେକ ସଂଘ ଗଠନରେ ସାହାଯ୍ୟ କରିଥିଲେ। ଅନେକ ଭକ୍ତମାନଙ୍କର ପ୍ରେରଣାର ଉତ୍ସ ଭାବେ ଶ୍ରୀଶ୍ରୀଠାକୁର ଅଭିମୁଖୀ କରିବାରେ ସେ ଥିଲେ ତତ୍ପର। ସେ ଆଜି ଆମ ମଧ୍ୟରେ ନାହାନ୍ତି। କିନ୍ତୁ ତାଙ୍କର ହସ ହସ ମୁଖ, କୋମଳ ସ୍ୱଭାବ ଓ ଠାକୁରଗତ ପ୍ରାଣ ଆମର ଚିର ଅଭୁଲା ହୋଇ ରହିଯିବ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ଜ୍ଞାନ ରଞ୍ଜନ ଦ୍ୱିବେଦୀ**

ଆମେରିକା ସାରସ୍ୱତ ସଂଘ


'ମତ୍‌କର୍ମ ପରମୋ ଭବ'– ତୁମେମାନେ କେବଳ ମୋ କର୍ମ କରିଯାଅ, ମୋର ଏପାରିର କାର୍ଯ୍ୟର ଭାର ଗ୍ରହଣ କର, ତୁମମାନଙ୍କର ପରପାରର ଚିନ୍ତାର ଭାର ମୁଁ ନେଲି, ତୁମମାନଙ୍କର ମଙ୍ଗଳର ଭାର ମୁଁ ନିଜ ହାତରେ ଗ୍ରହଣ କଲି। ମୋଠାରେ ନିର୍ଭର କର, ମୋତେ ସବୁ ଭାର ଦିଅ, ମୁଁ ଯାହା ଭଲ ତାହା କରିବି। ମୋ ହାତରେ ସବୁ ଭାର ଛାଡ଼ିଦିଅ। ପାପ-ପୂଣ୍ୟ, ହିତ-ଅହିତ, ଭଲ-ମନ୍ଦ, ସୁ-କୁ, ସବୁ ନିଃଶେଷ କରି ଢାଳି ଦିଅ, ସବୁ ମୋତେ ସମର୍ପଣ କରିଦିଅ, ଦେଖ ମୁଁ ତୁମମାନଙ୍କ ପାଇଁ କ'ଣ କରୁଛି। ତୁମେମାନେ ତୁମମାନଙ୍କ ହୃଦୟାଧାର ଶୂନ୍ୟ କରି ରଖ, ମୁଁ ପୂର୍ଣ୍ଣ କରିଦେବି। ରିକ୍ତ ହୁଅ, ମୁକ୍ତି ନିଅ।

**ଅଭୟ ବାଣୀ - ଶ୍ରୀଶ୍ରୀଠାକୁର**

# ଦୋଳ ଗୋବିନ୍ଦ ଦ୍ୱିବେଦୀ ଭାଇଙ୍କ ସ୍ମୃତିଚାରଣ

## Smruticharana – Dola Govinda Dwibedy

I first met Dola Bhai in 2004 during our 3rd Sammilani in Charlotte. He had a simple demeanor and was very approachable to anyone. I got to know him more when he visited our Gruhasan for a short while right after the Sammilani enroute to Washington, DC along with Shyam Bhai, Gyan Bhai and family. In 2006, I met him again during the 5th Sammilani in Charlotte and then at Gyan Bhai's home in Minneapolis. I got to know him closely when I joined Shri Jayadeva Seba Shikhyarthi Mandal, and he participated in our sessions with Pramod Bhai and Sinha Bhai and led in Pramod Bhai's absence. He stressed the importance of the kriya in realizing and experiencing Shri Shri Thakura's presence within us and in our lives. I am confident that he was speaking from his experience and feel privileged to have come across such a person so closely. If anyone approached him with a question related to Shri Shri Thakura or our spiritual practice, he would go at length to explain it and cite pages from specific texts. He was a walking encyclopedia of material related to Shri Shri Thakura. During his visits to the US and Nigama Smruti Mandira, I used to watch him closely as he did Shri Shri Thakura puja, archana and seba; he would also explain the essence behind each of the services. With his passing, I miss someone that wished everyone well at any moment, a person that understood Shri Shri Thakura and his purpose and teachings, and a well-wisher of our community at large. May Shri Shri Thakura grant him peace and a place at His lotus feet.

Shri Shri Thakur Charanashrita
**Shri Sanujit Senapati**
America Saraswata Sangha

●●●

'ଜୟଗୁରୁ'। ଆଜି ଆମ ସମସ୍ତଙ୍କର ଅତିପ୍ରିୟ, ଅତି ଆଦରର ଦୋଳଭାଇଙ୍କର ସ୍ମୃତିଚାରଣ କରିବାକୁ ପ୍ରୟାସ କରୁଛି। ପ୍ରକାଶ କରିବାରେ ତ୍ରୁଟି ଲାଗି ପ୍ରିୟ ଭାଇ ଓ ମା'ମାନଙ୍କ ପାଖରେ କ୍ଷମାଭିକ୍ଷା କରୁଅଛି। ଦୋଳଭାଇ ରାଉରକେଲା ସ୍ଥିତ ଶକ୍ତିନଗର ଶାଖାସଙ୍ଘର ଭିତ୍ତି ସ୍ଥାପନ ପାଖରୁ ସେ ଅଙ୍ଗାଅଙ୍ଗୀ ଭାବେ ଜଡିତ ଥିଲେ। ଶ୍ରୀଶ୍ରୀଠାକୁର ଅଛନ୍ତି, ସେ ସ୍ୱୟଂ ନୀଳାଚଳ ସାରସ୍ୱତ ସଂଘ ପରିଚାଳନା କରୁଛନ୍ତି ଏଇ ଭାବରେ ସେ ସମୟର ପରିଚାଳକ ଶ୍ରୀ ଦୁର୍ଗାଚରଣ ଭାଇଙ୍କ ଠାରୁ ଯେଉଁ କେତେଜଣ ବରିଷ୍ଠ ଭାଇ ଅନୁପ୍ରେରିତ ହୋଇଥିଲେ ଏବଂ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥଲେ ସେ ଭିତରେ ଦୋଳଭାଇ ଥିଲେ ଜଣେ। ସେ ମର୍ମେ ମର୍ମେ ଅନୁଭବ କରୁଥିଲେ ଓ କହୁଥିଲେ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇଲେ ତାଙ୍କ ସବୁ କାମ ସୁଚାରୁ ରୂପେ ସମ୍ପନ୍ନ ହୋଇଯିବ। ଏହା ତାଙ୍କ ଅନ୍ତର ଭାବର କଥା। ଆଜି ବହୁତ ଦିନ ପରେ ମୁଁ ହୃଦୟଙ୍ଗମ କରିପାରୁଛି। ତାଙ୍କ ସଂସ୍ପର୍ଶରେ ଆସିବା ପରେ ସେ ଶ୍ରୀଶ୍ରୀଠାକୁରଙ୍କ ଭାବ ବୀଜ ବପନ କରଥିଲେ। ଏଥିଲାଗି ମୁଁ ତାଙ୍କ ପାଖରେ ଚିରକୃତଜ୍ଞ। ତାଙ୍କର ଅସମ୍ଭବ ସ୍ମରଣ ଶକ୍ତି ଥିବାର ମୁଁ ଲକ୍ଷ୍ୟ କରିଛି। ଯାହାଫଳରେ କି ସେ ଠାକୁରଙ୍କ କଥାଗୁଡିକ ସାମଞ୍ଜସ୍ୟ ରକ୍ଷା କରି ସହଜ ସରଳ ଭାବେ ଉପସ୍ଥାପନ କରିପାରୁଥିଲେ। ଠାକୁରଙ୍କ କଥାଗୁଡିକ ତାଙ୍କ ପାଖରୁ ଶୁଣିବାକୁ ଭାରି ମଧୁର ଲାଗୁଥାଏ। ସେ ମୋ ଠାରୁ ବୟସରେ ବହୁତ ବଡ଼ ଥିଲେ ମଧ ଅନେକ ଅନ୍ତରଙ୍ଗ ଭାବ ନିଃସଂଶୟ ଭାବେ ପ୍ରକାଶ କରୁଥିଲେ ଯାହା କି ଆମ ପାଇଁ ଆଦର୍ଶ ଗୃହସ୍ଥ ଜୀବନ ଲାଗି ଆବଶ୍ୟକ। ମୋର ମନେପଡ଼େ, ଥରେ ଆମଘରେ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ମୋ ସହିତ ନୀଳାଚଳ ସାରସ୍ୱତ ସଙ୍ଘର ଇତିବୃତ୍ତି ଓ ଶ୍ରୀଶ୍ରୀଠାକୁରଙ୍କ ଜୀବନୀ କିପରି ଲେଖାଯାଇଥିଲା ମୋତେ ବୁଝାଇ କହିଥିଲେ। ପୂର୍ବ ପରିଚାଳକ ଶ୍ରୀ ଦୁର୍ଗାଚରଣ ଭାଇଙ୍କ ଦ୍ୱାରା ସେ ଏତେ

ପ୍ରଭାବିତ ହୋଇଥିଲେ କି ତାଙ୍କ କଥା ଅନୁସାରେ ସେ ହେମଭାଇ (ଶକ୍ତିନଗର ଶାଖାସଂଘର ପୂର୍ବତନ ସମ୍ପାଦକ), ଭାଗିରଥି ଭାଇ ଇତ୍ୟାଦି କେତେଜଣ ଗୁରୁଭାଇଙ୍କ ସହିତ ମିଶି ଆଶ୍ରମ ପାଖରେ ଜାଗା କିଣି ବାସଗୃହ କରି ରହିଲେ ଓ ଶେଷ ଜୀବନ ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁରଙ୍କ ସେବାନିରତ ରହି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପାଦପଦ୍ମରେ ଚିରବିଶ୍ରାମ ଲାଭ କଲେ। ଦୋଳଭାଇଙ୍କ ପରି ବହୁତ ବରିଷ୍ଠ ଭାଇମାନେ ଦିନକୁ ଦିନ ସ୍ଥୂଳଦେହ ରକ୍ଷା କରୁଛନ୍ତି ଦେଖି ବେଳେବେଳେ ମର୍ମାହତ ହୋଇଯାଉଛି। ଶ୍ରୀଶ୍ରୀଠାକୁରଙ୍କ ପାଖରେ ବିନମ୍ର ପ୍ରାର୍ଥନା ଯେପରି ସେ କୃପା କରି ଆମ ସମସ୍ତଙ୍କ ଭିତରେ ଏତିକି ଭକ୍ତି ଏବଂ ଶକ୍ତି ପ୍ରଦାନ କରନ୍ତୁ କି ତଦ୍ୱାରା ଆମେ ସମସ୍ତେ ଓ ଆମର ପର ପିଢ଼ି ତାଙ୍କର ମହାନ ଇଚ୍ଛାକୁ ରୂପ ଦେବାରେ କୌଣସି ତ୍ରୁଟି ନ କରୁ। ଏହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ସ୍ମୃତିଚାରଣ। 'ଜୟଗୁରୁ'।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ଶିବ ପ୍ରସାଦ କାଲିଆ**

ବାରିପଦା ଶାଖାସଂଘ, ବାରିପଦା

●●●

ଶ୍ରଦ୍ଧେୟ ଦୋଳ ଭାଇଙ୍କ ସହିତ ଆମର ପ୍ରଥମ ଦେଖା ହୋଇଥିଲା ୨୦୦୪ ମସିହାରେ Charlotteରେ ଅନୁଷ୍ଠିତ ଆମେରିକା ସାରସ୍ୱତ ସଂଘର ତୃତୀୟ ସମ୍ମିଳନୀରେ। ଆଗରୁ କେବେ ଦେଖା ହୋଇନଥିଲେ ବି ପ୍ରଥମ ଦେଖାରୁ ହିଁ ଲାଗିଥିଲା ସେ ଆମ ନିଜ ପରିବାରର ଜଣେ ସଦସ୍ୟ ଓ ତାଙ୍କର ସ୍ନେହ ଅତୁଳନୀୟ। ଭାଇ ଅନେକ ଥର ଆମେରିକା ଆସିଥିବା ବେଳେ ଆମର ଅତି ସୌଭାଗ୍ୟ ଯେ ସେ ଆମ ବାସଗୃହକୁ ଆସି ଆମ ସହିତ କିଛି ସମୟ ଅତିବାହିତ କରିପାରିଥିଲେ। ଥରେ ଶ୍ରୀଶ୍ରୀଠାକୁର ଆମେରିକା ସାରସ୍ୱତ ସଂଘର ସମ୍ମିଳନୀରୁ ଫେରୁଥିବା ବେଳେ ପଥପ୍ରାନ୍ତରେ ଆମ ଗୃହାସନରେ ରାତ୍ରିଯାପନ କରିବାର ସୌଭାଗ୍ୟ ଆମକୁ ମିଳିଥିଲା। ସେହି ସମୟରେ ଦୋଳ ଭାଇ ଆମକୁ ଶ୍ରୀଶ୍ରୀଠାକୁରଙ୍କର କିପରି ସୁଚାରୁ ରୂପରେ ପୂଜାର୍ଚ୍ଚନା କରାଯାଏ ତାହା ଶିଖାଇ ଦେଇଥିଲେ।

ଦୋଳ ଭାଇ ଶ୍ରୀଶ୍ରୀଠାକୁରଙ୍କ ଭାବଧାରାକୁ ଅତି ସହଜ ଓ ସରଳ ଭାବରେ ଆମକୁ ବୁଝାଇ ଦେଇପାରୁଥିଲେ। ୨୦୦୬ ମସିହାରେ ଶ୍ରୀ ଜୟଦେବ ସେବା ଶିକ୍ଷାର୍ଥୀ ମଣ୍ଡଳର ଶୁଭାରମ୍ଭ ସମୟରେ ଦୋଳ ଭାଇ ମଧ୍ୟ ପ୍ରମୋଦ ଭାଇଙ୍କ ସହିତ ଉପସ୍ଥିତ ରହି ଆମକୁ କ୍ରିୟାଶିକ୍ଷାରେ ସହାୟତା କରିଥିଲେ। କିଛି ବର୍ଷ ପରେ ସେ ନିଜେ ମଧ୍ୟ କେନ୍ଦ୍ର ଶିକ୍ଷା ପ୍ରତିନିଧି ଭାବେ ଆମକୁ କ୍ରିୟାଶିକ୍ଷା ପ୍ରଦାନ କରିଥିଲେ। ଆମ ବ୍ୟସ୍ତ ଜୀବନରେ ଆମେ କିପରି ଶ୍ରୀଶ୍ରୀଠାକୁରଙ୍କ ଭାବଧାରାକୁ ଅତି ସହଜ ଉପାୟରେ କାର୍ଯ୍ୟକାରୀ କରିପାରିବା ସେ ବତାଇ ଦେଇଛନ୍ତି। ଆମେ ଦୋଳ ଭାଇଙ୍କ ସଂସ୍ପର୍ଶ ଆସିପାରିଥିବାରୁ ନିଜକୁ ଚିରକୃତଜ୍ଞ ମନେ କରୁଅଛୁ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ପ୍ରଭାକର ବାଇ**

ଆମେରିକା ସାରସ୍ୱତ ସଂଘ

●●●

ସନ୍ନ୍ୟାସୀ ଠାକୁର ସ୍ନାନ ଶେଷରେ ଶ୍ରୀଗୀତା ପାଠରେ ମଗ୍ନ। ସ୍ଥାନ ଗୌହାଟୀ। ଗୃହସ୍ୱାମୀ ପ୍ରଶ୍ନ କଲେ, ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ଧ୍ରୁବୋ ଜନ୍ମ ମୃତସ୍ୟ। ଜନ୍ମଗ୍ରହଣ କଲେ ମୃତ୍ୟୁ ସୁନିଶ୍ଚିତ ଓ ମୃତ୍ୟୁ ହେଲେ ପୁନଶ୍ଚ ଜନନୀ ଜଠରରେ ଶୟନ କରିବାକୁ ପଡ଼ିବ। ଏହା ଭାବି ମୁଁ ଆଉ ଗୀତାପାଠ କରୁନାହିଁ। ଏହି ପ୍ରଶ୍ନ ଶ୍ରୀଶ୍ରୀଠାକୁରଙ୍କ ଯୋଗ ସାଧନା ସମୟରେ କରିଥିଲେ ଗୌହାଟୀର Extra Asst. Commissioner ଯଜ୍ଞେଶ୍ୱର ବିଶ୍ୱାସ। ଉତ୍ତରରେ ଶ୍ରୀଶ୍ରୀଠାକୁର କହିଥିଲେ ତିନୋଟି କଥା - ୧. ଜନ୍ମ ହୋଇ ଗୁରୁବରଣ କରି ତାଙ୍କ ଆଦେଶ ଉପଦେଶ ମାନି ଚଳିଲେ ଅନୁଭୂତି ହେବ ମୋର ଜନ୍ମ ନାହିଁ ଓ ମୃତ୍ୟୁ ମଧ୍ୟ ନାହିଁ। ୨. କେବଳ ଏହି ସ୍ଥୂଳଦେହର ଆଗମନ ଓ ପ୍ରସ୍ଥାନ ଧରାପୃଷ୍ଠକୁ। ୩. ସେହି ସ୍ଥୂଳଦେହ ଯିବା ଆସିବା ମଧ୍ୟ ବନ୍ଦ ହୋଇଯିବ। ଗୁରୁକୃପାରୁ ଆତ୍ମଜ୍ଞାନ ଲାଭ ହୋଇ ମୁକ୍ତ ହୋଇପାରିଲେ ହିଁ ଏହି ସ୍ଥୂଳଦେହର ଯିବାଆସିବା ବନ୍ଦ ହୋଇଯିବ।

ଉପରୋକ୍ତ ତିନୋଟି କଥା ହିଁ ପ୍ରଯୁଜ୍ୟ ନିକଟ ଅତୀତରେ ଏହି ଧରାପୃଷ୍ଠରୁ ବିଦାୟ ନେଇ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣକୁ ଚିରଦିନ ପାଇଁ ଚାଲିଯାଇଥିବା ରାଉରକେଲା ଶକ୍ତିନଗର ସଂଘର ଦୋଳଗୋବିନ୍ଦ ଦ୍ୱିବେଦୀ ଭାଇଙ୍କ ପାଇଁ। ସାରସ୍ୱତ ଜଗତର ଜଣେ ପ୍ରବାଦପୁରୁଷ ଥିଲେ। କେଉଁ ଏକ ସୁଦୂର ଅତୀତରେ ତାଙ୍କ ସହ ଘନିଷ୍ଠତା ଜନ୍ମି ଥିଲା ଶକ୍ତିନଗର ଆଶ୍ରମରେ ପିଲାମାନେ ପଢୁଥିବା ସମୟରେ। ଝିଅ ରାଉରକେଲା

ସରକାରୀ ମହାବିଦ୍ୟାଳୟରେ ଛାତ୍ରୀ ହଷ୍ଟେଲରେ ଥିଲା। ମୋର ଦୁଇପୁଅ ବାହାର ମେସ୍‌ରେ ରହି ପାଠ ପଢ଼ିବା କଥା ଆଶ୍ରମରେ ଆଲୋଚନା ହେବା ମାତ୍ରେ ଦୋଳ ଭାଇ ଓ ହେମ ଭାଇ କହିଥିଲେ, ଆମ ପିଲା, ଆଶ୍ରମରେ ରହି ପାଠ ପଢ଼ିବେ। ଶ୍ରୀଶ୍ରୀଠାକୁରଙ୍କ କୃପା। କୃତଜ୍ଞତାରେ ଏହି ଦୁଇଭାଇଙ୍କ ପ୍ରତି ମନ ଭରିଯାଇଥିଲା ଓ ଏହି ପ୍ରସ୍ତାବରେ ଅନ୍ୟମାନେ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ। ପରବର୍ତ୍ତୀ କାଳରେ ତାଙ୍କ ସହିତ ଶ୍ରୀଶ୍ରୀଠାକୁରଙ୍କ ପ୍ରସଙ୍ଗରେ କେତେ ବିନିଦ୍ର ରଜନୀ ଅତିବାହିତ ହୋଇଛି। The more I dive, the more I find – ଯେତେ ଆଲୋଚନାର ଗଭୀରତାକୁ ଯାଇଛି, ସେତେ ଆଶ୍ଚର୍ଯ୍ୟ ହୋଇଛି। ତାଙ୍କ ଜ୍ଞାନର ପରିସର, ନିଷ୍ଠା, ସାଧନା, ଗୁରୁଗତ ପ୍ରାଣତା, ଭକ୍ତମାନଙ୍କୁ ଭଲ ପାଇ ନିଜର କରିନେବା।

ଆଜି ସ୍ଥୂଳଦେହରେ ସେ ଏହି ସ୍ଥୂଳ ଜଗତରେ ନାହାନ୍ତି। କିନ୍ତୁ ତାଙ୍କ ଅମର ସ୍ମୃତି ମନ ମଣିକୋଠାରେ ଅମର ହୋଇରହିବ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ନବକିଶୋର ନାୟକ**

ସଭାପତି, ଝାରସୁଗୁଡ଼ା ଶାଖାସଂଘ

●●●

ଦୋଳ ଭାଇଙ୍କୁ ମୁ ଯେବେ ପ୍ରଥମ ଥର ପାଇଁ ଦେଖିଲି, ମୋର ମନେ ପଡିଗଲା ମୋର ଜେଜେ ବାପାଙ୍କ କଥା। ସେମିତି ହସ ହସ ମୁଖ, ସେମିତି କଥାବାର୍ତ୍ତା କରିବାର ଅନ୍ଦାଜ, ଆଉ ଠିକ୍ ସେଇ ନାମ। ମୋ ଜେଜେଙ୍କ ନା ଥିଲା ଦୋଳ ଗୋବିନ୍ଦ ଦାସ।

ଦୋଳ ଭାଇ ଯେଉଁ ଭାବରେ ଠାକୁରଙ୍କ କଥା କୁହନ୍ତି , ଲାଗେ ଯେପରି ଠାକୁର ତାଙ୍କ ସ୍ଥୂଳଦେହରେ ଏବେ ବି ଅଛନ୍ତି। ୨୦୨୩ ଡିସେମ୍ବର ମସିହାରେ ମୁଁ ରାଉରକେଲାରେ ଥିଲା ବେଳେ ଦୋଳ ଭାଇ ସହିତ ଅନ୍ତିମ ଥର ପାଇଁ ଦେଖା କରିଥିଲି। ଯେମିତି ମୋତେ ସବୁବେଳେ ପଚାରନ୍ତି, ସେ କହିଲେ, ପ୍ରଥମେ ପୁରା ଆଶ୍ରମ ପାଖରେ ଥିଲ, Georgia କାହିଁକି ଯାଉଥିଲ ? ମୁଁ କିଛି କହିବା ଆଗରୁ ଉତ୍ତର ବି ସେ ଦେଇଦେବେ, କ'ଣ କରିବ, ଚାକିରି ଯୁଆଡେ ମିଳିବ ସେଇଠି ଯିବାକୁ ପଡିବ। ହେଇ ଜ୍ଞାନ ବି ମଝିରେ California ରେ ଥିଲା, ଏବେ ପୂରା ଆଶ୍ରମ ପାଖରେ ଅଛି, ତମେ ବି ଚାକିରି ସାରି ଆସିଯିବ ଠାକୁରଙ୍କ ଆଶ୍ରମ ପାଖକୁ।

ଏତିକି ମୁଁ ଜାଣିଛି, ଦୋଳ ଭାଇ ଠାକୁରଙ୍କ ଶ୍ରୀଚରଣରେ ଆଶ୍ରୟ ଲାଭ କଲେ, ତାଙ୍କୁ ଠାକୁର ଆଉ ମୃତଲୋକକୁ ଛାଡିବେ ନାହିଁ। ସେଠାରେ ଥାଇ ଦୋଳ ଭାଇ ସବୁ ସମୟରେ ଆମମାନଙ୍କୁ ସଠିକ୍ ମାର୍ଗ ଦର୍ଶନ କରାଇବେ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ସାର୍ଥକ ମହାନ୍ତି**

ଆମେରିକା ସାରସ୍ୱତ ସଂଘ

●●●

ଶ୍ରଦ୍ଧେୟ ଦୋଳଗୋବିନ୍ଦ ଭାଇ ହଠାତ୍ ଚାଲିଗଲେ ସ୍ୱଧାମକୁ। ଯେତେବେଳେ ଏହି ଖବର ଶୁଣିଲି 'ସୁଖ ମରଣ' ପ୍ରଥମେ ମନକୁ ଆସିଲା। ଶ୍ରଦ୍ଧେୟ ଦୋଳଗୋବିନ୍ଦ ଭାଇ ଖୁବ୍ ଭାଗ୍ୟବାନ। ଶ୍ରୀଗୁରୁ ଚରଣାଶ୍ରିତ ହୋଇ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଲାଗିଗଲେ। ଶରୀର ଅସୁସ୍ଥ ଲାଗୁଥିବାରୁ ଶୀଘ୍ର ଫୁଲମାଳ ଗୁନ୍ଥି ଦେଇଥିଲେ।

"ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି।"

ସାରା ଜୀବନର ଗୁରୁଭକ୍ତି, ସାଧନା, ସବୁ ଫଳବତୀ ହୋଇଛି। ଭାଇଙ୍କୁ 'ସହସ୍ର ପୂର୍ଣ୍ଣଚନ୍ଦ୍ର' ଦର୍ଶନ ମଧ୍ୟ ଲାଭ ହୋଇଛି। ଉତ୍ତରାୟଣରେ ଶ୍ରୀଶ୍ରୀଠାକୁର ହାତ ଧରି ନେଇଯାଇଛନ୍ତି।

୨୦୦୦ ମସିହା ପ୍ରାରମ୍ଭରେ ଦୋଳଗୋବିନ୍ଦ ଭାଇଙ୍କ ସହିତ ସେ ସତ୍‌ଶିକ୍ଷା ମନ୍ଦିରରେ ଥିବାବେଳେ ପ୍ରଥମେ କଥା ହୋଇଥିଲି। ସେ ଆମେରିକା ଆସିବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ଆମେରିକାରେ ଭାଇ ଥିବାବେଳେ ବହୁତ ଥର ଓ ବହୁତ ସମୟ ଧରି ଭାଇଙ୍କ ସହ ଆମ ଘରଭାଇ (ବିଶ୍ୱଜିତ ରାୟ) ଓ ମୁଁ କଥା ହେଉ। ଶ୍ରୀଶ୍ରୀଠାକୁରଙ୍କ ପ୍ରସଙ୍ଗ କହୁ କହୁ ଭାଇ ଭାବବିହ୍ୱଳ ହୋଇଯାଆନ୍ତି। ଦୋଳଗୋବିନ୍ଦ ଭାଇ ଆମ ଘରଭାଇଙ୍କୁ କେତୋଟି ଚିଠି ଲେଖିଥିଲେ। ତାହା 'ସାରସ୍ୱତ ମାଧୁରୀ'ରେ ପ୍ରକାଶ କରିଥିଲୁ। ୨୦୦୪ ମସିହାରେ ଆମର ସାରଲୋଟ୍ ଗୃହାସନରେ ପ୍ରଥମ କରି ଦେଖା ହୋଇଥିଲା। ଦୋଳଗୋବିନ୍ଦ ଭାଇ, ମାଳତୀ ମା', ଜ୍ଞାନ ଭାଇ, ଶିବାନୀ ମା' ଆମେରିକା ସାରସ୍ୱତ ସଂଘର

ତୃତୀୟ ବାର୍ଷିକ ଭକ୍ତ ସମ୍ମିଳନୀ ସାର୍‌ଲୋଟ୍ ହିନ୍ଦୁ ମନ୍ଦିରରେ ଅନୁଷ୍ଠିତ ହେଉଥିବାରୁ ଯୋଗଦେବାକୁ ଆସିଥିଲେ। ଦୋଳଗୋବିନ୍ଦ ଭାଇ ଆମ ଗୃହାସନରେ ପହଞ୍ଚି ବହୁତ ଖୁସି ହୋଇଥିଲେ। ମୋତେ କହିଥିଲେ, 'ଶ୍ରୀଶ୍ରୀଠାକୁରଙ୍କ କାମରେ ଲାଗିପଡ଼, ସେ ସବୁ ଆପଣଙ୍କ ଦ୍ୱାରା କରାଇନେବେ।' ତା'ପରେ ୨୦୦୬ ମସିହାରେ ଦୋଳଗୋବିନ୍ଦ ଭାଇ ଆମ ସାର୍‌ଲୋଟ୍ ଗୃହାସନରେ ଶ୍ରୀଜୟଦେବ ସେବା ଶିକ୍ଷାର୍ଥୀ ମଣ୍ଡଳର ସଂକଳ୍ପ ନିମନ୍ତେ ହୋମ ଓ ଅନ୍ୟାନ୍ୟ ପୂଜା କରାଇଥିଲେ। ସେହି ଗୃହାସନରେ ଶ୍ରୀଜୟଦେବ ସେବା ଶିକ୍ଷାର୍ଥୀ ମଣ୍ଡଳ କ୍ଲାସପୂଜା ଆରମ୍ଭ ହୋଇଥିଲା। ଦୋଳଗୋବିନ୍ଦ ଭାଇ ଅନେକ ଥର ଆମ ଗୃହାସନକୁ ଭକ୍ତ ସମ୍ମିଳନୀ ଯୋଗଦେବା ସମୟରେ ଆସି ଆମକୁ ସେବାର ସୁଯୋଗ ଦେଇଛନ୍ତି। ଆମର ପରମ ସୌଭାଗ୍ୟ ବହୁବାର ସେ ଆମର ଗୃହାସନ ବାର୍ଷିକ ଉତ୍ସବରେ ଯୋଗ ଦେଇଛନ୍ତି। ସବୁବେଳେ ହସ ହସ ମୁଖରେ ଶ୍ରୀଶ୍ରୀଠାକୁରଙ୍କ କଥା। ବହୁତ ଭଲ ପାଉଥିଲେ ଆମ ଘରଭାଇ ଓ ମୋତେ। ଭକ୍ତି ଓ ଜ୍ଞାନଙ୍କୁ ବହୁତ ଆଶୀର୍ବାଦ କରିଛନ୍ତି। ଏବେ ମନେ ପଡ଼ିଯାଉଛି, ଦୋଳଗୋବିନ୍ଦ ଭାଇ ୨୦୦୬ ମସିହାରେ ମୋତେ ବହୁବାର କହିଥିଲେ, 'ଏଠାରେ ଏହି ନର୍ଥ କାରୋଲିନା ରାଜ୍ୟରେ 'ଆମେରିକା ସାରସ୍ୱତ ସଂଘ'ର ଆସନ ମନ୍ଦିର ହେବ। ଶ୍ରୀଶ୍ରୀଠାକୁର ଆପଣମାନଙ୍କୁ ତାଙ୍କ ସେବାରେ ଲାଗଇବେ। ଆପଣମାନେ ପ୍ରସ୍ତୁତ ହୋଇ ରହନ୍ତୁ।'

ଦୋଳଗୋବିନ୍ଦ ଭାଇଙ୍କ କଥା ସତ ହୋଇଥିଲା। ଶ୍ରୀଶ୍ରୀଠାକୁର ସେହି ଶୁଦ୍ଧାତ୍ମାଙ୍କ ଦ୍ୱାରା 'ଆମେରିକା ସାରସ୍ୱତ ସଂଘ' ଆସନ ମନ୍ଦିରର ଭୂମିପୂଜା, ପ୍ରତିଷ୍ଠା ସବୁ କିଛି କରାଇଥିଲେ। ମୋର ସମ୍ମାନୀୟ ଦୋଳଗୋବିନ୍ଦ ଭାଇଙ୍କର ହସ ହସ ମୁଖ, ସ୍ନେହବୋଳା କଥା ଚିରସ୍ମରଣୀୟ ରହିବ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ ସ୍ମିତା ରାୟ**

ଆମେରିକା ସାରସ୍ୱତ ସଂଘ

●●●

ଶ୍ରଦ୍ଧେୟ ଦୋଳଗୋବିନ୍ଦ ଦ୍ୱିବେଦୀ ଭାଇଙ୍କୁ ପ୍ରଥମେ ୨୦୦୧ ମସିହାରେ ଜାଣିବାକୁ ପାଇଥିଲି। ତା ୪ ଅଗଷ୍ଟ ୨୦୦୧ ରିଖରେ ଶ୍ରୀଶ୍ରୀଠାକୁରଙ୍କ ପବିତ୍ର ଶୁଭ ଜନ୍ମୋତ୍ସବ ପଡୁଥିବାରୁ ଆମେରିକାରେ ବାସ କରୁଥିବା ଭକ୍ତମାନଙ୍କ ମଧ୍ୟରୁ ସାତଟି ପରିବାର ଅମରେଶ ତ୍ରିପାଠ ଭାଇ, ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ ଓ ଶିବାନୀ ମା', ବିଶ୍ୱଜିତ ସୁନ୍ଦରରାୟ ଭାଇ ଓ ସ୍ମିତା ମା', ରବି ତ୍ରିପାଠୀ ଭାଇ ଓ ଗୀତା ମା', ବ୍ରଜେନ୍ଦ୍ର ପଣ୍ଡା ଭାଇ ଓ ରଶ୍ମି ମା, ଶିବାନୀ ମହାନ୍ତି ମା' ଓ ବନଲତା ମା' ଓ ଅଞ୍ଜନା ମା' ଫୋନ ମାଧ୍ୟମରେ ଯୋଗ ଦେଇ ପ୍ରଥମ ଅଧିବେଶନ ଆରମ୍ଭ କରିଥିଲେ। ଏହି ଅଧିବେଶନରେ ଦୋଳଗୋବିନ୍ଦ ଭାଇ ଓ ମାଳତୀ ମା' ଯୋଗ ଦେଇ ମତ ଦେଇଥିଲେ, ତୁମେମାନେ ବର୍ଷକୁ ଥରେ ଏକତ୍ର ହୋଇ ଗୋଟିଏ ସ୍ଥାନରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପୂଜା କର। ତାଙ୍କ ପରାମର୍ଶରେ ଆମେ ଆମେରିକାରେ ଭକ୍ତ ସମ୍ମିଳନୀ କରିବା ପାଇଁ କେନ୍ଦ୍ରର ଅନୁମତି ପ୍ରାର୍ଥନା କରିଥିଲୁ। ଯାହାଫଳରେ ୨୦୦୨ ମସିହାର କେନ୍ଦ୍ର ଅନୁମୋଦନ କ୍ରମେ 'ଆମେରିକା ସାରସ୍ୱତ ପାଠଚକ୍ର'ର ପ୍ରଥମ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ପ୍ରକାଶ ହେଉଥିବା 'ସାରସ୍ୱତ ମାଧୁରୀ' ପୁସ୍ତକରେ ଦୋଳ ଭାଇ ଦେଇଥିବା 'ଗୁରୁତତ୍ତ୍ୱ' ବିଷୟରେ ପ୍ରବନ୍ଧ ପ୍ରକାଶିତ ହୋଇଥିଲା। ଆମେରିକା ସମ୍ମିଳନୀର ତୃତୀୟ ଅଧିବେଶନ ସାର୍‌ଲୋଟ୍ ଠାରେ ୨୦୦୪ ମସିହାରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଦୋଳ ଗୋବିନ୍ଦ ଭାଇ ଓ ମାଳତୀ ମା'ଙ୍କୁ ମୋର ପ୍ରଥମ ଥର ଦେଖା ହୋଇଥିଲା।

ଆମେରିକାରେ ରହୁଥିବା ଭାଇମାନେ ଓଡ଼ିଶା ଯାଇ କ୍ଲାସପୂଜାରେ ଯୋଗଦେବା ସମ୍ଭବ ନ ହେବା ଅନୁଭବ କରି ଏଠାରେ କିପରି ସଂକଳ୍ପ କରି କ୍ଲାସପୂଜା ହୋଇପାରିବ, ସେଥିପାଇଁ ସେ ଆମକୁ ଉପଯୁକ୍ତ ପରାମର୍ଶ ଦେଇଥିଲେ। ୨୦୦୬ ମସିହାରେ କେନ୍ଦ୍ର ଶିକ୍ଷା ପ୍ରତିନିଧି ପ୍ରମୋଦ ମହାନ୍ତି ଭାଇଙ୍କ ସହ ଆସି 'ଶ୍ରୀ ଜୟଦେବ ସେବା ଶିକ୍ଷାର୍ଥୀ ମଣ୍ଡଳ' ଗଠନ କରି ସେ ମଣ୍ଡଳ ସଦସ୍ୟମାନଙ୍କୁ ଆମ ସାରଲୋଟ୍ ଗୃହାସନରେ ସଂକଳ୍ପ କରାଇଥିଲେ। ସେହିବର୍ଷ ଆମ ସାରଲୋଟ ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କ ଆସନ ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ତା ୪ ଜୁଲାଇ ୨୦୦୬ରିଖ ଦିନ ପୂଜାରେ ଯୋଗଦେଇ ଆମକୁ ସେବାର ସୁଯୋଗ ଦେଇଥିଲେ। ଜୟଦେବ ସେବା ଶିକ୍ଷାର୍ଥୀ ମଣ୍ଡଳର ପଞ୍ଚମ ଅଧିବେଶନ ୨୦୧୦ ମସିହାରେ ବ୍ଲାକ୍ ମାଉଣ୍ଟେନ୍ ଠାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଶିକ୍ଷା ପ୍ରତିନିଧି ପ୍ରମୋଦ ଭାଇଙ୍କ ସହ ଦୋଳ ଗୋବିନ୍ଦ ଭାଇ ଯୋଗ ଦେଇ ଆମମାନଙ୍କୁ ସାହାଯ୍ୟ କରିଥିଲେ। ୨୦୧୦ ମସିହାରେ ଆମେରିକା ସାରସ୍ୱତ ସଂଘର ଜମି କ୍ରୟ, ୨୦୧୨ ମସିହାରେ ଭୂମିପୂଜା ଓ ନିଗମ ସ୍ମୃତି ମନ୍ଦିର ପ୍ରତିଷ୍ଠାରେ ଦୋଳ ଭାଇଙ୍କ ଭୂମିକା ଚିରସ୍ମରଣୀୟ। ନିଗମ ସ୍ମୃତି ମନ୍ଦିରରେ ଅନୁଷ୍ଠିତ ଭକ୍ତ

ସମ୍ମିଳନୀର ସପ୍ତମ ଅଧିବେଶନ ଓ ଆମ ମଣ୍ଡଳର ନବମ ଅଧିବେଶନରେ ଯୋଗ ଦେଇ ଶ୍ରୀଶ୍ରୀଠାକୁରଙ୍କ ସେବାପୂଜାରେ ଅନେକ ସାହାଯ୍ୟ କରିଥିଲେ।

୨୦୧୪ ମସିହାରେ ଅନୁଷ୍ଠିତ ତ୍ରୟୋଦଶ ବାର୍ଷିକ ଭକ୍ତ ସମ୍ମିଳନୀରେ କେନ୍ଦ୍ର ପ୍ରତିନିଧି ଭାବରେ ଆମ ମଣ୍ଡଳ ପୂଜାର ନବମ ଅଧିବେଶନ ଦୋଳ ଗୋବିନ୍ଦ ଭାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଆମ ଗୃହାସନ ପ୍ରତିଷ୍ଠାର ଏକାଦଶ ବାର୍ଷିକ ଉତ୍ସବରେ ୨୬ ଜୁଲାଇ ୨୦୧୪ରେ ଦୋଳଗୋବିନ୍ଦ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ୨୦୧୫ ମସିହାରେ ସମ୍ମିଳନୀର ଚତୁର୍ଦ୍ଦଶ ବାର୍ଷିକ ଅଧିବେଶନ ପରିଚାଳକ ସଂଗ୍ରାମ କେଶରୀ ସିଂହ ଭାଇଙ୍କ ସହ ଆସି ଯୋଗ ଦେଇଥିଲେ। ଏହି ବର୍ଷ ଆମ ମଣ୍ଡଳର ଦଶମ ଅଧିବେଶନରେ କେନ୍ଦ୍ର ଶିକ୍ଷା ପ୍ରତିନିଧି ଭାବରେ ଯୋଗଦେଇ କ୍ଲାସ ପୂଜା ପରିଚାଳନା କରିଥିଲେ। ୨୦୧୬ ମସିହାରେ ଭକ୍ତ ସମ୍ମିଳନୀର ପଞ୍ଚଦଶ ବାର୍ଷିକ ଅଧିବେଶନ କେନ୍ଦ୍ର ପ୍ରତିନିଧି ଦୋଳଗୋବିନ୍ଦ ଭାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜୟଦେବ ସେବା ଶିକ୍ଷାର୍ଥୀ ମଣ୍ଡଳର ତ୍ରୟୋଦଶ ଅଧିବେଶନରେ କେନ୍ଦ୍ର ଶିକ୍ଷା ପ୍ରତିନିଧି ଭାବରେ ଦୋଳଗୋବିନ୍ଦ ଭାଇ ଯୋଗ ଦେଇଥିଲେ। ଆମ ଗୃହାସନ ପ୍ରତିଷ୍ଠାର ପଞ୍ଚଦଶ ବାର୍ଷିକ ଅଧିବେଶନ ସାରଲୋଟ୍ ଠାରେ ତା ୦୯ ଜୁନ୍ ୨୦୧୮ରିଖ ଦିନ ଦୋଳଗୋବିନ୍ଦ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ।

ସମ୍ମିଳନୀ, କ୍ଲାସ ପୂଜା ଓ ସଂଘପୂଜାରେ ଅନେକ ଥର ଆଲୋଚନା କରି ଭାଇ ଓ ମା'ମାନଙ୍କର ପ୍ରଶ୍ନର ଉତ୍ତର ପ୍ରଦାନ କରିଛନ୍ତି। ସେ ଜଣେ ପ୍ରାକ୍ଟିକାଲ ବ୍ୟକ୍ତି ଥିଲେ। ତାଙ୍କ ଠାରୁ ଯାହା ସବୁ ଶୁଣିଛୁ ଓ ଶିକ୍ଷାଲାଭ କରିଛୁ, ତାହା କିପରି ନିଜ ଜୀବନର ଫୁଟାଇ ପାରିବୁ, ସେଥିପାଇଁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛି।

କ୍ଲାସପୂଜାରେ କ୍ରିୟାର ପ୍ରଣାଳୀଗୁଡ଼ିକ କିପରି କରିବାକୁ ହେବ, ସେ ଆମକୁ ଶିଖାଇ ଦେଇଥିଲେ। କେଉଁ ପୁସ୍ତକରେ କ'ଣ ଲେଖା ହୋଇଛି, ସେସବୁ ମନ ରଖିଥିଲେ। ୨୦୧୮ ମସିହାରେ ସେ କ୍ରିୟାର ଏକ ତାଲିକା କରି ଆମକୁ ଦେଇଥିଲେ ଯାହାକୁ ଆମେ ଅନେକ ବର୍ଷ ଧରି ପଢ଼ି ଆଲୋଚନା କରିଥିଲୁ। ତାଙ୍କର ଶ୍ରୀଶ୍ରୀଠାକୁରଙ୍କ ପ୍ରତି ନିଷ୍ଠା, ସେବକ ଜୀବନ ଓ ସମର୍ପିତ ଜୀବନ ଆମକୁ ଅନୁପ୍ରାଣିତ କରୁ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ<br>**ବିଶ୍ୱଜିତ୍ ସୁନ୍ଦରରାୟ**<br>ସମ୍ପାଦକ, ଆମେରିକା ସାରସ୍ୱତ ସଂଘ

●●●

"ଜୀବନରେ ଫୁଲ ଫୁଟିଥିଲେ ସିନା
ମରଣରେ ବାସ ଚହଟିବ
ନ ଥିଲେ ଆକାଶେ ନିବିଡ଼ ନିରବ
ମେଘ ଧାରା କାହୁଁ ବରଷିବ।"

ଶ୍ରଦ୍ଧେୟ ଦୋଳଭାଇଙ୍କ ଜୀବନ ଏ ମର୍ମକଥାର ଜ୍ୱଳନ୍ତ ପ୍ରତିଫଳନ। ଯେତିକି ତାଙ୍କୁ ଦେଖିଛି, ଜାଣିଛି, ସେ ସାଧାରଣ ମଣିଷଟିଏ ନ ଥିଲେ। ସେ ଯେ ମନୁଷ୍ୟତ୍ୱରେ ପ୍ରତିଷ୍ଠିତ ଅସଲ ମଣିଷଟିଏ, ଆଦର୍ଶ ଗୃହୀ, ଏକନିଷ୍ଠ ସଂଘସେବୀ, ଏକାନ୍ତ ଠାକୁରଗତ ପ୍ରାଣ ଦିବ୍ୟ ସତ୍ତାଟିଏ ସେ। ସ୍ନେହଶୀଳ, ସଦାସ୍ମିତ, ଶାନ୍ତ, ସରଳ, ଜ୍ଞାନବନ୍ତ, ସ୍ଥିତପ୍ରଜ୍ଞ, ଭାବଭକ୍ତିର ଏକ ନିଚ୍ଛକ ପ୍ରତିମୂର୍ତ୍ତିଟିଏ। ଘର ବାହାର, ଆପଣାପର, ବାଳକ-ବୃଦ୍ଧ ସମସ୍ତଙ୍କୁ ସେ ଅଯାଚିତ ଅକୁଣ୍ଠ ସ୍ନେହ ପରଶରେ ଆପଣେଇ ନେଇପାରିଥିଲେ ସାରା ଜୀବନ। ରାଗ, ଦ୍ୱେଷ, ଈର୍ଷା, ଅହମିକା ଠାରୁ ସତେ ଯେପରି ସେ ଅସୀମ ଦୂରତ୍ୱ ରଖିବାକୁ ସମର୍ଥ ହୋଇପାରିଥିଲେ। ବ୍ୟକ୍ତିଗତ, ସାମାଜିକ, ଆଧ୍ୟାତ୍ମିକ ସକଳ ପରିସରରେ ସେ ସଦା ପ୍ରସ୍ତୁତ, ପ୍ରଶାନ୍ତ ଓ ପ୍ରସ୍ଫୁଟିତ। ସୁଖଦୁଃଖ, ଯାତନା-ଜଞ୍ଜାଳର କଷଟି ପଥରରେ ସେ ଅହରହ ପରୀକ୍ଷିତ ଓ ପ୍ରଜ୍ଜ୍ୱଳିତ। ତାଙ୍କର ସେ ହସହସ ମୁହଁ, କୋମଳ ମଧୁର କଥା, ସ୍ୱଚ୍ଛ ଉଦାର ମନ ଓ ପ୍ରଖର ପ୍ରଦୀପ୍ତ ଚିନ୍ତା-ଚୈତନ୍ୟ ସମସ୍ତଙ୍କୁ ପ୍ରେରଣା-ଉନ୍ମାଦନା ପ୍ରଦାନ କରିଛି ଜୀବନର ଉତ୍ତରଣ ମାର୍ଗରେ ଆଗକୁ ଆଗକୁ ଆଗେଇଯିବା ପାଇଁ।

ସେହି ସରଳ, ନିରଭିମାନ, ନମ୍ର, ମେଳାପୀ ଦୋଳଭାଇଙ୍କର ଆଦର୍ଶ ବ୍ୟକ୍ତିତ୍ୱର ସୁଶୀତଳ, ସୁମନୋହର, ମହକ ପରଶରେ ପାଇଛୁ ଆମେ; ସାଧୁସଙ୍ଗର ଏ ଅପୂର୍ବ ସୌଭାଗ୍ୟ-ସୁଯୋଗ, ସତରେ ଭାଷାରେ ଅବର୍ଣ୍ଣନୀୟ। ଆମେରିକା ସଂଘ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଆମେରିକାରେ ପାଠଚକ୍ରରୁ ସଂଘ-ସମ୍ମିଳନୀର ମାର୍ଗ ନିର୍ମାଣର ସେ ଅନ୍ୟତମ ପ୍ରମୁଖ ସୂତ୍ରଧର। ଦେଖାସାକ୍ଷାତରେ, ଗୃହାସନ ପୂଜାମାନଙ୍କରେ,

ସଂଘପୂଜାମାନଙ୍କରେ, ଆମେରିକା ସମ୍ମିଳନୀମାନଙ୍କରେ ତାଙ୍କର କେତେ କଥା, ଆଲୋଚନା ଆମ ମନକୁ ଅଧିକ ଠାକୁରମୁଖୀ ହେବାର ଖୋରାକ ଯୋଗାଇଛି। କେତେ ନୂଆ କଥା ଶୁଣିଛୁ ତାଙ୍କଠୁ, ବୁଝିଛୁ ଓ ଶିଖିଛୁ। ଅପରର ଦୋଷ ବଦଳରେ ଗୁଣ ଦର୍ଶନ ଯେ ଆତ୍ମିକ ଉନ୍ନତି ପଥରେ କେତେ ସାହାଯ୍ୟକାରୀ, ତା'ର ସତ୍ୟତା ସେ ବହୁବାର ଉପସ୍ଥାପନ କରିଛନ୍ତି। ସନାତନ ବୈଦିକ ଭାବଧାରା ଅନୁଯାୟୀ ପ୍ରଭୁଙ୍କ ନିକଟରେ ସଦା ସଭିଙ୍କ ମଙ୍ଗଳ ପ୍ରାର୍ଥନାକୁ ସ୍ୱଭାବରେ ପରିଣତ କରିପାରିଲେ ରାଗ, ଦ୍ୱେଷ, ଅହଙ୍କାର, ଅଭିମାନ, ପରନିନ୍ଦା ଓ ପରଚର୍ଚ୍ଚା ଆଦି ପଥରୋଧକାରୀ କୁବୃତ୍ତିଗୁଡ଼ିକ ଯେ ମଳିନ ଓ ପ୍ରଭାବହୀନ ହୋଇଯାନ୍ତି, ଏହା ସେ ବହୁ ଗୁରୁତ୍ୱ ଦେଇ ବୁଝାଉଥିଲେ। ସଂସାର ତାଡ଼ନାରେ କର୍ମ ଜଞ୍ଜାଳର ପ୍ରଖର କଠୋର ଭଉଁରୀରେ ଉବୁଟୁବୁ ହେଲାବେଳେ ମଧ୍ୟ ବିଶ୍ୱାସ ହରାଇବା ନାହିଁ। ଆମର ପରମ ମଙ୍ଗଳମୟ ଶ୍ରୀଶ୍ରୀଗୁରୁଦେବଙ୍କ ଶ୍ରୀପୟରକୁ ଜାବୁଡ଼ି ଧରିଥିବା। ଏହି ବିଶ୍ୱାସ ଓ ନିର୍ଭରତା ହିଁ ଯେ ସବୁରି ମୂଳ।

ଶ୍ରୀଶ୍ରୀଠାକୁରଙ୍କ କଥା, 'ଜୀବନ କେବଳ ମରଣ ନିମିତ୍ତ ଆୟୋଜନ; ଭଲ ମରଣର ଆୟୋଜନ କରିବାକୁ ହେଲେ, 'ଭଲ'ର ଉପାସନାରେ ଜୀବନ ଉତ୍ସର୍ଗ କରିବା ହେଉଛି ଏକମାତ୍ର ଅନିବାର୍ଯ୍ୟ ସାଧନା। ଅହରହ ଗୁରୁନାମ ଓ ଗୁରୁଚିନ୍ତାକୁ ପାଥେୟ କରି ଦୋଳଭାଇ ତାଙ୍କରି କଥା ମାନି ତାଙ୍କରି ଭାବରେ ନିଜ ଜୀବନକୁ ଭଲର ଉପାସନା ସାଧନାରେ ପୂର୍ଣ୍ଣ କରିପାରିଥିଲେ। ଏ ଦୁନିଆ ରଙ୍ଗମଞ୍ଚରେ ନିଜର ଭୂମିକାକୁ ଯଥାର୍ଥ ନିଖୁଣ ଭାବରେ ଉପସ୍ଥାପନା ଓ ସମ୍ପାଦନ କରି ସେ ତାଙ୍କ ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କର ସାର୍ଥକ ସମର୍ପିତ ଜୀବନ ଗାଥା, ତାଙ୍କର ଗୁରୁଭକ୍ତି, ସେବା, ନିଷ୍ଠା ଓ ବିଶ୍ୱାସମୟତା ଆମ ସମସ୍ତଙ୍କ ଭିତରେ ସଦା ଜୀବନ୍ତ ଓ ପ୍ରାଣବନ୍ତ ହୋଇ ରହିଥାଉ। ଶ୍ରୀଛାମୁରେ ଏତିକି ବିନୀତ ଅଳି।

"ତୁମ ରୂପ ଦେଖି ତୁମ ଗୁଣ ଗାଇ<br>ତୁମରି ଆଦେଶ ପାଳି<br>ଏ ମର ଜୀବନେ କରି ଉଦ୍‌ଯାପନ<br>ଯିବୁ ନିତ୍ୟଧାମେ ଚାଲି।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା<br>**ଶ୍ରୀମତୀ ବେଦମତୀ ଉପାଧ୍ୟାୟ**<br>ଆମେରିକା ସାରସ୍ୱତ ସଂଘ

●●●

ଓଡ଼ିଶା ପଶ୍ଚିମାଞ୍ଚଳର ଝାରସୁଗୁଡ଼ାରେ ନୀଳାଚଳ ସାରସ୍ୱତ ସଂଘର ଆସନ ମନ୍ଦିର ୧୯୭୫ ପ୍ରତିଷ୍ଠା ହୋଇଥିଲା, କିନ୍ତୁ ମୋର ପିଲାଦିନର ସ୍ମୃତିରେ ଆସନ ମନ୍ଦିରର ଉତ୍ସବ ଆଉ ସେଥିରେ ଯୋଗଦାନ କରିଥିବା ଆଞ୍ଚଳିକ ଶାଖାସଂଘମାନଙ୍କର ଭକ୍ତମାନଙ୍କ କଥା। ସେଥିମଧ୍ୟରୁ ଯଦି ଦୋଳ ଭାଇ ଆସିଥିବେ, ତାଙ୍କ କଥା ଝାରସୁଗୁଡ଼ା ସଂଘର ସମସ୍ତ ଭାଇ, ମା' ଓ ବିଶେଷ କରି ମୋ ବାପାଙ୍କ ତୁଣ୍ଡରେ ସବୁବେଳେ ଶୁଣାଯାଏ। ସମସ୍ତଙ୍କର ଦୋଳ ଭାଇଙ୍କ ପ୍ରତି ଭଲ ପାଇବା ସମ୍ମାନ ଓ ମୋ ଭଳି ଅନ୍ୟାନ୍ୟ ପିଲାମାନଙ୍କ ମନରେ ତାଙ୍କ ପ୍ରତି ଆସିଥିଲା ଜଣେ ପ୍ରକୃତ ସାଧୁଙ୍କ ସହିତ ମିଶିବା। ଠାକୁରଙ୍କ ବହିରେ ଯାହା ସେତେବେଳେ ପଢ଼ିଥିଲି 'ସିଝା ଆଳୁ ପରି ନରମ ହେବ', ଦୋଳ ଭାଇଙ୍କୁ ଛୋଟବେଳୁ ସେମିତି ଦେଖିଆସିଛି ଓ ଶିଖିବା ପାଇଁ ଚେଷ୍ଟା କରିଛି । ମୋର +୨ ପାଠ ଶେଷ ହେଲା ପରେ ତାଙ୍କରି ପରାମର୍ଶ ଓ ସାହାଯ୍ୟ ପାଇ ମୁଁ ଓ ମୋ ଛୋଟ ଭାଇ (ମାଟ୍ରିକ ପାସ ପରେ) ୨୦୦୦ ମସିହାରେ ଏକ ସାଙ୍ଗରେ ବ୍ରଜରାଜନଗରରୁ ରାଉରକେଲା ଆସନ ମନ୍ଦିରରେ ରହି ଠାକୁରଙ୍କ ସେବା ସଂଗେ ସଂଗେ ମୁଁ engineering preparation କରିଥିଲି ଓ ସାନ ଭାଇ +୨ ପଢିଥିଲା। ସେହି ସମୟରୁ ଦୋଳ ଭାଇଙ୍କ ଘରକୁ ପ୍ରାୟ ସବୁଦିନ ଯାତାୟାତ ହୁଏ। ଭାଇ ଓ ମାଆଙ୍କ ସ୍ନେହ ଓ ସବୁଦିନ ତାଙ୍କ ଘରେ ପ୍ରସାଦ ଆମ ଦୁଇ ଭାଇଙ୍କ ପାଇଁ ସ୍ୱର୍ଗସୁଖ ଥିଲା। ଦୋଳ ଭାଇଙ୍କ ଘରେ ସବୁ କିଛି ଠାକୁରମୁଖୀ ଦେଖିଲି ଓ ନିଜକୁ ଠାକୁରଙ୍କ ସହ ସହଜ ଭାବ କିପରି ରଖିବାକୁ ହୁଏ ଶିକ୍ଷା ପାଇଲି।

ଯେତେବେଳେ ମୁଁ ତାଙ୍କ ଘରକୁ ଯାଏ ଦେଖେ 'ସରବେ ସେବା ନିରତ ଓ ସମ ଭାବେ ଆନନ୍ଦିତ'। ସବୁ କିଛି ଆଦର୍ଶ – ଏକ ଆଦର୍ଶ ପରିବାର। ଦୋଳ ଭାଇଙ୍କ ପ୍ରତି ମନରେ ଶ୍ରଦ୍ଧା ଆହୁରି ବଢିଯାଇଥିଲା। ୨୦୧୩ରେ ଆମେରିକା ଆସିବା ପରେ ତାଙ୍କ ପୁଅ ଜ୍ଞାନ ଭାଇଙ୍କ ସଙ୍ଗେ ପ୍ରଥମେ ଦେଖାହେଲା ଏବଂ ତା' ପରଠାରୁ ଏପର୍ଯ୍ୟନ୍ତ ମୁଁ ଅନୁଭବ କରୁଛି ଦୋଳ ଭାଇଙ୍କ ଶିକ୍ଷା ଓ ସାନିଧରେ ମୁଁ ମୋ ଜୀବନକୁ କିଛିଟା ଠାକୁରମୁଖୀ କରିପାରିଛି। ତାଙ୍କ ହସହସ ମୁଖ ଓ ତାଙ୍କ ସହ ୨୦୧୮ ମସିହାରେ ଆମେରିକା ସମ୍ମିଳନୀରେ ଶେଷ ଦେଖା ହେଲା

ବେଳେ ଯାହା କହିଥିଲେ କେବେ ବି ଏ ମନରୁ ଲିଭିବ ନାହିଁ । ସେ କହିଥିଲେ "ଯାହା ବି ଜୀବନରେ କର ଠାକୁରଙ୍କୁ ଜଣେଇ ଦେଇକି କର । ସେ ସମସ୍ତ ଭାର ନେବେ । ତାଙ୍କର ସବୁ ଦେବାର କ୍ଷମତା ଅଛି, ଏତିକି ବିଶ୍ୱାସ ରଖିଥିବ ।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ନିହାର ରଞ୍ଜନ ନାୟକ**

ଆମେରିକା ସାରସ୍ୱତ ସଂଘ

●●●

ଦିବଂଗତ ପିତୃତୁଲ୍ୟ ଦୋଳଭାଇଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୋଇଥିଲା ୨୦୦୧ ମସିହା ଜୁଲାଇ ମାସ ପ୍ରଥମ ସପ୍ତାହରେ । ଚିକାଗୋରେ ସେହିବର୍ଷ OSA (Odisha Society of Americas) Convention ଅନୁଷ୍ଠିତ ହେଉଥାଏ । ଦୋଳଭାଇ ଓ ଜ୍ଞାନଭାଇ ସପରିବାର ଏହି Convention ରେ ଯୋଗ ଦେବା ପାଇଁ Minneapolis ରୁ ଆସିଥାନ୍ତି । ସେହି ସମୟରେ ଚିକାଗୋସ୍ଥିତ ISKCON ମନ୍ଦିରର ଭକ୍ତବୃନ୍ଦ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଳନ କରୁଥାନ୍ତି । ଦୋଳଭାଇ ସପରିବାରେ ରଥଯାତ୍ରା ଦେଖିବାକୁ ଆସିଥାନ୍ତି । ମୋର ବଡ଼ଶଳା ପୃଥ୍ୱୀରାଜ ଭାଇ ଓ ମା' ମଧ୍ୟ ସେହି ସମୟରେ ଚିକାଗୋ OSA Convention ଦେଖିବା ପାଇଁ ଆସିଥାନ୍ତି । ଆମେ ସମସ୍ତେ ମଧ୍ୟ ରଥଯାତ୍ରା ଦେଖିବାକୁ ଯାଇଥିଲୁ । ପୃଥ୍ୱୀରାଜଭାଇ ଦୋଳଭାଇଙ୍କ ପରିବାରକୁ ଆଗରୁ ଜାଣିଥିଲେ । ସେ ଆମକୁ (ମୁଁ ଓ ଘର ମା') ସେମାନଙ୍କ ସହିତ ଚିହ୍ନା କରାଇଦେଲେ । ଦୋଳଭାଇ ସମସ୍ତଙ୍କୁ ଦେଖି ବହୁତ ଖୁସି ହୋଇ ଜିଜ୍ଞାସା କଲେ । ଆମ ନିମନ୍ତ୍ରଣରେ ଦୋଳଭାଇ ସପରିବାରେ ଆମ ଘରକୁ ମଧ୍ୟ ଆସିଥିଲେ । ଘରେ କହିଲେ, ତୁମେମାନେ କେତେଜଣ ଆମେରିକାରେ ରହିଲଣି । ସମସ୍ତେ କେମିତି ଯୋଗାଯୋଗ କରି ଶ୍ରୀଶ୍ରୀଠାକୁରଙ୍କ ଆଦେଶ, ଉପଦେଶ ଓ ମହିମା ବିଷୟରେ ଆଲୋଚନା କରନ୍ତନି ? ତୁମେ ସବୁ ପ୍ରଥମ ପଦକ୍ଷେପ ନିଅ । ଠାକୁର ଆଗକୁ ନିଶ୍ଚୟ ସୁବିଧା କରିବେ । ସେହିଠାରୁ ଗଢ଼ି ଉଠିଥିଲା ଆମେରିକା ସଂଘର କାରଣ ଶରୀର ।

ଏବେ ବି ଦୋଳଭାଇଙ୍କର ସେହି ହୃଦୟଖୋଲା ହସ ମନେପଡୁଛି । ପ୍ରତି କଥାରେ ଶ୍ରୀଶ୍ରୀଠାକୁରଙ୍କୁ କିପରି ମୂଳରେ ରଖି ଦୈନିକ କର୍ମ କରିବ, ମୁଁ ପ୍ରଥମେ ତାଙ୍କଠାରୁ ଶିକ୍ଷା ପାଇଥିଲି । ଦୋଳଭାଇ ଓ ମା' ଆମେରିକା ଭ୍ରମଣରେ ଆସିଥିବା ସମୟରେ ଆମ ଘରକୁ ୨-୩ଥର ପାଠଚକ୍ର ଓ ଗୃହାସନ ବାର୍ଷିକୋତ୍ସବ ପୂଜାରେ ଆସିଛନ୍ତି । ଶ୍ରୀଶ୍ରୀଠାକୁରଙ୍କ ଆଦେଶ ଓ ଉପଦେଶକୁ ସରଳ ଭାବରେ ବୁଝାଇବା ସହିତ ତାଙ୍କର ସେହି ପିତୃତୁଲ୍ୟ ସ୍ନେହ, ଭଲ ପାଇବା, ଆଦର କରିବା ମୋ ପାଇଁ ଚିରସ୍ମରଣୀୟ ହୋଇ ରହିଛି ଓ ରହିଥିବ । ପଦେ ପଦେ କଥାରେ ଶ୍ରୀଶ୍ରୀଠାକୁରଙ୍କୁ କିପରି ସର୍ବଦା ଆଗରେ ରଖି କର୍ମ କରିବ, ଆମକୁ ବାରମ୍ବାର ଚେତାଇ ଦେଉଥିଲେ ।

ଦୋଳଭାଇ ଓ ମା'ଙ୍କ ସହିତ ଶେଷଦେଖା ହୋଇଥିଲା ୨୦୧୯ ମସିହା ଡିସେମ୍ବର ମାସ ୨୭ ତାରିଖ ଦିନ ତାଙ୍କ ବାସଭବନରେ । ମୁଁ ରାଉରକେଲା ଯାଇଥାଏ ମୋ NITR Batch ର Silver Jubilee ପାଳନ ଅବସରରେ । ତା' ପୂର୍ବରୁ ଜ୍ଞାନଭାଇଙ୍କ ଠାରୁ ଶୁଣିଥିଲି ଯେ ଭାଇଙ୍କର ଦେହ ଭଲ ନ ଥିଲା ବୋଲି । ସନ୍ଧ୍ୟା ସମୟ । ମୁଁ ତାଙ୍କ ଘରେ ପହଞ୍ଚିଲା ବେଳେ ଦୋଳଭାଇ ଶ୍ରୀଶ୍ରୀଠାକୁରଙ୍କ ସନ୍ଧ୍ୟା ନିତ୍ୟପୂଜା ସମ୍ପନ୍ନ କରୁଥାନ୍ତି । ପୂଜା ସାରି ଆସି ମୋତେ ଆସିଥିବାର ଦେଖି ଆନନ୍ଦରେ କୁଣ୍ଢାଇ ପକାଇଲେ । ସମସ୍ତେ ମିଶି ସ୍ତୋତ୍ରବନ୍ଦନା ଓ ପୁସ୍ତକ ପାଠ, ଆଲୋଚନା କଲୁ । ସନ୍ଧ୍ୟା ପ୍ରସାଦ ପାଇଲା ପରେ ଭାଇ ମୋ ଦେହ ଆଉଁସି ଆଉଁସି କହିଥିଲେ, ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଚଳିବ ।

